# ସାହିତ୍ୟ ଦୀପ୍ତି

## ଇଚ୍ଛାଧୀନ ଓଡ଼ିଆ ଦ୍ୱାଦଶ ଶ୍ରେଣୀ

ଓଡ଼ିଶା ଉଚ୍ଚ ମାଧ୍ୟମିକ ଦ୍ୱାଦଶ କଳା ଶ୍ରେଣୀ ନିମନ୍ତେ


**ସମ୍ପାଦକ ମଣ୍ଡଳୀ**

ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍

ଡକ୍ଟର ନିରୁପମା ମହାପାତ୍ର

ଡକ୍ଟର ପ୍ରଦୀପ କୁମାର ଦାସ

ଡକ୍ଟର ରଞ୍ଜନ କୁମାର ବେହେରା

ଡକ୍ଟର ରମେଶଚନ୍ଦ୍ର ବେହେରା

**ସମୀକ୍ଷକ**

ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍



**ପ୍ରକାଶକ**

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ପୁସ୍ତକ ଭବନ, ଭୁବନେଶ୍ୱର

# ସାହିତ୍ୟ ଦୀପ୍ତି (ଇଚ୍ଛାଧୀନ ଓଡ଼ିଆ, ଦ୍ୱାଦଶ କଳା ଶ୍ରେଣୀ ପାଇଁ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(C.H.S.E) ଓଡ଼ିଶା ଦ୍ୱାରା ଦ୍ୱାଦଶ କଳା ଶ୍ରେଣୀ ପରୀକ୍ଷା ପାଇଁ ନିର୍ଦ୍ଧାରିତ ଓ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ।

**ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍**
**ଡକ୍ଟର ନିରୁପମା ମହାପାତ୍ର**
**ଡକ୍ଟର ପ୍ରଦୀପ କୁମାର ଦାସ**
**ଡକ୍ଟର ରଞ୍ଜନ କୁମାର ବେହେରା**
**ଡକ୍ଟର ରମେଶଚନ୍ଦ୍ର ବେହେରା**

ସମୀକ୍ଷକ
**ଡକ୍ଟର ପ୍ରଦୀପ୍ତ କୁମାର ବାରିକ୍**

**Published by**
The Odisha State Bureau of Textbook Preparation and Production, Pustak Bhavan, Bhubaneswar, Odisha, India.

First Edition : 2017 / 40,000 copies

Publication No. : 199

ISBN : 978-81-8005-393-1

© Reserved by The Odisha State Bureau of Textbook Preparation and Production, Bhubaneswar. No part of this publication may be reproduced in any form without the prior written permission of the publisher.

Type Setting & Printed at : M/s Orissa Printing Works, Cuttack

**Price : Rs. 52/-** (Rupees fifty two only)

# ପ୍ରାକ୍‌କଥନ

'ସାହିତ୍ୟ ଦୀପ୍ତି' ଦ୍ୱାଦଶ ଶ୍ରେଣୀ ଯଥା ସମୟରେ ପ୍ରକାଶ ପାଇଥିବାରୁ ମୁଁ ବେଶ ଆନନ୍ଦିତ । ଗତବର୍ଷଠାରୁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କ ୍ତ ପକ୍ଷ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ଼ ( ସି.ବି.ଏସ୍.ଇ) ଶୈଳୀ ଅନୁଯାୟୀ ଯେଉଁ ନୂତନ ପାଠ୍ୟ ଖସଡ଼ା ଅନୁବ ିନ କରିଛନ୍ତି, ସେହି ଆଧାରରେ ଦ୍ୱାଦଶ କଳା ଶ୍ରେଣୀର ଇଚ୍ଛାଧୀନ ଓଡ଼ିଆ ବିଷୟ ପାଇଁ ଏ ପୁସ୍ତକଟି ସଂକଳିତ ହୋଇଅଛି । ଏକାଦଶ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ 'ସାହିତ୍ୟଦୀପ୍ତି' ସଫଳତାର ସହ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆଦୃତ ହେବାପରେ ଦ୍ୱାଦଶ ଶ୍ରେଣୀ ନିମନ୍ତେ ଏହି ପୁସ୍ତକ ପ୍ରସ୍ତୁତି ପାଇଁ ଆମକୁ ଖୁବ୍ ଉତ୍ସାହ ମିଳିଛି । ପୁସ୍ତକର ସମ୍ପାଦକ ମଣ୍ଡଳୀ ଅତ୍ୟନ୍ତ ନିଷ୍ଠା ଓ ଯତ୍ନର ସହ ପୂର୍ବ ଥର ପରି ଏଥର ମଧ୍ୟ ଯୁଗୋପଯୋଗୀ ବିଷୟମାନ ସମ୍ପାଦିତ କରିବା ଗୌରବର ବିଷୟ । ବିଜ୍ଞ ବିଚାରଧାରା ଓ ସମୟୋଚିତ ପଦକ୍ଷେପ ପାଇଁ ମୁଁ ସେମାନଙ୍କୁ ଧନ୍ୟବାଦ ଜଣାଉଛି । ପୁସ୍ତକର ପ୍ରକାଶନ ସହ ଜଡ଼ିତ ଅନ୍ୟାନ୍ୟ ଅଧିକାରୀ ଓ କର୍ମକ ାଙ୍କୁ ମଧ୍ୟ ଏଇ ଅବସରରେ ସାଧୁବାଦ ଜଣାଉଛି ।

ଦ୍ୱାଦଶ ଶ୍ରେଣୀ ନିମନ୍ତେ ଉଦ୍ଦିଷ୍ଟ ଏହି 'ସାହିତ୍ୟ ଦୀପ୍ତି'ପୁସ୍ତକଟି ମଧ୍ୟ ଛାତ୍ରଛାତ୍ରୀ ତଥା ଅଧ୍ୟାପକ ଅଧ୍ୟାପିକାମାନଙ୍କର ଆଦର ଲାଭ କରିବ ବୋଲି ଆଶା ଓ ବିଶ୍ୱାସ ।

**ଶ୍ରୀ ଉମାକାନ୍ତ ତ୍ରିପାଠୀ**
ନିର୍ଦ୍ଦେଶକ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ
ଓ ପ୍ରକାଶନ ସଂସ୍ଥା
ପୁସ୍ତକ ଭବନ, ଭୁବନେଶ୍ୱର

# ଭୂମିକା

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ନିର୍ଦ୍ଧାରିତ ଦ୍ୱାଦଶ କଳା ଶ୍ରେଣୀ ଇଚ୍ଛାଧୀନ ଓଡ଼ିଆ ପାଠ୍ୟକ୍ରମ ନିମନ୍ତେ ସାହିତ୍ୟଦୀପ୍ତି ପୁସ୍ତକଟି ସର୍ବଭାରତୀୟ ଶିକ୍ଷାସ୍ରୋତ ଅନୁଯାୟୀ ସଂକଳିତ ହୋଇଛି । କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପ୍ରବର୍ତ୍ତିତ ପାଠ୍ୟ ଖସଡ଼ା ଆଧାରରେ ଏହି ସଂକଳନଟି ପ୍ରସ୍ତୁତ କରାଯାଇଛି । ଏକାଦଶ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ସାହିତ୍ୟଦୀପ୍ତି ପୁସ୍ତକରେ କାବ୍ୟ, ଉପନ୍ୟାସ ଓ ନାଟକଆଦି ବିଷୟବସ୍ତୁ ସ୍ଥାନ ପାଇଥିଲା । ଦ୍ୱାଦଶ ଶ୍ରେଣୀ ପାଇଁ ଉଦ୍ଦିଷ୍ଟ ଏହି ଗ୍ରନ୍ଥରେ ସୁନିର୍ବାଚିତ ପ୍ରାଚୀନ, ମଧ୍ୟକାଳୀନ ଓ ଆଧୁନିକ କାଳର ଦଶଟି କବିତା, ଚାରୋଟି ପ୍ରବନ୍ଧ ଓ ଚାରୋଟି ଗଳ୍ପ ସଂଯୋଜିତ ହୋଇଛି । ବ୍ୟାବହାରିକ ବ୍ୟାକରଣର ଅବଗତି ନିମନ୍ତେ ଶେଷରେ ସ୍ଥାନ ପାଇଥିବା ଅଳଙ୍କାର, ସନ୍ଧି ଓ ଉପସର୍ଗ ଛାତ୍ରଛାତ୍ରୀମାନଙ୍କ ପାଇଁ ଉପାଦେୟ ହେବ । ଲେଖକ ପରିଚିତି ସହ ବିଷୟ ପ୍ରବେଶ ଏବଂ କଠିନ ଶବ୍ଦାର୍ଥର ସଂଯୋଜନା ବିଷୟଗୁଡ଼ିକୁ ପ୍ରାଞ୍ଜଳ ଭାବରେ ବୁଝିବା ପାଇଁ ମଧ୍ୟ ସହାୟକ ହେବ । ପ୍ରତି ଏକକ ଶେଷରେ ପ୍ରଦାନ କରାଯାଇଥିବା ନମୁନା ପ୍ରଶ୍ନାବଳୀ ପରୀକ୍ଷା ପାଇଁ ମାର୍ଗଦର୍ଶିକା ହେବ । ମୋଟାମୋଟି ଭାବରେ ଜାତୀୟ ସ୍ତରର ପାଠ୍ୟକ୍ରମକୁ ଆଖି ଆଗରେ ରଖି ଗ୍ରନ୍ଥଟିର ଗୁଣାତ୍ମକ ମୂଲ୍ୟ ଅକ୍ଷୁଣ୍ଣ ରଖିବା ପାଇଁ ଯଥାସମ୍ଭବ ଉଦ୍ୟମ କରାଯାଇଛି ।

ପାଠ୍ୟ ଖସଡ଼ା ପରିକଳ୍ପନା କରିବା ଏବଂ ଏହାର ପାଠ୍ୟ ଉପକରଣ ପ୍ରସ୍ତୁତ କରିବା ନିଶ୍ଚିତ ଭାବରେ ଏକ ଗୁରୁ ଦାୟିତ୍ୱ । ଏଥିପାଇଁ ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କର୍ତ୍ତୃପକ୍ଷଙ୍କ ନିକଟରେ ରଣ ସ୍ୱୀକାର କରୁଛୁ । ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାର ନିର୍ଦ୍ଦେଶକ, ଅନ୍ୟାନ୍ୟ ଅଧିକାରୀ ତଥା କର୍ମକର୍ତ୍ତାମାନଙ୍କ ସମୟୋଚିତ ସହଯୋଗ ଓ ଅକୁଣ୍ଠ ପ୍ରେରଣା ପାଇଁ ସେମାନେ ଧନ୍ୟବାଦାର୍ହ ।

**ସମ୍ପାଦକ ମଣ୍ଡଳୀ**

# ସୂଚୀ ପତ୍ର


| କ୍ର.ନଂ | ବିଷୟ | | ପୃଷ୍ଠା |
|---|---|---|---|
| | **ପ୍ରଥମ ଏକକ** | | |
| ୧. | ପର୍ଶୁରାମ ଭେଟ | ବଳରାମ ଦାସ | ୩ |
| ୨. | ସରହ ସୁନ୍ଦରୀ | ଅଚ୍ୟୁତାନନ୍ଦ ଦାସ | ୨୬ |
| ୩. | ଧୀରେ ରାଧା କର ଧରି | ଅଭିମନ୍ୟୁ ସାମନ୍ତସିଂହାର | ୪୪ |
| ୪. | ଉଠ ନିଶି ପାହିଲା | ବନମାଳୀ ଦାସ | ୬୦ |
| ୫. | ତାକୁ କିଏ ବୋଲୁଥାଇ ଗୋ | ଗୌରଚରଣ ଅଧିକାରୀ | ୬୭ |
| **ଦ୍ୱିତୀୟ ଏକକ** | | | |
| ୬ | ନିର୍ବାସିତର ବିଳାପ | ମଧୁସୂଦନ ରାଓ | ୮୧ |
| ୭ | ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ | ନନ୍ଦକଶୋର ବଳ | ୯୮ |
| ୮ | ସାବରମତୀର ମହାମାନବର ଚରଣ ତଳେ | ଗୋଦାବରୀଶ ମହାପାତ୍ର | ୧୧୫ |
| ୯ | କମଳ ପ୍ରତି | କୁନ୍ତଳାକୁମାରୀ ସାବତ | ୧୨୮ |
| ୧୦ | ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ | ଗୁରୁପ୍ରସାଦ ମହାନ୍ତି | ୧୪୪ |
| **ତୃତୀୟ ଏକକ** | | | |
| ୧୧ | ଆଧାତ୍ମିକ ଭି | ରତ୍ନାକର ପତି | ୧୬୧ |

| କ୍ର.ନଂ ବିଷୟ | | ପୃଷ୍ଠା |
|---|---|---|
| ୧୨ ସତ୍ୟମେବ ଜୟତେ | ଗୋବିନ୍ଦ ତ୍ରିପାଠୀ | ୧୭୭ |
| ୧୩ ସମାନତା: ସ୍ୱାଧୀନତା: ଭ୍ରାତୃତ୍ୱ | ଚି ରଞ୍ଜନ ଦାସ | ୧୯୨ |
| ୧୪ ଛୋଟ ହିଁ ସୁନ୍ଦର | ଶରତ କୁମାର ମହାନ୍ତି | ୨୧୦ |
| **ଚତୁର୍ଥ ଏକକ** | | |
| ୧୫. ପକ୍ଷାଘାତ | ବାମାଚରଣ ମିତ୍ର | ୨୨୫ |
| ୧୬ ମା' ଆସିଲେଣି | ଶାନ୍ତନୁ କୁମାର ଆଚାର୍ଯ୍ୟ | ୨୩୯ |
| ୧୭. ମେଡ଼ିକାଲ କଲେଜରେ ମେହେର ଜୟନ୍ତୀ | ଫତୁରାନନ୍ଦ | ୨୫୪ |
| ୧୮. ବାଉଁଶରାଣୀ | ବୀଣାପାଣି ମହାନ୍ତି | ୨୬୯ |
| **ପ ମ ଏକକ** | | |
| ୧୯. ଅଲଙ୍କାର | | ୨୯୧ |
| ୨୦. ସନ୍ଧି | | ୩୧୯ |
| ୨୧. ଉପସର୍ଗ | | ୩୩୬ |

# ପ୍ରଥମ ଏକକ

# ପର୍ଶୁରାମ ଭେଟ

ବଳରାମ ଦାସ

ମିଥିଳା କଟକରୁ ସେ ହୋଇଲେ ବାହାର
ବାଟେ ରାଜାମାନେ ଦିଅନ୍ତି ଉପହାର ।
ସେ ଦିନ ବୈଶାଳୀ ପୁରେ ରହିଲେ
ରଜନୀ ପ୍ରଭାତେଣ ତହୁଁ ଚଳିଗଲେ ।
ସୁରନଦୀ ଜିଣି ବିପୁଳ ବନେ ପାଇ
ସେଦିନ ନିଶି ତହିଁ ବିଶ୍ରାମିଲେ ଯାଇ ।
ସିଦ୍ଧବନେ ଯାଇ ରହିଲେ ଆରଦିନ
ବିଶ୍ୱାମିତ୍ରଙ୍କ ଆଶ୍ରମ ସେ ଅତିଅ ବିତପନ ।
ଚଉଠି ସମ୍ଭାର ବିଧି ତହିଁ କଲେ
ନିଶି ପ୍ରଭାତରୁ ତହୁଁ ଚଳିଗଲେ ।
ସେଦିନ ଦଶରଥ ଦେଖିଲା ବିପରୀତ
ପର୍ବତ ଉପରେ ପଡ଼ିଲା ନିରିଘାତ ।
ବାମନୟନ ସେ ସ୍ଫୁରଇ ଘନ ଘନ
ଗିଧପକ୍ଷୀ ଉପରେ ଉଡ଼ଇ ପୁନ ପୁନ ।
ମନୁଷ୍ୟ ଶ୍ୟରୀର ଉପରେ ବସଇ ଆସି କାକ,
ଉପସର୍ଗ ବି ଯେ ବୋଲନ୍ତି ଥୋକେ ଲୋକ ।
ଶ୍ରୀରାମର ଆଗରେ ଶୃଗାଳ ରାବ ଦ୍ୟନ୍ତି
କୁହୁଡ଼ି ହୋଇଣ ଆକାଶେ କୁହୁ ଝଟକନ୍ତି ।

ସୂର୍ଯ୍ୟଙ୍କର କିରଣ ହୋଇଲା ନିଭନ
କି ଜାଣି ଦିନକର ପୂର୍ଣ୍ଣମୀର ଜହ୍ନ
ଧୂମ୍ରକେତୁ ଉଦୟେ ହୋଇଲାକି ଗଗନେ
ଦିବସେଣ ଉଦେ ହୋଇଲା ତାରାମାନେ
କୁହୁଡ଼ି କଲାପ୍ରାୟେ ନ ଦିଶଇ ଦିବସ
ପ୍ରବଳ ହୋଇଣ ଯେ ବହଇ ବତାସ ।
ଦଶରଥ ବିଚାରେ ଉପସର୍ଗ କଥା
ବଶିଷ୍ଠଙ୍କୁ ରାଇ ବିଚାରେ ମହାରଥା ।
ଯେ ଶଙ୍କୁନ୍ୟମାନ ଯେ ବିପରୀତ ଦିଶଇ
ମୋହୋର ମନକୁ ଯେ ଶୁଭ ନ ଆସଇ ।
ଅବଶ୍ୟ ବିପରୀତ ହୋଇବାକ ଆଜ,
ପ୍ରମାଦ ହୋଇବ ଯେମୋହର ଯେଡ଼େ ଶୁଭକାର୍ଯ୍ୟ ।
ମୁନିଯେ ବୋଇଲେ ହୋ ଆନ ନାହିଁ କିଛି
ଯେକ କଥାଯେକ ଭ୍ରାନ୍ତ ତୋର ଅଛି ।
କ୍ଷତ୍ରୀଙ୍କର ଅଇରି ଯେ ଅଟଇ ପର୍ଶୁରାମ
ସିଦ୍ଧବନେ ଯେହୁ କରିଅଛଇ ଆଶ୍ରମ ।
ସେ ନ ପୁଣ ହୋ ଭେଟ ପଡ଼ିଯାଇ ଆଜ
ତାହାଙ୍କୁ ଦେଖିଲେ ଯେ ହୋଇବ ମନ୍ଦକାର୍ଯ୍ୟ ।
ଯେତେବୋଲି ତହୁଁଯେ କରନ୍ତି ଗମନ
ଧ୍ୟାନେ ବସିଥିଲା ଯେ ରେଣୁକା ନନ୍ଦନ ।

ଧ୍ୟାନ ଛାଡ଼ିଲା ଯେ ପ୍ରର୍ଶୁରାମ ମୁନି
ସମାଦି ଭାଜିଲା ଯେ ବୀରତୂର ଶୁଣି ।
ମନେ ବିଚାରଇ ସେ କିସ ଯେ ଶବଦ
ଶର୍ବଣକୁ ଶୁଭଇ ସେ ବୀରତୂର ବାଦ୍ୟ ।
ଆବର କି ବୀରେ ଅଛନ୍ତି ଦେହ ଘେନି
ବୀରନ୍ତ ମାରି ଶୂନ୍ୟ କଲଇ ମେଦିନୀ ।
ପୁଣି ବୀରତୂର ଶୁଭିଲାକ ମୋତେ
କେବଣ ବୀର ପ୍ରତାପୀ ହୋଇଲା ଜଗତେ ।
ପୂର୍ବର କଥାମାନ ନାହିଁକି ସେ ଶୁଣି
ବୀରତୂର ବଜାଇ ଯେ କେବଣ ଗୁଣ ଘେନି ।
ବୀରଦର୍ପ ଗଂଜନ ମୁଂ ବୀରଙ୍କର ନାଥ
ଯେ ବୀର ବୋଲିବ ଛେଦଇ ତାର ମାଥ ।
ବୀର ବୋଲି ମୁଂ ଯେ ନ ଥୋଇଲି ସୀମା
ଯେତେବୋଲି କୋପକଲାକ ପ୍ରର୍ଶୁରାମା ।
ନିଃଶ୍ୱାସ ଖରତର କାଳସର୍ପ ଜାଣି
ଘନ ଘନ କୋପ ଯେ କରଇ ପ୍ରର୍ଶୁମଣି ।
ବନସ୍ତରୁ ବାହାର ହୋଇ ଦିଶିଲାକ ଋଷି
କଳାମେଘ ବିଦାରିକି ବାହାର ହୋୟେ ଶଶୀ ।
ଶିରରେ ନାଗବନ୍ଧ ପିଙ୍ଗଳବର୍ଣ୍ଣ ଜଟା
ଶର୍ବଣେ କୁଣ୍ଡଳ କଟିରେ କାଛଟା

କଣ୍ଠେଣ ତୁଳସୀ ରୁଦ୍ରାକ୍ଷମାଳ ସାଜି
ପୁଣଂ ଚାନ୍ଦିଆ ମାଳ ହୃଦରେ ବିରାଜି ।
କୃଷ୍ଣାଜିନ ଛାଲ କଟିରେ ଓହାଡ଼ି
ଅ ।ୟେଣ ତାହାର ଅଛଇ ଯେ ଭିଡ଼ି ।
କଷାବସ୍ତ୍ର ପରିହରଣ କଟିରେ କାଛଟୀ
ପବିତ୍ର ଉତରୀ କରିଣ କୁଶଗଣ୍ଠି ।
ଯାଗ ଯଜ୍ଞ୍ୟଂ ପାଉଂଶ ବିଲେପନ ଅତିଦୀର୍ଘ, ଦାଢ଼ି
ଫରହର ନିଶ ଅଛଇ ହାଦେ ଉଡ଼ି ।
ପିଠିରେ ପକାଇ ଅଛଇ ବ୍ୟାଘ୍ର ଛାଲ
କପୋଳେ ତିନିଖଣ୍ଡ କରିଅଛି ଭାଲ ।
ଶ୍ରୋହା ପ୍ରୋକ୍ଷଣି ଯେ କୁଶମନ୍ତ୍ର ପୋଥି
କାଖମୂଳରେ ଯେ ଅଧାରି ଗୋଟି ଅଛି ।
ବେଦ କରାଣ୍ଡି ଉଦୁବାଳେକ ବଛା
ଖଣନ୍ତି କମଣ୍ଡଳ ବ୍ରହ୍ମଚର୍ଯ୍ୟ ଦୀକ୍ଷା ।
ବାମକରେ ଧନୁ ଡ଼ାହାଣେ କୋଠାର
କଣ୍ଠତଟେ ଶୋହିଂ ଅଛି ତ୍ରୋଣଭାର ।
ବୈଷ୍ଣବୀ ନାମେ କୋଦଣ୍ଡେ ଗୁଣ ଦେଇ
ପଇତା ଛନ୍ଦେଣ ଯେ ଅଛଇ ତା ଲାଇଂ ।
ନୟନର ତେଜକି ମିଥୁନର ବିଜୁଳି
ଯେଣେ ସେ ଚାହାଇଂ ତେଣେ ଅଗ୍ନି ଜଳି ।
ନିଃଶ୍ୱାସ ବହନ୍ତେ ହଲଇ ନାସାର ବିମ୍ବର
ରୋମ ଟାଙ୍କୋରଇ ଓଷ୍ଠ ଥରହର ।

ସମୋଦ୍ରକୂଳେ କି ଅଗସ୍ତି ଆସି ହୋଯେ
ଦେଖିଣ ସନ୍ୟହିଂ ଯେ କଲେ ମହାଭୟେ ।
ପ୍ରଳୟ ଅନଳ ପ୍ରାୟେକ ଦିଶଇ
ସୂର୍ଯ୍ୟ ଦେବତାକି ମେଦିନୀକି ଆସଇ ।
ସଇନି ପକାଇ ଯାଇ କହିଲେ ନୃପବର
ବଳ ଓଗାଳିଣ ଅଛଇ ଦେବ ପ୍ରଶୁଧର ।
ଶୁଣି ଦଶରଥର ଉଡ଼ଇ ସାହାସ
ଶ୍ୟରୀର କମ୍ପଇ ଖର ନିଶୁଆସ
ବିହି ସୁମରି କପାଳେ ହାଥ ମାରଇ
ବଶିଷ୍ଟ ମୁଖ ଚାହିଂ ଶୋକ ଯେ କରଇ
ଭୋ ମୁନି ଶୁଣିଲ କି ବିପରୀତ ବାଣୀ
ଆଗେ ଓଗାଳିଣ ଅଛଇ ପ୍ରଶୁମଣି
କିମ୍ପା ଅଇଲେ ଯେ କାରଣଯେଥେ କିସ
ଯେଥକୁ ଉପାୟେ ମୋତେ କହ ବ୍ରହ୍ମଶିଷ ।
ରୋଷଭର ହୋଇ ଅଛଇ ପୁଣ ଆସି
ଯେ ମୋହର ପୁତ୍ରଙ୍କୁ ନ ପୁଣ ଯାଇ ନାଶି ।
କି ବୁଧି କରିବି କହସି ବିଚାରି
ଶୁଣିଣ ବୋଲଇ ବଶିଷ୍ଟ ତପଚାରୀ ।
ପ୍ରଶୁ ଅଇଲାକ ବୀରଦୂର ଶୁଣି
ଚାଲ ପ୍ରବୋଧ କରିବା ନୃପମଣି ।

ଯେବଣ ଉପସର୍ଗ ଦେଖିଲୁ ତୁ ଆଜ
ପ୍ରତକ୍ଷେ ଆସି ତୋତେ ଫଳିଲା ମହାରାଜ ।
ମୁହିଂ ଯେ ବୋଇଲି ପ୍ରଶୁ ଯେଥେ ଥାଇ
ତାହାକୁ ଯେଥେ ଭେଟ ନୋହିଲେ ଭଲହୋଇ
ଦଇବର କଥା କେ କରିବ ଆନ
ଚାଲ ପ୍ରବୋଧିବା ରେଣୁକା ନନ୍ଦନ ।
କଥା ହୁଅନ୍ତେଣ ମିଳିଲେ ପ୍ରର୍ଶୁଧାରୀ
କାଳଦଣ୍ଡ ପ୍ରାୟେକ ଅଛଇ କୋଠାରୀ ।
କୋପ କରିଣ କାମୋଡ଼ଇ ଅଧର
ରାଗେଣ ଦେହ କମ୍ପଇ ଥରହର ।
ଦେଖି ଦଶରଥ ଯାନରୁ ଉତୁରି
ଭୃଗୁପତି ଚରଣେ ନମସ୍କାର କରି ।
ପୁଣ ଉଠଇ ପୁଣ ପାଦେ ପଡ଼ଇ
କାର୍ପୁନ ହୋଇଣ ବେନିକର ଯୋଡ଼ଇ ।
ଭୋ ମୁନି ଦିଶିଲା ଯେ ମୋହର ପୁନ୍ୟ
ଯହୁଂ ଦେଖିଲି ମୁଂ ଯମଦଗ୍ନିର ନନ୍ଦନ ।
ଭୃଗୁକୁଳ ମଣ୍ଡନ ତପୀଙ୍କର ଶ୍ରେଷ୍ଠ
କ୍ଷତ୍ରିଙ୍କର ଯମ ତପେଣ ଗରିଷ୍ଠ ।
ପ୍ରାକର୍ମେଣ ସାଚା ଗରିଷ୍ଠେ ଈଶ୍ୱର
ବଳେଣ ଅକଳିତ କୋପେଣ କୃପାର ।

ଦୟାୟେଣ ଧର୍ମ ସହନ୍ତେଣ ମେଦିନୀ
ଜୟ ଜୟ ପ୍ରର୍ଶୁଧର ମହିମା ତୋର ଧନି ।
ଯେତେକ ଯେ ପାପ ଥିଲା ଯେ ମୋହରଅଙ୍ଗେ
ତୋତେ ଦେଖିଣ ଯେ କଲି ଗଙ୍ଗେ ।
ବ୍ରହ୍ମେଣ ବ୍ରହ୍ମ ତୁ ଯୋଗେଣ ଯୋଗେଶ୍ୱର
କ୍ଷତ୍ରୀବ୍ରତ ପଣେ ଅଟୁ ତୁ ଚକ୍ରଧର ।
ମୋହର ଉତ୍ସବ ଯେ ପୁତ୍ରଙ୍କର ବିଭା
ଦୟାକରି ଦେଖି ଅଇଲୁ ତୁ ଅବା ।
ଶୁଣି ରୋଷଭରେ ହସଇ ପ୍ରଶୁପାଣି
ଯେଥକୁଟି ଅଇଲି ବୀରତୂର ଶୁଣି ।
ଯେ ମହାମଣ୍ଡଳେ ତୁ ଅଟୁ ମହାରାଜା
ମୋହର ଆଗେ ଆସି ବଜାଇଲୁ ବାଜା ।
ତୋ ତହୁଂ କ୍ଷତ୍ରୀକେ ଅଛି ଆଉ ଆନ
ଅତିବଡ଼ ରାଜା ତୁ ଅଯୋଧ୍ୟା ରାଜନ ।
ଯେତେକ ରାଜାଥିଲେ ମୃତ୍ୟୁପୁରେ
ସବୁହୁଂ ଉ  ମ ତୁ ଅଟୁ ନୃପବରେ ।
ବୀରତୂର ବଜାଇ ସାଧୁଅଛ ମହୀ
ରବିତଳେ ସମ ନୋହିବେ ତୋତେ କେହି
ଆଜ ପରୀକ୍ଷ କରିବା ନା ତୋହୋର ଯେ ବଳ
ପ୍ରଶୁଘାୟେ ମୁଣ୍ଡ ହୋଇବ ବେନିଫାଳ ।
ତେବେ ସେ ବୋଲିବା ତୁ ହୋ ବଡ଼ାଇ ନୃପତି
ଯେହାହୁଂ ସାମାନ୍ୟ ନାହିଂ କେହି କ୍ଷତ୍ରୀ

ସଦାଶିବର ଧନୁ ଭାଙ୍ଗିଲା ଯେବଣହିଁ ପୁତ୍ର ,
ସେ ତୋହର କାହିଁ ବୋଲିବୋଇଲେ ଭୃଗୁଗୋତ୍ର
ତାହାର ବଳେ  ସେ ବଜାଉ ବୀରତୂର
କାହିଁଅଛି ପୁତ୍ର ତୋ ଦେଖିବା ନୃପବର ।
ଯେତେବୋଲି ପ୍ରଶୁ ଦଣ୍ଡେଯାଇ ପଶଇ
ଯେଣେ ଯିବ ତେଣେ ଦଣ୍ଡଭଗ୍ନ ଦିଶଇ ।
ରଥ ଗଜ ଅଶ୍ୱେ ପାଇକେ ପଳାନ୍ତି
ଦୃଷ୍ଟି ପସର ଯାଏ କେହି ନ ରହନ୍ତି ।
କେ ବୋଲଇ କୋଠାର ନ ପିଟଇ ପୁଣି
କେ ବୋଲଇ ନ ପୁଣ ପକାଇ ଶିର ହାଣି ।
କେ ବୋଲଇ ନ ପୁଣ ନୟନେ ଦହଇ ଦଣ୍ଡ
କେ ବୋଲଇ ପୁଣ ନ କାଟଇ ମୁଣ୍ଡ ।
କେ ବୋଲଇ ଆହୋ ଆଜ ନେବ ପ୍ରାଣ
ଭେଟ ପଡ଼ିଲା ଯହୁଂ ଦୁତୀୟ ଯମରାଣ ।
ପଳାବନ୍ତି ସଇନି ପଛକୁ ନ ଚାହିଁ
ଝାଡ଼ବାଡ଼ ଓହାଡ଼େ ରହୁଛନ୍ତି ଯାଇଂ ।
ବଶିଷ୍ଠ ବିଶ୍ୱାମିତ୍ର ଦଶରଥ ରାଏ
ଯେଣେ ଯାଏ ପ୍ରଶୁ ତେଣେ ସେ ଗୋଡ଼ାଏ
ଶ୍ରୀରାମ ସନିଧ୍ୟେ ମିଳିଲାକ ଯାଇଁ
ପ୍ରଶୁ ଉଭାରିଲା କୋପମୁଖ ହୋଇ
ଦଶରଥ ରାଜା ହୋଇଲାକ ଆଗ

ଭୋ କ୍ଷତ୍ରିବର ତୁ ଛାଡ଼ ଛାଡ଼ ରାଗ
ଅପୁତ୍ରିକ ପୁତ୍ର ମାରିବ କେବଳ ସଧେ
ନିନ୍ଦା ପାଇବନା ତ୍ରୈଲୋକ୍ୟର ମଧ୍ୟେ
ସୂର୍ଯ୍ୟବଂଶ ତୋତେ ନୁହଇ ନା ଦୋଷୀ
କିମ୍ପାଇଂ ପୁତ୍ରକୁ ମୋର ପକାଇବୁ ନାଶି ।
ଯେହାକୁ ମାଇଲେ ଯେଠାରୁ ବଂଶ ସରଇ
ଏତେବୋଲି ରାଜା ପ୍ରଭୁପାଦେ ପଡ଼ଇ ।
ଦନ୍ତେ ତିରଣ ଧରି କରଇ ଦଇନି
ବେଳେକ ରକ୍ଷାକର ମୋତେ ବ୍ରହ୍ମମୁନି ।
ପୁଅନ୍ତ ଛାଡ଼ି ମୋତେ ପକା ମାରି
ମୋର ଦୋଷ ନାହିଁ ତୋତେ ତପଚାରୀ ।
ରାଜାର ପ୍ରବୋଧ ନ ଘେନଇ ଋଷି
ପୁଣି ଶ୍ରୀରାମ ଛାମୁରେ ମିଳେ ଆସି ।
କୋପେଣ ବୋଲଇ ତୁ ଶୁଣ ରଘୁନାଥ
ଈଶ୍ୱର ଧନୁ କେମନ୍ତେ କଲୁ ହତ ।
ଇନ୍ଦ୍ରହିଂ ଟେକି ନ ପାରଇ ତାହା
ସାମାନ୍ୟ ବଳ କି ବହେ ତୋର ବାହା ।
ମେରୁହୁଂ ଗରୁ ସେ ବଜ୍ରହୁଂ ଆ ଅଟଇ
ଯେ ତୋର ଭୁଜ ଲାଗି ସେ ଧନୁ ତୁଟଇ ।
ଯେବଣ ଧନୁରେ ତ୍ରିପୁରା ପ୍ରାଣହାରି
ତାହା ହାଦେ ଭାଙ୍ଗିଲୁ ତୁ ଦୁଇଖଣ୍ଡ କରି ।

ଦଶରଥ ବୋଲନ୍ତି ତୁ ଶୁଣସି ଶ୍ରୀରାମ
ପ୍ରଶୁଧରଟି କ୍ଷତ୍ରିଙ୍କର ତମ ।
ଏହାଙ୍କ ଚରଣେ ତୁ ନମସ୍କାର କର
ଏହା କଲ୍ୟାଣେ ତୋତେ ଐଶ୍ୱର୍ଯ୍ୟ ଅପାର ।
ଶୁଣିଲେ ଶ୍ରୀରାମ ପିତାଙ୍କର ଯେସନେକ ବାଣୀ
ସୁକାସନୁ ଓହ୍ଲାଇ ଆସନ୍ତି ରଘୁମଣି ।
ଶ୍ରୀରାମ ସୀତ୍ୟାଙ୍କୁ ଛାଡ଼ି ତଳେ ଉଭା ହୋନ୍ତି
ତୁମ୍ଭେ ପ୍ରର୍ଶୁରାମ ବୋଲିଣ ବୋଲନ୍ତି ।
ଅପାର କାଳର ତ ପୁରାତନ ଋଷି
ଶୁଣୁଥିଲୁ ଆମ୍ଭେ ଦେଖିଲୁ ନି ଆସି ।
କେବଣ କାରଣେ ଅଇଲ ତପୋବନ୍ତ
କହସି କଥା ତୋର ଶୁଣିମାକ ତଥ୍ୟ ।

x x x x x x

ରାମ ବୋଇଲେ ଶୁଣ ଭୃଗୁପତି
କରସି ଯେ ଅବା ତୋହର ମିଳଇ ଯୁଗତି ।
ଯେ ମୋହର ଶିର ଛେଦିବୁ କୋଠାରେ
ତୋତେ କୋପମନ ନାହିଁ ମୋର ପ୍ରଶୁଧରେ ।
ଗୋରୁ ବ୍ରାହ୍ମଣେ ମୁଂ ନ କରଇ ରୋଷ
ତେଣୁ ସେ କୋପ ତୋତେନାହିଁ ଅମରୀଷ ।
ଯାହା ବୋଲିବୁ ତାହା ପାଳିବଇଂ ଆଗ୍ୟାଂ
ଅଳପମାତ୍ରେ ମୁଂ ନ କରିବି ଅବଜ୍ଞା ।

ଶ୍ରୀରାମର ବଚନ ଯେସନ ଆ ି ଶୁଣି
ଧନୁ ବଢ଼ାଇ ଦେଲେ ଭୃଗୁମଣି ।
ଯେ କୋଦଣ୍ଡ ଯେବେ ଦେଇପାରୁ ଗୁଣ
ଜାଣିମା ତୋହୋର କେତେ ଅଛି ପ୍ରାଣ ।
ଶରାସନ ଥିଲା ପ୍ରଶୁରାମର ହସ୍ତେ
ଦକ୍ଷିଣ ଭୁଜେ ତାହା ନେଲେ ରଘୁନାଥେ ।
ବାମ ଭୁଜେ ଧରି ନଦିଲେ ବାମପାଦ
ଗୁଣ ଦିଅନ୍ତେ ପ୍ରଶୁରାମ ହୋଇଲେ ତବଦ ।
ସୀତ୍ୟା ଚାହିଁଂଥିଲେ ସୁକାସନେ ବସି
ପୁଣ ତ ସପତଣୀ ହୋଇଲା ମୋତେ ଆସି ।
ମୋହୋର ପିଅର ସେ ଧନୁ ସମର୍ପିଲା
କୋଦଣ୍ଡ ଆମ  ନ୍ତେ ମୋତେ ବିଭାକଲା ।
ଯେବେ ତ ଯେ ଋଷି ଦିଅଇ ଶରାସନ
ଚାପ ଆମ ୍ଲେ ଦେବ କନ୍ୟାଦାନ ।
ମାସେ ପଖେ ହେ ନୋହିଲା ମୋତେ ସୁସ୍ତ
ପୁଣିତ ସପତଣୀ ବିହିଲା ବିଧାତ ।
ଶ୍ରୀରାମ ସତ୍ୟ କଲେ ଅଗ୍ନିଛୁଇଂ
ନିଶ୍ଚୟେ ସପତଣୀ ମୋତେ ନ କରିବାର ପାଇଂ
ଯେବେ ତ ଧନୁ ରାମ ଧରନ୍ତି ଆଗୁସାର
ଅସତ୍ୟ ପୁରୁଷଙ୍କର ଯେମନ୍ତ ବେଭାର ।
ଯେମନ୍ତ କଥା ସ୍ୟତୀ ମନେ ବିଚାରିଲେ
ବିହି ଯାହା ଲିହି ଅଛଇ ବୋଇଲେ ।

ଯେଥୁଅନନ୍ତରେ ଶ୍ରୀରାମ ଧନୁଧରି
ଦକ୍ଷିଣ କର୍ଣ୍ଣ ପରିଯନ୍ତେ ଆଣିଲେ ଉଛୁଡି ।
ପ୍ରଶୁ ନାରାଚେ ଦେଲେକ ବଢ଼ାଇ
ତାହା ରଘୁନାଥ ଗୁଣରେ ବସାଇ ।
ହସିଣ ବୋଲନ୍ତି ପ୍ରଶୁ ବିନ୍ଧିବା କାହିଂକି
ଇହଲୋକ ପରଲୋକ ବୋଲିବ ଯହିଂକି ।
ଭୃଗୁପତି ବୋଇଲା ପରଲୋକେ ଭେଦ
ଯେ ମୋହର ଦୁସ୍ତର ପାପଭାର ଛେଦ
ବ୍ରାହ୍ମଣ ହୋଇଣ ମୁଂ କ୍ଷତ୍ରିୟ ବଧକଲି
ଅହନ୍ତାୟେ ଅନେକ ମନିଷ୍ୟ ମାଇଲି ।
ସ୍ୱର୍ଗକୁ ଗଲେ ମୋତେ ଲାଗିବ ଅବଶ୍ୟ ପାପ
ତୁ ସେ ଶ୍ରୀରାମ ହର ମୋହର ତାପ ।
ପରଲୋକ ମୋ ଛେଦ ରଘୁସାଇଂ
ଯେମନ୍ତେ ସ୍ୱର୍ଗପୁରେ ନ ପଶଇ ମୁହିଂ ।
ଶୁଣିଣ ଶ୍ରୀରାମ ପେଷିଲେକ ଶର
ବେଗେ ଛେଦି ପକାଇଲେ ପ୍ରଶୁ ପାପଭାର ।
ଉଛୁଡ଼ିବାର ଘାୟେ ଭାଜିଲା କୋଦଣ୍ଡ
ମଧ୍ୟଠାବରୁ ସେ ହୋଇଲା ବେନିଖଣ୍ଡ ।
ସୋର୍ଗେ ଦେବତାୟେ ହୋଇଲେ ଆନନ୍ଦ
ହୁଳହୁଳି ଦିଅନ୍ତି ଅପଛରୀବୃନ୍ଦ ।

## କବି ପରିଚୟ :

ବଳରାମ ଦାସ ପ  ସଖାଙ୍କ ମଧ୍ୟରେ ବୟୋଜ୍ୟେଷ୍ଠ କବି । ଉତ୍କଳୀୟ ବୈଷ୍ଣବ ଧର୍ମର ଜଣେ ପ୍ରଧାନ ପ୍ରବକ୍ତା ଭାବରେ ସେ ଅଗ୍ରଗଣ୍ୟ । ତାଙ୍କ ପିତାଙ୍କ ନାମ ସୋମନାଥ ମହାପାତ୍ର ଓ ମାତାଙ୍କ ନାମ ମହାମାୟା ଦେବୀ । ତାଙ୍କ ପିତା ଗଜପତି ପ୍ରତାପରୁଦ୍ରଙ୍କର ଜଣେ ମନ୍ତ୍ରୀ ଥିଲେ । ତେଣୁ ବଳରାମ ଦାସ ବାଲ୍ୟକାଳରେ ଉପଯୁକ୍ତ ଶିକ୍ଷା ଅର୍ଜନ କରିଥିବାର ଅନୁମାନ କରାଯାଏ । ବେଦ, ବେଦାନ୍ତ, ଗୀତା, ଭାଗବତ ଓ ବିଭିନ୍ନ ପୁରାଣଶାସ୍ତ୍ର ଅଧ୍ୟୟନ କରି ସେ ପାଣ୍ଡିତ୍ୟ ଅର୍ଜନ କରିଥିବା ଜଣାଯାଏ । ବଳରାମ ଦାସ ପୁରୀ ବାଙ୍କୀ ମୁହାଣ ନିକଟରେ ବାସ କରୁଥିଲେ ଓ ଗନ୍ଧର୍ବ ମଠ ତାଙ୍କର ସାଧନା ପୀଠଥିଲା ବୋଲି କୁହାଯାଏ । ବାଲ୍ୟରୁ ସେ ପୁରୀକ୍ଷେତ୍ର ସହ ସଂପୃକ୍ତ ହୋଇ ସେଠାରେ ପଣ୍ଡିତମାନଙ୍କ ସଂସ୍ପର୍ଶରେ ଆସି ସେମାନଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ସେ  ଥିଲେ ପ  ସଖା ଭକ୍ତି ଆନ୍ଦୋଳନର ଜଣେ ଯୋଗସିଦ୍ଧ ସାଧକ । ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ରକରି ତାଙ୍କର ଆଧ୍ୟାତ୍ମିକ ସାଧନା ଗଢ଼ି ଉଠିଥିଲା । ତାଙ୍କ ସୃଷ୍ଟି ସମ୍ଭାରରେ ଜଗନ୍ନାଥଙ୍କର ମହିମା ଓ ପ୍ରଭାବ ଉଭୟ ଦେଖିବାକୁ ମିଳେ । କବି ପ୍ରତ୍ୟେକ କ୍ଷେତ୍ରରେ ଜଗନ୍ନାଥଙ୍କୁ ତାଙ୍କର ଆରାଧ୍ୟଦେବତା ବୋଲି ସ୍ୱୀକାର କରିଛନ୍ତି ।

'ଜଗମୋହନ ରାମାୟଣ' ବଳରାମ ଦାସଙ୍କର ସର୍ବଶ୍ରେଷ୍ଠ କୃତି । ଏହା ଦାଣ୍ଡି ବୃ  ରେ ରଚିତ ହୋଇଥିବାରୁ ଦାଣ୍ଡି ରାମାୟଣ ଭାବରେ ପରିଚିତ । ଏହା ଏକ ଅନୁବାଦ ଗ୍ରନ୍ଥ ନୁହେଁ, ଅନୁସୃଜିତ ଗ୍ରନ୍ଥ । 'ଜଗମୋହନ ରାମାୟଣ' ସଂସ୍କୃତ ରାମାୟଣକୁ ଆଧାର କରିଥିଲେ ମଧ ତାହା ଏକ ମୌଳିକ ସୃଷ୍ଟି ଭାବରେ ବିଦିତ । ଜୀବନ୍ତ ଚରିତ୍ର ଚିତ୍ରଣ, ସେ ସମୟର ସମାଜ ଚିତ୍ର, ମୌଳିକ ପ୍ରକାଶଭଙ୍ଗୀ ଓ ମନୋଜ୍ଞ ବର୍ଣ୍ଣନା ଶୈଳୀ ତାଙ୍କ ରାମାୟଣର ବୈଶିଷ୍ଟ୍ୟ । ତାଙ୍କର ଅନ୍ୟାନ୍ୟ ପ୍ରମୁଖ ରଚନା ଗୁଡ଼ିକ ହେଲା, – 'ବ୍ରହ୍ମପୁରାଣ', 'ଲକ୍ଷ୍ମୀପୁରାଣ', ବଟ ଅବକାଶ', 'ବ୍ରହ୍ମାଣ୍ଡ ଭୂଗୋଳ', ଭାବ ସମୁଦ୍ର' 'ମୃଗୁଣୀ ସ୍ତୁତି', ବ୍ରହ୍ମଗୀତା, ଦୀପ୍ତିସାର ଗୀତା, ଅମରକୋଷ ଗୀତା, ବେଦାନ୍ତସାର ଗୁପ୍ତଗୀତା, ବେଢ଼ା ପରିକ୍ରମା ଇତ୍ୟାଦି ।

## ବିଷୟ ପ୍ରବେଶ :

'ପର୍ଶୁରାମ ଭେଟ' କବିତାଟି ବଳରାମ ଦାସଙ୍କ 'ଜଗମୋହନ ରାମାୟଣର ଆଦିକାଣ୍ଡରୁ ଗୃହୀତ । ଶିବଧନୁ ଭଗ୍ନକରି ସ୍ୱୟଂବର ସଭାରେ ସୀତାଙ୍କ ପାଣିଗ୍ରହଣ ପୂର୍ବକ ଶ୍ରୀରାମ ଅଯୋଧ୍ୟା ଗମନ ଉଦ୍ଦେଶ୍ୟରେ ମିଥିଳା କଟକରୁ ପ୍ରସ୍ଥାନ କରିଛନ୍ତି । ଉକ୍ତଦିନ ସେ ବୈଶାଳୀ ପୁରରେ ରାତ୍ରିଯାପନ କରି ପ୍ରଭାତରୁ ସୁରନଦୀ ଅତିକ୍ରମ କରି ପୁଣି ଦିନାନ୍ତେ ବିପୁଳ ବନରେ ବିଶ୍ରାମ ନେଇଛନ୍ତି । ତତ୍‌ପରଦିନ ସେ ସିଦ୍ଧବନରେ ବିଶ୍ୱାମିତ୍ରଙ୍କ ଆଶ୍ରମରେ ଅବସ୍ଥାନ କରିଛନ୍ତି । ପରଦିନ ପ୍ରଭାତରୁ ପୁଣି ଯାତ୍ରା ଆରମ୍ଭ କରିଛନ୍ତି । ଏହି ଯାତ୍ରାକାଳରେ ରାଜା ଦଶରଥ ବିଭିନ୍ନ ପ୍ରକାର ଅଶୁଭ ସଂକେତ ଦେଖି ବିପଦ ଆଶଙ୍କା କରି ବ୍ୟସ୍ତ ବିବ୍ରତ ହୋଇପଡ଼ିଛନ୍ତି । ପର୍ବତ ଉପରେ ବଜ୍ରପାତ, ବାମନେତ୍ର ସ୍ଫୁରଣ, ଆକାଶରେ ଗୃଧ୍ରପକ୍ଷୀର ବିଚରଣ, ମନୁଷ୍ୟ ଉପରେ କାକପକ୍ଷୀର ଉପବେଶନାଦି ବିପରୀତ ଲକ୍ଷଣମାନ ତାଙ୍କ ଆଶଙ୍କାର କାରଣ ହୋଇପଡ଼ିଛି । ଏଥିସହିତ ଶ୍ରୀରାମଙ୍କ ସମ୍ମୁଖରେ ଶୃଗାଳର ରଡ଼ି, ଆଚ୍ଛନ୍ନକୁହୁଡ଼ି, ପ୍ରଭାହୀନ ସୂର୍ଯ୍ୟ,ଆକାଶରେ ଧୂମକେତୁର ଆର୍ବିଭାବ, ଦିନରେ ତାରାମାନଙ୍କର ଆବିର୍ଭାବ ଓ ପ୍ରବଳ ବେଗରେ ବତାସ ପ୍ରବାହ ଇତ୍ୟାଦି ମନ୍ଦ ଲକ୍ଷଣଗୁଡ଼ିକ ରାଜା ଦଶରଥଙ୍କୁ ଅତିଶୟ ପ୍ରମାଦଗ୍ରସ୍ତ କରିଛି ସେ ତାହାର କାରଣ ଓ ପରିଣାମ ସଂପର୍କରେ କୁଳଗୁରୁ ବଶିଷ୍ଠଙ୍କୁ ପଚାରିଛନ୍ତି । ଏହି ସିଦ୍ଧବନରେ କ୍ଷତ୍ରିକୁଳଶତ୍ରୁ ପର୍ଶୁରାମ ଅବସ୍ଥାନ କରୁଥିବାରୁ ତାଙ୍କର ସମ୍ମୁଖୀନ ହେଲେ ଅଘଟଣ ହେବାର ସମ୍ଭାବନାକୁ ବାଦ୍‌ଦେଲେ ଅନ୍ୟକିଛି ବିପଦର ଆଶଙ୍କା ନାହିଁ ବୋଲି ବଶିଷ୍ଠ ଦଶରଥଙ୍କୁ ଆଶ୍ୱାସନା ଦେଇଛନ୍ତି ।

ଇତ୍ୟବସରରେ ତୂର୍ଯ୍ୟନାଦର ପ୍ରକମ୍ପନରେ ଯୋଗାବିଷ୍ଟ ପର୍ଶୁରାମଙ୍କର ଧ୍ୟାନ ଭଗ୍ନ ହୋଇଛି । ଧ୍ୱସ୍ତ କ୍ଷତ୍ରୀକୁଳ ମଧ୍ୟରୁ ପୁଣି କାହାର ଉପସ୍ଥିତି ଓ ବୀରତ୍ୱର ଆସ୍ଫାଳନକୁ ଆଶଙ୍କା କରି କ୍ରୋଧ ଜର୍ଜରିତ ହୋଇ ଧନୁ, କୁଠାରାଦି ଅସ୍ତ୍ର ଧାରଣ କରି ସେ ଦଶରଥଙ୍କ ସୈନ୍ୟସାମନ୍ତଙ୍କର ଗତିରୋଧ କରିଛନ୍ତି । ତାଙ୍କୁ ଦେଖି ସୈନ୍ୟସାମନ୍ତ ଛତ୍ରଭଙ୍ଗ ଦେଇ ରାଜା ଦଶରଥଙ୍କୁ ଏ ଖବର ଦେଇଛନ୍ତି । ରାଜା ଧୈର୍ଯ୍ୟଚ୍ୟୁତ ହୋଇ ଏ ସମସ୍ୟାର

ସମାଧାନ ନିମନ୍ତେ ଋଷି ବଶିଷ୍ଠଙ୍କୁ ନିବେଦନ କରିଛନ୍ତି । ବଶିଷ୍ଠ କହିଛନ୍ତି ବୀରବାଦ୍ୟ ଶୁଣି ପର୍ଶୁରାମ କ୍ରୋଧିତ ହୋଇଛନ୍ତି । ଏଣୁ ତାଙ୍କୁ ପ୍ରବୋଧିତ କରି ତାଙ୍କର କୋପ ପ୍ରଶମିତ କରିବା ଉଚିତ । ଏହା କହୁ କହୁ କୋପ ଜର୍ଜରିତ ପର୍ଶୁରାମ କାଳଦଣ୍ଡ ପ୍ରାୟ କୁଠାର ଧାରଣ କରି ସେଠାରେ ଉପସ୍ଥିତ ହୋଇଛନ୍ତି । ରାଜା ଦଶରଥ ରଥରୁ ଅବତରଣ କରି ପର୍ଶୁରାମଙ୍କ ପାଦତଳେ କାକୁସ୍ଥ ଭାବରେ ବିନୀତ ନିବେଦନ ପୂର୍ବକ ଶାନ୍ତ ହେବା ପାଇଁ ଅନୁରୋଧ କରିଛନ୍ତି । ତାଙ୍କ ଗୁଣଗାନ କରି କହିଛନ୍ତି "ଆପଣ ଧର୍ମପରି ଦୟାବନ୍ତ ଓ ମେଦିନୀ ପରି ସହିଷ୍ଣୁ , କ୍ଷତ୍ରୀକୁଳ ଯମ, ଋଷିକୁଳ ଶ୍ରେଷ୍ଠ, ଓ ଭୃଗୁକୁଳ ଗୌରବ । ମୋର ମହାପୁଣ୍ୟ ହେତୁ ମୁଁ ଆପଣଙ୍କୁ ଦର୍ଶନ କରିବାର ସୌଭାଗ୍ୟ ପାଇଲି ।" ଏହିଭଳି ତାଙ୍କୁ ବହୁଭାବରେ ପ୍ରବୋଧିତ କରିବାକୁ ଚେଷ୍ଟା କରିଛନ୍ତି ରାଜା ଦଶରଥ । କିନ୍ତୁ ପର୍ଶୁରାମ ତାଙ୍କ ପ୍ରବୋଧନାକୁ ଗ୍ରହଣ ନ କରି ଶ୍ରୀରାମଙ୍କ ନିକଟବ ୀ ହୋଇ କହିଲେ "ଦଶରଥ ନନ୍ଦନ, ତୁମେ ଜନକଙ୍କର ଶିବଧନୁ ଭଗ୍ନ କରିଥିବା ମୁଁ ଶୁଣିଛି । ତୁମେ ଏକ ଅଦ୍‌ଭୁତ କାର୍ଯ୍ୟ କରିଛ, ଏଥିରେ ସନ୍ଦେହ ନାହିଁ । କାରଣ ଯେଉଁ ଧନୁକୁ ଇନ୍ଦ୍ରଦେବ ଧାରଣ କରିବାକୁ ଅସମର୍ଥ, ଯେଉଁ ଧନୁ ତ୍ରିପୁରାସୁରର ପ୍ରାଣ ନାଶର କାରଣ, ସେ ଧନୁକୁ ଅକ୍ଳେଶରେ ତମେ ଭଗ୍ନ କରିଛ । କିନ୍ତୁ ମୁଁ ଏକ ଦିବ୍ୟଧନୁ ଧରି ଏଠାକୁ ଆସିଛି । ତୁମେ ଏହି ଧନୁରେ ଗୁଣ ଚଢ଼ାଇ ଯଦି ତାର ସଂଯୋଗ କରିପାରିବ, ତା'ହେଲେ ତୁମର ପ୍ରକୃତ ଶକ୍ତି ଅଛି ବୋଲି ଜାଣିବି । ତୁମ ବୀରତ୍ୱର ପୁରସ୍କାର ସ୍ୱରୂପ ତୁମ ସହିତ ମୁଁ ଦ୍ୱନ୍ଦ୍ୱ ଯୁଦ୍ଧ କରିବି ।"

ରାଜା ଦଶରଥ ଚିନ୍ତିତ ହୋଇପଡ଼ିଲେ ଏବଂ ଶ୍ରୀରାମଙ୍କୁ ନିର୍ଦ୍ଦେଶ ଦେଲେ ପର୍ଶୁରାମଙ୍କୁ ପ୍ରଣାମ କରିବା ପାଇଁ । ଶ୍ରୀରାମ ପିତାଙ୍କ ନିର୍ଦ୍ଦେଶରେ ରଥାବତରଣ କରି ପର୍ଶୁରାମଙ୍କୁ ଆଗମନର କାରଣ ଜିଜ୍ଞାସା କରିଛନ୍ତି । କିନ୍ତୁ ପର୍ଶୁରାମଙ୍କର କ୍ରୋଧ କମିନାହିଁ । ପିତା ଦଶରଥ ଉପସ୍ଥିତ ଥିବାରୁ ରାମଚନ୍ଦ୍ର କ୍ରୋଧ ସମ୍ବରଣ କରି କୌଣସି ପ୍ରତିକ୍ରିୟା ନକରି ଧୀର ସ୍ୱରରେ କହିଲେ- "ଭାର୍ଗବ, ଆପଣଙ୍କର କୀ ି ଗାଥା ମୁଁ ଶୁଣିଛି । ଆପଣ ମଧ ପିତୃଋଣ ପରିଶୋଧ କରିଛନ୍ତି । କିନ୍ତୁ ଆପଣ ଆମର ଶକ୍ତି ଜାଣି ନାହାନ୍ତି । ଆପଣ ବ୍ରାହ୍ମଣ ହେତୁ ମୁଁ କ୍ରୋଧାନ୍ୱିତ ନୁହେଁ । ଯାହା ଆପଣ

କହିବେ ମୁଁ ତାକୁ ଅବଜ୍ଞା ନ କରି ପାଳନ କରିବି ।" ଶ୍ରୀରାମଙ୍କର ଏକଥା ଶୁଣି ଭୃଗୁମଣି ବୈଷ୍ଣବ ଧନୁକୁ ବଢ଼ାଇଦେଲେ । ରାମଚନ୍ଦ୍ର ପର୍ଶୁରାମଙ୍କ ହାତରୁ ଧନୁଟିକୁ ଗ୍ରହଣ କରି ଅନାୟାସରେ ଗୁଣ ଚଢ଼ାଇ ଶର ସଂଯୋଗ କଲେ । ମାତ୍ର ଶର ନିକ୍ଷେପ ନ କରି କହିଲେ – 'ପର୍ଶୁରାମ, ଆପଣ ଜମଦଗ୍ନିଙ୍କର ପୁତ୍ର, ବିଶ୍ୱାମିତ୍ରଙ୍କର ଭାଗିନେୟ । ଆପଣଙ୍କର ପ୍ରାଣନାଶ କରିବାକୁ ମୁଁ ଚାହେଁ ନାହିଁ । କିନ୍ତୁ ଏହି ବୈଷ୍ଣବ ଶରର ପ୍ରୟୋଗ ବ୍ୟର୍ଥ ହେବାର ନୁହେଁ । ଇହଲୋକ ଓ ପରଲୋକ ଯେଉଁଠିକୁ କହିବ ସେହିଠିକୁ ନିକ୍ଷେପ କରିବି ।' ତତ୍‌କ୍ଷଣାତ୍ ପର୍ଶୁରାମ କହିଲେ "ପରଲୋକକୁ ନିକ୍ଷେପ କର, କାରଣ ବ୍ରାହ୍ମଣ ହୋଇ କ୍ଷତ୍ରିୟମାନଙ୍କ ପ୍ରତି ଅସୂୟା ଭାବ ପ୍ରକାଶ କରି ଅନେକ କ୍ଷତ୍ରିୟ ବଧ କରିଥିବାରୁ ପରଲୋକରେ ପ୍ରବେଶ କରିବାର ଅଧିକାର ମୋର ନାହିଁ । ଏଣୁ ମୋର ପରଲୋକ ଓ ପାପଭାରକୁ ଛେଦନ କର" । ପରଶୁରାମଙ୍କର ଏହି ବିନତି ଶ୍ରବଣ କରି ରାମ ଶର ନିକ୍ଷେପ ପୂର୍ବକ ପର୍ଶୁରାମଙ୍କର ସମସ୍ତ ପାପଭାର ଛେଦନ କରନ୍ତେ ସେ ଧାରଣ କରିଥିବା କୋଦଣ୍ଡଟି ମଧ୍ୟଭାଗରୁ ଦୁଇଖଣ୍ଡ ହୋଇଗଲା । ଏହି ଦୃଶ୍ୟଦେଖି ଦେବତାମାନେ ଆନନ୍ଦିତ ହୋଇ ପୁଷ୍ପବୃଷ୍ଟି କଲେ ଓ ଅପସରାମାନେ ହୁଳହୁଳି ଦେଲେ ।

**କଠିନ ଶବ୍ଦାର୍ଥ :**

ନିରିଘାତ – ବଜ୍ର

ଗ୍ରିଧପକ୍ଷୀ–ଶାଗୁଣା

ଶଙ୍କୁନ୍ୟ–ସଂକେତ

ଧ୍ୟାନେ – ଧ୍ୟାନରେ, ରେଣୁକା ନନ୍ଦନ – ପରଶୁରାମ

ସମାଦି – ସମାଧି

ଭାଜିଲା – ଭାଙ୍ଗିଲା

ବୀରତୂର – ବୀରବାଦ୍ୟ

ଶର୍ବଣେ – କର୍ଣ୍ଣରେ

ବୋଲିବ – କହିବ

ଛେଦଇ – ଛେଦନ କରିବା

ମାଥ – ମୁଣ୍ଡ

ଖରରେ – ଘନ ଘନ ନିଃଶ୍ୱାସ / ପ୍ରଖର ନିଃଶ୍ୱାସ ନେବା

ପୁଇଁ ଚାନ୍ଦିଆ ମାଳ – ପୂନେଇଁ ଚାନ୍ଦର ମାଳ

କୃଷ୍ଣାଜିନ ଛାଲ – କୃଷ୍ଣସାର ମୃଗର ଛାଲ

କାଛଟା – କୌପୁନି

ଯାଗ ଯଗ୍ୟଂ ପାଉଁଶ – ଯଜ୍ଞର ପାଉଁଶ

କୋଠାର – କଟୁରୀ

ଶୋହିଂ ଅଛି – ଶୋଭା ପାଉଛି

ନାସାର ବିମ୍ବର – ନାକପୂଡ଼ା

ସନ୍ୟହିଂ – ସୈନ୍ୟମାନେ

ଓଗାଳିଣ – ପ୍ରତିରୋଧ / ବାଟ ଅଟକାଇବା

ଯେଥେ – ଏଠାରେ

ପ୍ରବୋଧିବା – ପ୍ରବ ୍ଇବା

ଉତୁରି – ଓହ୍ଲାଇ

ଭୃଗୁପତି – ପର୍ଶୁରାମ

କାର୍ପୁନ – କାକୁସ୍ଥ ହୋଇ

ପୁନ୍ୟ - ପୁଣ୍ୟ

ଯମଦଗ୍ନି - ପର୍ଶୁରାମଙ୍କ ପିତା

ମୃତ୍ୟୁପୁରେ - ମ ର୍ୟରେ / ପୃଥିବୀରେ

ତ୍ରିପୁରା ଅସୁର - ତ୍ରିପୁରା ନାମକ ଅସୁର

ନାରାଜ - ନାରାଚ ଶବ୍ଦର ପ୍ରାଚୀନ ପ୍ରୟୋଗ ଅର୍ଥାତ୍ ଶର

## ନମୁନା ପ୍ରଶ୍ନାବଳୀ

**କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ**
**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)**

୧) ମିଥିଳା କଟକରୁ ବାହାରି ରାମ ସୀତା କେଉଁଠି ରହିଲେ ?

(କ) ବରୁଣ ପୁରରେ (ଖ)ବୈଶାଳୀ ପୁରରେ

(ଗ) ଜନକ ପୁରରେ (ଘ) ଦଣ୍ଡକାବନରେ

୨) ବିଶ୍ୱାମିତ୍ରଙ୍କ ଆଶ୍ରମ କେଉଁଠି ଅବସ୍ଥିତ ?

(କ) ସିଦ୍ଧ ବନ (ଖ) ଚିତ୍ରକୂଟ ବନ

(ଗ) ପ ବଟୀ ବନ (ଘ) ଦଣ୍ଡକ ବନ

୩) ମନୁଷ୍ୟ ଶରୀର ଉପରେ କେଉଁ ପକ୍ଷୀ ବସିଥିବାର ରାଜା ଦଶରଥ ଦେଖିଥିଲେ ?

(କ) ଶୁକ (ଖ) ଶାରୀ

(ଗ) କାକ (ଘ)ପିକ

୪) ରେଣୁକା ନନ୍ଦନ କିଏ ?

(କ) ଗୌତମ (ଖ) ବଶିଷ୍ଠ

(ଗ) ପର୍ଶୁରାମ (ଘ) ବିଶ୍ୱାମିତ୍ର

୬) ପର୍ଶୁରାମଙ୍କର ଧ୍ୟାନ କିପରି ଭାଙ୍ଗିଲା ?

(କ) ବୀରତୂର ଶବ୍ଦରେ (ଖ)ଘଡ଼ଘଡ଼ି ଶବ୍ଦରେ

(ଗ) ଶାର୍ଦ୍ଦୁଳ ରବରେ (ଘ)ପକ୍ଷୀଙ୍କ କାକଳିରେ

୭) ପର୍ଶୁରାମ କଟିରେ କି ଛାଲ ପିନ୍ଧିଥିଲେ ?

(କ) ବ୍ୟାଘ୍ର ଛାଲ (ଖ)ସିଂହ

(ଗ) ସମ୍ବର ଛାଲ (ଘ)କୃଷ୍ଣାଜିନ ଛାଲ

୮) ପର୍ଶୁରାମଙ୍କର କୋଦଣ୍ଡର ନାମ କ'ଣ ଥିଲା ?

(କ) ସାରଙ୍ଗ (ଖ)ଶିବ

(ଗ)ଗାଣ୍ଡିବ (ଘ)ବୈଷ୍ଣବ

୯) ପର୍ଶୁରାମଙ୍କ କୋଠାରକୁ କବି କାହା ସହିତ ତୁଳନା କରିଛନ୍ତି ?

(କ) ବଜ୍ରଦଣ୍ଡ ପ୍ରାୟ (ଖ) କାଳଦଣ୍ଡ ପ୍ରାୟ

(ଗ) ଧର୍ମଦଣ୍ଡ ପ୍ରାୟ (ଘ) ତୁଳାଦଣ୍ଡ ପ୍ରାୟ

୧୦) ପର୍ଶୁରାମଙ୍କ ପିତାଙ୍କ ନାମ କ'ଣ ?

(କ) ଯମଦଗ୍ନି (ଖ) ଶୁକଦେବ

(ଗ) ଗୌତମ (ଘ) ଅତ୍ରି

୧୧) ଭୃଗୁପତି କିଏ ?

(କ) ରାମ (ଖ) ରାବଣ

(ଗ) ଅଗସ୍ତି (ଘ) ପର୍ଶୁରାମ

୧୨) ଶିବଧନୁରେ କେଉଁ ଅସୁରର ମୃତ୍ୟୁ ହୋଇଥିଲା ?

(କ) ତାରକାସୁର (ଖ) ତ୍ରିପୁରାସୁର

(ଗ) ଅଘାସୁର (ଘ) ବୃ_ାସୁର

୧୩) ପର୍ଶୁରାମ କ'ଣ ଥିଲେ ?

(କ) ତାରକାସୁର (ଖ) ତ୍ରିପୁରାସୁର

(ଗ) କ୍ଷତ୍ରିୟ (ଘ) ବୃ ାସୁର

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) 'ପର୍ଶୁରାମ ଭେଟ' କବିତାର କବି କିଏ ?

୨) 'ପର୍ଶୁରାମ ଭେଟ' କେଉଁ ପୁରାଣ ଗ୍ରନ୍ଥରୁ ଆସିଛି ?

୩) ରାମାୟଣର କେଉଁ କାଣ୍ଡରୁ 'ପର୍ଶୁରାମ ଭେଟ' କବିତା ଆସିଛି ?

୪) ସୀତାଙ୍କ ସ୍ୱୟଂମ୍ବରରେ ରାମଚନ୍ଦ୍ର କେଉଁ ଧନୁ ଭଗ୍ନ କରିଥିଲେ ?

୫) ପର୍ଶୁରାମଙ୍କର କାହା ସହିତ ଭେଟ ହେବା କଥା କବିତାରେ କୁହାଯାଇଛି ?

୬) ବିଶ୍ୱାମିତ୍ରଙ୍କ ଆଶ୍ରମ କେଉଁଠାରେ ଅବସ୍ଥିତ ?

୭) ପର୍ଶୁରାମଙ୍କ ଆଶ୍ରମ କେଉଁଠାରେ ଅବସ୍ଥିତ ?

୮) ରାଜା ଦଶରଥଙ୍କର କେଉଁ ନୟନ ଘନ ଘନ ସ୍ଫୁରଣ ହେଉଥିଲା ?

୯) ରାଜା ଦଶରଥଙ୍କର କୁଳଗୁରୁ କିଏ ?

୧୦) ପର୍ଶୁରାମ ପିଠିରେ କେଉଁ ଛାଲ ପରିଧାନ କରିଥିଲେ ?

୧୧) ଭୃଗୁପତି କିଏ ?

୧୨) ପର୍ଶୁରାମଙ୍କ ପିତାଙ୍କ ନାମ କ'ଣ ?

୧୩) ପର୍ଶୁରାମଙ୍କର ଜଟା କେଉଁ ବର୍ଣ୍ଣ ?

୧୪) ପର୍ଶୁରାମ କର୍ଣ୍ଣରେ କ'ଣ ପିନ୍ଧିଥିଲେ ?

୧୫) ପର୍ଶୁରାମଙ୍କର କଟିରେ କ'ଣ ଥିଲା ?

୧୬) ପର୍ଶୁରାମଙ୍କର ଡ଼ାହାଣ ହସ୍ତରେ କେଉଁ ଅସ୍ତ୍ର ଥିଲା ?

୧୭) ଇନ୍ଦ୍ରଦେବ କେଉଁ ଧନୁ ଧରିବାକୁ ଅକ୍ଷମ ହୋଇଥିଲେ ?

୧୮) ରାମଚନ୍ଦ୍ର କାହାପ୍ରତି କ୍ରୋଧ ନ କରିବା କଥା କହିଛନ୍ତି ?

୧୯) ଶିବଧନୁରେ କେଉଁ ଅସୁରର ପ୍ରାଣ ଯାଇଥିଲା ?

୨୦) ପର୍ଶୁରାମ ରାମଚନ୍ଦ୍ରଙ୍କୁ କେଉଁ ଦିବ୍ୟଧନୁ କଥା କହିଛନ୍ତି ?

୨୧) ରାମଚନ୍ଦ୍ର ପର୍ଶୁରାମଙ୍କଠାରୁ କୋଦଣ୍ଡ କେଉଁ ହସ୍ତରେ ନେଇଥିଲେ ?

୨୨) ରଘୁମଣି କିଏ ?

**(ଗ) କ୍ଷୁଦ୍ର ଉ  ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ  ର ଲେଖ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୧ ନମ୍ବର)**

୧) କବି ବଳରାମ ଦାସଙ୍କ ଦୁଇଖଣ୍ଡ ପୁସ୍ତକର ନାମ ଲେଖ ।

୨) ରାମସୀତାଙ୍କ ବିବାହ ପରେ ମିଥିଳା କଟକରୁ ଆସିଲାବେଳେ ରାଜାମାନେ ସେମାନଙ୍କୁ କ'ଣ ଦେଇଥିଲେ ?

୩) ସିଦ୍ଧବନରେ କାହା ସହିତ ଭେଟ ହେଲେ ବିପଦର ଆଶଙ୍କା ରହିଛି ବୋଲି ବଶିଷ୍ଠ କହିଛନ୍ତି ?

୪) ସୈନ୍ୟସାମନ୍ତ ଯାଇ ରାଜା ଦଶରଥଙ୍କୁ କ'ଣ କହିଲେ ?

୫) ପର୍ଶୁରାମଙ୍କର ଆଗମନ କଥା ଶୁଣି ରାଜା ଦଶରଥଙ୍କର ଅବସ୍ଥା କ'ଣ ହୋଇଥିଲା ?

୬) ପର୍ଶୁରାମ କେଉଁ ମୁଦ୍ରାରେ ବସିଥିଲେ ଏବଂ କି ପ୍ରକାର ବାଦ୍ୟ ଶୁଣି କ୍ରୋଧିତ ହେଲେ ?

୭) ପର୍ଶୁରାମ ତାଙ୍କ ଶରୀରର କେଉଁ ଅଂଶରେ ନାଗବନ୍ଧ ପିନ୍ଧିଥିଲେ ଏବଂ କଟିରେ କ'ଣ ପରିଧାନ କରିଥିଲେ ?

୮) ପର୍ଶୁରାମ ତାଙ୍କ ବାମ ଓ ଦକ୍ଷିଣ ହସ୍ତରେ କ'ଣ କ'ଣ ଧାରଣ କରିଥିଲେ ?

୯) ପର୍ଶୁରାମ କାହାର ନନ୍ଦନ ଥିଲେ ଏବଂ କେଉଁ କୁଳକୁ ମଣ୍ଡନ କରିଥିଲେ ?

୧୦) "ମେରୁ ହୁଂ ଗରୁ ଏବଂ ବଜ୍ରହୁଂ ଆ  "କାହା ବିଷୟରେ କୁହଯାଇଛି ଏବଂ କିଏ କହିଛନ୍ତି ?

**(ଘ) ଅଳ୍ପ ଦୀର୍ଘ ଉ  ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ  ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୨ ନମ୍ବର)**

୧) ପକ୍ଷୀମାନେ ଘୋର କଳରବ କରି ଆକାଶରେ ଉଡ଼ିବାରୁ କେଉଁ ସୂଚନା ମିଳେ ?

୨) ମୃଗମାନେ ପ୍ରଦକ୍ଷଣ କରି ଯିବାର ଲକ୍ଷଣ କ'ଣ ହୋଇପାରେ ?

୩) ରାଜା ଦଶରଥଙ୍କ ମନରେ ଆଶଙ୍କା ଦେଖା ଦେଇଥିଲା କାହିଁକି ?

୪) ପର୍ଶୁରାମଙ୍କର ଧ୍ୟାନ ଭାଙ୍ଗିବାର କାରଣ କ'ଣ ?

୫) ପର୍ଶୁରାମ କ୍ଷତ୍ରିୟଙ୍କର ଶତ୍ରୁ ଥିଲେ କାହିଁକି ?

୬) ପର୍ଶୁରାମ କ୍ରୋଧିତ ହେବାର କାରଣ କ'ଣ ?

୭) ପର୍ଶୁରାମଙ୍କର ବେଶଭୂଷା କ'ଣ ଥିଲା ?

୮) ପର୍ଶୁରାମଙ୍କର ଆଗମନରେ ରାଜା ଦଶରଥଙ୍କର ସୈନ୍ୟସାମନ୍ତ ଛତ୍ରଭଙ୍ଗ ଦେଲେ କାହିଁକି ?

୯) ପର୍ଶୁରାମଙ୍କୁ ସମ୍ମୁଖରେ ଦେଖି ରାଜା ଦଶରଥ କ'ଣ କଲେ ?

୧୦) ରାଜା ଦଶରଥ ପରଶୁରାମଙ୍କୁ ଗୁହାରି କରିଛନ୍ତି କାହିଁକି ?

୧୧) ବ୍ରହ୍ମେଣ ବ୍ରହ୍ମ ତୁ ଯୋଗେଣ ଯୋଗେଶ୍ୱର ଏ କଥା କିଏ ଓ କାହିଁକି କହିଛନ୍ତି ?

୧୨) ବୀରଦର୍ପ ଗଞ୍ଜନ ମୁଁ ବୀରଙ୍କର ନାଥ – ଏ କଥା କିଏ ଓ କାହିଁକି କହିଛନ୍ତି ?

**(ଡ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) 'ପର୍ଶୁରାମ ଭେଟ' କବିତାର ଭାବାଦର୍ଶ ଉଲ୍ଲେଖ କର ।

୨) 'ପର୍ଶୁରାମ ଭେଟ' କବିତାର ନାମକରଣର ସାର୍ଥକତା ପ୍ରତିପାଦନ କର ।

୩) ପଠିତ କବିତାରୁ ପର୍ଶୁରାମଙ୍କ ଚରିତ୍ର ଚିତ୍ରଣ କର ।

୪) 'ପର୍ଶୁରାମ ଭେଟ' କବିତାରେ କବିଙ୍କର ବର୍ଣ୍ଣନାଶୈଳୀ ସଂପର୍କରେ ଆଲୋଚନା କର ।

୫) ପଠିତ କବିତା ଅବଲମ୍ବନରେ ପର୍ଶୁରାମଙ୍କର ଅହଂକାରର ପତନ କିଭଳି ହୋଇଥିଲା ବର୍ଣ୍ଣନା କର ।

***

# ସରହ ସୁନ୍ଦରୀ

ଅଚ୍ୟୁତାନନ୍ଦ ଦାସ

ଯେସନକ ସମୟେ ବେନି ଘଡ଼ିରାତି,
ନନ୍ଦର ମନ୍ଦିରେ ଆସି ମିଳିଲା ସରହସୁନ୍ଦେରୀ ଦୂତୀ
ତନୁ ଶ୍ୟାମଳ ବର୍ଣ୍ଣ ବୟସେ ମତୁଆଳ,
ଦନ୍ତ ବିହୁନେ ମୁଖ ପାକଲା ଲମ୍ବବାଳ ।
ବିଦ ମୁଦି କଙ୍କଣ ହସ୍ତରେ ସୁବର୍ଣ୍ଣ ବାହି,
ସିହାଣୀ ନାଗରୀ ସେ ନବରସେ ଗୁଣଗ୍ରାହୀ ।
ଥମ୍ଭନ ମୋହନ ବଶ୍ୟ ଆଦି ଉଚ୍ଚାଟନ,
ନାଗରୀ ନାରୀ ସିହାଣୀ ସେ ଗୋଟିକା ଅଞ୍ଜନ ।
ଅଷ୍ଟବର୍ଗ ରୁଦ୍ଧି ସିଦ୍ଧି ସେ ଜାଣଇ ଆପଣେ ,
ସମସ୍ତ ନାରୀମାନଙ୍କୁ ପ୍ରିୟ ସେ ଜଣେ ଜଣେ ।
ନବନାଟକ ବିଦ୍ୟାମାନ ପାରଇ ସେ କହି
ବ୍ୟାଘ୍ରଭଲ୍ଲୁକ ମ  ଗଜ ଯେବଣ ଅଉଷଧେ ପାରଇ ମୋହି ।
ନୃତ୍ୟଗୀତ ବିଦ୍ୟା ଯେ ଜାଣଇ ନାନାରଙ୍ଗ
ବାଳବୃଦ୍ଧ ତରୁଣ ଯେ ସବୁରି ସଙ୍ଗେ ସାଙ୍ଗ ।
ଗୋପପୁରେ ନରନାରୀ ଯେ ତାହାକୁ ସମସ୍ତେ ବୋଲନ୍ତି ଆଈ,
ଢ଼ଗଢ଼ମାଳିରେ ଯେ ସବୁନ୍ତି କରଇ ଟାହି ।

କର୍ଣ୍ଣରେ ତଡ଼କୀ ଯେ ନାକରେ ନାକଚଣା,
ସୁସ   କବରୀ ଭିତରେ ଯେ କୃଷ୍ଣ ଚଉଁରୀ ବେଣୀ ।
ପାଦରେ ଅଳତା ଯେ ରୁଣୁଝୁଣୁ ନୂପୁର,
କଣ୍ଠରେ ଆଭରଣ ଯେ ନାନାରତ୍ନ ହାର ।
ଗନ୍ଧ ଚନ୍ଦନ ଚତୁସମ ଯେ ନିରନ୍ତରେ ହୃଦରେ ବୋଳି,
ଧୋବ ମଢ଼ିଆଳ ବସ୍ତ୍ର ନିତ୍ୟେ ପିନ୍ଧଇ ବାଳୀ,
ଖେଳ଼ କଉତୁକ ରସେ ସକଳ ଜଗଜିଣା,
ଅନ୍ତେସ୍ୱରପୁର ଆଦି ହୋଇ ତାର ଦେଉଳ ମଣ୍ଡପରେ ଠଣା ।
ଜାଗିଲା ମାଗିଲା ତାହାର କାହାକୁହିଂ ଦଣ୍ଡମଣ୍ଡ ନାହିଂ କିଛି,
ସମୟେକ ହୋଇଲାକ ଗୋପନଗ୍ରେ ଇଚ୍ଛା ସୁଖେ ଅଛି ।
ପିତାମାତା ଭ୍ରାଥା ତା ଜାଣନ୍ତା ନାହିଁ କେହି,
କେତେ ସମୟ ଗୋପନଗ୍ରରେ ଅଛି ରହି ।
ଅହିଅ କି ବିଧବା ବୋଲିକି ବାରିତ ନପାରି
ସର୍ବରସେ ନାଗରୀ ସେ ସିଂହାଣୀ ଚତୁରୀ ।
ଧୃତିଙ୍କର ଧୃତି ସେ ସିଂହାଣୀଙ୍କର ଅଗ୍ରଜ,
ମାଙ୍କଡ଼ସା ସୂତାରେ ସେ ବାନ୍ଧିପାରଇ ମ   ଗଜ ।
ଯୋଗୀଜନମାନଙ୍କର ଚି   ଯେ କଉତୁକେ ପାରଇ ରଞ୍ଜି,
ଭଗବନ୍ତ ବ୍ରହ୍ମଚାରୀଙ୍କରଲୟେ ଯେ ଅବହେଳେ ପାରଇ ଭାଞ୍ଜି ।
ସମ୍ପୂର୍ଣ୍ଣ ଷୋଳକଳା ରତି ଶାହାସ୍ତ୍ରେ, ନିଗାଡ଼ିଲା,
ସାନବଡ଼ ପରିଯନ୍ତେ ଦୂତୀର ସବୁରି ସଙ୍ଗେ ମେଳା ।

ନାଟଗୀତ ବହୁତ ସଙ୍ଗୀତ ସଂସାର,
ଭୂତ ଭବିଷ୍ୟ ସହିତେ ଜାଣଇ ସମସ୍ତ ବିଚାର ।
କଥା ଭାବେ ସବୁରି ସଙ୍ଗତେ ହୋଇଥାଇ ଗୋଷ୍ଠୀ,
ବୋଇଲେ ନବୁଝଇ କେବେହେଁ ନୁହଇ ନଷ୍ଟି ।
ବୟେସେଣ ବୃଦ୍ଧା ଶରୀର ରୂପେ ଜଗତଜିଣା,
ନବଲକ୍ଷ ଘରଯାକେ ସବୁଠାରେ ତାର ଠଣା,
ସମସ୍ତେ ବିଶ୍ୱାସ କରି ଯେ ଭାଳନ୍ତି କଥା,
ସବୁଘରେ ଦୂତିକା ଯେ ଦଇବି ବିଧାତା ।
ଗୋବିନ୍ଦର ମଧ୍ୟସ୍ଥକୁ ଯେ ଗୋପପୁରେ ରହି,
ଯତନେ ବିଧାତା ତାକୁ ଅଛଇଁ ନିରିଭାଇ ।
ତାହାର ମହିମା ଅବା କହିବଇଁ କିସ,
ଯେକା ଦୂତିକା ମୋହି ପାରଇ ଦଶଦିଶ ।
ଗୋପନଗରେ ଅଛନ୍ତି ଯେତେକ ଗୋପାଳୁଣୀ,
କେହି ଲଙ୍ଘି ନପାରନ୍ତି ଯେକା ଦୂତିକାର ବାଣୀ ।
ରାଧାମାଧବଙ୍କର ରାହାସ ରତିରଙ୍ଗ ଭାବ,
ପୂର୍ବ ଜନ୍ମ ବାସନାର ଦୂତିକା ଜାଣଇ ନା ଠାବ ।
ସ୍ୱଭାବେ କୁଆଁର ପୂର୍ଣ୍ଣମୀ ଯେ ଉଚ୍ଛବ ନନ୍ଦଘରେ,
ନବରତ୍ନ କା  ନ ଯେ ନେଉଅଛନ୍ତି ଯେ ଯାହାରେ ।

ନିରବେ ବସି ନନ୍ଦ ବିଲୋହୁଛନ୍ତି ଆୟେ,
ଚହଳ ବାଜୁଅଛି ଯେ ମଧୁବନ ପର୍ବତରୁ ଗୋମତ ପର୍ବତ ଯାୟେ ।
ବାରତା ପାଇଁ ଦୂତିକା ଅଇଲା ଅତିବେଗେ,
ହ୍ରହସିତ ହୋଇଣ ଆସି ମିଳିଲା ନନ୍ଦର ଆଗେ ।
ଯଶୋଦାଙ୍କୁ ବଧାଇ ମାଗିଲା ଅବନିଳେ,
ତୁରିତେ ମିଳିଲା ଯାଇଁ ଗୋବିନ୍ଦର ଦୋଳିତଳେ ।
ଦେଖିଲା ଉଦ୍ୟାନଶାହୀ ହୋଇ ପହୁଡ଼ିଛନ୍ତି ଦେବହରି,
ସମ୍ପୂର୍ଣ ଚନ୍ଦ୍ରମା ଉଇଁଛିକି ମହାଘୋର ତିମିରି ।
ଚାରିପାଶେ ବେଢ଼ିଛନ୍ତି ପରିବାରୀ ବୃନ୍ଦ,
ରତ୍ନପଲଙ୍କ ଉପରେ ବିଜେ କରିଅଛନ୍ତି ଗୋବିନ୍ଦ ।
ଛାମୁରେ ଯଶୋବନ୍ତୀ ଧାତ୍ରୀଗଣ ସହିତେ,
ଖଟଦୋଳି ଧରି ଉଭା ହୋଇଛନ୍ତି ଯେ ଯାହାର ମତେ ।
ଚନ୍ଦ୍ରକୁ ଆବୋରି ଯେସନେକ ଉଦୟେ ନକ୍ଷତ୍ର ପନ୍ତି,
କୃଷ୍ଣଙ୍କୁ ବେଢ଼ି ଗୋପୀମାନେ ବସନ୍ତି ସେହିମତି ।
ବିକଚ ପଦ୍ମବନ ଭିତରେ ଯେସନେକ ରାଜହଂସ ମେଳା,
ତେସନେକ ନନ୍ଦ ମନ୍ଦିରେ ଦିଶନ୍ତି ଯଶୋଦାଙ୍କ ବଳା ।
ଜାଜୁଲ୍ୟମାନ ତେଜ ଦିଶଇ ଅତି ସ  ,
ନାହିଁ ପଟାନ୍ତର ଯେ ସ୍ୱର୍ଗପାତାଳ ମ  ।

ଯୋଗୀଜନମାନେ ଯେବଣ ପଦ୍ମପାଦକୁ କରନ୍ତି ଲୟେ,
ସେ ସ୍ୱାମୀ ଦେହ ବହି ଯେ ହୋଇଛନ୍ତି ଉଦୟେ ।
ଦେବାଧିଦେବଙ୍କର ଅଟନ୍ତି ମୁଖ୍ୟପାନ,
ତହିଁକି ପଟାନ୍ତର ଦେବା କିସ ଥାନ ।
ଅଶେଷ କୋଟି କନ୍ଦର୍ପ ଯାହାର ରୂପକୁ ନୁହଇ ସରି,
ନିରଞ୍ଜନ ନିରାକାର ନିର୍ଗୁଣ ଦେହଧାରୀ,
ଧନ୍ୟ ସେ ଗୋପନଗ୍ର ନରନାରୀଙ୍କର ଜୀବନ,
ସଦଭାବେ ଭେଟପାଇଲେ ପ୍ରଭୁ ଭଗବାନ ।
ସବୁଙ୍କରି ଦୃଷ୍ଟି ଏକାଗ୍ରେ ଶ୍ରୀମୁଖକୁ ଦେଇଛନ୍ତି,
କାହାରି ଚି   ଆନରେ କେବେହେଁ ନଯାନ୍ତି ।
ଛଦ୍ମେ ବାଳୁତ ରୂପ ଯେ ଯେ ଧରିଛନ୍ତି ଦେବ ସ୍ୱାମୀ,
ଦୋଳିରେ ବିଜୟେ କରିଛନ୍ତି ଅନ୍ତର୍ଯ୍ୟାମୀ ।
ଏସନେକ ଅବକାଶେ ସେ ଯାଇଁ ଦ୍ରଶନ କଲା ଦୂତୀ,
ଖଣ୍ଡେ ଧୂରୁ ଜାଣିଲେ ପ୍ରଭୁ ଶିରୀପତି ।
କରପତ୍ର ଯୋଡ଼ି ଦୂତିକା ଛାମୁରେ ଉଭାଯାଇଁ,
ଶ୍ରୀକୃଷ୍ଣ ତୋଷ ହୋଇଲେ ସହଚରୀ ମୁଖ ଚାହିଁ ।
ଉଭୟେ ଚାରି ଚକ୍ଷୁରେ ଯେ ହୋଇଲେ ଭେଟାଭେଟି,
ଶଶଧର ଉଦୟେକି ହୋଇଲେ ଆକାଶ ଘୋଟି ।

ଯେସନେ ବିକାଶଇ କୁମୁଦ ପନ୍ତି ପନ୍ତି,
ଶ୍ରୀକୃଷ୍ଣଙ୍କୁ ଚାହିଁ ଦୂତୀ ଆନନ୍ଦ ହୁଅନ୍ତି ।
ଭୋଦେବ କୃଷ୍ଣ ଆଜ ତୋତେ ଦେଖି ନିସ୍ତରିଲି,
ଏ ମୋହର ପାତକ ସଂପୋଡ଼େ ନାଶ କଲି ।
କଳପାଧି ପୁରୁଷ ତୁ ଦେବାଧିଦେବରାଜା,
ବ୍ରହ୍ମା ଇନ୍ଦ୍ର ଗଙ୍ଗାଧର କରନ୍ତି ପାଦପୂଜା ।
ନିରାକାର ପୁରୁଷ ନିର୍ମଳ ଜ୍ୟୋତିର୍ମୟେ,
ମ୍ଳେଚ୍ଛାଦି ମୁକତି ନିମନ୍ତେ ହୋଇଛି ଉଦୟେ ।

**କବି ପରିଚୟ :**

ଓଡ଼ିଆ ସାହିତ୍ୟ ଇତିହାସରେ ବୈଷ୍ଣବ ପ  ସଖା ଯୁଗର ଏକ ବିଶେଷ ଭୂମିକା ରହିଛି । ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର ଆରମ୍ଭରୁ ୧୭ଶ ଶତାବ୍ଦୀର ମଧ୍ୟକାଳ ପର୍ଯ୍ୟନ୍ତ ଏହାର ବ୍ୟାପ୍ତି । ଷୋଡ଼ଶ ଶତାବ୍ଦୀର ଆରମ୍ଭରେ ଉତ୍କଳୀୟ ପ ସଖା ସେମାନଙ୍କ ପ୍ରଚାରିତ ଭକ୍ତିଧାରାକୁ ଲୋକପ୍ରିୟ କରିବା ନିମନ୍ତେ ବହୁ ଗ୍ରନ୍ଥ ରଚନା କରିଯାଇଛନ୍ତି । ପ  ସଖାଙ୍କ ମଧ୍ୟରେ ସାଧକ ଅଚ୍ୟୁତାନନ୍ଦ ଦାସ ଜଣେ ତ ୍ଵଦର୍ଶୀ ସିଦ୍ଧ ପୁରୁଷ ଭାବରେ ପରିଚିତ । ଓଡ଼ିଶାର ପୁରପଲ୍ଲୀରେ ହରିବଂଶର ରଚୟିତା ଭାବରେ ସେ ଯେତିକି ପରିଚିତ ମାଳିକାର କବି ଭାବରେ ମଧ୍ୟ ସେତିକି ସୁବିଦିତ । ସେ ଥିଲେ ଜଣେ ସମାଜ ସଚେତନ କବି । ଓଡ଼ିଶାର ଗ୍ରାମା  ଳରେ ବିଶ୍ୱାସ ରହିଛି ଯେ ପର୍ବତ ଶିଖରେ ସିନା ପଦ୍ମ ଫୁଟିବ କିନ୍ତୁ ଅଚ୍ୟୁତି ବଚନ କେବେ ମିଥ୍ୟା ନୋହିବ ।

ଅଚ୍ୟୁତାନନ୍ଦ କଟକ ଜିଲ୍ଲାର ନେମାଳ ନିକଟବ ୀ ତିଳକଣା ଗ୍ରାମରେ ଜନ୍ମ ନେଇଥିଲେ । ତାଙ୍କ ପିତା ଦୀନବନ୍ଧୁ ଖୁ ିଆ ଓ ମାତା ପଦ୍ମାବତୀ ଉଭୟେ ଖୁବ୍ ଧର୍ମ ପରାୟଣ ଥିଲେ ଏବଂ ଜଗନ୍ନାଥଙ୍କ କୃପାରୁ ଅଚ୍ୟୁତାନନ୍ଦଙ୍କୁ ସେମାନେ ପୁତ୍ର ରୂପେ ଲାଭ

କରିଥିବାର ଜଣାଯାଏ । ଅଚ୍ୟୁତାନନ୍ଦଙ୍କ ବାଲ୍ୟ ଜୀବନ ସେତେ ଉଲ୍ଲେଖନୀୟ ନଥିଲା । ପାଠପଢ଼ା ପ୍ରତି ଆଗ୍ରହ ନଥିବାରୁ ସେ ସର୍ବଦା ଅନ୍ୟମନସ୍କ ରହୁଥିଲେ ଏବଂ ଗୁରୁଜନ ମାନଙ୍କଠାରୁ ବହୁ ଦଣ୍ଡ ପାଉଥିଲେ । ପିତାଙ୍କ ସହ ଥରେ ପୁରୀ ଯିବା ଅବସରରେ ସେ ଶ୍ରୀଚୈତନ୍ୟଙ୍କର ସଂସ୍ପର୍ଶରେ ଆସିଥିଲେ । ବାଳକ ଅଚ୍ୟୁତାନନ୍ଦଙ୍କ ଠାରେ ଅସାଧାରଣ ପ୍ରତିଭା ଦେଖି ଶ୍ରୀଚୈତନ୍ୟ ସନାତନ ଗୋସ୍ୱାମୀଙ୍କ ଦ୍ୱାରା ତାଙ୍କୁ ଦୀକ୍ଷିତ କରାଇଥିଲେ । ଅଚ୍ୟୁତାନନ୍ଦ ଶ୍ରୀଚୈତନ୍ୟଙ୍କ ନିର୍ଦ୍ଦେଶରେ ବୈଷ୍ଣବ ଧର୍ମ ପ୍ରଚାରକୁ ନିଜର ବ୍ରତ ଭାବରେ ଗ୍ରହଣ କରି ଉତ୍କଳୀୟ ବୈଷ୍ଣବ ଭକ୍ତି ଧର୍ମ ଆନ୍ଦୋଳନର ଜଣେ ବଳିଷ୍ଠ ପୃଷ୍ଠପୋଷକ ହୋଇ ପାରିଥିଲେ ।

ଅଚ୍ୟୁତାନନ୍ଦ ଗୀତା, ସଂହିତା, ପୁରାଣ ମାଳିକା ଆଦି ଅନେକ ପ୍ରକାର ଗ୍ରନ୍ଥ ରଚନା କରିଥିଲେ । ସେଗୁଡ଼ିକ ମଧ୍ୟରେ ଶୁନ୍ୟସଂହିତା,ଗୁରୁଭକ୍ତି ଗୀତା, କ୍ଷେତ୍ର ମାହାତ୍ମ୍ୟ, ହରିବଂଶ,ଅଷ୍ଟ ଗୁଜ୍ଜରୀ, ଓ ବହୁ ରାହାସ ଆଦି ପ୍ରଣିଧାନ ଯୋଗ୍ୟ । ଏହିସବୁ ରଚନା ମାଧ୍ୟମରେ କବି ଓଡିଶାର ଜନ ଜୀବନକୁ ବହୁ ମାତ୍ରାରେ ପ୍ରଭାବିତ କରିଥିବାର ଜଣାଯାଏ । ତାଙ୍କର ଅନେକ ରଚନା ଜନପ୍ରିୟ ଲୋକ ସାହିତ୍ୟ ଭାବରେ ଗୃହୀତ । 'ଆଗତ ଭବିଷ୍ୟମାଳିକା', 'ଗୋପାଳଙ୍କ ଓଗାଳ' ଓ 'ଲଉଡି ଖେଳ' ତାଙ୍କର ବହୁ ଜନାଦୃତ ରଚନା ।

ଉକ୍ତ 'ସରହସୁନ୍ଦରୀ' କବିତାଟି ତାଙ୍କର ହରିବଂଶ କାବ୍ୟର ତୃତୀୟ ଖଣ୍ଡର ପ୍ରଥମ ଅଧ୍ୟାୟରୁ ଗୃହୀତ ।

**ବିଷୟ ପ୍ରବେଶ :**

'ସରହ ସୁନ୍ଦରୀ' ଚରିତ୍ରଟିକୁ ସନ୍ଥକବି ଅଚ୍ୟୁତାନନ୍ଦ ହରିବଂଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିଛନ୍ତି । ରାଧାକୃଷ୍ଣଙ୍କର ମିଳନ କାରିଣୀ ଦୂତୀ ଭାବରେ ସରହ ସୁନ୍ଦରୀ ଚରିତ୍ରଟିର ଉପସ୍ଥାପନା କରାଯାଇଛି । ନନ୍ଦ ଘରେ କୃଷ୍ଣଙ୍କ ଜନ୍ମୋତ୍ସବକୁ ଦେଖିବାପାଇଁ ଅନେକ ଲୋକଙ୍କର ସମାଗମ ହୋଇଛି । ଦେବ, ଦେବୀ, ଗୋପୀ ଗୋପାଳ ସମସ୍ତେ ଦୋଳିରେ ଶୟନରତ ମନମୋହନ କୃଷ୍ଣଙ୍କୁ ଦର୍ଶନ କରୁଥିବା ବେଳେ

ସରହ ସୁନ୍ଦରୀ ରାତ୍ର ଦୁଇଘଡ଼ି ସମୟରେ ନନ୍ଦ ଉଆସରେ ଉପସ୍ଥିତ ହୋଇଛି । ତା'ର ଦେହର ବର୍ଣ୍ଣ ଶ୍ୟାମଳ, ଦନ୍ତ ବିହୀନ ମୁଖ ଏବଂ ପକ୍ୱ କେଶ ଲମ୍ବିଛି ତାର ପୃଷ୍ଠ ଦେଶରେ । ତା' ହାତରେ ମୁଦି କଙ୍କଣ ଏବଂ ସୁବର୍ଣ୍ଣ ବାହୁଟି ଶୋଭା ପାଉଛି । ସେ ନବରସରେ ପଣ୍ଡିତା ଏବଂ ସ୍ତମ୍ଭନ, ମୋହନ, ବଶ୍ୟ,ଉଚ୍ଚାଟ, ଗୋଟିକା ଅଞ୍ଜନ ଓ @ÁaMð ¢ö aKê@ül KeÒôùMû_^Mee i cÉ ^ùeúe ùi @Zò_ü û G_eKòùi aýNäbf K I C^à j ùZúcü u êaòagübZ Keò_ùe û^Zý MüZ abýùe ùi ^ò_¥ûûaùKVùeêaé _~ü« i cÉu i j Z Zûe bf i µKö[ ùG Gaõi cùÉ ZûKê@ûB WùK«òûabôÙKýXùKdKj òùi c] ý i cÉu êUÿ ðUû_eûKe¢ùG ûi aðû] ak ai ^ ùi _e¢ü Ke¢ùG Gaõ j ùe ùe M§ P¦^ ùaùk¢ùG ûi aêRùMùe Zûe @aÿ _âag ûùKCñ Kùkeâùi GùMû_^Mâe @QòZÿ ûùKj ðRùY ^ÿ óùùi @ @Kòa¢aû Zÿ ûc] ýRùYÿ G ^ÿ óûbZ, babýl a ðü Zûe R¢ùe [ ùG ûi aê adi e ùf ùKu i j Z Zûe a§Zû[ ùG Gaõi cùÉ ZûKêaòü Ke«òû eÿ ùi i j Z ùMûa¢ue ù_âf bùe c¤i ÚûKeàû_ùAñùi ùMû_ùe aû Ke@QòûùMû_^Meúe ùKðYi òùMû_ùk¥úZû K[ ùKêb ûvò_ùe«ò ^ÿ õ eÿ ûùMûa¢ue eû f ùkùe i Kk bûa ZùKêRYûû^¦u Nùe Kêùe _%ðúCi ê Pû ¢êûùaùk aû ð_ùA \ ZùKûùi Vùe _j ÒòGaõ i Zj û ý_Kÿ Keò^¦u ë ûZ KeÒõ ~ùgû ùi êa] ùA RYùA Kë ù\ ùkò_ùLKê~ùAQòZùi ê\ gð Keàùe @ÿûù^A ûKëu e @_ei_ ùgübùKêù\ Lòùi bûaÒòùNùe Zòè eùZâe _%P¦ âCAÒòKò? Kë Pùeò_ÿùe _eàùe a¦ ùaXÿej Q«òGaõc] ýbùMùe e^ô_f u C_ùe Kë aèùRcü ûi ¹ ëùe cùZû~ùgû ûLU ù\ ùkò] eò] ùZâMY i j Z \ Šùc ü ûP¦ â ê l Zã cj ùaXÿej àû_eð aKgZ _\ àa^ bZùe eùRj õ ùLkàû_eð^¦ c¦èùe i cÉu Mj kùe Këùgübû_ùCQ«ô

ତାଙ୍କର ଅପରୂପ ଜାଜ୍ୱଲ୍ୟମାନ ତେଜର ତୁଳନା ସ୍ୱର୍ଗ ମ ର୍ ୍ୟ ପାତାଳ କେଉଁଠାରେ ନାହିଁ । ଯୋଗୀଜନମାନେ ଯେଉଁ ପଦ୍ମପାଦରେ ଲୟ ରଖି ସାଧନା କରନ୍ତି ସେହି ଜଗତର ସ୍ୱାମୀ ନର ଦେହ ଧରି ଧରାବତରଣ କରିଛନ୍ତି । ନିରଞ୍ଜନ ନିରାକାର ନିର୍ଗୁଣ ବିଷ୍ଣୁ ଦେହଧାରଣ କରିଛନ୍ତି । ତାଙ୍କର ରୂପଶୋଭାକୁ କୋଟି କନ୍ଦର୍ପ ବି ସରି ହେବେ ନାହିଁ । ଗୋପନଗରର ନରନାରୀମାନେ ସେମାନଙ୍କର ସଦ୍‌ଭାବ ଯୋଗୁ ପ୍ରଭୁଙ୍କର ଭେଟ ପାଇଛନ୍ତି । ମାୟାରେ ପ୍ରଭୁ ବାଳୁତ ରୂପ ଧରିଛନ୍ତି ଏବଂ ଦୋଳିରେ ବିଜେ କରିଛନ୍ତି । ଏତେବେଳକେ ଅବକାଶ ପାଇ ଦୂତୀକା କୃଷ୍ଣଙ୍କୁ ଦର୍ଶନ କରିବା ପାଇଁ ଉପସ୍ଥିତ ହୋଇଛି ।

ଭାବଗ୍ରାହୀ କୃଷ୍ଣ ଏହା ଖଣ୍ଡେ ଦୂରରୁ ଜାଣିପାରିଲେ ଏବଂ ଦୂତୀକା ପହ ନ୍ତେ ତା'ର ମୁଖକୁ ଚାହିଁ ତୋଷ ହେଲେ । ଚାରି ଚକ୍ଷୁର ମିଳନ ହେଲା । ଶ୍ରୀକୃଷ୍ଣଙ୍କୁ ଚାହିଁ ଦୂତୀ ଅଶେଷ ଆନନ୍ଦିତ ହେଲା ଏବଂ ନିସ୍ତିରିଲି ବୋଲି ଆଶ୍ୱସ୍ତ ହେଲା । ଶେଷରେ କୃଷ୍ଣଙ୍କ ମହିମା ଗାନ କରି ଦୂତୀକା କହିଛି ସେ ନିରାକାର ପୁରୁଷ ଓ ଜ୍ୟୋତି ସ୍ୱରୂପ ଅଟନ୍ତି । ମ୍ଳେଚ୍ଛ ମାନଙ୍କର ମୁକ୍ତି ନିମନ୍ତେ ସେ ଧରାରେ ଅବତୀର୍ଣ୍ଣ ହୋଇଛନ୍ତି ।

**କଠିନ ଶବ୍ଦାର୍ଥ :**

ସରହ ସୁନ୍ଦରୀ – ଗୋପନଗ୍ରରେ ଥିବା ରାଧା-କୃଷ୍ଣଙ୍କର ମିଳନ କାରିଣୀ ଦୂତୀ

ବିନ୍ଦ – ବାହୁର ଭୂଷଣ ବିଶେଷ,

ସିହାଣୀ – ଚତୁରୀ

ନାଗରୀ – ରସିକାନାରୀ

ନବରସ – ଆଦି, କରୁଣ,ରୌଦ୍ର, ହାସ୍ୟ ବୀର, ଭୟାନକ, ବିଭତ୍ସ, ଅଦ୍ଭୁତ, ଶାନ୍ତ

ଗୁଣଗ୍ରାହୀ – ଗୁଣଜ୍ଞ,

ଥମ୍ଭନ (ସ୍ତମ୍ଭନ)-ମନ୍ତ୍ର ବଳରେ ଜଡ଼ ବା ଶକ୍ତିହୀନ କରଣ

ମୋହନ – ସମ୍ମୋହନ କରଣ,

ବଶ୍ୟ-ବଶୀକରଣ

ଉଚ୍ଚାଟନ - ତନ୍ତ୍ରକ୍ରିୟା ଦ୍ୱାରା ଅନ୍ୟର ମନକୁ ବିଚଳିତ କରିବା

ମତ୍ତଗଜ - ପାଗଳ ହାତୀ, ଟାହି - ଥଟ୍ଟା

ତଡ଼କୀ - କାନର ଅଳଙ୍କାର ବିଶେଷ,

ନାକଚଣା - ନାକର ଅଳଙ୍କାର

ସୁସ  - ସୁସଜ୍ଜିତ,

କବରୀ-ଜୁଡା / ଖୋଷା

ଚଉଁରୀ - କେଶ ଦ୍ୱାରା ନିର୍ମିତ କେଶ ବନ୍ଧନ ରଜ୍ଜୁ

ବେଣା - ସୁଗନ୍ଧ ତୃଣ ବିଶେଷ

ମଡ଼ିଆଳ - ବ୍ୟବହୃତ ବସ୍ତ୍ର,

ଅନ୍ତେସର ପୁର - ଅନ୍ତଃପୁର

ଧୃତି - ଧାରଣ / ଧୈର୍ଯ୍ୟ / ସନ୍ତୋଷ

ମାଙ୍କଡ଼ସା - ବୁଢ଼ିଆଣୀ ଭଳି ଅଷ୍ଟପଦୀ କୀଟ ବିଶେଷ

ରତି ଶାହାସ୍ତ୍ରେ - ରତି ଶାସ୍ତ୍ରରେ

ଷୋଳକଳା -ବସ୍ତୁ ବିଶେଷ ବା ବିଷୟ ବିଶେଷର ପୂର୍ଣ୍ଣାଙ୍ଗ ଅବସ୍ଥା । ସଂପୂର୍ଣ୍ଣଭାବ
ଷୋଳକଳା - ଚନ୍ଦ୍ରର ଷୋଳଟିଅଂଶ (ଅମୃତା, ମାନଦା, ପୂଷା, ତୁଷ୍ଟି, ପୁଷ୍ଟି,ରତି, ଧୃତି,ଶଶୀ, ଚନ୍ଦ୍ରିକା, କାନ୍ତି,ଜ୍ୟୋସ୍ନା, ଶ୍ରୀ, ପ୍ରୀତି, ଅଙ୍ଗଦା, ପୂର୍ଣ୍ଣା, ପୂର୍ଣ୍ଣାମୃତା)

ନିଗାଡିବା - ରସ ଆକର୍ଷଣ କରିବା / ରସ ଚିପୁଡିବା

ଗୋଷ୍ଠୀ - ସମାରୋହ କରିବା / ଏକତ୍ର କରିବା,

ନିରିଭାଇ – ନିର୍ବାହ କରିବା

ବିଳୋହିବା – ସମ୍ମାନ ବା ସତ୍କାର କରିବା,

ପହୁଡିବା – ନିଦ୍ରାଯିବା

ଅବନୀଳ (ଅବଲୀଳ) – ଅନାୟାସ / ଅସଙ୍କୋଚ

ଉଦ୍ୟାନ ଶାହୀ – (ଉ ାନ ଶାୟୀ)– ଚିତ୍ ହୋଇ ଶୋଇବା

ତିମିରି –ଅନ୍ଧକାର,

ସ – ସୁନ୍ଦର / ସୁଢଳ,

ମ – ମ ର୍ ୟଲୋକ ପୃଥିବୀ

ମୁଖ୍ୟପାନ – ମୁଖ୍ୟ ରକ୍ଷକ,

ସଂପୋଡ – ସମୂଳ ଭାବରେ / ସଂପୂର୍ଣ୍ଣ ଭାବରେ

କଳପାଧି ପୁରୁଷ – କଳ୍ପ କଳ୍ପ ଧରି ଯେ ଅପରିବ ର୍ ନୀୟ

ଧୂରୁ – ଦୂରରୁ (ପ୍ରାଚୀନ ପ୍ରୟୋଗ)

# ନମୁନା ପ୍ରଶ୍ନାବଳୀ

## କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

## (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)

୧) ସରହ ସୁନ୍ଦରୀ କିଏ ?

(କ)ସଖୀ (ଖ) ଦୂତୀ

(ଗ)ଗୋପୀ (ଘ)ଦାସୀ

୨) ସରହ ସୁନ୍ଦରୀର ଦେହର ବର୍ଣ୍ଣ କିପରି ?

(କ) ଗୋରା (ଖ) କଳା

(ଗ) ଶ୍ୟାମଳ (ଘ) ଗହମ

୩) ସରହ ସୁନ୍ଦରୀ କେଉଁ ରସରେ ଗୁଣଗ୍ରାହୀ ଥିଲା ?

(କ)ନବରସ (ଖ) ଷଡରସ

(ଗ) ପ ରସ (ଘ)ଅଷ୍ଟରସ

୪) ଗୋପପୁରରେ ସରହ ସୁନ୍ଦରୀକୁ କ'ଣ ଡାକନ୍ତି ?

(କ) ଭାଉଜ (ଖ) ଖୁଡ଼ି

(ଗ) ଆଈ (ଘ) ସଖୀ

୫) କାନରେ ସରହ ସୁନ୍ଦରୀ କି ଆଭୂଷଣ ପିନ୍ଧିଥାଏ ?

(କ) କାନଫୁଲ (ଖ) କର୍ଣ୍ଣବସଣି

(ଗ) କୁଣ୍ଡଳ (ଘ) ତଡ଼କୀ

୬) ସରହ ସୁନ୍ଦରୀର କବରୀ ଭିତରେ କ'ଣ ଥାଏ ?

(କ) ସୁନାର ଫୁଲ (ଖ) ହୀରାର ଫୁଲ

(ଗ) ଗଜରା ହାର (ଘ)କୃଷ୍ଣ ଚଉଁରୀ ବେଣୀ

୭) ସରହ ସୁନ୍ଦରୀ ହୃଦୟରେ ନିରନ୍ତର କ'ଣ ବୋଲି ହୋଇଥାଏ ?

(K) @Ze (L) i êû Ž ùZk

(M) M§ P¦ ^ (N) ùMû û_ Rk

8) i ej i ê eúùKCñewe aĖ ^Žý_e þ û Ke þ G ?

(K) ^ û ò (L) Kkû

(M) Kckû (N)ù] ûa (] kû)

9) i ej i ê eúe VYûùKCWûe [ ô û?

(K) ^ MûC_KYie (L) ù\ Ck cŠ_ùe

(M)^¦ _êùe (N) eûYú@k _êùe

10) i ej i ê eúc MRKûùKCÿôe a§ò ûe ?

(K) e Rûe (L) MQ ùPe ùe

(M) f ê ûgKêòe (N) c û W ûi Zûe

11) Kû ûe Pò ùi ùKŽKùe e¬ò ûe ?

(K) ùe ûMúc û u e (L) a û K c û u e

(M) ~ â K c û u e (N) ù~ ûMúR^ u e

୧୨) ସରହ ସୁନ୍ଦରୀର ଶରୀର କିପରି ଥିଲା ?

(କ) ବାଳିକା (ଖ) ଯୁବତୀ

(ଗ) ପ୍ରୌଢ଼ା (ଘ) ବୃଦ୍ଧା

୧୩) ରୂପରେ ସରହ ସୁନ୍ଦରୀ କିପରି ଥିଲା ?

(କ) ଅପରୂପା (ଖ) ଅସୁନ୍ଦରୀ

(ଗ) କୁତ୍ସିତା (ଘ) ଜଗତଜିଣା

୧୪) କାହାର ମଧ୍ୟସ୍ଥ ସାଜି ସେ ଗୋପପୁରରେ ରହିଥିଲା ?

(କ) ଗୋବିନ୍ଦ (ଖ) ରାଧା

(ଗ) ଗୋପାଙ୍ଗନା (ଘ) ଲଳିତା

୧୫) ଗୋପପୁରର ଗୋପାଳୁଣୀ ମାନେ କ'ଣ ଲଙ୍ଘି ପାରନ୍ତି ନାହିଁ ?

(କ) କୃଷ୍ଣଙ୍କ ବାଣୀ (ଖ) ରାଧାଙ୍କ ବାଣୀ

(ଗ) ଦୂତୀକାର ବାଣୀ (ଘ)ଯଶୋଦାଙ୍କ ବାଣୀ

୧୬) ନନ୍ଦଘରେ କି ଉତ୍ସବ ଚାଲିଥିଲା ?

(କ) ଚନ୍ଦନ ଯାତ (ଖ) କୁମାର ପୂର୍ଣ୍ଣମୀ

(ଗ) ଧନୁ ଯାତ୍ରା (ଘ) ରାହାସ ପୂର୍ଣ୍ଣମୀ

୧୭) ଗୋବିନ୍ଦ କେଉଁଥିରେ ବିଜେ କରିଛନ୍ତି ?

(କ) ଯଶୋଦାଙ୍କ କୋଳରେ (ଖ) ରତ୍ନ ଦୋଳିରେ

(ଗ) ରତ୍ନ ପଲଙ୍କରେ (ଘ)ଖଟଉପରେ

୧୮) କୃଷ୍ଣଙ୍କ ପାପଦ୍ମକୁ କିଏ ଲକ୍ଷ୍ୟ ରଖିଥାନ୍ତି ?

(କ) ଦେବତା (ଖ) ମାନବ

(ଗ) ଯୋଗୀଜନ (ଘ) ଭକ୍ତ

୧୯) କେଉଁ ଭାବରେ ଗୋପ ନଗ୍ର ନରନାରୀ ଭଗବାନ କୃଷ୍ଣଙ୍କର ଭେଟ ପାଇଥିଲେ ?

(କ) ପ୍ରେମଭାବରେ (ଖ) ଭକ୍ତି ଭାବରେ

(ଗ) ସଦ୍‌ଭାବରେ (ଘ) ସମର୍ପଣ ଭାବରେ

୨୦)ସରହ ସୁନ୍ଦରୀ କୃଷ୍ଣଙ୍କୁ ଦେଖି କ'ଣ କହିଛି ?

(କ) ପୁନର୍ଜନ୍ମ ପାଇଲି (ଖ) ନିସ୍ତରିଲି

(ଗ) ପାପକ୍ଷୟ କଲି (ଘ) ସ୍ୱର୍ଗ ପାଇଲି

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ସରହ ସୁନ୍ଦରୀ କେଉଁଠାରେ ଆସି ମିଳିଲା ?

୨) ସରହ ସୁନ୍ଦରୀ ତନୁର ବର୍ଣ୍ଣ କ'ଣ ଥିଲା ?

୩) ସରହ ସୁନ୍ଦରୀର ମୁଖ କିପରି ଥିଲା ?

୪) ସରହ ସୁନ୍ଦରୀର ବାଳ କିପରି ଥିଲା ?

୫) ସରହ ସୁନ୍ଦରୀ କାହାରପ୍ରିୟ ଥିଲା ?

୬) ସରହ ସୁନ୍ଦରୀ କି କି ବିଦ୍ୟା କହିପାରେ ?

୭) ସରହ ସୁନ୍ଦରୀ କାହା କାହା ସଙ୍ଗେ ସାଙ୍ଗ ହୋଇଥାଏ ?

୮) ସେ ସମସ୍ତଙ୍କୁ କିପରି ଟାହି କରେ ?

୯) କେଉଁ ରସରେ ସରହ ସୁନ୍ଦରୀ ଜଗଜିଣା ?

୧୦) ସେ କ'ଣ ବୋଲି ବାରି ହୁଏ ନାହିଁ ?

୧୧) କାହାର ଲୟ ସେ ଅବହେଳେ ଭାଙ୍ଗିପାରେ ?

୧୨) ଦୂତୀ କାହା କାହା ସଙ୍ଗେ ମେଳ କରିଥାଏ ?

୧୩) କେତେ ଘରେ ଦୂତୀର ଠଣା ଥିଲା ?

୧୪) ସବୁ ଘରେ ଦଇବି ବିଧାତା କିଏ ?

୧୫) କେଉଁଠାରୁ କେଉଁଠାକୁ ଚହଳ ବାଜୁଥିଲା ?

୧୬) କୃଷ୍ଣଙ୍କ ଚାରିପାର୍ଶ୍ୱରେ କେଉଁମାନେ ବେଢିଛନ୍ତି ?

୧୭) ଯଶୋବନ୍ତୀ ଧାତ୍ରୀ ମାନଙ୍କ ସହ କିପରି ଉଭା ହୋଇଛନ୍ତି ?

୧୮) କୃଷ୍ଣଙ୍କ ଜାଜ୍ୱଲ୍ୟମାନ ତେଜର କେଉଁଠାରେ ପଟାନ୍ତର ନାହିଁ ?

୧୯) କୃଷ୍ଣଙ୍କ ରୂପକୁ କିଏ ସରି ନୁହେଁ ?

୨୦) ଛଦ୍ମେ କେଉଁରୂପ ଦେବସ୍ୱାମୀ ଧରିଛନ୍ତି ?

୨୧) କୃଷ୍ଣଙ୍କ ପାଦପୂଜା କିଏ କିଏ କରନ୍ତି ?

୨୨) କାହାର ମୁକ୍ତି ନିମନ୍ତେ ଜ୍ୟୋତିର୍ମୟ ଉଦୟ ହୋଇଛନ୍ତି ?

**(ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ ର ଲେଖ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ସରହ ସୁନ୍ଦରୀ କେତେବେଳେ କେଉଁଠାରେ ଆସି ମିଳିଲା ?

୨) ସରହ ସୁନ୍ଦରୀ ଦେଖିବାକୁ କିପରି ଥିଲା ?

୩) ସରହ ସୁନ୍ଦରୀ ହସ୍ତରେ କି କି ଅଳଙ୍କାର ପରିଧାନ କରିଥିଲା ?

୪) ସରହ ସୁନ୍ଦରୀ କେଉଁ ରସରେ ଗୁଣ ଗ୍ରାହୀ ଥିଲା ?

୫) ସରହ ସୁନ୍ଦରୀ କି କି ବିଦ୍ୟା ଜାଣିଥିଲା ?

୬) ସରହ ସୁନ୍ଦରୀ କାହାର ପ୍ରିୟ ଥିଲା ?

୭) ସରହ ସୁନ୍ଦରୀ କର୍ଣ୍ଣ ଓ ନାସାରେ କି କି ଅଳଙ୍କାର ଗ୍ରହଣ କରିଥିଲା ?

୮) ସରହ ସୁନ୍ଦରୀ ପାଦରେ କ'ଣ ପିନ୍ଧିଥିଲା ?

୯) ସରହ ସୁନ୍ଦରୀ କଣ୍ଠରେ କ'ଣ ଆଭରଣ ଥିଲା ?

୧୦) ସରହ ସୁନ୍ଦରୀ ଗୋପନଗ୍ରରେ କେମିତି ରହିଥିଲା ?

୧୧) ସରହ ସୁନ୍ଦରୀ କ'ଣ ବୋଲି ଜାଣିହୁଏ ନାହିଁ ?

୧୨) ସରହ ସୁନ୍ଦରୀ କାହାର ଚି ଅବହେଳେ ରଞ୍ଜିଦେଇ ପାରେ ?

୧୩) ସରହ ସୁନ୍ଦରୀ କ'ଣ ନିଗାଡିଲା ?

୧୪) ସବୁରି ସଙ୍ଗରେ ସରହ ସୁନ୍ଦରୀ କ'ଣ ହୋଇଥାଏ ?

୧୫) କେତେ ଘରେ ସରହ ସୁନ୍ଦରୀର ଠଣା ଥାଏ ?

୧୬) ସବୁ ଘରେ ଦୂତୀକାକୁ କ'ଣ ମନେକରନ୍ତି ?

୧୭) ଏକା ଦୂତୀକା କ'ଣ କରିପାରେ ?

୧୮) ଦୂତୀକାର ବାଣୀ କିଏ ସବୁ ଲଙ୍ଘିପାରନ୍ତି ନାହିଁ ?

୧୯) ଦେବହରି କିପରି ପହୁଡ଼ି ଥିଲେ ?

୨୦) କୃଷ୍ଣ କାହାର ମୁଖ୍ୟପାନ ବୋଲି କୁହାଯାଇଛି ?

୨୧) କିଏ କିପରି ଭଗବାନଙ୍କର ଭେଟ ପାଇଲେ ?

୨୨) ଶ୍ରୀକୃଷ୍ଣ କିପରି ତୋଷ ହେଲେ ?

୨୩) ଶ୍ରୀକୃଷ୍ଣଙ୍କୁ ଚାହିଁ ଦୂତୀ ଆନନ୍ଦ ହୋଇ କ'ଣ କହିଲା ?

୨୪) କୃଷ୍ଣଙ୍କୁ କି ପୁରୁଷ ବୋଲି ଦୂତୀ କହିଛି ?

**(ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧) ସରହ ସୁନ୍ଦରୀର ରୂପ ଶୋଭା କିପରି ଥିଲା ?

୨) ସରହ ସୁନ୍ଦରୀ କି କି ବିଦ୍ୟା ଜାଣିଥିଲା ?

୩) ସରହ ସୁନ୍ଦରୀ ଜୀବନର କେଉଁ କେଉଁ କଥାମାନ କାହାରିକୁ ଜଣାନାହିଁ ?

୪) ମାଙ୍କଡସା ସୂତାରେ ସେ ବାନ୍ଧିପାରଇ ମ ଗଜ – ଏହାର ଅର୍ଥ ବୁଝାଇ ଦିଅ ?

୫) ସେ କାହାକୁ କିପରି ରଞ୍ଜିପାରେ ଓ କାହାକୁ କିପରି ଭାଞ୍ଜିପାରେ – ସୂଚେଇ ଦିଅ ?

୬) ଗୋବିନ୍ଦର ମଧ୍ୟସ୍ଥକୁ ସେ ଗୋପପୁରରେ ରହି – ଏହାର ଅର୍ଥ ପ୍ରକାଶ କର ।

୭) କୃଷ୍ଣଙ୍କୁ ଗୋପୀମାନେ ବେଢ଼ି ରହିଥିବା ଦୃଶ୍ୟକୁ କବି କିପରି ବର୍ଣ୍ଣନା କରିଛନ୍ତି ?

୮) ନିଦ୍ରାଗତ କୃଷ୍ଣ କିପରି ଶୋଭା ପାଉଛନ୍ତି ?

୯) ବିକଚ ପଦ୍ମବନ ଭିତରେ ଯେସନ ରାଜହଂସ ଖେଳା – କବି କେଉଁ ଉପଲକ୍ଷ୍ୟରେ ଏହି ଉପମା ପ୍ରଦାନ କରିଛନ୍ତି ?

୧୦) ମ୍ଲେଚ୍ଛାଦି ମୁକତି ନିମନ୍ତେ ହୋଇଛି ଉଦୟେ – କିଏ କାହାକୁ କେଉଁ ପ୍ରସଙ୍ଗରେ କହିଛି ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) ସରହ ସୁନ୍ଦରୀ କବିତାରୁ ଦୂତୀକାର ଚରିତ୍ର ଚିତ୍ରଣ କର ।

୨) ସରହ ସୁନ୍ଦରୀ କବିତାରୁ କବିଙ୍କ କବିତ୍ୱ ଓ ରସ ଚେତନାର ପରିଚୟ ଦିଅ ।

୩) ସରହ ସୁନ୍ଦରୀ କବିତାରୁ କବିଙ୍କର ଭକ୍ତିମ ାର ପରିଚୟ ପ୍ରଦାନ କର ।

୪) ସରହ ସୁନ୍ଦରୀର କୃଷ୍ଣ ଭକ୍ତିର ପରିଚୟ ଦିଅ ।

୫) ସରହ ସୁନ୍ଦରୀ କବିତାରୁ କବିଙ୍କର ବର୍ଣ୍ଣନା ଶୈଳୀ ନିର୍ଣ୍ଣୟ କର ।

# ଧୀରେ ରାଧା କର ଧରି

ଅଭିମନ୍ୟୁ ସାମନ୍ତସିଂହାର

ଧୀରେ ରାଧା କର ଧରି କହୁଛନ୍ତି ଦୂତୀକି ।
ଜୀବନ ନେବାକୁ ଲଗାଇଛୁ ପାପ-ପ୍ରୀତିକି ।
ଦୂତି ଗୋ, ପ୍ରାଣବନ୍ଧୁଙ୍କୁ କହ ଯାଇ ଏତିକି ।
ଦୀକ୍ଷା କରିଛନ୍ତି ପରା ନାରୀମରା ରୀତି କି । ୧ ।

ଯାହା ସେ ବୋଇଲେ ତାହା ସତ ବୋଲି ହେବ କି ?
କିଣିଥିଲେ ପୁଣି ବିନାଶନ୍ତେ କେହି ସେବକୀ ?
ଦୂତି ଗୋ, ଦୟାନିଧିଙ୍କି ପଚାର ଏ ବିଧିକି ।
ଅବିଧିକି କଲେ ଅରଜିବେ କଉଁ ନିଧିକି । ୨ ।

ଶ୍ରୀଚରଣେ ଦେହ ପ୍ରାଣ ବିକିଅଛି ମୁହିଁତ ।
ତାଙ୍କ ଅନୁଗ୍ରହ ସିନା ମୋ କପାଳ ଲିହିତ ।
ଦୂତିଗୋ, ଧନକୁ କହ ଆନ ଗତି ନାହିଁ ତ ।
ଦିବ୍ୟଚିତେ ବିଚାରନ୍ତୁ ଯେ ଯାହାଙ୍କୁ ବିହିତ । ୩ ।

ଚନ୍ଦ୍ର ବିନା ଚକୋରକୁ ଆନ ଗତି ନାହିଁ କି ।
ବନ ବିନା ମୀନ ଦିନ ନେବ ପୁଣି କାହିଁକି ?
ଦୂତି ଗୋ, କହିବୁ ଯାଇଁ ସେ ନାଗରମଣିକି ।
ଦାସୀକି ପକାଇ ଦେଲେ କାମସିନ୍ଧୁ ପାଣିକି । ୪ ।

ନିରବଧି ହୃଦୟକୁ କାମଦେବ ଦହିବ ।
ଅବଳା ମାତ୍ରକେ ଏତେ ଦାଉ କେହି ସହିବ ।
ଦୂତି ଗୋ, ଶ୍ୟାମବନ୍ଧୁଙ୍କୁ ଏତେ ମାତ୍ର କହିବ ।
ପୋଷିଲା ଦାସୀ ନାଶିଲେ କଉଁ ଯଶ ରହିବ । ୫ ।

ବିଦେହ-ପଥ ସଞ୍ଚାଳି ପ୍ରାଣଧନ ହୋଇବ ।
କାହାକୁ କି ହେବ କହି ସବୁ କଳା ଦଇବ ।
ଦୂତି ଗୋ, କହିବୁ ଦାସୀ ଗୁଣକୁ ନ ଗାଇବ ।
ନିଲକ୍ଷଣୀ ପାଇଁ କିମ୍ପା ଏତେ ଦୁଃଖ ପାଇବ । ୬ ।

ସ୍ନେହ ପରାଧୀନେ ଗୁଣଗ୍ରାହୀ ତାପ ବଢ଼ିବ ।
ତା ଭାବି ଜୀବନ ଗଲେ ଦୁଃଖ ପଙ୍କେ ସଢ଼ିବ ।
ଦୂତି ଗୋ, କୃଷ୍ଣର ପ୍ରେମଲୋଭରୀତି ଭାଙ୍ଗିବ ।
ନୋହିଲେ ମୋହରି ପରା ପ୍ରେମଭୂତ ଲାଗିବ ।୭ ।

ତାଙ୍କ ଶ୍ରୀଛାମୁରୁ ମୋହପାଇଁ ବିଦା ମାଗିବ ।
ପଦଧୂଳି ଦ   କଲେ ସବୁ ପୁଣ୍ୟ ଜାଗିବ ।
ଦୂତି ଗୋ, ପ୍ରାଣନାଥରେ ଥରେ ଏହା ଭାଷିବ ।
ଅଭାଗିନୀ କି ତାରିଲେ ଯଶ ସିନା ଦିଶିବ ।୮।

କହୁଥିଲୁ କହୁଥିଲେ ପରା ଏହା ନାଗର ।
ବିରହକୁ ତୁଳ ନୋହେ ଘାତ କୋଟି ନାଗର ।
ଦୂତି ଗୋ, ବନ୍ଧୁଙ୍କୁ କହ ଏ କି ଶଠ ଉ  ର ।
ସତ ହୋଇଥିଲେ ମୋତେ କରନ୍ତେ କି ଅନ୍ତର । ୯ ।

କୁମୁଦିନୀ ବିନା ବାଧା କି ହୁଅଇ ବିଧୁର ।
ସେ ପୁଣି ନୁହଇ ନିକି ତାଙ୍କ ବିନା ବିଧୁର ।
ଦୂତି ଗୋ, ବନ୍ଧୁଙ୍କୁ କହ ଦେଖ ପ୍ରୀତି ଶଶୀର ।
କାଳୀ ହେଲେହେଁ ଆଦର ନ ତେଜଇ ନିଶୀର । ୧୦ ।

X X X X X

ହେଳା କଲେ ପ୍ରୀତି ଭେଳା ମୋର ବୁଡ଼ି ଯାଉଛି ।
ବିଚାର କରନ୍ତୁ କେତେ ଅସୁନ୍ଦର ପାଉଛି ।
ଦୂତି ଗୋ, କହ ବନ୍ଧୁଙ୍କୁ ଏ ବିଚାର ହେଉଛି ।
ନାଥ ଥାଉଁ ଅନାଥିନୀ ଦଶା ପର ଦେଉଛି । ୧୧ ।

ବୁଣିଥିଲେ ପ୍ରେମ ବୀଜ ଅଙ୍କୁର ସେ ହୋଇଛି ।
ଘନରସ ଆଶା କରି ଏତେ କାଳ ଜୀଇଛି ।
ଦୂତି ଗୋ, କହ ବନ୍ଧୁଙ୍କୁ କାମ ଜାଳି ଦେଉଛି ।
ତହୁଁ ଯେ ବଳୁଛି ତାହା ମୂଳ ଖୋଳି ନେଉଛି ।୧ ୨।

ପ୍ରୀତି ପୁରନ୍ଦରଙ୍କୁ ଏ ନିନ୍ଦା ନିକି ନୋହୁଛି ।
ପଛେ ଦୋଷ ନ ବାଛିବେ ବାର ବାର କହୁଛି ।
ଦୂତି ଗୋ, କହ ବନ୍ଧୁଙ୍କୁ କେହି ଦେହ ସହୁଛି ।
ବିଚାରନ୍ତୁ ସବୁ ଆଶ ଏହିଠାରୁ ରହୁଛି । ୧୩ ।

ଉଦେ ହେଲା ଘନଶ୍ୟାମ ରସ ବୃଷ୍ଟି ନୋହିଲା ।
ଦୁର୍ଯୋଗ ବତାସ ପୁଣି କାହୁଁ ଆସି ବହିଲା ।
ଦୂତି ଗୋ, କହ ବନ୍ଧୁଙ୍କୁ ସବୁ ଆଶ ରହିଲା ।
ପିପାସୀ-ଚାତକୀ ଚି   ଚିନ୍ତା ଚିତା ଦହିଲା ।୧ ୪ ।

ଶଉରି-ଗତି ନୋହିଲେ ଘନରସ ନୋହିବ ।
ଜ୍ୟେଷ୍ଠ ତାପରେ କି ଆଉ ପ୍ରେମକୃଷି ରହିବ ।
ଦୂତି ଗୋ, ପ୍ରାଣବନ୍ଧୁଙ୍କୁ ଏହା ଯାଇ ଭାଷିବ ।
ଏଥି ତାଙ୍କ ଦିବ୍ୟ ଅବଧାନକୁ ଯେ ଆସିବ । ୧୫ ।

ଆହୁରି କହିବୁ ଥରେ ମୋ ଦଇନି ଏତିକି ।
ଆଉମାନଙ୍କୁ କରିବେ ନାହିଁ ମୋଠା ରୀତିକି ।
ଦୂତି ଗୋ, କହ ବନ୍ଧୁଙ୍କୁ ଊଣା ହେବ ପ୍ରୀତିକି ।
ଗୁଣ ବିଚକ୍ଷଣ ନ ଜାଣନ୍ତି କଉଁ ନୀତିକି ।୧୬ ।

କହିବୁ ଆହୁରି ଥରେ ଶ୍ରୀଛାମୁରେ ନାଥର ।
କି ଉପାୟରେ ଏଥର ହୃଦ କଲେ ପଥର ।
ଦୂତି ଗୋ, କହ ବନ୍ଧୁଙ୍କୁ ଯାଇଁ ମୋହୋ ଉ ର ।
ରାଧା ମାଗିଛନ୍ତି ଦେବ ପ୍ରେମଛଡ଼ା ମନ୍ତର । ୧୭ ।

କହୁଁ କହୁଁ ମୁହୁର୍ମୁହୁ ଧନୀ ହେଲେ କାତର ।
ହା ମୋହନ ! କହି ମୋହଗତି ହେଲା ଚି ର ।
ଦୂତି ଗୋ, ଏ ଜାତି ରୀତି ପୋଡୁ ପୋଡୁ ପ୍ରୀତିର ।
ଦୀନ ଅଭିମନ୍ୟୁ ଭାବେ ପଦ ରସବତୀର । ୧୮ ।

(ଏହି କବିତାଟି ମୂଳ ଛାନ୍ଦର ନିର୍ବାଚିତ ଅଂଶ)

## କବି ପରିଚୟ:

ବିଦଗ୍‌ଧ କବି ଅଭିମନ୍ୟୁ ସାମନ୍ତ ସିଂହାର ରୀତିକାବ୍ୟ ପରଂପରାର ଜଣେ ପ୍ରତିଷ୍ଠିତ କାବ୍ୟ ପ୍ରତିଭା । ବୈଷ୍ଣବ କାବ୍ୟତ୍ତ୍ୱ, ପ୍ରେମଭାବନା, କବିତ୍ୱ,ପାଣ୍ଡିତ୍ୟ ଓ ରସିକତାରେ ସେ ଜଣେ ଅନନ୍ୟ ରସମୟ କବି । ଏହି ପ୍ରଚଣ୍ଡ ପ୍ରତିଭାଧର କବିଙ୍କର ଜନ୍ମ ଆଧୁନିକ ଯାଜପୁର ଜିଲ୍ଲାର ବାଲିଆ ଜମିଦାରୀରେ ୧୭୫୭ ମସିହାରେ ହୋଇଥିଲା । ପିତା ଇନ୍ଦ୍ରଜିତ ସାମନ୍ତସିଂହାର ଓ ମାତା ତୁଳସୀ ଦେବୀଙ୍କର ସେ ଥିଲେ ଜଣେ ସୁଯୋଗ୍ୟ ପୁତ୍ର । ବାଲ୍ୟ କାଳରୁ ଅଭିମନ୍ୟୁଙ୍କଠାରେ ଈଶ୍ୱରଦ   ସୃଜନଶୀଳତାର ସ୍ଫୁରଣ ଘଟିଥିଲା । ତାଙ୍କର ଏହି ପ୍ରତିଭାର ଉ   ରଣ ହୋଇଥିଲା ପରମ ବୈଷ୍ଣବ କବି ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମାଙ୍କର ଶିଷତ୍ୱ ଗ୍ରହଣ କରିବାପରେ । ବାଲ୍ୟକାଳରୁ ତାଙ୍କର ଅଧ୍ୟୟନ ନିଶା ପ୍ରବଳ ଥିଲା । କୋମଳ ବୟସରୁ ସେ ସଂସ୍କୃତର କୋଷଗ୍ରନ୍ଥ, ବ୍ୟାକରଣ ଓ ଅଳଙ୍କାର ଗ୍ରନ୍ଥ ଏବଂ ଭଂଜୀୟ କାବ୍ୟାବଳୀ, ବହୁ ବୈଷ୍ଣବ ପୁରାଣ  ସମେତ ବେଦ-ଉପନିଷଦ, ଭାଗବତ ଓ ଗୌଡ଼ୀୟ ଷଡ଼ଗୋସ୍ୱାମୀ ପ୍ରଣୀତ ଗ୍ରନ୍ଥମାନ ଉ   ମ ରୂପେ ଆୟ   କରିଥିଲେ । କିଶୋର ବୟସରେ ସେ କାଳିଦାସ, ମାଘ, ଭାରବୀ ଓ ନୈଷଧାଦି ବହୁ ସଂସ୍କୃତ କାବ୍ୟ ଅଧ୍ୟୟନ କରି ବିପୁଳ ପାଣ୍ଡିତ୍ୟ ଅର୍ଜନ କରିଥିଲେ ।

କବି ଅଭିମନ୍ୟୁଙ୍କର ସୃଜନ ପ୍ରତିଭାର ପରିଚୟ ମିଳିଥିଲା ତାଙ୍କର ବାଲ୍ୟବୟସରୁ । କିଶୋର ବୟସରେ ସେ ବାଘଗୀତ, ଚଢ଼େଇଗୀତ, ବୋଲେ ହୁଁ ଗୀତ ରଚନା କରି ନିଜ କାବ୍ୟ ଜିଜ୍ଞାସାକୁ ଅନାବିଳ ଭାବରେ ପ୍ରକାଶ କରିଥିଲେ । ଆଦ୍ୟ ଯୌବନରେ ସେ 'ସୁଲକ୍ଷଣା', 'ପ୍ରେମକଳା' ଓ ରସବତୀ ପରି କାଞ୍ଚନିକ କାବ୍ୟମାନ ରଚନା କରିଥିଲେ । ମାତ୍ର ବୈଷ୍ଣବ ଦୀକ୍ଷା ଗ୍ରହଣ ପରେ ସେ 'ପ୍ରେମ ଚିନ୍ତାମଣି' ଓ 'ବିଦଗ୍‌ଧ ଚିନ୍ତାମଣି' ବୈଷ୍ଣବ କାବ୍ୟଦ୍ୱୟ ରଚନା କରି ପ୍ରତିଭାର ପରିଚୟ ପ୍ରଦାନ କରିଛନ୍ତି । ବିଦଗ୍‌ଧ ଚିନ୍ତାମଣି କବିଙ୍କର ସର୍ବଶ୍ରେଷ୍ଠ କୃତି । ବୈଷ୍ଣବୀୟ ଚେତନା ଦ୍ୱାରା ଅନୁପ୍ରାଣିତ ଭକ୍ତକବି ଅଭିମନ୍ୟୁ ରାଧାକୃଷ୍ଣଙ୍କର ଅପ୍ରାକୃତ ପ୍ରେମଲୀଳାର ଗରିମାକୁ ଅତି ସରସ ଓ ମଧୁର ପଦାବଳୀ ମାଧ୍ୟମରେ ଏହି କାବ୍ୟରେ ଚିତ୍ରଣ କରିଛନ୍ତି । ଏହା ସମଗ୍ର ଓଡ଼ିଆ

ସାହିତ୍ୟରେ ଏକ ନିର୍ଣ୍ଣାୟକ ବୈଷ୍ଣବ ରସ ଶାସ୍ତ୍ର । ଆଲୋଚ୍ୟ କବିତାଟି ତାଙ୍କର ବିଦ୍‌ଗଧଚିନ୍ତାମଣି କାବ୍ୟର ପ ଞ୍ଚରୀତମ ଛାନ୍ଦରୁ ଗୃହୀତ ।

**ବିଷୟ ପ୍ରବେଶ:**

'ବିଦଗ୍ଧ ଚିନ୍ତାମଣି' କାବ୍ୟର ମୁଖ୍ୟ ଉପଜୀବ୍ୟ ହେଉଛି ପ୍ରେମ ସ୍ୱରୂପ ଶ୍ରୀକୃଷ୍ଣ ଓ ପ୍ରେମସ୍ୱରୂପା ରାଧାଙ୍କର ଅପ୍ରାକୃତ ଲୀଳାତ ୍ୱ । ବୃନ୍ଦାବନରେ ବିରାଜମାନ ଋତୁରାଜ ବସନ୍ତ । ରାଧା ବିରହ ଜ୍ୱାଳାରେ ଜର୍ଜରିତ ରସରାଜ ଶ୍ରୀକୃଷ୍ଣ ନିଜର ରାଧାନୁଗତ ଭାବକୁ ଦୂତୀ ନିକଟରେ ପ୍ରକାଶ କରି ମିଳନ ସଂଘଟନ ପାଇଁ ନିବେଦନ କରିଛନ୍ତି ।

କୃଷ୍ଣଗତପ୍ରାଣା ରାଧା କୃଷ୍ଣବିରହ ଯନ୍ତ୍ରଣାରେ ଛଟପଟ ହୋଇ ଦୂତୀର କର ଧରି ପ୍ରାଣବନ୍ଧୁ କୃଷ୍ଣଙ୍କୁ ତାଙ୍କର ହୃଦବେଦନା ଜଣାଇବା ପାଇଁ ନିବେଦନ କରିଛନ୍ତି । ସେ କହିଛନ୍ତି କୃଷ୍ଣ ବୋଧହୁଏ ନାରୀମରା ରୀତିରେ ଦୀକ୍ଷିତ ହୋଇଛନ୍ତି । କିଣାଦାସୀକୁ ବିନାଶ କରି ସେ କେଉଁ ନିଧି ଅବା ଲାଭ କରିବେ ? କୃଷ୍ଣଙ୍କ ଚରଣତଳେ ସେ ନିଜ ଦେହ ପ୍ରାଣ ବିକି ଦେଇଛନ୍ତି ଏଣୁ କୃଷ୍ଣ ଦିବ୍ୟଚି ରେ ଉଚିତ୍ ଅନୁଚିତ୍ ବିଚାର କରି ବିହିତ କାର୍ଯ୍ୟ କରନ୍ତୁ । ଯେମିତି ଚନ୍ଦ୍ର ବିନା ଚକୋର ଓ ଜଳ ବିନା ମୀନର ଅନ୍ୟ ଗତି ନଥାଏ ସେହିଭଳି କୃଷ୍ଣଙ୍କ ବିନା ତାଙ୍କର ମଧ୍ୟ ଆନ ଗତି ନାହିଁ । କେଉଁ କାରଣରୁ ତାଙ୍କ ଭଳି ଗୋଟିଏ ଦାସୀକୁ ସେ ଅଥଳ କାମସିନ୍ଧୁରେ ନିକ୍ଷେପ କରି ଦେଉଛନ୍ତି ? ପ୍ରତି ନିୟତ କାମଦେବର ଦହନକୁ ତାଙ୍କ ଭଳି ଜଣେ ଅବଳା କିପରି ଅବା ସହିବ ? ନିଜର ପୋଷିଲା ଦାସୀକୁ ନାଶ କଲେ କି ଯଶ ତାଙ୍କର ରହିବ ? ତାଙ୍କ ପ୍ରାଣ ଯଦି ଏଥିରେ ବିଦେହ-ପଥର ଯାତ୍ରୀ ହେବ ତେବେ ସେ କାହାକୁ ଦୋଷ ଦେବେ ନାହିଁ,କାରଣ ଏ ସବୁର କ ୍। ହେଉଛି ଦଇବ । ବରଂ କୃଷ୍ଣ ଦୁଃଖ ରୂପକ ପଙ୍କରେ ଘା ି ହେବେ । ଏଣୁ ତାଙ୍କର ପ୍ରେମ ଲୋଭ ରୀତି ଯେପରି ଭାଙ୍ଗିବ ସେ ଭଳି ପ୍ରୟାସ କରିବାକୁ ସେ ଦୂତୀକୁ ଅନୁରୋଧ କରିଛନ୍ତି । ନୋହିଲେ କୃଷ୍ଣଙ୍କୁ ତାଙ୍କ ପରି ପ୍ରେମଭୂତ ଲାଗିବ । କୃଷ୍ଣଙ୍କ ଶ୍ରୀଛାମୁରୁ ତାଙ୍କ ପାଇଁ ବିଦାୟ ମାଗି ତାଙ୍କର ପାଦଧୂଳି ଟିକିଏ ଆଣି ତାଙ୍କ ପୁଣ୍ୟକୁ ଜାଗ୍ରତ କରିବା ପାଇଁ ରାଧା ଦୂତୀକୁ ନିବେଦନ କରିଛନ୍ତି । ରାଧା ଦୂତୀକୁ ଆହୁରି ମଧ୍ୟ କହିଛନ୍ତି, କୃଷ୍ଣ କହିଥିଲେ କୋଟି କୋଟି ନାଗ ସାପର ଦଂଶନ

ମଧ୍ୟ ବିରହ ଦୁଃଖ ସହିତ ତୁଳନୀୟ ନୁହେଁ । ଯଦି ତାଙ୍କର ଏ କଥାଟି ସତ ହୋଇଥାନ୍ତା ତେବେ ସେ କ'ଣ ତାଙ୍କୁ ନିଜଠାରୁ ଦୂରେଇ ଦେଇଥାନ୍ତେ କି ? କୁମୁଦିନୀ ବିନା ଚନ୍ଦ୍ର ଆବିର୍ଭାବ ହେଉଥିଲେ ମଧ୍ଯ କୁମୁଦିନୀ ଚନ୍ଦ୍ର ପାଇଁ ବ୍ୟାକୁଳିତ ଥାଏ । ସେମିତି ଶଶୀ ମଧ୍ୟ କାଳିମା ସତ୍ତ୍ୱ ରାତ୍ରିର ଆଦରକୁ ତ୍ୟାଗ କରିପାରିନଥାଏ, ତେବେ କୃଷ୍ଣ କାହିଁକି ତାଙ୍କୁ ତ୍ୟାଗ କରୁଛନ୍ତି ?

କୃଷ୍ଣଙ୍କର ତାଙ୍କ ପ୍ରତି ଏପରି ହେଳା ଭାବ ଯୋଗୁ ତାଙ୍କର ପ୍ରୀତି ଭେଳାଟି ବୁଡ଼ିବାକୁ ଯାଉଛି । କୃଷ୍ଣଙ୍କ ଭଳି ନାଥ ଥାଉ ଥାଉ ସେ ଅନାଥିନୀ ଦଶା ଭୋଗୁଛନ୍ତି । ଏହା କ'ଣ ସୁନ୍ଦର ହେଉଛି ? ଯେଉଁ ପ୍ରେମ ବୀଜ କୃଷ୍ଣ ନିଜେ ବପନ କରିଥିଲେ ତାହା ଆଜି ଅଂକୁରିତ ହୋଇଛି । ଏଣୁ ପ୍ରେମ ରୂପକ ରସକୁ ଆଶା କରି ଏତେ ଦିନ ସେ ଜୀଇଁଛନ୍ତି । କାମଜ୍ୱାଳା ରୂପକ ଅଗ୍ନି ତାଙ୍କୁ ଦହନ କରୁଛି, ଏହା ପ୍ରୀତିର ଇନ୍ଦ୍ରଙ୍କୁ ନିନ୍ଦା ନୁହେଁକି ? କୃଷ୍ଣ କଳା ମେଘ ତୁଲ୍ୟ ଉଦୟ ହୋଇ ମଧ୍ୟ ତାଙ୍କୁ ପ୍ରେମ ଜଳ ଟିକିଏ ପ୍ରଦାନ କଲେ ନାହିଁ । ବରଂ ତାଙ୍କ ଜୀବନରେ ଦୁର୍ଯୋଗ ରୂପକ ବତାସ କେଉଁଠୁ ଆସି ବହିବାକୁ ଲାଗିଛି । ତୃଷାତୁରା ଚାତକୀ ପରି ତାଙ୍କର ମନ ଚିନ୍ତା ଅନଳରେ ଜଳିବା ସାର ହେଉଛି । କେତେ କେତେ ଆଶା ସବୁ ଆଶାରେ ରହିଗଲା । ଶ୍ରୀକୃଷ୍ଣଙ୍କର ଆଦର ନହେଲେ ପ୍ରେମରସର ପ୍ରବାହ ହେବନାହିଁ । ତାଙ୍କ ବିନା ଜ୍ୟେଷ୍ଠତାପରେ ପ୍ରେମ କୃଷି କ'ଣ ବ ୍ପାରିବ ? ଏ କଥାକୁ କୃଷ୍ଣ ଟିକିଏ ସ୍ଥିର ଚି ରେ ବିଚାର କରିବେ କି ବୋଲି ରାଧା ଦୂତୀକୁ ନିବେଦନ କରିଛନ୍ତି । ଆହୁରି ମଧ୍ୟ ରାଧା କହିଛନ୍ତି କୃଷ୍ଣ ତାଙ୍କୁ ଯେପରି ବ୍ୟବହାର ଦେଖାଇଲେ ଆଉ କାହାକୁ ସେପରି ବ୍ୟବହାର ନ ଦେଖାନ୍ତୁ । ସେ କିପରି ନିଜ ହୃଦୟକୁ ଏପରି ପଥର କରିପାରିଲେ ? ଏହିପରି ବ୍ୟାକୁଳ ଭାବ ଦୂତୀ ପାଖରେ ପ୍ରକାଶ କରି ରାଧା କହିଛନ୍ତି ଯଦି ପ୍ରେମ ଛଡ଼େଇବା ମନ୍ତ୍ର କିଛି କୃଷ୍ଣ ଜାଣିଥାନ୍ତି ତେବେ ଦୂତୀ ଯେପରି ତାଙ୍କଠୁ ତାହା ମାଗି ଆଣିବ । ନିଜର ଏହି ଅସହ୍ୟ ବ୍ୟଥାକୁ ବିଦଗ୍ଧ ଭାବରେ ଦୂତୀ ପାଖରେ ପ୍ରକାଶ କରୁ କରୁ ରାଧା କାତର ହୋଇ ମୋହାଚ୍ଛନ୍ନ ହୋଇ ପଡ଼ିଛନ୍ତି ।

## କଠିନ ଶବ୍ଦାର୍ଥ:

୧) କର ଧରି – ହାତଧରି । ପ୍ରାଣବନ୍ଧୁଙ୍କୁ-ରାଧାଙ୍କର ହୃଦୟ ବଲ୍ଲଭ ଶ୍ରୀକୃଷ୍ଣଙ୍କୁ । ଦୀକ୍ଷା – ବ୍ରତ ଗ୍ରହଣ । ନାରୀମରା ରୀତି- ନାରୀମାନଙ୍କୁ ମାରିବା ପାଇଁ ବ୍ରତୀ ହୋଇ ଏ ରୀତି ଧରିଛନ୍ତି ।

୨) ସତ ବୋଲି ହେବକି – ସତ୍ୟ ହେବକି । ବିନାଶନ୍ତେ- ହତ୍ୟା କରନ୍ତେ । ସେବକୀ-ଦାସୀ । ଏ ବିଧି ଏହି ନ୍ୟାୟ । ଅବିଧି – ଅନ୍ୟାୟ । ନିଧି – ସମ୍ପଦ ।

୩) ଶ୍ରୀଚରଣେ – କୃଷ୍ଣଙ୍କ ପାଦତଳେ । ଅନୁଗ୍ରହ-ଦୟା । ଲିହିତ- ଲିଖିତ ଲେଖାହେବା । ଧନକୁ – କୃଷ୍ଣଙ୍କୁ । ଆନଗତି – ଅନ୍ୟ ଉପାୟ । ଦିବ୍ୟଚିତେ – ଭଲମନରେ, ବିହିତ-ଉଚିତ ।

୪) ବନ-ପାଣି । ମୀନ-ମାଛ । ନାଗରମଣି- ରସିକ ପୁରୁଷଶ୍ରେଷ୍ଠ କୃଷ୍ଣଚନ୍ଦ୍ର ।

୫) ନିରବଧି – ସର୍ବଦା । କାମଦେବ – କନ୍ଦର୍ପ । ଅବଳା-ନାରୀ,ବଳହୀନ । ଦାଉ-ପୀଡ଼ା, ଯନ୍ତ୍ରଣା ଯଶ -ସୁନାମ ।

୬) ବିଦେହ – ପଥ-ମରଣର ବାଟ; କାମଦେବଙ୍କ ରାସ୍ତା । ଦଇବ- ବିଧାତା । ନିଲକ୍ଷଣୀ- ହତଭାଗିନୀ ।

୭) ଗୁଣଗ୍ରାହୀ-ଯେ ଗୁଣ ଗ୍ରହଣ କରନ୍ତି; ଏଠାରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ କଥିତ, ତାପ-କଷ୍ଟ, ସନ୍ତାପ । ପ୍ରେମଭୂତ-ପ୍ରେମର ଅଦେହୀ ମାୟା ।

୮) ଦ କଲେ – ଦାନକଲେ । ଭାଷିବ-କହିବ । ଅଭାଗିନୀ – ଭାଗ୍ୟହୀନା । ତାରିଲେ – ଉଦ୍ଧାରିଲେ । ଯଶ – ଖ୍ୟାତି, ସୁନାମ । ଦିଶିବ – ପ୍ରକାଶିତ ହେବ ।

୯) ନାଗର – ଶ୍ରୀକୃଷ୍ଣ । ବିରହକୁ ତୁଳ – ବିରହ ଦୁଃଖ ସହିତ ତୁଳନା' ଘାତ କୋଟି ନାଗର – କୋଟି କୋଟି ନାଗସାପର ଆଘାତ । ବନ୍ଧୁଙ୍କୁ – ଶ୍ରୀକୃଷ୍ଣଙ୍କୁ ଶଠ – ପ୍ରତାରଣା । ଅନ୍ତର – ପର କରିବା ।

୧୦) କୁମୁଦିନୀ - କଇଁ । ବିଧୁର- ଚନ୍ଦ୍ରର । ବିଧୂର-ଦୁଃଖୀ । ନିଶି-ରାତି ।

୧୧) ଭେଳା - ଆଶ୍ରୟ । ଅସୁନ୍ଦର ପାଉଛି - କଷ୍ଟ ପାଉଛି; ଅସୁନ୍ଦର କଥା ହେଉଛି । ନାଥ - ସ୍ୱାମୀ; ଏଠାରେ କୃଷ୍ଣ ଚନ୍ଦ୍ର । ପର - ଶତ୍ରୁ ।

୧୨) ଅଙ୍କୁର - ଗଜାର ଉତ୍ପନ୍ନ । ଘନରସ - ଶୃଙ୍ଗାର ରୂପକ ଜଳ । ବଳୁଛି-ଯାହା ରହୁଛି ।

୧୩) ପ୍ରୀତି ପୁରନ୍ଦର - ପ୍ରଣୟ ରାଜ୍ୟର ଇନ୍ଦ୍ର ଶ୍ରୀକୃଷ୍ଣ । ବାରବାର - ଥରକୁ ଥର । କେହି - କିପରି ।

୧୪) ଘନଶ୍ୟାମ - କାଳିଆ ମେଘ ଏବଂ କାଳିଆ ଶ୍ରୀକୃଷ୍ଣ । ରସ - ଜଳ ଓ ପ୍ରେମାନୁଭୂତି । ପିପାସୀ ଚାତକୀ - ତୃଷାତୁରା ଚି ଚାତକ ପକ୍ଷୀର ମନ; ଅର୍ଥାତ୍ ରାଧାଙ୍କ ମନ । ଚିତା - ଶ୍ମଶାନର ଅଗ୍ନି ।

୧୫) ଶଉରି - ଗତି - ଶନିଚଳନ ଓ ଶ୍ରୀକୃଷ୍ଣଙ୍କ ଆଶ୍ରୟ । ଘନରସ - ମେଘପାଣି; ଶୃଙ୍ଗାର । ଜ୍ୟେଷ୍ଠ ତାପ - ଜ୍ୟେଷ୍ଠ ମାସର ଖରା ଓ ପ୍ରଚଣ୍ଡ ତାପ । ଭାଷିବ - କହିବ । ଦିବ୍ୟ ଅବଧାନ- ସ୍ଥିର ଚି ରେ ଶୁଣିବା ।

୧୬) ଦୟିନୀ - ପ୍ରାର୍ଥନା । ମୋଠା ରୀତିକି - ମୋ ପ୍ରତି ଯେଉଁ ବ୍ୟବହାର କଲେ ସେପରି । ଗୁଣ ବିଚକ୍ଷଣ - ଯାହାର ଗୁଣ ବିଚକ୍ଷଣ ଅଟେ; ଶ୍ରୀକୃଷ୍ଣ ।

୧୭) ନାଥର - ସ୍ୱାମୀଙ୍କର; ଶ୍ରୀକୃଷ୍ଣଙ୍କର । ପ୍ରେମଝଡ଼ା ମନ୍ତର - ପ୍ରେମଛାଡ଼ି ଚାଲିଯିବାର ମନ୍ତ୍ର ।

୧୮) ମୁହୁର୍ମୁହୁ-ବାରମ୍ବାର । ଧନୀ - ଶ୍ରୀରାଧା । କାତର - ବ୍ୟାକୁଳ । ମୋହନ - ଶ୍ରୀକୃଷ୍ଣ । ରସବତୀ - ଶ୍ରୀରାଧା ।

# ନମୁନା ପ୍ରଶ୍ନାବଳୀ

## କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

## (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)

୧) ନାରୀମରା ନୀତିକି କିଏ ଦୀକ୍ଷା କରିଛନ୍ତି ?

(କ) କନ୍ଦର୍ପ (ଖ) ରାମ

(ଗ) କୃଷ୍ଣ (ଘ) ଚନ୍ଦ୍ରସେଣା

୨) ଚନ୍ଦ୍ର ବିନା କାହାର ଗତି ନାହିଁ ?

(କ) ତାରା (ଖ) ଗ୍ରହ

(ଗ) କୁମୁଦ (ଘ) ଚକୋର

୩) କାହା ବିନା ମୀନ ବ ୍ପାରିବ ନାହିଁ ?

(କ) ବନ (ଖ) ଧୀବର

(ଗ) ବଣ (ଘ) ଚାତକ

୪) ଦାସୀକୁ ନାଗରମଣି କେଉଁଠିକୁ ନିକ୍ଷେପ କଲେ ?

(କ) ନଦୀ ଭିତରକୁ (ଖ) ସାଗର ଗର୍ଭକୁ

(ଗ) କାମ ସିନ୍ଧୁ ପାଣିକୁ (ଘ) କୂପ ମଧ୍ୟକୁ

୫) ରାଧାଙ୍କ ହୃଦୟକୁ ନିରବଧି କିଏ ଦହିବ ?

କ) ସୂର୍ଯ୍ୟ (ଖ) ଅଗ୍ନି

(ଗ) କାମଦେବ (ଘ) କୃଷ୍ଣ

୬) କୋଟି ନାଗର ଘାତ କାହା ସହିତ ତୁଳନୀୟ ନୁହେଁ ବୋଲି କବି କହିଛନ୍ତି ।

କ) ପ୍ରେମ (ଖ) ବିରହ

(ଗ) ଶତ୍ରୁତା (ଘ) ବିଶ୍ୱାସ ଘାତକତା

୭) କୁମୁଦିନୀ ବିନା କାହାର ବାଧା ହୋଇନଥାଏ ?

କ) ସୂର୍ଯ୍ୟ (ଖ) ଆକାଶ

(ଗ) ସରସୀ (ଘ) ବିଧୁ

୮) କାଳୀ ହେଲେ ବି ଶଶୀ କାହାପ୍ରତି ଆଦର ତ୍ୟାଗ କରି ପାରେ ନାହିଁ ?

କ) ଆକାଶ (ଖ) ତାରକା

(ଗ) ସାଗର (ଘ) ନିଶି

୯) କୃଷ୍ଣ ହେଳାକଲେ ରାଧାଙ୍କ କି ଭେଳା ବୁଡ଼ିଯାଉଛି ?

(କ) ପ୍ରୀତିଭେଳା (ଖ) ଶାନ୍ତିଭେଳା

(ଗ) କାମଭେଳା (ଘ) ଜୀବନ ଭେଳା

୧୦) ପୁରନ୍ଦର କିଏ ?

(କ) ଚନ୍ଦ୍ର (ଖ) ଇନ୍ଦ୍ର

(ଗ) ଯମ (ଘ) ବରୁଣ ।

୧୧) କାହା ତାପରେ ପ୍ରେମକୃଷି ବ ୍ପାରିବ ନାହିଁ ?

(କ) ବୈଶାଖ (ଖ) ଜ୍ୟେଷ୍ଠ

(ଗ) ଅଗ୍ନି (ଘ) ସୂର୍ଯ୍ୟ

୧୨) ରାଧା କୃଷ୍ଣଙ୍କଠାରୁ କି ମନ୍ତ୍ର ମାଗିବା ପାଇଁ ଦୂତୀକୁ କହିଛନ୍ତି ?

(କ) ପ୍ରୀତି ମନ୍ତ୍ର (ଖ) ବଶୀକରଣମନ୍ତ୍ର

(ଗ) ପ୍ରେମ ଛଡ଼େଇବା ମନ୍ତ୍ର (ଘ) ସମ୍ମୋହନ ମନ୍ତ୍ର

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ରାଧା ଦୂତୀର କର ଧରି କ'ଣ କହିଛନ୍ତି ?

୨) ପ୍ରାଣବନ୍ଧୁଙ୍କୁ କ'ଣ କହିବା ପାଇଁ ରାଧା କହିଛନ୍ତି ?

୩) କାହାକୁ କିଣିଥିଲେ ବିନାଶ କରାଯାଏ ନାହିଁ ।

୪) କୃଷ୍ଣଙ୍କ ଶ୍ରୀଚରଣରେ ରାଧା କ'ଣ ବିକିଛନ୍ତି ?

୫) କାହା ବିନା ଚକୋରର ଅନ୍ୟଗତି ନାହିଁ ?

୬) କାମସିନ୍ଧୁ ପାଣିକି କିଏ କାହାକୁ ପକାଇଦେଲେ ?

୭) ବିଦେହ-ପଥର ଅର୍ଥ କ'ଣ ?

୮) କୃଷ୍ଣଙ୍କର କେଉଁରୀତି ଭାଙ୍ଗିବ ବୋଲି ରାଧା ଦୂତୀକୁ କହିଛନ୍ତି ?

୯) ରାଧାଙ୍କର ସବୁ ପୁଣ୍ୟ କେମିତି ଜାଗିବ ?

୧୦) ବିରହକୁ କ'ଣ ତୁଳ ନୁହେଁ ?

୧୧) ରାଧାଙ୍କ ପ୍ରୀତି ଭେଳା କାହିଁକି ବୁଡ଼ିଯାଉଛି ?

୧୨) ରାଧାଙ୍କୁ କ'ଣ ଜାଳି ଦେଉଛି ବୋଲି ସେ ଦୂତୀକୁ କହିଛନ୍ତି ?

୧୩) ବତାସକୁ କାହା ସହିତ ତୁଳନା କରାଯାଇଛି ?

୧୪) ଜ୍ୟେଷ୍ଠ ତାପରେ କ'ଣ ରହିବ ନାହିଁ ?

୧୫) କୃଷ୍ଣଙ୍କୁ କେଉଁ ମନ୍ତ୍ର ମାଗିବା ପାଇଁ ରାଧା ଦୂତୀକୁ କହିଛନ୍ତି ?

**(ଗ) କ୍ଷୁଦ୍ର ଉ  ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ  ର ଲେଖ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୧ ନମ୍ବର)**

୧) 'ଅବିଧି କୁ କଲେ ଅରଜିବେ କେଉଁ ନିଧିକି' - ର ଅର୍ଥ କ'ଣ ?

୨) କେଉଁ କାରଣରୁ କୃଷ୍ଣଙ୍କ ଅନୁଗ୍ରହ ରାଧାଙ୍କ କପାଳ ଲିହିତ ବୋଲି ସେ କହିଛନ୍ତି ।

୩) ଅବଳା ମାତ୍ରକେ କେଉଁ ଦାଉ ସହିପାରିବେ ନାହିଁ ?

୪) ବିଦେହ ପଥ ସଞ୍ଚାଳି କିଏ ହେବ ବୋଲି ରାଧା କହିଛନ୍ତି ?

୫) ସ୍ନେହ ପରାଧୀନ ହେଲେ ଗୁଣଗ୍ରାହୀଙ୍କର କ'ଣ ହେବ ?

୬) କୃଷ୍ଣଙ୍କ ପାଦଧୂଳି ପାଇଲେ ରାଧାଙ୍କର କ'ଣ ହେବ ?

୭) କୃଷ୍ଣଙ୍କ ଯଶ କେମିତି ରହିବ ବୋଲି ରାଧା କହିଛନ୍ତି ?

୮) କୋଟି ନାଗର ଘାତ କାହାସହିତ ତୁଳନୀୟ ନୁହେଁ ଏବଂ ଏକଥା କିଏ କହିଥିଲେ ?

୯) କାଳୀ ହେଲେ ହେଁ କାହାର ଆଦର କିଏ ତ୍ୟାଗ କରେ ନାହିଁ ?

୧୦) କୃଷ୍ଣ ହେଳା କରିବା ଯୋଗୁଁ ରାଧାଙ୍କର କ'ଣ ବୁଡ଼ିଯାଉଛି ଏବଂ କାହିଁକି ?

୧୧) କେଉଁ ବୀଜ ଅଙ୍କୁରିତ ହୋଇଛି ଏବଂ ତାହା କିଏ ବୁଣିଥିଲେ ?

୧୨) ପ୍ରୀତି ପୁରନ୍ଦର ବୋଲି ରାଧା କାହାକୁ କହିଛନ୍ତି ?

୧୩) କିଏ ଉଦେ ହେଲା ପରେ ମଧ୍ୟ କ'ଣ ବୃଷ୍ଟି ହେଲାନାହିଁ ।

୧୪) କି ଗତି ନ ହେଲେ ଘନ ରସ ସମ୍ଭବ ନୁହେଁ ।

୧୫) ରାଧା ଶ୍ରୀ ଛାମୁଙ୍କ ଠାରୁ କ'ଣ ମାଗିବା ପାଇଁ ଦୂତୀକୁ କହିଛନ୍ତି ?

**(ଘ) ଅଳ୍ପ ଦୀର୍ଘ ଉ   ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ   ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ   ର ପାଇଁ ୨ ନମ୍ବର)**

୧) କିଣିଥିଲେ ବିନାଶନ୍ତେ କେହି ସେବକୀ ? ରାଧା କାହିଁକି ଏ କଥା କହିଛନ୍ତି ?

୨) ଦାସୀକି ପକାଇଦେଲେ କାମ ସିନ୍ଧୁ ପାଣିକି – କିଏ କାହାକୁ କେଉଁ ଅର୍ଥରେ କହିଛନ୍ତି ?

୩) "ଅବଳା ମାତ୍ରକେ ଏତେ ଦାଉ ସହିବ"-କେଉଁ ଦାଉ କଥା କିଏ କହିଛନ୍ତି ?

୪) 'ବିଦେହ-ପଥ ସଙ୍ଖାଳି ପ୍ରାଣଧନ ହୋଇବ'- ଏହାର ଅର୍ଥ ବୁଝାଇ ଦିଅ ।

୫) କୃଷ୍ଣଙ୍କର ପ୍ରେମ ଲୋଭ ରୀତି ନ ଭାଙ୍ଗିଲେ କ'ଣ ହେବ ବୋଲି ରାଧା କହିଛନ୍ତି ?

୬) ଅଭାଗିନୀଙ୍କୁ ତାରିଲେ ଯଶ ସିନା ଦିଶିବ – ଏଠାରେ କି ପ୍ରକାର ତାରିବା ପାଇଁ ରାଧା କୃଷ୍ଣଙ୍କୁ କହିଛନ୍ତି ।

୭) ଘନ ରସ ଆଶା କରି ଏତେ କାଳ ଜୀଇଛି – ଏଠାରେ କି ପ୍ରକାର ଘନରସ ସଂପର୍କରେ କୁହାଯାଇଛି ।

୮) 'ପିପାସୀ-ଚାତକୀ ଚି   ଚିନ୍ତା ଚିତା ଦହିଲା' ଏହାର ଅର୍ଥ ବୁଝାଇ ଦିଅ ।

୯) ଆଉ ମାନଙ୍କୁ କରିବେ ନାହିଁ ମୋଠା ରୀତିକି – କିଏ କେଉଁ ପ୍ରସଙ୍ଗରେ କାହା ଉଦ୍ଦେଶ୍ୟରେ କହିଛନ୍ତି ?

୧୦) 'ଦୂତି ଗୋ, ଏ ଜାତି ରୀତି ପୋଡୁ ପୋଡୁ ପ୍ରୀତିର' – ଏହାର ଅର୍ଥ ବୁଝାଇ ଦିଅ ।

**(ଙ) ଦୀର୍ଘ ଉ   ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ   ର ଲେଖ ।**

୧) ପଠିତ ଛାନ୍ଦ ଅନୁସରଣରେ ରାଧାଙ୍କର ହୃଦୟାବେଗର ସ୍ୱରୂପ ବର୍ଣ୍ଣନା କର ।

୨) ପଠିତ ଛାନ୍ଦରୁ ପ୍ରେମଭକ୍ତିର ସ୍ୱରୂପ ପ୍ରଦାନ କର ।

୩) ପଠିତ ଛାନ୍ଦରୁ କବିଙ୍କ ଭକ୍ତି ଭାବର ପରିଚୟ ଦିଅ ।

୪) ପଠିତ ଛାନ୍ଦରୁ କବିଙ୍କର କବିତ୍ୱ ଓ ରସଚେତନାର ପରିଚୟ ଦିଅ ।

୫) ଏହି କବିତାରେ ଶୃଙ୍ଗାର –ରସର ମନୋଜ୍ଞ ବିଳାସ କିପରି ଘଟିଛି, ଆଲୋଚନା କର ।

୬) ଉକ୍ତ ଛାନ୍ଦରୁ ରାଧାଙ୍କ ସମର୍ପିତ ହୃଦୟର ଚିତ୍ର ପ୍ରଦାନ କର ।

୭) ପଠିତ ଛାନ୍ଦରୁ ରାଧାଙ୍କର ସଖୀ ନିକଟରେ ନିବେଦନର ସ୍ୱରୂପ ବର୍ଣ୍ଣନା କର ।

***

# ଉଠ ନିଶି ପାହିଲା

**ବନମାଳୀ ଦାସ**

ଉଠ ନିଶି ପାହିଲା ଏଥର ହେ ବଂଶୀଧର

ମନ୍ଦିରେ ଡ଼ାକିଲେ ଶୁକ, ବୃକ୍ଷରେ ରାବିଲେ କାକ,

କୁହୁକୁହୁ ରଟେ ପିକ, କୁକୁଟ ଡ଼ାକିଲେ ପରଖର ହେ (୧)

ଡ଼ାକେ ଯଶୋବନ୍ତୀ ଭାଳି, -- ଉଠ ମୋର ବନମାଳୀ ।

ଶ୍ରୀମୁଖ ଦେବି ପଖାଳି, ଝରିରେ ରଖିଛି ବାସନୀର ହେ (୨)

ଅମୃତ ପାଣି କଦଳୀ, --ଲବଣୀ ସଙ୍ଗତେ ଗୋଳି,

ଅଧାମ ଗୋଟିକା ପୁଳି, ଖଣ୍ଡ ସଙ୍ଗେ ଭୁଞ୍ଜାଇବି ସର ହେ (୩)

ଉଠ ରାମ ବାସୁଦେବ, --ଗୋ ଗୋଷ୍ଠେ ଉଛୁର ହେବ,

ଦଧି ଅନ୍ନ ସାଥେ ନେବ, ନଦୀକୂଳେ କରିବ ଆହାର ହେ (୪)

ବାଛୁରୀ ଚରାଇ ଯାଇ, -- କାଲି ପଥଶ୍ରମ ପାଇ;

ଅଳସଇ ଅଛ ଶୋଇ, --ଅଶକତ ହୁଏକି ଶରୀର ହେ (୫)

ସିଂହଦ୍ୱାରେ ଗୋପସୁତ, --ଡାକନ୍ତି ଉଠ ଅଚ୍ୟୁତ;

କେତେ ନିଦ୍ରା ଯାଉ ତୁ'ତ -- ଆକାଶେ ଉଦୟ ଦିନକର ହେ (୬)

ଉଠ ପ୍ରଭୁ ଚକ୍ରଧର, -- ଯିବାକୁ ହେବ ଉଛୁର;

ବନକୁ ଗମନ କର, -- ବନମାଳୀ ଚରଣେ କିଙ୍କର ହେ (୭)

**କବି ପରିଚୟ :**

ଓଡ଼ିଆ ଗୀତି କବିତା ଜଗତରେ ବନମାଳୀ ଦାସ ଥିଲେ ଜଣେ ସିଦ୍ଧହସ୍ତ କବି । ଜଣେ ଉଚ୍ଚକୋଟୀର ସଂଗୀତ ରଚୟିତା ଭାବରେ ତାଙ୍କର ପ୍ରସିଦ୍ଧି ଥିଲା । ତାଙ୍କର ଜନ୍ମସ୍ଥାନ ପୁରୀ ଓ ସେ ଥିଲେ ଜାତିରେ କରଣ । ତାଙ୍କର କୌଳିକ ସଂଜ୍ଞା ଥିଲା ପଟ୍ଟନାୟକ । ବୈଷ୍ଣବ ଦୀକ୍ଷା ଗ୍ରହଣ ପରେ ତାଙ୍କର ଗୁରୁଦ ନାମ ହେଲା ବଲ୍ଲଭାନନ୍ଦ । ମାତ୍ର ପରବ ୀ କାଳରେ ସେ ପରିଚିତ ହେଲେ ବନମାଳୀ ଦାସ ନାମରେ । କବି ପ୍ରଥମେ ଗୃହସ୍ଥ ଥିବାରୁ ତାଙ୍କର ଆଦ୍ୟ ରଚନା ଗୁଡ଼ିକ ଥିଲା ଗ୍ରାମ୍ୟ ରସ ଭି କ ଓ ରସିକତାରେ ପରିପୂର୍ଣ୍ଣ । ପରବ ୀ ସମୟରେ ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ହୋଇ ସେ ନୀଳାଚଳ ନାଥ ଜଗନ୍ନାଥଙ୍କ ଆଶ୍ରିତ ହେଲେ । ତାଙ୍କ ଜୀବନର ଅଧିକାଂଶ ସମୟ କଟିଥିଲା ଶ୍ରୀକ୍ଷେତ୍ରରେ । ଏଣୁ ତାଙ୍କର ପ୍ରାୟ ସମସ୍ତ କବିତା ଭକ୍ତିରସରେ ପରିପୂର୍ଣ୍ଣ ଏବଂ ବୈଷ୍ଣବ-ଚେତନା ସମ୍ବଳିତ । ସେ କୃଷ୍ଣ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ମନେ କରୁଥିଲେ ।

ତାଙ୍କର ସୃଷ୍ଟି ସଂପଦ ମଧ୍ୟରେ ଅଛି ଅନେକାନେକ ଜଣାଣ ଓ ଭଜନ । ବିଶେଷ କରି ବୈଷ୍ଣବ ପଦାବଳୀ ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ତାଙ୍କର ବୈଷ୍ଣବ କବିତା ସବୁ ବୈଷ୍ଣବ ପଦାବଳୀ ନାମରେ ପ୍ରକାଶିତ । ଏହାଛଡ଼ା ତାଙ୍କର ସଚିତ୍ର ରାମାୟଣ ନାମକ ଏକ ଗ୍ରନ୍ଥ ଥିବାର ଜଣାଯାଏ ଯାହାକୁ ସେ ସଂସ୍କୃତ 'ରାମାୟଣ ଚମ୍ପୂ ଛାୟାରେ ରଚନା କରିଥିଲେ । ଆହୁରି ମଧ୍ୟ ବନମାଳୀ ଦାସଙ୍କ ନାମରେ 'ଚାଟ ଇଚ୍ଛାବତୀ' ଓ 'ବନମାଳୀ ରାହାସ' ନାମରେ ଦୁଇଖଣ୍ଡ ବହି ମିଳେ । ହେଲେ ଗୀତିକାର କବି ବନମାଳୀ ଓ କାବ୍ୟକାର ବନମାଳୀ ଏକ ବ୍ୟକ୍ତି କି ନୁହନ୍ତି, ତାହା ଏ ଯାବତ୍ ବିବାଦୀୟ ହୋଇ ରହିଛି ।

**ବିଷୟ ପ୍ରବେଶ :**

ବୈଷ୍ଣବ ଧର୍ମରେ ବାତ୍ସଲ୍ୟ ଭାବର ଅନେକ ଗୁରୁତ୍ୱ ରହିଛି । ଶ୍ରୀକୃଷ୍ଣଙ୍କ ପ୍ରତି ଜନନୀ ଯଶୋଦାଙ୍କର ଗଭୀର ମମତା ଏହି ବିମଳ ଭାବର ପ୍ରକାଶ କରିଥାଏ । ଯଶୋଦାଙ୍କର ମାତୃ ହୃଦୟର ଗଭୀର ପୁତ୍ରପ୍ରୀତି, ଚକ୍ଷୁରୁ ଅନ୍ତର ମାତ୍ରକେ ହୃଦୟରେ ଅତିଶୟ

ଉଦ୍‌ବେଳନ ଓ ପୁତ୍ରର ସମସ୍ତ ଗୁଣାବଳୀ ସ୍ମରଣ ଇତ୍ୟାଦି ବର୍ଣ୍ଣନା ବୈଷ୍ଣବ କାବ୍ୟ ଓ କବିତାରେ ବାତ୍ସଲ୍ୟ ରସର ମନୋଜ୍ଞ ପ୍ରବାହ ସୃଷ୍ଟିକରି ଭକ୍ତ ପ୍ରାଣକୁ ସର୍ବଦା ଆନନ୍ଦ ବିମୁଗ୍ଧ କରିଥାଏ । ବୈଷ୍ଣବ କବି ବନମାଳୀ ତାଙ୍କର ଅନେକ ପଦାବଳୀରେ ଏହି ବାତ୍ସଲ୍ୟଭାବର ବର୍ଣ୍ଣନା କରି ତାଙ୍କର ବଳିଷ୍ଠ ଭକ୍ତିମ ।ର ପରିଚୟ ପ୍ରଦାନ କରିଛନ୍ତି ।

ନିଶିଅନ୍ତେ ପ୍ରଭାତର ଆଗମନ ହୋଇଛି । ଶୁକ, କାକ, ପିକ ଓ କୁକ୍‌କୁଟ ତାଙ୍କର ରାବରେ ପ୍ରଭାତର ସୂଚନା ପ୍ରଦାନ କରିଛନ୍ତି । ଆଦର କଣ୍ଠରେ ମାତା ଯଶୋବନ୍ତୀ ଡ଼ାକ ଦେଉଛନ୍ତି – "ଉଠ ମୋର ବନମାଳୀ, ବାସ ନୀରରେ ତୁମର ଶ୍ରୀମୁଖ ପଖାଳି ଦେବି । ନିଜ ହାତରେ ଅଧାମ ଗୋଟିକା ଲବଣୀ, ସର, ପୁଳି ଓ କଦଳୀ ଭୁଞ୍ଜାଇ ଦେବି । ଉଠ ରାମ ବାସୁଦେବ ତେଣେ ଗୋଗୋଷ୍ଠ ଉଚ୍ଛୁର ହୋଇଯିବ । କାଲିର ପଥଶ୍ରମ ପାଇଁ ଶରୀର ଅଶକତ ହୋଇ ପଡ଼ିଛିକି ? ସେଥିପାଇଁ ଅଳସରେ ନିଦ୍ରା ଯାଇଛ । ଗୋପ ବାଳକ ମାନେ ଡ଼ାକ ଦେଲେଣି । ଆକାଶରେ ଦିନକର ଉଦୟ ହେଲେଣି ଆଉ କେତେ ନିଦ୍ରା ଯିବ ? ନିଦ୍ରାଭାଙ୍ଗି ଏବେ ଦିନରେ କାର୍ଯ୍ୟ ପାଇଁ ପ୍ରସ୍ତୁତି ହୁଅ" । ବାସ୍ତବରେ ବାତ୍ସଲ୍ୟ ଭାବାଶ୍ରିତ କବିଙ୍କର ଏହି ବର୍ଣ୍ଣନା ଅତ୍ୟନ୍ତ ହୃଦୟସ୍ପର୍ଶୀ ।

**କଠିନ ଶବ୍ଦାର୍ଥ :**

ପିକ – କୋଇଲି

କୁକୁଟ – କୁକୁଡ଼ା

ପରଖର – ପ୍ରଖର

ଯଶୋବନ୍ତୀ – ଯଶୋଦା

ପଖାଳିବା – ଧୋଇଦେବା

ଝରି – ପାତ୍ର ବିଶେଷ

ବାସ ନୀର – ବାସ୍ନାଯୁକ୍ତ ପାଣି

ଗୋ ଗୋଷ୍ଠ – ଗାଇଗୋଠ

ଅଶକତ–କ୍ଳାନ୍ତ

# ନମୁନା ପ୍ରଶ୍ନାବଳୀ

## କ) ବିକଳ୍ପ ସହ ସମ୍ଭାବ୍ୟ ଉ   ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ   ର ବାଛି ଲେଖ)

୧) ମନ୍ଦିରରେ କିଏ ଡ଼ାକ ଦେଲା ?

(କ) ପିକ (ଖ) ଶୁକ

(ଗ)ଶାରୀ (ଘ) କଜ୍ଜଳପାତି

୨) ବୃକ୍ଷରେ କିଏ ରାବିଲା ?

(କ)ପିକ (ଖ) ବକ

(ଗ) ଡ଼ାହୁକ (ଘ) ଶୁକ

୩) କେଉଁମାନେ ପ୍ରଖର ଭାବରେ ଡ଼ାକ ଛାଡ଼ିଲେ ?

(କ) କୁମ୍ଭାଟୁଆ (ଖ) ଖଞ୍ଜନ

(ଗ) ବଣି (ଘ) କୁକ୍କୁଟ

୪) କେଉଁଥିରେ କୃଷ୍ଣଙ୍କ ଶ୍ରୀମୁଖ ପଖାଳିବେ ବୋଲି ଯଶୋଦା କହିଛନ୍ତି ?

(କ) କ୍ଷୀର (ଖ) ଦଧି

(ଗ)ବାସନୀର (ଘ) ମହୁ

୫) ନଦୀ କୂଳକୁ କ'ଣ ନେଇ କୃଷ୍ଣ ଆହାର କରିବେ ?

(କ) ଲବଣୀ (ଖ) ସର

(ଗ) ଅଧାମ (ଘ) ଦଧିଅନ୍ନ

୬) ଶୀଘ୍ର ଶଯ୍ୟାତ୍ୟାଗ ନ କଲେ କ'ଣ ଉଛୁର ହୋଇଯିବ ?

(କ)ବଣକୁ ଯିବା (ଖ) ଖେଳିବାକୁ ଯିବା

(ଗ) ଗୋ ଗୋଷ୍ଠ ନେଇଯିବା (ଘ) ଯମୁନାକୁ ଯିବା

୭) ସିଂହଦ୍ୱାରରେ କିଏ ଡ଼ାକୁଛନ୍ତି ?

(କ)ଗୋପନାରୀ (ଖ) ଯଶୋଦା

(ଗ) ଗୋପସୁତ (ଘ) ରାଧିକା

୮) ଦିନକର କାହାକୁ କହନ୍ତି ?

(କ) ସୂର୍ଯ୍ୟ (ଖ) ଚନ୍ଦ୍ର

(ଗ) ତାରା (ଘ) ଗ୍ରହାଣୁ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ।**

୧) ମନ୍ଦିର ଓ ବୃକ୍ଷରେ କିଏ କିଏ ଡ଼ାକ ଦେଲେ ?

୨) ପ୍ରଖର ରାବ କାହାର ବୋଲି ଦର୍ଶାଯାଇଛି ?

୩) କୃଷ୍ଣଙ୍କର ମୁଖ ପଖାଳିବାକୁ ଯଶୋଦା କ'ଣ ରଖିଛନ୍ତି ?

୪) କଦଳୀ ସହିତ କ'ଣ ଗୋଳିକରି ଯଶୋଦା କୃଷ୍ଣଙ୍କୁ ଦେବେ ବୋଲି କହିଛନ୍ତି ?

୫) ଖଣ୍ଡ ସହିତ କ'ଣ ମିଶାଇ ଯଶୋଦା କୃଷ୍ଣଙ୍କୁ ଭୁଞ୍ଜାଇବେ ?

୬) କ'ଣ ପାଇଁ ପଥଶ୍ରମ ହୋଇଥିବ ବୋଲି ଯଶୋଦା କହିଛନ୍ତି ।

୭) ଅଶକତ ହୁଏ କି ଶରୀର' କିଏ କାହାକୁ କାହିଁକି କହିଛନ୍ତି ?

୮) ଦିନକର ର ଅର୍ଥ କ'ଣ ?

**(ଗ) କ୍ଷୁଦ୍ର ଉ  ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ  ର ଲେଖ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୧ ନମ୍ବର)**

୧) 'ଉଠ ନିଶି ପାହିଲା' ର କବି କିଏ ? ତାଙ୍କ ନାମ ଲେଖ ?

୨) ନିଶି ଶେଷରେ କେଉଁ କେଉଁ ପକ୍ଷୀ କେଉଁ କେଉଁଠାରେ ଡ଼ାକ ଦେଲେ ?

୩) କୃଷ୍ଣଙ୍କ ଶ୍ରୀମୁଖ ସେ କିପରି ପଖାଳିବେ ବୋଲି ଯଶୋଦା କହିଛନ୍ତି ?

୪) କ'ଣ କ'ଣ ଖାଦ୍ୟ ଗୋଳିକରି ଯଶୋଦା କୃଷ୍ଣଙ୍କୁ ଖୁଆଇବେ ବୋଲି କହିଛନ୍ତି ?

୫) କୃଷ୍ଣ କାହିଁକି ଆଶଙ୍କିତ ହୋଇଯାଇଛନ୍ତି ବୋଲି ଯଶୋଦା ଭାବୁଛନ୍ତି ?

**(ଘ) ଅଳ୍ପ ଦୀର୍ଘ ଉ  ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ  ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୨ ନମ୍ବର)**

୧) କୃଷ୍ଣ ଉଠିଲେ ତାଙ୍କ ମୁଖ ଯଶୋଦା କିଭଳି ପଖାଳିବେ ବୋଲି କହିଛନ୍ତି ?

୨) କି' କି ଖାଦ୍ୟ ଦେବାର ଲୋଭ ଦେଖାଇ ଯଶୋଦା ଶ୍ରୀକୃଷ୍ଣଙ୍କୁ ନିଦ୍ରାରୁ ଜାଗ୍ରତ କରାଇବାର ପ୍ରଚେଷ୍ଟା କରିଛନ୍ତି ?

୩) କୃଷ୍ଣଙ୍କୁ ପଥଶ୍ରମ ହୋଇଥିବ ବୋଲି ଯଶୋଦା କାହିଁକି ଭାବୁଛନ୍ତି ?

୪) ସିଂହଦ୍ୱାର ରେ ଗୋପସୁତ ମାନେ କୃଷ୍ଣଙ୍କୁ ଡ଼ାକି କ'ଣ କହିଛନ୍ତି ?

୫) କବିତାର ଶେଷରେ କବି ବନମାଳୀ ଭକ୍ତି ଭାବରେ କ'ଣ କହିଛନ୍ତି ?

**(ଙ) ଦୀର୍ଘ ଉ  ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ  ର ଲେଖ ।**

୧) ଉଠ ନିଶି ପାହିଲା ଏଥର କବିତାର ଭାବ ଧର୍ମ ବିଶ୍ଳେଷଣ କର ।

୨) ଉଠ ନିଶି ପାହିଲା କବିତାରୁ କବିଙ୍କ ଭକ୍ତିମ  ାର ପରିଚୟ ଦିଅ ।

୩) ସରଳ ଓ ଆବେଗମୟ ଶବ୍ଦ ବିନ୍ୟାସ ଉକ୍ତ ଗୀତିକାକୁ ଅତ୍ୟନ୍ତ ଜୀବନ୍ତ କରି ତୋଳିଛି ଆଲୋଚନା କର ।

୪) ଉକ୍ତ ଗୀତିକାରେ ଯଥାର୍ଥ ଭାବରେ ମାତୃ ହୃଦୟର କମନୀୟ ଆବେଗ ପରିସ୍ଫୁଟିତ ହୋଇଛି, ଆଲୋଚନା କର ।

୫) ପଠିତ କବିତାରେ ବାତ୍ସଲ୍ୟରସର ପରିସ୍ଫୁରଣ କିପରି ହୋଇଛି ଆଲୋଚନା କର ।

***

# ତାଙ୍କୁ କିଏ ବୋଲୁଥାଇ ଗୋ

ଗୌର ଚରଣ ଅଧିକାରୀ

ତାଙ୍କୁ କିଏ ବୋଲୁଥାଇ ଗୋ ପରମ ଦୟାଳୁ ହରି ।
କାହିଁ ଦେଖି ଅଛ ମାମୁଙ୍କୁ ଭଣଜା
ଜୀବନେ ପକାଏ ମାରି । ଘୋଷା ।
କାକ କୋଳେ ପିକ ପାଳିଲା ପରାୟେ
ସେବିଥିଲେ ଗୋପନାରୀ
ପୋଷନ୍ତା ଥଳକୁ ଛାଡ଼ି ପଳାଇଲେ
ରହିଲେ ମଥୁରା ପୁରୀ ।୧ ।
ବିଭା ଲୋଭେ ଶିଶୁ- ପାଳ ବୀର ଆସି
ଥିଲା ବର ବେଶ ଧରି ।
ଚଣ୍ଡୀ ପୁରୁ ଭଣ୍ଡି କନ୍ୟା ଘେନିଗଲେ
ଲାଜରେ ସେ ଗଲା ଫେରି ।୨ ।
ରାମ ଅଭିରାମ ରୂପ ଦେଖି କାମ
ଲୋଭେ ସୂର୍ପଣଖା ନାରୀ
ଆସିଥିଲା ଆଶା- କରି ତାହା ନାସା
କାଟି କଲେ ହତଶିରୀ ।୩ ।
ବୈିଲୋଚନ ବୋଲି ଏକ ବୀର ଥିଲା
ହେଲେ ତାର ମନୋହାରୀ

କୂଟ କରି ଚୁଟି ଓପାଡ଼ି ତାହାକୁ
କେଶ କାଟ ଦେଖି ମାରି ।୪।
କାନନ ମଧ୍ୟରୁ ଜନକ ସୂତାକୁ
ରାବଣ ଯେ ନେଲା ହରି
ବିନା ଦୋଷେ ସିନ୍ଧୁ ବାନ୍ଧି ପକାଇଲେ
ବାଳିକି ବିନାଶ କରି ।୫।
ବଳି ମନ୍ଦିରକୁ ଛଳି ବିଜେକଲେ
ବାମନ ମୂରତି ଧରି
ଭୀକାରି ହୋଇଣ ଧିକାରି ଚାପିଲେ
ରଖିଲେ ପାତାଳି ପୁରୀ ।୬।
ଜଳନ୍ଧର ବୀର ଶାଳକ ତାଙ୍କର
ଭାବେ ରହି ତାର ପୁରୀ
ହରି ତା ସତୀକି ପୁଣି ତା ପତିକି
ହର କରେ ବଧ କରି ।୭।
ପାଣ୍ଡବେ ତାଙ୍କର ସୁହୃଦ ବାନ୍ଧବ
ଜାଣନ୍ତି ଏ ତିନି ପୁରୀ
ଭୀମ ସୁତ ବେଲା - ବଳୀକି ମାଇଲେ
କେଉଁ ଅବିଗୁଣ ଧରି ।୮।

ପୁତ୍ର ହତ ଶୁଣି ଗୁରୁ ଦ୍ରୋଣ ପୁଣି
ପଡ଼ିଥିଲେ ଜ୍ଞାନ ହାରି
ମାର ବୋଲି ଧୃଷ୍ଟ - ଦ୍ୟୁମନଙ୍କୁ ପରା
ଦେଖି ଦେଲେ ଆଖି ଠାରି । ୯ ।
ରାସ ମଣ୍ଡଳରୁ ବ୍ରଜ ଦେବୀଙ୍କି ଯେ
ଘେନି ଗଲେ ଭୁଜ ଧରି ।
ଏକା କରି ଗିରି ଟେକା ଛାଡ଼ି ଗଲେ
କନ୍ଧରୁ ପକାଇ କରି । ୧୦ ।
ଶୁକ୍ର ଠାରେ ବକ୍ର ହୋଇ କୁଶ ମୁନ
ଭୁସି ଦେଲେ ସ୍ଥିର କରି
ବ୍ରାହ୍ମଣକୁ କଣା କଲେ କାହିଁ ପାଇଁ
କେଉଁ ଅବିଗୁଣ ଧରି । ୧୧ ।
ଯେଉଁ ଗୋରୁ ହତ୍ୟା ଈଶ୍ୱରେ ଲାଗିଲା
ଗଲେ କୈଳାସୁଁ ବାହାରି
କଉତୁକେ ଷଣ୍ଡା - ସୁରକୁ ମାଇଲେ
ପାପପୁଣ୍ୟ ନ ବିଚାରି । ୧୨।
ଆମ୍ଭେ ଗୋପୀମାନେ ଯମୁନାରେ ଦିନେ
କରୁଥିଲୁଁ ଜଳକେଳି

ବସନ ଚୋରାଇ ବୃକ୍ଷରେ ବାନ୍ଧିଲେ
ମହତ ନେଲେ ଆମ୍ଭରି । ୧୩ ।
ଗଉର ଚରଣ ବୋଲେ ଗୋପୀଗଣ
ହରିଙ୍କି ନିନ୍ଦା ନ କରି
ଜଗତ ଯାକର ପ୍ରଭୁ ସେ ଅଟନ୍ତି
ମହାମହିମା ତାଙ୍କରି । ୧୪ ।

**କବି ପରିଚୟ :**

**ଗୌରଚରଣ ଅଧିକାରୀ (୧୮୧୪-୧୮୯୦)**

କବି ଗୌରଚରଣ ଅଧିକାରୀଙ୍କର ଜନ୍ମ ହୋଇଥିଲା ଖୋର୍ଦ୍ଧା ନିକଟବ ୍ତୀ ଲେହେଙ୍ଗା ଗ୍ରାମରେ । ମାତ୍ର ସେ ବୈଷ୍ଣବ ଦୀକ୍ଷା ଗ୍ରହଣ କଲାପରେ ନିଜର ଅବଶିଷ୍ଟ ଜୀବନ ପୁରୀରେ କାଟିଥିଲେ । ସେ ଜଣେ ଉଚ୍ଚକୋଟୀର ସଂଗୀତ ରଚୟିତା ଥିଲେ । ବିଶେଷକରି ଓଡ଼ିଆ ବୈଷ୍ଣବ ପଦାବଳୀ ସାହିତ୍ୟକୁ ତାଙ୍କର ଅବଦାନ ଅବିସ୍ମରଣୀୟ । ସେ ଜଣାଣ, ଭଜନ, ମନଃଶିକ୍ଷା, ଚୌପଦୀ ପ୍ରଭୃତି ରଚନା କରି ଓଡ଼ିଆ 'ଭକ୍ତି ଗୀତିକା'ର ବିଭିନ୍ନ ବିଭାଗକୁ ପରିପୁଷ୍ଟ କରି ଯାଇଛନ୍ତି । ଏସବୁ ଭିତରେ ଜଣେ ଭକ୍ତର ଐକାନ୍ତିକ ଆବେଗ ଓ ବ୍ୟାକୁଳତା ଲକ୍ଷ୍ୟ କରାଯାଏ । ସରଳ ଓ ସାବଲୀଳ ଭାଷାରେ ରଚିତ ତାଙ୍କର ସଂଗୀତ ସମୂହରେ କୃଷ୍ଣ ଭକ୍ତିର ନବଦିଗନ୍ତ ଉଦ୍ ଘାଟିତ ହୋଇଛି । ତାଙ୍କର ଭକ୍ତି ଗୀତିକା ଗୁଡ଼ିକ ଓଡିଶାର ସାଧାରଣ ଜନତା ଓ କୀ ୍ତନ ମଣ୍ଡଳୀରେ ବିଶେଷ ଭାବରେ ଆଦୃତ ।

'ତାଙ୍କୁ କିଏ ବୋଲୁଥାଇ ଗୋ' ତାଙ୍କର ଏକ ଛଳୋକ୍ତି ଭଜନ । ଏହି ଗୀତିକାଟି ବେଶ୍ ଲୋକପ୍ରିୟ ହୋଇପାରିଛି । ଏଥିରୁ କବିଙ୍କର ଆଧାତ୍ମିକ ଭାବନା ସହିତ ପୁରାଣ ପ୍ରଜ୍ଞାର ମଧ୍ୟ ପରିଚୟ ମିଳିଥାଏ । ଭଗବାନ୍ କିପରି ଛଳନାରେ ଭକ୍ତମାନଙ୍କୁ ଉଦ୍ଧାର କରିଥାନ୍ତି ବିଭିନ୍ନ ପୁରାଣରୁ ଉଦାହରଣମାନ ସଂଗ୍ରହ କରି କବି ଏଥିରେ ସଂଯୋଜନା

କରିଛନ୍ତି । ଓଡ଼ିଆ ଭଜନର ଏହା ଏକ ଅଭିନବ ରୂପ । ଏହା ଏକ ଛଳୋକ୍ତି ଭଜନ ହେଲେ ମଧ୍ୟ ପରୋକ୍ଷରେ କବି ଶ୍ରୀକୃଷ୍ଣଙ୍କର ଗୁଣଗାନ କରି ତାଙ୍କର ଅଶେଷ ଭକ୍ତିମ ାର ପରିଚୟ ଦେଇଛନ୍ତି । ଶ୍ରୀକୃଷ୍ଣଙ୍କର ଲୀଳା କୀ ିନ ଓ ମହିମା ଗାନ ସହିତ ଏଥିରେ କବିଙ୍କର ବଳିଷ୍ଠ କବିତ୍ୱର ଆବେଗ ମଧ୍ୟ ସଫଳ ରୂପେ ପ୍ରତିପାଦିତ ହୋଇଛି ।

**ବିଷୟ ପ୍ରବେଶ :**

ଗୋପୀମାନେ ଶ୍ରୀକୃଷ୍ଣଙ୍କର ପରମ ସାନ୍ନିଧ୍ୟରୁ ବଂଚିତା ହୋଇ ମର୍ମାହତ ହୋଇପଡ଼ିଛନ୍ତି । ତେଣୁ ସେମାନେ ଶ୍ରୀକୃଷ୍ଣଙ୍କର ସମସ୍ତ ଲୀଳାର ବିପରୀତ ଭାବକୁ ମନନ କରି ତାଙ୍କର ପରମ ଦୟାଳୁ ନାମକୁ ଗ୍ରହଣ କରି ପାରିନାହାନ୍ତି । ଦୁରାଚାରୀ କଂସକୁ ବିନାଶ କରି ଶ୍ରୀକୃଷ୍ଣ ଧରାଭାରକୁ ଉଶ୍ୱାସ କରିଛନ୍ତି । କିନ୍ତୁ ତାଙ୍କର ଏହି ଲୀଳାର ବିପରୀତ ଭାବକୁ ଦର୍ଶାଇ ଭଣଜା ହୋଇ କେହି କ'ଣ ମାମୁର ଜୀବନ ନାଶ କରେ ବୋଲି ଗୋପୀମାନେ ଅଭିମାନ ଭରା ଅଭିଯୋଗ ବାଢ଼ିଛନ୍ତି । କେତେ ଆଦର ଯତ୍ନରେ ଗୋପୀକୁଳ ତାଙ୍କୁ ପରିପାଳନ କରିଥିଲେ କିନ୍ତୁ କାକକୋଳକୁ କୋଇଲି ତ୍ୟାଗ କଲାପରି କୃଷ୍ଣ ଗୋପୀମାନଙ୍କୁ ତ୍ୟାଗ କରି ମଥୁରାପୁରୀରେ ଯାଇ ରହିଲେ । ସେହିପରି ବିବାହ ବେଦୀରୁ ଶିଶୁପାଳଙ୍କୁ ଫେରାଇ କନ୍ୟା ରୁକ୍ମିଣୀଙ୍କୁ ହରଣ କରିବା, ସୂର୍ପଣଖାର ଆଶାକୁ ଚୂର୍ଣ୍ଣ କରି ତା'ର ନାସାକର୍ଣ୍ଣ ଛେଦନ କରାଇ ତା'କୁ ହତଶିରୀ କରିବା ଆଦୌ ତାଙ୍କର ଦୟାପଣର ନିଦର୍ଶନ ନୁହେଁ । କେଶ ଉତ୍ପାଟନ କରି ସେ ବୈଲୋଚନ ପରି ବୀରକୁ ମଧ୍ୟ ବଧ କରିଛନ୍ତି । ପ ବଟୀ ବନରୁ ରାବଣ ସୀତାଙ୍କୁହରଣ କରିନେବା ପରେ ସେ ବିନାଦୋଷରେ ବାଳିକୁ ବିନାଶ କରି ସିନ୍ଧୁ ବାନ୍ଧି ରାବଣକୁ ବଧ କରିଛନ୍ତି । ବାମନ ରୂପଧରି ଛଳନା କରି ବଳିକୁ ପାତାଳକୁ ପ୍ରେରଣ କରିଛନ୍ତି । ଜଳନ୍ଧର ପତ୍ନୀର ସତୀତ୍ୱ ହରଣ କରି ତା'ର ପତି ଜଳନ୍ଧରକୁ ଶିବଙ୍କ ହସ୍ତରେ ନିଧନ କରାଇଛନ୍ତି । ପାଣ୍ଡବମାନେ ତାଙ୍କର ସୁହୃଦ ବାନ୍ଧବ ହୋଇଥିଲେ ମଧ୍ୟ ଭୀମ ସୁତ ବେଲାଳସେନକୁ ଛଳନାରେ ସେ ବଧ କରିଛନ୍ତି । ପୁତ୍ରଶୋକରେ ସଂଜ୍ଞା ରହିତ ଗୁରୁ ଦ୍ରୋଣଙ୍କୁ ମଧ୍ୟ ଅନ୍ୟାୟ ଭାବରେ ଧୃଷ୍ଟଦ୍ୟୁମ୍ନ ଦ୍ୱାରା ବଧ କରାଇଛନ୍ତି । ରାସ ମଣ୍ଡଳୀରୁ ବ୍ରଜ ଦେବୀଙ୍କୁ ଆଲିଙ୍ଗନ ପାଶରେ ଅନ୍ୟତ୍ର ନେଇ ନିର୍ଜନ ସ୍ଥାନରେ ତାଙ୍କୁ ଅସହାୟ କରି ନିକ୍ଷେପ କରିଛନ୍ତି ।

ଶୁକ୍ରାଚାର୍ଯ୍ୟଙ୍କଠାରେ ଶତ୍ରୁଭାବ ଆଚରଣ କରି କୁଶ ମୁନରେ ତାଙ୍କର ଚକ୍ଷୁ ନଷ୍ଟ କରିଛନ୍ତି । ଗୋହତ୍ୟା ପାପପାଇଁ ଈଶ୍ୱରଙ୍କୁ କୈଳାସ ତ୍ୟାଗ କରିବାକୁ ପଡ଼ିଥିଲା । କିନ୍ତୁ ପାପପୁଣ୍ୟ ବିଚାର ନ କରି ସେ ଷଣ୍ଢାସୁରକୁ ନିପାତ କରିଛନ୍ତି । ଯମୁନାରେ ସ୍ନାନ କାଳରେ ଗୋପୀମାନଙ୍କର ବସ୍ତ୍ର ହରଣ କରି ସେମାନଙ୍କୁ ଲଜ୍ଜିତ କରିଛନ୍ତି । ଏହିପରି ଅଭିମାନ ଭରା ଅଭିଯୋଗ ମାଧ୍ୟମରେ ଶ୍ରୀକୃଷ୍ଣଙ୍କର ନିନ୍ଦାଗାନ କରିବାକୁ ଯାଇ ପ୍ରକାରାନ୍ତରେ କବି ତାଙ୍କର ପରମ ଦୟାଳୁ ଭାବକୁ ପ୍ରତିପାଦିତ କରିବାକୁ ସତତ ଚେଷ୍ଟିତ ହୋଇଛନ୍ତି । ବ୍ୟାଜସ୍ତୁତି ଅଳଙ୍କାର ପ୍ରୟୋଗ କବିତାଟିକୁ ସରସ କରିଛି ।

## କଠିନ ଶବ୍ଦାର୍ଥ :

ମାମୁ ଭଣଜା – କଂସ ଓ କୃଷ୍ଣ,

କାକ-କୁଆ, ପିକ-କୋଇଲି

ଶିଶୁପାଳ – ଚେଦୀ ନରେଶ । ରୁକ୍ମିଣୀଙ୍କୁ ବିବାହ କରିବା ଉଦ୍ଦେଶ୍ୟରେ ଯାଇ ବିଫଳ ହୋଇ ଫେରିଥିଲେ ।

ଚଣ୍ଡୀପୁର –ଦେବୀ ମନ୍ଦିର । ରୁକ୍ମିଣୀ ବିବାହପୂର୍ବରୁ ଦେବୀ ଦର୍ଶନ ପାଇଁ ଯାଇଥିବା ବେଳେ କୃଷ୍ଣଙ୍କ ଦ୍ୱାରା ଅପହୃତା ହୋଇଥିଲେ ।

ଅଭିରାମ-ସୁନ୍ଦର,

ସୂର୍ପଣଖା-ରାବଣର ଭଉଣୀ ।

ବୈଲୋଚନ – ଅସୁର ରାଜା ବଳିଙ୍କର ପିତା । ଭଗବାନ ବିଷ୍ଣୁ ତା'ର ପତ୍ନୀର ଛଦ୍ମବେଶରେ ଆସି ତା'ର ଆୟୁଷ ବାଳକୁ ଓପାଡି ତାକୁ ବଧ କରିଥିଲେ ।

ବାଳି – ସୁଗ୍ରୀବଙ୍କ ବଡ଼ ଭାଇ । ରାମ ଅବତାରରେ ବିଷ୍ଣୁ ତାଙ୍କୁ କପଟରେ ବଧ କରିଥିଲେ ।

ବଳି – ଅସୁର ରାଜା ବଳି ମହାଦାନୀ ଥିଲେ । ଭଗବାନ ବିଷ୍ଣୁ ବାମନ ଅବତାରରେ ତାଙ୍କଠାରୁ ଦାନ ମାଗିବା ଛଳରେ ତାଙ୍କୁ ପାତାଳକୁ ପ୍ରେରଣ କରିଥିଲେ ।

ଜଳନ୍ଧର – ଜଳନ୍ଧରଶିବଙ୍କ କୋପାଗ୍ନିରୁ ସମୁଦ୍ରରେ ଜନ୍ମିଥିଲା । ଏଣୁ ସେ ସମୁଦ୍ର କନ୍ୟା ଲକ୍ଷ୍ମୀଙ୍କର ଭାତୃ ସ୍ୱରୂପ । ସୁତରାଂ ସେ ବିଷ୍ଣୁଙ୍କର ଶାଳକ ରୂପେ ଏଠାରେ ବର୍ଣ୍ଣିତ ।)

ବେଳାବଳୀ – ଭୀମପୁତ୍ର ବେଲାଲସେନ । କୃଷ୍ଣ ଚକ୍ରାନ୍ତ କରି ତାଙ୍କୁ ବଧ କରିଥିଲେ

ଦ୍ରୋଣ ପୁତ୍ର – ଅଶ୍ୱତ୍ଥାମା

ରାସ ମଣ୍ଡଳୀ – ରାସ କ୍ରୀଡା ସ୍ଥଳରେ ରାସ କରୁଥିବା ଗୋପୀବୃନ୍ଦ ।

ବ୍ରଜଦେବୀ – ଜନୈକ ଗୋପିକା । କୃଷ୍ଣ ରାସ ସ୍ଥଳୀରୁ ତାଙ୍କ ବାହୁଧରି ତାଙ୍କୁ ଅନ୍ୟତ୍ର ନେବା ସମୟରେ ସେ ଅହଂକାର ପରବଶ ହୋଇ କୃଷ୍ଣଙ୍କ କାନ୍ଧରେ ବସିବାକୁ ଚାହିଁଲା । କୃଷ୍ଣ ତା'କୁ କାନ୍ଧରେ ବସାଇ ତା'ର ଗର୍ବ ଗଞ୍ଜନ କରିବା ଉଦ୍ଦେଶ୍ୟରେ ତା'କୁ ନିର୍ଜନ ସ୍ଥାନରେ ନିକ୍ଷେପ କରି ଚାଲି ଯାଇଥିଲେ ।

ଗିରିଟେକା – ଶ୍ରୀକୃଷ୍ଣ (ଗୋବର୍ଦ୍ଧନ ଗିରିକୁ ଟେକିଥିଲେ)

ଶୁକ୍ରାଚାର୍ଯ୍ୟ – ଦାନବ ଗୁରୁ । ବଳି ରାଜା ଦାନଦେବା ଉଦ୍ଦେଶ୍ୟରେ ବାମନଙ୍କୁ ଜଳ ଟେକିବା ସମୟରେ ଶୁକ୍ରାଚାର୍ଯ୍ୟ କୀଟ ରୂପରେ କମଣ୍ଡଳୁର ଛିଦ୍ରକୁ ବନ୍ଦ କରିଦେଲେ । ବାମନ ଏହା ଜାଣିପାରି କୁଶାଗ୍ର ମୁନ ସେହି ଛିଦ୍ରରେ ପୂରାଇବା ସମୟରେ ଶୁକ୍ରାଚାର୍ଯ୍ୟଙ୍କର ଚକ୍ଷୁରେ ତାହା ବିଦ୍ଧ ହେଲା ଏବଂ ସେ କଣା ହୋଇଗଲେ ।

ଈଶ୍ୱରଙ୍କୁ ଗୋରୁହତ୍ୟା ଦୋଷ ଲାଗିବା – ଏକଦା ବେଦ ସ୍ୱରୂପା କପିଳା ଗାଈ ତପସ୍ୟାରତ ଶିବଙ୍କ କୁଶବିଡ଼ା ଖାଇଦେବାରୁ ମହାଦେବ ତ୍ରିଶୂଳ ଦ୍ୱାରା ତାହାର ମୁଣ୍ଡ କାଟିଦେଲେ । ଫଳରେ ମହାଦେବଙ୍କୁ ଗୋରୁ ହତ୍ୟା ଦୋଷ ଲାଗିଥିଲା ଏବଂ ସେ କୈଳାସରୁ ନିର୍ବାସିତ ହୋଇଥିଲେ ।

ଷଣ୍ଢାସୁର – କଂସ ପଠାଇଥିବା ଅସୁର । ଷଣ୍ଢବେଶରେ କୃଷ୍ଣଙ୍କୁ ମାରିବା ପାଇଁ ତାଙ୍କ ଗୋରୁ ଗୋଠ ଭିତରେ ଲୁଚିଥିବା ବେଳେ କୃଷ୍ଣ ତାହା ଜାଣିପାରି ତାର ଶିଙ୍ଘ ଧରି ତା'କୁ କଚାଡି ମାରିଥିଲେ ।

ଜଳକେଳି – ଜଳ ଭିତରେ ଦଳବଦ୍ଧ ହୋଇ ଖେଳ କୌତୁକ ସହ ସ୍ନାନ କରିବା ।

# ନମୁନା ପ୍ରଶ୍ନାବଳୀ

## କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ
## (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)

୧) କାକ କୋଳରେ କାହା ଭଳି ଗୋପନାରୀ କୃଷ୍ଣଙ୍କୁ ପାଳିଥିଲେ ?

(କ) ଶୁକ (ଖ) ଶାରୀ

(ଗ) ପିକ (ଘ) କପୋତ

୨) ପୋଷନ୍ତା ଥଳକୁ ଛାଡ଼ି କୃଷ୍ଣ କେଉଁଠି ରହିଲେ ?

(କ) ଗୋପ (ଖ) ବୃନ୍ଦାବନ

(ଗ) ଦ୍ୱାରକା (ଘ) ମଥୁରା

୩) ବର ବେଶ ଧରି କିଏ ଆସି ଲଜ୍ଜାରେ ଫେରିଗଲା ?

(କ) ଜଳନ୍ଧର (ଖ) ଶିଶୁପାଳ

(ଗ) ବୈରିଲୋଚନ (ଘ) ବାଳି

୪) କୃଷ୍ଣ କୁଟ କରି କାହାର ଚୁଟି ଉପାଡ଼ିଥିଲେ ?

(କ) ରାବଣ (ଖ) ବୈରିଲୋଚନ

(ଗ) ବଳି (ଘ) ବାଳୀ

୫) ବିନା ଦୋଷରେ ବାଳିକୁ କିଏ ବିନାଶ କରିଥିଲେ ?

(କ) ସୁଗ୍ରୀବ (ଖ) ହନୁମାନ

(ଗ) ରାମ (ଘ) ଲକ୍ଷ୍ମଣ

୬) ବାମନ ବଳିକୁ କେଉଁଠାକୁ ପ୍ରେରଣ କରିଥିଲେ ?

(କ) ସ୍ୱର୍ଗପୁରକୁ (ଖ) ମ ର୍ୟପୁରକୁ

(ଗ) ପାତାଳପୁରକୁ (ଘ) କୈଳାସପୁରକୁ

୭) ଜଳନ୍ଧର ସ୍ତ୍ରୀର ସତୀତ୍ୱ କିଏ ହରଣ କରିଥିଲେ ?

(କ) ସୂର୍ଯ୍ୟ (ଖ) ଚନ୍ଦ୍ର

(ଗ) ବିଷ୍ଣୁ (ଘ) ଇନ୍ଦ୍ର

୮) ଜଳନ୍ଧରଙ୍କୁ କିଏ ବଧ କରିଥିଲେ ?

(କ) ରାମ (ଖ) କୃଷ୍ଣ

(ଗ) ହର (ଘ)ବ୍ରହ୍ମା

୯) ବେଲାଳସେନ କାହାର ପୁତ୍ର ?

(କ) ଯୁଧିଷ୍ଠିର (ଖ) ଭୀମ

(ଗ) ଅର୍ଜୁନ (ଘ) ସହଦେବ

୧୦) ଗୁରୁ ଦ୍ରୋଣଙ୍କୁ କିଏ ବଧ କରିଥିଲେ ?

(କ) ଅର୍ଜୁନ (ଖ)ଭୀମ

(ଗ) କୃଷ୍ଣ (ଘ)ଧୃଷ୍ଟଦ୍ୟୁମ୍ନ

୧୧) ଦ୍ରୋଣଙ୍କୁ ମାରିବା ପାଇଁ ଧୃଷ୍ଟଦ୍ୟୁମ୍ନଙ୍କୁ କିଏ ଆଖି ଠାରିଥିଲେ ?

(କ) ଯୁଧିଷ୍ଠିର (ଖ) ଦ୍ରୁପଦ

(ଗ) ଅର୍ଜୁନ (ଘ) କୃଷ୍ଣ

୧୨) ରାସ ମଣ୍ଡଳରୁ କାହାର ଭୁଜ ଧରି କୃଷ୍ଣ ଘେନି ଯାଇଥିଲେ ?

(କ) ରାଧା (ଖ) ବିଶାଖା

(ଗ) ଲଳିତା (ଘ) ବ୍ରଜଦେବୀ

୧୩) କାହାକୁ କୁଶ ମୁନ ଭୂସି କୃଷ୍ଣ କଣା କରିଥିଲେ ?

(କ) ବଳି (ଖ) ଶୁକ୍ର

(ଗ) ବୈରୋଚନ (ଘ) ଜଳନ୍ଧର

୧୪) ଗୋରୁହତ୍ୟା ଦୋଷ କାହାକୁ ଲାଗିଥିଲା ?

(କ) ବ୍ରହ୍ମା (ଖ) ବିଷ୍ଣୁ

(ଗ) ମହେଶ (ଘ) ଇନ୍ଦ୍ର

୧୫) କିଏ ଷଣ୍ଡାସୁରକୁ କୌତୁକରେ ମାରିଥିଲେ ?

(କ) ସୂର୍ଯ୍ୟ (ଖ) ଇନ୍ଦ୍ର

(ଗ) ଶିବ (ଘ) କୃଷ୍ଣ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) କାକ କୋଳରେ ପିକ ପରି କିଏ କାହାକୁ ପାଳନ କରିଥିଲେ ?

୨) ମାମୁଁ ଓ ଭଣଜା ଏଠାରେ କାହା କାହାକୁ କୁହାଯାଇଛି ?

୩) ଶିଶୁପାଳ ବିବାହ ନ କରି କାହିଁକି ଫେରିଗଲା ?

୪) ସୂର୍ପଣଖା କାହିଁକି ହତଶିରୀ ହେଲା ?

୫) କୂଟ କରି କାହାର ତ୍ରୁଟି କୃଷ୍ଣ ଉପାଡ଼ିଥିଲେ ?

୬) ଜନକ ସୁତାଙ୍କୁ କିଏ କେଉଁଠାରୁ ହରଣ କରିଥିଲା ?

୭) ବାଳିକୁ ଛଳନାରେ କିଏ ବିନାଶ କରିଥିଲେ ?

୮) ବଳିକୁ କିଏ ଛଳନାରେ କେଉଁଠାକୁ ପ୍ରେରଣ କରିଥିଲେ ?

୯) ଜଳନ୍ଧର ବୀର କାହାର ଶାଳକ ଥିଲେ ?

୧୦) ଜଳନ୍ଧରକୁ କିଏ ବଧ କରିଥିଲେ ?

୧୧) କୃଷ୍ଣଙ୍କର ସୁହୃଦ ବାନ୍ଧବ କିଏ ଥିଲେ ?

୧୨) ବେଲାଳସେନକୁ କିଏ ବଧ କରିଥିଲେ ?

୧୩) ବେଲାନ-ସେନ କାହାର ପୁତ୍ର ଥିଲେ ?

୧୪) ଗୁରୁ ଦ୍ରୋଣଙ୍କୁ କିଏ ମାରିଥିଲେ ?

୧୫) ଶୁକ୍ରଙ୍କ ଚକ୍ଷୁକୁ କିପରି କୃଷ୍ଣ ନଷ୍ଟ କରିଥିଲେ ?

୧୬) ଗୋରୁହତ୍ୟା ଦୋଷ କାହାକୁ ଲାଗିଥିଲା ?

୧୭) ଗୋପୀମାନେ କେଉଁଠି ଜଳକେଳି କରୁଥିଲେ ?

**(ଗ) କ୍ଷୁଦ୍ରଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ ର ଲେଖ। (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ଭଣଜା ମାମୁଙ୍କୁ ଜୀବନରେ ମାରିଲେ କାହିଁକି ?

୨) ଶିଶୁପାଳ କାହାକୁ ବିବାହ କରିବାକୁ ଆସିଥିଲେ ଓ କାହିଁକି ଫେରିଗଲେ ?

୩) ସୂର୍ପଣଖା କିଏ ଓ ତାକୁ ହତଶିରୀ କଲା କିଏ ?

୪) ତ୍ରିଲୋଚନର ମୃତ୍ୟୁ କିପରି ହେଲା ?

୫) ସିନ୍ଧୁକୁ କିଏ କାହା ସାହାଯ୍ୟରେ ବାନ୍ଧିଥିଲେ ?

୬) ବାମନ କିଏ ଓ ସେ କାହିଁକି ଭିକାରି ହୋଇଥିଲେ ?

୭) ଜଳନ୍ଧରର ସତୀ ସ୍ତ୍ରୀକୁ କିଏ ହରଣ କରିଥିଲେ ଓ କାହିଁକି ?

୮) ବେଲାଳ ସେନକୁ କୃଷ୍ଣ କାହିଁକି ବଧ କରିଥିଲେ ?

୯) କାହାର ଇଙ୍ଗିତରେ କିଏ ଦ୍ରୋଣାଚାର୍ଯ୍ୟଙ୍କୁ ବଧ କରିଥିଲେ ?

୧୦) ଶୁକ୍ରାଚାର୍ଯ୍ୟ କିଏ ? ତାଙ୍କୁ କୁଶ ମୁନରେ କିଏ ଭୁସିଥିଲେ ?

୧୧) ଗୋପୀମାନେ କେଉଁଠି ଜଳକେଳି କରୁଥିଲେ ଏବଂ ତାଙ୍କ ବସନ କିଏ ଚୋରାଇ ନେଇଥିଲେ ?

୧୨) କବିତାର ଶେଷରେ କବି ଗୋପୀଗଣଙ୍କ ଉଦ୍ଦେଶ୍ୟରେ କ'ଣ କହିଛନ୍ତି ?

**(ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ। ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ। (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧) କାକ କୋଳେ ପିକ ପାଳିଲା ପରାୟେ ସେବିଥିଲେ ଗୋପନାରୀ:- ଏହି ପଦଟିର ଅର୍ଥ ବୁଝାଇ ଦିଅ ।

୨) ଚଣ୍ଡୀ ପୁରରୁ କିଏ କନ୍ୟାକୁ କେମିତି ଭଣ୍ଡି ନେଇଗଲା ?

୩) ତ୍ରୈଲୋଚନ ବୀରକୁ କେଉଁଭଳି ଭାବରେ କୃଷ୍ଣ ହତ୍ୟା କରିଥିଲେ ?

୪) ବଳି ରାଜାଙ୍କୁ ଛଳନାରେ ବାମନରୂପୀ ବିଷ୍ଣୁ କିପରି ପାତାଳଗାମୀ କରାଇଥିଲେ ?

୫) ଜଳନ୍ଧରର ସତୀ ପତ୍ନୀଙ୍କୁ କିପରି କିଏ ହରଣ କରିଥିଲେ ଏବଂ କାହିଁକି ?

୬) ବେଲାଳସେନ ବିଷୟରେ ଯାହାଜାଣ ଲେଖ ?

୭) ଧୃଷ୍ଟଦ୍ୟୁମ୍ନ ଗୁରୁ ଦ୍ରୋଣଙ୍କୁ କାହିଁକି ବଧ କରିଥିଲେ ?

୮) ବ୍ରଜଦେବୀ କିଏ ଏବଂ ତାଙ୍କୁ କୃଷ୍ଣ ରାସ ମଣ୍ଡଳୀରୁ ନେଇ କ'ଣ କରିଥିଲେ ?

୯) ଶୁକ୍ରାଚାର୍ଯ୍ୟଙ୍କୁ କେଉଁ ଉଦ୍ଦେଶ୍ୟରେ ବାମନ ରୂପୀ ବିଷ୍ଣୁ କଣା କରି ଦେଇଥିଲେ ?

୧୦) ଈଶ୍ୱରଙ୍କୁ ଗୋରୁହତ୍ୟା ଦୋଷ କାହିଁକି ଲାଗିଥିଲା ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) "ତାଙ୍କୁ କିଏ ବୋଲୁଥାଇ ଗୋ" କବିତାର ମୂଲ୍ୟାୟନ କର ।

୨) ଛଳୋକ୍ତିରେ ଗୋପୀମାନଙ୍କର ଅଭିମାନକୁ କବି ଗୌର ଚରଣ କେମିତି ବର୍ଣ୍ଣନା କରିଛନ୍ତି ଆଲୋଚନା କର ।

୩) ଛଳୋକ୍ତିରେ ଶ୍ରୀକୃଷ୍ଣଙ୍କର ଗୁଣ କୀ ନ କରି ତାଙ୍କର ମହ ୍ ପ୍ରତିପାଦନ କରିବା କବିଙ୍କର ଲକ୍ଷ୍ୟ, ପଠିତ କବିତା ଅବଲମ୍ବନରେ ଏହା ପ୍ରମାଣ କର ।

୪) ପଠିତ ଭଜନଟିରୁ ଶ୍ରୀକୃଷ୍ଣଙ୍କର ବିଭିନ୍ନ ଅବତାରର ଲୀଳା ଓ ମହିମା ଗୁଡ଼ିକ କିପରି ପ୍ରତିଭାତ ଆଲୋଚନା କର ।

୫) ପଠିତ ଭଜନଟିରୁ କବି ଗୌର ଚରଣଙ୍କର ମହନୀୟ କବିପ୍ରାଣର ପରିଚୟ ଦିଅ ।

# ଦ୍ୱିତୀୟ ଏକକ

# ନିର୍ବାସିତର ବିଳାପ

**ମଧୁସୂଦନ ରାଓ**

ଦେଖଇ ନେତ୍ର ଯାହା ଚଉଦିଗର,
ସେ ସର୍ବର ଅଟଇ ମୁଁ ଅଧୀଶ୍ୱର ।
ମହୀମଣ୍ଡଳେ ନାହିଁ ଏମନ୍ତ ଜନ
ମୋ ଅଧିକାର ଲୋଭେ କରିବ ରଣ ।
ଚାରିଆଡ଼ରେ ନୀଳ ସମୁଦ୍ରଯାଏ
ଫୁଲଫଳଶୋଭିତ ବନଲତାଏ,
କୀଟ ପତଙ୍ଗ ପକ୍ଷୀ କେଶରୀ କରୀ,
ପଶୁ ସୃଷ୍ଟି ଯେତେକ ସବୁ ମୋହରି ।
ବିଜନତା ! କାହିଁ ତୋ ବେଶେ ମୋହନ ?
ଯେ ବେଶେ ମୋହିଲୁ ତୁ ମୁନି ନୟନ ।
ବରଂ ନିବାସ ଭଲ ରଣକ୍ଷେତ୍ରରେ,
ଭୟରେ ସଦା ଯହିଁ ହୃଦୟ ଥରେ ।
କିନ୍ତୁ ଏ ଭୀମ ସ୍ଥଳେ ରାଜ୍ୟ ପ୍ରାପତି,
ଅଟଇ ମୋ ବିଚାରେ ଅଧମ ଗତି ।
ସୁନ୍ଦର ଦେବ ତୁଲ୍ୟ ନର ଆନନ
ଦେଖିବ ନାହିଁ ଆଉ ମୋର ନୟନ ।

ଲିଭିବ ଏଥି ମୋର ଜୀବନ-ଦୀପ,
ଏ ବାରତା ନ ଯିବ ଜନ ସମୀପ ।
ମଧୁମୟ ମନୁଷ୍ୟ କଣ୍ଠର ଧ୍ୱନି
ତୋଷିବ ନାହିଁ ଆଉ ଶ୍ରବଣ ବେନି ।
ମୋ କଣ୍ଠୁଁ ଶବ୍ଦ ଯେବେ ହୁଏ ବାହାର,
ଚମକି ପଡ଼େ ଯେହ୍ନେ ଆଉ କାହାର ।
ଭ୍ରମନ୍ତି ଚଉପାଶେ ପଶୁନିକର,
ନୁହନ୍ତି ମୋତେ ଦେଖି ଭୟେ କାତର ।
ଜାଣି ନାହାନ୍ତି କେବେ ନର ପ୍ରଭାବ,
ଏଣୁ ତାଙ୍କର ଏହି ଅନାସ୍ଥା ଭାବ ।
କାହିଁ ବନ୍ଧୁତା, କାହିଁ ପ୍ରେମ ସୁନ୍ଦର,
ଯାର ପ୍ରାପତି ଯୋଗୁଁ ଦେବତା ନର ।
ଥାଆନ୍ତା ଯେବେ ମୋର ବିହଙ୍ଗ ପକ୍ଷ,
ଲଙ୍ଘି ଭୀଷଣ ଗିରି, ସମୁଦ୍ର ବକ୍ଷ,
ଦେଖନ୍ତି ପ୍ରିୟଜନ ମୁଖ-କମଳ,
ହୁଅନ୍ତା ସନ୍ତାପିତ ପ୍ରାଣ ଶୀତଳ ।
ଧରମ ସତ୍ୟ ପଥେ ନିତ୍ୟ ସ  ରି
ନାଚନ୍ତା ଆନନ୍ଦରେ ହୃଦ ମୋହରି ।

ପ୍ରବୀଣ ଜନଠାରୁ ସଦୁପଦେଶ
ଲଭି ହୁଅନ୍ତି ମୁହିଁ ବିଜ୍ଞ ବିଶେଷ ।
ତରୁଣ ସଙ୍ଗେ ମିଳି ନାନା ରଙ୍ଗରେ
ଗମନ୍ତି କାଳ ଆହା କି ଆମୋଦରେ ।
ଧର୍ମ ଆହା ସେ କିବା ଅମୂଲ୍ୟ ଧନ,
ସରି ନୁହଇ ତାରେ ମଣି କା  ନ ।
ସ୍ୱର୍ଗୀୟ ମାଧୁରୀରେ ସଦା ସୁନ୍ଦର,
ମହୀମଣ୍ଡଳେ କାହିଁ ତା ପଟାନ୍ତର !
ଏମନ୍ତ ଧର୍ମରତ୍ନ ଦେବ-ପୂଜିତ
ଅଟଇ ଏ ସ୍ଥଳରେ ଅପରିଚିତ ।
ଦେବ-ଅର୍ଚ୍ଚନା-ବାଦ୍ୟ ଏ ଗିରିଗଣ
କରି ନାହାନ୍ତି ଥରେ ସୁଦ୍ଧା ଶ୍ରବଣ ।
ଧର୍ମ-ଉତ୍ସବ ସୁଖ ଏ ଘୋରବନ
କଦାପି କରିନାହିଁ ବାରେ ଦର୍ଶନ ।
ବୃଥା ଜୀବନ ଯହିଁ ନାହିଁ ଧରମ,
ପଶୁଲୀଳା ସାଧନା ମାତ୍ର କରମ ।
ରେ ବାୟୁ ! କ୍ରୀଡ଼ନକ ମୁହିଁ ତୋହର,
ମୋର ପ୍ରାର୍ଥନା ବାରେ ଶ୍ରବଣ କର ।

ବହିଆଣ ସ୍ୱଦେଶ ସୁସମାଚାର,
ପାଇବି ନାହିଁ ଆଉ ଦର୍ଶନ ଯାର ।
ଶୁଣି ସେ ପ୍ରିୟବା ର୍ା ଏ ଭୀମସ୍ଥଳେ
ଭାସିବ ଚି ମୋର ଆନନ୍ଦ-ଜଳେ ।
ମୋ ଘେନି ଭାଳନ୍ତି କି ବନ୍ଧୁ ନିକର,
ମୋତେ ଦେଖିବାକୁ କି କାନ୍ଦେ ଅନ୍ତର ?
କହ କହ ସମୀର ! ସବୁ ଫିଟାଇ,
ବନ୍ଧୁ ମଧ୍ୟରେ ମୋର କେହି କି ନାହିଁ ?
ନିରାଶ ମୋ ହୃଦୟ, ନୋହି ନିଷ୍ଠୁର,
କହି ବାରତା, କର ସଂଶୟ ଦୂର ।
ଆହା କିବା ଅଦ୍ଭୁତ ମନର ଗତି,
ଅଚିନ୍ତନୀୟ ଅଟେ ତାର ଶକତି ।
କ୍ଷଣମାତ୍ରକେ ମନ କରେ ଦର୍ଶନ
ଏହି ଅପରିସୀମ ବିଶ୍ୱଭୁବନ ।
ଜିଣଇ ସହଜରେ-ମନୁଷ୍ୟ ମତି
ପ୍ରଭଞ୍ଜନର ବେଗ ଆଲୋକ ଗତି ।
ଯେତେବେଳେ ସ୍ୱଦେଶ ପଡ଼ଇ ମନେ,
ବିଚାରଇ ମୁଁ ଅଛି ନିଜ ସଦନେ ।

ଆତ୍ମୀୟ ବନ୍ଧୁ ବର୍ଗ ଚାରି ଆଡ଼ରେ,
ତାଙ୍କ ସଙ୍ଗତେ ଯେହ୍ନେ ମୁଁ କାଳ ହରେ ।
କିନ୍ତୁ ପୂରୁବ କଥା କଲେ ସ୍ମରଣ,
ନୈରାଶ୍ୟ-ସାଗରରେ ବୁଡ଼ଇ ମନ ।
ବୃଥା ଭାବନା ଆଉ କରିବି ନାହିଁ
ଭାବନାରେ ଆନନ୍ଦ ମିଳଇ କାହିଁ ?
ନୀଡ଼ କୋଳରେ ସୁପ୍ତ ପକ୍ଷୀ-ନିକର
ଆଶ୍ରିଲେଣି ପଶୁଏ ନିଜ ଗହ୍ୱର ।
ଉପସ୍ଥିତ ରଜନୀ କାଳ ଗମ୍ଭୀର,
ନିହିବି କୁଟୀରରେ ଏବେ ଶରୀର ।
ଅଛନ୍ତି ସର୍ବସ୍ଥଳେ ଜଗଦୀଶ୍ୱର,
ଦୟାମୟ ଫେଡ଼ିବେ ଦୁଃଖ ମୋହର ।
ଈଶ୍ୱର ଦୟା ଆହା କିବା ଉଦାର,
ଲଘୁ କରଇ ଦୁଃଖୀ ହୃଦୟ ଭାର ।
ଜନମାଏ ସନ୍ତୋଷ ମନୁଷ୍ୟ ମନେ,
ମଣ୍ଡଇ ହୃଦ-ରାଜ୍ୟ ଶାନ୍ତି-ରତନେ ।

*

## କବି ପରିଚୟ

ଓଡିଆ ସାହିତ୍ୟରେ ଭକ୍ତକବି ମଧୁସୂଦନ ରାଓ ଜଣେ ଋଷିପ୍ରାଣ କବି । ତାଙ୍କ ଲେଖନୀରୁ ଯେଉଁ ଅମୃତ ସାହିତ୍ୟର ଧାରା ନିଗିଡ଼ି ଆସିଥିଲା ତାହା ଆଜି ଓଡିଆ ବାଣୀ ଭଣ୍ଡାରରେ ଅମୂଲ୍ୟ ମଣିମାଣିକ୍ୟ ତୁଲ୍ୟ ବିବେଚିତ ହେଉଅଛି । ସମଗ୍ର ସୃଷ୍ଟିରେ ବିଭୁବୋଧର ଅମୀୟ ଆଶ୍ଳେଷ ଉପଲବ୍ଧି କରୁଥିଲେ ମଧୁସୂଦନ । ବ୍ୟକ୍ତିଗତ ଜୀବନ ଚର୍ଯ୍ୟାରେ ଜଣେ ଆର୍ଯ୍ୟଋଷିର ପ୍ରାଣପ୍ରବାହକୁ ପ୍ରମୂ ˊ କରିଥିବା ମଧୁସୂଦନ ଥିଲେ ଜଣେ ଉଚ୍ଚମାନର ସ୍ରଷ୍ଟା । ଆଧୁନିକ ଓଡ଼ିଆ ସାହିତ୍ୟକୁ ସ୍ୱକୀୟ ମର୍ଯ୍ୟାଦା ପ୍ରଦାନ କରିବାରେ, ସେ ଥିଲେ ଅନ୍ୟତମ ବିନ୍ଧାଣୀ । ଇଂରାଜୀ ସାହିତ୍ୟରେ ଉଇଲିୟମ୍ ୱାର୍ଡ଼ସୱାର୍ଥ, ଏସ.ଟି କୋଲେରିଜ ଓ ରବର୍ଟ ସଦେଙ୍କ ଭଳି ଓଡ଼ିଆ ସାହିତ୍ୟରେ ଫକୀରମୋହନ ସେନାପତି ରାଧାନାଥ ରାୟ ଓ ମଧୁସୂଦନଙ୍କ ସହଯୋଗୀ ପ୍ରଭାବ ଥିଲା ସ୍ମରଣୀୟ ।

ମଧୁସୂଦନ ଥିଲେ ଓଡ଼ିଆ ସାହିତ୍ୟ ସରସ୍ୱତୀଙ୍କର ପରମସେବକ । ଗୀତିକବିତା, ପ୍ରବନ୍ଧ, ଅନୁବାଦ ଓ ପାଠ୍ୟପୁସ୍ତକ ରଚନାରେ ମଧୁସୂଦନଙ୍କ ସ୍ଥାନ ଅଦ୍ୱିତୀୟ । ତାଙ୍କ ରଚିତ 'ବର୍ଣ୍ଣବୋଧ' ଓଡ଼ିଆ ବର୍ଣ୍ଣମାଳାର ଏକ ନିର୍ଭୁଲ ନିର୍ଣ୍ଣାୟକ ଦସ୍ତାବିଜ ଭାବେ ଏବେ ମଧ୍ୟ ସ୍ୱୀକୃତ । ତାଙ୍କ ରଚିତ ଛାନ୍ଦମାଳା, କବିତାବଳୀ, ବସନ୍ତଗାଥା, ସାହିତ୍ୟ କୁସୁମ ଓ ସାହିତ୍ୟ ପ୍ରସଙ୍ଗ ଉଚ୍ଚକୋଟୀର ସାରସ୍ୱତ ସୃଷ୍ଟି ରୂପେ ଗୃହୀତ । ତାଙ୍କର ପ୍ରାୟ ପ୍ରତ୍ୟେକ ରଚନାରେ ବ୍ରାହ୍ମବାଦୀ ଚିନ୍ତାଧାରାର ପ୍ରଭାବ ଓ ପ୍ରେରଣା ଅନୁଭୂତ ହୋଇଥାଏ । ଏହି କବି ୧୮୫୩ ମସିହାରେ ଜନ୍ମଲାଭ କରି ୧୯୧୨ ରେ ଇହଲୀଳା ସାଙ୍ଗ କରିଥିଲେ ।

ଆଲୋଚ୍ୟ 'ନିର୍ବାସିତର ବିଳାପ' କବିତାଟି ତାଙ୍କ ଅନୁବାଦ ପ୍ରତିଭାର ପରିଚୟ ବହନ କରେ । ଇଂରେଜ କବି ୱିଲିୟମ୍ କାଉପର (୧୭୩୧-୧୮୦୦)ଙ୍କ କବିତା 'The Solitude of Alexander Selkirk' ର ଛାୟାରେ ରଚିତ ମଧୁସୂଦନଙ୍କ ଏହି କବିତାଟି ଭାଷା, ଭାବ ଓ ଆବେଦନ ଦୃଷ୍ଟିରୁ ଏକ ମୌଳିକ କବିତା ଭାବରେ ପ୍ରତୀୟମାନ ହୋଇଥାଏ ।

**ବିଷୟ ପ୍ରବେଶ :**

ଘଟଣାକ୍ରମେ ଜଣେ ନାବିକ ନିଜେ ଯାତ୍ରାକରୁଥିବା ଜାହାଜରୁ ଅଲଗାହୋଇ ଏକ ନିର୍ଜନ ଦ୍ୱୀପର ଅଧିକାରୀ ହୁଅନ୍ତି । ସେଠାରେ ସେ ପଶୁପକ୍ଷୀ, ତରୁଲତା ଓ ଅନ୍ୟାନ୍ୟ ଜୀବଜନ୍ତୁଙ୍କର ଦେଖା ଓ ସାନ୍ନିଧ୍ୟ ଲାଭ କରନ୍ତି । କିନ୍ତୁ କୌଣସି ମଣିଷର ସ୍ୱର ସେ ଶୁଣିବାକୁ ପାଆନ୍ତି ନାହିଁ । ଜନମାନବ ହୀନ ସେହି ଦ୍ୱୀପରେ ଏକାକୀତ୍ୱ ଭୋଗ କରୁଥିବା ସେହି ନାବିକ ଜଣଙ୍କର ମନୋଭାବନାକୁ ମଧୁସୂଦନ ଅତି ଜୀବନ୍ତ ଓ ସାବଲୀଳ ଢ଼ଙ୍ଗରେ ଉପସ୍ଥାପନ କରିଛନ୍ତି । ନିଜ ପରିବେଶରୁ ଅଲଗା ହୋଇ ସଂପୂର୍ଣ୍ଣ ଅଜଣା ଇଲାକାରେ ଅବତୀର୍ଣ୍ଣ ଏବଂ ସମୁଦ୍ର ମଧ୍ୟରେଏକ ନିର୍ଜନ ଦ୍ୱୀପରେ ସମୟ ଅତିବାହିତ କରୁଥିବା ନିର୍ବାସିତ ନାବିକର ମାନସିକ ଭାବବୋଧ ଏହି କବିତାରେ ଅତି ସଫଳ ଭାବରେ ପ୍ରକାଶିତ ହୋଇଛି । ଶେଷରେ ନୈରାଶ୍ୟ ମଧ୍ୟରେ ଆଶାର ଆଲୋକ ଉକ୍ତ କବିତାକୁ ପାଠକୀୟ ଆବୃତି ପ୍ରଦାନ କରିଛି ।

**ଶବ୍ଦାର୍ଥ ପ୍ରସଙ୍ଗ:**

ନିର୍ବାସିତ -ସ୍ୱଦେଶରୁ ବହିଷ୍କୃତ ଅଥବା ଅଲଗା ହୋଇଥିବା ବ୍ୟକ୍ତି

ବିଳାପ - ଖେଦୋକ୍ତି

ଅଧୀଶ୍ୱର - ପ୍ରଭୁ, ସମ୍ରାଟ ।

କେଶରୀ -ସିଂହ

କରୀ -ହସ୍ତୀ,ହାତୀ ।

ବିଜନତା - ନିର୍ଜନତା ।

ଭୀମସ୍ଥଳ - ଭୟଙ୍କର ସ୍ଥାନ ।

ଅଧମଗତି - ନିକୃଷ୍ଟ ଗତି, ମନ୍ଦଗତି ।

ସମୀପ - ନିକଟ ।

ମଧୁମୟ - ଅତିମିଠା, ମଧୁର ।

ପଶୁନିକର - ପଶୁସମୂହ ।

କାତର - ବ୍ୟାକୁଳ ।

ଅନାସ୍ଥାଭାବ - ଅବହେଳାଭାବ, ଅନାଦରଭାବ ।

ସନ୍ତାପିତ - ସନ୍ତାପ ଯୁକ୍ତ, ମାନସିକ ଯନ୍ତ୍ରଣା ଦଗ୍ଧ ।

ପ୍ରବୀଣ - ବୃଦ୍ଧ, ବହୁଦର୍ଶୀ ।

ସଦୁପଦେଶ - ସତ୍+ଉପଦେଶ, ଉଚିତ ଉପଦେଶ ।

ତରୁଣ - ଯୁବକ ।

ଗମନ୍ତି କାଳ - ସମୟ ଅତିବାହିତ କରନ୍ତି ।

ଆମୋଦରେ - ଆନନ୍ଦରେ ।

ପଟାନ୍ତର - ତୁଳନା, ଉପମା ।

କ୍ରୀଡ଼ନକ - ଖେଳନା ।

ଅଚିନ୍ତନୀୟ-ଯାହା ଚିନ୍ତାକରିହେବନାହିଁ ।

ସମୀର -ବାୟୁ

ପ୍ରଭଞ୍ଜନ - ବାୟୁ ।

ନିହିବି - ସ୍ଥାପନ କରିବି ।

ଜଗଦୀଶ୍ୱର- ଜଗତର ଈଶ୍ୱର, ପରମେଶ୍ୱର

ଲଘୁ-ହାଲୁକା, ସାମାନ୍ୟ ।

# ନମୁନା ପ୍ରଶ୍ନାବଳୀ

**(କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ।**
**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ୍ ଉ ର ବାଛି ଲେଖ )**

୧) ନିର୍ବାସିତ ବ୍ୟକ୍ତିଟି କେଉଁ ଆଡ଼କୁ ଦେଖୁଥିଲା ?

(କ) ତଳକୁ (ଖ) ଉପରକୁ

(ଗ) ଆଗପଟକୁ (ଘ) ଚଉଦିଗକୁ

୨) ନିର୍ବାସିତ ବ୍ୟକ୍ତିଟି ଚଉଦିଗରେ ଯାହାସବୁ ଦେଖୁଥିଲା, ସେ ସବୁର ସେ କ'ଣ ବୋଲି ଭାବୁଥିଲା ?

(କ) ସେବକ (ଖ) ସାଥୀ

(ଗ) ଅଧୀଶ୍ୱର (ଘ) ଅଧୀନ

୩) ନିର୍ଜନ ଦୀପରେ ନିର୍ବାସିତ ବ୍ୟକ୍ତିଟି ପାଖରେ କେତେ ଲୋକ ଥିଲେ ?

(କ) ଅଳ୍ପ ଲୋକ (ଖ) ବହୁଲୋକ

(ଗ) ଆଉ ଜଣେ ଲୋକ (ଘ) କିଛି ଲୋକ ନଥିଲେ ।

୪) କୀଟ, ପତଙ୍ଗ, ପକ୍ଷୀ, କେଶରୀ, କରୀ ଓ ପଶୁ-ଏସବୁ କାହାର ସୃଷ୍ଟିଥିଲା ବୋଲି ସେ ଭାବୁଥିଲା ?

(କ) ଭଗବାନଙ୍କର (ଖ) ପଡ଼ୋଶୀଙ୍କର

(ଗ) ରାଜାଙ୍କର (ଘ) ତା ନିଜର

୫) ମୁନି ନୟନକୁ କିଏ ମୋହିତ କରିଛି ?

(କ) ବିଜନତା (ଖ) କରତାଳି ଧ୍ୱନି

(ଗ) ଶଙ୍ଖଧ୍ୱନି (ଘ) କୋଳାହଳ ଧ୍ୱନି

୬) କେଉଁଠାରେ ବାସ କରିବା 'ବରଂ ଭଲ' ବୋଲି ସେ ବିଚାର କରିଛି ?

(କ) ରଣକ୍ଷେତ୍ରରେ (ଖ) ସାଗରବକ୍ଷରେ

(ଗ) ଅରଣ୍ୟରେ (ଘ) ମହାକାଶରେ

୭) ନିର୍ବାସିତ ବ୍ୟକ୍ତିଟି 'ଏ ଭୀମ ସ୍ଥଳେ' କାହାକୁ ଅଧମଗତି ବୋଲି କରିଛି ?

(କ) ସନ୍ତାନପ୍ରାପ୍ତି (ଖ) ରାଜ୍ୟ ପ୍ରାପତି

(ଗ)କନ୍ୟାପ୍ରାପ୍ତି (ଘ) ଭୂମିପ୍ରାପ୍ତି ।

୮) ସୁନ୍ଦର ଦେବତୁଲ୍ୟ କାହାକୁ କୁହାଯାଇଛି ?

(କ)ପଶୁଙ୍କ ମୁହଁ (ଖ) ଅସୁର ମୁହଁ

(ଗ)ନର ଆନନ (ଘ) ବିଷଣ୍ଣ ବଦନ

୯) ନିର୍ବାସିତର କେଉଁ 'ବାରତା ନ ଯିବ ଜନ ସମୀପ ?

(କ)ନିଖୋଜ ହେବା (ଖ) ଜୀବନଦୀପ ଲିଭିବା

(ଗ)ନିର୍ଜନ ଦ୍ୱୀପର ରାଜାହେବା(ଘ) ଶୂନ୍ୟସହ ବ ାଳାପ କରିବା

୧୦) ସେ ନିର୍ଜନ ଦ୍ୱୀପରେ ନିର୍ବାସିତର କ'ଣ ଲିଭିଯିବ ?

(କ)ଜୀବନ-ଦୀପ (ଖ) ତୈଳ ପ୍ରଦୀପ

(ଗ)ସଂଜ ଦୀପାଳି (ଘ) ଅକାଶ ଦୀପ

୧୧) ମନୁଷ୍ୟ କଣ୍ଠଧ୍ୱନିର ସ୍ୱରୂପ କିପରି ?

(କ)ମଧୁମୟ (ଖ)ବିଷମୟ

(ଗ)ଦୟାମୟ (ଘ)ମାୟାମୟ

୧୨) ନିର୍ବାସିତ ବ୍ୟକ୍ତିଟି କେଉଁ ଶବ୍ଦ ଶୁଣି ଚମକି ପଡୁଥିଲା ?

(କ) ପଶୁଙ୍କ ଡ଼ାକ (ଖ) ପକ୍ଷୀଙ୍କ କାକଳି

(ଗ) ଲହଡ଼ିସ୍ୱନ (ଘ) ନିଜର କଣ୍ଠସ୍ୱର

୧୩) କେଉଁମାନେ ନର ପ୍ରଭାବ ଜାଣିନଥିବାରୁ ଅନାସ୍ଥାଭାବ ପ୍ରକଟ କରୁଥିଲେ ?

(କ) ପଶୁମାନେ (ଖ) ପକ୍ଷୀମାନେ

(ଗ) କୀଟ ମାନେ (ଘ) ପତଙ୍ଗମାନେ

୧୪) କେଉଁ ଅନୁଭୂତି ପାଇବା ପାଇଁ ଦେବତାମାନେ ମଧ୍ୟ ନରଜନ୍ମ ପାଇଁ ଆଗ୍ରହୀ ହୁଅନ୍ତି ?

(କ) ବଂଧୁତା ଓ ପ୍ରେମ (ଖ) ବୀରତ୍ୱ ଓ ଗାରିମା

(ଗ) ଦୁଃଖ ଓ ଶୋକ (ଘ) ଅହଂକାର ଓ ଅଭିମାନ

୧୫) ଗିରି ଓ ସମୁଦ୍ର ଲଂଘନ କରିବା ପାଇଁ ନିର୍ବାସିତ ବ୍ୟକ୍ତିଟି କ'ଣ ଚାହୁଁଥିଲା ?

(କ) ପୌରୁଷ (ଖ) ବିହଙ୍ଗ ପକ୍ଷ

(ଗ) ପରାକ୍ରମ (ଘ) ବାହୁବଳ

୧୬) ତା'ର ସନ୍ତାପିତ ପ୍ରାଣ କିପରି ଶୀତଳ ହେବ ?

(କ) ପୁଷ୍କରିଣୀରେ ସ୍ନାନକଲେ (ଖ) ସମୁଦ୍ରରେ ବୁଡ଼ିଲେ

(ଗ) ନଈରେ ପହଁରିଲେ (ଘ) ପ୍ରିୟଜନଙ୍କୁ ଦେଖିଲେ

୧୭) ସେ କାହାଠାରୁ ସଦୁପଦେଶ ନେବାପାଇଁ ଚାହିଁଛି ?

(କ) ସାଙ୍ଗସାଥିଙ୍କ ଠାରୁ (ଖ) ପ୍ରବୀଣ ଜନଠାରୁ

(ଗ) ଛାତ୍ରଠାରୁ (ଘ) ପିଲାମାନଙ୍କ ଠାରୁ

୧୮) ମଣି କା  ନ କାହାସହିତ ସରି ନୁହଇ ?

(କ) ଧର୍ମ (ଖ) ଧନ

(ଗ) ଯୌବନ (ଘ) ପ୍ରଭୁତ୍ୱ

୧୯) ଦେବ-ଅର୍ଚ୍ଚନା-ବାଦ୍ୟ କେଉଁମାନେ ଥରେ ହେଲେ ଶୁଣିନାହାନ୍ତି ?

(କ) ପବନ (ଖ) ପାଣି

(ଗ) ଗିରିଗଣ (ଘ) ଆକାଶ

୨୦) କ'ଣ ନଥିଲେ ଜୀବନ ବୃଥା ହୁଏ ?

(କ) ଧରମ (ଖ) ଧନ

(ଗ) ଯୌବନ (ଘ) ଅହଙ୍କାର

୨୧) କାହାର ଶକ୍ତି ଅଚିନ୍ତନୀୟ ବୋଲି କୁହାଯାଇଛି ?

(କ) ନାରୀର (ଖ) ପୁରୁଷର

(ଗ) ପଶୁପକ୍ଷୀଙ୍କର (ଘ) ମନର

୨୨) କ୍ଷଣମାତ୍ରକେ ମନ କ'ଣ ଦର୍ଶନ କରେ ?

(କ) ଅନନ୍ତ ଆକାଶ (ଖ) ଅନନ୍ତ ସାଗର

(ଗ) ଅପରିସୀମ ବିଶ୍ୱଭୁବନ (ଘ) ବିପୁଳ ବନାନୀ

୨୩) ନିର୍ବାସିତ ବ୍ୟକ୍ତିଟି ନିଜକୁ କାହାର କ୍ରୀଡ଼ନକ ବୋଲି କହିଛି ?

(କ) ଜଳର (ଖ) ବାୟୁର

(ଗ) ପାହାଡର୍ (ଘ)ନିର୍ଜ୍ଜନତାର

୨୪) କ'ଣ ବହି ଆଣିବାପାଇଁ ବାୟୁକୁ ଅନୁରୋଧ କରାଯାଇଛି ?

(କ) ସ୍ୱଦେଶ ସୁସମାଚାର (ଖ) ଫୁଲର ସୁରଭି

(ଗ) ପ୍ରଶ୍ୱାସ ବାୟୁ (ଘ) ଭୀଷଣ ଝଟିକା

୨୫) ଦୁଃଖୀ ହୃଦୟ ଭାରକୁ କିଏ ଲଘୁ କରିଦିଏ ?

(କ)ଧନ ସମ୍ପ (ଖ)ସହଧର୍ମିଣୀ

(ଗ)ପୁତ୍ରକନ୍ୟା (ଘ)ଈଶ୍ୱର ଦୟା

୨୬) ନିଜକୁ ଚଉଦିଗର ଅଧୀଶ୍ୱର କହିବାଭିତରେ ତା'ର କେଉଁ ମନୋଭାବ ପ୍ରକାଶ ପାଇଛି ?

(କ) ଅହଂକାର (ଖ) ବିନମ୍ରତା

(ଗ) କରୁଣା (ଘ) ପ୍ରେମ

**(ଖ) କ୍ଷୁଦ୍ର ଉ ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ନିର୍ବାସିତ ବ୍ୟକ୍ତିଟି ଚଉଦିଗରେ କ'ଣ ସବୁ ଦେଖୁଥିଲା ?

୨) କିଏ ମୁନିନୟନକୁ ମୋହିତ କରିଦିଏ ?

୩) ଭୟରେ କେଉଁଠି ସଦା ହୃଦୟ ଥରେ ?

୪) 'ଭୀମ ସ୍ଥଳ' କାହାକୁ କୁହାଯାଇଛି ?

୫) ନିର୍ବାସିତର ନୟନ ଆଉ କ'ଣ ଦେଖିବ ନାହିଁ ବୋଲି ସେ ମନେ କରିଛି ?

୬) ତାର ଶ୍ରବଣ ବେନିକୁ ଆଉ କ'ଣ ତୋଷିବ ନାହିଁ ?

୭) ପଶୁମାନେ ନିର୍ବାସିତର ଚଉପାଶରେ କିପରି ଭ୍ରମଣ କରୁଥିଲେ ?

୮) ନିର୍ବାସିତଟି କିପରି ଗିରି ଓ ସମୁଦ୍ର ଲଂଘନ କରିଯିବ ବୋଲି ଭାବିଛି ?

9) ùKCñ_[ ùe ^Ø ýi eY Keàû_ûAñi @þbûh ù_ûhY KeÙö

10) ^àûÆ aýq ôûKð k ôa ôm aùgh ùj ûA_ ûe« û?

11) Kûj ûV ûeê \ êù\ g f bàû_ ûAñi @ûgû ûù_ûhY Ke Ùð?

12) ] cõ j Ø K'Y i eô^ àj ñ?

13) ] côCi âc Ê ù\ Lâ ûe ùNûe a^ ùKùZ @þ ýÉ ?

14) _ â dR^, c^ I @ûf ûK Gc û u ëKo̲e ôZ Ê ^ûKe û ûAQö

15) _ à K[ ûi àY Kùf ^àûÆKëKo̲e ô ûMÊ ô û?

16) a Ê ûb û ^ ûe K'Y c ôk ^ û ó?

17) ^ RÕ \ Ü_ûe Zû_ûAñ_ë a û ôK'Y [ ô û?

18) Bg Ê u \ d ûe Kôcj ße j Ùð?

19) RM\ ûg Ê u i ØûKC ¥ ó?

20) \ ëL ûe j ë d b ûe KÙ f NëKe ô Ö?

**(ଗ) କ୍ଷୁଦ୍ର ଉ ରମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ । (ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ଚଉଦିଗରେ ଦୃଶ୍ୟମାନ ଜଗତର ଅଧୀଶ୍ୱର କିଏ ?

୨) ନିର୍ବାସିତର ବ୍ୟକ୍ତିର ଅଧିକାର କିପରି ବର୍ଣ୍ଣିତ ହୋଇଛି ?

୩) କେଉଁ ସୃଷ୍ଟି ସବୁ ମୋହରି ବୋଲି ସେ କହିଛି ?

୪) ବିଜନତାର ବେଶରେ କ'ଣ ଥାଏ ?

୫) ରଣକ୍ଷେତ୍ର ଓ ନିର୍ଜନସ୍ଥଳ ମଧ୍ୟରେ କେଉଁଟି ଗ୍ରହଣୀୟ ?

୬) କେଉଁ ଧ୍ୱନିକୁ ମଧୁମୟ ବୋଲି କୁହାଯାଇଛି ?

୭) 'ଜାଣିନାହାନ୍ତି କେବେ ନର ପ୍ରଭାବ' - କାହାର ଉକ୍ତି ?

୮) କେଉଁମାନେ ନର ପ୍ରଭାବ ଜାଣିନାହାନ୍ତି ବୋଲି କୁହାଯାଇଛି ?

୯) ତା'ର ବିହଙ୍ଗ ପକ୍ଷ ଥିଲେ ସେ କ'ଣ କରିପାରନ୍ତା ?

୧୦) ସନ୍ତାପିତ ପ୍ରାଣକୁ ଶୀତଳ କରିବା ପାଇଁ ସେ କ'ଣ କରନ୍ତା ?

୧୧) ତରୁଣମାନଙ୍କ ସଙ୍ଗେ ମିଳି ସେ କ'ଣ କରନ୍ତା ?

୧୨) ସ୍ୱର୍ଗୀୟ ମାଧୁରୀର କିଏ ସଦା ସୁନ୍ଦର ?

୧୩) ଦେବ-ଅର୍ଚ୍ଚନା-ବାଦ୍ୟ କିଏ ଶୁଣିନାହାନ୍ତି ବୋଲି କୁହାଯାଇଛି ?

୧୪) କେଉଁ ଜୀବନରେ ପଶୁଲୀଳା ସାଧନ ହିଁ ଏକ ମାତ୍ର କର୍ମ ବୋଲି କୁହାଯାଇଛି ?

୧୫) ବାୟୁର କ୍ରୀଡ଼ନକ କିଏ ?

୧୬) ମୋ ଘେନି ଭାଳନ୍ତି କି ବନ୍ଧୁନିକର - କିଏ କାହାକୁ କହିଛି ?

୧୭) ନିର୍ବାସିତର ସଂଶୟ କିଏ ଦୂର କରିବ ?

୧୮) ମଣିଷ ମନ କ୍ଷଣମାତ୍ରକେ କ'ଣ ଦର୍ଶନ କରିପାରେ ?

୧୯) ନୈରାଶ୍ୟ ସାଗରରେ ନିର୍ବାସିତର ମନ କାହିଁକି ବୁଡ଼ିଯାଉଥିଲା ?

୨୦) ନିର୍ବାସିତ ବ୍ୟକ୍ତିଟି ବୃଥାଭାବନା କରିବ ନାହିଁ ବୋଲି କାହିଁକି କହିଛି ?

୨୧) ନିର୍ଜନଦ୍ୱୀପରେ କେଉଁ ସମୟରେ ସେ କୁଟୀର ଭିତରକୁ ଯିବାପାଇଁ ଚାହିଁଛି ?

୨୨) ମନୁଷ୍ୟ ମନରେ କିଏ ସନ୍ତୋଷ ଜନ୍ମାଏ ?

୨୩) ଶାନ୍ତି ରତନ ଦ୍ୱାରା ନିର୍ବାସିତର କି ଉପକାର ସାଧିତହେବ ?

୨୪) କାହାର ହୃଦୟ ଭାରକୁ କିଏ ଲଘୁ କରିଦିଏ ?

୨୫) ମନୁଷ୍ୟ ମନରେ ସନ୍ତୋଷ କିପରି ଆସିପାରିବ ?

**(ଘ) ଅଳ୍ପ ଦୀର୍ଘଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ। ୩୦ ଟି ଶବ୍ଦ ମଧ୍ୟରେ ଉ ର ଲେଖ । (ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧) ନିର୍ବାସିତ ବ୍ୟକ୍ତିଟି ନିଜକୁ ଅଧୀଶ୍ୱର ବୋଲି କାହିଁକି ଭାବୁଥିଲା ?

୨) ତା ଅଧିକାର ଲୋଭରେ କିଏ ରଣ କରିବ ନାହିଁ ?

୩) ରଣ କ୍ଷେତ୍ରରେ ବାସ କରିବା ଶ୍ରେୟସ୍କର ବୋଲି କାହିଁକି କୁହାଯାଇଛି ?

୪) ତା' ବିଚାରରେ କ'ଣ ଓ କାହିଁକି ଅଧମଗତି ଥିଲା ?

୫) କେଉଁ ବାରତା ଜନ ସମୀପକୁ ଯିବ ନାହିଁ ?

୬) ନିର୍ବାସିତ ବ୍ୟକ୍ତିଟି କାହିଁକି ଚମକି ପଡୁଥିଲା ?

୭) ନିର୍ଜନ ଦୀପରେ ନିର୍ବାସିତର ବେନିଶ୍ରବଣକୁ କିଏ ଆଉ ତୋଷିବ ନାହିଁ ?

୮) ପଶୁମାନେ ଅନାସ୍ଥା ଭାବ କାହିଁକି ପ୍ରଦର୍ଶନ କରୁଥିଲେ ?

୯) ଦେବତା ମାନେ କାହିଁକି ନରଜନ୍ମ ନେବାପାଇଁ ଆଗ୍ରହୀ ହୁଅନ୍ତି ?

୧୦) ତା'ର ସନ୍ତାପିତ ପ୍ରାଣ କିପରି ଶୀତଳ ହେବ ?

୧୧) ସେ ଆମୋଦରେ କିପରି କାଳାତିପାତ କରିପାରନ୍ତା ବୋଲି ଭାବୁଥିଲା ?

୧୨) ମହୀମଣ୍ଡଳରେ କାହାର ପଟାନ୍ତର ନାହିଁ ବୋଲି କୁହାଯାଇଛି ?

୧୩) ଧର୍ମଉତ୍ସବ ସହିତ 'ଗିରିଗଣ'ର ସଂପର୍କ କ'ଣ ?

୧୪) ନିର୍ଜନଦୀପର ଘୋରବନରେ ଜୀବନଯାପନର ସ୍ୱରୂପ କ'ଣ ?

୧୫) ନିର୍ଜନ ଦ୍ୱୀପର ଜୀବନକୁ ବୃଥା ବୋଲି କାହିଁକି କୁହାଯାଇଛି ?

୧୬) ବାୟୁ ଆଗରେ ନିର୍ବାସିତ କି ପ୍ରାର୍ଥନା କରିଛି ?

୧୭) ନିର୍ବାସିତର ସଂଶୟ କିପରି ଦୂର ହେବ ?

୧୮) କବିତାରେ ମନର ସ୍ୱରୂପ କିପରି ବର୍ଣ୍ଣିତ ?

୧୯) ସ୍ୱଦେଶ କଥା ମନେପଡ଼ିଲେ ନିର୍ବାସିତକୁ କିପରି ଲାଗୁଥିଲା ?

୨୦) ନିର୍ବାସିତର ଦୁଃଖ କିଏ ଓ କିପରି ଫେଡ଼ିବେ ବୋଲି ସେ ଆଶାପ୍ରକାଶ କରିଛି ?

୨୧) ଦୁଃଖୀ ହୃଦୟ ଭାର କିପରି ଲାଘବ ହୁଏ ?

୨୨) ହୃଦୟ-ରାଜ୍ୟ ଶାନ୍ତିରତ୍ନରେ କିପରି ମଣ୍ଡିତ ହେବ ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) 'ନିର୍ବାସିତର ବିଳାପ' କବିତାର ମୁଖ୍ୟ ଭାବଧାରା ବିଶ୍ଳେଷଣ କର ।

୨) ପଠିତ କବିତା ମାଧ୍ୟମରେ ନିରାଶାରେ ଆଶା କିପରି ଚମକି ଉଠିଛି ଦର୍ଶାଅ ।

୩) ପଠିତ କବିତା ଅବଲମ୍ବନରେ ନିର୍ବାସିତବ୍ୟକ୍ତିର ମନୋଭାବ ବିଶ୍ଳେଷଣ କର ।

୪) ପଠିତ କବିତାରୁ ନିର୍ଜନ ଦ୍ୱୀପର ସ୍ୱରୂପ ନିର୍ଣ୍ଣୟ କର ।

୫) ନିର୍ଜନ ଦ୍ୱୀପରେ ନିର୍ବାସିତର ବାୟୁ ସମକ୍ଷରେ ପ୍ରକାଶିତ ଉକ୍ତିର ସ୍ୱରୂପ ନିର୍ଣ୍ଣୟ କର ।

୬) 'ନିର୍ଜନ ଦ୍ୱୀପରେ ନିର୍ବାସିତର ବ୍ୟାକୁଳତା' ବର୍ଣ୍ଣନା କର ।

୭) 'ନିର୍ବାସିତର ବିଳାପ' କବିତାର ସାରସ୍ୱତ ମୂଲ୍ୟାୟନ କର ।

***

# ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ

-୧-

ନନ୍ଦ କିଶୋର ବଳ

ଚମ୍ପାଫୁଲଟିଏ ପାଇଲି ବନ ହଳଦି ପ୍ରାୟେ,
ଶିବ ଉପାସନା କରିବି କାନ୍ତ ଆସିବା ଯାଏ ।
ଚମ୍ପାବତୀ ରାଜକୁମାରୀ ସେ ଯେ ନବ ତରୁଣୀ
ଗୀତ ଗାଏ ନିଜ ନବରେ ନିଜ ମନରେ ଗୁଣି ।
ସଖୀମେଳେ ଖେଳୁଥିଲଇଁ ମହା ହରଷଭରେ,
ଜନକ ଜନନୀ ସେନେହ ଭାସି ନିଶି ବାସରେ ।

କେଉଁ ଦେଶୁଁ ଆସି କି ମନ୍ତ୍ର ପଢୁ ନବ ଯୌବନ
ଅବ୍ୟକ୍ତ ବିଷାଦେ ବ୍ୟାକୁଳ ହେଲା ଏ ମୋର ମନ ।
ବାଲ୍ୟ ଚପଳତା ଉଭେଇ ଗଲା କେଣେ ମୋହର,
କେଉଁ ନବ ରାଜ୍ୟେ ଅଇଲି ନୋହିଲା ତ ଗୋଚର ।
ଖେଳ ହସ ଖୁସି ଆଉ ତ ମୋତେ ନ ଲାଗେ ସୁଖ,
ନିଭୃତ ଅନ୍ତରେ ପଶିଲା କାହୁଁ ଅବ୍ୟକ୍ତ ଦୁଃଖ ।
କାହିଁ କିବା ଛାଡ଼ି ଆସିଲା ପ୍ରାୟ ଲାଗଇ ମୋତେ,
କିଏ ଛାଡ଼ିଦେଇ ଯାଇଛି ମୋତେ ବିଦେଶେ ସତେ ।
ଲାଗୁଛି ପରାଣ ଅପୂର୍ଣ୍ଣ ଯେହ୍ନେ ଶୂନ୍ୟ ସଂସାର,
ମୁହିଁ ଯେହ୍ନେ ମୋର ନୁହଇ ସତେ ଆଉ କାହାର ।

ଆ କି ହେଲା ରେ ଏ ମନ, ଧିକ ଏ ପ୍ରାଣ ଯାଉ,
ଜନକ ଜନନୀ ସେନେହ ମନ ନ ମାନେ ଆଉ
ଭାବାନ୍ତର କିପାଁ ହେଲାରେ ବୁଝି ନ ପାରେ କିଛି,
ଜାଣିଲେ ଜନକ ଜନନୀ କିବା ବୋଲିବେ ଛି ଛି !
ସଖୀଏ ବା କିସ କହିବେ ଜାଣି ପାରିଲେ କଥା,
ନ କହି ତାଙ୍କୁ ବା ସହିବି କେଉଁପରି ଏ ବ୍ୟଥା ।
ନିଜ ରୂପ ନିଜେ ନିରେଖି ମତେ ମାଡ଼ଇ ଲାଜ
ଉ ୁଙ୍ଗ ଉରସେ କାହାର ଅଛି କେବଣ କାର୍ଯ୍ୟ !
ଏ ନବ ଯୌବନ ଏକାକୀ କିସ କରିବି ଆହା
କିଏ ମୋ ଜୀବନ ବଲ୍ଲଭ ତାଙ୍କୁ ଦେବଇଁ ତାହା ।
ଚମ୍ପାଫୁଲଟିଏ ପାଇଲି ବନ ହଳଦୀ ପ୍ରାୟେ
ଶିବ ଉପାସନା କରିବି କାନ୍ତ ଆସିବା ଯାଏଁ ।

– ୨ –

କାହାଲାଗି ପ୍ରାଣ ଉଦ୍‌ବିଗ୍ନ ଛନ ଛନ ମୋ ମନ,
କେଉଁଦେଶ ରାଜକୁମରେ ଦେଖିଲଇଁ ସ୍ୱପନ ।
କିବା କୁଳଶୀଳ ତାଙ୍କର ସେ ଯେ କାହା ନନ୍ଦନ
କାହାକୁ ସ୍ୱପନେ ଦେଖିଣ ମୁଁ ଯେ ହେଲି ଉନ୍ମନ ।

କହିଲେ ବିଦେଶୀ କୁମର ସ୍ୱପ୍ନେ ମଧୁବଚନ,
ଢ଼ଳଢ଼ଳ ତାଙ୍କ ଚାହାଣି କିଣିନେଲା ମୋ ମନ ।
ଲାଜରେ ଜୀବନ ଯୌବନ ନ ସମ୍ପିଲି ପୟରେ
ନାହିଁ ଗଲେ ନବ ତରୁଣ, ଏବେ ଝୁରିଣ ମରେଁ ।
ମନଚୋର ମନ ଚୋରାଇ କାହିଁଗଲେ ନିମିଷେ
ଆକୁଳ ପରାଣ ମୋହର ତାଙ୍କ ବିନା ଏ ଦେଶେ ।
ଏ ମୋର ସ୍ୱପୁର ଲାଗଇ ଯେହ୍ନେ ଦୂର ପ୍ରବାସ
ତାଙ୍କ ସଙ୍ଗେ କରି ପାରଇ ଘୋର ଗହନବାସ
ପାରିଧିରୁ ବେନି ସୋଦରେ ବାହୁଡ଼ନ୍ତି ଦିନାନ୍ତେ,
ଦେଖି ଭାବେଁ, ଦେଖିଛନ୍ତି କି ସେ ମୋ ପରାଣକାନ୍ତେ ।
କିଏସେ କି ନାମ ତାଙ୍କର କେଉଁ ଦେଶରେ ଘର,
ଜାଣେ ନାହିଁ ସବୁ ବୃ  ାନ୍ତ, କିନ୍ତୁ ଲୋଡ଼େ ଅନ୍ତର ।
କେବେ ହେବ ପ୍ରିୟଦର୍ଶନ ଏହି ନବ ଯୌବନେ
ଅରପିବି ମୁଁ ଏ ପରାଣ ତାଙ୍କ ଦିବ୍ୟ ଚରଣେ ।

– ୩ –

ଚମ୍ପାଫୁଲଟିଏ ପାଇଲି ବନ ହଳଦି ପ୍ରାୟେ
ଦେବ ଆରାଧନା କରିବି କାନ୍ତ ପାଇବାଯାଏ ।
କାହାଲାଗି ପ୍ରାଣ ଉଦାସ ଛନଛନ ମୋ ମନ
କେଉଁ ଦେଶ ରାଜକୁମରେ ଦେଖିଲଇଁ ସ୍ୱପନ ।

ଜଳୁଥିଲା ରତ୍ନ ପ୍ରଦୀପ କିଳିଥିଲି କବାଟ
ଏ ପୁରେ କେମନ୍ତେ ପଶିଲେ ପାଇ କେବଣ ବାଟ ।
ନିଦ୍ରାବେଶେଥିଲି, ହା ଲାଜ ! ମୁଁ ଯେ ଅଣ ଆୟତେ ,
ଖସିଥିଲା ବାସ ଅଙ୍ଗରୁ ଦେଖିଲଇଁ ଜାଗ୍ରତେ ।
ଦୀପାଲୋକେ ଦେଖିଥିବେ ସେ ମୋର ଏ ସ୍ରସ୍ତ ବେଶ,
ଦେଖିଥିବେ ସିନା ବସନ ମୁକ୍ତ ଉରସ କେଶ ।
ଚମ୍ପାଫୁଲେ କେଶ ମଣ୍ଡାଇ ହାର କଣ୍ଠେ ଲମ୍ବାଇ
ଅସ୍ପଷ୍ଟ ସ୍ୱପନେ ସୁନ୍ଦର କେଣେ ଗଲେ ଉଭାଇ ।

– ୪ –

ଚମ୍ପାଫୁଲଟିଏ ପାଇଲି ବନ ହଳଦି ପ୍ରାୟେ
ଦେବ ଆରାଧନା କରିବି କାନ୍ତ ପାଇବା ଯାଏ ।
ଶ୍ୟାମଳ ସୁନ୍ଦର ଧରଣୀ ଚାହିଁ ନୀଳ ଆକାଶ,
ଶୀତ ପ୍ରେମବାରି ମାଗିଣ କରେ ସ୍ୱତାପ ନାଶ ।
ପିତୃକୋଳ ତେଜି ତଟିନୀ ଯାଏଁ ବାରିଧି ପାଶେ
ଉତ୍କୂଳ-ଜୀବନ-ଜୀବନ ପଦେ ଢ଼ାଳିବା ଆଶେ ।
ସୁକୁମାରୀ ଲତା ବିଟପୀ-ଅଙ୍ଗେ ଲୋଡ଼ି ଆଶ୍ରୟ,
ଆଲିଙ୍ଗନ କରେ ସପ୍ରେମେ ତେଜି ସକଳ ଭୟ ।
ଭାନୁ କରେ ନବ ନଳିନୀ ଫୁଟି ଲଭଇ ମୁଦ
ବିଧୁ ବିଭା ପାଇ ହସଇ ନିମୀଳିତ କୁମୁଦ ।

ଢ଼ଳ ଢ଼ଳ ପ୍ରେମ ଚପଳା ଖେଳେ ନବୀନ ଘନେ,
ଯୁଗ୍ମେ ଯୁଗ୍ମେ ବିହି ଖଞ୍ଜିଛି ସର୍ବେ ଖିଳ ଭୁବନେ ।
ଏକାକିନୀ ମୁହିଁ କି ଦୋଷେ କାଟେ ନବ ଯୌବନ
ଉଚ୍ଛ୍ୱସିତ ଏ ମୋ ପ୍ରଣୟ ରଖି ନ ପାରେ ମନ ।
ଏ ବିଶ୍ୱବାଜେଣୀ ବୀଣାରେ ମୋ ବିରହ ଗାୟନ
ଏକ ତାନେ ଯେହ୍ନେ ଉଠଇ ଶୁଣି ହୁଏ ଉନ୍ମନ ।
ସ୍ୱପ୍ନର ବିହଙ୍ଗ ସୁତାନ କୁସୁମିତ ବଲ୍ଲରୀ,
ସହାସେ ସୂଚାନ୍ତି 'ବିଫଳ ଏ ଯୌବନ ମୋହରି'
କାହାନ୍ତି ସେ ମୋର ଈପ୍‌ସିତ ମୋର ଜୀବିତେଶ୍ୱର,
ନିବେଶିବି ଦଗ୍ଧ ବକ୍ଷରେ ଯାଙ୍କ ଦିବ୍ୟ ପୟର ।
ଆପଣାଙ୍କୁ ଦେଇ ଯାହାଙ୍କୁ କରିନେବି ନିଜର,
ଏହି ମୋ ଯୌବନ ଉଦ୍ଦେଶ୍ୟ ସାର ଏ ଜୀବନର ।
ଚମ୍ପାଫୁଲଟିଏ ପାଇଲି ବନ ହଳଦି ପ୍ରାୟେ,
ଦେବ-ଆରାଧନା କରିବି କାନ୍ତ ପାଇବା ଯାଏ ।

**କବି ପରିଚୟ : (୧୮୭୫-୧୯୨୮)**

କଟକ ଜିଲ୍ଲା ଅନ୍ତର୍ଗତ ମାହାଙ୍ଗା ଥାନାର କୁସୁପୁର ଗ୍ରାମରେ ନନ୍ଦକିଶୋର ବଳ ୧୮୭୫ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ଓଡ଼ିଆ ସାହିତ୍ୟରେ ପଲ୍ଲୀକବି ଭାବରେ ସମ୍ମାନିତ ନନ୍ଦକିଶୋର ବଳ ଶିକ୍ଷାବିଭାଗରେ କର୍ମଜୀବନ ଆରମ୍ଭ କରି ସ୍କୁଲ ସବ୍‌ନିସ୍‌ପେକ୍ଟର ପଦବୀ ପର୍ଯ୍ୟନ୍ତ ଉନ୍ନୀତ ହୋଇପାରିଥିଲେ । କବି ଜୀବନର ଆଦ୍ୟସ୍ଫୁରଣ

ଘଟିଥିଲା 'ସୀତା ବନବାସ' 'ଶର୍ମିଷ୍ଠା' ଏବଂ 'କୃଷ୍ଣକୁମାରୀ' କାବ୍ୟରେ; କିନ୍ତୁ ଏହି କାବ୍ୟରୀତି ରାଧାନାଥଙ୍କ କାବ୍ୟରୀତିର ଅନୁକରଣ ମାତ୍ର ଥିଲା । ପରବ ୀ କାଳରେ ସେ ସମ୍ଭବତଃ ଫକୀରମୋହନଙ୍କ କବିତା ରୀତି ଅନୁସରଣ କରି ରାଧାନାଥଙ୍କ ପ୍ରଭାବରୁ ନିଜକୁ ମୁକ୍ତ କରିଥିଲେ । 'ପଲ୍ଲୀଚିତ୍ର', 'ନିର୍ଝରିଣୀ', 'ବସନ୍ତ କୋକିଳ', ତରଙ୍ଗିଣୀ', 'ଚାରୁଚିତ୍ର',ନିର୍ମାଲ୍ୟ',ପ୍ରଭାତ ସଙ୍ଗୀତ ଓ 'ନାନାବାୟା ଗୀତ' ପ୍ରଭୃତି କବିତା ସ ୟନ ମଧ୍ୟରେ ଫକିରମୋହନଙ୍କ କବିତା ରୀତିର ପ୍ରତିଫଳନ ସ୍ପଷ୍ଟ ପ୍ରତୀୟମାନ ହୋଇଥାଏ । କିନ୍ତୁ ବିଷୟବସ୍ତୁ ନିର୍ବାଚନ ଓ ପଲ୍ଲୀପ୍ରକୃତି ତଥା ଜୀବନର ବିଦଗ୍ଧ ଚିତ୍ରଣରେ ନନ୍ଦକିଶୋରଙ୍କର ମୌଳିକତା ଓ ସ୍ୱତନ୍ତ୍ରତା ପ୍ରତିପାଦିତ ହୋଇପାରିଛି ।

ଓଡ଼ିଆ କବିତାର ଆଧୁନିକ ପର୍ବରେ ଫକୀରମୋହନ, ରାଧାନାଥ, ମଧୁସୂଦନ ଓ ଗଙ୍ଗାଧରଙ୍କ ପରେ ସେ ହିଁ ସ୍ମରଣୀୟ ଏବଂ କୃତିତ୍ୱସଂପନ୍ନ । ଆଲୋଚ୍ୟ 'ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ' କବିତାଟି ତାଙ୍କର ତରଙ୍ଗିଣୀ ସଂକଳନରୁ ଗୃହୀତ ।

## ବିଷୟ ପ୍ରବେଶ :

୧୯୨୫ ମସିହାରେ ରଚିତ ନନ୍ଦ କିଶୋର ବଳଙ୍କର 'କନକଲତା' ଉପନ୍ୟାସରେ ଏଇ କବିତାର ପ୍ରସ୍ତୁତି ପର୍ବ ଦେଖିବାକୁ ମିଳେ । ସମ୍ଭ୍ରାନ୍ତ ହରିଚନ୍ଦନ ବଂଶର କନ୍ୟା କନକଲତା ସହିତ ପାଇକରାୟ ବଂଶର ଶିକ୍ଷିତ ଯୁବକ ଧନଞ୍ଜୟଙ୍କର ସାକ୍ଷାତ ହୋଇଛି ଆଖଣ୍ଡଳମଣିଙ୍କ ବେଢ଼ାରେ । ପରେ ପରେ ଉଭୟଙ୍କ ମଧ୍ୟରେ ବିବାହ ସ୍ଥିରୀକୃତ ହୋଇଛି । ପ୍ରଥମ ଦେଖାରେ କନକଲତାର ଧନଞ୍ଜୟଙ୍କ ପ୍ରତି ଦୁର୍ବଳତା ଆସିଯାଇଥିଲା । ଧନଞ୍ଜୟଙ୍କ ସହିତ ଈପ୍‌ସିତ ବିବାହର ଶୁଭଦିନକୁ ଅପେକ୍ଷା କରି ମିଳନ ଆକାଂକ୍ଷାରେ ସମୟଯାପନ କରୁଥିବା କନକଲତାର ମନୋଭାବ ଏହି କବିତାରେ ବର୍ଣ୍ଣିତ । ଯୌବନାବସ୍ଥାରେ ତନୁ ମନ ଓ ପ୍ରାଣରେ ଯେଉଁ ପରିବ ନ ଆସେ ଏବଂ

ଅନ୍ତରରେ ପୁଲକର ଯେଉଁ ଜୁଆର ଉଠେ ତାହାର ରୂପାୟନ ଏଇ କବିତାରେ ଦେଖିବାକୁ ମିଳେ । ଏହି ପୃଷ୍ଠଭୂମିକୁ ବାଦ୍‌ଦେଇ ସାଧାରଣ ଭାବରେ ଜଣେ ଯୁବତୀର ଯୌବନ କାଳୀନ ଅନୁଭବକୁ ଏହି କବିତାର ଭାବଭୂମି ବୋଲି ମଧ୍ୟ ଧରି ନିଆଯାଇପାରେ । ଏହା ଏକ ଇଙ୍ଗିତାତ୍ମକ କବିତା । ମଣିଷ ଜୀବନର ମହା ମୂଲ୍ୟବାନ ଓ ଅଫୁରନ୍ତ ସମ୍ଭାବନାମୟ ଅଧ୍ୟାୟ ହେଉଛି ତାହାର ଯୌବନାବସ୍ଥା ।  ଏହି ପର୍ଯ୍ୟାୟରେ ଜଣେ ଆଉ ଜଣଙ୍କର ସଙ୍ଗ ଲାଭ କରିବାପାଇଁ ବ୍ୟାକୁଳିତ ହୋଇଉଠେ । ଦୁଇଟି ଜୀବନର ମିଳନ ମାଧୁରୀରେ ଜୀବନର ସାର୍ଥକତା ଓ ଅମୃତତ୍ୱ ଅନୁଭବ କରିହୁଏ । ଏହି ଚିନ୍ତାଧାରାକୁ ରୂପାୟିତ କରିବାକୁ ଯାଇ କବି ଯୌବନକୁ ଏକ ଚମ୍ପାଫୁଲ ସହିତ ତୁଳନା କରିଛନ୍ତି । ଚମ୍ପାଫୁଲ ଭଳି ଯୌବନାବସ୍ଥା କ୍ଷଣସ୍ଥାୟୀ ହେଲେହେଁ ସୌରଭଦୀପ୍ତ । କ୍ଷଣଜୀବୀ ଏହି ସ୍ଫୁଲିଙ୍ଗର ଅର୍ଚ୍ଚନ ଓଡ଼ିଆ ସାହିତ୍ୟରେ ବହୁ କବି କରିଥିଲେ ମଧ୍ୟ ନନ୍ଦକିଶୋରଙ୍କର ଚର୍ଚ୍ଚା ବେଶ୍ ନିଆରା ଏବଂ ସ୍ୱତନ୍ତ୍ର ମନେହୁଏ । ଭାବଧାରାରେ ସାଂସ୍କୃତିକ ଶାଳୀନତା ଏବଂ ଶବ୍ଦ ଚୟନରେ ଅନନ୍ୟ ସରଳତା ତାଙ୍କ କବିତାର ମହତ୍ୱକୁ ପାଠକମାନଙ୍କପ୍ରତି ସଶ୍ରଦ୍ଧ କରାଇ ପାରିଛି ।

**ଶବ୍ଦାର୍ଥ ପ୍ରସଙ୍ଗ :**

କାନ୍ତ - ସ୍ୱାମୀ, ପ୍ରିୟ

ଉପାସନା - ପୂଜା, ଆରାଧନା

ନବର - ନଅର, ଉଆସ

ଅବ୍ୟକ୍ତ - ଅପ୍ରକାଶିତ, ସାଧାରଣ ଜ୍ଞାନର ଅତୀତ

ବିଷାଦ - ଖେଦ, ନିରାନନ୍ଦତା (ବିପରୀତ-ପ୍ରସାଦ)

ବ୍ୟାକୁଳ - ଅତୀବ ଆକୁଳ, ଅସ୍ଥିର ।

ଚପଳତା – ଚ ଳତା, ଚଗଲାମି,ଅସ୍ଥିରଚି ତା

ଗୋଚର – ଅବଗତି, ଉପଲବ୍ଧି

ନିଭୃତ – ନିର୍ଜନ, ଗୋପନ, ଏକାନ୍ତ

ଭାବାନ୍ତର – (ଅନ୍ୟ-ଭାବ), ମାନସିକ ଅବସ୍ଥାର ପରିବ ର୍ନ

ନିରେଖି – ନିରୀକ୍ଷଣ କରି, ଦେଖି

ଉ ୁଙ୍ଗ – ଅତି ଉଚ୍ଚ

ଉରସ – ବକ୍ଷଃସ୍ଥଳ

ବଲ୍ଲଭ – ସ୍ୱାମୀ, ପ୍ରଭୁ

ଉଦ୍‌ବିଗ୍ନ – ଉତ୍‌କଣ୍ଠିତ, ବ୍ୟସ୍ତ, ଚ ଳ

କୁଳଶୀଳ – ସଦ୍‌ବଂଶ ଓ ସଦାଚରଣ

ଉନ୍ମନ – ବ୍ୟାକୁଳ, ଉତ୍ସୁକ, ଅନ୍ୟମନସ୍କ

ସମ୍ପିଲି – ସମର୍ପଣ କଲି, ଅର୍ପଣ କଲି, ଉତ୍ସର୍ଗ କଲି

ନିମିଷ – ଆଖି ପତା ଥରେ ପଡ଼ିବା ପାଇଁ ଲାଗୁଥିବା ଅତି ଅଳ୍ପସମୟ ।

ପ୍ରବାସ – ବିଦେଶରେ ବାସ

ଗହନବାସ – ଘୋରବନରେ ବାସ, ଦୁର୍ଗମ ବାସ,ଦୁର୍ବୋଧ ବାସ

ସୋଦର – ଭ୍ରାତା

ଦିନାନ୍ତ – ସଂଧ୍ୟା

ସ୍ରସ୍ତ – ଶିଥିଳ, ସ୍ଥାନଭ୍ରଷ୍ଟ

ଉତ୍କୂଳ - (ଉତ୍ +କୂଳ) - ଯାହା କୂଳ ଟପିଯାଏ, ଉଚ୍ଛୁଳା

ବିଟପୀ - ବୃକ୍ଷ

ଭାନୁ -ସୂର୍ଯ୍ୟ

ମୁଦ - ଆନନ୍ଦ

ନଳିନୀ - ପଦ୍ମ

ବିଧୁ -ଚନ୍ଦ୍ର

ନିମୀଳିତ - ମୁଦ୍ରିତ, ବୁଜି ହୋଇଯାଇଥିବା

କୁମୁଦ - କଇଁ

ଚପଳା - ବିଜୁଳି

ଖିଳ - ସମଗ୍ର

ଉଚ୍ଛ୍ୱସିତ - ସ୍ଫୀତ, ବିକଶିତ

ପ୍ରଣୟ - ପ୍ରେମ, ଅନୁରାଗ, ଅନ୍ତରଙ୍ଗତା

ସୁତାନ - ଉ  ମ ଧ୍ୱନି

ବଲ୍ଲରୀ - ଲତା

ଈପ୍‌ସିତ -ବାଞ୍ଛିତ

ଦଗ୍ଧ - ପୋଡ଼ା, ଯନ୍ତ୍ରଣାଗ୍ରସ୍ତ

ପୟର - ପାଦ

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ   ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

### (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ   ର ବାଛି ଲେଖ)

୧) ଚମ୍ପାଫୁଲଟିର ବର୍ଣ୍ଣ କିପରି ?

(କ) ହଳଦି ପ୍ରାୟ (ଖ) ଆମ୍ବ ପ୍ରାୟ

(ଗ) ପଣସ ପ୍ରାୟ (ଘ) ନଡ଼ିଆ ପ୍ରାୟ

୨) କବିତାରେ ଚମ୍ପାଫୁଲ କାହାସହିତ ତୁଳନୀୟ ?

(କ) ଶୈଶବ (ଖ) ଯୌବନ

(ଗ) କୈଶୋର (ଘ) ବାର୍ଦ୍ଧକ୍ୟ

୩) ରାଜକୁମାରୀ ଚମ୍ପାଫୁଲଟି ପାଇସାରିଲା ପରେ କେଉଁଠାରେ ଗୀତ ଗାଉଥିଲେ ?

(କ) ନିଜ ନବରରେ (ଖ) ଉପବନରେ

(ଗ) ଜଙ୍ଗଲରେ (ଘ) ପୁଷ୍କରିଣୀ କୂଳରେ

୪) ନବ ଯୌବନ ଆସିବା ପରେ ଚମ୍ପାବତୀ କେଉଁ ବିଷାଦରେ ବ୍ୟାକୁଳିତ ହେଲା ?

(କ) ବ୍ୟକ୍ତ ବିଷାଦ (ଖ) ଅବ୍ୟକ୍ତ ବିଷାଦ

(ଗ) ବିଷୟ ବିଷାଦ (ଘ) ବିରହ ବିଷାଦ

୫) ଯୌବନ ଆସିବାପରେ ଚମ୍ପାବତୀର କ'ଣ ଉଭେଇଗଲା ?

(କ) ବାଲ୍ୟଚପଳତା (ଖ) ଦୁଃଖଭାବ

(ଗ) ଦରିଦ୍ର ଭାବ (ଘ) ରାଜକୀୟ ବଡ଼ପଣ

୬) ଜନକ ଜନନୀ ସେନେହ ମନ ନ ମାନେ ଆଉ - କେତେବେଳେ ?

(କ) ବାଲ୍ୟକାଳରେ (ଖ) ଯୌବନଆଗମନରେ

(ଗ) କୈଶୋରରେ (ଘ) ବାର୍ଦ୍ଧକ୍ୟରେ

୭) ବିଦେଶୀ କୁମର ସ୍ୱପ୍ନରେ କ'ଣ କହିଲେ ?

(କ) କର୍କଶ ବାଣୀ (ଖ) ମଧୁବଚନ

(ଗ) କଠୋର କଥା (ଘ) ଦୁଃଖ କାହାଣୀ

୮) ରାଜକୁମାର ଦୀପାଲୋକରେ ରାଜ କୁମାରୀଙ୍କର କ'ଣ ଦେଖିଥିବେ ?

(କ) ସ୍ରସ୍ତବେଶ (ଖ) ଅନ୍ତଃପୁର

(ଗ) ଖଟ ପଲଙ୍କ (ଘ) ଧନରତ୍ନ

୯) ଚମ୍ପାଫୁଲ ଦ୍ୱାରା ରାଜକୁମାରୀ କେଉଁ ପର୍ଯ୍ୟନ୍ତ ଦେବ ଆରାଧନା କରିବେ ?

(କ) ବୁଢ଼ୀ ହେବା ପର୍ଯ୍ୟନ୍ତ (ଖ) ମାଆ ହେବା ପର୍ଯ୍ୟନ୍ତ

(ଗ) ମନଦୁଃଖ ଥିବାପର୍ଯ୍ୟନ୍ତ (ଘ) କାନ୍ତ ପାଇବା ପର୍ଯ୍ୟନ୍ତ

୧୦)ରାଜକୁମାରୀ କାହା ସହିତ ଗହନବାସ କରିପାରିବେ ବୋଲି କହିଛନ୍ତି ?

(କ) ନବ ତରୁଣ (ଖ) ବାପା

(ଗ) ମାଆ (ଘ) ଭାଇ

୧୧) ନବଯୌବନରେ ଚମ୍ପାବତୀ କେଉଁ ଦର୍ଶନ ପାଇଁ ବ୍ୟଗ୍ରଥିଲେ ?

(କ) ପ୍ରିୟଦର୍ଶନ (ଖ) ପ୍ରକୃତି ଦର୍ଶନ

(ଗ) ସୂର୍ଯ୍ୟ ଦର୍ଶନ (ଘ) ଚନ୍ଦ୍ର ଦର୍ଶନ

୧୨) ଶ୍ୟାମଳ ସୁନ୍ଦର ଧରଣୀ ନୀଳ ଆକାଶଠାରୁ କ'ଣ ମାଗେ ?

(କ) ଶୀତ ପ୍ରେମବାରି (ଖ) କରକାପାତ

(ଗ) ଘଡ଼ଘଡ଼ି ଶବ୍ଦ (ଘ) ଝଂଜାବାତ

୧୩) ପିତୃକୋଳ ତେଜି କିଏ ବାରିଧି ପାଖକୁ ଯାଏ ?

(କ) ସମୁଦ୍ର (ଖ) ମେଘ

(ଗ) ତଟିନୀ (ଘ) ପାହାଡ଼

୧୪) ନବନଳିନୀ ଭାନୁ କିରଣରେ କ'ଣ ଲାଭ କରେ ?

(କ) ମୁଦ (ଖ) ଦୁଃଖ

(ଗ) ବିଷାଦ (ଘ) ନିରାଶା

୧୫) ବିଧୁ ବିଭାପାଇ କିଏ ହସ ହସ ହୋଇଉଠେ ?

(କ) ଚମ୍ପା (ଖ) ପଦ୍ମ

(ଗ) କୁମୁଦ (ଘ) ମଲ୍ଲୀ

୧୬) ଚପଳା କେଉଁଠାରେ ଖେଳେ ?

(କ) ଘନେ (ଖ) ବନେ

(ଗ) ସଦନେ (ଘ) ସମୁଦ୍ରେ

୧୭) 'ବିଫଳ ଏ ଯୌବନ ମୋହରି' – କିଏ କହିଛି ?

(କ) ରାଜକୁମାର (ଖ) ରାଜକୁମାରୀ

(ଗ) କୁମୁଦ (ଘ) ପଦ୍ମ

୧୮) ସୁକୁମାରୀ ଲତା କେଉଁଠି ଆଶ୍ରୟ ଲୋଡ଼ିଥାଏ ?

(କ) ପଥର ଉପରେ (ଖ) ବୀଟପୀ-ଅଙ୍ଗେ

(ଗ) ସମୁଦ୍ର ଭିତରେ (ଘ) ପାଦପତଳେ

୧୯) ଯୁଗେ ଯୁଗେ ବିହି କ'ଣ ଖଞ୍ଜିଛି ?

(କ) ପ୍ରେମଭାବ (ଖ) ବୈରଭାବ

(ଗ) ଘୃଣାଭାବ (ଘ) ବିସ୍ମୟଭାବ

୨୦) ରାଜକୁମାରୀ ତାଙ୍କ ଦଗ୍ଧ ବକ୍ଷରେ ଜୀବିତେଶ୍ୱରଙ୍କର କ'ଣ ସ୍ଥାପନ କରିବେ ?

(କ) ଦିବ୍ୟ ପୟର (ଖ) ଫୁଲମାଳ

(ଗ) ଆଶୀର୍ବାଦ (ଘ) ବରଦାନ

**(ଖ)କ୍ଷୁଦ୍ର ଉ ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ। ଗୋଟିଏ ବାକ୍ୟରେ ଉ ର ଲେଖ।**

୧) ରାଜକୁମାରୀ କେଉଁ ଫୁଲଟିଏ ପାଇଥିଲେ ?

୨) ସେ ଚମ୍ପାଫୁଲର ବର୍ଣ୍ଣ କିପରି ଥିଲା ?

୩) କାନ୍ତ ଆସିବା ପର୍ଯ୍ୟନ୍ତ ଚମ୍ପାବତୀ କାହାକୁ ଉପାସନା କରିବେ ?

୪) ନବ ଯୌବନର ମନ୍ତ୍ର ପାଠରେ ଚମ୍ପାବତୀର ମନ କ'ଣ ହେଲା ?

୫) ରାଜକୁମାରୀର ବାଲ୍ୟ ଚପଳତା କାହିଁକି ଉଭେଇଗଲା ?

୬) ଖେଳ ହସଖୁସି ତାକୁ କାହିଁକି ସୁଖ ଲାଗୁ ନ ଥିଲା ?

୭) ଯୌବନ ଆସିବା ପରେ ରାଜକୁମାରୀଙ୍କୁ କିପରି ଲାଗୁଥିଲା ?

୮) କ'ଣ ପାଇଁ ଜନକ ଜନନୀ ଛି ଛି ବୋଲିବେ ?

୯) ରାଜକୁମାରୀଙ୍କୁ କାହିଁକି ଲାଜ ମାଡୁଥିଲା ?

୧୦) ଜୀବନ ବଲ୍ଲଭଙ୍କୁ ଚମ୍ପାବତୀ କ'ଣ ଦେବାକୁ ଚାହୁଁଥିଲା ?

୧୧) କାହାକୁ ସ୍ୱପ୍ନରେ ଦେଖି ରାଜକୁମାରୀ ଉନ୍ମନ ହେଲେ ?

୧୨) କାହାର ଦିବ୍ୟ ଚରଣରେ ରାଜକୁମାରୀ ତାଙ୍କ ପରାଣ ଅର୍ପଣ କରିବେ ?

୧୩) ବେନି ସୋଦରଙ୍କୁ ରାଜକୁମାରୀ କ'ଣ ପଚାରିବାକୁ ଚାହୁଁଥିଲେ ?

୧୪) ଶ୍ୟାମଳ ସୁନ୍ଦର ଧରଣୀ ନୀଳ ଆକାଶ ଠାରୁ ଶୀତ ପ୍ରେମବାରୀ କାହିଁକି ମାଗିଥାଏ ?

୧୫) ନବ ଯୌବନରେ ଚମ୍ପାବତୀ କେଉଁ ଦର୍ଶନ ଆଶା କରୁଥିଲେ ?

୧୬) ପିତୃକୋଳ ତେଜି ତଟିନୀ କାହା ପାଖକୁ ଯାଏ ?

୧୭) ବିଟପୀ ଅଙ୍ଗରେ କିଏ ଆଶ୍ରୟ ଲୋଡ଼ିଥାଏ ?

୧୮) ନବ ନଳିନୀ କେଉଁଥିରେ ଆନନ୍ଦ ଲାଭ କରେ ?

୧୯) କ'ଣ ପାଇଁ କୁମୁଦ ହସିଉଠେ ?

୨୦) ରାଜକୁମାରୀ କ'ଣ ଦେଇ ଜୀବିତେଶ୍ୱରଙ୍କୁ ନିଜର କରିନେବେ ?

## (ଗ) କ୍ଷୁଦ୍ର ଉ ରମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)

୧) କିଏ ଚମ୍ପାଫୁଲଟିଏ ପାଇଥିଲେ ?

୨) କାହାର ବାଲ୍ୟ ଚପଳତା କେତେବେଳେ ଉଭେଇଗଲା ?

୩) ନବଯୌବନ ଆଗମନରେ ରାଜକୁମାରୀଙ୍କର ନିଭୃତ ଅନ୍ତରରେ କ'ଣ ହେଲା ?

୪) ଜନକ ଜନନୀଙ୍କ ସ୍ନେହରେ କେତେବେଳେ ରାଜକୁମାରୀଙ୍କର ମନ ଆଉ ମାନୁ ନ ଥିଲା ?

୫) ସଖୀଙ୍କୁ ନ କହି କିଏ କେଉଁ ବ୍ୟଥା ସହିପାରିବେ ନାହିଁ ?

୬) ନବଯୌବନ ସମୟରେ ଚମ୍ପାବତୀ କାହାକୁ ଖୋଜୁଥିଲେ ?

୭) କାହାର କୁଳଶୀଳ କିଏ ଜାଣି ନଥିଲେ ?

୮) ରାଜକୁମାରୀ ଲାଜରେ କ'ଣ ସମର୍ପି ପାରିଲେ ନାହିଁ ?

୯) ଚମ୍ପାବତୀ ବେନି ସୋଦରଙ୍କ ଠାରୁ କ'ଣ ଜାଣିବାକୁ ଚାହୁଁଥିଲେ ?

୧୦) ନବ ଯୌବନ ଅବସ୍ଥାରେ ପ୍ରିୟଦର୍ଶନ ଲାଭକଲେ ରାଜକୁମାରୀ କ'ଣ କରିବେ ?

୧୧) ତଟନୀ ଓ ବାରିଧିର ପ୍ରାସଙ୍ଗିକତା କ'ଣ ?

୧୨) କିଏ କାହିଁକି ଈପ୍ସିତ ଜୀବିତେଶ୍ୱରଙ୍କୁ ଖୋଜୁଥିଲେ ?

୧୩) ଦିବ୍ୟ ପୟର ପ୍ରାସଙ୍ଗିକତା କ'ଣ ?

୧୪) ଆପଣାକୁ ଦେଇ ରାଜକୁମାରୀ କାହାକୁ ନିଜର କରିନେବେ ?

୧୫) ଦେବ ଆରାଧନା କିଏ କିପରି କରିବେ ?

**(ଘ)ଅଳ୍ପ ଦୀର୍ଘ ଉ   ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ ଟି ଶବ୍ଦ ମଧ୍ୟରେ ଉ   ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ   ର ପାଇଁ ୨ ନମ୍ବର)**

୧) ରାଜକୁମାରୀଙ୍କ ମନ କାହିଁକି ବ୍ୟାକୁଳ ଥିଲା ?

୨) ଚମ୍ପାବତୀର ବାଲ୍ୟ ଚପଳତା ଉଭେଇ ଯିବାର କାରଣ କ'ଣ ?

୩) 'ଲାଗୁଛି ପରାଣ ଅପୂର୍ଣ୍ଣ' - ର ପ୍ରସଙ୍ଗ ନିର୍ଦ୍ଦେଶ କର ?

୪) ସଖୀଏ ବା କିସ କହିବେ ଜାଣିପାରିଲେ କଥା - କେଉଁକଥା ଓ କାହାର ?

୫) ରାଜକୁମାରୀଙ୍କୁ କାହିଁକି ଲାଜ ମାଡୁଥିଲା ?

୬) ଜୀବନବଲ୍ଲଭଙ୍କୁ କ'ଣ ଦେବାପାଇଁ ସେ ଚାହୁଁଥିଲେ ?

୭) ରାଜକୁମାରୀ କାହିଁକି ଉନ୍ମନ ଥିଲେ ?

୮) କିଏ କାହାପାଖରେ କ'ଣ ସମର୍ପଣ କରିପାରିଲେ ନାହିଁ ?

୯) କିଏ କାହାର କେତେବେଳେ ମନ ଚୋରାଇ ନେଲେ ?

୧୦) ରାଜକୁମାରୀ ଜାଗ୍ରତ ଅବସ୍ଥାରେ କ'ଣ ଦେଖିଲେ ?

୧୧) ଶ୍ୟାମଳ ସୁନ୍ଦର ଧରଣୀ ସହିତ ନୀଳ ଆକାଶର ସମ୍ପର୍କ କ'ଣ ?

୧୨) ଏ ବିଶ୍ୱବାଜେଣୀ ବୀଣାରେ ମୋ ବିରହ ଗାୟନ- ପ୍ରସଙ୍ଗ ନିର୍ଦ୍ଦେଶ କର ?

୧୩) 'ବିଫଳ ଏ ଯୌବନ ମୋହରି' କିଏ କେତେବେଳେ କାହିଁକି କହିଛି ?

୧୪) ରାଜକନ୍ୟାର ଯୌବନର ଉଦ୍ଦେଶ୍ୟ କ'ଣ ଥିଲା ।

୧୫) କବିତାରେ ଚମ୍ପାଫୁଲର ମହତ୍ୱ କ'ଣ ?

**ଙ) ଦୀର୍ଘ ଉ  ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ  ର ଲେଖ ।**

୧) ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ ଭାବନା ବର୍ଣ୍ଣନା କର ?

୨) ନବଯୌବନ ଆଗମନରେ ରାଜକନ୍ୟାଙ୍କ ମନରେ ଯେଉଁ ଭାବାନ୍ତର ଆସିଥିଲା ତାହାର ସ୍ୱରୂପ ନିର୍ଣ୍ଣୟ କର ?

୩) ପଠିତ କବିତା ଅବଲମ୍ବନରେ ନବ ତରୁଣୀର ମନୋଭାବ ବର୍ଣ୍ଣନା କର ?

୪) କବିତାରେ ବର୍ଣ୍ଣିତ ଯୁଗ୍ମଭାବର ବୈଶିଷ୍ଟ୍ୟ ନିରୂପଣ କର ?

୫) 'ଚମ୍ପାବତୀ ରାଜକନ୍ୟାର ସ୍ୱପ୍ନ' କବିତାର ସାର୍ଥକତା ବିଚାର କର ?

୬) ଯୌବନ ବର୍ଣ୍ଣନାରେ କବିଙ୍କ ଆଭିମୁଖ୍ୟ ବିଶ୍ଳେଷଣ କର ?

***

# ସାବରମତୀର ମହାମାନବର ଚରଣ ତଳେ

ଗୋଦାବରୀଶ ମହାପାତ୍ର

ସାବରମତୀର ମହାମାନବର ଚରଣ ତଳେ,
କୋଟିଜନ ମନ ବନ୍ଦନା ଗାନ ପ୍ରବାହ ଚଳେ,
ଗଳେ ହିମାଚଳ, ଉଚ୍ଛୁଳେ ସାଗର, ବିନ୍ଧ୍ୟ ଲସେ
ନିବିଡ଼ ତିମିର ଭେଦି କି ତରୁଣ ତପନ ହସେ !

ଏଇ ସନାତନ ଦୃଷଦ୍‌ବତୀର ଶାନ୍ତ-ତଟେ
କେତେ ହୋମାନଳ ଜଳିଲା ମାନବ ମୁକ୍ତି ପଥେ,
ବନଗିରି ନଭ ଶୁଣିଲା ମାନବ-ମାଙ୍ଗଳିକ
ଏଇ ପଥେ ପଥେ ଘେନିଗଲେ କେତେ ଜୟ-ତିଳକ ।
ଲାଗିଲା ସମର, ଜାଗିଲେ ଦ୍ୱାରକା ଦେବତା ଥରେ,
ମାଗିଲେ ଭିକ୍ଷା କପିଳବାସ୍ତୁ ତେଜି କେ ଦୂରେ ।
ପୂର୍ବ ସାଗର ତୀର ଚହଲାଇ କେଉଁ ନିମାଇଁ
ବିତରି ଚାଲିଲେ ପରମ କାମ୍ୟ ମାନବପାଇଁ ।

ସବୁରି ଭିତରେ ଗାନ୍ଧି ହେ ! ତୁମ ବରଣ ଆଜି-
ଡ଼ାକଇ ଦଳିତ, ପରପଦାନତ ମାନବରାଜି ।

ପାଲଟିଗଲା ସେ ଦୃଶଦ୍‌ବତୀ ଏ ସାବରମତୀ
ସବୁରି ମରମେ ଜଳଇ ତୁମର ଜୀବନ-ବତୀ !
କୋଟି ଗରିବର ଅଶ୍ରୁ କରିଲ କଣ୍ଠମାଳା
ବକ୍ଷେ ବହିଲ ନିର୍ଯ୍ୟାତନର ଦହନ-ଜ୍ୱାଳା
ନିକ୍ଷେପିତର ଆସନ କରିଲ କୁସୁମମୟ
ଫୁଲକେ ବିତରି ସତ୍ୟ, ଶାନ୍ତି -କି ବରାଭୟ !

ସାବରମତୀର ତଟ ତରୁତଳ କୁଟୀର ପାଶେ
ହେ ଦୀନବନ୍ଧୁ, ଚରଖାଚକ୍ର ଧରି ଏ ଦେଶେ
କଟୀତଟେ ଦୀନ କୌପୀନ ନିହି ହୋଇଲ ଉଭା,
ଧାଇଁଲେ ଆବାଳ-ବୃଦ୍ଧ-ବନିତା-ତରୁଣୀ-ଯୁବା !

ପଥ ହେଲା ତବ କ  କମୟ, ଘୋଟିଲା ତମ
ବିଘ୍ନ ଆସିଲା ସମ୍ମୁଖେ ଭୀମ କୁଳୀଶ ସମ
ସେ କାଳେ ହେ ଯୋଗି, କି ଅବା ମନ୍ତ୍ର ଗାଇଲ ବସି
ଚମକି ଚାହିଁଲେ ଏଇ ସୁବିପୁଳ ବିଶ୍ୱବାସୀ
ସୁମେରୁ କୁମେରୁ ପୂରି ଦୂରଦାରୁ ଶୁଣିଲେ ଡ଼ାକ
ପ୍ଲାବିଲା ତୁମରି ସତ୍ୟ ବଚନ ଧରଣୀ ଯାକ

ବନ୍ଧୁକ, ତୀର, ତରବାରୀ ପୁନ ହୋଇଲା ଜଡ଼
ତବ ଆଙ୍ଗୁଳି ନିର୍ଦ୍ଦେଶେ ଜାଗି ଭୀଷଣ ଝଡ଼ ।
ଯୁଗେ ଯୁଗେ ତବ ଅବତାର ଏଇ ଧରଣୀ ପଥେ
ଯୁଗେ ଯୁଗେ ତୁମେ ମରଣେ ମାରିଚ ବଜ୍ରାଘାତେ ।
ଆଜି ଏ ଯୁଗର ଅର୍ଘ୍ୟ ପ୍ରଦୀପ ମରମେ ଜଳେ
ସାବରମତୀର ମହାମାନବର ଚରଣ ତଳେ ।

## କବି ପରିଚୟ

କବି ଗୋଦାବରୀଶ ମହାପାତ୍ର (ଖ୍ରୀ ୧୮୯୮ -୧୯୬୫), ପୁରୀଜିଲ୍ଲା ବାଣପୁର ଅନ୍ତର୍ଗତ କୁମରାଙ୍ଗ ଶାସନରେ ଜନ୍ମ ହୋଇଥିଲେ । ସେ ଥିଲେ ସତ୍ୟବାଦୀ ବନବିଦ୍ୟାଳୟର ଛାତ୍ର । ସତ୍ୟବାଦୀ ଗୋଷ୍ଠୀର ସାହିତ୍ୟ ପ୍ରବୃି ତାଙ୍କ ରଚନାବଳୀରେ ସ୍ପଷ୍ଟଭାବରେ ପ୍ରତିଫଳିତ ହୋଇଅଛି । ତାଙ୍କୁ ସତ୍ୟବାଦୀ ଗୋଷ୍ଠୀର ଶେଷ ପ୍ରତିଧ୍ୱନି ବୋଲି ମଧ କୁହାଯାଏ । ଖ୍ରୀଷ୍ଟାବ୍ଦ ୧୯୩୮ରେ ଗୋଦାବରୀଶ ମହାପାତ୍ର 'ନିଆଁଖୁ ।' ନାମରେ ଏକ ବ୍ୟଙ୍ଗପତ୍ରିକା ସଂପାଦନା ଆରମ୍ଭ କରିଥିଲେ । ଏହି ପତ୍ରିକା ମାଧ୍ୟମରେ ପ୍ରକାଶିତ ତାଙ୍କ ବ୍ୟାଙ୍ଗାତ୍ମକ କବିତାଗୁଡ଼ିକ ଓଡ଼ିଶାର ପୁର ପଲ୍ଲୀରେ ବେଶ୍ ଆଦୃତ ହୋଇ ତାଙ୍କ କାବ୍ୟ ପ୍ରତିଭାକୁ ଆହୁରି ପ୍ରସାରିତ କରିପାରିଥିଲା । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ' ବନ୍ଦେ ଉତ୍କଳ ଜନନୀ' କବିତା ପରେ ଗୋଦାବରୀଶଙ୍କ 'ଉଠକଙ୍କାଳ' କବିତାଟି ଓଡ଼ିଶାର ଜନମାନସରେ ସ୍ୱଦେଶ ପ୍ରୀତିର ଚିରଜାଗ୍ରତ ଆହ୍ୱାନ ସୃଷ୍ଟି କରିପାରିଛି । ତାଙ୍କ ରଚିତ କବିତା ସଂକଳନ ହେଉଛି 'ପ୍ରଭାତ କୁସୁମ', 'ହେ ମୋର କଲମ (୧୯୫୧), 'ହାଣ୍ଡିଶାଳର ବିପ୍ଳବ (୧୯୫୨), 'କ । ଓ ଫୁଲ(୧୯୫୮), 'ଉଠକଙ୍କାଳ (୧୯୬୧), 'ବଙ୍କା ଓ ସିଧା(୧୯୬୪),ଯେ ଫୁଲ ଫୁଟିଥିଲା ୧୯୬୮) ।

## ବିଷୟ ପ୍ରବେଶ

ଆଲୋଚ୍ୟ କବିତାଟି 'ହେ ମୋର କଲମ' କବିତା ସଂକଳନରୁ ଗୃହୀତ । ଏହି କବିତାରେ ମହାମାନବ ମହାତ୍ମାଗାନ୍ଧିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଗାନ୍ଧିଜୀଙ୍କ ପାଦତଳେ କୋଟି ଜନ ବନ୍ଦନା ଗାନ କରୁଛନ୍ତି । ତାଙ୍କ ସ୍ପର୍ଶରେ ହିମାଳୟ ବିଗଳିତ ହୁଏ, ସାଗର ଉଚ୍ଛୁଳି ଉଠେ, ବିନ୍ଧ୍ୟପର୍ବତ ଉଲ୍ଲସିତ ହୋଇଯାଏ ଏବଂ ନିବିଡ଼ ତିମିର ବକ୍ଷରେ ସୂର୍ଯ୍ୟାଲୋକ ହସି ଉଠେ । ସେ ଥିଲେ ମାନବ ମୁକ୍ତିର ଚିରସନ୍ଧାନୀ । ଅତୀତରେ ମାନବର ମୁକ୍ତି କାମନା ପାଇଁ (ଧର୍ମସଂସ୍ଥାପନା ପାଇଁ) ପ୍ରାଚୀନ ଆର୍ଯ୍ୟାବ ର୍ତ୍ତର ଦୃଶଦବତୀ ନଦୀ ତଟରେ କେତେ ହୋମାନଳ ଜଳିଥିଲା । ମହାଭାରତ ଯୁଦ୍ଧ ସଂଘଟିତ ହୋଇଥିଲା । ଦ୍ୱାରକାର ଦେବତା ଶ୍ରୀକୃଷ୍ଣ ନିଜେ ସମର ପ୍ରଙ୍ଗଣରେ ଅବତୀର୍ଣ୍ଣ ହୋଇଥିଲେ । ଗୌତମ କପିଳବାସ୍ତୁ ନଗର ପରିତ୍ୟାଗ କରି ଦ୍ୱାର ଦ୍ୱାର ବୁଲି ଭିକ୍ଷା ମାଗିଥିଲେ ଏବଂ ଏଇଥିପାଇଁ ମଧ୍ୟ ନିମାଇଁ (ଶ୍ରୀଚୈତନ୍ୟ) ପୂର୍ବ ଭାରତରେ ତାଙ୍କର ଧର୍ମବାଣୀ ପ୍ରଚାର କରିଥିଲେ । ଏସବୁ ଭିତରେ କିନ୍ତୁ ଗାନ୍ଧିଙ୍କର ଭୂମିକା ଥିଲା ଅନନ୍ୟ । ସେ ଦୃଶଦ୍‌ବତୀ ନଦୀକୁ ଅହିଂସାର ସାବରମତୀରେ ପରିଣତ କରିଦେଲେ । ଗରିବ ଓ ନିର୍ଯ୍ୟାତିତମାନଙ୍କୁ ବରାଭୟ ପ୍ରଦାନ କରିଥିଲେ । ଚରଖାଚକ୍ର ଧରି ସ୍ୱଳ୍ପ ବସ୍ତ୍ର ପରିହିତ ଗାନ୍ଧିଜୀ ସମଗ୍ର ଭାରତରେ ଏକ ଅଦ୍ଭୁତ ପ୍ରଭାବ ସୃଷ୍ଟି କରିପାରିଥିଲେ । ପଥ ତାଙ୍କର କ ଣ୍ଟକମୟ ଥିଲା । ନାନା ବାଧା ବିଘ୍ନର ସମ୍ମୁଖୀନ ହୋଇଥିଲେ ବି ଗାନ୍ଧିଜୀଙ୍କ ମନ୍ତ୍ରର ଯାଦୁରେ ସମଗ୍ର ବିଶ୍ୱବାସୀ ଚମତ୍କୃତ ହୋଇଥିଲେ । ତାଙ୍କ ଡ଼ାକରାରେ ଶତ୍ରୁପକ୍ଷର ବନ୍ଧୁକ, ତୀର ଓ ତରବାରୀ ସବୁ ଅକାମୀ ହୋଇଗଲା । ଧର୍ମ (ମାନବର ମୁକ୍ତି କାମନା)ର ପ୍ରତିଷ୍ଠା ପାଇଁ ଶ୍ରୀକୃଷ୍ଣ, ବୁଦ୍ଧଦେବ ଓ ନିମାଇଁଙ୍କ ପରି ମହାତ୍ମାଗାନ୍ଧି ମଧ୍ୟ ଥିଲେ ଭଗବାନଙ୍କ ଅବତାର । ମରଣକୁ ଜୟ କରିଥିବା ଏହି ମହାପୁରୁଷଙ୍କ ଚରଣତଳେ ଆଜି ମଧ୍ୟ ଏ ଯୁଗର ଅର୍ଘ୍ୟ ପ୍ରଦୀପ ଜଳିଉଠେ ।

## କଠିନ ଶବ୍ଦାର୍ଥ

ସାବରମତୀ –ଗୁଜୁରାଟରେ ପ୍ରବାହିତ ଏକ ନଦୀ । ଏହା ପଶ୍ଚିମ ଭାରତର ଏକ ପ୍ରମୁଖ ନଦୀ । ରାଜସ୍ଥାନର ଆରାବଳୀ ପର୍ବତମାଳାରୁ ବାହାରି ଗୁଜୁରାଟର କାମ୍ବେ ନିକଟରେ ଆରବ ସାଗରରେ ମିଶିଅଛି । ଏହି ନଦୀ ତୀରରେ ମହାତ୍ମାଗାନ୍ଧୀଙ୍କ ପ୍ରତିଷ୍ଠିତ ସାବରମତୀ ଆଶ୍ରମ ୧୯୧୭ ମସିହାରେ ପ୍ରତିଷ୍ଠିତ ହୋଇଥିଲା ।

ଗଳେ ହିମାଚଳ – ହିମାଳୟ ପର୍ବତର ବରଫ ତରଳିଯାଏ । ଏଠାରେ ହିମାଳୟ ମଧ୍ୟ ବିଗଳିତ ହୋଇଉଠେ ।

ବିନ୍ଧ୍ୟଲସେ – ବିନ୍ଧ୍ୟପର୍ବତମାଳା ଉଲ୍ଲସିତ ହୋଇଉଠେ

ଉଛୁଳେ ସାଗର – ସାଗର ଉଛୁଳି ପଡ଼େ

ସାବରମତୀର- ତପନ ହସେ – ଜାତିରପିତା ମହାମାନବ ମହାତ୍ମାଗାନ୍ଧିଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଓ ନେତୃତ୍ୱର ମହତ୍ୱ ଭାରତୀୟ ସ୍ୱାଧୀନତା ସଂଗ୍ରାମ ପରିପେକ୍ଷୀରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ଗୁଜୁରାଟରେ ପ୍ରବାହିତ ସାବରମତୀ ନଦୀ ତୀରରେ ସେ ସାବରମତୀ ବା ସତ୍ୟାଗ୍ରହ ଆଶ୍ରମ ସ୍ଥାପନ କରିଥିଲେ । ତାଙ୍କ ପାଦତଳେ ଆଜି କୋଟି କୋଟି ଜନମନ ବନ୍ଦନା ଗାନ କରୁଛନ୍ତି । ତାଙ୍କର ପ୍ରଭାବ ଏପରି ଥିଲା ଯେ ତାଙ୍କର ପାଦ ସ୍ପର୍ଶରେ ହିମାଳୟ ବିଗଳିତ ହୋଇଯାଇଥିଲା, ସାଗର ଉଛୁଳି ଉଠୁଥିଲା, ବିନ୍ଧ୍ୟପର୍ବତ ମଧ୍ୟ ଉଲ୍ଲସିତ ହୋଇ ଉଠୁଥିଲା ଏବଂ ଘନ ଅନ୍ଧକାର ଅପସରିଯାଇ ସେଠାରେ ନବୀନ ସୂର୍ଯ୍ୟର ଆଲୋକ ଉଦ୍‌ଭାସିତ ହୋଇ ଉଠୁଥିଲା । ।

ତିମିର – ଅନ୍ଧକାର

ତରୁଣ – ଯୁବକ

ତପନ – ସୂର୍ଯ୍ୟ

ସନାତନ – ନିତ୍ୟ ଶାଶ୍ୱତ, ବହୁକାଳ ପ୍ରଚଳିତ, ଚିର ବ ର୍ମାନ

ଦୃଶଦ୍‌ବତୀ – ଏହି ନଦୀର ନାମ ଋକ୍‌ବେଦରେ ଅଛି । ସମ୍ଭବତଃ ଏହି ନଦୀର ନାମ ଘଗ୍‌ଗର ବା ରାଖୀ । ଏହା ଥାନେଶ୍ୱରର ତେର ମାଇଲ ଦକ୍ଷିଣରେ ବହୁଅଛି । ମହାଭାରତରେ ଏହି ନଦୀ କୁରୁକ୍ଷେତ୍ରର ଅନ୍ତର୍ଗତଥିବାର ବର୍ଣ୍ଣିତ ହୋଇଅଛି ।ପଶ୍ଚିମରେ ସରସ୍ୱତୀ ଓ ପୂର୍ବରେ ଦୃଶଦ୍‌ବତୀ ନଦୀ ମଧ୍ୟସ୍ଥ ଅ ଳକୁ ଆର୍ଯ୍ୟାବ ର୍ କୁହାଯାଉଥିଲା । ଏହି ନଦୀ ତୀରରେ ପ୍ରାଚୀନ ମୁନିଋଷିମାନେ ମାନବ ଜାତିର ମଙ୍ଗଳପାଇଁ ଅନେକ ଯାଗଯଜ୍ଞ କରିଥିଲେ ।

ନଭ – ଆକାଶ

ମାଙ୍ଗଳିକ – ମଙ୍ଗଳଧ୍ୱନି

ତିଳକ – କପାଳ ଓ ବାହୁରେ ଅଙ୍କିତ ଚନ୍ଦନାଦିର ଚିତା

ଜୟ ତିଳକ – ବିଜୟ ଚିତା

ଦ୍ୱାରକା ଦେବତା – ଶ୍ରୀକୃଷ୍ଣ

ଥରେ – ଏକଦା, ଏକଥର

ମାଗିଲେ ଭିକ୍ଷା କପିଳବାସ୍ତୁ ତେଜି କେ ଦୂରେ – ଗୌତମ ଦିନେ କପିଳବାସ୍ତୁର ରାଜସିଂହାସନ ତେଜିଦେଇ ସନ୍ୟାସୀ ଭାବରେ ଭିକ୍ଷାବୃ ି କରି ମାନବ ମୁକ୍ତିର ବା ର୍ା ଦ୍ୱାର ଦ୍ୱାର ବୁଲି ପ୍ରଚାର କରିଥିଲେ ।

ନିମାଇଁ – ଚୈତନ୍ୟଙ୍କ ପିଲାଦିନର ନାମ, ଭକ୍ତି ଆନ୍ଦୋଳନର ଅନ୍ୟତମ ପୁରୋଧା

ପରମକାମ୍ୟ – ମୁକ୍ତି କାମନା, ଜୀବନର ପରମ ଲକ୍ଷ୍ୟ

ପୁଲକ – ଆନନ୍ଦ

ବରାଭୟ - ଅଭୟ ଦାନର ଭଙ୍ଗୀ ବା ମୁଦ୍ରା ବିଶେଷ

ଚରଖାଚକ୍ର - ଅରଟଚକ

କଟୀ - ଅ ।

ତମ - ଅନ୍ଧକାର

ଭୀମ - ଭୟଙ୍କର

କୁଳୀଶ - ବଜ୍ର

ଯୋଗୀ - ଯୋଗସାଧକ, ତପସ୍ୱୀ । ଏଠାରେ ଗାନ୍ଧିଙ୍କୁ ଉପଲକ୍ଷ୍ୟ କରି କୁହାଯାଇଛି । ସମ୍ବୋଧନରେ ଯୋଗି ହୋଇଛି ।

ସୁମେରୁ -ପୃଥିବୀର ଉ ର ମେରୁ , ଉ ର ଗୋଲାର୍ଦ୍ଧ

କୁମେରୁ - ପୃଥିବୀର ଦକ୍ଷିଣ ମେରୁ, ଦକ୍ଷିଣ ଗୋଲାର୍ଦ୍ଧ

ପ୍ଲାବିଲା - ପ୍ଲାବିତ ହେଲା ପ୍ରବଳ ଜଳରେ ଭାସିଗଲା ଅଥବା ବୁଡ଼ିଗଲା

ଦୂବଦାରୁ- ଘାସଗଛ, ଏଠାରେ ସାନଠାରୁ ବଡ଼ ପର୍ଯ୍ୟନ୍ତ

ଯୁଗେ ଯୁଗେ ତୁମେ ମରଣେ ମାରିଚ ବଜ୍ରାଘାତେ - ଗାନ୍ଧିଜୀ ମରଣକୁ ଆଦୌ ଭୟ କରୁନଥିଲେ । ସତ୍ୟ ଅହିଂସା ଓ ନିର୍ଭୟତା ତାଙ୍କ ସଂଗ୍ରାମର ମୂଳମନ୍ତ୍ର ଥିଲା । ମୃତ୍ୟୁ ଚିନ୍ତାକୁ ବେଖାତିରି କରି ଗାନ୍ଧି ନିଜ କ ର୍ବ୍ୟ ପଥରେ ଅଗ୍ରସର ହେଉଥିଲେ । ମରଣ ଗାନ୍ଧିଜୀଙ୍କ ନିକଟରେ ହାର ମାନିଥିଲା ।

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)**

୧) ସାବରମତୀ କାହାର ନାମ ?

(କ) ନଦୀର (ଖ) ପାହାଡ଼ର

(ଗ) ପ୍ରଦେଶର (ଘ) ପୁଷ୍କରିଣୀର

୨) 'ମହାମାନବ' କହିଲେ କାହାକୁ ବୁଝାଏ ?

(କ) ନେହେରୁ (ଖ) ମହାତ୍ମାଗାନ୍ଧି

(ଗ) ସର୍ଦ୍ଦାର ପଟେଲ (ଘ) ଲୋକମାନ୍ୟ ତିଳକ

୩) ସାବରମତୀ ଆଶ୍ରମ କେଉଁ ପ୍ରଦେଶରେ ଅବସ୍ଥିତ ?

(କ) ମହାରାଷ୍ଟ୍ର (ଖ) ଗୁଜୁରାଟ

(ଗ) ବିହାର (ଘ) ଓଡ଼ିଶା

୪) ଦୃଶଦ୍‌ବତୀ କାହାର ନାମ ?

(କ) ଏକ ନଦୀର ନାମ (ଖ) ଏକ ପାହାଡ଼ରନାମ

(ଗ)ଏକ ପ୍ରଦେଶର ନାମ (ଘ) ଏକ ସହରର ନାମ

୫) ଦ୍ୱାରକା ଦେବତା କିଏ ?

(କ) ଶ୍ରୀକୃଷ୍ଣ (ଖ) ବଳରାମ

(ଗ)ଶିବ (ଘ) ବ୍ରହ୍ମା

୬) କପିଳବାସ୍ତୁ ତ୍ୟାଗକରି କିଏ ଦୂରକୁ ଚାଲିଯାଇଥିଲେ ?

(କ) ମହାବୀର (ଖ) ଗୌତମବୁଦ୍ଧ

(ଗ) ଅଶୋକ (ଘ) ଖାରବେଳ

୭) ନିମାଇଁ କିଏ ?

(କ) ରାମକୃଷ୍ଣ ପରମହଂସ (ଖ) ବିବେକାନନ୍ଦ

(ଗ) ଶ୍ରୀଚୈତନ୍ୟ (ଘ) ରାମାନୁଜ

୮) ସବୁରି ମରମେ କାହାରି ଜୀବନ ବତୀ ଜଳୁଚି ?

(କ) ନିମାଇଁ (ଖ) ଦ୍ୱାରକା ଦେବତା

(ଗ) ବୁଦ୍ଧଦେବ (ଘ) ମହାତ୍ମାଗାନ୍ଧି

୯) ଗାନ୍ଧିଜୀଙ୍କ ପ୍ରଭାବରେ ଦୃଶଦ୍‌ବତୀ କ'ଣ ପାଲଟିଗଲା ?

(କ) ସାବରବତୀ (ଖ) ଗୋଦାବରୀ

(ଗ) କୃଷ୍ଣା (ଘ) କାବେରୀ

୧୦) କୋଟି ଗରିବର ଅଶ୍ରୁକୁ ଗାନ୍ଧି କ'ଣ କଲେ ?

(କ) କଟିମେଖଳା (ଖ) କଣ୍ଠମାଳା

(ଗ) ଶିରୋଭୂଷଣ (ଘ) ମଥାତିଳକ

୧୧) ନିର୍ଯ୍ୟାତନର ଦହନ ଜାଳାକୁ ଗାନ୍ଧିଜୀ କେଉଁଠି ଧାରଣ କଲେ ?

(କ) ବକ୍ଷରେ (ଖ) କଣ୍ଠରେ

(ଗ) ଶିରରେ (ଘ) ପାଦରେ

୧୨) କାହାର ଆସନକୁ ମହାମାନବ କୁସୁମମୟ କରିଦେଲେ ?

(କ) ସ୍ୱାଧୀନତା ସଂଗ୍ରାମୀର (ଖ) ଶିକ୍ଷପତିର

(ଗ) ଧନୀକର (ଘ)ନିଷ୍ପେଷିତର

୧୩) ଦୀନବନ୍ଧୁ ବୋଲି କାହାକୁ ସମ୍ବୋଧନ କରାଯାଇଛି ?

(କ) ମହାତ୍ମାଗାନ୍ଧି (ଖ) ବୁଦ୍ଧଦେବ

(ଗ) ନିମାଇଁ (ଘ) କପିଳବାସ୍ତୁର ରାଜା

୧୪) କଟୀତଟେ ଦୀନକୌପୀନ କିଏ ଧାରଣ କରିଥିଲେ ?

(କ) ନେହେରୁ (ଖ) ଗାନ୍ଧିଜୀ

(ଗ) ଶ୍ରୀକୃଷ୍ଣ (ଘ) ନିମାଇଁ

୧୫) ମହାମାନବଙ୍କର ପଥ କିପରି ଥିଲା ?

(କ) ପୁଷ୍ପମୟ (ଖ) ଲବଣୀମୟ

(ଗ) କ କମୟ (ଘ) ସଲିଳମୟ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ମହାମାନବଙ୍କ ଚରଣ ସ୍ପର୍ଶରେ ହିମାଳୟର ଅବସ୍ଥା କ'ଣ ହୋଇଥିଲା ?

୨) ବିନ୍ଧ୍ୟ କାହିଁକି ଉଲ୍ଲସିତ ହୋଇଉଠିଥିଲା ?

୩) ସାଗର ଉଚ୍ଛୁଳି ଉଠିବାର କାରଣ କ'ଣ ?

୪) କ'ଣ ଭେଦ କରି ତରୁଣ ତପନ ହସିଉଠେ ?

୫) ମାନବ ମୁକ୍ତି ପଥରେ କେଉଁଠି ଅନେକ ହୋମାନଳ ଜଳି ଉଠିଥିଲା ?

୬) ଦୃଶଦ୍‌ବତୀର ଶାନ୍ତତଟରେ କ'ଣ ହୋଇଥିଲା ?

୭) ଦ୍ୱାରକାର ଦେବତା କିଏ ?

୮) ଦ୍ୱାରକାର ଦେବତା କ'ଣ ପାଇଁ ଥରେ ଜାଗି ଉଠିଥିଲେ ?

୯) କପିଳବାସ୍ତୁ ତେଜି ଭିକ୍ଷା ମାଗିବା ପାଇଁ କିଏ ଦୂରକୁ ଚାଲିଯାଇଥିଲେ ?

୧୦) ନିମାଇଁ କାହାର ତୀର ଚହଲାଇ ଦେଇଥିଲେ ?

୧୧) ଗାନ୍ଧିଙ୍କ ଦ୍ୱାରା ଦୃଶଦ୍‌ବତୀ କ'ଣ ପାଲଟିଥିଲା ?

୧୨) ନିକ୍ଷେପିତର ଆସନକୁ ଗାନ୍ଧି କ'ଣ କରିଦେଲେ ?

୧୩) ଚରଖାଚକ୍ର ଧରି ଗାନ୍ଧି କେଉଁଠି ଉଭା ହୋଇଥିଲେ ?

୧୪) ଧରଣୀ କାହାଦ୍ୱାରା ପ୍ଲାବିତ ହୋଇଥିଲା ?

୧୫) ଆଜି ଏ ଯୁଗର ଅର୍ଘ୍ୟ ପ୍ରଦୀପ କେଉଁଠି ଜଳେ ?

**(ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ ର ଲେଖ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) 'କୋଟି ଜନ ମନ ବନ୍ଦନା ଗାନ ପ୍ରବାହ ଚଳେ' - କେଉଁଠି ?

୨) ଦୃଶଦ୍‌ବତୀର ଶାନ୍ତ-ତଟର ବିଶେଷତ୍ୱ କ'ଣ ?

୩) କେଉଁ ପଥରେ ସେମାନେ ଜୟତିଳକ ଘେନିଯାଇଥିଲେ ?

୪) ବନଗିରିନଭ କ'ଣ ଶୁଣିଲେ ?

୫) ସବୁରି ମରମେ ଜଳଇତୁମର ଜୀବନ ବତୀ - ପ୍ରସଙ୍ଗ ନିର୍ଦ୍ଦେଶ କର ?

୬) ସୁମେରୁ କୁମେରୁ ପୂରି ଦୂବଦାରୁ ଶୁଣିଲେ ଡ଼ାକ - କାହାର ?

୭) ବନ୍ଧୁକ ତୀର ତରବାରୀ ମୁନ କାହିଁକି ଜଡ଼ ହୋଇଗଲା ?

୮) ଏଇ ସୁବିପୁଳ ବିଶ୍ୱବାସୀ ଚମକ ଚାହିଁଲେ କାହିଁକି ?

୯) ସାବରମତୀର ମହାମାନବ କିଏ ?

୧୦) ସାବରମତୀର ମହାମାନବଙ୍କ ବର୍ଣ୍ଣନା ପ୍ରସଂଗରେ ଅନ୍ୟ କେଉଁ ମାନଙ୍କ କଥା ଉପସ୍ଥାପନ କରାଯାଇଛି ?

**(ଘ) ଅଳ୍ପ ଦୀର୍ଘ ଉ ର ମୂଳକ ୩ନ୍ଧର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧) ଗଳେ ହିମାଚଳ ଉଛୁଳେ ସାଗର, ବିନ୍ଧ୍ୟାଚଳସେ - କେଉଁ ପ୍ରସଂଗରେ କୁହାଯାଇଛି ?

୨) ନିବିଡ଼ ତିମିର ଭେଦି କି ତରୁଣ ତପନ ହସେ - କାହିଁକି ?

୩) ଅନେକ ହୋମାନଳ କେଉଁଠି କାହିଁକି ଜଳିଥିଲା ?

୪) କପିଳବାସ୍ତୁ ତେଜି କିଏ କାହିଁକି ଭିକ୍ଷା ମାଗିଥିଲେ ?

୫) ପରମକାମ୍ୟ କିଏ କାହାପାଇଁ ବିତରଣ କରିଥିଲେ ?

୬) 'ଧାଇଁଲେ -ଆବାଳ -ବୃଦ୍ଧ-ବନିତା-ତରୁଣୀ-ଯୁବା'- କେଉଁ ପ୍ରସଂଗରେ କୁହାଯାଇଛି ?

୭) ଯୁଗେ ଯୁଗେ ତମେ ମରଣେ ମାରିଚ ବଜ୍ରାଘାତେ - ଏହାର ତାତ୍ପର୍ଯ୍ୟ କ'ଣ ?

୮) ସାବରମତୀର ତଟ ତରୁ ତଳ କୁଟୀର ପାଶେ କି ଘଟଣା ଘଟିଥିଲା ?

୯) କାହା ସମ୍ମୁଖରେ କାହିଁକି ଭୀମ କୁଳୀଶ ସମ ବିଘ୍ନ ଆସିଥିଲା ?

୧୦) ସେକାଳେ ହେ ଯୋଗି; କି ଅବା ମନ୍ତ୍ର ଗାଇଲ ବସି – ପ୍ରସଂଗ ନିରୂପଣ କର ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ?**

୧) ସାବରମତୀର ମହାମାନବର ଚରଣ ତଳେ କବିତାର ଭାବଧର୍ମ ବିଶ୍ଳେଷଣ କର ?

୨) ପଠିତ କବିତାରେ ପ୍ରତିଫଳିତ ମହାମାନବଙ୍କ ପ୍ରଭାବ ବର୍ଣ୍ଣନା କର ?

୩) ନିବିଡ଼ ତିମିର ଭେଦ କରି ତରୁଣ ତପନ କିପରି ହସି ଉଠିଥିଲା ବୁଝାଇ ଦିଅ ?

୪) ମହାମାନବଙ୍କର ଚରଣ ତଳେ କୋଟିଜନମନ କାହିଁକି ବନ୍ଦନା ଗାନ କରୁଥିଲେ ତାହା ନିଜ ଭାଷାରେ ଲେଖ ।

୫) ଭାରତ ମୁକ୍ତି ସଂଗ୍ରାମରେ ମହାତ୍ମାଗାନ୍ଧିଙ୍କ ଭୂମିକା ପଠିତ କବିତା ଆଧାରରେ ନିରୂପଣ କର ।

***

# କମଳ ପ୍ରତି

ଆରେ ଶତଦଳ !
ସତେ କି ସତତ ତୁହି ମଧୁର ଉଜ୍ଜ୍ୱଳ ?
ଏଡ଼େ ତୁ ସୁନ୍ଦର ତୋର ପଟାନ୍ତର କାହିଁ,
ଲେଖନୀ ଲଜ୍ଜିତ ମୋର ବର୍ଣ୍ଣି ପାରେନାହିଁ,
ଢଳ ଢଳ ରୂପରାଶି ଝଲୁଅଛି ଜଳେ ଭାସି,
ଦଳେ ଦଳେ ଝରିପଡ଼େ କି ପୁଣ୍ୟ ଅମୃତ,
ନିରେଖି ନିରେଖି ମୋ ନେତ୍ର ହୁଏ ପୂତ । ।୧।

ନିରେଖି ସତତ ତୋର ଦିବ୍ୟ ଶୋଭାରାଶି
ନୟନ ମୋହର ଜଳେ ଯାଉଛି ତ ଭାସି,
ଚ ଳ ବିମୁଗଧ ପ୍ରାଣ ବାଜେ ହୃଦତନ୍ତ୍ରୀ ତାନ,
ଛନଛନ ଘନଘନ ତନୁ ରୋମା ୍ତ,
ପ୍ରେମାବେଶେ ପୁଲକରେ ଚି ଉଲ୍ଲସିତ ।।୨।

ମନେ ହୁଏ ସତେ ତୋଳିଆଣି ଏହିକ୍ଷଣେ
ଆଦର କରନ୍ତି ତୋତେ ମଧୁର ଚୁମ୍ବନେ,
କେଡ଼େ କୋମଳ ତୋ ଦଳ, କେଡ଼େ ସ୍ୱଚ୍ଛ ସୁବିମଳ,

ପରଶେ ମୋହର ଅବା ହେବ ହତଶିରୀ,
ନଳିନ ! ମଳିନ ହେବ ତୋ ପୁଣ୍ୟ ମାଧୁରୀ । ।୩।

ହସୁଥା ହସୁଥା ପଦ୍ମ, ନାହିଁ ପ୍ରୟୋଜନ,
ଛିନ୍ନ କରିବି ତୋ ବୃନ୍ତ ଅକାଳେ ସୁମନ
ଦେଖି ତୋ ଶୋଭା ପବିତ୍ର ହେଉ ସାର୍ଥକ ମୋ ନେତ୍ର,
ସୁଷମାପିପାସୁ ଚି ହେଉ ମୋ ଶମିତ,
ତୋ ପୁଣ୍ୟ ଦର୍ଶନେ ଦୂରେ ଯାଉ ମୋ ଦୁରିତ । ।୪।

କ୍ଷୀଣ କୋମଳ ମୃଣାଳେ କ କ ଜଡ଼ିତ,
ଢ଼ଳୁଥା କୁସୁମରାଣୀ ସ୍ନିଗ୍ଧ ପୁଲକିତ,
ମନୋହର ମକରନ୍ଦ କ୍ଷରୁ ସଦା ମୃଦୁ ମନ୍ଦ,
ଦଳେ ଦଳେ ମଧୁକରେ ହୋଇ ସମାକୁଳ
ଚାହିଁଥା ରବିଙ୍କି ତୋର, ଉଜ୍ଜ୍ୱଳ ମଞ୍ଜୁଳ । ।୫।

ଆରେ କୁଶେଶୟ !
ତୁ କି ନିତ୍ୟ ପୁଣ୍ୟମୟ ଅମୃତ ହୃଦୟ ।
ପୁଣ୍ଡରୀକ ପୁଣ୍ୟତୀର୍ଥ ପାପୀ ତାପୀ ପାଇଁ,
ପଙ୍କେ ଜନ୍ମି ଅଙ୍ଗେ ତୋର ପଙ୍କ ଲାଗେ ନାହିଁ,

ବିଧାତା ବିଚିତ୍ର ଲୀଳା,    କି ପ୍ରେମେ ତୋତେ ସୃଜିଲା,
ବସି ଭାବୁଅଛି ମନେ ରେ ପଦ୍ମ ସୁନ୍ଦର !
ତୋ ପାଇଁ ଲୋଡ଼ା କି ଏକା ପଙ୍କ ସରୋବର ? । ୬ ।

ପଙ୍କ ବିନା ପଙ୍କଜ କି ନ ପାରିବୁ ଫୁଟି ?
କ  କ ମୃଣାଳ ବିନା ନ ପାରିବୁ ଉଠି ?
ଜଳପରେ ହସି ହସି    ଦେଖାଇବୁ ରୂପରାଶି,
ପୁଣ୍ୟର ଜନମ ସତେ ଏ ପାପ ମହୀରେ,
ମହତ ଜନମ ସତେ ଦରିଦ୍ର କୁଟୀରେ ।  । ୭ ।

ରେ ବିସ-ପ୍ରସୂନ !
କିପରି ବର୍ଣ୍ଣିବି ତୋର ସୁମହତ ଗୁଣ ।
ସୁନ୍ଦର ମଧୁର ପ୍ରିୟ କୋମଳ ଲଳିତ
ତୋ ରମ୍ୟ ବଦନ ସଙ୍ଗେ ଚିର ଉପମିତ,
ସର୍ବ ପଟାନ୍ତର ସାର    ତୁଳନା ନାହିଁ ଯାହାର,
ଏପରି କି ଜନ୍ମିଅଛୁ ତୁ ଏ ଭବଧାମେ,
ଲିହିଛି କି ସର୍ବଶୋଭା ବିହି ପଦ୍ମ ନାମେ ।  । ୮ ।

ଆରେ ପଦ୍ମଫୁଲ !
ନାହିଁ କି ଜଗତେ କିଛି ତୋର ସମତୁଲ ?
ଏକାକୀ ସୌନ୍ଦର୍ଯ୍ୟ ତୋର ତୋହରି ଉପମା,
ନାହିଁ କିଛି ଜିଣିବ ଯା ତୋ ଦିବ୍ୟ ସୁଷମା,
ଅଛି ଅଛି ରେ ରାଜୀବ, ଅଛି ମୋ ଅନ୍ତରେ ଜୀବ,
ତୋଠାରୁ ମହତ ବଳି ତୋଠାରୁ ସୁନ୍ଦର,
ଅତୁଳିତ ରୂପରାଶି ପ୍ରେମେ ସେ ଭାସ୍ୱର । ।୯।

ଆରେ ତାମରସ !
ଏ ତନୁ-ସରସେ ହସେ ମୋ ଆତ୍ମା-ସାରସ ।
ଜଡ଼ତ୍ୱ ଦେବତ୍ୱ ମର୍ତ୍ତ୍ୟ ଅମରତ୍ୱରାଜି,
ତମୋଜ୍ୟୋତି ମିଳି ଅବା ହୁଏ ଛାୟାବାଜି
ପଙ୍କିଳ ଆବିଳ ପାପେ ଦଗ୍ଧୀଭୂତ ନାନା ତାପେ
ନିତି କାନ୍ଦେ ତଥାପି ଏ ଚାରୁ ଆତ୍ମାଫୁଲ,
ସମସ୍ତ ଜଗତେ କହ କାହିଁ ତାହା ତୁଲ । ।୧୦।

ବିଧାତାର ସାର ସୃଷ୍ଟି ଅପୂର୍ବ କୀରତି
ମର ଦେହେ ଅମରାତ୍ମା କରେ ଯା ବସତି,
ଦୁଃଖକ କେ ଜଡ଼ିତ ମୃଣାଳେ ସେ ପ୍ରସ୍ଫୁଟିତ,

ପାପ-କାଳ-ବ୍ୟାଳ ପୁଣି ମୂଳଦେଶେ ତାର,
ଭୀଷଣ କାନନସ୍ଥଳୀ ପରା ଏ ସଂସାର । ।୧୧।

ବିଜନେ ଗୋପନେ ଫୁଟି ଉଠେ ସେ ବିକଶି,
ସେ ପ୍ରେମ ଅରୁଣ ପ୍ରିୟ କିରଣେ ଉଲ୍ଲସି,
ରବି ବିନା ରାଜୀବର ନାହିଁ ଆଉ ଗତ୍ୟନ୍ତର,
ତେସନ ସେ ରବି ବିନା ଏ ଆତ୍ମା-ରାଜୀବ-
ଲପନେ ସୁହାସ ସତେ ଆନ କେ ସୃଜିବ ! ।୧୨।

## କବି ପରିଚୟ

କୁନ୍ତଳା କୁମାରୀ ସାବତ ଆଧୁନିକ ଓଡ଼ିଆ କବିତାରେ ଜଣେ ପ୍ରତିଷ୍ଠିତ ନାରୀକବି । ତାଙ୍କର କାବ୍ୟସାଧନା ଅନନ୍ୟ । ଜଣେ ସଫଳ ଗୀତିକବି ଭାବରେ ସେ ପରିଚିତା । ୧୯୦୦ମସିହାରେ ଓଡ଼ିଶାର ବଛିନ୍ନା ଳ ବସ୍ତରରେ ତାଙ୍କର ଜନ୍ମ । ପରେ ପିତାଙ୍କ ସହିତ ବର୍ମାରେ କିଛିବର୍ଷ ରହଣି । ସେଠାରେ ସେ ପ୍ରାଥମିକ ଶିକ୍ଷା ଲାଭ କରନ୍ତି ଓ ଘଟଣାକ୍ରମେ ମାଆଙ୍କ ସହିତ ୧୯୧୫ରେ ବର୍ମାରୁ ଓଡ଼ିଶାକୁ ଫେରିଆସନ୍ତି । ୧୯୧୮ରେ ମେଡ଼ିକାଲ ସ୍କୁଲରେ ଶିକ୍ଷାଲାଭ ଓ ୧୯୨୧ରେ କୃତିତ୍ୱର ସହିତ ଉ ର୍ଣ୍ଣ ହୋଇ କଟକରେ କର୍ମମୟ ଜୀବନ ଆରମ୍ଭ ଏବଂ ୧୯୩୮ରେ ତାଙ୍କର ଅକାଳ ମୃତ୍ୟୁ । ସ୍ୱଳ୍ପ କର୍ମମୟ ଜୀବନରେ ଓଡ଼ିଶାରେ ରହଣି ମାତ୍ର ସାତ ବର୍ଷ । ସୀମିତ ଜୀବନ ଯାତ୍ରା ମଧ୍ୟରେ ଓଡ଼ିଆ ଜାତି, ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଅତୁଳନୀୟ । ଜଣେ ସରଳ, ଅମାୟିକ, ସ୍ୱାଭିମାନୀ, କାବ୍ୟ ପ୍ରତିଭା ଓ ଜାତୀୟବାଦୀ ଚେତନାର ଏକ ସେ ମୂ ର୍ତ୍ତିମନ୍ତ ପ୍ରତୀକ । ଜୀବନରେ ବହୁ ଦୁଃଖ କଷ୍ଟ, ଯନ୍ତ୍ରଣା ଓ ପ୍ରତାରଣା ପାଇଥିଲେ

ମଧ୍ୟ ତାଙ୍କ ଲକ୍ଷ୍ୟ ଓ ସଂକଳ୍ପରୁ ସେ କେବେ ବିଚ୍ୟୁତ ହୋଇନାହାନ୍ତି । ଓଡ଼ିଶାର ନାରୀ ଜାଗରଣକୁ ନୂତନ ରୂପରେଖ ଦେବାରେ ତାଙ୍କର ଅବଦାନ ପ୍ରଶଂସନୀୟ । ତାଙ୍କ କାବ୍ୟାଦର୍ଶରେ ବିଶ୍ୱଦୃଷ୍ଟି, ବିଭୁବୋଧ, ବିପ୍ଳବ ଚେତନା, ଆଶାବାଦ, ଦେଶପ୍ରେମ ପ୍ରକୃତିପ୍ରୀତି ଓ ରହସ୍ୟବାଦର ମଞ୍ଜୁଳ ପରିପ୍ରକାଶ ଘଟିଅଛି ।

କୁନ୍ତଳା କୁମାରୀ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରିଣୀ । ସେ ଥିଲେ ଏକାଧାରରେ କବି, ପ୍ରାବନ୍ଧିକା, ଔପନ୍ୟାସିକା ଓ ସଂଗଠିକା । ସାହିତ୍ୟର ବିଭିନ୍ନ ବିଭାଗରେ ଲେଖନୀ ଚାଳନା କରିଥିଲେ ହେଁ ତାଙ୍କ ପ୍ରତିଭାର ଭୂୟୋବିକାଶ ଗୀତିକବିତାରେ ହିଁ ପରିଲକ୍ଷିତ ହୁଏ । ସଂଘର୍ଷମୟ ଜୀବନ ଭିତରେ ଓଡ଼ିଆ ସାହିତ୍ୟକୁ ସେ ଭେଟି ଦେଇଛନ୍ତି ଅନେକ କାବ୍ୟ-କବିତା ଓ ଉପନ୍ୟାସ । ସେଗୁଡ଼ିକ ହେଲା – 'ଅଞ୍ଜଳି', 'ଉଚ୍ଛ୍ୱାସ', 'ଅର୍ଚ୍ଚନା', 'ସ୍ଫୁଲିଙ୍ଗ', 'ଆହ୍ୱାନ', 'ପ୍ରେମଚିନ୍ତାମଣି', ଓଡ଼ିଆଙ୍କ କାନ୍ଦ', 'ଗଡ଼ଜାତ କୃଷକ', 'ମଣିକା ନ'(ଅସଂପୂର୍ଣ୍ଣ)ପ୍ରଭୃତି କାବ୍ୟକବିତା ଏବଂ 'ଭ୍ରାନ୍ତି' 'ନଅତୁଣ୍ଡୀ', 'ପରଶମଣି', 'କାଳୀବୋହୂ', 'ରଘୁ ଅରକ୍ଷିତ' ଇତ୍ୟାଦି ଉପନ୍ୟାସ ।

'ଉଚ୍ଛ୍ୱାସ' କୁନ୍ତଳା କୁମାରୀଙ୍କର ଦ୍ୱିତୀୟ କବିତା ପୁସ୍ତକ । ଛଅଟି ତରଙ୍ଗରେ ସଜ୍ଜିତ ଛଅଟି ଦୀର୍ଘ 'ପ୍ରତି' କବିତା (ସମ୍ବୋଧଗୀତିକା) ଏଥିରେ ସନ୍ନିବେଶିତ । ସେଗୁଡ଼ିକ ହେଲା – 'ଶେଫାଳି ପ୍ରତି', 'ଚନ୍ଦ୍ର ପ୍ରତି', 'କାମିନୀ ପ୍ରତି', 'କମଳ ପ୍ରତି', 'ତାରା ପ୍ରତି' ଓ 'ସହକାର ପ୍ରତି' । ଏଗୁଡ଼ିକ ଇଂରାଜୀ Ode ଜାତୀୟ କବିତାର ପ୍ରତିରୂପ । ଯେତେବେଳେ କୌଣସି ବ୍ୟକ୍ତି ବା ବସ୍ତୁକୁ ସମ୍ବୋଧନ କରି କବି କୌଣସି ଗାମ୍ଭୀର୍ଯ୍ୟପୂର୍ଣ୍ଣ ଭାବକୁ ନିଜସ୍ୱ ଅନୁଭୂତି ମାଧ୍ୟମରେ ବ୍ୟକ୍ତକରେ, ସେତେବେଳେ ସେହି କବିତାକୁ ସମ୍ବୋଧନମୂଳକ ଗୀତିକବିତା ବା Ode କୁହାଯାଏ ।

**ବିଷୟ ପ୍ରବେଶ :**

'କମଳ ପ୍ରତି' କବିତା ଏକ ସମ୍ବୋଧନମୂଳକ ଗୀତିକବିତା । ଏଥିରେ କବି ପ୍ରକୃତି ମଧ୍ୟରେ ପରମେଶ୍ୱର ଓ ମାନବାତ୍ମାରେ ଈଶ୍ୱର ସ । ଉପଲବ୍ଧି କରିଛନ୍ତି । ଆତ୍ମା-ପରମାତ୍ମାର ପରିଚର୍ଚ୍ଚା ତାଙ୍କ କବିତାକୁ ରହସ୍ୟମୟ କରିଛି । ପ୍ରକୃତି ଭିତରେ ଭଗବତ୍

ସ  ।କୁ ସେ ନିବିଡ଼ ଭାବରେ ଉପଲବ୍ଧି କରିଛନ୍ତି । ଏଥିରେ କବିଙ୍କ ଜୀବନ ଦର୍ଶନ ମଧ୍ୟ ପ୍ରକାଶିତ ହୋଇଛି । ପଦ୍ମ ଭିତରେ କବି ବିଧାତାଙ୍କର ଅପୂର୍ବ ଲୀଳାକୁ ସନ୍ଦର୍ଶନ କରି ଅଭିଭୂତା ହୋଇଛନ୍ତି । ସେଥିପାଇଁ ପ୍ରସ୍ଫୁଟିତ କମଳର ସୌନ୍ଦର୍ଯ୍ୟ ଓ ମହକରେ ସେ ଅନୁଭବ କରିଛନ୍ତି ସ୍ୱର୍ଗୀୟ ଆନନ୍ଦ । ନିଜର ଆତ୍ମସ  ।କୁ ସେ କମଳ ସହିତ ତୁଳନା କରିଛନ୍ତି ଏବଂ କମଳକୁ ସୃଷ୍ଟିକ  ॅଙ୍କ ସୌନ୍ଦର୍ଯ୍ୟମୟ ସୃଷ୍ଟିରେ ଏକ ଅପୂର୍ବ କମନୀୟ ସର୍ଜନା ଭାବରେ ବର୍ଣ୍ଣନା କରିଛନ୍ତି ।

Gj ǒKaǍǕǒKêǜk ǕKêǜúi ǜZu e 'Kck _ǍöKaǍǜ Kǒ\ ǚg cǕǟ

**ଶବ୍ଦାର୍ଥ :**

କମଳ -ପଦ୍ମ

ଶତଦଳ - ପଦ୍ମ

ସତତ - ସର୍ବଦା, ନିରନ୍ତର

ପଟାନ୍ତର - ତୁଳନା

ଲେଖନୀ - ଯାହାଦ୍ୱାରା ଲେଖାଯାଏ । କଲମ, ପେନସିଲ ଇତ୍ୟାଦି

ଝଲୁଅଛି - ଦୀପ୍ତ ହେଉଅଛି, ଜକ ଜକ ହୋଇ ଝଟକୁଛି

ଦଳ -ପତ୍ର, ପାଖୁଡ଼ା

ନିରେଖି - ନିରୀକ୍ଷଣ କରି, ଦେଖି

ପୂତ - ପବିତ୍ର

ଦିବ୍ୟ - ସ୍ୱର୍ଗୀୟ, ଅପାର୍ଥିବ

ତନୁ - ଶରୀର

ରୋମାଞ୍ଚିତ - ରୋମା   ଯୁକ୍ତ, ପୁଲକିତ

ପୁଲକିତ - ଆନନ୍ଦିତ

ବିମଳ - ନିର୍ମଳ, ଶୁଭ୍ର, ପବିତ୍ର

ହତଶିରୀ - ଶ୍ରୀହୀନ, ଶୋଭାହୀନ

ନଳିନ - ପଦ୍ମ

ସୁମନ - ପୁଷ୍ପ, ଫୁଲ

ଶମିତ - ଉପଶମିତ, ନିବାରିତ, ଦମିତ

ଦୁରିତ - ପାପ

ସୁଷମା - ଲାବଣ୍ୟ, ପରମଶୋଭା

ପିପାସା - ପିଇବାର ଇଚ୍ଛା, ତୃଷା, ତୀବ୍ର ଲାଳସା

ମୃଣାଳ - ପଦ୍ମନାଡ଼

ମକରନ୍ଦ - ପୁଷ୍ପମଧୁ, ପୁଷ୍ପରେଣୁ

ମଧୁକର - ଭ୍ରମର

ସମାକୁଳ - ବ୍ୟାକୁଳ, କାତର

ମଞ୍ଜୁଳ - ସୁନ୍ଦର, ମଧୁର

କୁଶେଶୟ,ପୁଣ୍ଡରୀକ - ପଦ୍ମ

ତାପୀ - ତାପଯୁକ୍ତ, ଦୁଃଖାହତ

ସରୋବର - ପୁଷ୍କରିଣୀ

ପଙ୍କଜ - ପଦ୍ମ

ବିସ - ମୃଣାଳ, ପଦ୍ମନାଡ଼

ପ୍ରସୂନ - ଫୁଲ

ବିସ ପ୍ରସୂନ - ମୃଣାଳରେ ଫୁଟିଥିବା ଫୁଲ, ପଦ୍ମ

ଲଳିତ - କୋମଳ, କମନୀୟ

ଉପମିତ - ତୁଳିତ

ପଟାନ୍ତର -ତୁଳନା, ଉପମା

ଭବଧାମ - ମରଜଗତ, ପୃଥିବୀ

ବିହି - ବିଧାତା

ସମତୁଲ - ସମକକ୍ଷ

ରାଜୀବ - ପଦ୍ମ

ଭାସ୍ୱର - ଦୀପ୍ତିଶୀଳ, ଉଜ୍ଜ୍ୱଳ

ତାମରସ - ପଦ୍ମ

ତନୁ-ସରସେ - ଶରୀର ରୂପକ ପୁଷ୍କରିଣୀରେ

ଆତ୍ମା-ସାରସ - ଆତ୍ମାରୂପକ ପଦ୍ମ, ଆତ୍ମା ରୂପକ କଳହଂସ

ତମୋ - ଅନ୍ଧକାର

ଛାୟାବାଜି - କୁହୁକ, ଛାୟାର ଖେଳ

ଆବିଳ - ଗୋଳିଆ

ଚାରୁ - ସୁନ୍ଦର, କମନୀୟ, ଲଳିତ

ତୁଲ - ତଉଲ, କଛ, ସମାନ ଅର୍ଥରେ

ବସତି - ବାସକରିବା

ବ୍ୟାଳ - ସର୍ପ

କାନନ ସ୍ଥଳୀ - ବଣଭୂଇଁ

ବିଜନ - ଏକାନ୍ତ, ନିର୍ଜନ

ଅରୁଣ - ସୂର୍ଯ୍ୟ

ଆସ୍ୟ - ରାଜୀବ - ଲପନେ - ଆସ୍ୟରୂପକ ପଦ୍ମର ମୁଖମଣ୍ଡଳରେ

ସୃଜିବ - ସୃଷ୍ଟିକରିବ

## ନମୁନା ପ୍ରଶ୍ନାବଳୀ

**(କ)ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ।**

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ )**

୧) ଶତଦଳ କହିଲେ କ'ଣ ବୁଝାଯାଏ ?

(କ) ପଦ୍ମ (ଖ) କଦମ୍ବ

(ଗ) କଇଁ (ଘ) ଗୋଲାପ

୨) ସୁନ୍ଦର ପଣରେ କାହାର ପଟାନ୍ତର ନାହିଁ ?

(କ) ପୁଷ୍କରିଣୀର (ଖ) ପଦ୍ମର

(ଗ) କବିଙ୍କ ବଗିଚାର (ଘ) ବର୍ଣ୍ଣନାର

୩) ପଦ୍ମକୁ ବର୍ଣ୍ଣନା କରିବାରେ କିଏ ଲଜ୍ଜିତ ହୋଇପଡ଼େ ?

(କ) ଶିକ୍ଷକ (ଖ) କବିଙ୍କ ଲେଖନୀ

(ଗ) ଛାତ୍ର (ଘ) ସମାଲୋଚକ

୪) ପଦ୍ମ ପାଖୁଡ଼ାରୁ କ'ଣ ଝରି ପଡୁଥିଲା ?

(କ) ପୁଣ୍ୟ ଅମୃତ (ଖ) ବର୍ଷାଜଳ

(ଗ) ଆନନ୍ଦାଶ୍ରୁ (ଘ) ପ୍ରେମାଶ୍ରୁ

୫) ପଦ୍ମ ଦଳରୁ ଅମୃତ ଝରିପଡ଼ିବା ଦେଖି କିଏ ପୂତ ହୋଇଯାଉଥିଲା ?

(କ) ମସ୍ତକ (ଖ) ମନ

(ଗ) କବିଙ୍କ ନେତ୍ର (ଘ)ଶରୀର

୬) Kaò_\ ã ê KêùZùk ò@ùYò K'Y ù\ A @ùe Keòa ùaùí ùb ùa Q« ò?

(K) c] ê Pê^ (L) N^ @ùí ùv^

(M) @Nùa Y (N) ù_â i ¸ ùn Y

7) _\ ã gÕ ùe Kaò e K'Y \ èùb Z ùj a ?

(K) _ ùy (L) \ êZ

(M) @mZû (N) i ùj ùKZû

8) c ùk ùe K'Y [ ùG ?

(K) i ùÑp Zû (L) ùKùc k Zû

(M) c] êZû (N) K K

୯) ପଦ୍ମ ନିକଟରେ କେଉଁମାନେ ସମାକୁଳ ହୋଇପଡୁଥିଲେ ?

(କ) ମଧୁକରମାନେ (ଖ) ଦର୍ଶକମାନେ

(ଗ) ଭାବୁକମାନେ (ଘ) ଗ୍ରହନକ୍ଷତ୍ରମାନେ

୧୦) ପୁଣ୍ଡରୀକ କିଏ ?

(କ)କଇଁ (ଖ) ପଦ୍ମ

(ଗ)କଦମ୍ବ (ଘ) ଗୋଲାପ

୧୧) ପାପ-କାଳ-ବ୍ୟାଳ କାହାର ମୂଳରେ ଥାଏ ?

(କ)ସଂସାର (ଖ) ସ୍ୱର୍ଗ

(ଗ) ମ ର୍ତ୍ତ୍ୟ (ଘ) ପାତାଳ

୧୨)କେଉଁଟି ପଦ୍ମର ପ୍ରତିଶବ୍ଦ ନୁହେଁ ?

(କ)ଶତଦଳ (ଖ) ନଳିନ

(ଗ)ପୁଣ୍ଡରୀକ (ଘ) କୁମୁଦ

୧୩)କମଳପ୍ରତି କେଉଁ ଧରଣର କବିତା ?

(କ) ସନେଟ୍ (ଖ) ସମ୍ବୋଧନଗୀତି

(ଗ) ଶୋକ ଗୀତିକା (ଘ) ଗାଥା କବିତା

**(ଖ)କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ସତତ ମଧୁର ଉଜ୍ଜ୍ୱଳ କିଏ ?

୨) କବିଙ୍କ ଲେଖନୀ କାହିଁକି ଲଜ୍ଜିତ ହୋଇପଡ଼େ ?

୩) ପଦ୍ମ ଦଳରୁ କ'ଣ ଝରି ପଡୁଥିଲା ?

୪) କବିଙ୍କ ନେତ୍ର କାହିଁକି ପୂତ ହେବ ?

୫) କବିଙ୍କ ଚି  କେଉଁଥିରେ ଉଲ୍ଲସିତ ହେଉଥିଲା ?

୬) କବିଙ୍କ ନେତ୍ର କିପରି ପବିତ୍ର ହେବ ?

୭) ତାଙ୍କର ଦୁରିତ କିପରି ଦୂରୀଭୂତ ହେବ ?

୮) କୁସୁମରାଣୀ ବୋଲି କାହାକୁ କୁହାଯାଇଛି ?

୯) ପଙ୍କବିନା କିଏ ଫୁଟି ପାରିବ ନାହିଁ ?

୧୦) କ  କ ମୃଣାଳ କାହାସହିତ ସଂଶ୍ଲିଷ୍ଟ ?

୧୧) ପୁଣ୍ୟ କେଉଁଠାରେ ଜନମ  ହୋଇଥାଏ ?

୧୨) ମହତର ଜନମ କେଉଁଠାରେ ହୋଇଥାଏ ?

୧୩) ପଦ୍ମ ନାମରେ ବିଧାତା କ'ଣ ଲିହିଛି ?

୧୪) ପଦ୍ମର ଉପମା କିଏ ହୋଇପାରେ ?

୧୫) ପଦ୍ମଠାରୁ ବଳି ମହତ କିଏ ?

୧୬) ଏ ତନୁ-ସରସୀରେ କିଏ ହସୁଅଛି ?

୧୭) ଚାରୁ ଆତ୍ମାଫୁଲ କେଉଁଠାରେ ନିତି କାନ୍ଦେ ?

୧୮) ମରଦେହେ କିଏ ବସତିସ୍ଥାପନ କରେ ?

୧୯) ଭୀଷଣ କାନନ ସ୍ଥଳୀ କାହାକୁ କୁହାଯାଇଛି ?

୨୦) କାହାବିନା ରାଜୀବର ଗତ୍ୟନ୍ତର ନାହିଁ ?

**(ଗ) କ୍ଷୁଦ୍ର ଉ  ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ  ର ଲେଖ । (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ  ର ପାଇଁ ୧ ନମ୍ବର ।)**

୧) 'ଲେଖନୀ ଲଜ୍ଜିତ ମୋର' କହିବାର ତାତ୍ପର୍ଯ୍ୟ କ'ଣ ?

୨) କାହାର ଢ଼ଳ ଢ଼ଳ ରୂପରାଶି ଜଳରେ ଭାସୁଥିଲା ?

୩) କବିଙ୍କ ନୟନ ଜଳଆଡ଼କୁ କାହିଁକି ଚାଲି ଯାଉଥିଲା ?

୪) କାହାର ତନୁ କେତେବେଳେ ରୋମା ୍ତ ହେଉଥିଲା ?

୫) କବି ପଦ୍ମଫୁଲକୁ କାହିଁକି ତୋଳି ଆଣିବାକୁ ଚାହୁଁଥିଲେ ?

୬) କିଏ କିପରି ହତଶିରୀ ହୋଇଯିବାର ସମ୍ଭାବନା ଅଛି ?

୭) କେଉଁଠାରୁ ମନୋହର ମକରନ୍ଦ ସବୁବେଳେ ଝରୁଥାଏ ?

୮) ପଙ୍କଜ କାହା ବିନା ଫୁଟି ପାରିବ ନାହିଁ ?

୯) କାହା ବିନା ପଙ୍କଜ ଉଠି ପାରେ ନାହିଁ ?

୧୦) ବିଧାତାର ଅପୂର୍ବ କୀରତି କ'ଣ ?

୧୧) ପାପ-କାଳ-ବ୍ୟାଳ କହିବାର ଉଦ୍ଦେଶ୍ୟ କ'ଣ ?

୧୨) ପ୍ରେମ ଅରୁଣପ୍ରିୟ କିଏ ?

୧୩) ଆତ୍ମା-ରାଜୀବ-ଲପନରେ ସୁହାସ କିଏ ସୃଜି ପାରିବ ?

୧୪) ଆତ୍ମା-ରାଜୀବ ପ୍ରସଙ୍ଗରେ ପରମାତ୍ମା କିଏ ?

୧୫) ରବି ଓ ପଦ୍ମର ସଂପର୍କକୁ କାହା ସହିତ ତୁଳନା କରାଯାଇଛି ?

**(ଘ) ଅଳ୍ପ ଦୀର୍ଘ ଉ   ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ   ର ଲେଖ । (ଲେଖା ଓ ଲେଖକଙ୍କ ପାଇଁ ୧ ନମ୍ବର ଓ ଉ   ର ପାଇଁ ୨ ନମ୍ବର ।)**

୧) 'ନିରେଖି ମୋ ନେତ୍ର ହୁଏ ପୂତ' - ପ୍ରସଙ୍ଗ ନିର୍ଦ୍ଦେଶ କର ।

୨) କାହାର ପ୍ରାଣ ଚ  ଳ ବିମୁଗ୍ଧ ଓ କାହିଁକି ?

୩) କାହାର ପୁଣ୍ୟ ମାଧୁରୀ କାହିଁକି ମଳିନ ହୋଇପଡ଼ିବ ?

୪) କିଏ ଓ କାହିଁକି ପଦ୍ମକୁ ବୃନ୍ତଚ୍ୟୁତ କରିବେ ନାହିଁ ।

୫) କବିଙ୍କ ସୁଷମା ପିପାସୁ ଚି   କିପରି ଶମିତ ହେବ ?

୬) କ'ଣ ଦେଖିଲେ କାହାର ଦୁରିତ ଦୂରୀଭୂତ ହେବ ?

୭) ପାପୀ ଓ ତାପୀଙ୍କ ପାଇଁ କିଏ ଓ କିପରି ପୁଣ୍ୟତୀର୍ଥ ?

୮) ବିଧାତାର ବିଚିତ୍ର ଲୀଳା କ'ଣ ?

୯) ପଙ୍କ ସରୋବରର ତାତ୍ପର୍ଯ୍ୟ କ'ଣ ?

୧୦) 'ମହତ ଜନମ ସତେ ଦରିଦ୍ର କୁଟୀରେ' - ପ୍ରସଙ୍ଗ ନିର୍ଣ୍ଣୟ କର ।

୧୧) ପଦ୍ମର ରମ୍ୟ ବଦନ ସହିତ କ'ଣ ସବୁ ଚିର ଉପମିତ ?

୧୨) ପଦ୍ମଠାରୁ କିଏ ଅଧିକ ସୁନ୍ଦର ଓ ମହତ ବୋଲି କୁହାଯାଇଛି ?

୧୩) ତନୁ-ସରସୀ ଓ ଆତ୍ମା-ସାରସ କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୪) ସଂସାରକୁ ଭୀଷଣ କାନନସ୍ଥଳୀ କହିବାର ତାତ୍ପର୍ଯ୍ୟ କ'ଣ ?

୧୫) ରବି ଓ ରାଜୀବର ସଂପର୍କ କିପରି ନିର୍ଣ୍ଣିତ ହୋଇଛି ?

**(ଙ) ଦୀର୍ଘ ଉ  ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ  ର ଲେଖ ।**

୧) 'କମଳ ପ୍ରତି' କବିତାର ସାରମର୍ମ ବିଶ୍ଳେଷଣ କର ।

୨) 'କମଳ ପ୍ରତି' କବିତା ଅବଲମ୍ବନରେ 'ପଦ୍ମ'ର ମହ ୍ୱ ନିରୂପଣ କର ।

୩) କମଳକୁ ଦେଖି କବିଙ୍କ ମନରେ ଯେଉଁ ଭାବନା ଆସିଥିଲା ତାର ସ୍ୱରୂପ ଆକଳନ କର ।

୪) କମଳପ୍ରତି କବିତା ମାଧ୍ୟମରେ ଆଶାବାଦର ସ୍ୱର କିପରି ପ୍ରସ୍ଫୁଟିତ ହୋଇଛି ଦର୍ଶାଅ ।

୫) କମଳ ମାଧ୍ୟମରେ କବି ନିଜ ଜୀବନ ପ୍ରତି ଯେଉଁ ସନ୍ଦେଶ ଗ୍ରହଣ କରିଛନ୍ତି ତାହାର ରୂପରେଖ ନିର୍ଣ୍ଣୟ କର ।

୬) ଏକ 'ସମ୍ବୋଧନ ଗୀତି' ଭାବରେ 'କମଳ ପ୍ରତି' କବିତାର ସାର୍ଥକତା ପ୍ରତିପାଦନ କର ।

୭) 'କମଳ ପ୍ରତି' କବିତାରେ ବିଭୁବୋଧ କିପରି ପ୍ରତିଫଳିତ ହୋଇଛି ଆଲୋଚନା କର ।

# ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ

ଗୁରୁପ୍ରସାଦ ମହାନ୍ତି

"ମହାଶୟ
ଆପଣଙ୍କ ଶିକ୍ଷା ଅତି ଚମତ୍କାର
ଆପଣଙ୍କ ବକ୍ତୃତାର ଅକାଟ୍ୟ ଯୁକ୍ତିରେ
ମୋ ଦୃଷ୍ଟିରୁ ଧ୍ୱଂସକରି ମୋହରୂପୀ ଅନ୍ଧାରର ଘୋର ପ୍ରହେଳିକା
ଆପଣ ଏ ଯେଉଁ ଶିକ୍ଷା ଦେଲେ ମତେ ମହାଜ୍ଞାନାଲୋକ
ତାର ତୀବ୍ର ଦହନରେ ହାତମୁଠା ଟାଣ ମୋର ହୋଇ ଆସେ ବଜ୍ର ପରି
ମୋ ହୃଦୟ ଲୌହପିଣ୍ଡ ପରି
ମୋ ଧନୁର ତୀର ହୁଏ ତୀକ୍ଷ୍ଣ ରୁ ଆହୁରି ତୀକ୍ଷ୍ଣ
ମହାଶୟ
ବର୍ତ୍ତମାନ ମୁଁ ବୁଝୁଛି, ବନ୍ଧୁଜ୍ଞାତି ନରହତ୍ୟା ଧର୍ମ କ୍ଷତ୍ରିୟର
ଅନନ୍ତ ମୁକ୍ତିର ଦ୍ୱାର ଭେଦକରି ଯିବାପାଇଁ
ଏତ ମହା ଯୋଗର ସାଧନା ।

ଯେହେତୁ ଆପଣ ମୋତେ ଶିକ୍ଷାଦେଲେ
ମୋ ତୀରର ତୀକ୍ଷ୍ଣ ମୁନ ଭିତରେ ଆପଣ
ମୋ ଧନୁର ହୁଙ୍କାରରେ ଆପଣଙ୍କ ଶଙ୍ଖଧ୍ୱନି
ଆପଣହିଁ ବିକଳାଙ୍ଗ ଆହତ ସୈନିକ

ମୋ ନିର୍ଦ୍ଦୟ ଅସିଘାତ ଖୁଣ ଓ ରକ୍ତରେ
ଆପଣ କରିବେ ହତ୍ୟା ଆପଣଙ୍କୁ !

କିନ୍ତୁ ଆପଣଙ୍କୁ
ଶସ୍ତ୍ର ଛିନ୍ନକରେ ନାହିଁ
ଅଗ୍ନି କେବେ ଭସ୍ମ କରେନାହିଁ
ତେଣୁ ତ ଆସନ୍ନ ଏହି ଭୟାବହ ରକ୍ତପାତ ଅସିଘାତ ଜନିତ ଯନ୍ତ୍ରଣା
ମିଥ୍ୟା ମାୟା, ମୋହ ପ୍ରହେଳିକା
ସତ୍ୟ ସତ୍ୟ ଏକମାତ୍ର ସତ୍ୟ ହିଁ ଆପଣ
ମୋ ଘୋଡ଼ାର ହ୍ରେଷାରବ, ବିଧବାର କୋହ ଯନ୍ତ୍ରଣାରେ
ଅସହାୟ ଶିଶୁର କାନ୍ଦଣା ଅବା କବନ୍ଧ ନାଚରେ
ସତ୍ୟ ସତ୍ୟ ଏକ ମାତ୍ର ସତ୍ୟ ହିଁ ଆପଣ
ବନ୍ଧୁ ଜ୍ଞାତି, ସହୋଦର, ମାତୁଳ ପିତୃବ୍ୟ
ସମସ୍ତେ ଆପଣ ପୁଣି, ସମସ୍ତଙ୍କ ହତ୍ୟାରେ ଆପଣ ।"

ମହାରାଜ
ଅର୍ଜ୍ଜୁନର ଏ ଉକ୍ତିରେ ଭଗବାନ କୃଷ୍ଣ ବାସୁଦେବ
ନିତ୍ୟାନ୍ତ ବିରକ୍ତ ହୋଇ ରଥ ଧୀରେ ମୁହାଁଇଲେ
କୁରୁ ସୈନ୍ୟ ବ୍ୟୂହଆଡେ
ଅର୍ଜ୍ଜୁନ ମୁହଁରେ ହସ, ଚକ୍ଷୁତାର ଜ୍ୱଳନ୍ତ ଓ କୃତାନ୍ତ ନିଷ୍ଠୁର ।

କିନ୍ତୁ ମହାରାଜ,
ଏହି ଯୁଦ୍ଧ ବିଗ୍ରହର ଆରମ୍ଭରେ
କୃଷ୍ଣଙ୍କର ବକ୍ତୃତା ଓ ଉଦ୍‌ବୋଧନ, ପେପ୍‌ଟକ୍ ସ୍ ,
ସମାପ୍ତିର ସୂଚନା ତ ମୋ ଦୃଷ୍ଟିରେ ଦିଶେନାହିଁ....
ଆପଣଙ୍କ ଦୃଷ୍ଟିହୀନ ପରିବ୍ୟାପ୍ତ ଅନ୍ଧକାର ତଳେ
ବୀରଗାଥା ବୀର ଧର୍ମ ଜାଣିବାକୁ ଏ ଆଗ୍ରହ
ଅତି ସ୍ୱାଭାବିକ ।

କିନ୍ତୁ ମହାରାଜ
ଦୂର ଦୂର ପ୍ରସାରିତ ମୋ ଦୃଷ୍ଟିର ଅନ୍ତହୀନ ଏହି ଦିଗ୍‌ବଳୟ ।
ବେଷ୍ଟିତ ଯନ୍ତ୍ରଣା କ୍ଷତ ଆହତ ଏ ରକ୍ତାକ୍ତ ପୃଥିବୀ
ବହୁ ଭୟ, ବହୁ କ୍ଷୟ ବିପ୍ଳବ ଓ ରକ୍ତପାତ ଡ଼େଇଁ
ବହୁଶ୍ରମ, ବହୁଚେଷ୍ଟା, ବହୁ ଯୁଗ ଘାତ ପ୍ରତିଘାତ
ଶେଷରେ ବି ସେହି ଭୟ ସେହି ହତ୍ୟା ମଣିଷର ରକ୍ତାକ୍ତ ଯନ୍ତ୍ରଣା...
ଏମାନେ ସମସ୍ତେ
ରାଜା ପ୍ରଜା ସେନାପତି ସୈନ୍ୟ ଓ ସାମନ୍ତ
ବାରମ୍ବାର ଫେରୁଥିବେ ପୃଥିବୀକୁ
ଧର୍ମ ଜାତି ଦେଶ ଆଉ ଆଦର୍ଶ ଯୁକ୍ତିରେ

ବାରମ୍ବାର ପିତା ପୁତ୍ର ପିତୃବ୍ୟ ହତ୍ୟାରେ
ଜର୍ଜରିତ କୁରୁକ୍ଷେତ୍ର ଫେରୁଥିବ ପୃଥିବୀକୁ
ଅନ୍ତହୀନ ସମୟର ରୋଗଗ୍ରସ୍ତ ବିକୃତି ବ୍ୟାପ୍ତିରେ

ତେଣୁ ମହାରାଜ
ସବୁ ଯୁକ୍ତି, ସବୁ ତର୍କ ବକ୍ତୃତା ଓ ଉଦ୍‌ବୋଧନ ପରେ
ମୁଁ ମୋଟେ ପାରେନା ବୁଝି ଭଗବାନ କୃଷ୍ଣ ବାସୁଦେବ
କୁରୁକ୍ଷେତ୍ର ପରି ବହୁ ବିଭିନ୍ନ କ୍ଷେତ୍ରରେ
କେତେଥର ?..... କାହିଁକିବା ?
କରୁଥିବେ ଆତ୍ମହତ୍ୟା ଏହିପରି
ଆପଣାଙ୍କୁ ହତ୍ୟା ଏହିପରି ?

## କବି ପରିଚୟ

କବି ଗୁରୁପ୍ରସାଦ ମହାନ୍ତି (୧୯୨୪ -୨୦୦୪) କଟକ ଜିଲ୍ଲା ଅନ୍ତର୍ଗତ ନାଗବାଲି ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ବାରିପଦାରେ ସ୍କୁଲ ଶିକ୍ଷାପରେ ସେ କଟକ ରେଭେନ୍‌ସା କଲେଜ ଓ ପାଟନା କଲେଜରେ ଅଧ୍ୟୟନ କରି ଇଂରାଜୀରେ ଏମ. ଏ. ଡ଼ିଗ୍ରୀ ହାସଲ କରିଥିଲେ । ଓଡ଼ିଶାର ଉଚ୍ଚଶିକ୍ଷା ବିଭାଗରେ ଇଂରାଜୀ ଅଧ୍ୟାପନାରେ ତାଙ୍କର କାର୍ଯ୍ୟକାଳ ଅତିବାହିତ ହୋଇଥିଲା । ଜଣେ ରୋମା ିକ୍ ବାସ୍ତବବାଦୀ କବି ଭାବେ ପରିଚିତ ଗୁରୁପ୍ରସାଦ 'ସମୁଦ୍ର ସ୍ନାନ' କବିତା ଗ୍ରନ୍ଥପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ଲାଭ କରିଥିଲେ ।

'ଆଶ୍ଚର୍ଯ୍ୟ ଅଭିସାର' ତାଙ୍କର ଅନ୍ୟତମ କବିତା ପୁସ୍ତକ । ସମୁଦ୍ର ସ୍ନାନରେ ସଂକଳିତ 'କାଳପୁରୁଷ' ଏକ ପ୍ରସିଦ୍ଧ ଦୀର୍ଘ କବିତା । ଇଂରେଜ କବି ଟି.ଏସ୍.ଏଲିଅଟ୍‌ଙ୍କ ' ଦି ଓ୍ୱେଷ୍ଟ ଲ୍ୟାଣ୍ଡ' ଅବଲମ୍ବନରେ ଏହି କବିତାଟି ରଚିତ । ଆ ି ରୋମା ିକ୍ ପ୍ରତୀକ ଓ ରୂପକଳ୍ପର ବହୁଳ ପ୍ରଚଳନ ତାଙ୍କ କାବ୍ୟଧାରାର ମୁଖ୍ୟ ଆକର୍ଷଣ ।

## ବିଷୟ ପ୍ରବେଶ

'ସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' କବିତାଟି ଗୁରୁପ୍ରସାଦ ମହାନ୍ତିଙ୍କ 'ଆଶ୍ଚର୍ଯ୍ୟ ଅଭିସାର' କବିତା ପୁସ୍ତକରୁ ଗୃହୀତ । ମହାଭାରତ ସମର ପ୍ରାଙ୍ଗଣରେ ଘଟିଯାଉଥିବା ଯୁଦ୍ଧ ବିଭୀଷିକା ଓ ଯୁଦ୍ଧ ସଂଲଗ୍ନ ଅନ୍ୟାନ୍ୟ ଘଟଣାବଳୀ ଧୃତରାଷ୍ଟ୍ର ଅନ୍ଧ ଥିବାରୁ ଦେଖିପାରୁନଥିଲେ । କିନ୍ତୁ ବ୍ୟାସଦେବଙ୍କ ପ୍ରସାଦରୁ ସଂଜୟ ଦିବ୍ୟଦୃଷ୍ଟି ଲାଭ କରିଥିବାରୁ ଏ ସମସ୍ତ ଘଟଣା ଦେଖିପାରୁଥିଲେ ଏବଂ ତାର ବିବରଣୀ ଧୃତରାଷ୍ଟ୍ରଙ୍କୁ ଶୁଣାଉଥିଲେ । ଏହି ପୃଷ୍ଠଭୂମିରେ ଗୁରୁପ୍ରସାଦ ରଚନା କରିଛନ୍ତି ' ସଂଜୟ ଓ ଧୃତରାଷ୍ଟ୍ର ସମ୍ବାଦ' କବିତା । ମହାଭାରତ ଯୁଦ୍ଧରେ ଆତ୍ମୀୟ ସ୍ୱଜନମାନଙ୍କୁ ଦେଖି ପାଣ୍ଡବ ପକ୍ଷର ଅର୍ଜୁନଙ୍କ ମନରେ ବିଶାଦଭାବ ଜାଗ୍ରତ ହୋଇଥିଲା । ସେ ଯୁଦ୍ଧ କରିବାପାଇଁ ପରାଙ୍‌ମୁଖ ହେଲେ । ଅର୍ଜୁନଙ୍କର ଯୁଦ୍ଧପ୍ରତି ଏତାଦୃଶ ବିମୁଖତା ଦେଖି ଶ୍ରୀକୃଷ୍ଣ ତାଙ୍କୁ ଯୁଦ୍ଧ କରିବା ନିମନ୍ତେ ଉତ୍ସାହ ଓ ଉଦ୍‌ବୋଧନ ଦେଇଥିଲେ । ଶ୍ରୀକୃଷ୍ଣଙ୍କ ଶିକ୍ଷା, ଉଦ୍‌ବୋଧନ ଓ ପ୍ରରୋଚନାରେ ଅର୍ଜୁନଙ୍କର ଜଡ଼ତା ଅପସରି ଯାଇଥିଲା ଏବଂ ସେ ମହାଭାରତ ମହାସମରରେ ବ୍ୟାପୃତ ହୋଇଥିଲେ । 'ଶ୍ରୀମଦ୍ ଭଗବତଗୀତା'ରେ ଏହି ପ୍ରସଂଗଟି ପୁଙ୍ଖାନୁପୁଙ୍ଖ ବର୍ଣ୍ଣିତ ହୋଇଛି । କବିତାଟିର ପ୍ରଥମାର୍ଦ୍ଧ ଅର୍ଥାତ୍ 'ମହାଶୟ, ଆପଣଙ୍କ ଶିକ୍ଷା ଅତି ଚମତ୍କାର.... ସମସ୍ତଙ୍କ ହତ୍ୟାରେ ଆପଣ' ପର୍ଯ୍ୟନ୍ତ କବିତା ଭାଗଟିଏ ଅର୍ଜୁନଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଉକ୍ତି ଯାହା ସଂଜୟ ବର୍ଣ୍ଣନା କରିଛନ୍ତି ଧୃତରାଷ୍ଟ୍ରଙ୍କ ଆଗରେ । କବିତାର ଅବଶିଷ୍ଟାର୍ଦ୍ଧଟି ସଂଜୟଙ୍କର ଧୃତରାଷ୍ଟ୍ରଙ୍କ ଆଗରେ ଉପସ୍ଥାପିତ ନିଜସ୍ୱ ଉକ୍ତି ।

ସଂଜୟ ଧୃତରାଷ୍ଟ୍ରଙ୍କୁ କହୁଛନ୍ତି ଶ୍ରୀକୃଷ୍ଣଙ୍କ ଶିକ୍ଷା ଓ ଅକାଟ୍ୟ ଯୁକ୍ତିରେ ଅର୍ଜୁନଙ୍କ ଦୃଷ୍ଟିରୁ ମୋହରୂପୀ ଅନ୍ଧକାରର ପ୍ରହେଳିକା ଦୂରୀଭୂତ ହୋଇଗଲା । ଶ୍ରୀକୃଷ୍ଣଙ୍କ ଶିକ୍ଷା ଥିଲା

ଅର୍ଜୁନଙ୍କ ପାଇଁ ମହାଜ୍ଞାନାଲୋକ ସଦୃଶ ଯାହାର ପ୍ରଭାବରେ ଅର୍ଜୁନଙ୍କର ବିଗଳିତ ଅବସ୍ଥା ଅପସରି ଗଲା ଏବଂ ତାଙ୍କ ହାତମୁଠା ବଜ୍ରପରି ଟାଣ ହୋଇଗଲା; ହୃଦୟ ଲୌହପିଣ୍ଡପରି ଶକ୍ତ ହେଲା, ଧନୁର ତୀର ସବୁ ତୀକ୍ଷଣରୁ ଆହୁରି ତୀକ୍ଷ୍ଣ ହୋଇ ଉଠିଲେ କ୍ଷତ୍ରିୟ ଧର୍ମ ଯୁଦ୍ଧ କରିବା ବୋଲି ଅର୍ଜୁନ ବୁଝିପାରିଲେ । ଯୁଦ୍ଧରେ ନରହତ୍ୟାକୁ ଭ୍ରୂକ୍ଷେପ ନକରି ଆଗକୁ ଅଗ୍ରସର ହେବା ମହାଯୋଗୀର ମୁକ୍ତି ସାଧନା ଭଳି କଠୋର ହେଲେହେଁ ବରଣୀୟ ବୋଲି ବୁଝିପାରିଲେ ।

ଭଗବାନ ଶ୍ରୀକୃଷ୍ଣ ସର୍ବତ୍ର ବିଦ୍ୟମାନ । ସେ ଅଛନ୍ତି ଅର୍ଜୁନଙ୍କ ତୀରର ତୀକ୍ଷ୍ଣ ମୁନରେ ତାଙ୍କର ଶଙ୍ଖଧ୍ୱନି ଶୁଣାଯାଉଛି ଅର୍ଜୁନଙ୍କ ଧନୁର ହୁଙ୍କାରରେ । ବିକଳାଙ୍ଗ ଆହତ ସୈନିକର ଆ ଚିତ୍କାର ଭିତରେ ସେ ଅର୍ଜୁନର ନିର୍ଦ୍ଦୟ ଅସିଘାତର କ୍ଷତ ଓ ରକ୍ତ ଭିତରେ ମଧ୍ୟ ସେ ହିଁ ବିଦ୍ୟମାନ । ଅତଏବ ମାରୁଥିବା ଓ ମରୁଥିବା ଉଭୟ ବ୍ୟକ୍ତିହିଁ ଭଗବାନ୍ ଶ୍ରୀକୃଷ୍ଣ । ତାଙ୍କୁ ଶସ୍ତ୍ର ଛିନ୍ନ କରିପାରେ ନାହିଁ, ଅଗ୍ନି ମଧ୍ୟ ଭସ୍ମ କରିପାରେ ନାହିଁ । ତେଣୁ ମହାଭାରତ ଯୁଦ୍ଧ ଏକ ମିଥ୍ୟା,ମାୟା ମୋହର ପ୍ରହେଳିକା ମାତ୍ର ତାହା ଭିତରେ ଏକମାତ୍ର ସତ୍ୟ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣ । ସେ ହିଁ ସବୁରି ଭିତରେ ଘୋଡ଼ାର ହ୍ରେଷାରବରେ ବିଧବାର କୋହ ଯନ୍ତ୍ରଣାରେ, ଅସହାୟ ଶିଶୁର କାନ୍ଦଣାରେ, ଅଥବା କବନ୍ଧ ନାଚରେ ଏପରିକି ବନ୍ଧୁଜ୍ଞାତି, ସହୋଦର, ମାତୁଳ, ପିତୃବ୍ୟ ଆଦି ସମସ୍ତଙ୍କ ହତ୍ୟା ଭିତରେ, ଶ୍ରୀକୃଷ୍ଣ ଓ ହତ୍ୟାକାରୀ ବି ଶ୍ରୀକୃଷ୍ଣ ।

ଅର୍ଜୁନ ଯୁଦ୍ଧ କରିବାପାଇଁ କୃତନିଶ୍ଚୟ ହେବାଜାଣି ଭଗବାନ ଶ୍ରୀକୃଷ୍ଣ କୁରୁ ସୈନ୍ୟ ଆଡ଼କୁ ରଥ ବାହିନେଲେ । ସେତେବେଳକୁ ଅର୍ଜୁନଙ୍କ ମୁହଁରେ ହସ, ଚକ୍ଷୁରେ ନିଷ୍ଠୁରତାର ଜ୍ୱଳନ୍ତ ପ୍ରକାଶ ଭଙ୍ଗୀ ।

ଶ୍ରୀକୃଷ୍ଣଙ୍କ ବକ୍ତୃତା, ଉଦ୍‌ବୋଧନ ଓ ଉତ୍ସାହ କାବ୍ୟ (ପେପଟକ) ଦ୍ୱାରା ମହାଭାରତ ମହାସମରରେ ପାଣ୍ଡବପକ୍ଷ ଜୟଯୁକ୍ତ ହେଲେ । ସଞ୍ଜୟ କିନ୍ତୁ ତାର ବହୁ ଆଗକୁ ଭବିଷ୍ୟତ ଦେଖି କହୁଛନ୍ତି ଯେ ଯୁଦ୍ଧ, ହିଂସା, ରକ୍ତପାତ, ଭୟ ଓ ଯନ୍ତ୍ରଣାର ପରିସମାପ୍ତି ତ କେବେ ଆସୁନାହିଁ । ମହାଭାରତ ଯୁଦ୍ଧପରେ ମଧ୍ୟ ଏ ପୃଥିବୀ ବାରମ୍ବାର ଯନ୍ତ୍ରଣା, କ୍ଷତ,

ଆଘାତ,ରକ୍ତପାତ ଓ ବିପ୍ଳବର ବଶବର୍ତ୍ତୀ ହେଉଛି । ରାଜା, ପ୍ରଜା, ସୈନ୍ୟ, ସାମନ୍ତ ଓ ସମରସଜ୍ଜାର ଅନ୍ତଘଟୁନାହିଁ । ଧର୍ମପାଇଁ,ଜାତିପାଇଁ, ଦେଶପାଇଁ ,ଆଦର୍ଶପାଇଁ, (ସ୍ୱାର୍ଥପାଇଁ) ପିତା, ପୁତ୍ର ଓ ପିତୃବ୍ୟଙ୍କ ହତ୍ୟାରେ ଏ ପୃଥିବୀ ବାରମ୍ବାର କୁରୁକ୍ଷେତ୍ରରେ ପରିଣତ ହେଉଛି । ତାହାହେଲେ ସମାପ୍ତି ବା ସମାଧାନ କେଉଁଠି ? ପୃଥିବୀରେ ମଣିଷର ଶାନ୍ତିପୂର୍ଣ୍ଣ ସହାବସ୍ଥାନପାଇଁ ଭଗବାନ୍ ଶ୍ରୀକୃଷ୍ଣ ବାସୁଦେବ ନିଜେ କେତେଥର ଏହିପରି ଆତ୍ମହତ୍ୟା କରୁଥିବେ ? ଏଠାରେ ଆତ୍ମହତ୍ୟା କହିବାର ଅର୍ଥହେଲା - ମାରୁଥିବା ଲୋକ ଏବଂ ମରୁଥିବା ଲୋକ ଉଭୟଙ୍କ ଭିତରେ ଭଗବାନ ହିଁ ଅଛନ୍ତି; ଯେହେତୁ ସେ ସର୍ବ ବିଦ୍ୟମାନ ।

## କଠିନ ଶବ୍ଦାର୍ଥ

ମହାଶୟ - (ମହାନ-ଆଶ୍ରୟ) ମହାମନା, ଭଦ୍ରତାସୂଚକ ସମ୍ବୋଧନ । ଏଠାରେ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ ବ୍ୟବହୃତ ।

ମୋହ - ଅଜ୍ଞାନ, ଅବିଦ୍ୟା,ଭ୍ରାନ୍ତି, ବିବେକହୀନତା

ପ୍ରହେଳିକା - ଦୁରୂହ କୂଟ ପ୍ରଶ୍ନ, ଧନ୍ଦା

ମହାଯୋଗ - ମହାଧ୍ୟାନ, ବିରାଟ ତପସ୍ୟା

ହୁଙ୍କାର - 'ହୁମ୍' ହୁମ୍ ହନିମ୍ ଶବ୍ଦ କରୁଥିବା ଧ୍ୱନି । ଗର୍ଜନ, ବଳପ୍ରକାଶ ସୂଚକ ଶବ୍ଦ

ଅସିଘାତ - ଖଣ୍ଡାଘାତ, ତରବାରିଦ୍ୱାରା କ୍ଷତ

ଖୁଣ - ହତ୍ୟା, ଛିଦ୍ର, କ୍ଷତ

ହ୍ରେଷାରବ - ଅଶ୍ୱଧ୍ୱନି, ଘୋଡ଼ାର ହେଁ ହେଁ ଶବ୍ଦ

କବନ୍ଧ - ମସ୍ତକ ହୀନ ଜୀବନ୍ତ ଦେହ

ଜ୍ଞାତି - ଏକ ବଂଶର ଏବଂ ଏକ ଗୋତ୍ରର ନିକଟ ସମ୍ପର୍କୀୟ ଲୋକ

ସହୋଦର - ଭାଇ

ମାତୁଳ - ମାମୁ

ପିତୃବ୍ୟ - ଦଦେଇ, କକେଇ, ପିତାର ଜ୍ୟେଷ୍ଠଭ୍ରାତା ବା କନିଷ୍ଠ ଭ୍ରାତା

କୃତାନ୍ତ - ଯମ

ପେପ୍‌ଟକ୍ - ଉତ୍ସାହ ବାହୀ କଥା, ଉତ୍ସାହ ବାକ୍ୟ

## ନମୁନା ପ୍ରଶ୍ନାବଳୀ

### (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ)**

୧) ମହାଭାରତ ଯୁଦ୍ଧର ଘଟଣାବଳୀ ଧୃତରାଷ୍ଟ୍ରଙ୍କ ଆଗରେ କିଏ ବର୍ଣ୍ଣନା କରୁଥିଲେ ?

(କ) ସଂଜୟ (ଖ) ଅର୍ଜୁନ

(ଗ) ଯୁଧିଷ୍ଠିର (ଘ) ଶ୍ରୀକୃଷ୍ଣ

୨) ସଂଜୟ କାହାବଳରେ ଦୂରରେ ଘଟୁଥିବା ମହାଭାରତ ସମରକୁ ଦେଖିପାରୁଥିଲେ ?

(କ) ଶ୍ୟେନଦୃଷ୍ଟି (ଖ) ଅଗ୍ନିଦୃଷ୍ଟି

(ଗ) ଦିବ୍ୟଦୃଷ୍ଟି (ଘ) ଅନ୍ତର୍ଦୃଷ୍ଟି

୩) ସଂଜୟ କାହା ଆଗରେ ମହାଭାରତ ଯୁଦ୍ଧକଥା ବର୍ଣ୍ଣନା କରୁଥିଲେ ?

(କ) ପଣ୍ଡୁ (ଖ) ଗାନ୍ଧାରୀ

(ଗ) କୁନ୍ତୀ (ଘ) ଧୃତରାଷ୍ଟ୍ର

୪) କାହାର ଶିକ୍ଷା ଅତି ଚମତ୍କାର ବୋଲି କୁହାଯାଇଛି ?

(କ) ସଂଜୟଙ୍କର (ଖ) ଧୃତରାଷ୍ଟ୍ରଙ୍କର

(ଗ) ଶ୍ରୀକୃଷ୍ଣଙ୍କର (ଘ) ଅର୍ଜୁନଙ୍କର

୫) କାହାଦୃଷ୍ଟିରୁ ଅନ୍ଧାରର ଘୋର ପ୍ରହେଳିକା ଧ୍ୱଂସ ହୋଇଗଲା ?

(କ) ଅର୍ଜୁନଙ୍କର (ଖ) ଧୃତରାଷ୍ଟ୍ରଙ୍କର

(ଗ) ସଂଜୟଙ୍କର (ଘ) ଗାନ୍ଧାରୀଙ୍କର

୬) ମୋହରୂପୀ ଅନ୍ଧାରକୁ କାହା ସହିତ ତୁଳନା କରାଯାଇଛି ।

(କ) ଅଜ୍ଞତା (ଖ) ପ୍ରହେଳିକା

(ଗ) ମୂର୍ଖତା (ଘ) ଅହଙ୍କାର

୭) ଅର୍ଜୁନଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ଶିକ୍ଷା କେଉଁଭଳି ଥିଲା ?

(କ) ମହାଜ୍ଞାନଲୋକ (ଖ) ଆନନ୍ଦାଲୋକ

(ଗ) ସୂର୍ଯ୍ୟାଲୋକ (ଘ) ଚନ୍ଦ୍ରାଲୋକ

୮) ଅର୍ଜୁନଙ୍କର ହାତମୁଠା କେଉଁପରି ଟାଣ ହୋଇଗଲା ?

(କ) ମାଟିପରି (ଖ) ପଥରପରି

(ଗ) ବଜ୍ରପରି (ଘ) କାଠପରି

୯) ତାଙ୍କ ହୃଦୟ କ'ଣ ପରି କଠିନ ହୋଇଗଲା ?

(କ) ମୃ ିକା ପିଣ୍ଡପରି (ଖ) ଲୌହପିଣ୍ଡପରି

(ଗ) କରକା ପିଣ୍ଡପରି (ଘ) ବରଫ ପିଣ୍ଡପରି

୧୦) ବନ୍ଧୁ ଜ୍ଞାତି ନରହତ୍ୟା କେଉଁ ଧର୍ମ ସମ୍ମତ ?

(କ) ବ୍ରାହ୍ମଣ (ଖ) କ୍ଷତ୍ରିୟ

(ଗ) ବୈଶ୍ୟ (ଘ) ଶୂଦ୍ର

୧୧) କିଏ ଆପଣଙ୍କୁ (ଭଗବାନ ଶ୍ରୀକୃଷ୍ଣଙ୍କୁ ) ଛିନ୍ନ କରେ ନାହିଁ ?

(କ) ଶସ୍ତ୍ର (ଖ) ଶତ୍ରୁ

(ଗ) ମିତ୍ର (ଘ) ମନ

୧୨) ଅଗ୍ନି କାହାକୁ ଭସ୍ମ କରିପାରେ ନାହିଁ ?

(କ) ପରମାତ୍ମାରୂପୀ ଶ୍ରୀକୃଷ୍ଣଙ୍କୁ (ଖ) ପଥରକୁ

(ଗ) ପାହାଡ଼କୁ (ଘ) ଦେହକୁ

୧୩) ସତ୍ୟ ସତ୍ୟ ଏକ ମାତ୍ର ସତ୍ୟ କିଏ ?

(କ) ବାସୁଦେବ ଶ୍ରୀକୃଷ୍ଣ (ଖ) ମଣିଷ

(ଗ) ସଂସାର (ଘ) ସମୁଦ୍ର

୧୪) କୁରୁ ସୈନ୍ୟ ବ୍ୟୁହଆଡ଼େ କିଏ ରଥ ଧୀରେ ମୁହାଁଇଲେ ?

(କ) ଅର୍ଜ୍ଜୁନ (ଖ) ଶ୍ରୀକୃଷ୍ଣ

(ଗ) ଯୁଧିଷ୍ଠିର (ଘ) କର୍ଣ୍ଣ

୧୫) ସେତେବେଳେ ଅର୍ଜ୍ଜୁନଙ୍କ ଚକ୍ଷୁ କିପରି ଥିଲା ?

(କ) ଦୟାର୍ଦ୍ର (ଖ) ସଲ୍ଲଜ

(ଗ) ନିଷ୍ଠୁର (ଘ) କରୁଣାର୍ଦ୍ର

୧୬) କାହାର ଦୃଷ୍ଟିହୀନ ପରବ୍ୟାପ୍ତ ଅନ୍ଧକାର ଥିଲା ?

(କ) ଅର୍ଜ୍ଜୁନଙ୍କର (ଖ) ଧୃତରାଷ୍ଟ୍ରଙ୍କର

(ଗ) ଗାନ୍ଧାରୀଙ୍କର (ଘ) ପାଣ୍ଡୁଙ୍କର

୧୭) କିଏ ବୀରଗାଥା ବୀରଧର୍ମ ଜାଣିବାକୁ ଆଗ୍ରହୀ ଥିଲେ ?

(କ) ଶ୍ରୀକୃଷ୍ଣ (ଖ) ଅର୍ଜୁନ

(ଗ) ଧୃତରାଷ୍ଟ୍ର (ଘ) ଯୁଧିଷ୍ଠିର

୧୮) ମହାରାଜା ବୋଲି କାହାକୁ ସମ୍ବୋଧନ କରାଯାଇଛି ?

(କ) ଦ୍ୱାରକାଧିପତି ଶ୍ରୀକୃଷ୍ଣ (ଖ) ଧୃତରାଷ୍ଟ୍ର

(ଗ) ଧର୍ମରାଜ ଯୁଧିଷ୍ଠିର (ଘ) ପଣ୍ଡୁରାଜା

୧୯) କାହା ଦୃଷ୍ଟିର ଅନ୍ତହୀନ ଦିଗ୍‌ବଳୟ ଥିଲା ?

(କ) ଧୃତରାଷ୍ଟ୍ରଙ୍କର (ଖ) ସଂଜୟଙ୍କର

(ଗ) ଶ୍ରୀକୃଷ୍ଣଙ୍କର (ଘ) ଅର୍ଜୁନଙ୍କର

୨୦) ରାଜା ପ୍ରଜା ସେନାପତି ସୈନ୍ୟ ଓ ସାମନ୍ତ କେଉଁଠାକୁ ବାରମ୍ବାର ଫେରୁଥିବେ ?

(କ) ସମୁଦ୍ରକୁ (ଖ) ପାହାଡ଼କୁ

(ଗ) ପୃଥିବୀକୁ (ଘ) ସ୍ୱର୍ଗକୁ

**(ଖ)କ୍ଷୁଦ୍ର ଉ ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ। ଗୋଟିଏ ବାକ୍ୟରେ ଉ ର ଲେଖ।**

୧) ଧୃତରାଷ୍ଟ୍ର କାହାଠାରୁ ମହାଭାରତ ଯୁଦ୍ଧର ବର୍ଣ୍ଣନା ଶୁଣୁଥିଲେ ?

୨) କବିତାରେ ମହାଶୟ ବୋଲି କାହାକୁ ସମ୍ବୋଧନ କରାଯାଇଛି ?

୩) କାହାର ବକ୍ତୃତାରେ ଅକାଟ୍ୟ ଯୁକ୍ତି ଥିଲା ?

୪) ଅନ୍ଧାରର ଘୋର ପ୍ରହେଳିକା କେଉଁଠାରୁ ଧ୍ୱଂସ ହେଲା ?

୫) କିଏ ମହାଜ୍ଞାନାଲୋକ ପାଇଲେ ?

୬) କାହାର ତୀବ୍ର ଦହନରେ ଅର୍ଜୁନଙ୍କ ହାତମୁଠା ଟାଣ ହୋଇଗଲା ?

୭) କେଉଁ ଉଦ୍ଦେଶ୍ୟରେ ଲୌହପିଣ୍ଡ କଥା କୁହାଯାଇଛି ?

୮) କ୍ଷତ୍ରିୟର ଧର୍ମ କ'ଣ ?

୯) ମହାଭାରତ ଯୁଦ୍ଧରେ କିଏ ଅର୍ଜ୍ଜୁନଙ୍କୁ ଶିକ୍ଷା ଦେଲେ ?

୧୦) ଶ୍ରୀକୃଷ୍ଣଙ୍କ ଶଙ୍ଖଧ୍ୱନି କେଉଁଠାରେ ଅର୍ଜ୍ଜୁନ ଶୁଣିଲେ ?

୧୧) ଶସ୍ତ୍ର କାହାକୁ ଛିନ୍ନ କରେନାହିଁ ?

୧୨) ଘୋଡ଼ାର ରବକୁ କ'ଣ କହନ୍ତି ?

୧୩) କବନ୍ଧନାଚ କହିଲେ କ'ଣ ବୁଝ ?

୧୪) କାହାର ଉକ୍ତିରେ କୃଷ୍ଣ ବାସୁଦେବ ନିତ୍ୟାନ୍ତ ବିରକ୍ତ ହେଲେ ?

୧୫) ପେପ୍‌ଟକ୍ କହିଲେ କ'ଣ ବୁଝାଯାଏ ?

୧୬) ଅର୍ଜ୍ଜୁନଙ୍କ ଚକ୍ଷୁ କେତେବେଳେ ଜ୍ୱଳନ୍ତ ହୋଇଉଠିଲା ?

୧୭) ଧୃତରାଷ୍ଟ୍ର କ'ଣ ଜାଣିବାକୁ ଆଗ୍ରହୀ ଥିଲେ ?

୧୮) କାହାର ସୁଦୂର ପ୍ରସାରିତ ଦୃଷ୍ଟି ଥିଲା ?

୧୯) ସଂଜୟ କାହାଠାରୁ ଦିବ୍ୟଦୃଷ୍ଟି ଲାଭ କରିଥିଲେ ?

୨୦) ପୃଥିବୀକୁ କିଏ ବାରମ୍ବାର ଫେରୁଥିବେ ?

୨୧) ଭବିଷ୍ୟତରେ କୁରୁକ୍ଷେତ୍ର କେଉଁଥିରେ ଜର୍ଜରିତ ହେବ ?

୨୨) କବିତାରେ ଅନ୍ତହୀନ ବୋଲି କାହାକୁ କୁହାଯାଇଛି ?

୨୩) ବାସୁଦେବ କୃଷ୍ଣଙ୍କର ଆତ୍ମହତ୍ୟା କଥା କିଏ ବୁଝି ପାରୁନଥିଲେ ?

୨୪) ବାସୁଦେବ କିଏ ?

୨୫) କୁରୁକ୍ଷେତ୍ର କ'ଣ ପାଇଁ ପ୍ରସିଦ୍ଧ ?

୨୬) କବିତାରେ ଆପଣଙ୍କୁ କାହାପାଇଁ ବ୍ୟବହୃତ ?

**(ଗ)କ୍ଷୁଦ୍ର ଉ ରମୂଳକ ୨ନମ୍ବର ବିଶିଷ୍ଟ ପ୍ରଶ୍ନ। ଦୁଇଟି ବାକ୍ୟରେ ଉ ର ଲେଖ**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ଆପଣଙ୍କ ଶିକ୍ଷା ଅତି ଚମତ୍କାର - କାହାର ଶିକ୍ଷା ? କାହାପ୍ରତି ?

୨) ଅର୍ଜୁନଙ୍କ ହୃଦୟ ଲୌହପିଣ୍ଡପରି କାହିଁକି ହେଲା ?

୩) କାହାଧନୁର ତୀର କେତେବେଳେ ତୀକ୍ଷ୍ଣରୁ ଆହୁରି ତୀକ୍ଷ୍ଣ ହେଲା ?

୪) ମୋର ତୀରର ତୀକ୍ଷ୍ଣର ମୁନଭିତରେ ଆପଣ - କାହାର ? କିଏ ?

୫) ଘୋଡ଼ାର ହ୍ରେଷାରବ ଓ ବିଧିବାର କୋହ ଯନ୍ତଣା ଭିତରେ କିଏ ଦେଖାଯାଉଥିଲେ ?

୬) କବନ୍ଧ ନାଚ କେଉଁ ପ୍ରସଂଗରେ କୁହାଯାଇଛି ?

୭) ମାତୁଳ ପିତୃବ୍ୟ ହତ୍ୟାର ପଚ୍ଛଦପଟରେ କିଏ ଅଛନ୍ତି ବୋଲି କୁହାଯାଇଛି ?

୮) କିଏ କାହାକୁ ପେପ୍‌ଟକ୍ ଦେଇଥିଲେ ?

୯) ଧୃତରାଷ୍ଟ୍ର ସଂଜୟଙ୍କ ଠାରୁ ମହାଭାରତ ଯୁଦ୍ଧ କଥା କାହିଁକି ଶୁଣୁଥିଲେ ?

୧୦) ସଂଜୟଙ୍କ ଦୃଷ୍ଟିର ସ୍ୱରୂପ କ'ଣ ଥିଲା ?

୧୧) କିଏ କେଉଁଠିକୁ ବାରମ୍ବାର ଫେରୁଥିବେ ବୋଲି କୁହାଯାଇଛି ?

୧୨) କେଉଁ ଯୁକ୍ତିରେ କୁରୁକ୍ଷେତ୍ର ବାରମ୍ବାର ଜର୍ଜରିତ ହେବ ?

**(ଘ)ଅଳ୍ପ ଦୀର୍ଘ ଉ ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧) ଅର୍ଜ୍ଜୁନଙ୍କ ଦୃଷ୍ଟିରୁ ମୋହରୂପୀ ଅନ୍ଧକାର କିପରି ଦୂରୀଭୂତ ହେଲା ?

୨) କିଏ କାହାକୁ ମହାଜ୍ଞାନାଲୋକ ଶିକ୍ଷା ଦେଇଥିଲେ ?

୩) ହାତମୁଠା ଟାଣ ମୋର ହୋଇଆସେ ବଜ୍ରପରି - ଏହାର ତାତ୍ପର୍ଯ୍ୟ କ'ଣ ?

୪) କାହାପାଇଁ କ'ଣ ମହାଯୋଗର ସାଧନା ଥିଲା ?

୫) ମୋ ଧନୁର ହୁଙ୍କାରରେ ଆପଣଙ୍କ ଶଙ୍ଖଧ୍ୱନି - ପ୍ରସଙ୍ଗ ନିରୂପଣ କର ?

୬) ଆପଣ ହିଁ ବିକଳାଙ୍ଗ ଆହତ ସୈନିକ - କିଏ କାହାକୁ କହିଛି ?

୭) ଆପଣ କରିବେ ହତ୍ୟା ଆପଣଙ୍କୁ' କହିବାର ଉଦ୍ଦେଶ୍ୟ କ'ଣ ?

୮) 'ସତ୍ୟ ସତ୍ୟ ଏକମାତ୍ର ସତ୍ୟ' ର ତାତ୍ପର୍ଯ୍ୟ ଉଲ୍ଲେଖ କର ?

୯) ଅର୍ଜ୍ଜୁନଙ୍କ ଚକ୍ଷୁ ଜ୍ୱଳନ୍ତ ଓ ନିଷ୍ଠୁର କାହିଁକି ହୋଇଗଲା ?

୧୦) ଧୃତରାଷ୍ଟ୍ରଙ୍କ ପାଇଁ କ'ଣ ଅତି ସ୍ୱାଭାବିକ ଥିଲା ?

୧୧) ବହୁଶ୍ରମ, ବହୁ ଚେଷ୍ଟା, ବହୁଯୁଗ, ଘାତପ୍ରତିଘାତ- କେଉଁ ଉଦ୍ଦେଶ୍ୟରେ କୁହାଯାଇଛି ?

୧୨) କେଉଁଥି ପାଇଁ ବାରମ୍ବାର ପିତା, ପୁତ୍ର, ପିତୃବ୍ୟର ହତ୍ୟାହେବ ?

**ଙ) ଦୀର୍ଘ ଉ  ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ ।୧୫୦ ଶବ୍ଦ ମଧ୍ୟରେ ଉ  ର ଲେଖ ।**

**(୧୫୦ ଟି ଶବ୍ଦ ମଧ୍ୟରେ ଉ  ର ଦେବା ଆବଶ୍ୟକ)**

୧) 'ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ' କବିତାର ଭାବଧର୍ମ ବିଶ୍ଳେଷଣ କର ?

୨) ପଠିତ କବିତାନୁଯାୟୀ ସଞ୍ଜୟ ଧୃତରାଷ୍ଟ୍ରଙ୍କୁ ଯାହା ବୁଝାଇଥିଲେ- ତାହା ନିଜ ଭାଷାରେ ବୁଝାଇ ଲେଖ ?

୩) ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କୁ ଶ୍ରୀକୃଷ୍ଣ ଯେଉଁ ଶିକ୍ଷା ଦେଇଥିଲେ ତାହା ନିଜ ଭାଷାରେ ଲେଖ ।

୪) ସଞ୍ଜୟ ଓ ଧୃତରାଷ୍ଟ୍ରଙ୍କ କଥୋପକଥନର ସ୍ୱରୂପ ଉଲ୍ଲେଖ କର ?

୫) ମହାଭାରତ ଯୁଦ୍ଧ କ୍ଷେତ୍ରରେ ଅର୍ଜୁନ ଶ୍ରୀକୃଷ୍ଣଙ୍କ ଠାରୁ ଯେଉଁ ମହାଜ୍ଞାନାଲୋକ ପାଇଥିଲେ ତାହାର ସ୍ୱରୂପ ବର୍ଣ୍ଣନା କର ।

୬) ସଞ୍ଜୟ ଦେଖୁଥିବା ମହାଭାରତ ଯୁଦ୍ଧ ପରବ ି1 ଅବସ୍ଥାର ଚିତ୍ର ପ୍ରଦାନ କର ?

୭) ପଠିତ କବିତା ଅବଲମ୍ବନରେ ସଞ୍ଜୟଙ୍କର ଆତ୍ମ ଜିଜ୍ଞାସାର ସ୍ୱରୂପ ଆକଳନ କର ?

୮) ସଞ୍ଜୟ ଓ ଧୃତରାଷ୍ଟ୍ର ସମ୍ବାଦ କବିତାର ସାର୍ଥକତା ନିରୂପଣ କର ?

***

# ତୃତୀୟ ଏକକ

# ଆଧ୍ୟାତ୍ମିକ ଭିତ୍ତି

ରତ୍ନାକର ପତି

"ଆଧ୍ୟାତ୍ମିକ" ଶବ୍ଦଟି ପ୍ରଧାନତଃ ଦିଓଟି ଅର୍ଥରେ ବ୍ୟବହୃତ ହୋଇଥିବାର ଦେଖାଯାଏ ।

ବେଦାନ୍ତ-ଦର୍ଶନର ସୁଖ ଦୁଃଖ-ବିଭାଗ ସମ୍ପର୍କରେ ଓ ସାଂଖ୍ୟଦର୍ଶନର 'ଦୁଃଖତ୍ରୟ' ସମ୍ପର୍କରେ ଏହାର ଗୋଟିଏ ଅର୍ଥ ଦେଖିବାକୁ ମିଳେ । ଉଭୟ ଦର୍ଶନରେ ଦୁଃଖକୁ ଆଧିଦୈବିକ, ଆଧିଭୌତିକ ଓ ଆଧ୍ୟାତ୍ମିକ, ଏହି ତିନି ଶ୍ରେଣୀରେ ବିଭକ୍ତ କରାଯାଇଛି । ଦେବତା ବା ଦୈବୀଶକ୍ତି ହେତୁରୁ ଯେଉଁ ଦୁଃଖ ଘଟେ, ତାହା ଆଧିଦୈବିକ ଦୁଃଖ । ବହିର୍ଜଗତର ପୃଥିବୀ ଆଦି ପଞ୍ଚ ମହାଭୂତରେ ଗଠିତ ବସ୍ତୁମାନଙ୍କର ସଂସ୍ପର୍ଶରୁ ଯେଉଁ ଦୁଃଖ ମିଳେ, ତାହା ଆଧିଭୌତିକ ଦୁଃଖ; ଯେଉଁ ଦୁଃଖ କେବଳ ଭୋକ୍ତାର ଦେହ ଓ ମନରୁ ଜାତ ହୁଏ, ତାହା ଆଧ୍ୟାତ୍ମିକ ଦୁଃଖ । ଏ ସମ୍ପର୍କରେ 'ଆଧ୍ୟାତ୍ମିକ' ଶବ୍ଦଟିର ଅର୍ଥ ହେଉଅଛି- 'ଜୀବାତ୍ମାସଂକ୍ରାନ୍ତ'- ଅର୍ଥାତ୍ ଯାହା ଜୀବାତ୍ମାର ଶାରୀରିକ ଓ ମାନସିକ କ୍ରିୟା-ପ୍ରକ୍ରିୟାରୁ ଜାତ ।

ଏହାର ଆଉ ଗୋଟିଏ ଅର୍ଥ ହେଉଅଛି, ଯାହା 'ପରମାତ୍ମାଶ୍ରୟୀ' -ଯାହା ପରମାତ୍ମା ବା ଐଶୀଶକ୍ତି ସହିତ ସଂପୃକ୍ତ । ଏହି ଅର୍ଥରେ 'ଆଧ୍ୟାତ୍ମିକ' ଶବ୍ଦଟି 'ଭୌତିକ' ବା 'ଜଡ଼ାତ୍ମିକ' ଶବ୍ଦର ବିପରୀତ । ପରମାତ୍ମା ବା ପରମେଶ୍ୱରଙ୍କୁ ଆଶ୍ରୟ କରି ଜଗତରେ ଯେଉଁ ବ୍ୟାପାରମାନ ଘଟେ, ସେ ସବୁ ଏହି ଅର୍ଥରେ ଆଧ୍ୟାତ୍ମିକ । ଉଦାହରଣ ସ୍ୱରୂପ, ଆମେ ଯଦି କହୁଁ, ଏହି ବିଶ୍ୱର ମୂଳରେ ଏକ ଅଦ୍ୱିତୀୟ ଚିତ୍-ଶକ୍ତି ବା ଆତ୍ମଶକ୍ତି ବିଦ୍ୟମାନ ରହି ତତ୍ରସ୍ଥ ଯାବତୀୟ ବିଭାଗରେ ବିଭିନ୍ନ ଭାବରେ ପ୍ରକାଶମାନ ହେଉଅଛି, ତାହାହେଲେ ଆମର ମତ ଏହି ଅର୍ଥରେ ଆଧ୍ୟାତ୍ମିକ ବୋଲି କହିବାକୁ ହେବ । ମାତ୍ର ଯଦି ଆମେ କହିବା ଯେ, ଏ ବିଶ୍ୱଜଗତ ନିର୍ଜୀବ ଭୌତିକ ତଥା ଚୈତନ୍ୟହୀନ ଜଡ଼-

ପରମାଣୁମାନଙ୍କର ଉଦ୍ଦେଶ୍ୟହୀନ ଅନିୟନ୍ତ୍ରିତ ଗତି ଓ ଆକସ୍ମିକ ମିଳନରୁ କାଳକ୍ରମେ ଉଦ୍‌ଭୁତ ହୋଇଅଛି ଏବଂ ଜୀବ ମାତ୍ରକେ ସେମାନଙ୍କର ଉକ୍ତ ଗତି ଓ ମିଳନର ଫଳ, ତା'ହେଲେ ଆମର ମତଟି ଜଡ଼ବାଦ ବା ଭୌତିକବାଦ ହେବ । ଶବ୍ଦଟିର ମୂଳ ଅର୍ଥପ୍ରତି ଦୃଷ୍ଟି ଦେଲେ ଏହାର ଅର୍ଥ ପରିସ୍ଫୁଟ ହେବ । ଯାହା ଆତ୍ମାକୁ ଅଧିକାର କରି ରହିଅଛି ଅର୍ଥାତ୍ ଯାହା 'ଆତ୍ମାଶ୍ରୟୀ' ତାହା ଆଧ୍ୟାତ୍ମିକ । ଏଠାରେ 'ଆତ୍ମା' ବୋଇଲେ 'ଜୀବାତ୍ମା'ନୁହେଁ, 'ପରମାତ୍ମା' ବା ପରାତ୍ପର ପରମେଶ୍ୱର । ଆଧ୍ୟାତ୍ମିକ ଶବ୍ଦକୁ ଯେ ଯେଉଁପ୍ରକାରେ ଅର୍ଥ କରନ୍ତୁ ନା କାହିଁକି, ଗୀତାର ଦଶମ ଅଧ୍ୟାୟରେ ଶ୍ରୀକୃଷ୍ଣ ଆପଣାକୁ ବିଦ୍ୟାମାନଙ୍କ ମଧ୍ୟରେ 'ଆଧ୍ୟାତ୍ମବିଦ୍ୟା' ବୋଲି ଯେଉଁ ପରିଚୟ ଦେଇଅଛନ୍ତି, ସେଥିରୁ ଆଧ୍ୟାତ୍ମିକର ଅର୍ଥ 'ପରମାତ୍ମାଶ୍ରୟୀ' ବୋଲି ସ୍ପଷ୍ଟ ପ୍ରମାଣିତ ହେଉଅଛି ।

ମୁଁ 'ଆଧ୍ୟାତ୍ମିକ' ଶବ୍ଦଟିକୁ ଏହି ଶେଷୋକ୍ତ ଅର୍ଥରେ ବ୍ୟବହାର କରି ଏହି ଦୃଷ୍ଟିରୁ 'ଆଧ୍ୟାତ୍ମିକ ଭି ି'ର ଅର୍ଥ କହିବାକୁ ଯାଉଅଛି । 'ଆଧ୍ୟାତ୍ମିକ ଭି ି' କହିଲେ ବୁଝିବାକୁ ହେବ, ପରାତ୍ପର ଆତ୍ମଶକ୍ତି ବା ଐଶୀଶକ୍ତିର ଅସ୍ତିତ୍ୱରେ ବିଶ୍ୱାସ । ଏହି ବିଶ୍ୱାସ ବଳରେ ଉପନିଷଦ୍ କହେ- ଜଗତରେ ଚରାଚର ଯାହା କିଛି ବିଦ୍ୟମାନ ଅଛି, ସେ ସମସ୍ତରେ ହିଁ ପରାତ୍ପର ପରମେଶ୍ୱରଙ୍କ କ ୃତ୍ୱ ପରିବ୍ୟାପ୍ତ ରହିଅଛି । ସୁତରାଂ 'ଆଧ୍ୟାତ୍ମିକ ଭି ି' କହିଲେ ବୁଝିବାକୁ ହେବ- ବିଶ୍ୱବ୍ରହ୍ମାଣ୍ଡ ଓ ତତ୍ରସ୍ଥ ଯାବତୀୟ ବସ୍ତୁ ଓ ପ୍ରକ୍ରିୟାର ମୂଳରେ ଏହି ସର୍ବବ୍ୟାପୀ ଐଶୀଶକ୍ତିର ସ । ଓ କାର୍ଯ୍ୟକାରିତା ରହିଅଛି- ଏହି ବିଶ୍ୱାସ ।

ପୁରାଣପ୍ରସିଦ୍ଧ ଭାରତଭୂମି, ବିଶେଷତଃ ଆର୍ଯ୍ୟମାନଙ୍କର ଅଧିଷ୍ଠାନସ୍ଥଳୀ ହେବା ଦିନଠାରୁ ମାନବର ଜୀବନ ତଥା ବିଶ୍ୱର ସମସ୍ୟାମାନଙ୍କର ସମାଧାନରେ ପ୍ରଯନ୍ କରି ଆସିଅଛି । ଆର୍ଯ୍ୟଋଷିବୃନ୍ଦ ଯେତେବେଳେ ପୁଣ୍ୟତୋୟା ସରସ୍ୱତୀ କୂଳରେ ପ୍ରକୃତିର ବିରାଟତା ଓ ଅନିର୍ବଚନୀୟ ସୌନ୍ଦର୍ଯ୍ୟ ସନ୍ଦର୍ଶନ କଲେ, ସେତେବେଳେ ସେମାନଙ୍କ କଣ୍ଠରୁ ଯେଉଁ ଦିବ୍ୟଗୀତିସମୂହ ବାହାରି ପଡ଼ିଥିଲା, ସେଗୁଡ଼ିକ ବେଦ ରୂପରେ ଭାରତର ପ୍ରାଣକୁ ନାନା ଭାବରେ ପ୍ରଭାବିତ କରିଆସିଅଛି । ବେଦର ଶ୍ରେଣୀବିଭାଗ କରି ବ୍ୟାସ

ମହର୍ଷି ସେଥିରେ ନିହିତ ଥିବା ସୃଷ୍ଟିପ୍ରକ୍ରିୟାର ମୂଳତ ୍ୱ ଓ ମାହାତ୍ମ୍ୟ ଏବଂ ଜୀବନ ବିଷୟକ ତଥ୍ୟମାନ ପୁରାଣାକାରରେ ପ୍ରକାଶ କରି ଜନସାଧାରଣଙ୍କୁ ଆଧ୍ୟାତ୍ମିକ ଭାବରେ ଭାବମୟ କରିବାକୁ ଯାଇଅଛନ୍ତି । ଏହି ବେଦ-ବେଦାଙ୍ଗ ଓ ଉକ୍ତ ଉଦ୍ଦେଶ୍ୟରେ ରଚିତ ସ୍ମୃତି ପ୍ରଭୃତି ଅନ୍ୟାନ୍ୟ ଶାସ୍ତ୍ରମାନ ପାଠକଲେ ଏହାର ସତ୍ୟତା ଉପଲବ୍ଧ ହେବ । ଏଇ ଭି ିରେ ଗଢ଼ାଯାଇଥିବା ନୀତି ବା ନିୟମମାନ ଭାରତୀୟ ଜୀବନର ସକଳ ଦିଗର ବିକାଶକୁ ଶାସନ କରିବା ପାଇଁ ଉଦ୍ଦିଷ୍ଟ । ସମାଜର ଏପରି କୌଣସି ବିଭାଗ ନାହିଁ ଯାହାକି ଏହି ଆଧ୍ୟାତ୍ମିକ ଭି ିରୁ ବିଛିନ୍ନ ।

ପ୍ରାଚୀନ ଭାରତର ଜ୍ଞାନକ୍ଷେତ୍ର ପ୍ରତି ଦୃଷ୍ଟି ଦିଅନ୍ତୁ; ଦେଖିବେ, ଗ୍ରନ୍ଥ ରଚନା ଓ ଗ୍ରନ୍ଥ ସମାପ୍ତି ନିମି   ସାଧାରଣତଃ ଗ୍ରନ୍ଥକାରମାନେ ଆରମ୍ଭରୁ ଦେବଶକ୍ତିର କୃପାଭିକ୍ଷା କରିଅଛନ୍ତି । ବେଦର ଉପନିଷଦ୍‌ମାନଙ୍କରେ ସର୍ବପ୍ରଥମେ ବହ୍ମୋପାସନା କରିସାରି ଋଷିମାନେ ଶିଷ୍ୟବର୍ଗଙ୍କ ସହ ଆଲୋଚନାରେ ପ୍ରବୃ   ହୋଇଅଛନ୍ତି । ବ୍ରହ୍ମଙ୍କୁ ଧ୍ୟାନ କରି ମନଃଶାନ୍ତି ଓ ଚି  ଶୁଦ୍ଧି ଆଣିବା ପାଇଁ ଆଲୋଚନାର ଆରମ୍ଭରେ ଈଦୃଶ ସ୍ତୁତି ବା ପ୍ରାର୍ଥନାର ଆବଶ୍ୟକତା ଅଛି । ଅଧ୍ୟୟନ କ୍ଷେତ୍ରରେ ଅଧିକାରିତ୍ୱ ଶିଷ୍ୟର ପ୍ରଥମ ସାଧନା । ତେଣୁ ଗୁରୁକୁଳରେ ଆରୁଣିଙ୍କ ପରି ଶିଷ୍ୟମାନେ ବିଦ୍ୟାଶିକ୍ଷା ପୂର୍ବରୁ ଗୁରୁଙ୍କ କ ୃକ ନାନା ପରୀକ୍ଷାର ଅଧୀନ ହୋଇଥାନ୍ତି ।  ଗରୁଙ୍କର ସନ୍ତୋଷ ଭାଜନହେଲେ ସେମାନେ ବ୍ରହ୍ମଜ୍ଞାନ ଲାଭ ପାଇଁ ଉପଯୁକ୍ତ ବିବେଚିତ ହୁଅନ୍ତି । ବାକ୍ ବ୍ରହ୍ମଶକ୍ତି ଏହି ବିଶ୍ୱାସରେ ଚାଳିତ ହୋଇ ଭାରତୀୟ ବାଗ୍‌ବେଦୀଙ୍କୁ ବିଦ୍ୟାଦାତ୍ରୀ ରୂପେ ସର୍ବଦା ପୂଜା କରି ଆସିଅଛି । ଏଇ ବାଗ୍‌ଦେବୀଙ୍କୁ ସନ୍ତୁଷ୍ଟ କରି ବ୍ୟାସଦେବ ବିରାଟ ପୁରାଣ ପରମ୍ପରା ସୃଷ୍ଟି କରିଥିଲେ ଏବଂ ବ୍ରହ୍ମା ସନତ୍ କୁମାରଙ୍କୁ ଜ୍ଞାନ ଦାନ କରିଥିଲେ । ବେଦାନ୍ତ ଦର୍ଶନ ଭାରତରେ ପ୍ରଚାରିତ ଅନ୍ୟାନ୍ୟ ଦର୍ଶନମାନଙ୍କୁ ଖଣ୍ଡନ କରି ପ୍ରତିପାଦିତ କରିଅଛି, ଏକ ଅଦ୍ୱିତୀୟ ଅଖଣ୍ଡ ସଚ୍ଚିଦାନନ୍ଦ ବ୍ରହ୍ମଶକ୍ତି ହିଁ ବିଶ୍ୱର ମୂଳପଦାର୍ଥ ବା ମୂଳ କାରଣ ରୂପେ ବିଦ୍ୟମାନ- ବିଶ୍ୱର ଯାବତୀୟ ବିଭାଗ ବସ୍ତୁ ଓ ପକ୍ରିୟାରେ ପ୍ରକାଶମାନ । ସୁତରାଂ ଏ ବିଶ୍ୱ ଭୌତିକ ଅଣୁ

ପରମାଣୁର ଅନିୟନ୍ତ୍ରିତ ଚାଳନା ଓ ଆକସ୍ମିକ ସଂଯୋଗରୁ ଉତ୍ପନ୍ନ ନୁହେଁ, ସର୍ବଭୂତର ଅନ୍ତର୍ଯ୍ୟାମୀ ରୂପେ ଏକ ଅନନ୍ତ ଆତ୍ମଶକ୍ତି ସମଗ୍ର ଜଗତକୁ ଚାଳିତ କରୁଅଛି । ଏହି ପରମ ଆତ୍ମଶକ୍ତିର ସ୍ୱରୂପ ଓ ତାହା ସହିତ ଜୀବାତ୍ମାର ଯଥାର୍ଥ ସମ୍ବନ୍ଧ ନିରୂପଣ କରିବା ହିଁ ମୋକ୍ଷର ପ୍ରକୃଷ୍ଟ ପନ୍ଥା । ସୁତରାଂ ଅଧ୍ୟାତ୍ମିକ ଜ୍ଞାନହିଁ ମୋକ୍ଷଲାଭର ଉପାୟ । ଏତାଛଡ଼ା ଜ୍ୟୋତିର୍ବିଜ୍ଞାନ, ଆୟୁର୍ବେଦ ପ୍ରଭୃତି ଶାସ୍ତ୍ରମାନ ଏଇ ଆଧ୍ୟାତ୍ମିକ ଭି ି ଉପରେ ହିଁ ରଚିତ । ଦିବ୍ୟଦ୍ରଷ୍ଟା ମନୀଷୀମାନଙ୍କର ଆତ୍ମଶକ୍ତି ଏତେ ବଳିଷ୍ଠ ଓ ଶୁଦ୍ଧପୂତ ଥିଲାଯେ, ସେମାନେ ସ୍ୱଜ୍ଞା ବା ଅନ୍ତରପ୍ରତ୍ୟକ୍ଷ (Intuition) ବଳରେ ପ୍ରକୃତିର ଜଟିଳ ପ୍ରକ୍ରିୟା ଭି ିରେ ପ୍ରବେଶ କରିପାରୁଥିଲେ । କିନ୍ତୁ ସେମାନଙ୍କର ଏଇ ଆତ୍ମଶକ୍ତି ଓ ଆତ୍ମପ୍ରତ୍ୟକ୍ଷ ସେମାନଙ୍କର ଆଧ୍ୟାତ୍ମିକ ଜ୍ଞାନ ଏବଂ ତଲ୍ଲବ୍ଧ ଆଧ୍ୟାତ୍ମିକ ଜୀବନର କୃତି ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ଭାରତୀୟ ଦେବ ମନ୍ଦିରମାନଙ୍କର କଳା ନୈପୁଣ୍ୟ କେବଳ ଦେବଶକ୍ତିର ମହ ୍ୱ ପ୍ରତିପାଦନ ସକାଶେ ଅଭିପ୍ରେତ ବୋଲି ମନେହୁଏ । ଯେଉଁଠି ଦେଖ କାରୁକାର୍ଯ୍ୟ ବିମଣ୍ଡିତ ସୁରମ୍ୟ ମନ୍ଦିର ମଧ୍ୟରେ ଦେବଶକ୍ତିର ପ୍ରତିଷ୍ଠା ଓ ଆରାଧନା ଭାରତୀୟ ପ୍ରାଣକୁ ସଂସାର ଜଞ୍ଜାଳରୁ ଆଧ୍ୟାତ୍ମିକତା ଆଡ଼କୁ ଟାଣିନେବା ପାଇଁ ଉଦ୍ଦିଷ୍ଟ ।

ଭାରତ ସର୍ବଦା ସତ୍ୟ ଶିବ ସୁନ୍ଦରର ଉପାସକ । ଏହି ତ୍ରିବିଧ ଆଦର୍ଶକୁ ବିଶ୍ୱ କାରଣର ବିଭିନ୍ନ ବିଭାବ ରୂପେ ଧରି ପ୍ରାଚୀନ ଭାରତ ତାହାର ସମାଜ, ରାଜନୀତି ଓ ନୈତିକ ଜୀବନ ଗଢ଼ି ଆସିଅଛି । ଭାରତୀୟ ସମାଜର ବିଭିନ୍ନ କ୍ଷେତ୍ରରେ ଆଧ୍ୟାତ୍ମିକ ଦୃଷ୍ଟି ପୂରି ରହିଅଛି । ଶାସ୍ତ୍ରମାନଙ୍କର ଉକ୍ତିଗୁଡ଼ିକ ଏହାର ଗଣ୍ଡି । ମନୁ, ପରାଶର ଆଦି ମହର୍ଷିମାନଙ୍କ ସ୍ମୃତି ଶାସ୍ତ୍ରମାନଙ୍କରେ ସାମାଜିକ, ପାରିବାରିକ ଓ ବ୍ୟକ୍ତିଗତ ଜୀବନର ପରିଚାଳନା ନିମି ଯେଉଁ ବିଧି ବିଧାନମାନ ରହିଅଛି, ସେଗୁଡ଼ିକ ଆଧୁନିକ ଯୁଗର ସମାଜତ ୍ୱବିତ୍‌ମାନଙ୍କ ଦୃଷ୍ଟିରେ ଯାହାହେଉନା କାହିଁକି, ଏହି ଆଧ୍ୟାତ୍ମିକ ଭି ିରେହିଁ ପ୍ରତିଷ୍ଠିତ । ଗର୍ଭାଧାନଠାରୁ ଆରମ୍ଭକରି ଭାରତୀୟର ଜୀବନ ଏହି ଆଧ୍ୟାତ୍ମିକ ଭି ିରେ ଚାଳିତହୋଇ ଆସିଅଛି ।

ପ୍ରାଚୀନ ଭାରତର ନୈତିକ କ୍ଷେତ୍ରରେ ଆଧ୍ୟାତ୍ମିକତା ମୂଳମନ୍ତ୍ର ରୂପେ ବିଦ୍ୟମାନ । ଧନ ଜନ ଗୋପଲକ୍ଷ୍ମୀ ସବୁଥିରେ ହିଁ ଦେଖାଯାଏ, ଏକ ଆଧ୍ୟାତ୍ମିକ ପ୍ରଭାବ । ଜୀବନର ସକଳ ଅବସ୍ଥାରେ, ଜୀବନରେ ଓ ମରଣରେ, ସର୍ବଦା ଆଧ୍ୟାତ୍ମିକ ଦୃଷ୍ଟିକୋଣ । ଜୀବନର ଲକ୍ଷ୍ୟ ଇନ୍ଦ୍ରିୟ ସୁଖନୁହେଁ, ଭୋଗବିଳାସ ନୁହେଁ; କେବଳ ଇନ୍ଦ୍ରିୟ ସଂଯମ, କର୍ତ୍ତବ୍ୟ ସାଧନ ଓ ଜୀବନ୍ମୁକ୍ତି । ଷଡ଼ରିପୁମାନଙ୍କୁ ଦମନ କରି ଆତ୍ମଶୁଦ୍ଧି ବଳରେ ଭାରତୀୟ ଜୀବନ ନୈତିକତାର ଚରମସୀମାକୁ ଗତି କରିବାକୁ ସତତ ସଚେଷ୍ଟ ଥିଲା । ତାହାର ମନ୍ତ୍ରଥିଲା- 'ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।' ଏଇଠାରେହିଁ, ଏହି ଆତ୍ମସମର୍ପଣରେ ହିଁ, ମାନବର ନୈତିକ ଜୀବନଧାରା ଆଧ୍ୟାତ୍ମିକ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇଥିବାର ପ୍ରମାଣ ମିଳେ । ମାନବର କର୍ମକ୍ଷେତ୍ର ଭକ୍ତି ଓ ଜ୍ଞାନର ସହଯୋଗରେ ପରିଚାଳିତ । କର୍ମ ଭକ୍ତି ସମନ୍ୱିତ ଓ ଜ୍ଞାନର ସାଧକ ନହେଲେ ଅକର୍ମରେ ପରିଣତ ହୁଏ । ସୁତରାଂ ମାନବର କର୍ମକ୍ଷେତ୍ର ତାହାର ନୈତିକ ଜୀବନ, ଶାସ୍ତ୍ରୋକ୍ତ ବିଧିବିଧାନର ବଶବର୍ତ୍ତୀ – ତେଣୁ ଆଧ୍ୟାତ୍ମିକ ଭିତ୍ତି ଉପରେ ଦଣ୍ଡାୟମାନ ।

ରାଜନୀତି କ୍ଷେତ୍ରରେ ମଧ୍ୟ ଏହି ଆଧ୍ୟାତ୍ମିକତା ମୂଳନୀତି ରୂପେ କାର୍ଯ୍ୟକରି ଆସିଅଛି । ଭାରତର ରାଷ୍ଟ୍ର ଧର୍ମଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ମନୁଙ୍କର ଉକ୍ତି-'ମହତୀ ଦେବତାହ୍ୟେଷାଂ ନରରୂପେଣ- ତିଷ୍ଠତି'– ଭାରତର ଶାସନ ପ୍ରଣାଳୀର ମୂଳରେ ନିହିତ । ରାଜା ରାଷ୍ଟ୍ରର ବ୍ୟକ୍ତିମାନଙ୍କ ଚକ୍ଷୁରେ 'ମହତୀ ଦେବତା' ସ୍ୱରୂପ । ସୁତରାଂ ରାଜା ପ୍ରଜା ସମ୍ବନ୍ଧ ଏହି ଆଧ୍ୟାତ୍ମିକତା ଉପରେ ପ୍ରତିଷ୍ଠିତ । ରାଜର୍ଷି ଜନକ ପ୍ରାଚୀନ ଭାରତର ରାଜା ଥିଲେ । ବୃହଦାରଣ୍ୟକ-ଉପନିଷଦର 'ଜନକ-ଯାଜ୍ଞବଲ୍କ୍ୟ' ସମ୍ବାଦରୁ ଏହାର ପ୍ରମାଣ ମିଳେ । ସହସ୍ର ସହସ୍ର ଗାଭୀଙ୍କୁ ସ୍ୱର୍ଣ୍ଣମଣ୍ଡିତ କରି ଆଧ୍ୟାତ୍ମ-ବିଦ୍ୟା-ବିଶାରଦ ତଥା ବ୍ରହ୍ମଦର୍ଶୀ ଋଷିଙ୍କୁ ଉପହାର ଦେବା ରାଜଶକ୍ତିର ଆଧ୍ୟାତ୍ମିକ-ଜ୍ଞାନଚର୍ଚ୍ଚା ପ୍ରତି ଭକ୍ତି ଓ ଶ୍ରଦ୍ଧାର ଜ୍ୱଳନ୍ତ ଉଦାହରଣ ।

ବ୍ୟକ୍ତିର ଦୈନନ୍ଦିନ କାର୍ଯ୍ୟକଳାପ ସର୍ବଥା ଆଧ୍ୟାତ୍ମିକ-ଭାବାପନ୍ନ ଥିଲା । ତାହାର ବିଶ୍ୱାସ, କାଷ୍ଠପାଷାଣ-ତରୁ-ତୃଣରେ ଦେବଶକ୍ତି ନିହିତ । ସାମାନ୍ୟ ଖଣ୍ଡିଏ ଦାନ୍ତକାଠି ପାଇଁ ବା ଟିକିଏ ମୃ ିକା ପାଇଁ ପ୍ରଥମେ ଭକ୍ତିର ସହିତ ବୃକ୍ଷ ବା ପୃଥିବୀକୁ ପାର୍ଥନା କରିବାକୁ ପଡୁଥିଲା । ସ୍ନାନଜଳରେ ଗଙ୍ଗାଦି ତୀର୍ଥମାନଙ୍କୁ ଆରୋପ କରି ପ୍ରାଚୀନ ଭାରତର ବ୍ୟକ୍ତି ସ୍ନାନ କରୁଥିଲା । ଦୈନନ୍ଦିନ ପାନ-ଭୋଜନରେ ମଧ୍ୟ ଏହି ଭାବ ପୂରି ରହିଥିଲା । ଖାଦ୍ୟ ପ୍ରଭୁଙ୍କୁ ସମର୍ପଣ କରି ଭାରତବାସୀ ପ୍ରସାଦରୂପରେ ଗ୍ରହଣ କରୁଥିଲେ ।

ବର୍ଣ୍ଣାଶ୍ରମଧର୍ମ ଆଧୁନିକ ଯୁଗରେ ଯେତେ ଅବହେଳିତ ହେଲେ ମଧ୍ୟ ଚତୁର୍ବର୍ଣ୍ଣର ସୃଷ୍ଟି ଯେ ଆଧ୍ୟାତ୍ମିକ ସୃଷ୍ଟି ଏହା ଋଗ୍‌ବେଦର ପୁରୁଷସୂକ୍ତରୁ ଜଣାପଡ଼େ । ପୁରୁଷସୂକ୍ତରେ ବିରାଟ ପୁରୁଷଙ୍କଠାରୁ ହିଁ ଚତୁର୍ବର୍ଣ୍ଣର ଉଦ୍ଭବ । 'ଚାତୁର୍ବର୍ଣ୍ଣ୍ୟଂ ମୟାସୃଷ୍ଟଂ ଗୁଣକର୍ମ-ବିଭାଗଶଃ'-ଗୀତାର ଏହି ଉକ୍ତି ଏହା ହିଁ ସମର୍ଥନ କରୁଅଛି । ତେଣୁ ପ୍ରତ୍ୟେକ ବର୍ଣ୍ଣର ସ୍ୱଧର୍ମ ରହିଅଛି ଏବଂ ତାହା ସର୍ବଥା ପାଳନୀୟ । ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।

ମୋଟ ଉପରେ କହିବାକୁ ଗଲେ, ବ୍ୟକ୍ତିଗତ ଓ ସମଷ୍ଟିଗତ ଜୀବନ ଆଧ୍ୟାତ୍ମିକ ଭି ିରେ ଚାଳିତ ହୋଇ ସୁଶୃଙ୍ଖଳ ଓ ସୁଖ ଶାନ୍ତିପୂର୍ଣ୍ଣ ରହିଥିଲା । କିନ୍ତୁ ହାୟ ! ଆଜି ମାନବ ନିଜକୁ କ ାହଂ ବୋଲି କହି ଆପଣାର ତଥା ସମାଜ ବା ଜାତିର ଅକଲ୍ୟାଣ ସାଧନ କରୁଅଛି । ମାନବ ମାନବର ରକ୍ଷକ ହେବ କଣ, ବରଂ ଭକ୍ଷକରେ ପରିଣତ ହୋଇଅଛି । ଇନ୍ଦ୍ରିୟଚରିତାର୍ଥତାକୁ ଭି ିକରି ଆଧୁନିକ ଜଡ଼ବିଜ୍ଞାନର ପ୍ରଭାବରେ ଭାରତବାସୀ ଜଡ଼ର ଉପାସକ ହୋଇ ପଡ଼ିଅଛି -ସଂକୀର୍ଣ୍ଣ ସ୍ୱାର୍ଥର ଗଣ୍ଡି ମଧ୍ୟରେ ଆବଦ୍ଧ ରହି ମାନବିକତା ଓ ତାର ଭି ି ଆଧ୍ୟାତ୍ମିକତା ହରେଇବାକୁ ବସିଲାଣି । କେତେକଙ୍କ ମତରେ ଭାରତର ଆଧ୍ୟାତ୍ମିକତା ହିଁ ତାର ଅଧୋଗତିର କାରଣ । ମାତ୍ର ଏହା ସତ୍ୟ ବୋଲି ମନେହୁଏ ନାହିଁ । ଭାରତର ଆଧ୍ୟାତ୍ମିକତା କୌଣସି କାଳେ ମାନବକୁ କର୍ମହୀନତା ଶିକ୍ଷା ଦେଇନାହିଁ । ବରଂ ତାକୁ ନିର୍ଭୀକ, କର୍ମପ୍ରବଣ ଓ କ ର୍ବ୍ୟନିଷ୍ଠ ହେବାକୁ ଶିକ୍ଷା ଦେଇଅଛି । ଆଧୁନିକ

ରାଜନୈତିକ ଓ ଅର୍ଥନୈତିକ ସମସ୍ୟାମାନ ତାର ଆଧ୍ୟାତ୍ମିକତା ସମକ୍ଷରେ ଗୁରୁତ୍ୱ ହରାଇବସେ । ସ୍ୱାମୀ ବିବେକାନନ୍ଦ ଭାରତର ଏହି ଆଧ୍ୟାତ୍ମିକ ଜୀବନରୀତି ପୃଥିବୀ ସମକ୍ଷରେ ଜଳଦଗମ୍ଭୀର ସ୍ୱରରେ ବାଢ଼ିଅଛନ୍ତି ଏବଂ ଦେଖାଇଛନ୍ତି, କିପରି ଆଧ୍ୟାତ୍ମିକ ଭାରତ ଆଧୁନିକ ମାନବ ଜାତି ପ୍ରତି ଏକ ସ୍ପୃହଣୀୟ ଆଦର୍ଶ । ଏହା ପଛକୁ ପୁଣି ଗାନ୍ଧୀଜୀଙ୍କ ପରି ମହାମାନବଙ୍କ ପ୍ରେରଣାରେ ଆଧ୍ୟାତ୍ମିକ ଭି ିରେ ଆତ୍ମବଳର କର୍ଷଣ ପାଇଁ କ୍ଷେତ୍ରଖୋଲି ଯାଇଅଛି । କେବଳ ଭାରତରେ ନୁହେଁ, ସମଗ୍ର ପୃଥିବୀର ବିଜ୍ଞାନଦୃପ୍ତ ଓ ଧନମନା ସମାଜ ଓ ଜାତି ଏଇ ଆଧ୍ୟାତ୍ମିକତାର ଆଶ୍ରୟ ନେବାକୁ ବସିଲେଣି । ଗାନ୍ଧିଜୀଙ୍କ ଅହିଂସା ନୀତି ସାରା ପୃଥିବୀକୁ ପ୍ରଭାବିତ କରିଆସୁଅଛି । ଏହାରି ଫଳରେ ଭାରତ ସ୍ୱାଧୀନତା ହାସଲ କରିଅଛି ଏବଂ ଏହାରି ପ୍ରଭାବରେ ବ ର୍ମାନ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ଓ ବିଶ୍ୱଜନୀନତାର ବିକାଶ ପାଇଁ ଉଦ୍ୟମ ଚାଲିଲାଣି । ଆନ୍ତର୍ଜାତିକ ସମ୍ମିଳନୀର ପ୍ରତିଷ୍ଠା ଏହି ଉଦ୍ୟମର ପ୍ରକୃଷ୍ଟ ଉଦାହରଣ । କିନ୍ତୁ ଆଧ୍ୟାତ୍ମିକତାକୁ ଦୃଢ଼କରି ନଧରି କେବଳ ସ୍ୱାର୍ଥମୂଳକ ଭାଗବ ।ରେ ଆବଦ୍ଧ ରହିଲେ କିମ୍ବା କଳହ ବିସମ୍ବାଦର କ୍ଷେତ୍ରରେ ପରିଣତ ହେଲେ ଏହି ଅନୁଷ୍ଠାନର ଲକ୍ଷ୍ୟ ସିଦ୍ଧ ହୋଇପାରିବ ନାହିଁ । ବାସ୍ତବିକ, ଆଧୁନିକ ଯୁଗର ମାନବ ସମାଜର ଦୁର୍ଗତି ପ୍ରତି ଦୃଷ୍ଟିଦେଲେ ମନେହୁଏ, ପ୍ରାଚୀନ ଭାରତର ସେଇ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ନିୟମିତ ନହେଲେ ରକ୍ଷାନାହିଁ ।

## ଲେଖକ ପରିଚୟ

## ରତ୍ନାକର ପତି (୧୮୮୯ -୧୯୬୯)ତଅଁରପା, କଟକ

ଦର୍ଶନଶାସ୍ତ୍ରର ଅଧ୍ୟାପକ ରତ୍ନାକର ପତି ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଇତିହାସରେ ଏକ ସୁପରିଚିତ ନାମ । ଜୀବନ ଓ ଜଗତ ସମ୍ପର୍କୀୟ ନାନା ଜଟିଳ ବିଷୟ ସମ୍ବଳିତ ତଥ୍ୟର ଦାର୍ଶନିକ ବିଶ୍ଲେଷଣ ତାଙ୍କ ପ୍ରବନ୍ଧର ଆଭିମୁଖ୍ୟ । ନୈତିକତା, ଆଧ୍ୟାତ୍ମିକତା, ପାରମ୍ପରିକତା,ଆଦର୍ଶବାଦିତା ତଥା ନ୍ୟାୟନିଷ୍ଠତାର ସ୍ୱାଦ ଭରିଦେବାରେ ଲେଖକ ସତତ ସଚେଷ୍ଟ । ସମସ୍ୟାର ସୂକ୍ଷ୍ମ ବିନ୍ୟାସ ସହ ତା'ର ସମାଧାନ ପାଇଁ ସ୍ୱକୀୟ ଇଙ୍ଗିତ

ପ୍ରଦାନରେ ଏହି ପ୍ରାବନ୍ଧିକ ବେଶ୍ ଆଗ୍ରହୀ । ସମସ୍ୟାର ଯୁକ୍ତିଯୁକ୍ତ ସମାଧାନ ପନ୍ଥା ନିର୍ଦ୍ଧାରଣ କରିବା ପାଇଁ ସେ ଯେଉଁ ପ୍ରସଙ୍ଗମାନ ଉଦ୍ଧାର କରନ୍ତି, ତାହା ତାଙ୍କ ବହୁଶାସ୍ତ୍ର ଅଧ୍ୟୟନର ଫଳଶ୍ରୁତି । ମାନସିକ ଶୁଦ୍ଧତା ଓ ଉତ୍‌ଥାନ ପାଇଁ ଉଦ୍ଦିଷ୍ଟ ତାଙ୍କର ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ଉପାଦେୟ । ଅଧ୍ୟାପକ ପତି ରଚନା କରିଥିବା ପ୍ରବନ୍ଧଗୁଡ଼ିକ 'ପ୍ରବନ୍ଧ ପ୍ରକାଶ' ପ୍ରଥମ ଭାଗ ଓ 'ପ୍ରବନ୍ଧ ପ୍ରକାଶ' ଦ୍ୱିତୀୟ ଭାଗ ନାମକ ଗ୍ରନ୍ଥ ଦ୍ୱୟରେ ସଂକଳିତ ହୋଇଅଛି ।

**ବିଷୟ ପ୍ରବେଶ**

ଆଲୋଚ୍ୟ ପ୍ରବନ୍ଧ 'ଆଧ୍ୟାତ୍ମିକ ଭି ି' ଏକ ବହୁ ପଠିତ ଓ ଆଦୃତ ରଚନା । ଲେଖକ ଏଥିରେ ଆଧ୍ୟାତ୍ମିକତାର ସଂଜ୍ଞା ନିର୍ଣ୍ଣୟ କରିବା ସହିତ ଏହାର ଭି ିଭୂମିରେ କିଭଳି ଜୀବନ ସୁମାର୍ଗରେ ପରିଚାଳିତ ହୋଇପାରିବ, ତାହା ଯଥାର୍ଥ ଭାବରେ ବିଶ୍ଳେଷଣ କରିଛନ୍ତି । ଆତ୍ମାକୁ ଯାହା ଅଧିକାର କରିଛି ବା ଆଶ୍ରା କରିଛି, ତାହା ହିଁ ଆଧ୍ୟାତ୍ମିକତା, ଏହି ଆତ୍ମା ଜୀବାତ୍ମା ନୁହେଁ, ପରମାତ୍ମା । ପରାତ୍ପର ପରମେଶ୍ୱରଙ୍କ ଉପସ୍ଥିତି ଅନୁଭବ କରିବା ଆଧ୍ୟାତ୍ମିକ ଭାବନାର ମୌଳିକ ବିଶେଷତ୍ୱ । ଭାରତୀୟ ଦର୍ଶନରେ ଏହାର ଗୁରୁତ୍ୱ କାଳେ କାଳେ ଉପଲବ୍ଧ ହୋଇଆସିଛି । ବେଦ, ବେଦାନ୍ତ, ପୁରାଣ, ଧର୍ମଶାସ୍ତ୍ର ଓ ଅନ୍ୟାନ୍ୟ ଦର୍ଶନ ଶାସ୍ତ୍ରରେ ଆଧ୍ୟାତ୍ମିକତାର ଯେଉଁ ନିରବଚ୍ଛିନ୍ନ ଜୟଗାନ କରାଯାଇଛି, ତାହାର ଭି ି ଦୃଢ଼ୀଭୂତ ହେବା ବାଞ୍ଛନୀୟ । ପ୍ରାଚୀନ କାଳରେ ଜୀବନର ସକଳ କ୍ଷେତ୍ରରେ ଆଧ୍ୟାତ୍ମିକତାର ଉପଯୋଗ ହେଉଥିଲା । ଜ୍ଞାନଚର୍ଚ୍ଚା, ଗ୍ରନ୍ଥରଚନା, କଳାନୈପୁଣ୍ୟ, ରାଜନୀତି, ଦୈନନ୍ଦିନ ଜୀବନଚର୍ଯ୍ୟା ପ୍ରତିଟି କ୍ଷେତ୍ରରେ ପୂର୍ବେ ଆଧ୍ୟାତ୍ମିକତାର ମହକ ବାରିହୋଇ ପଡୁଥିଲା । ସମ୍ପ୍ରତି ମନୁଷ୍ୟ ଜଡ଼ବାଦ ପ୍ରଭାବରେ ଏହି ମହାର୍ଘ ପ୍ରତୀତିଠାରୁ ଦୂରେଇ ଯିବାରୁ ବହୁ ଦୁର୍ଗତିର ସମ୍ମୁଖୀନ ହେଉଛି । ପ୍ରାଚୀନ ଭାରତର ଆଧ୍ୟାତ୍ମିକ ଦୃଷ୍ଟିକୁ ପୁନର୍ବାର ଆପଣାର କରିପାରିଲେ ସକଳ ସଂକଟ ଦୂର ହେବ ବୋଲି ଲେଖକ ଯେଉଁ ବିଶ୍ୱାସ ଉପସ୍ଥାପନ କରିଛନ୍ତି, ତାହା ଯଥାର୍ଥ ମନେହୁଏ ।

## କଠିନ ଶବ୍ଦାର୍ଥ

ବେଦାନ୍ତ-ଉପନିଷଦ୍,

ସାଂଖ୍ୟଦର୍ଶନ -କପିଳ ମୁନି କୃତ ଦର୍ଶନଶାସ୍ତ୍ର,

ବ୍ୟାପାର - କ୍ରିୟା, ଘଟନା

ତତ୍ରସ୍ଥ - ସେଠାକାର

ପରାତ୍ପର - ଶ୍ରେଷ୍ଠ ଅପେକ୍ଷା ଆହୁରି ଶ୍ରେଷ୍ଠ

ଚରାଚର - ନିଖିଳ ବିଶ୍ୱ

ଚୈତନ୍ୟହୀନ - ସଂଜ୍ଞାହୀନ,ଚେତନାହୀନ

ବ୍ରହ୍ମୋପାସନା - ବ୍ରହ୍ମଙ୍କର ଆରାଧନା

ଈଦୃଶ - ଏହା

ଆରୁଣି - ଧୌମ ମୁନିଙ୍କର ପ୍ରିୟ ଶିଷ୍ୟ ତଥା ବେଦାନ୍ତ ଦାର୍ଶନିକ ।

କର୍ତୃକ - ଦ୍ୱାରା

ଅନ୍ତର୍ଯ୍ୟାମୀ - ଯେ ଅନ୍ତରର କଥା ଜାଣନ୍ତି, ପରମେଶ୍ୱର

ମୋକ୍ଷ - ମୁକ୍ତି

ଦିବ୍ୟଦ୍ରଷ୍ଟା - ଇନ୍ଦ୍ରିୟାତୀତ ବିଷୟ, ପଦାର୍ଥ ଯେ ଦେଖିପାରନ୍ତି

ଶୁଦ୍ଧପୂତ - ପବିତ୍ର

ବିମଣ୍ଡିତ - ବିଶେଷ ଭାବରେ ଶୋଭିତ

ସୁରମ୍ୟ - ଅତି ସୁନ୍ଦର

ମନୁ – ଧର୍ମଶାସ୍ତ୍ର ପ୍ରଣେତା ମୁନି ବିଶେଷ

ପରାଶର – ବ୍ୟାସଦେବଙ୍କ ପିତା

ଷଡ଼ରିପୁ– କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ – ଏହି ଛଅଟି ହେଉଛି ମନୁଷ୍ୟର ଅନ୍ତଃ ଶତ୍ରୁ

ଜନକ – ମିଥିଳାର ରାଜା ଓ ଋଷି

ଯାଜ୍ଞବଲ୍‌କ୍ୟ – ଶୁକ୍ଳ ଯଜୁର୍ବେଦ ବା ବାଜସନେୟ ସଂହିତାର ଆଚାର୍ଯ୍ୟ ଋଷି

ସହସ୍ର – ହଜାର

ଗାଭୀ – ଗାଈ

ବିଶାରଦ – ବିଶେଷଜ୍ଞ

ତରୁ – ଗଛ

ତୃଣ – ଘାସ

ସମଷ୍ଟି – ସମୂହ

କ ର୍ହଂ – ମୁଁ କେବଳ କରିଛି / କରେ ଏହି ଭାବ

ଇନ୍ଦ୍ରିୟ ଚରିତାର୍ଥ – ଇନ୍ଦ୍ରିୟ ସୁଖ ନିମି

ଅଧୋଗତି – ନିମ୍ନ ଗତି

କର୍ମପ୍ରବଣ – କର୍ମରେ ନିୟୋଜନ

ଜଳଦଗମ୍ଭୀର– ମେଘ ପରି ଗମ୍ଭୀର /ବଜ୍ରକଠୋର

ସ୍ପୃହଣୀୟ – କାମ୍ୟ, ଅଭିଳଷଣୀୟ

କର୍ଷଣ – ଚାଷ

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ  ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ।

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ  ର ବାଛି ଲେଖ )**

୧) ବେଦାନ୍ତ ଦର୍ଶନ ଓ ସାଂଖ୍ୟ ଦର୍ଶନରେ ଦୁଃଖକୁ କେତେ ଶ୍ରେଣୀରେ ବିଭକ୍ତ କରାଯାଇଛି ?

(କ) ଦୁଇ (ଖ) ପା

(ଗ) ତିନି (ଘ) ଚାରି

୨) ଗୀତାର କେଉଁ ଅଧ୍ୟାୟରେ ଶ୍ରୀକୃଷ୍ଣ ଆପଣାକୁ ବିଦ୍ୟାମାନଙ୍କ ମଧ୍ୟରେ ଆଧ୍ୟାତ୍ମବିଦ୍ୟା ବୋଲି କହିଛନ୍ତି ?

(କ) ଦଶମ (ଖ) ପ୍ରଥମ

(ଗ) ଚତୁର୍ଥ (ଘ) ଏକାଦଶ

୩) କେଉଁ ନଦୀ କୂଳରେ ପ୍ରଥମେ ଆର୍ଯ୍ୟମାନଙ୍କ କଣ୍ଠରୁ ଦିବ୍ୟଗୀତିକା ପ୍ରକାଶ ପାଇଥିଲା ?

(କ) ବ୍ରହ୍ମପୁତ୍ର (ଖ) ଗଙ୍ଗା

(ଗ) ଯମୁନା (ଘ) ସରସ୍ୱତୀ

୪) ଗୁରୁଙ୍କର ସନ୍ତୋଷ ଭାଜନ ହେଲେ ଶିଷ୍ୟମାନେ କ'ଣ ଲାଭ ପାଇଁ ଉପଯୁକ୍ତ ହୁଅନ୍ତି ?

(କ) ବେଦଜ୍ଞାନ (ଖ) ବ୍ରହ୍ମଜ୍ଞାନ

(ଗ) ସାଧାରଣ ଜ୍ଞାନ (ଘ) ଦୈବଜ୍ଞାନ

୫) ବ୍ରହ୍ମଶକ୍ତି ହିଁ ବିଶ୍ୱର ମୂଳ ପଦାର୍ଥ ବା ମୂଳ କାରଣ ରୂପେ ବିଦ୍ୟମାନ ବୋଲି କାହା ଦ୍ୱାରା ପ୍ରତିପାଦିତ ହୋଇଛି ?

(କ) ବେଦାନ୍ତ ଦର୍ଶନ (ଖ) ସାଂଖ୍ୟ ଦର୍ଶନ

(ଗ) ପୁରାଣ ଶାସ୍ତ୍ର (ଘ) ଶ୍ରୀମଦ୍ ଭଗବଦ୍ ଗୀତା

୬)ପ୍ରାଚୀନ ଭାରତର କେଉଁ କ୍ଷେତ୍ରରେ ଆଧ୍ୟାତ୍ମିକତା ମୂଳ ମନ୍ତ୍ର ରୂପେ ବିଦ୍ୟମାନ ?

(କ) ପୌରାଣିକ (ଖ) ଆର୍ଥନୀତିକ

(ଗ) ନୈତିକ (ଘ) ସାମାଜିକ

୭) କର୍ମ ଭକ୍ତି ସମନ୍ୱିତ ଓ ଜ୍ଞାନର ସାଧକ ନ ହେଲେ ତାହା କେଉଁଥିରେ ପରିଣତ ହୁଏ ?

(କ)କୁକର୍ମ (ଖ) ଅକର୍ମ

(ଗ)ସୁକର୍ମ (ଘ) କର୍ମ

୮) କିଏ ରାଷ୍ଟ୍ରର ବ୍ୟକ୍ତିମାନଙ୍କ ଚକ୍ଷୁରେ 'ମହତୀ ଦେବତା' ର ସ୍ୱରୂପ ?

(କ)ସେନାପତି (ଖ) ମନ୍ତ୍ରୀ

(ଗ) ପ୍ରଜା (ଘ) ରାଜା

୯) ସ୍ନାନ ଜଳରେ କେଉଁମାନଙ୍କୁ ଆରୋପ କରି ପ୍ରାଚୀନ ଭାରତର ବ୍ୟକ୍ତି ସ୍ନାନ କରୁଥିଲା ?

(କ) ଗଙ୍ଗାଦି ତୀର୍ଥମାନଙ୍କୁ (ଖ) ଦେବତାମାନଙ୍କୁ

(ଗ) ରାଜାମାନଙ୍କୁ (ଘ) ହିମାଳୟଆଦି ପର୍ବତମାନଙ୍କୁ

୧୦) ପ୍ରଭୁଙ୍କୁ ଖାଦ୍ୟ ସମର୍ପଣ କରି ଭାରତବାସୀ କେଉଁ ରୂପରେ ଗ୍ରହଣ କରୁଥିଲେ ?

(କ) ପ୍ରସାଦ (ଖ) ଭୋଜନ

(ଗ) ଉଚ୍ଛିଷ୍ଟ (ଘ) ଅନ୍ନ

୧୧) କେଉଁ ବେଦରୁ ଚତୁର୍ବର୍ଣ୍ଣ ପ୍ରସଙ୍ଗ ଜଣାପଡ଼େ ?

(କ) ଯଜୁର୍ବେଦ (ଖ)ଅଥର୍ବବେଦ

(ଗ) ଋଗବେଦ (ଘ)ସାମବେଦ

୧୨)'ଚତୁର୍ବର୍ଣ୍ଣ୍ୟଂ ମୟାସୃଷ୍ଟଂ ଗୁଣକର୍ମ ବିଭାଗଶଃ' -ଏହି ଉକ୍ତି କେଉଁଥିରୁ ଉଦ୍ଧାର କରାଯାଇଛି ?

(କ) ମହାଭାରତ (ଖ) ଗୀତା

(ଗ) କପିଳସଂହିତା (ଘ) ରାମାୟଣ

୧୩) ମଣିଷକୁ ନିର୍ଭୀକ, କର୍ମପ୍ରବଣ ଓ କ ର୍ତ୍ତବ୍ୟନିଷ୍ଠ ହେବାକୁ କିଏ ଶିକ୍ଷା ଦେଇଛି ?

(କ) ପୁରାଣଶାସ୍ତ୍ର (ଖ) ଶାସନତନ୍ତ୍ର

(ଗ) ନୈତିକତା (ଘ) ଆଧ୍ୟାତ୍ମିକତା

୧୪) ଆଧ୍ୟାତ୍ମିକ ଭାରତ ଆଧୁନିକ ମାନବ ଜାତି ପ୍ରତି ଏକ ସ୍ପୃହଣୀୟ ଆଦର୍ଶ ବୋଲି କିଏ ପୃଥିବୀ ସମକ୍ଷରେ ପ୍ରଚାର କରିଛନ୍ତି ?

(କ) ନିଗମାନନ୍ଦ (ଖ) ବିବେକାନନ୍ଦ

(ଗ) ରାମକୃଷ୍ଣ (ଘ) ଶ୍ରୀଅରବିନ୍ଦ

୧୫) ମହାତ୍ମାଗାନ୍ଧୀ ଆଧ୍ୟାତ୍ମିକ ଭି ିରେ କାହାର କର୍ଷଣ ପାଇଁ କ୍ଷେତ୍ର ଖୋଲି ଦେଇଛନ୍ତି ?

(କ)ଆତ୍ମବଳ (ଖ) ଆତ୍ମବିଶ୍ୱାସ

(ଗ) ଆତ୍ମମର୍ଯ୍ୟାଦା (ଘ) ଆତ୍ମଧର୍ମ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ଦେବତା ଓ ଦୈବୀ ଶକ୍ତି ହେତୁରୁ ଯେଉଁ ଦୁଃଖ ଘଟେ, ତାହା କି ପ୍ରକାର ଦୁଃଖ ?

୨) ଆଧ୍ୟାତ୍ମିକ ଦୁଃଖ କହିଲେ କ'ଣ ବୁଝ ?

୩) 'ଆଧ୍ୟାତ୍ମିକ' ଶବ୍ଦର ଅର୍ଥ କ'ଣ ?

୪) ଆଧ୍ୟାତ୍ମିକ ଭି ି କ'ଣ ?

୫) ପ୍ରାଚୀନ ଭାରତରେ ଗ୍ରନ୍ଥକାରମାନେ ଗ୍ରନ୍ଥ ରଚନା ଓ ଗ୍ରନ୍ଥ ସମାପ୍ତି ନିମି ଆରମ୍ଭରୁ କାହାର କୃପା ଭିକ୍ଷା କରିଛନ୍ତି ?

୬) କାହାକୁ ସନ୍ତୁଷ୍ଟ କରି ବ୍ୟାସଦେବ ବିରାଟ ପୁରାଣ ପରମ୍ପରା ସୃଷ୍ଟି କରିଥିଲେ ?

୭) ଗର୍ଭାଧାନଠାରୁ ଆରମ୍ଭ କରି ଭାରତୀୟ ଜୀବନ କାହା ଭି ିରେ ଚାଳିତ ହୋଇ ଆସିଛି ?

୮) କେଉଁମାନଙ୍କୁ ଦର୍ଶନ କରି ଆତ୍ମଶୁଦ୍ଧି ବଳରେ ଭାରତୀୟ ଜୀବନ ନୈତିକତାର ଚରମ ସୀମାକୁ ଗତି କରିବାକୁ ସତତ ସଚେଷ୍ଟ ଥିଲା ?

୯) ଆଜି ମାନବ ନିଜକୁ କ'ଣ ବୋଲି କହି ଆପଣାର ତଥା ସମାଜ ବା ଜାତିର ଅକଲ୍ୟାଣ ସାଧନ କରୁଅଛି ?

୧୦) ଗାନ୍ଧିଜୀଙ୍କ କେଉଁ ନୀତି ସାରା ପୃଥିବୀକୁ ପ୍ରଭାବିତ କରିଆସୁଅଛି ?

## (ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ ।

### (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)

୧) ପରମାତ୍ମାଶ୍ରୟୀ ଆଧ୍ୟାତ୍ମିକତା କ'ଣ ବୁଝାଇ ଦିଅ ।

୨) ଭୌତିକବାଦର ସ୍ୱରୂପ ନିର୍ଣ୍ଣୟ କର ।

୩) ବେଦର ଆଦ୍ୟ ଉତ୍ସରଣ କିପରି ଘଟିଥିଲା ?

୪) ବେଦାନ୍ତ ଦର୍ଶନ କ'ଣ ପ୍ରତିପାଦିତ କରିଅଛି ?

୫) ଭାରତୀୟ ଦେବ ମନ୍ଦିରମାନଙ୍କର କଳା ନୈପୁଣ୍ୟ କି ବା ର୍ ା ଦେଇଥାଏ ।

୬) ପ୍ରାଚୀନ ଭାରତରେ କିପରି ରାଜନୀତି କ୍ଷେତ୍ରରେ ଆଧ୍ୟାତ୍ମିକତା ମୂଳନୀତି ଥିଲା, ଉଲ୍ଲେଖ କର ।

୭) ମାନବର କର୍ମକ୍ଷେତ୍ର କିଭଳି ହେବା ଉଚିତ ?

୮) ଆଧ୍ୟାତ୍ମିକତା ଅଧୋଗତିର କାରଣ ବୋଲି କେତେକ ମନେ କରନ୍ତି କାହିଁକି ?

## (ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।

### (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)

୧) ବେଦାନ୍ତ ଦର୍ଶନ ଓ ସାଂଖ୍ୟ ଦର୍ଶନ ଦୃଷ୍ଟିର ଆଧ୍ୟାତ୍ମିକତାର ଅର୍ଥ ଲେଖ ।

୨) ପରମାତ୍ମାକୁ ଆଶ୍ରୟ କରି ଘଟୁଥିବା ବ୍ୟାପାରମାନଙ୍କୁ କ'ଣ କୁହାଯାଏ ?

୩) 'ଆଧ୍ୟାତ୍ମିକ'ର ଅର୍ଥ 'ପରମାତ୍ମା ଶ୍ରୟୀ' - ବୋଲି କାହିଁକି କୁହାଯାଇଛି ?

୪) ବ୍ୟାସ ମହର୍ଷି ବେଦର ଶ୍ରେଣୀ ବିଭାଗ କରି କିଭଳି ଜନସାଧାରଣଙ୍କ ଆଧ୍ୟାତ୍ମିକ ଭାବ ବିକଶିତ କରିଛନ୍ତି ?

୫) ଉପନିଷଦଗୁଡ଼ିକରେ ବ୍ରହ୍ମୋପାସନା ପ୍ରସଙ୍ଗ କେଉଁଥିପାଇଁ ବର୍ଣ୍ଣନା କରାଯାଇଛି ।

୬) 'ବାକ୍ ଶକ୍ତି ହିଁ ବ୍ରହ୍ମଶକ୍ତି', କାହିଁକି କୁହାଯାଇଛି ?

୭) ଷଡରିପୁଙ୍କୁ ଦମନ କରିବା ଦ୍ୱାରା କି କି ଲାଭ ହୁଏ ? ।

୮) ପ୍ରାଚୀନ ଭାରତର ରାଜନୀତି କ୍ଷେତ୍ରରେ ଆଧ୍ୟାତ୍ମିକତାର ସ୍ଥାନ କ'ଣ ଥିଲା ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) ପଠିତ ପ୍ରବନ୍ଧ ଅନୁସରଣରେ 'ଆଧ୍ୟାତ୍ମିକ' ଶବ୍ଦର ତା ିକ ଅର୍ଥ ବିଶ୍ଳେଷଣ କର ।

୨) ଜ୍ଞାନ କ୍ଷେତ୍ରରେ କିଭଳି ଆଧ୍ୟାତ୍ମିକତା ପରିଲକ୍ଷିତ, ହୋଇଛି ଆଲୋଚନା କର ।

୩) ଭାରତ କିପରି ସତ୍ୟ, ଶିବ ଓ ସୁନ୍ଦରର ଉପାସକଂ - ବ୍ୟାଖ୍ୟା କର ।

୪) ପ୍ରାଚୀନ ଭାରତରେ ବ୍ୟକ୍ତିର ଦୈନନ୍ଦିନ କାର୍ଯ୍ୟକଳାପ କିପରି ଆଧ୍ୟାତ୍ମିକ ଭାବାପନ୍ନ ଥିଲା - ଆଲୋଚନା କର ।

୫) 'ପ୍ରାଚୀନ ଭାରତର ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ନିୟମିତ ନହେଲେ ଆଧୁନିକ ଯୁଗର ଦୁର୍ଗତିରୁ ରକ୍ଷା ନାହିଁ' - ଏ ଉକ୍ତିର ଅର୍ଥ ବୁଝାଇ ଦିଅ ।

***

# ସତ୍ୟମେବ ଜୟତେ

ଗୋବିନ୍ଦ ତ୍ରିପାଠୀ

ସବୁଠାରୁ ବଡ ନୈତିକତା କଥା ବିଚାର କରାଯାଉ । "ସତ୍ୟମେବ ଜୟତେ" ସତ୍ୟର ହିଁ ଜୟ । ପ୍ରକାରାନ୍ତରରେ ମିଥ୍ୟାର ହିଁ ପରାଜୟ । ଆମର ରାଜନୀତି, ଧର୍ମନୀତି ଓ ସମାଜ ନୀତିରେ ଏଇ କଥାଟିର ପ୍ରବଳ ବିଜୟ । ଅଥଚ ସତ୍ୟର ମାନେ ସତ୍‌ରୁ ସତ୍ୟ । ବାକି ସବୁ ଅସତ୍ୟ । ସେଥିରୁ ସତ୍ୟ ଓ ଅସତ୍ୟ । ଅସତ୍ୟ ଓ ସତ୍ୟ । ତାହାହେଲେ ହେଲା ଯାହାଅଛି-ଯାହା ରହିବ, କ'ଣ ଅଛି, କ'ଣ ନ ଅଛି, କ'ଣ ରହିବ, କ'ଣ ନ ରହିବ-ତା'ର ବିଚାର କରିବ କିଏ ? ତୁମେ କରିବ, ମୁଁ କରିବି । ମୋ ବିଚାର ଯେବେ ତୁମ ବିଚାର ସାଙ୍ଗରେ ନ ମିଳିଲା, ତାହାହେଲେ କ'ଣ ହେବ ? ତୁମେ ଆଉ ପା ଜଣଙ୍କୁ ଡାକିବ, ମୁଁ ଆଉ ପା ଜଣଙ୍କୁ ଡାକିବି । ସେ ଯେବେ ସମାନ ସମାନ ହୋଇଗଲା ତେବେ ତୁମେ ଯେବେ ମୋ'ଠୁ ବଳୁଆ କି ବୁଦ୍ଧିଆ, ତାହାହେଲେ ତୁମ ଡରରେ ହୁଏତ ତୁମ ଆଡ଼କୁ ବେଶୀ ଲୋକ ଯାଇପାରନ୍ତି । ତେବେ କ'ଣ ତୁମରି କଥା ହିଁ ହୋଇଯିବ ସତ୍ୟ ।ଯାହା ସତ୍ୟ ତାହା ଇନ୍ଦ୍ରିୟ ଗ୍ରାହ୍ୟ, ଯାହା ଆଖିରେ ଦେଖୁଛି କାନରେ ଶୁଣୁଛି, ଅଙ୍ଗେ ନିଭାଉଛି, ପାଟିରେ ଚାଖୁଛି, ନାକରେ ଶୁଙ୍ଘୁଛି ବୁଦ୍ଧିରେ ଜାଣିପାରୁଛି, ତାହାହିଁ ସତ୍ୟ । ସତେ ! ତୁମେ ଅଙ୍କଶାସ୍ତ୍ର ଓ ବିଜ୍ଞାନଶାସ୍ତ୍ରକୁ ମାନ ନିଶ୍ଚୟ । ଆଚ୍ଛା ମୁଁ ଯେବେ ଅଙ୍କଶାସ୍ତ୍ର ଓ ବିଜ୍ଞାନଶାସ୍ତ୍ର ସାହାଯ୍ୟରେ ପ୍ରମାଣ କରେ ଯେ ତୁମେ କଟକ ଠାରୁ ପୁରୀ ତୁମ ଗୋଡ଼ରେ ଚାଲିକରି ଗଲେ ମଧ୍ୟ ତୁମ ଗୋଡ଼ ତଳେ ଲାଗିନି -ତୁମେ କେବଳ ଶୂନ୍ୟରେ ଉଡ଼ିଯାଉଚ, ଚାଲିକରି ଯାଇନ । ତୁମେ ମାନିବ ? ମୁଁ ଯେବେ କହେଁ ବିନୋବାଜୀଙ୍କର ପଦବ୍ରଜରେ ଭୂଦାନ ଯାତ୍ରା ବା ମହାତ୍ମା ଗାନ୍ଧୀଙ୍କର ଚାଲି ଚାଲି ଉତ୍କଳ ଯାତ୍ରା, ଅଙ୍କ ଓ ବିଜ୍ଞାନ ଶାସ୍ତ୍ର ଅନୁସାରେ ଅସମ୍ଭବ ଓ ଅସତ୍ୟ । ତୁମେ ସେ କଥା ମାନିବ ? ମୁଁ ପ୍ରମାଣ କରିପାରିବିନି ? ଆଚ୍ଛା ଦେଖ, ତୁମେ ଫୁଟେ ଉଚ୍ଚା ଗୋଟିଏ ଟୁଲ ଉପରେ ଛିଡ଼ାହୁଅ । ତୁମଗୋଡ଼ ମାଟି ଉପରୁ ଫୁଟେ ଉ ରେ ରହିଲା । ତା'ପରେ ତୁମେ ଓହ୍ଲାଅ ଅଧ ଫୁଟିକିଆ

ଟୁଲ୍, ତିନି ଇ ୍ଆ ଟୁଲ୍, ଇ ୍କିଆ ଟୁଲ୍, ଅଧଇ ୍ଆ ପଟା, ଚଉଠା ଇ ୍ଆ ପଟା- ଇତ୍ୟାଦି ଉପରକୁ । କ୍ରମାନ୍ୱୟରେ ଏହିପରି ଅଧା ଅଧା କରିଗଲେ ତୁମେ ଶୂନ୍ୟରେ କେବେ ପହ ୍ବ ? ଆଉ ଶୂନରେ ଯେବେ ନ ପହ ୍ଚ ତାହାହେଲେ ତୁମ ଗୋଡ଼ ମାଟି ସହିତ ଲାଗିଲା କେମିତି ? ତୁମ ଗୋଡ଼ ଏ ମାଟି ଭିତରେ ୧/୨ କୋଟି ବା ଦୁଇ ଅର୍ବୁଦ ବ୍ୟବଧାନ ହୋଇପାରେ । ମାତ୍ର ଠିକ୍ ଶୂନ୍ ବ୍ୟବଧାନ ହୋଇପାରେନି । ତୁମେ ଜାଣ ପୃଥିବୀ ବା ମାଟିର ଗୋଟିଏ ଆକର୍ଷଣୀ ମନ୍ତ୍ର ଅଛି । ଅର୍ଥାତ୍ ତା ଉପରେ ଯାହା ସବୁ ଅଛି, ସେ ସେଗୁଡ଼ାକ ନିଜ ଆଡ଼କୁ ଟାଣିବାକୁ ଚେଷ୍ଟା କରୁଚି । ସେଇ ହେତୁରୁ ଗଛରୁ ଫଳ ପଡ଼ିଲେ ବା ତୁମେ ଟେକାଟା ଉପରକୁ ଫୋପାଡ଼ିଲେ ସେ ତଳକୁ ଟାଣିହୋଇ ଆସେ ଓ ଭୂଇଁରେ ପଡ଼ିଯାଏ ବୋଲି ତୁମେ କହ ପୃଥିବୀର ଏହି ଶକ୍ତିଟା ଯେପରି ଉପରକୁ ଝଲସି ଉଠୁଚି, ମଣ୍ଡଳ ଭଳି ପୃଥିବୀକୁ ଘେରି ରହିଚି, ତା ଉପରକୁ ପଡ଼ିବା ଜିନିଷର ମଧ୍ୟ ନିଜର ଗୋଟାଏ ଆକର୍ଷଣୀ ଶକ୍ତି ଅଛି । ସେ ଶକ୍ତି ତାକୁ ମଣ୍ଡଳ ଭଳି ଘେରି ରଖିଚି । ଓଜନ ଓ ଦୂରତା ଅନୁସାରେ ଯେ ଶକ୍ତ ହୁଏ ଓ କମ୍ ବେଶୀ ହୁଏ । ପୃଥିବୀର ଓଜନ ଯେବେ ଅନ୍ୟ ଜିନିଷର ଓଜନଠାରୁ କମ୍ ହ'ନ୍ତା, ତା'ହେଲେ ଦୂରତା ଅନୁସାରେ ସେ ଜିନିଷ ପୃଥିବୀକୁ ତା ଆଡ଼କୁ ଟାଣି ଆଣନ୍ତା । ତୁମେ ଯେତେବେଳେ ପୃଥିବୀ ଉପରେ ଗୋଡ଼ ପକେଇବାକୁ ଗଲ, ସେତେବେଳେ ପୃଥିବୀ ତୁମ ଗୋଡ଼କୁ ଟାଣିଲା ତା ଆଡ଼କୁ । ତୁମ ଗୋଡ଼ର ଓଜନ କମ୍ ଥିବାରୁ ତୁମେ ଟାଣିହେଲ ତା' ଆଡ଼କୁ । ତୁମ ଶକ୍ତି ମଣ୍ଡଳ ଓ ପୃଥିବୀର ଶକ୍ତି ମଣ୍ଡଳ ଏହିପରି ଭାବରେ ଆସ୍ତେ ଆସ୍ତେ ନିକଟେଇ ଆସିଲେ, ଯୁଠି ଏଇ ଦୁଇ ମଣ୍ଡଳ ଭେଦିଗଲେ ସେଇଠି ତୁମେ ରହିବାକୁ ଆରମ୍ଭ କଲ । ମାନେ, ସେ ତୁମକୁ ଟାଣିବାକୁ ଚେଷ୍ଟା କରୁଛି , ତୁମେ ତାକୁ ଟାଣିବାକୁ ଚେଷ୍ଟା କରୁଚ । ଏ ଦୁଇଟା ଟାଣିବା ଶକ୍ତି ଏତେ ପାଖକୁ ପାଖ ଆସିଗଲେ କେହି କାହାକୁ ଟାଣିପାରିଲେନି । ଫଳରେ ଗୋଟାଏ ଶକ୍ତ ଶକ୍ତିକ୍ଷେତ୍ର ତିଆରି ହେଇଗଲା ସେହି ଶୂନ୍ୟ ଦେଶରେ, ଯାହା ହେତୁ ତୁମେ ଗୋଡ଼ ପକାଇ ଚାଲିପାରିଲ ବୋଲି କହିଲ । ପ୍ରଥମେ ତୁମେ ମାଟି ଉପରେ ଚାଲିଲନି । ମାଟିର ଶକ୍ତି ଓ

ତୁମ ପାଦର ଶକ୍ତି ଦୁଇଟାଙ୍କର ମିଳନ ସ୍ଥଳ ଶୂନ୍ୟ କ୍ଷେତ୍ରରେ ଭାସିଗଲା । ସେଠି ଯେବେ ମାଟିର ଶକ୍ତି ତୁମଠାରୁ ବେଶୀ ହୋଇଥାନ୍ତା, ତା'ହେଲେ ତୁମ ଗୋଡ଼ ମାଟି ଭିତରେ ପଶିଯାଇଥାନ୍ତା । ଆଉ ତୁମ ଶକ୍ତି ଯେତେ ବେଶୀ ହୋଇଥାନ୍ତା ସେତେ ତା' ଉପରେ ତୁମେ ପଡ଼ିଥାନ୍ତ । ଅତଏବ ଅଙ୍କ ଓ ବିଜ୍ଞାନ ସାହାଯ୍ୟରେ ତୁମେ ଦେଖିଲ ତୁମେ ପ୍ରକୃତରେ ମାଟି ଉପରେ ଚାଲିଲନି । ଉଡ଼ିଚ ମାତ୍ରକ । ମାନିବ ଏ କଥାଟା ତ ? ତୁମରି ଆଖି ଦେଖିବ, ତୁମ ଗୋଡ଼ ମାଟି ଉପରେ । ମାତ୍ର ବୁଦ୍ଧି କହୁଚି- ମାଟିକୁ ଲାଗିନି ତୁମ ଗୋଡ଼ । କାହାକୁ ବିଶ୍ୱାସ କରିବ, ଆଖିକି ନା ବୁଦ୍ଧିକି ? ଯେବେ ଷଡ଼ଇନ୍ଦ୍ରିୟ ଯାକ ତୁମର ଏକମତ ନ ହୁଅନ୍ତି କୌଣସି ବିଷୟରେ, ତୁମେ ତାକୁ ସତ କହିବ ନା ମିଛ କହିବ ?

ତୁମେ କହିବ ଏଗୁଡ଼ାକ କେବଳ ବୁଦ୍ଧିର ମାରପେ ସବୁ । ବାସ୍ତବ ଉଦ୍ଦେଶ୍ୟରେ, ମୋ ଗୋଡ଼ ଓ ଭୂଇଁ ମଝିରେ ପାର୍ଥକ୍ୟ ଏତେ କମ୍ ଯେ ମୁଁ ଭୂଇଁରେ ଚାଲିଥିଲି କହିବା ହିଁ ସତ୍ୟ ହେବ । ଦେଖନ୍ତୁ ! ଦେଖନ୍ତୁ ! ଏମିତି କହିବେନି । ବାସ୍ତବତା ଉଦ୍ଦେଶ୍ୟରେ କଥା ଏଠି ପଡୁନି । ଏଠି ଯାହା ଅଛି ତା'ରି କଥା, -ସତ୍ୟର କଥା ପଡ଼ିଚି । ତୁମର ଏ ସତ୍ୟତାର ଏଇ "ବାସ୍ତବ ଉଦ୍ଦେଶ୍ୟ" ଯେତେ ପାପ କରେ ଆଉ କେହି କରେନି । ଯୁଠିଁ ସତ୍ୟଟା ଦିହସୁହା ହୁଏନି- ସେଠି "ବାସ୍ତବତା ଉଦ୍ଦେଶ୍ୟ"ଆସିଯାଏ । ସୁତରାଂ ବାସ୍ତବ ଉଦ୍ଦେଶ୍ୟଟା ହେବ ସୂକ୍ଷ୍ମ ସତ୍ୟର ବିପରୀତ, ଅର୍ଥାତ୍ ସୂକ୍ଷ୍ମ ମିଥ୍ୟା ।

ଆଚ୍ଛା, ଏଥର ଟିକିଏ ସ୍ଥୁଳ ସତ୍ୟ ଓ ମିଥ୍ୟା ଆଡ଼କୁ ଆସିବା, ଆମ ଗାତ ମଣିଷ କିଏ ଗୋଟିଏ ମାଇକିନିଆକୁ ଚାହିଁଲା । ସେ ଗଲା, ତାକୁ ଧଇଲା । ଟାଣି ଆଣିଲା ତା ନିଜ ଗାତକୁ, ତା'ର ଗୋଟାଏ ଘଇତା ଆଗରୁ ଥାଉ ବା ନଥାଉ । ତାକୁ ପଚାରିଲେ ସେ କହିବ-କହୁଥିଲା, 'ମୁଁ ଆଣିଚି । ମୁଁ ତାକୁ ଚାହେଁ, ଆଣିଚି ।' ଆଜିକାଲି ଆମ ସତ୍ୟ ଜଗତରେ ମୁଁ ଯେବେ ସିମିତିକୁ ମାଇକିନିଆକୁ ନେଇଯାଏଁ, ତାହାହେଲେ ଏପରି ଗୁପ୍‌ଚୁପ୍‌ରେ ସେ କାମ ହାସଲ କରିବି ଯେ କେହି ଜାଣି ପାରିବେ ନାହିଁ । ମୁଁ ତାକୁ ମୋ ମନ କଥାଟି ନ କହି କେତେ ବାଜେ କଥା କହି ଭଣ୍ଡେଇବି । ଯେବେ ଜାଣି ପାରିବେ

କେହି, ତା ହେଲେ ମୁଁ ମାନିବିନି, ନାନା ଯୁକ୍ତି କାଢ଼ିବି । ନାନା ଆଳ ଆଣି ଥୋଇବି, ସେ ସତିଆ ନା ମୁଁ ସତିଆ ? ଆଗେ କାଗଜରେ ବହୁତ ପଢ଼ାଯାଉଥିଲା, କୁ ବଣୁଆ ଲୋକ କାହାକୁ ହାଣିଦେଲା । ତା ମୁଣ୍ଡଟା ଧରି ସିଧାସଳଖ ଥାନାକୁ ଆସି କହିଲା, 'ୟେ ଇମିତି କଲା, ମୁଁ ତାକୁ ହାଣି ଦେଲି ।' ଏବେ ସେଇ ବଣୁଆ ଲୋକ ଆମର ପ୍ରଗତି ଓ ସଭ୍ୟତା ପାଇ ସେ ଯେତେ ଯାହା କଲେ ବି ମାନିବନି । ଓକିଲ ମୁକ୍ତାର ଦବ । ଲଢ଼ିବ, ଗାଲୁ ମାରିବ । ସତ୍ୟମେବ ଜୟତେ ପ୍ରଗତିର ଫଳରେ ବଣୁଆଙ୍କ କଥା ଛାଡ଼ିଦିଅ, ଯୁ ମାନେ ପ୍ରଗତି ପଥର ଚାଳକ ସେମାନଙ୍କ କଥା ବୁଝ । ଧର ଗୋଟାଏ ନିର୍ବାଚନ ହେଲା । 'କ' ଜିଲ୍ଲାରୁ ତୁମ ଦଳ ପାଇଲେ ଭୋଟ ତିରିଶ । ମେମ୍ବର ହେଲେ ଦୁଇ । ତୁମ ବିରୋଧିଦଳ ସେଠୁ ପାଇଲେ ପ ।ବନ, ମେମ୍ବର ହେଲେ ତିନି 'ତୁମଦଳ ଖ' ଜିଲ୍ଲାରୁପାଇଲେ ଭୋଟ ଷାଠିଏ, ମେମ୍ବର ଚାରି । ବିରୋଧି ଦଳ ପାଇଲେ ଚଉରାଳିଶି, ମେମ୍ବର ହେଲେ ଦୁଇ । ମୋଟରେ ତୁମେ ପାଇଲ ନବେ ଭୋଟ ମାତ୍ର ମେମ୍ବର ପାଇଲେ ଛ । ସେ ପାଇଲେ ଅନେଶତ ଭୋଟ, ମାତ୍ର ମେମ୍ବର ପାଇଲେ ପା । ୟେ କେମିତି ହେଲା । ବୁଝାଇ କହିବା ଦରକାର କି ? ତୁମେ ନିୟମ କଲ ପ୍ରତି ପନ୍ଦର ଭୋଟରେ ଜଣେ ସଭ୍ୟ । ତାହେଲେ ତିରିଶ ଭୋଟ ହେଲେ ଯାଇ ଦି ଜଣ ସଭ୍ୟ ଏଇ ହିସାବରେ । ତା'ପରେ ତୁମେ କହିଲ ଦେଶ ଆମକୁ ବେଶୀ ସଂଖ୍ୟକ ସଭ୍ୟରେ ପଠାଇଚି । ଆମେ ହବୁଁ ସରକାର । ଏଇଟା ମିଛ ହେଲା ନା ସତ ହେଲା ? ତା'ପରେ ବିରୋଧି ଦଳ ତୁମକୁ କିଛି କରିବାକୁ କହିଲେ । ତୁମେ କଲନି । ସେ ମାନିବେ କିଆଁ ? ସେ ଏକାଠି ହୋଇ ଆସି କଲେ ଅଳି, ପାଟି ତୁଣ୍ଡ ତକରାର । ତୁମ ହାତରେ ସରକାର, ତୁମେ ଚଳାଇଲ ଲାଠି । ଗୁଡ଼ାଏ ଜଖମ ହେଲେ ତାଙ୍କ ଭିତରୁ – ପୁଣି ପାଟି ହେଲା । ତୁମେ ସଫେଇ ଦେଲ, ମିଛକଥା ଏତେ ଜଖମ ହେଇ ନାହାନ୍ତି । ମାତ୍ରକ ଜଣେ । ଆଉ ତ କେହି ସରକାରୀ ହାସପାତାଳକୁ ଆସିନାହାନ୍ତି । ପୁଲିସ୍ ଲାଠି ମାଡ଼ କରିନି । ମାତ୍ର ଘଉଡ଼େଇ ଦବାର ଚେଷ୍ଟା କରିଚି । ଏସବୁ କୁ ସତ୍ୟ ? ସତ୍ୟମେବ ଜୟତେ– ନା ଅସତ୍ୟମେବ ଜୟତେ ?

ଧର ଏଇ ଯେ ଗୋଟାଏ ବିଧି ଅଛି, ଲୋକସଭାରେ, ଏକଥା ମିଛ ବୋଲି କେହି କହି ପାରିବେନି– ମିଛ ହେଲେ ମଧ୍ୟ ତୁମ୍ଭେ କହିବାର ଏଇଟା ଠିକ୍ ନୁହେଁ, ବା ଚର୍ଚ୍ଚିଲ୍‌ଙ୍କ ଭାଷାରେ ଏଇଟା ଶାବ୍ଦିକ ଅଯଥାର୍ଥ ବା ଶବ୍ଦର ବେଢ଼ଙ୍ଗ । ଏହାର ମାନେ କ'ଣ ? ଯାହା ମିଛ ତାହା ଅଠିକ୍ ବା ବେଠିକ ଠାରୁ ବେଶୀ । ଠିକ୍ ନୁହେଁ, ବା ଅଯଥାର୍ଥ କହିବାର ଅର୍ଥ ଏଥିରେ କିଛି ସତ ଅଛି । କିନ୍ତୁ ମିଛ ହେଲେ ସତର ବିପରୀତ । ଏମିତି ଯେତେବେଳେ ଲୋକସଭାରେ କୁହାଯାଏ ସେତେବେଳେ ସେଇଟା ସତ୍ୟ ନା ଅସତ୍ୟ ? କୁଇନାଇନ୍ ଉପରେ ଚିନି ପୁଟ ଦେଇ ତାକୁ ମିଠା ଓଷୁଅ ବୋଲି ପିଲାଙ୍କୁ ଭଣ୍ଡିବା ଭଳି ଏ କଥା ନୁହେଁ ? ଅବଶ୍ୟ ଆମ ପାଖରେ ଯାର ଜବାବ ଅଛି । ମୁନି ଋଷିମାନେ କହିଛନ୍ତି 'ସତ୍ୟଂବ୍ରୁୟାତ୍' । ସେଇମାନେ ହିଁ କହିଛନ୍ତି " ମାବ୍ରୁୟାତ୍ ସତ୍ୟମପ୍ରିୟମ୍" ଯାହା ଅପ୍ରିୟ ତାହା ସତ୍ୟ ହେଲେ ମଧ୍ୟ କହିବନି । ତାହାହେଲେ କ'ଣ ସେଠି ମିଛ କହିବ ନା ମୌନ ରହିବ ? ମୌନ ରହିଲେ ପୁଣି ହେଇଯିବ "ମୌନେ ସମ୍ମତି ଲକ୍ଷଣଂ" । ଯିମିତି ଆମ ପ୍ରଜାତନ୍ତ୍ର ଶାସନରେ ଯେବେ ସପକ୍ଷରେ କୋଡ଼ିଏ, ବିପକ୍ଷରେ ଦଶ ଓ ନିରପେକ୍ଷ ବାର ହୁଅନ୍ତି ତାହାହେଲେ ବିଲ୍ ପାସ୍ ହୋଇଗଲା ବୋଲି କୁହାଯାଏ । ମାନେ ବୟାଳିଶିରୁ ମାତ୍ର କୋଡ଼ିଏ ଜଣ ସପକ୍ଷରେ । ବାର ଯେ ତୁନି ରହିଲେ ତାଙ୍କର ଏଥିରେ ମତ ଅଛି ବୋଲି ଧରି ନିଆଯାଇ ବହୁମତରେ ବିଲ୍ ବା ପ୍ରସ୍ତାବ ପାସ୍ ହୋଇଗଲା ବୋଲି କୁହାଯାଏ । ଯେ କଣ ହେଲା ସତ୍ୟ, ନା ତାହା ଅସତ୍ୟ ? ତେବେ ସତ୍ୟମେବ ଜୟତେ କିଆଁ ? ଆରେ ବାବା, କୁହ ସରକାର ଆମ ହାତରେ, ପାଟି କରିବା ଲୋକ ବେଶୀ ଆମ ହାତରେ, ଅତଏବ ଆମେ ଯାହା କହିବୁ ସେ ହେବ ବେଦର ଗାର । ମାନେ ପାଟିର ବଳ ଓ ସରକାରୀ ବଳ । ଫଳରେ ସେଇ ବଳ ଯାହାର ମୁଲକ ତାହାର । ଆଗେ ଗାତ ମଣିଷ ଗୁଡ଼ାକ ବଳ ଯାହାର ମୁଲକ ତାହାର ନୀତି ଧରି ଚଳୁଥିଲେ । ଆମେ ମଧ୍ୟ ସେଇ ନୀତି ଧରିଚୁ । ସେ ଦିହର ବଳ ଓ ନିଜର ବଳ ଉପରେ ଚଳୁଥିଲେ; ଆମେ ପରର ବଳ ଧନର ବଳ ଉପରେ ଚଳୁଛୁଁ । ବଡ଼ ବଳ ସେ । କେବଳ ଶରୀର ବଳ ବଳକୁ ବୁଝାଏନି ।

ତୁମେ କଣ ଏବେ ବି ଗାଲୁ ମାରିବ ଯେ ସତରେ ଆଗେଇଚ, ସତରେ ତୁମର ରାସ୍ତା ସିଧାସଳଖ ଅଥଚ ଅନନ୍ତ ଓ ଅସୀମ ? ତୁମର ଗତି କ'ଣ ଠିକ୍ ଗୋଲାକାର ନୁହେଁ । ଦଶହଜାର ବର୍ଷର ମଣିଷ ଯାହା କରିଥିଲା ଓ କରୁଥିଲା, ତୁମେ କ'ଣ ସେଇଆ କରୁନ ?

ରହନ୍ତୁ, ରହନ୍ତୁ, ମୁଁ ଟିକିଏ ପିଠି ଉପରେ ବାଘ ଛାଲଟା ସଜାଡ଼ି ନିଏଁ । ଏସବୁ କେବଳ ରାଜନୈତିକ ପ୍ରଚାର, ନହେଲେ ଅସହଣିକତା, ନ ହେଲେ ଘୃଣା ବିଦ୍ୱେଷ । ଗତକାଲିର ପଶୁବଳ ସହିତ ଆଜିକାଲିର ଜନମତ ବଳ କିପରି ସମାନ ହେଲା ? ସେତେବେଳେ ମାଡ଼ମାରି, ହାଣି, କାଟି ଓ ଦିହ ଯନ୍ତ୍ରଣାର ଭୟ ଦେଖାଇ ବଳୁଆ ଅନ୍ୟମାନଙ୍କର ସବୁ କାଢ଼ି ନେଉଥିଲା । ଇଲେ କ'ଣ ସେମିତି କିଏ କରୁଚି ? ଇଲେ ଆମେ ତୁମକୁ ବୁଝଉଚୁଁ -ତାଙ୍କୁ ବୁଝଉଚୁଁ, କହୁଚୁଁ, କୋବଲଉଚୁଁ । କଣ ଭଲ କଣ ମନ୍ଦ ବୈଜ୍ଞାନିକ ପ୍ରଣାଳୀରେ ପରୀକ୍ଷା କରି ଲୋକଙ୍କ ଆଗରେ ଥୋଉଚୁଁ । ଲୋକେ ମାନିଗଲେ ତ ହେଲା, ନ ମାନିଲେ ନ ହେଲା, କିଛି ଜୋର ଜବରଦସ୍ତି ନାହିଁ ଏଥିରେ । ସତ୍ୟ ମେବ ଜୟତେ । ତୁମର ଏଇଯେ ବୁଝେଇବା ସମଝାଇବା- ଏସବୁ କଣ ? କାହାଲାଗି ? ତୁମେ ପାଠ ସାଠ ପଢ଼ିଚ । ହୁଏତ ଲୋକଙ୍କ ଲାଗି ସତରେ କିଛି କରିଚ । ଶୋରିଷଟାକର କରି ତାକୁ ପର୍ବତ ବୋଲି ପ୍ରମାଣ କରାଇ ପାରିଚ, ଲୋକଙ୍କର ତମପ୍ରତି ଶ୍ରଦ୍ଧା ବା ସମ୍ମାନ ଆସିଚି । ଲୋକେ ମୂର୍ଖ, ମଳିମୁଣ୍ଡିଆ, ତୁମେ ପଣ୍ଡିତ, ଧୋବଧାଉଳିଆ, ବଡ଼ଲୋକଙ୍କ ପୁଅ, ଭାଇ କି ମାଇପ । ତୁମେ ତାଙ୍କପାଖରେ ଠିଆ ହୋଇଗଲେ ହିଁ ତୁମ ବ୍ୟକ୍ତିତ୍ୱ ତାଙ୍କ ଉପରେ ଲଦି ହୋଇଗଲା । ତାପରେ ତୁମେ ନାନା ଯୁକ୍ତି ବାଢ଼ି କେତେ ଦେଶ ବିଦେଶର କେତେ କଥା କହି ବସିଗଲ । ଗୋରୀ ଦେଶଦିମୋନା (Desdemona) ଅଥେଲୋ (Othello) ର ଦେଶ ଦେଶାନ୍ତର କଥାରେ ଭୁଲି ନିଜକୁ ସମର୍ପି ଦେଇଥିଲା ତା ହାତରେ । ତୁମର ପାଣ୍ଡିତ୍ୟ, ତୁମର ବ୍ୟକ୍ତିତ୍ୱ ଓ ତୁମର ବଡ଼ ପଣିଆ ଆଗରେ ସେମାନେ ଗଲେ ନିଜକୁ ପାଶୋରି । ତୁମର କଥାରେ ସହି ମାରିଦେଲେ । ଜଣେ ଧୋବଲି ଠକ ତୁମ ପାଖକୁ ଆସିଲା । କହି ବୋଲି ବୁଝେଇ ସୁଝେଇ ତୁମଠୁ ପାଚ ।ଟି ଟଙ୍କା କୌଣସି ମିଛ ଦାତବ୍ୟ

କାମ ଲାଗି ନେଇ ପାର ହୋଇଗଲା । ତାର ଯେ କରିବା ଆଉ ତୁମର ସେ କରିବା ଭିତରେ ପ୍ରଭେଦ କଅଣ ? ତୁମ କଥାକୁ ଯେ ବାଦ କଲା ତୁମେ ତାକୁ ଦେଲ ଗାଳି ମୂର୍ଖ ବୋକା ଅସାଧୁ ଦେଶଦ୍ରୋହୀ, ଜାତିଦ୍ରୋହୀ ଯାହାକିଛି । ଖାଲି ତାକୁ ନାହିଁ, ତାର ଚଉଦ ପୁରୁଷକୁ । ଖାଲି ତାର ବ ର୍ମାନକୁ ନୁହେଁ, ତାର ଅତୀତ ଓ ଭବିଷ୍ୟତକୁ । ତୁମେ ପାଠୁଆ, କୁହାଳିଆ, ବଳୁଆ, କିଛି କାମ କରି ମଧ୍ୟ କିଣି ନେଇଚ ବେଶ୍ । ସେ ହୋଇଗଲେ ଚୋର, ତୁମେ ହେଲ ଭଲ । ମହାତ୍ମାଜୀ କହିଥିଲେ କେତେଥର, କେବଳ ଶରୀର ହିଂସାରେ ହିଂସା ହୁଏନି, କଥାର ଓ ଭାବନାର ହିଂସା ମଧ୍ୟ ହିଂସା । ଏକାପ୍ରକାର ହିଂସା । ସେମିତି ଖାଲି ଶରୀରବଳ ବଳ ନୁହେଁ, ବୁଦ୍ଧି, ମନ, ଜ୍ଞାନ-ଏସବୁ ବଳ ମଧ୍ୟ ଏକାପ୍ରକାର ବଳ । ବ ର୍ମାନ ଶାସନ ଅତୀତ ଶାସନ ଭଳି । ଠିକ୍ ବଳ ଯାର ମୁଲକ ତାର ନୀତିରେ ଚାଲିଛି, ନୂଆ କିଛି ହୋଇନି । କେବଳ ଏତିକି ଯେ- ସେବର ଗାତର ବଣ ମଣିଷ ସତ କହୁଥିଲା- ମୋର ଜୋର ଅଛି ମୁଁ ଛଡ଼େଇ ନେବି, ଆଉ ତୁମେ ମିଛ କହୁଛ, ଏଥିରେ ଜୋର ଜବରଦସ୍ତି କିଛି ନାହିଁ । କିନ୍ତୁ ପ୍ରକୃତରେ ଦିହର ଜୋର୍ ଠାରୁ ମଧ୍ୟ ବଡ଼ ଜୋର ବୁଦ୍ଧିର ଜୋର୍; ମନର ଜୋର୍ । ତୁମେ କହୁଚ ଏ ନୀତିରେ ତୁମେ ଯେ ଭାବୁଚ ପୃଥିବୀରେ ଶାନ୍ତି ଆସିବ. ସେ ଭାବନା ତୁମର ବିଲ୍‌କୁଲ୍ ଭୁଲ । ଯେ ପର୍ଯ୍ୟନ୍ତ ଚାପଣି, ଦବାଣି, ରହିଥିବ- ଶାରୀରିକ ହେଉ, ମାନସିକ ହଉ ବା ନୈତିକ ହଉ ଦବିବା ଲୋକଙ୍କର ମନରେ ଓ ହୃଦୟରେ ଅଶାନ୍ତି ଓ ଅସନ୍ତୋଷ ବରାବର ରହିବ, ଆଉ ସେହି ଅଶାନ୍ତି ଓ ଅସନ୍ତୋଷ ବିଶ୍ୱଯୁଦ୍ଧରେ ପାଲଟି ଯିବ ନିଶ୍ଚୟ ।

**ଲେଖକ ପରିଚୟ**

**ଗୋବିନ୍ଦ ତ୍ରିପାଠୀ ( ୧୮୯୯ - ୧୯୬୨ )ତଡ଼ାସ ରାମହଂସପୁର, ପୁରୀ**

ବ୍ୟକ୍ତିନିଷ୍ଠ ପ୍ରବନ୍ଧ ବା ରମ୍ୟରଚନା ଲେଖକ ଭାବରେ ଗୋବିନ୍ଦ ତ୍ରିପାଠୀ ନିଜ ପାଇଁ ଏକ ନିଆରା ଅଧ୍ୟାୟ ସୃଷ୍ଟି କରିଯାଇଛନ୍ତି । ଦୈନନ୍ଦିନ ଜୀବନର ଅତି ସାଧାରଣ ବିଷୟକୁ ଅସାଧାରଣ ଶୈଳୀରେ ପ୍ରକାଶ କରିବା ତାଙ୍କ ପ୍ରତିଭାର ଅନ୍ୟତମ ଦିଗ । ସତ୍ୟବାଦୀ

ବନବିଦ୍ୟାଳୟରେ ଏକଦା ଛାତ୍ର ଥିବା ଏହି ଶିକ୍ଷୀ ଇଂରାଜୀରେ ଏମ୍.ଏ. ପାଶ କରି କିଛିକାଳ ଅଧ୍ୟାପନା କରିବା ପରେ ମାଜିଷ୍ଟ୍ରେଟ୍ ଭାବରେ କର୍ମମୟ ଜୀବନ ନିର୍ବାହ କରିଥିଲେ । ବୃ ିରେ ପ୍ରଶାସକ ହେଲେହେଁ ପ୍ରବୃ ିରେ ଜଣେ ଉଚ୍ଚକୋଟୀର ସାହିତ୍ୟିକ ରୂପେ ସେ ନିଜ କୃତିତ୍ୱର ନିଦର୍ଶନ ଛାଡ଼ିଯାଇଛନ୍ତି । ବଟୁଆ, ଛୋଟକଥାଟିଏ, କଖାରୁଫୁଲ, ଆକାଶ କଇଁଆ, ଅଦା ବେପାର, କଳାଧଳା, ଟୋକାବୁଢ଼ା, କଂସାରିଘର ପାରା ଆଦି ଶତାଧିକ ରମ୍ୟ ପ୍ରବନ୍ଧର ସେ ଜନପ୍ରିୟ ଲେଖକ । ଓଡ଼ିଆ ସଂସ୍କୃତି, ସମାଜ ଓ ପରମ୍ପରା। ସୁରକ୍ଷା ପାଇଁ ତାଙ୍କ ଲେଖନୀ ଚଳଚ ଳ । ହାସ୍ୟ ଓ ବ୍ୟଙ୍ଗର ଚଟୁଳ ପ୍ରୟୋଗରେ ତାଙ୍କର ପ୍ରବନ୍ଧାବଳୀ ଯେତିକି ସୁଖପାଠ୍ୟ, ସେତିକି ପ୍ରେରଣାପ୍ରଦ । ପ୍ରବନ୍ଧ ବ୍ୟତୀତ 'ପ୍ରମାଦ', 'ପତିତାର ଆତ୍ମକଥା', 'ମାୟାବୀ', 'ଚତୁର ଗଦାଧର' ଓ 'ଗୁଇନ୍ଦା ଗଦାଧର', ନାମକ ପା ାଟି ଉପନ୍ୟାସ; 'ଜହର', 'ଗରିବର ପ୍ରେମ', 'ଶିଶୁପାଳ', ଆଦି ନାଟକ ସୃଷ୍ଟି ତାଙ୍କ ସାହିତ୍ୟିକ ପ୍ରତିଭାର ଏକ ଏକ ଉଜ୍ଜ୍ୱଳ ପ୍ରତିଭୂ ।

**ବିଷୟ ପ୍ରବେଶ**

ଓଡ଼ିଶା ସାହିତ୍ୟ ଏକାଡେମୀ କ ୃକ ପ୍ରକାଶିତ 'ଗୋବିନ୍ଦ ତ୍ରିପାଠୀ ପ୍ରବନ୍ଧାବଳୀ' ପୁସ୍ତକରେ ସ୍ଥାନିତ 'ସତ୍ୟମେବ ଜୟତେ' ଏକ ସାର୍ଥକ ରଚନା । ସତ୍ୟମେବ ଜୟତେର ଅର୍ଥ ହେଉଛି ସତ୍ୟର ଜୟ । ଏଇ କଥାର ଦୁହାଇ ଦେଇ ଆଜିର ସଭ୍ୟ ମଣିଷ କିଭଳି ଅସତ୍ୟର ଅନୁସରଣ କରୁଛି, ତାହାର ବ୍ୟଙ୍ଗାତ୍ମକ ଚିତ୍ର ପ୍ରବନ୍ଧଟିରେ ପ୍ରଦାନ କରାଯାଇଛି । ରାଜନୀତି, ଧର୍ମନୀତି ଓ ସମାଜ ନୀତିରେ ପ୍ରଚଳିତ ଏହି ସ୍ଲୋଗାନ ପଛରେ ଥିବା ତଥାକଥିତ ସଭ୍ୟ ମଣିଷର ଅସଭ୍ୟ କାମନା ପ୍ରକଟିତ ହୋଇଛି । ଅତୀତର ଗାତ ମଣିଷ ବା ବଣୁଆ ମଣିଷ ଜୋର ଯାହାର ମୁଲକ ତା'ର ନୀତି ଅନୁସରଣ କରୁଥିଲା; ମାତ୍ର ସଭ୍ୟ ଶିକ୍ଷିତ ମଣିଷ ବୁଦ୍ଧି ଯାହାର ମୁଲକ ତା'ର ନୀତି ଆପଣେଇ ନେଇ ପୂର୍ବବଳି ହିଂସା ଆଚରଣ କରିଚାଲିଛି । ସତ୍ୟର ଛଳନା କରି ମିଥ୍ୟାର ପ୍ରୟୋଗ କରିବା ପାଇଁ ବୁଦ୍ଧି ଓ ଜ୍ଞାନ ମୁଷ୍ଟିମେୟ ମଣିଷଙ୍କୁ ଯୋଗାଇଦେଇଛି ସୁରକ୍ଷିତ ରାସ୍ତା । ଏହି

ଧୂର୍ତ୍ତ ଓ ଶଠ ପଥରେ ସଭ୍ୟ ମଣିଷ ବେଶିଦିନ ଗତି କଲେ ବିଶ୍ୱଯୁଦ୍ଧ ଘଟିବ ବୋଲି ଲେଖକ ଅନୁମାନ କରିଛନ୍ତି । ସତ୍ୟମେବ ଜୟତେ ନାଆଁରେ ଅସତ୍ୟମେବ ଜୟତେର ଅନ୍ତ ଘଟିବା ସର୍ବାଦୌ କାମ୍ୟ ।

**କଠିନ ଶବ୍ଦାର୍ଥ -**

ସତ୍ୟମେବ ଜୟତେ - ସତ୍ୟର ହିଁ ଜୟ ହୁଏ

ପ୍ରକାରାନ୍ତର - ଅନ୍ୟ ପ୍ରକାର

ଆକର୍ଷଣୀ - ଆକର୍ଷଣୀୟ

ଷଡ଼ଇନ୍ଦ୍ରିୟ - ଚକ୍ଷୁ,ନାସା ଜିହ୍ୱା,କର୍ଣ୍ଣ ଓ ଚର୍ମ -ଏହି ପ ଇନ୍ଦ୍ରିୟ ସହିତ 'ମନ'କୁ ଅନ୍ୟତମ ଇନ୍ଦ୍ରିୟ ଭାବରେ ଗ୍ରହଣ କରାଯାଏ ।

ମାରପେ - କପଟ

ସତିଆ - ସତ କହୁଥିବା ଲୋକ

ଇଲେ - ଏବେ

ଚର୍ଚ୍ଚିଲ - ଇଂଲଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରନୀତିଜ୍ଞ ଓ ବିଶିଷ୍ଟ ଲେଖକ

ଧୋବଧାଉଳିଆ - ତଥାକଥିତ ବାବୁ

ଦେଶ୍ ଦିମୋନା - ପ୍ରଖ୍ୟାତ ଇଂରାଜୀ ନାଟ୍ୟକାର ସେକ୍‌ସପିଅରଙ୍କ Othello ନାଟକର ନାୟିକା ଚରିତ୍ର

ଅଥେଲୋ -Othello ନାଟକର ନାୟକ ଚରିତ୍ର

ଧୋବଲି ଠକ - ଭଦ୍ର ଜଣାପଡୁଥିବା ଠକ

ଦାତବ୍ୟ - ଦାନ ଯୋଗ୍ୟ

କୋବଲଉଁଚୁ - ବୁଝାଇବା ପାଇଁ କୌଶଳରେ ନାନା ପ୍ରଶ୍ନ କରୁଚୁ

ଜବରଦସ୍ତି - ବଳପୂର୍ବକ

ଚାପଣି - ଚାପିବା, ଅତ୍ୟାଚାର

ଦବାଣି - ଦବେଇବା

## ନମୁନା ପ୍ରଶ୍ନାବଳୀ

**(କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ପ୍ରଶ୍ନ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ।**

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ )**

୧ ) 'ସତ୍ୟମେବ ଜୟତେ' ପ୍ରକାରାନ୍ତରେ କାହାର ପରାଜୟ ବୁଝିବାକୁ ହେବ ?

(କ)ନ୍ୟାୟ (ଖ) ଧର୍ମ

(ଗ)ସତ୍ୟ (ଘ)ମିଥ୍ୟା

୨ )ତୁମେ ଅଙ୍କ ଶାସ୍ତ୍ର ସହିତ ଅନ୍ୟ କେଉଁ ଶାସ୍ତ୍ରକୁ ମାନ ବୋଲି ପ୍ରାବନ୍ଧିକ କହିଛନ୍ତି ?

(କ) ବିଜ୍ଞାନ ଶାସ୍ତ୍ର (ଖ) ଦର୍ଶନ ଶାସ୍ତ୍ର

(ଗ) ଧର୍ମଶାସ୍ତ୍ର (ଘ) ଭାଷାଶାସ୍ତ୍ର

୩)ବିନୋବାଜୀ କେଉଁଭଳି ଭୂଦାନ ଯାତ୍ରା କରିଥିଲେ ?

(କ) ଘୋଡ଼ାଗାଡ଼ିରେ (ଖ) ଶଗଡ଼ଗାଡ଼ିରେ

(ଗ) ପଦବ୍ରଜରେ (ଘ) ରେଳଗାଡ଼ିରେ

୪ ) ପୃଥିବୀ ବା ମାଟିର ଗୋଟିଏ କେଉଁ ମନ୍ତ୍ର ଅଛି ?

(କ) ସମ୍ମୋହନୀ (ଖ) ଆକର୍ଷଣୀ

(ଗ) ଗୂଢ଼ (ଘ) ଶୂନ୍ୟ

୫ ) କୌଣସି ବିଷୟରେ କିଏ ଏକମତ ନହେଲେ ତାକୁ ସତ ବା ମିଛ କହିହେବନି ?

(କ) ଷଡ଼ ଇନ୍ଦ୍ରିୟ (ଖ) ଷଡ଼ଦର୍ଶନ (ଗ) ଷଡ଼ରିପୁ (ଘ)ଷଡ଼ଭୁଜ

୬ ) ବାସ୍ତବ ଉଦ୍ଦେଶ୍ୟଟା କେଉଁ ଅର୍ଥରେ ବ୍ୟବହୃତ ହୁଏ ବୋଲି ଲେଖକଙ୍କ ମତ ?

(କ) ସ୍ଥୁଳ ସତ୍ୟ (ଖ) ସୂକ୍ଷ୍ମ ସତ୍ୟ

(ଗ) ସ୍ଥୁଳ ମିଥ୍ୟା (ଘ) ସୂକ୍ଷ୍ମ ମିଥ୍ୟା

୭ )ଏବେ ବଣୁଆ ଲୋକ କାହିଁକି ସତ ମାନୁ ନାହାନ୍ତି ?

(କ) ସଂଘବଦ୍ଧ ଦଳ ଯୋଗୁ (ଖ) ପ୍ରଗତି ଓ ସଭ୍ୟତାର ସ୍ପର୍ଶ ଯୋଗୁ

(ଗ) ଅତ୍ୟଧିକ ବଳଯୋଗୁ (ଘ) ଅଧିକ ଟଙ୍କା ଯୋଗୁ

୮ ) ପ୍ରତି କେତେ ଭୋଟରେ ଜଣେ ସଭ୍ୟ ବୋଲି ନିୟମ ହେଲା ?

(କ) ପା (ଖ) ପନ୍ଦର

(ଗ) ଦଶ (ଘ) କୋଡ଼ିଏ

୯ )ଲୋକସଭାରେ କୁହାଯାଉଥିବା ମିଛକୁ କିଏ ଶବ୍ଦିକ ଅଯଥାର୍ଥ ବା ଶବ୍ଦର ବେଢ଼ଙ୍ଗ ବୋଲି କହିଛନ୍ତି ?

(କ) ଇନ୍ଦିରାଗାନ୍ଧୀ (ଖ) ଜବାହାର ଲାଲ୍ ନେହେରୁ

(ଗ) ଚର୍ଚ୍ଚିଲ (ଘ) ମହାତ୍ମାଗାନ୍ଧୀ

୧୦)କୁଇନାଇନ୍ ଉପରେ କ'ଣ ପୁଟ ଦେଇ ତାକୁ ମିଠା ଓଷୁଅ ବୋଲି ପିଲାଙ୍କୁ ଭଣ୍ଡାଯାଏ ?

(କ) ଚିନି (ଖ) ଗୁଡ଼

(ଗ) ନବାତ (ଘ) ଶାକର

୧୧) 'ମାବୃୟାତ ସତ୍ୟମପ୍ରିୟମ' ବୋଲି କିଏ କହିଛନ୍ତି ?

(କ) ଗୁରୁଜନମାନେ (ଖ) ଦେବତାମାନେ

(ଗ) ପଣ୍ଡିତମାନେ (ଘ) ମୁନି ଋଷିମାନେ

୧୨)ସରକାର ପାଖରେ କେଉଁ ପ୍ରକାର ଲୋକ ଅଧିକ ବୋଲି ଲେଖକ ଯୁକ୍ତି କହିଛନ୍ତ ?

(କ) ପାଟି କରିବା (ଖ) ମାଡ଼ ମାରିବା

(ଗ) ଭୋଟ ଦେବା (ଘ) ଲେଖାଲେଖି କରିବା

୧୩ ) ଶୋରିଷଟାକୁ କ'ଣ ପ୍ରମାଣ କରି ଲୋକଙ୍କର ଶ୍ରଦ୍ଧା ସୃଷ୍ଟି କରାଯାଏ ।

(କ) ଆତ (ଖ) ଫୁଟବଲ

(ଗ) ପର୍ବତ (ଘ) ବନ୍ଧ

୧୪ )ତୁମର କଥାରେ ସହି ମାରିଦେଲେ । ଏଠାରେ 'ସହି' ମାନେ କ'ଣ ?

(କ) ଶୁଣିବା (ଖ) ହଁ

(ଗ) ନାହିଁ (ଘ) ନଶୁଣିବା

୧୫ – ପୁଞ୍ଜିଭୂତ ଅଶାନ୍ତି ଓ ଅସନ୍ତୋଷରୁ କ'ଣ ହେବ ବୋଲି ଲେଖକ ଆଶଙ୍କା କରିଛନ୍ତି ?

(କ) ମାଡ଼ପିଟ୍ (ଖ) ହଟ୍ଟଗୋଳ

(ଗ) ବିଶ୍ୱଯୁଦ୍ଧ (ଘ) ଗୃହଯୁଦ୍ଧ

**(ଖ) କ୍ଷୁଦ୍ର ଉ  ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ  ର ଲେଖ ।**

୧) ଆମର ରାଜନୀତି, ଧର୍ମନୀତି ଓ ଅନ୍ୟ କେଉଁ ନୀତିରେ 'ସତ୍ୟମେବ ଜୟତେ' କଥାଟିର ପ୍ରବଳ ବିଜୟ ?

୨) ପୃଥିବୀର ଆକର୍ଷଣୀ ଶକ୍ତି ଯୋଗୁ କ'ଣ ହେଉଛି ?

୩) ବୁଦ୍ଧିର ମାରପେ  ଦ୍ୱାରା କ'ଣ ହୁଏ ?

୪) ଆଗେ ବଣୁଆ ଲୋକ କାହାକୁ ହାଣି ଦେଲେ କ'ଣ କରୁଥିଲା ?

୫) ବିରୋଧି ଦଳ ରାସ୍ତାରେ ପାଟି ତୁଣ୍ଡ କରିଲେ ସରକାର କ'ଣ କରନ୍ତି ?

୬) ଆଗେ ଗାତ ମଣିଷଗୁଡ଼ାକ କେଉଁ ନୀତି ଧରି ଚାଲୁଥିଲେ ?

୭) କେଉଁ ପ୍ରଣାଳୀରେ ଭଲ ମନ୍ଦ ପରୀକ୍ଷା କରି ଲୋକଙ୍କ ଆଗରେ ଥୁଆଯାଇଛି ?

୮) ଗୋରୀ ଡେସ ଡିମୋନା କାହାର ଦେଶ ଦେଶାନ୍ତର କଥାରେ ଭୁଲି ନିଜକୁ ସମର୍ପି ଦେଲା ?

୯) କେବଳ ଶରୀର ହିଂସା ହିଂସା ହୁଏନି, କଥା ଓ ଭାବନାର ହିଂସା ମଧ୍ୟ ହିଂସା - ଏହା କିଏ କହିଥିଲେ ?

୧୦) ବୁଦ୍ଧି ଓ ମନର ଜୋର୍ ମଧ୍ୟରୁ କାହାର ଜୋର୍ ଅଧିକ ?

**(ଗ) କ୍ଷୁଦ୍ର ଉ  ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ  ର ଲେଖ ।**

**(ଲେଖା ଓ ଲେଖକଙ୍କ ସୂଚନା ପାଇଁ ୧ ନମ୍ବର ଓ ଉ  ର ପାଇଁ ୧ ନମ୍ବର )**

୧) ଗୋବିନ୍ଦ ତ୍ରିପାଠୀ କି ପ୍ରକାର ପ୍ରବନ୍ଧ ଲେଖନ୍ତି ଓ ତାଙ୍କର ଦୁଇଟି ଜନପ୍ରିୟ ପ୍ରବନ୍ଧର ନାମ କ'ଣ ?

୨) ମହାତ୍ମା ଗାନ୍ଧୀ ଚାଲି ଚାଲି ଉତ୍କଳ ଯାତ୍ରା କରିଥିବା କଥା ଅସମ୍ଭବ ଓ ଅସତ୍ୟ ବୋଲି ଲେଖକ କାହିଁକି କହିଛନ୍ତି ?

୩) ପୃଥିବୀ ଉପରେ ପଡ଼ିବା ଜିନିଷର ମଧ ଗୋଟାଏ ଆକର୍ଷଣୀ ଶକ୍ତି ଅଛି - ଏହାର ଅର୍ଥ କ'ଣ ?

୪) ଗୋଡ଼ ମାଟି ଭିତରେ ପଶିଯାଇଥାନ୍ତା କାହିଁକି ?

୫) କେଉଁଠି 'ବାସ୍ତବ ଉଦ୍ଦେଶ୍ୟ' ପ୍ରସଙ୍ଗ ଆସିଥାଏ ?

୬) ପାଟି କରିବା ଲୋକ ବେଶୀ କାହା ହାତରେ ?

୭) ଧୋବଲି ଠକ କହିଲେ କ'ଣ ବୁଝ ?

୮) ଚାପଣି ଓ ଦବାଣି ରହିଲେ ଲୋକଙ୍କ ମନ ଓ ହୃଦୟରେ କ'ଣ ହେବ ?

**(ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର )**

୧) ଅଙ୍କଶାସ୍ତ୍ର ଓ ବିଜ୍ଞାନ ଶାସ୍ତ୍ର ବଳରେ କିପରି ପ୍ରମାଣ କରାଯିବ ଯେ ଚାଲିକରି ଯାଉଥିବା ଲୋକର ପାଦ ତଳେ ଲାଗେ ନାହିଁ ?

୨) ମାଟିର ଶକ୍ତି ଓ ଚାଲିବା ଲୋକ ପାଦର ଶକ୍ତି ମିଳନ ସ୍ଥଳ ଶୂନ୍ୟ କ୍ଷେତ୍ରରେ କିପରି ଭାସିଯାଏ ?

୩) 'ବାସ୍ତବ ଉଦ୍ଦେଶ୍ୟ ଯେତେ ପାପ କରେ ଆଉ କେହି କରେନି'ର ତାତ୍ପର୍ଯ୍ୟ ବୁଝାଇ ଦିଅ ।

୪) ବଣୁଆ ଲୋକ କାହିଁକି ଓକିଲ ମୁକ୍ତାର ନିଯୋଜନ କରିବ ?

୫) ଏତେ ଜଖମ ହୋଇ ନାହାନ୍ତି ବୋଲି କିଏ କାହିଁକି ସଫେଇ ଦିଏ ?

୬) ରାଜନୀତିରେ 'ମୌନେ ସମ୍ମତି ଲକ୍ଷଣ' ନୀତି କିପରି ଗୃହୀତ ହୁଏ ?

୭) ମଣିଷର ଗତି ଗୋଲାକାର ବୋଲି କାହିଁକି କୁହାଯାଇଛି ?

୮) ଲେଖକ ନିଜ ପିଠିରେ ବାଘ ଛାଲଟା ସଜାଡ଼ି ନିଏ ବୋଲି କାହିଁକି କହିଛନ୍ତି ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) ସତ୍ୟମେବ ଜୟତେ ଏକ ବ୍ୟଙ୍ଗାତ୍ମକ ରଚନା - ପ୍ରମାଣ କର ।

୨) ଗାତ ମଣିଷ ବା ବଣୁଆ ମଣିଷଠାରୁ ସଭ୍ୟ ମଣିଷ କୌଣସି ଦିଗରୁ କମ ନୁହେଁ- ଏହା ବୁଝାଇ ଦିଅ ।

୩) ରାଜନୀତି କ୍ଷେତ୍ରରେ ସତ୍ୟମେବ ଜୟତେକୁ କିପରି କଟାକ୍ଷ କରାଯାଇଛି, ଆଲୋଚନା କର ।

୪) ସତ୍ୟମେବ ଜୟତେ - ନା ଅସତ୍ୟମେବ ଜୟତେ ? ଲେଖକଙ୍କର ଏପରି ଦ୍ୱନ୍ଦ୍ୱର ହେତୁ ଦର୍ଶାଅ ।

୫) ବୁଦ୍ଧିର ଜୋର ଓ ମନର ଜୋର ବଳବ ର ରହିଲେ ବିଶ୍ୱଯୁଦ୍ଧ ହେବ ବୋଲି ଲେଖକ କାହିଁକି କହିଛନ୍ତି ?

***

# ସମାନତା : ସ୍ୱାଧୀନତା : ଭ୍ରାତୃତ୍ୱ

**ଚି ରଂଜନ ଦାସ**

ଏହି ତିନୋଟିଯାକ ଶବ୍ଦ କେବଳ ଆମ ଭାଷାରେ ଥିବା ତିନୋଟି ଶବ୍ଦମାତ୍ର ନୁହନ୍ତି, ଏମାନେ ପୃଥିବୀସାରା ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ତିନୋଟି ବିଶେଷ ଅର୍ଥକୁ ବହନ କରୁଥିବା ତିନୋଟି ଶବ୍ଦ । ଦୁଇଶହ ବର୍ଷତଳେ ମନୁଷ୍ୟର ଭାଗ୍ୟ ଇତିହାସକୁ ଏକ ବିଶେଷ ବେଗ ତଥା ଉଦ୍‌ବେଳନ ଆଣି ଦେଇଥିବା ତିନୋଟି ଶବ୍ଦ । ସମୀକ୍ଷକମାନେ କହନ୍ତି, ଏହି ତିନୋଟିଯାକ ଶବ୍ଦ ଫରାସୀ ବିପ୍ଳବର ପତାକାରେ ଏକ ବିଶେଷ ସ୍ୱପ୍ନର ତାତ୍ପର୍ଯ୍ୟଗୁଡ଼ିକୁ ପ୍ରତିଫଳିତ କରି ସମଗ୍ର ବିଶ୍ୱଚି  କୁ କେତେ ନା କେତେ ଆତ୍ମବଳ ଆଣି ଦେଇଥିଲେ ଏବଂ ସଂଘଶକ୍ତି ଦ୍ୱାରା ଯେ ନିୟତିଗୁଡ଼ିକୁ ଭବିଷ୍ୟ ନିମନ୍ତେ ଏକ ଅନ୍ୟ ମୋଡ଼ ଦେଇ ହେବ, ସେହି ବିଶ୍ୱାସଟିର ପ୍ରତିଷ୍ଠା କରାଇଥିଲେ । ସେହି ବିଶ୍ୱାସର ପ୍ରତିଷ୍ଠାକୁ ଈପ୍‌ସିତରୂପେ ଗ୍ରହଣ କରି ଚାଲିଥିବା ସେହି ଯେଉଁ ଯୁଦ୍ଧ ଏବଂ ତାହାର ଆନୁଷଙ୍ଗିକ ଆଉ ଯାବତୀୟ କ୍ରିୟାଶୀଳତା, – ତାହା ଏବେ ମଧ୍ୟ ସରିନାହିଁ । ଅତ୍ୟନ୍ତ ସୁନିଶ୍ଚିତ ଯେ, ତାହା କେବେହେଲେ ସରିବ ନାହିଁ । ପୃଥିବୀଯାକ ମଣିଷଙ୍କର ଆଲୋକ ପିପାସାକୁ ନୂଆ ନୂଆ ସ  ାରପଥ ଯୋଗାଇ ଦେଉଥିବ, ଉଦୟପଥ ଗୁଡ଼ିକର ଉଦ୍‌ଘାଟନ କରାଇବାରେ ଲାଗିଥିବ ।

ମୂଳ ଫରାସୀ ସ୍ଲୋଗାନ୍‌ଟି ଅନୁସାରେ ସେଥିରେ ସବା ପ୍ରଥମେ ହେଉଛି ସ୍ୱାଧୀନତା, liberty, ଫରାସୀ ବିପ୍ଳବକାଳୀନ ଅର୍ଥସନ୍ଦର୍ଭରେ ଶାସନତନ୍ତ୍ରରେ ପରିବ ର୍ନ । ରାଜତନ୍ତ୍ରରୁ ଗଣତନ୍ତ୍ର ବା ଲୋକତନ୍ତ୍ର । ଏକଦା ତ ବିଶ୍ୱାସ କରାଇ ଦିଆ ଯାଉଥିଲା ଯେ, ସ୍ୱୟଂ ପରମେଶ୍ୱରଙ୍କର ବରାଦ ଅନୁସାରେ ହିଁ ପ୍ରଜାପାଳନର ପ୍ରୟୋଜନ ହେତୁ ପୃଥିବୀରେ ରାଜାମାନେ ରହିଛନ୍ତି । ବିଭିନ୍ନ ଶାସନମାର୍ଗର ବ୍ୟାଖ୍ୟାକାରୀମାନେ ଅତୀତର ସେହି ସୁବର୍ଣ୍ଣଯୁଗମାନଙ୍କରେ ମନୁଷ୍ୟବର୍ଗଙ୍କର ଶାସନ ବିଷୟରେ କେତେ ନା କେତେ

ବୁଦ୍ଧିଘୋର ଚିନ୍ତାମାନ କରି ଯାଇଛନ୍ତି ତଥା ମ ର୍ ୍ୟମଣ୍ଡଳରେ କେତେ କେତେ ସ୍ୱର୍ଗରାଜ୍ୟର ନକ୍ସାମାନ ଆଙ୍କି ପକାଇଛନ୍ତି ସିନା, ମାତ୍ର ସାଧାରଣ ମଣିଷଗୁଡ଼ାକ ଯେ ଦିନେ କୌଣସି କାଳରେ ଆପେ ନିଜର ଶାସନ କରିପାରିବେ,ସେମାନେ ତାହାର କଳ୍ପନା ମଧ୍ୟ କରିପାରିନଥିବେ । ରାଜନ୍ୟମାନେ ମଧ୍ୟ କ'ଣ ପାଇଁ ଜାଣି ଜାଣି ନିର୍ବୋଧ ହୋଇ ତେଣେ ଚିନ୍ତା କରିଥାଆନ୍ତେ ! ତଥାପି ଏକତନ୍ତ୍ର ଚଳିଯାଇପାରିଲା । ଏହି ପୃଥିବୀନାମକ ବାସ୍ତବାନୁଭବର କ୍ଷେତ୍ରଗୁଡ଼ିକ ହିଁ ସତେଅବା କେତେ କେତେ ସଂଘାତର ମାଧ୍ୟମରେ ବହୁପରୀକ୍ଷା ତଥା ପ୍ରତ୍ୟାଖ୍ୟାନ ଦ୍ୱାରା ହିଁ କ୍ରମପୋଖତ ହେଲେ । ତାହାରି ଆବଡ଼ାଖାବଡ଼ା କାହାଣୀଟି ହେଉଛି ରାଜତନ୍ତ୍ରରୁ ଜନରାଜ୍ୟତନ୍ତ୍ର ଯାଏ ଆମର ଏହି ପୃଥିବୀଟିକୁ ଅଗ୍ରସର କରାଇ ନେବାର କାହାଣୀ,ମୁଖ୍ୟତଃ ରାଜନୈତିକ କାହାଣୀ– ସ ।ବଦଳର କାହାଣୀ । ତଥାପି ଏହି ଏକବିଂଶ ଶତାବ୍ଦୀରେ ମଧ୍ୟ ପୃଥିବୀରେ ରାଜା ରହିଛନ୍ତି, ଅବଶ୍ୟ ଯେଉଁ ସବୁ ଦେଶରେ ସେମାନେ ରହିଛନ୍ତି ଅଧିକତାର ଦୃଷ୍ଟାନ୍ତରେ ସେମାନେ ଲୋକସଂବିଧାନର ସେହି ସଦୃଶ ଏକ ବରାଦ ଅନୁସାରେ ରହିଛନ୍ତି; ସଂଗ୍ରହାଳୟରେ ଗୋଟିଏ ସ୍ମାରକପ୍ରାୟ ହୋଇ ରହିଛନ୍ତି । ପ୍ରଜାମାନଙ୍କର ପ୍ରୀତ୍ୟର୍ଥେ ରହିଛନ୍ତି । ପ୍ରଜାମାନେହିଁ ନିଷ୍ପ ି କରୁଛନ୍ତି, ରାଜା ସେଥିରେ ସ୍ୱାକ୍ଷର କରୁଛନ୍ତି, କିନ୍ତୁ ସେହି ସମୟର ରାଜତନ୍ତ୍ର କେତେଟା ଥାନରେ ତଥାପି ରହିଛି । ନଅର ରହିଛି । ପ୍ରଜାମାନଙ୍କର ସମ୍ମତିକ୍ଷେତ୍ରରେ ନଅରଟା ପାଇଁ ହୁଏତ ମୋଟେ କୌଣସି ସ୍ଥାନ ନାହିଁ, ତଥାପି କେଉଁଠି ଅସଲ ପରିବ ର୍ନକାମୀ ଇଚ୍ଛାଗୁଡ଼ିକୁ ଗୋଡ଼ହାତ ଛନ୍ଦି ରଖିଦିଆ ଯାଇଛି ହୁଏତ, ତେଣୁ ରାତି ପାଉନାହିଁ, କାଳ ଅପେକ୍ଷା କରିଛି ।

ରାଜନୀତି କେବଳ ରାଜନୀତି ହୋଇ କେଉଁ କାଳେ ମଧ୍ୟ ନଥିଲା । ରାଜତନ୍ତ୍ର ଥିଲା, କାରଣ ରାଜାର ସ୍ୱାର୍ଥ ଅନୁସାରେ ହିଁ ଶାସନ ଚଳୁଥିଲା । ନ୍ୟସ୍ତସ୍ୱାର୍ଥଗୁଡ଼ିକ ବାଟ ଓଗାଳି ବସିଥିଲେ । ଏବଂ, ତାହାରି ବିରୋଧରେ ବହୁଜନ-ପକ୍ଷର ଉଦୟବାସନାମାନ ଜମାଟ ବାନ୍ଧି ସମାନତା ନାମକ ଦ୍ୱିତୀୟ ସତ୍ୟଟି ନିମନ୍ତେ ଥାନ ତିଆରି କରି ଆଣିଥିଲେ ।

ଆଗ ଭାଗ୍ୟବାଦୀ ଜର୍ଜରତାଗୁଡ଼ିକରୁ ମୁକୁଳି ଆସିବାର ସାମୂହିକ ଇଚ୍ଛାମାନେ ହିମ୍ମତ ପାଇବାରୁ ହିଁ ସମାନତା ଲାଗି ବଳ ଏବଂ ସାହସଗୁଡ଼ିକ ସଂଗଠିତ ହୋଇ ଆସି ପାରିଲେ । ମଣିଷ ମଣିଷ ଭିତରେ ବହୁ ସାଦୃଶ୍ୟ ରହିଛି ସିନା, ମାତ୍ର ପାର୍ଥକ୍ୟ ତଥାପି ରହିଛି ଏବଂ, ସେହି ପାର୍ଥକ୍ୟଗୁଡ଼ିକୁ ଯଥୋଚିତ ସ୍ୱୀକୃତି ଦେଇ ମନୁଷ୍ୟମାନଙ୍କର ସମୂହନାମକ ସଂସ୍ଥାନଟିକୁ ଗଢ଼ି ଆଣିବା, – ତାହାହିଁ ସୁସ୍ଥତା, ତାହା ହିଁ ସର୍ବୋ ମ । ଗୁଣର ଆଦର ହେବ, ପ୍ରତିଭାର ଆଦର ହେବ, – ଗୁଣବିକାଶ ତଥା ପ୍ରତିଭାର ପରିପ୍ରକାଶ-ପଥରେ କୌଣସି ବାଧା ମନୁଷ୍ୟମାନଙ୍କୁ ତୁଚ୍ଛା ଅନ୍ୟ ସମସ୍ତଙ୍କ ଭଳି ନକଲଟାଏ ହୋଇ ରହିବାଲାଗି ଆଦୌ ବାଧ୍ୟ କରିବନାହିଁ, କିନ୍ତୁ ସ୍ୱକୀୟ ବିଶେଷ ଉ ମତାଗୁଡ଼ିକୁ ସାକାର ହୋଇ ଆସିବା ନିମନ୍ତେ ଅପରିହାର୍ଯ୍ୟ ସର୍ବମୂଳ ଭି ଭୂମି ରୂପେ ପ୍ରତ୍ୟେକ ମନୁଷ୍ୟ ନିମନ୍ତେ ଅନ୍ତତଃ ସର୍ବନିମ୍ନ ସୁଯୋଗମାନେ ଅବଶ୍ୟ ଥିବେ । ଅଳପଙ୍କୁ ଅଧିକ ସମର୍ଥ କରାଇବା ସକାଶେ ବାକୀ ମନୁଷ୍ୟମାନଙ୍କୁ ବହୁ ଦୁର୍ବୁଦ୍ଧିର ଫିସାଦ କରି ବ ତ କରି କଦାପି ରଖା ଯିବନାହିଁ । ଏବଂ ସେଇଥିପାଇଁ ସମାନତା ନାମକ ଏହି ଦ୍ୱିତୀୟ ଆସ୍ପୃହାଟିର ଆବିର୍ଭାବ ହୋଇଛି । ଅସମାନମାନଙ୍କର ପ୍ରତିଦ୍ୱନ୍ଦିତା, – ତାହା ପ୍ରକୃତରେ ସବୁ ମଣିଷଙ୍କର ଘର ବୋଲି ପରିଚିତ ଏହି ପୃଥିବୀର ଗୋଟିଏ ଅତ୍ୟନ୍ତ ନିନ୍ଦନୀୟ ବ୍ୟାଧି, ଯାହାକୁ କି ପ୍ରାୟ ଅଳପ ମଣିଷ ପ୍ରାୟ ଜାଣିଶୁଣି ସବୁକିଛିକୁ ଆପେ ଭୋଗ କରିବେ ବୋଲି ପ୍ରଶ୍ରୟ ଦେଇ ଆସିଛନ୍ତି । ଏହି ଅନ୍ୟାୟଟିକୁ ଯଥାସମ୍ଭବ ଅଧିକ ଚିରଞ୍ଜୀବୀ କରାଇ ରଖିବେ ବୋଲି ଧର୍ମକୁ ମଧ୍ୟ ପ୍ରଶ୍ରୟ ଦିଆଯାଇଛି । ପୃଥ୍ୱୀନାମକ ଆମର ଏହି ମନୁଷ୍ୟ – ମହାଖଣ୍ଡକୁ ଅତ୍ୟନ୍ତ ନିର୍ମମ ଭାବରେ ବିବେକହୀନ କରି ରଖାଯାଇଛି । ନୀତିକ୍ଷେତ୍ରର ମାନବ ସଂହତିଗୁଡ଼ିକୁ ମସ୍ତ ମସ୍ତ ଫାଙ୍କି ଦିଆଯାଇଛି ।

ଖାଲି ରାଜନୀତି ବୋଲି ପ୍ରକୃତରେ କିଛି ନାହିଁ ଏବଂ ଖାଲି ଅର୍ଥନୀତି ପଛରେ ମଧ୍ୟ ସେହିପରି କିଛିହେଲେ ନାହିଁ । ରାଜନୀତି ପଛରେ ଅର୍ଥନୀତି ଓ ଅର୍ଥନୀତି ପଛରେ ରାଜନୀତି ଯୋଡ଼ା ହୋଇ ରହିଛନ୍ତି । ପୁନଶ୍ଚ,ବହୁବିଧ ଅସମାନତା ତଥା ଉପେକ୍ଷାକୁ

ସାମୂହିକ ଜୀବନ-କାରବାରମାନଙ୍କରେ ମୁଖ୍ୟ ମୀମାଂସକ ରୂପେ ଯୋଡ଼ି ରଖିଥିବା ସ୍ୱାର୍ଥୀ ପକ୍ଷଟି ସର୍ବଦା କ୍ଷମତାଗୁଡ଼ିକୁ ଦଖଲ କରି ରହି ଏହି ଉଭୟଙ୍କୁହିଁ ମୁଖ୍ୟତଃ ଆପଣାର ବିଶେଷ ସ୍ୱାର୍ଥଗୁଡ଼ିକର ସାଧନରେ ବ୍ୟବହାର କରିଛନ୍ତି । ତେଣୁ, ପୃଥିବୀରେ ଶାସନସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଉଥିଲେ ମଧ୍ୟ ତଥାପି ପୁରୁଣା ସ୍ୱାର୍ଥମାନେ ପୂର୍ବପରି ଜାରି ହୋଇ ରହୁଛନ୍ତି । ଏକ ସାମନ୍ତବାଦ ହିଁ ସର୍ବଜନଙ୍କର ନାନାଭାବେ ଆଲୋକନ ମଧ୍ୟକୁ ପ୍ରବେଶ କରିବାର ସମ୍ଭାବନାକୁ ରୋକି କରି ଛିଡ଼ା ହୋଇଛି । ଏହି କୌଶଳଟି ବ ର୍ମାନ ମଧ୍ୟ କମ୍ ପରାକ୍ରମ ସହିତ ଆପଣାକୁ ନିୟାମକ କରି ରଖିଛି ? ଉପଲବ୍ଧ ସୁଯୋଗମାନେ ଅଧିକ ସଂଖ୍ୟକ ମନୁଷ୍ୟଙ୍କ ନିମି ସପନ ହୋଇ ରହିଛି । ଅଶିକ୍ଷା, ଦାରିଦ୍ର୍ୟ, ରୋଗ, ନିତିଦିନର ସ୍ୱାଭାବିକ ଶୈଳୀପ୍ରାୟ ହୋଇ କୋଟି କୋଟି ମନୁଷ୍ୟଙ୍କର ଭାଗ୍ୟକୁ କାମୁଡ଼ି ଧରିଛି । ଅନଟନ ଅବିଚ୍ଛିନ୍ନ ରହିଛି । ପ୍ରକୃତିର ପ୍ରକୋପଗୁଡ଼ିକ ପାଖରେ ସେମାନେ ନିତାନ୍ତ ଅସହାୟ ହୋଇ ରହିଛନ୍ତି । ବିଜ୍ଞାନ ପ୍ରଧାନତଃ ଅଳପ ବର୍ଗଟିରେ ଗେହ୍ଲା ହୋଇ ଏକ ରମଣସାମଗ୍ରୀରେ ପରିଣତ ହୋଇଛି । ଅର୍ଥାତ୍ ବିଜ୍ଞାନକୁ ଅସଲ ଅଗ୍ରାଧିକାରଗୁଡ଼ିକର କ୍ଷେତ୍ରରୁ ବହୁ ଦୂର କରି ରଖାଯାଇଛି । ଏବଂ ଶାସନଟା ନିତାନ୍ତ ଉଦାସୀନ ସାମନ୍ତମାନଙ୍କ ଦ୍ୱାରା ପ୍ରଧାନତଃ ଏକ ସାମନ୍ତବାଦୀ ସ୍ୱାର୍ଥସାଧନରେ ପରିଚାରକ ହୋଇ ରହିଛି । ନିର୍ବାଚନମାନ ହୁଏତ ଖୁବ୍ ଜାକଜମକରେ ହେଉଛି, ମାତ୍ର ସାମୂହିକ ନିମ୍ନତମ ରାଷ୍ଟ୍ରୀୟ ବିଧାନଗୁଡ଼ିକରେ ମଧ୍ୟ ତଳେ ରହିଥିବା ବହୁତଜନ କାର୍ଯ୍ୟତଃ କୌଣସି ଭରସା ରଖି ପାରୁନାହାନ୍ତି । ଉପରର ଥୋକେମାତ୍ର ଧୋବ ମଣିଷ ଏପରି କୁଶିକ୍ଷା ଗୁଡ଼ିକ ଦ୍ୱାରା ସିଦ୍ଧ ବୀରବତ୍ ଆପଣାକୁ ସଚଳ କରି ରଖିଛନ୍ତି, ସେମାନେ ଯେଉଁ ଲୋକଭୂମିଟି ଦ୍ୱାରା ନିଯୁକ୍ତ ହୋଇଛନ୍ତି ଓ ଯାହାର ପଇସାରୁ ଉଚ୍ଚ ବେତନମାନ ପାଉଛନ୍ତି, ସେହି ଭୂମିଟି ଠାରୁ ନାନାବିଧ ଦୂରତା ସୃଷ୍ଟି କରି ରହିଛନ୍ତି । ସତେଅବା ଏକ ନବ୍ୟ ଉପନିବେଶବାଦୀ ଆଦିମତାକୁ ଦୋରସ୍ତ କରି ରଖିବାରେ ବ୍ରତୀ ହୋଇ ଲାଗି ଯାଇଛନ୍ତି । ଏହିଭଳି

କେତେଟା ତଥାକଥିତ ଗଣତନ୍ତ୍ରର ଛା ରେ ଏକନାୟକତ୍ୱଟା ମଧ୍ୟ ପ୍ରଶ୍ରୟ ପାଇପାରୁଛି, ସେନାଟା ହିଁ ପ୍ରାୟ ସର୍ବନିୟନ୍ତା ହୋଇ ରହିଛି ।

ଫରାସୀ ବିପ୍ଳବର ପ୍ରଥମ କାଳରେ ସଂଗ୍ରାମୀମାନଙ୍କର ସମ୍ମୁଖରେ ଏକ ସର୍ବମାନବିକ ସାହସୀ ବିଶ୍ୱଚିତ୍ରଟିଏ ରହିଥିଲା । ପ୍ରାଥମିକ ସଫଳତାଗୁଡ଼ିକୁ ହାସଲ କରିବା ପରେ ବିପ୍ଳବୀ ବୃହତ୍‌ନେତାମାନେ ବହୁ ଖାସ୍ ସ୍ୱାର୍ଥବାସନା ଦ୍ୱାରା ବିଭାଜିତ ହୋଇ କ୍ରମେ ସତେଅବା ସ୍ଥବିର ହୋଇ ଆସିଥିଲେ ଓ ଉକ୍ତ ଚିତ୍ରଟିକୁ ଆଉ ଆଗଭଳି ଦେଖି ପାରିଲେନାହିଁ । ବିପ୍ଳବୀମାନେ ତେଣିକି ପ୍ରତିକ୍ରିୟାଶୀଳ ହେଲେ, ନିଜ ଭିତରେ ନିତାନ୍ତ ଅବାନ୍ତର ଭାବରେ ବିଭାଜିତ ହେଲେ ଓ ରକ୍ତମୁଖା ହୋଇ ପଡ଼ିଥିବାରୁ ଅପର ପକ୍ଷବାଦୀମାନେ ନିର୍ମୂଳ ହୋଇ ନଯିବା ପର୍ଯ୍ୟନ୍ତ ମୁଁ ତିଷ୍ଠିରହିବା ଆଦୌ ସମ୍ଭବ ହେବନାହିଁ ବୋଲି ଗୋଟାସୁଦ୍ଧା ବୁଝି ଯାଇଥିବା ପରି ପରସ୍ପରକୁ ହତ୍ୟା ହିଁ କଲେ । ଏହିଭଳି ଏକ ଲଙ୍ଗଳା ନିର୍ମୂଳିକରଣରୁ ପ୍ରକ୍ରିୟାର ଅବଶେଷରେ ଯେଉଁମାନେ କ୍ଷମତାରେ ରହିଲେ, ସେମାନଙ୍କର ଆଉ ମୂଳ ଅଭୀଷ୍ଟଟିଏ ପୂରଣ ନିମନ୍ତେ ବଳ ବି ନଥିଲା ଏବଂ ଲୋକପ୍ରତ୍ୟାଶା ଗୁଡ଼ିକୁ ଠକିବା ନିମନ୍ତେ ସେମାନେ ତେଣିକି ଜାତୀୟତାବାଦ କଥା କହିଲେ, – ଲୋକମାନଙ୍କୁ ବେଶ୍ ଅନ୍ୟମନସ୍କ କରିଦେଇ ପାରିଥିଲେ । ଏକ ସମାନ୍ତର ଦୃଷ୍ଟାନ୍ତ ଆମକୁ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଏକ ନୂତନ ସମସମାଜ ଗଢ଼ିବା ଲାଗି ବ୍ରତ ନେଇଥିବା ରୁଷିଆରେ କମୁନିଷ୍ଟମାନଙ୍କ ଶାସନରୁ ମଧ୍ୟ ମିଳିଯାଉଛି । ନିଜର ସାହସ ତଥା ସଂକଳ୍ପଗୁଡ଼ିକରେ କେଡ଼େ କେଡ଼େ ଡେଣାମାନ ଲଗାଇ ସେଠାରେ ସିଂହାସନରେ ଆସି ବସିଥିବା ବିପ୍ଳବୀ ଦଳଟି ସର୍ବହରାର ସାର୍ବଭୌମତ୍ୱ ପ୍ରତିଷ୍ଠା କରିବାର ଉଦ୍ୟମଟିଏ ଆରମ୍ଭ କରୁ କରୁ ଅଚିରେ କେଉଁଠାରେ କ'ଣ ବାଉଳା ହୋଇଗଲା କେଜାଣି, ବିଚରା ରାଷ୍ଟ୍ରଟା କ୍ଷମତାସୀନ ଦଳଟା ନିମନ୍ତେ ହିଁ ଏକ ଏକନାୟକତ୍ୱକୁ ଦୋରସ୍ତ କରିବାର ମିହନ୍ତରେ ଲାଗି ଯାଇଥିଲା, ବହୁବିଧ ତ୍ରାସର ପ୍ରଶ୍ରୟ ବି ନେବାକୁ ଲାଗିଲା । ସମାଜବାଦର ଥାପନା ପାଇଁ ସତେଅବା ଗୋଟାପଣେ

ଅଯୋଗ୍ୟ ହୋଇଗଲା । ସେତେବେଳେ ସେଠାରେ ମଧ୍ୟ ଜାତୀୟତାବାଦକୁ ଆଶ୍ରୟ କରାଗଲା; ସମଗ୍ର ଜଗତରୁ ଶୋଷଣ ତଥା ଆନୁଷଙ୍ଗିକ ଯାବତୀୟ ଅସମାନତାକୁ ଦୂର କରିବାର ନିଜର ସେହି ପ୍ରଥମ ଲକ୍ଷ୍ୟଟିକୁ ଗୌଣ କରିଦେଇ ରୁଷିଆକୁ ଏକ ଶକ୍ତିଶାଳୀ ମହାନ୍ ଦେଶରୂପେ ଗଢ଼ିବା ଲାଗି ମନ ଦେଲା । ସମାଜବାଦର ସଖୀନାଚଟାର ଖୁବ୍ ପ୍ରଦର୍ଶନ କରି ପୃଥିବୀଯାକର ବାମପନ୍ଥୀ ଆସ୍ଥାହାଚୟକୁ ଖୁବ୍ ଭୁଡାଇ ରଖିଥିଲା । ସ୍ୱୟଂ ଭୁଶୁଡ଼ି ପଡ଼ିଲା ବେଳକୁ ଯାଇ ସତକଥାଟି ଧରା ପଡ଼ି ଯାଇଥିଲା ।

ଅର୍ଥାତ୍, ସେହି ଅସଲ ନିଷ୍କର୍ଷଟି ହେଉଛି ଯେ, ସମାନତା ନାମକ ସେହି ଦ୍ୱିତୀୟ ଲକ୍ଷ୍ୟଟି ରାଜନୀତିକ ସ୍ୱାଧୀନତା ହାସଲ କରିବା ସହିତ ଆଦୌ ଛାଏଁ ଛାଏଁ ହାସଲ ହୋଇ ଯାଏନାହିଁ । ସେଥିପାଇଁ ମଧ୍ୟ ଏକ ଅନୁରୂପ ପୂର୍ଣ୍ଣସଚେତନ ନେତୃତ୍ୱ ଆବଶ୍ୟକ ହୁଏ । ଭାରତବର୍ଷର ସମ୍ବିଧାନରେ ବି ତ ସମାଜବାଦକୁ ଲକ୍ଷ୍ୟରୂପେ ଗ୍ରହଣ କରା ଯାଇଥିଲା । ଗଣତନ୍ତ୍ର ମାଧ୍ୟମ ହେବ ଏବଂ ସମାଜବାଦୀ ଲୋକନ୍ୟାୟଟି ହାତରେ ଯାବତୀୟ ମୀମାଂସାର ରଜ୍ଜୁଗୁଡ଼ିକୁ ଧରାଇ ଦିଆଯିବ । ସେଥିପାଇଁ ଆବଶ୍ୟକ ସଂହତିଗୁଡ଼ିକୁ ନିର୍ମାଣ କରି ଆଣିବାରେ ହିଁ ସବାଆଗ ଧ୍ୟାନ ରହିଥିବ । ଏଠାରେ ମଧ୍ୟ ନେତୃତ୍ୱଟା ବାଉଳା ହୋଇଗଲା । ଏବେ ତ ଆଉ ସମାଜବାଦ ଅଥବା ସାର୍ବଜନୀନ ନ୍ୟାୟ ବିଷୟରେ ଆଦୌ କିଛିହେଲେ ବି ପ୍ରାୟ ଶୁଣା ଯାଉନାହିଁ । ଏବେ ଏକାଠି ମନ୍ତ୍ରଣା କରି ଠିକ୍ କରିଥିବା ପରି ଖଳମାନେ ଜାତୀୟତାବାଦର କଥା କହୁଛନ୍ତି । ଆମର ଏହି ମହାନ୍ ଦେଶର କଥା କହୁଛନ୍ତି । ଅତୀତର ଗୁଣ ଗାଉଛନ୍ତି । ପୂଜ୍ୟ ପୂଜାର ଉଦ୍‌ବୋଧନ ଦେଉଛନ୍ତି । ତେଣେ ଦେଶରେ ଅସହାୟତାମାନେ କୋଟି କୋଟି ମଣିଷଙ୍କୁ କାବୁ କରି ରଖିଛନ୍ତି । ସେମାନଙ୍କର ରାତି କେବେ ଅବଶ୍ୟ ପାହିବ ବୋଲି କେହି ସିଧା ହୋଇ ମୋଟେ କହୁନାହାନ୍ତି । ଅସମାନତା ଦୂରୀକରଣ, ଦେଶର ସବୁ ମଣିଷଙ୍କୁ ଏକାଠି ସାମନାରେ ରଖି ଦେଶକୁ ନେଇ କିଛି ସତକୁ ସତ ବିଚାର,- ଏଇଟିକୁ ରାଜନୀତି ବିଚାର କ୍ଷେତ୍ରରେ ଏକାଧିକ ଅବକାଶରେ ସାମାଜିକ ବିକାଶ ବୋଲି କୁହାଯାଇଛି

ଏବଂ, ରାଜନୀତିକୁ, ବିଦ୍ୟାର୍ଜନକୁ ଏବଂ ବିଜ୍ଞାନକୁ ଯେଉଁମାନେ ନିତାନ୍ତ ହୃଦୟହୀନ ଭାବରେ ନିଜ କାରିଅର୍ ବନାଇବାର ଏକ ବୃତ୍ତିରୂପେ ଗ୍ରହଣ କରି ନେଇଛନ୍ତି, ସେମାନେ ଆଦୌ କୌଣସି ସାମାଜିକ ବିପ୍ଳବରେ ନେତୃତ୍ୱ ଦେଇ ପାରିବେନାହିଁ । ଏବଂ, ଯାବତୀୟ ସତ ସାମାଜିକ ବିପ୍ଳବ ଧର୍ମତଃ ବିଶେଷ କରି ସେହିମାନଙ୍କ ବିରୋଧରେ ହିଁ ଖଡ୍‌ଗ ଉତ୍ତୋଳନ କରିବ । ଅନ୍ୟ ପକ୍ଷରେ, ଜାତୀୟତାବାଦର ବହୁମଣ୍ଡନଯୁକ୍ତ ସ୍ଲୋଗାନଟା ହିଁ ସେମାନଙ୍କୁ ସର୍ବଦା ଯଥେଷ୍ଟ ଗୋଳିଆ ପାଣି ଅବଶ୍ୟ ଯୋଗାଇ ଦେଉଥିବ । ସଂପ୍ରତି ଆମ ପୃଥିବୀରେ ପ୍ରାୟ ପ୍ରତ୍ୟେକ ଦେଶ ରାଜନୀତିକ ସ୍ୱାଧୀନତା ହାସଲ କରି ସାରିଲାଣି, ତଥାପି ସବୁଠାରେ ସମାନତାର ପାହାଚଟି ଉପରେ ଯାଇ ପହଞ୍ଚିବାକୁ ବହୁ ବିରୋଧର ସମ୍ମୁଖୀନ ହେବାକୁ ପଡୁଛି । ପ୍ରତ୍ୟେକ ମନୁଷ୍ୟର ଠିକ୍ ମୋ'ରି ଭଳି ସମାନ ଅଧିକାରମାନ ରହିଛି, – ସାଧୁତା ସହିତ ଏତିକିମାତ୍ର ମଞ୍ଜିସତ୍ୟକୁ ସ୍ୱୀକାର କରିନେବା, – ଏତିକି କ'ଣ କମ୍ କଥା ?

ସବାଶେଷ କଥାଟି ହେଉଛି ଭ୍ରାତୃତ୍ୱ । ଫରାସୀ ବିପ୍ଳବର ଯେଉଁ ପୁରୋଧାମାନେ ସ୍ୱାଧୀନତା ଏବଂ ସମାନତା ସହିତ ଭ୍ରାତୃତ୍ୱକୁ ନେଇ ଯୋଡ଼ିଥିଲେ, ସେମାନଙ୍କର ବିବେକଟି ଭିତରେ ପକୃତରେ ବହୁତ ଅନ୍ତର୍ଦୃଷ୍ଟି ପୂର୍ଣ୍ଣ ହୋଇ ରହିଥିଲା । ପୁନଶ୍ଚ, ଏକ ତାତ୍କାଳିକ ନିଜ ବିପ୍ଳବଟିରେ ସାମିଲ ହେବା ନିମନ୍ତେ ଯାଉଥିବା ସମୟରେ ସେମାନେ କେବଳ ଆପଣାର ତତ୍କାଳୀନ ଦୁଃଖଗୁଡ଼ିକ ବିଷୟରେ ସଚେତନ ହୋଇ ରହିଥିଲେ ମଧ୍ୟ ସେତେବେଳେ ମଧ୍ୟ ଆମର ଏହି ସମଗ୍ର ପୃଥିବୀର ସବୁ ମଣିଷଙ୍କର ଭାଗ୍ୟଟି ବିଷୟରେ ତଥାପି ଜାଗରୂକ ରହିଥିଲେ । ଯେପରି ଭାବରେ ଯେତେ ଯେଉଁଭଳି ପ୍ରସ୍ଥ ଦେଇ ଦେଖିଲେ ମଧ୍ୟ, ସେଗୁଡ଼ିକ କେବଳ ସେତେବେଳେ ନୁହଁ, ଆମର ଏହି ଉପସ୍ଥିତ ପୃଥିବୀଟିରେ ମଧ୍ୟ ସବୁ ମଣିଷଙ୍କ ନିମନ୍ତେ ସର୍ବାଗ୍ର କାମ୍ୟରୂପେ ଅବସ୍ଥିତ ରହିଛନ୍ତି ତଥା ପୃଥିବୀ-ସଚେତନ ପୃଥିବୀର ଯେକୌଣସି ମନୁଷ୍ୟ-ସମୂହକୁ ସମାନଭାବରେ ଆହ୍ୱାନ ଦେବାରେ ଲାଗିଛନ୍ତି । ପ୍ରଥମରୁ ହିଁ ସ୍ମରଣରେ ରହିବା ଉଚିତ ଯେ, ଭ୍ରାତୃତ୍ୱକୁ କୌଣସି

ଅର୍ଥରେ ହିଁ ଆମେ କେବଳ ଏକ ରାଜନୀତିକ କାର୍ଯ୍ୟକ୍ରମର ଅଙ୍ଗ ବୋଲି କହିପାରିବା ନାହିଁ । ଏବେ ତ ଅଧିକାଂଶ ଦେଶରେ ବାସକରୁଥିବା ମନୁଷ୍ୟମାନେ ରାଜନୀତିକ ସ୍ୱାଧୀନତା ଲାଭ କରି ସାରିଲେଣି । ଅର୍ଥାତ୍‌, ନିଜ ଦେଶର ନେତାଗଣ ହିଁ ସରକାର ବନି ସେମାନଙ୍କ ଶାସନ କରୁଛନ୍ତି । ସମାନତା ଲାଗି ମଧ୍ୟ ଅତ୍ୟାବଶ୍ୟକ ବାହ୍ୟଭୂମି ଗୁଡ଼ିକ କ୍ରମଶଃ ପ୍ରସ୍ତୁତ ହୋଇ ଆସୁଛନ୍ତି । ସମ୍ବଳ ମହଜୁଦ ରହିଛି, ଜ୍ଞାନ ତଥା ବିଜ୍ଞାନର ସାଧନ ସରଞ୍ଜାମମାନେ କ୍ରମେ ଅଧିକ ସାର୍ବଜନୀନ ହୋଇ ଆସୁଛନ୍ତି । ନିତାନ୍ତ ତଳେ ରହିଥିବା ମନୁଷ୍ୟମାନେ ମଧ୍ୟ ସଚଳ ଏବଂ ଚେତାଯୁକ୍ତ ହେଲେଣି, ନିଜର ଅଧିକାରଗୁଡ଼ିକର ଦାବି କଲେଣି । ପ୍ରତିବାଦର ଶିବିରଟି ମଧ୍ୟ ସମଗ୍ର ପୃଥିବୀରେ କ୍ରମଗଠିତ ହୋଇ ଆସିଲାଣି । ସମଗ୍ର ବିଶ୍ୱକୁ ସମ୍ମୁଖରେ ରଖି ଯୋଜନାମାନ ହେଲାଣି ତଥା ଯୋଗ୍ୟ ମଥାମାନେ ଏକାଠି ହୋଇ ଉଚିତ ସମାଧାନଗୁଡ଼ିକୁ ଖୋଜି ବାହାରିଲେଣି । ମାତ୍ର, ସମାନତାଟା ଆଖିଦୃଶିଆ ଭାବରେ ସମ୍ଭବ ହୋଇଗଲେ ଯେ ଭ୍ରାତୃତ୍ୱର ଯଥାର୍ଥ ବୋଧଟି ବଳେ ବଳେ ଆସିଯିବ, ସେହି କଥାଟିକୁ କଦାପି ସୁନିଶ୍ଚିତ ଭାବରେ କହି ହେବନାହିଁ । ଭ୍ରାତୃତ୍ୱ ହେଉଛି ଏକ ସ୍ୱତନ୍ତ୍ର ସୋପାନର କଥା, - ଏକ ସଚେତନ ସଦିଚ୍ଛାର ବିଷୟ ।

ଯେତେ ଉଦାର ହେଲେ ମଧ୍ୟ କୌଣସି ରାଷ୍ଟ୍ର ପୂର୍ଣ୍ଣତଃ ଆପେ ଯୋଜନାମାନ ତିଆରି କରି ଭ୍ରାତୃତ୍ୱ ଲାଗି ମୋଟେ ନେତୃତ୍ୱ ଦେଇ ପାରିବନାହିଁ । ହଁ, ଆବଶ୍ୟକ ଅନୁକୂଳତା ଗୁଡ଼ିକ ସୃଷ୍ଟି ହେବାରେ ଗୁରୁତ୍ୱପୂର୍ଣ୍ଣ ବହୁ ଭୂମିକା ଅବଶ୍ୟ ଗ୍ରହଣ କରି ପାରିବ । ହଁ, କୃପାଶୀଳ କୌଣସି ଭଗବାନ୍ ମଧ୍ୟ କୃପା ପ୍ରଦର୍ଶନ କରି ମନୁଷ୍ୟମାନଙ୍କୁ ଭ୍ରାତୃତ୍ୱର ପାଶରେ ଆବଦ୍ଧ ହୋଇ ରହିବାର ବରାଦମାନ କରିଦେଇ ପାରିବେନାହିଁ । କିମ୍ବା ବିଶ୍ୱସ୍ତରୀୟ କୌଣସି ମହାଦରବାରରେ ପ୍ରସ୍ତାବଟିଏ ପାସ୍ ହୋଇଗଲେ ମଧ୍ୟ ଏହି ଦିଗରେ ଆଦୌ ବିଶେଷ ଫଳ ମିଳିବନାହିଁ । ମନୁଷ୍ୟମାନେ ମନକଲେ ଯାଇ ଭ୍ରାତୃତ୍ୱର ପଥଟିକୁ ଗ୍ରହଣ କରିପାରିବେ । ସେମାନେ ସ୍ୱତନ୍ତ୍ରତା ହାସଲ କରିସାରିଥିବେ, ସମାନତାର ପଥରେ ମଧ୍ୟ ଉଲ୍ଲେଖଯୋଗ୍ୟ ଭାବରେ ଅଗ୍ରସର ହୋଇପାରିଥିବେ, କେହି

ନିଜକୁ ବ ୍ତ ବା ପ୍ରତାରିତ ବୋଲି ଭାବୁନଥିବ,- ଏକ ପାରସ୍ପରିକତାର ନିତ୍ୟନୈମି ିକ ନାନା ବ୍ୟବସ୍ଥା ସେମାନଙ୍କୁ ସତକୁ ସତ ଯଥେଷ୍ଟ ବିଶ୍ୱାସର ସହିତ ବାନ୍ଧି ରଖିଥିବ, ଘୃଣା ନଥିବ, ନିଜ ନିଜ ପ୍ରତିମା ତଥା ପ୍ରତୀକଗୁଡ଼ିକ ସମ୍ବନ୍ଧରେ କୌଣସି ମୋହ ମଧ୍ୟ ନଥିବ । ତେବେ ଯାଇ ଭ୍ରାତୃତ୍ୱ ନିମନ୍ତେ ଏକ ପ୍ରକୃତ ଭି ିଭୂମି ବିକଶିତ ହୋଇ ଆସିବ । ଏବଂ ନିତାନ୍ତ କ୍ଷୁଦ୍ରଗୋଷ୍ଠୀ ସ୍ତରରୁ ହିଁ ଯାବତୀୟ ଭ୍ରାତୃତ୍ୱକୁ ବ ୍ବାର ପ୍ରୟୋଗମାନ ଆରମ୍ଭ ହେବ । ସେଇଥିରୁହିଁ ପ୍ରତ୍ୟୟ ଆସିବ ଏବଂ ସେହି ପ୍ରତ୍ୟୟ ବୃଦ୍ଧିଲାଭ କରିପାରିବ । ସାନ ସାନ ମେଳମାନେ ହିଁ ଏକୁ ଆରେକ ଆବିଷ୍କାର କରିବେ ଏବଂ ସେଇଥିରୁ ବୃହ ର ପ୍ରତିଶ୍ରୁତି ଗୁଡ଼ିକ ବିଷୟରେ ଆସ୍ଥାବାନ୍ ହେବେ । ତାହାରି ଦ୍ୱାରା ହିଁ ଆମ ପ୍ରତ୍ୟେକଙ୍କର ଏହି ସାନ ଘର ଗୁଡ଼ିକ ପରି ପୂରା ପୃଥିବୀଟା ମଧ୍ୟ ଆମ ସମସ୍ତଙ୍କର ଏକ ବୃହତ୍ ଘରରୂପେ ନିକଟବ ୀ ହୋଇ ଆସିବ ।

**ଲେଖକ ପରିଚୟ:**

ଚି ରଂଜନ ଦାସ (୧୯୨୩-୨୦୧୧) ବାଗଲପୁର, ଜଗତସିଂହପୁର

ମନସ୍ୱୀ ଚି ରଂଜନ ଦାସ ଏକାଧାରରେ ଜଣେ ପ୍ରାବନ୍ଧିକ, ଗବେଷକ, ଅନୁବାଦକ, ଭ୍ରମଣ କାହାଣୀକାର ଓ ଜୀବନୀ ଲେଖକ ଭାବରେ ଶତାଧିକ ଗ୍ରନ୍ଥର ପ୍ରଣେତା । ଉଭୟ ବସ୍ତୁନିଷ୍ଠ ଓ ବ୍ୟକ୍ତିନିଷ୍ଠ ପ୍ରବନ୍ଧ ରଚନାରେ ସେ ଧୂରୀଣ । ଧର୍ମ, ସଂସ୍କୃତି, ସାହିତ୍ୟ, ଶିକ୍ଷା, ସଭ୍ୟତା, ଶାସନ, ଇତିହାସ, ଦର୍ଶନ - ପ୍ରତିଟି ଦିଗରେ ତାଙ୍କର ମାନସ ମନ୍ଥନ ଦେଖିବାକୁ ମିଳେ । ତାଙ୍କ ପ୍ରବନ୍ଧଗୁଡ଼ିକ ଅଧ୍ୟୟନ କଲେ ଜଣେ ତ ୍ଞଙ୍କ ବଳିଷ୍ଠ ସ୍ୱାକ୍ଷର ଅନୁଭବ କରିହୁଏ । ବହୁ ଗ୍ରନ୍ଥ ଅଧ୍ୟୟନ ପିପାସାର ସ୍ମାରକୀ ଭାବରେ ତାଙ୍କ ପ୍ରବନ୍ଧଗୁଡ଼ିକ ଗୋଟିଏ ଗୋଟିଏ ଚେତନାର ବିସ୍ଫୋରଣ କହିଲେ ଅତ୍ୟୁକ୍ତି ହେବନାହିଁ । 'ଜୀବନ ବିଦ୍ୟାଳୟ', 'ଶିଳା ଓ ଶାଳଗ୍ରାମ', 'ଏକଲବ୍ୟ କାହାଣୀ ଓ ଅନ୍ୟାନ୍ୟ ପ୍ରବନ୍ଧ', 'ଜାତିରେ ମୁଁ ଯବନ', 'ସଂସ୍କୃତି ଓ ଓଡ଼ିଶା', 'ଗାନ୍ଧି ଓ ଗୋପବନ୍ଧୁ',

'ବିଶ୍ୱକୁ ଗବାକ୍ଷ','କାଳକୁକଜ୍ଜ୍ୱଳ','କ୍ଷରୁ ଅ', ଆଦିପ୍ରବନ୍ଧ ସଂକଳନଗୁଡ଼ିକ ଚି ରଂଜନଙ୍କ ଚିନ୍ତାମାନସର ପରିଚାୟକ । 'ବିଶ୍ୱକୁ ଗବାକ୍ଷ' ପୁସ୍ତକ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ । 'ଅଚ୍ୟୁତାନନ୍ଦ ଓ ପ ସଖା, 'ଓଡ଼ିଶାରେ ମହିମା ଧର୍ମ' ଆଦି ଗବେଷଣା ପୁସ୍ତକ, 'ଶ୍ରୀ ନବକୃଷ୍ଣ ଚୌଧୁରୀ' ଓ 'ଭିନ୍ନ ଜଣେ ବିବେକାନନ୍ଦ'ଜୀବନୀ ଓ 'ମିତ୍ରସ୍ୟ ଚକ୍ଷୁସା' ଆତ୍ମଜୀବନୀ, 'ମହାମାନବ' 'ଚାଷୀ', 'ଡକ୍ଟର ଜିଭାଗୋ', 'ଜଣେ ଶିକ୍ଷକଙ୍କୁ ଚିଠି' ଆଦି ଅନୁବାଦ ଗ୍ରନ୍ଥ, 'ଶିଳାତୀର୍ଥ', 'ଡେନମାର୍କ ଚିଠି' ଆଦି ଭ୍ରମଣକାହାଣୀର ସେ ପରିଚିତ ଲେଖକ ।

## ବିଷୟ ପ୍ରବେଶ

ଓଲଟ ଚଉତିଶାର ଅକ୍ଷର ନିୟମ ଆଧାରରେ ଚି ରଂଜନଙ୍କ ଦ୍ୱାରା ରଚିତ ପ୍ରବନ୍ଧ ସଂକଳନ 'କ୍ଷ ରୁ ଅ' ଏକ ଭିନ୍ନ ଶୈଳୀର ସୃଷ୍ଟି । ଏହି ଗ୍ରନ୍ଥର ଷୋଡ଼ଶ ପ୍ରବନ୍ଧ ହେଉଛି 'ସମାନତା: ସ୍ୱାଧୀନତା: ଭ୍ରାତୃତ୍ୱ' । ଫରାସୀ ରାଷ୍ଟ୍ର ବିପ୍ଳବରୁ ସୃଷ୍ଟି ହୋଇଥିବା ଏହି ତିନୋଟି ଶବ୍ଦର ମହ ୍ୱ ସମଗ୍ର ବିଶ୍ୱରେ ଉପଲବ୍ଧ ହୋଇଥାଏ । ରାଜତନ୍ତ୍ରର ସ୍ୱେଚ୍ଛାଚାର ଏବଂ ଏକଚାଟିଆ ଶାସନର ଅନ୍ତ ଘଟାଇ ଅଧିକାଂଶ ଦେଶରେ ଗଣତନ୍ତ୍ର ବା ଲୋକତନ୍ତ୍ର ପ୍ରତିଷ୍ଠିତ ହେବା ମୂଳରେ ଫରାସୀ ବିପ୍ଳବର ଅବଦାନକୁ ଏଡ଼ାଇ ଦିଆଯାଇ ନ ପାରେ । ରୁଷ ବିପ୍ଳବ ମଧ ବିଶ୍ୱଶାସନ ପ୍ରଣାଳୀକୁ ଗଭୀର ଭାବରେ ପ୍ରଭାବିତ କରିଛି । ତେବେ ତିନି ମହାନ ସ୍ଲୋଗାନ ଯଥା ସ୍ୱାଧୀନତା, ସମାନତା ଓ ଭ୍ରାତୃତ୍ୱର ବାସ୍ତବ ପ୍ରତିଫଳନ ସମଗ୍ର ବିଶ୍ୱରେ ଏ ଯାବତ୍ ସମ୍ଭବ ହୋଇନାହିଁ । ସମାଜବାଦ ଓ ଜାତୀୟତାବାଦ ଭଳି ରୋଚକ ଶବ୍ଦକୁ ଢାଲ କରି ତଥାପି ମୁଷ୍ଟିମେୟ ଲୋକ ଶାସନ ତନ୍ତ୍ରରେ ରହି ରାଜକୀୟ ସୁଖସୌଭାଗ୍ୟ ଉପଭୋଗ କରିଚାଲିଛନ୍ତି, ଅଥଚ ଏପଟରେ କୋଟି କୋଟି ଲୋକ ଅଶିକ୍ଷା, ଦାରିଦ୍ର୍ୟ,ଦୁର୍ଦ୍ଦଶାର ଶିକାର ହୋଇ ଭାଗ୍ୟକୁ ଆଦରି ପଡ଼ିରହିଛନ୍ତି । ସମାନତା ଏକ ପ୍ରହେଳିକା; ଭ୍ରାତୃତ୍ୱ ଏକ ମରୀଚିକା ମାତ୍ର । ଆଇନକାନୁନରେ ଭ୍ରାତୃତ୍ୱ ପ୍ରତିଷ୍ଠିତ ହୋଇନପାରେ । ନିର୍ବିଶେଷରେ ସକଳ ମଣିଷ ଭ୍ରାତୃତ୍ୱର ଉଦାର ଭାବନାରେ ଅଭିମନ୍ତ୍ରିତ

ହେଲେ ହିଁ ବିଶ୍ୱ ଏକ ବୃହତ୍ ଘର ରୂପେ ଆପଣାର ଲାଗିବ ବୋଲି ଲେଖକ ଯେଉଁ ଆଶା ପ୍ରକଟ କରିଛନ୍ତି, ତାହା ଖୁବ ଆନନ୍ଦର ବିଷୟ ।

**କଠିନ ଶବ୍ଦାର୍ଥ -**

ଉଦ୍‌ବେଳନ - ଆଲୋଡ଼ନ

ଆଲୋକ ପିପାସା - ଆଲୋକ ପ୍ରାପ୍ତି (ପିଇବା) ଆଶା

ରାଜନ୍ୟମାନେ - ରାଜ ପାରିଷଦ ବର୍ଗ

କ୍ରମ ପୋଖତ - କ୍ରମଶଃ ଦୃଢ଼

ଆବଡ଼ା ଖାବଡ଼ା - ଖାଲ ଢିପ, ଉତ୍‌ଥାନ ପତନ

ପ୍ରୀତ୍ୟର୍ଥେ - ଖୁସି ପାଇଁ

ଜର୍ଜରତା - କାତରତା, ପୀଡ଼ିତାବସ୍ଥା

ହିମ୍ମତ - ବଳ

ଫିସାଦ - ଛଳନାପୂର୍ଣ୍ଣ କୌଶଳ

ଆସ୍ପୃହା -ଇଚ୍ଛା

ଆବିର୍ଭାବ - ବିଦ୍ୟମାନ,ଜନ୍ମ

ପ୍ରଶ୍ରୟ - ଆଦର, ସ୍ନେହ, ଆଶ୍ରୟ

ମସ୍ତ ମସ୍ତ - ବଡ଼ ବଡ଼

ମୀମାଂସକ - ନିର୍ଦ୍ଧାରକ, ଫଇସଲାକାରୀ

ରମଣ ସାମଗ୍ରୀ - ଖୁସିର ଜିନିଷ

ଅଭୀଷ୍ଟ - ଇଚ୍ଛା, କାମନା

ଦୋରସ୍ତ - ନିର୍ଭୁଲ, ସୁଶୃଙ୍ଖଳ

୪) ପୃଥ୍ବୀ ନାମକ ଆମର ଏହି ମନୁଷ୍ୟ ମହାଖଣ୍ଡକୁ ଅତ୍ୟନ୍ତ ନିର୍ମମ ଭାବରେ କ'ଣ କରି ରଖାଯାଇଛି ?

(କ) ଦରିଦ୍ର (ଖ) ଅତ୍ୟାଚାରିତ

(ଗ) ବିବେକହୀନ (ଘ) ବିଚାରଶୂନ୍ୟ

୫) କିଏ ଅଳପ ବର୍ଗଟିର ଗେହ୍ଲା ହୋଇ ଏକ ରମଣ ସାମଗ୍ରୀରେ ପରିଣତ ହୋଇଛି ?

(କ) ରାଜନୀତି (ଖ) ବାଣିଜ୍ୟ

(ଗ) ଇତିହାସ (ଘ) ବିଜ୍ଞାନ

୬) ରୁଷିଆର କମ୍ୟୁନିଷ୍ଟମାନେ କ'ଣ ପାଇଁ ଆନ୍ଦୋଳନ କରିଥିଲେ ?

(କ) ସର୍ବହରାର ସାର୍ବଭୌମତ୍ୱ ପ୍ରତିଷ୍ଠା (ଖ) ଦେଶର ସ୍ୱାଧୀନତା

(ଗ) ଆର୍ଥିକ ପ୍ରଗତି ଘ) ଗଣତନ୍ତ୍ର ପ୍ରତିଷ୍ଠା

୭) କାହାର ସଖୀନାଟ ପ୍ରଦର୍ଶନ କରି ରୁଷ ପୃଥିବୀ ଯାକର ବାମପନ୍ଥୀ ଆସ୍ପୃହାକୁ ଭୁତାଇ ରଖିଥିଲା ?

(କ) ସତ୍ୟର (ଖ) ଗଣତନ୍ତ୍ରର

(ଗ) ସମାନତାର (ଘ) ସମାଜବାଦର

୮) ଭାରତରେ ଏବେ କେଉଁ ବିଷୟରେ ପ୍ରାୟ କିଛି ହେଲେ ଶୁଣାଯାଉନାହିଁ ?

(କ) ସାର୍ବଜନୀନ ସଂଗ୍ରାମ (ଖ) ସାର୍ବଜନୀନ ସ୍ୱାଧୀନତା

(ଗ) ସାର୍ବଜନୀନ ନ୍ୟାୟ (ଘ) ସାର୍ବ ଜନୀନ ପ୍ରଗତି

୯) କେଉଁମାନଙ୍କର ରାତି କେବେ ପାହିବ ବୋଲି କେହି ସିଧା ହୋଇ କହୁନାହାନ୍ତି ?

(କ) ରାଜାମାନଙ୍କର (ଖ) ନିର୍ବୋଧମାନଙ୍କର

(ଗ) ଅସହାୟ ମଣିଷମାନଙ୍କର (ଘ) ପରାଧୀନ ମାନଙ୍କର

୧୦) ରାଜନୀତିକୁ କ୍ୟାରିୟର ବନାଇଥିବାର ଏକ ବୃ ି ରୂପେ ଗ୍ରହଣ କରିଥିବା ଲୋକେ କ'ଣ କରିପାରିବେ ନାହିଁ ?

(କ) ଶାସନରେ ନେତୃତ୍ୱ (ଖ) ସାମାଜିକ ବିପ୍ଳବରେ ନେତୃତ୍ୱ

(ଗ) ସ୍ୱାଧୀନତାର ନେତୃତ୍ୱ (ଘ) ବିକାଶରେ ନେତୃତ୍ୱ

୧୧) ଜାତୀୟତାବାଦର ବହୁମଣ୍ଡନଯୁକ୍ତ ସ୍ଲୋଗାନଟା କ'ଣ ଯୋଗାଇ ଦେଇଥିବ ?

(କ) ଗୋଳିଆ ପାଣି (ଖ) ଉପଯୁକ୍ତ ପଥ

(ଗ) ମହାନତା (ଘ) ଭ୍ରାତୃତ୍ୱ

୧୨) ଫରାସୀ ବିପ୍ଳବରେ ସ୍ୱାଧୀନତା ଓ ସମାନତା ସହିତ ଅନ୍ୟ କେଉଁ କଥାଟି ଯୋଡ଼ାଯାଇଥିଲା ?

(କ) ସତ୍ୟତା (ଖ) ଦାରିଦ୍ର୍ୟ ଦୂରୀକରଣ

(ଗ) ସହନଶୀଳତା (ଘ) ଭ୍ରାତୃତ୍ୱ

୧୩) ଏବେ ଅଧିକାଂଶ ଦେଶରେ ବାସ କରୁଥିବା ମନୁଷ୍ୟମାନେ କ'ଣ ଲାଭ କଲେଣି ?

(କ) ଧାର୍ମିକ ସ୍ୱାଧୀନତା (ଖ) ରାଜନୀତିକ ସ୍ୱାଧୀନତା

(ଗ) ସ୍ୱାଧୀନତା (ଘ) ଆର୍ଥିକ ସ୍ୱଚ୍ଛଳତା

୧୪) ଏକ ସଚେତନ ସଦିଚ୍ଛାର ବିଷୟ କ'ଣ ?

(କ) ଜାତୀୟତା (ଖ) ନିଶାମୁକ୍ତି

(ଗ) ଭ୍ରାତୃତ୍ୱ (ଘ) ସଚେତନତା

୧୫) ଯେତେ କ'ଣ ହେଲେ ମଧ୍ୟ କୌଣସି ରାଷ୍ଟ୍ର ଯୋଜନା କରି ଭ୍ରାତୃତ୍ୱ ପ୍ରତିଷ୍ଠା କରିପାରିବ ନାହିଁ ?

(କ)ଉଦାର (ଖ) ସ୍ୱଚ୍ଛଳ

(ଗ)ବୃହତ (ଘ)ପୁରାତନ

**(ଖ) କ୍ଷୁଦ୍ର ଉ ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ପୃଥିବୀ ସାରା ଲୋକଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ତିନୋଟି ଶବ୍ଦ କ'ଣ ?

୨) ମୂଳ ଫରାସୀ ସ୍ଲୋଗାନର ପ୍ରଥମ ଶବ୍ଦଟି କ'ଣ ?

୩) ସାଧାରଣ ମଣିଷମାନେ ଦିନେ ଆପେ ନିଜର ଶାସନ କରିବେ ବୋଲି କେଉଁମାନେ କଳ୍ପନା କରିନଥିବେ ?

୪) ରାଜତନ୍ତ୍ରରେ କାହାର ସ୍ୱାର୍ଥ ଅନୁସାରେ ଶାସନ ଚାଲୁଥିଲା ?

୫) ନୀତି କ୍ଷେତ୍ରର କେଉଁଗୁଡ଼ିକୁ ମସ୍ତ ମସ୍ତ ଫାଙ୍କି ଦିଆଯାଇଛି ?

୬) ପ୍ରାଥମିକ ସଫଳତା ପରେ ଫରାସୀ ବିପ୍ଳବର ସଂଗ୍ରାମୀମାନେ ବିଭାଜିତ ହେଲେ କାହିଁକି ?

୭) କେଉଁ ଲକ୍ଷ୍ୟଟିକୁ ଗୌଣ କରି ଦେଇ ରୁଷିଆ ଏକ ଶକ୍ତିଶାଳୀ ମାହାନ ଦେଶ ଗଢ଼ିବା ଲାଗି ମନ ଦେଲା ?

୮) କେଉଁ ମଞ୍ଜା ସତ୍ୟକୁ ସ୍ୱୀକାର କରି ନେବା ଏକ ବିରାଟ କଥା ?

୯) କୌଣସି ଅର୍ଥରେ କାହାକୁ ଆମେ କେବଳ ଏକ ରାଜନୀତିକ କାର୍ଯ୍ୟକ୍ରମର ଅଙ୍ଗ ବୋଲି କହିପାରିବା ନାହିଁ ?

୧୦) ବିଶ୍ୱସ୍ତରୀୟ କୌଣସି ମହାଦରବାରରେ କ'ଣ ପାସ୍ ହୋଇଗଲେ ମଧ୍ୟ ଭ୍ରାତୃତ୍ୱ ପ୍ରତିଷ୍ଠା ଦିଗରେ ଆଦୌ ବିଶେଷ ଫଳ ମିଳିବ ନାହିଁ ?

**(ଗ) କ୍ଷୁଦ୍ର ଉ ରମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ରାଜାମାନଙ୍କ ସମ୍ପର୍କରେ ଏକଦା କ'ଣ ବିଶ୍ୱାସ କରାଯାଉଥିଲା ?

୨) ପୃଥିବୀ ନାମକ ବାସ୍ତବାନୁଭବର କ୍ଷେତ୍ରଗୁଡ଼ିକ କିପରି ପୋଖତ ହେଲେ ?

୩) ଏଇ ପୃଥିବୀର ଗୋଟିଏ ଅତ୍ୟନ୍ତ ନିନ୍ଦନୀୟ ବ୍ୟାଧି କ'ଣ ?

୪) ଶାସନ ସ୍ତରୀୟ ଗଢ଼ଣଗୁଡ଼ିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ତଥାପି କଣସବୁ ପୂର୍ବପରି ଜାରି ରହୁଛନ୍ତି ?

୫) କୋଟି କୋଟି ମନୁଷ୍ୟଙ୍କର ଭାଗ୍ୟକୁ କିଏ କାମୁଡ଼ି ଧରିଛି ?

୬) ଫରାସୀ ବିପ୍ଳବର ପ୍ରଥମ କାଳରେ ସଂଗ୍ରାମୀମାନଙ୍କର ସମ୍ମୁଖରେ କାହାର ବିଶ୍ୱଚିତ୍ରଟିଏ ରହିଥିଲା ?

୭) ସମାନତା ପାଇଁ ଭାରତବର୍ଷର ସମ୍ବିଧାନରେ କାହାକୁ ଲକ୍ଷ୍ୟରୂପେ ଗ୍ରହଣ କରାଯାଇଥିଲା ?

୮) କେଉଁ ସ୍ତରରୁ ଭ୍ରାତୃତ୍ୱ ବ ୍ବାର ପ୍ରୟୋଗମାନ ଆରମ୍ଭ ହେବା ଦରକାର ?

**(ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**( ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର )**

୧) ଫରାସୀ ବିପ୍ଳବ ସମଗ୍ର ବିଶ୍ୱ ଚି କୁ ଆତ୍ମବଳ ଆଣିଥିଲା କିପରି ?

୨) ଏକ ବିଂଶ ଶତାବ୍ଦୀରେ ରାଜାମାନେ କିପରି ରହିଛନ୍ତି ?

୩) ସମାନତା ଲାଗି ବଳ ଏବଂ ସାହସଗୁଡ଼ିକ କିପରି ସଂଗଠିତ ହୋଇପାରିଲେ ?

୪) ସମାନତା ନାମକ ଦ୍ୱିତୀୟ ଆସ୍ପୃହା ଆବିର୍ଭାବର କାରଣ କ'ଣ ?

୫) ରାଜନୀତି ପଛରେ ଅର୍ଥନୀତି ଓ ଅର୍ଥନୀତି ପଛରେ ରାଜନୀତି ଯୋଡ଼ା ହୋଇ ରହିବାର ମାନେ କ'ଣ ?

୬) ଉପଲବ୍ଧ ସୁଯୋଗଗୁଡ଼ିକ ଅଧିକ ସଂଖ୍ୟକ ମନୁଷ୍ୟଙ୍କ ନିମି ସପନ ହୋଇ ରହିଛି କାହିଁକି ?

୭) ରାଜନୀତିକ ସ୍ୱାଧୀନତା ମିଳିଲେ ଛାଏଁ ଛାଏଁ ସମାନତା ଆସିନଥାଏ ବୋଲି କହିବାର ଅର୍ଥ କ'ଣ ?

୮) କୃପାଶୀଳ ଭଗବାନ ମଧ ମନୁଷ୍ୟମାନଙ୍କୁ ଭ୍ରାତୃତ୍ୱ ପାଶରେ ଆବଦ୍ଧ କରିପାରିବେନି ବୋଲି କାହିଁକି କୁହାଯାଇଛି ?

**(ଙ) ଦୀର୍ଘ ଉ ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

୧) ଫରାସୀ ବିପ୍ଳବରୁ ସୃଷ୍ଟି ହୋଇଥିବା ତିନୋଟି ସ୍ଲୋଗାନ ଯଥା – ସମାନତା, ସ୍ୱାଧୀନତା ଓ ଭ୍ରାତୃତ୍ୱର ମହତ୍ୱ ବୁଝାଇଦିଅ ।

୨) ସମାନତାର ଅଭାବ ହେତୁ କି କି ଅସୁବିଧା ସୃଷ୍ଟି ହେଉଛି ବୋଲି ଲେଖକ ପ୍ରମାଣ କରିଛନ୍ତି ?

୩) ଗଣତନ୍ତ୍ର ଛା  ରେ ଏକନାୟକତ୍ୱର ପ୍ରଶ୍ରୟ କହିବାର ତାତ୍ପର୍ଯ୍ୟ ବୁଝାଇଦିଅ ।

୪) ମନୁଷ୍ୟମାନେ ମନକଲେ ଯାଇ ଭ୍ରାତୃତ୍ୱର ପଥଟିକୁ ଗ୍ରହଣ କରିପାରିବେ - ଏହା ପ୍ରମାଣ କର ।

୫) ପୂରା ପୃଥିବୀଟା ବୃହତ୍ ଘରରୂପେ କିପରି ନିକଟବ ୀ ହୋଇପାରିବ, ବର୍ଣ୍ଣନା କର ।

***

# ଛୋଟ ହିଁ ସୁନ୍ଦର

ଶରତ କୁମାର ମହାନ୍ତି

ବିଂଶ ଶତାବ୍ଦୀ ଆରମ୍ଭରୁ ବିଜ୍ଞାନ ରହସ୍ୟବାଦ ଆଡ଼କୁ ଢଳିଛି । ତେବେ ଏଥିପ୍ରତି ଜ୍ଞାନୀଜନଙ୍କ ଦୃଷ୍ଟି ଆକର୍ଷିତ ହେବା ପାଇଁ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ବିତିଗଲା । ରହସ୍ୟବାଦ ଆଡ଼କୁ ଢଳିବା ସହିତ ବିଂଶ ଶତାବ୍ଦୀର ବିଜ୍ଞାନ ଦୃଷ୍ଟି ସାମଗ୍ରିକ ଭାବେ ଜଗତକୁ ଦେଖିବା ପାଇଁ ଆଗ୍ରହୀ ହୋଇଛି । ପୂର୍ବ ଶତାବ୍ଦୀମାନଙ୍କରେ ବିଜ୍ଞାନ ସହିତ ରହସ୍ୟବାଦର ଅହିନକୁଳ ସଂପର୍କ ଥିଲା । ସପ୍ତଦଶରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ ବିଜ୍ଞାନୀମାନେ ଜଗତକୁ ସାମଗ୍ରିକ ଦୃଷ୍ଟିରେ ଦେଖିବା ବଦଳରେ ଖଣ୍ଡିତ ଦୃଷ୍ଟିରେ ଦେଖିଥିଲେ । ବିଂଶ ଶତାବ୍ଦୀରେ ବିଜ୍ଞାନ ଦୃଷ୍ଟି କେତେକାଂଶରେ ସାମଗ୍ରିକ ହୋଇଛି ଓ ପରବ ୀ ଶତାବ୍ଦୀମାନଙ୍କରେ ଅଧିକରୁ ଅଧିକ ସାମଗ୍ରିକ ହେବାର ସମ୍ଭାବନା ସୃଷ୍ଟି କରିଛି ।

ପୂର୍ବ ତିନି ଶତାବ୍ଦୀ ଭିତରେ ପଦାର୍ଥର ଏତେ ଅଧିକ ଗୁରୁତ୍ୱ ଥିଲା ଯେ ତାହା ମୂଳବସ୍ତୁ ରୂପେ ବିବେଚିତ ହେଉଥିଲା । ଧରା ଯାଇଥିଲା ଯେ ପଦାର୍ଥଙ୍କର ଜଟିଳ ସଂଶ୍ଳେଷଣରୁ ଚେତନା ଜାତ । ଆଦ୍ୟରୁ ଚେତନା ନଥିଲା । କେବଳ ପଦାର୍ଥ ଥିଲା । ଜୈବିକ ବିବ ନର ଗୋଟିଏ ସ୍ତରରେ ଚେତନାର ଉଦୟ ହୋଇଛି । ମାତ୍ର ରହସ୍ୟବାଦୀ କହେ, ଚେତନା ହେଉଛି ମୂଳସ ।-ପଦାର୍ଥ ନୁହେଁ । ବ୍ରହ୍ମାଣ୍ଡର ଭି ଓ ସାର ସ । ହେଉଛି ଚେତନା । ଏବକାର ବିଜ୍ଞାନ ଏଇ ଆଡ଼କୁ ଢଳିଛି ।

ବେକନ୍ ଓ ଦେକାର୍ତେ ଆଧୁନିକ ବିଜ୍ଞାନକୁ ଯାନ୍ତ୍ରିକତା ବାଟରେ ମତେଇ ନେଲେ । ପୌରୁଷର ଜୟଧ୍ୱନି ଦେଇ ବିଜ୍ଞାନ ଯାନ୍ତ୍ରିକ ବାଟେ ମାଡ଼ି ଚାଲିଲା । ଜଗତ ଏକ ଯନ୍ତ୍ର । ତାକୁ ଅକ୍ତିଆର କର, ଭୋଗ କର । ପ୍ରକୃତିକୁ ଦାସୀ ପରି ଖଟାଅ । ଏଇସବୁ ଭାବନା ବେକନ୍‌ଙ୍କ ଲେଖାରେ ଦେଖିବାକୁ ମିଳେ । ପ୍ରକୃତିକୁ ଶୋଷଣ କରିବା ଓ ନାରୀ

ନିର୍ଯ୍ୟାତନା ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଏ ପର୍ଯ୍ୟନ୍ତ ମଣିଷ ପ୍ରକୃତିକୁ ଲୁଣ୍ଠନ କରୁଛି, ନାରୀ ନିର୍ଯ୍ୟାତନା ଅବ୍ୟାହତ ରହିଛି । ମାତ୍ର ଏହା ସହିତ ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରକୃତିର ସେବା କରିବା ଦାୟିତ୍ୱ ଇତି ମଧ୍ୟରେ ମଣିଷ ଗ୍ରହଣ କଲାଣି । ନାରୀ ଜାଗରଣ ଦ୍ୱାରା ଅନୁପ୍ରାଣିତ ହେଲାଣି । ଖ୍ରୀଷ୍ଟାବ୍ଦ ୧୯୭୦ ଠାରୁ ମଣିଷ ଜାତି ଯେପରି ଭାବେ ପରିବେଶ ସଚେତନ ହୋଇ ଉଠିଛି ଓ ନାରୀ ଜାଗରଣକୁ ସ୍ୱାଗତ କରିଛି, ସେଥିପ୍ରତି ଧ୍ୟାନ ଦେଲେ ମଣିଷର ଏକ ଚେତନାଗତ ପରିବ ର୍ନ ହେଉଛି ବୋଲି କହିହେବ । ପୁଣି କହୁଛୁ, ଏବେ ବି ମଣିଷ ପ୍ରକୃତି ପ୍ରତି ନିର୍ଦ୍ଦୟ ଆଚରଣ କରୁଛି, ନାରୀ ନିର୍ଯ୍ୟାତନା ବନ୍ଦ ହୋଇ ନାହିଁ । ମାତ୍ର ଏସବୁ ଭିତରେ ଦେଖି ହୁଏ ଯେ ଏ ଦୁଇଟିର ବିପରୀତ ଦିଗରେ ସ୍ରୋତ ପ୍ରବାହିତ ହେଲାଣି । ବିପରୀତ ଦିଗରେ ଧାବିତ ଏଇ ସ୍ରୋତ ତିନି ଶହ ବର୍ଷ ଧରି ଚାଲିଥିବା ପ୍ରକୃତି ଶୋଷଣ ବା ନାରୀ ନିର୍ଯ୍ୟାତନାକୁ ଅଳ୍ପ କେଇ ବର୍ଷ ଭିତରେ ବନ୍ଦ କରିଦେବା ସମ୍ଭବ ନୁହେଁ ।

ନାରୀ ଜାଗରଣଠାରୁ ନାରୀ ଭାବର ଜାଗରଣ ଅନେକ ବଡ଼ କଥା । ନାରୀମାନେ ପୁରୁଷମାନଙ୍କ ସହିତ ସବୁ କ୍ଷେତ୍ରରେ ସମାନ ହେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁଛନ୍ତି, ସଂଗ୍ରାମ କରୁଛନ୍ତି । ନାରୀ ପୁରୁଷ କେବଳ ଲିଙ୍ଗ ଦୃଷ୍ଟିରୁ ଅଲଗା, ନଚେତ ସବୁ ଦୃଷ୍ଟିରୁ ସମାନ ଏପରି ଘଟିବା କିଛି ଶୁଭକଥା ନୁହେଁ । ନାରୀ ଭାବର ଜାଗରଣ ହେବା ମଣିଷ ପକ୍ଷରେ ଶୁଭଙ୍କର ହେବ । ନାରୀ ଭାବ କ'ଣ ? କେତେ ଗୁଡ଼ିଏ ମାନବୀୟ ସଦ୍‌ଗୁଣ ପୁରୁଷର ଓ ଆଉ କେତେକ ନାରୀର ବୋଲି ପ୍ରାଚୀନ କାଳରୁ ବିବେଚିତ ହୋଇ ଆସିଛି । ସାହସ, ବୀରତ୍ୱ, ପ୍ରତିଦ୍ୱନ୍ଦିତା ମନୋଭାବ ପୁରୁଷର ସଦ୍ ଗୁଣ । ଦୟା, ସେବା, ସହନଶୀଳ ମନୋଭାବ ନାରୀର ସଦ୍‌ଗୁଣ । କୁହାଯାଏ ଯେ ପୁରୁଷର ପ୍ରଧାନ ନେତ୍ର ଜ୍ଞାନ, ନାରୀର ପ୍ରଧାନ ନେତ୍ର ଅନ୍ତର୍ବୋଧ । ଯଦି ଗୋଟିଏ ସଭ୍ୟତା କେବଳ ପୁରୁଷ ପ୍ରଧାନ ବା କେବଳ ନାରୀ ପ୍ରଧାନ ସଦ୍‌ଗୁଣର ବିକାଶ ଦିଗରେ ଯତ୍ନଶୀଳ ହୁଏ, ତେବେ ତାହା ଏକତରଫା ହୋଇଯିବ । ସେହିପରି ଯଦି ଜଣେ ବ୍ୟକ୍ତି କେବଳ ପୁରୁଷର ବା କେବଳ ନାରୀର ସଦ୍‌ଗୁଣଗୁଡ଼ିକର ବିକାଶ ଦିଗରେ ଧ୍ୟାନ ଦିଏ, ତେବେ ସେ ପୂର୍ଣ୍ଣାଙ୍ଗ

ମଣିଷ ହୋଇପାରିବ ନାହିଁ । ଜ୍ଞାନ ସାଧନାରେ ଶୀର୍ଷକୁ ଉଠିଥିବା ଅଥଚ ଅନ୍ତର୍ବୋଧ ନଥିବା ମଣିଷଟି ଅସଂପୂର୍ଣ୍ଣ । ଦୟା ଶୁନ୍ୟ ବଡ଼ ବୀର ସମ୍ବନ୍ଧରେ ଏହି କଥା କୁହାଯିବ ।

ସପ୍ତଦଶ ଶତାବ୍ଦୀରେ ଆଧୁନିକ ବିଜ୍ଞାନର ଅଭ୍ୟୁଦୟଠାରୁ ବିଂଶ ଶତାବ୍ଦୀ ପ୍ରଥମାର୍ଦ୍ଧର ଶେଷ ପର୍ଯ୍ୟନ୍ତ ମାନବ ସଭ୍ୟତା ପୁରୁଷ ପ୍ରଧାନ ହୋଇଛି । ଏହି କାଳ ଭିତରେ ମଣିଷ 'ବୀରଭୋଗ୍ୟା ବସୁନ୍ଧରା' ନୀତିଟିକୁ ମାନି ନେଇଛି । ଭଲ ଭାବେ ବଞ୍ଚିବାକୁ ହେଲେ ପ୍ରକୃତିକୁ ଦାସୀ ଭାବେ ଖଟାଅ । ଜଣେ ଲୋଭୀ ନାରୀ ପରି ପ୍ରକୃତି ମଣିଷଠାରୁ ଅସରନ୍ତି ଭଣ୍ଡାର ଲୁଚାଇ ରଖିଛି । ତା ଅ ିରୁ ସେସବୁ ଛଡ଼ାଇ ଆଣି ନିଜର ପ୍ରାପ୍ୟ ଆଦାୟ କର । ବୀର ପରି ବ  । ପ୍ରତିଦ୍ୱନ୍ଦିତା କ୍ଷେତ୍ରରୁ ଅନ୍ୟମାନଙ୍କୁ ହଟାଅ । ଏହିପରି ଜୀବନାଦର୍ଶରେ ଧୀର ପରିବ ିନ ବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରୁ ଆରମ୍ଭ ହୋଇଛି । ପ୍ରକୃତିର ଭଣ୍ଡାର ଅସରନ୍ତି ନୁହେଁ । ତେବେ କିଛି ସଂପଦ ସେ ତା'ର ପୁଅ ଝିଅଙ୍କ ପାଇଁ ସାଇତି ରଖିଛି । ପ୍ରକୃତିକୁ ଯଥେଚ୍ଛା ଲୁଣ୍ଠନ କରିବା ଛାଡ଼ି ମଣିଷ ପ୍ରକୃତିକୁ ଏ ଦୃଷ୍ଟିରୁ ଦେଖିବା ଆରମ୍ଭ କରିଛି । ପ୍ରକୃତିକୁ ଲୁଣ୍ଠନ କରିବା ପରିବର୍ ି ପରିବେଶର ଯତ୍ନ ନେବା ଦିଗରେ ମଣିଷ ଆଗଭର ହେଲାଣି । ପ୍ରକୃତି ଆମର ମାଆ । ମଣିଷର ଏ ଉପଲବ୍ଧି  ଅତି ପ୍ରାଚୀନ କାଳରୁ ହୋଇଛି । ଆଧୁନିକ ବିଜ୍ଞାନର ଜାଗରଣ ସହିତ ମଣିଷ ଏ ଉପଲବ୍ଧିକୁ ଏଡ଼େଇ ଗଲା । ପ୍ରକୃତିକୁ ଦାସୀ ପଣରେ ଖଟାଇବାକୁ ମନ କଲା । ନିକଟ ଅତୀତରେ ମଣିଷର ଏ ମନୋଭାବ ପରିବର୍ ିତ ହୋଇଛି । ପରିବେଶ ସଚେତନ ହୋଇ ଉଠୁଥିବା ମଣିଷ ପ୍ରକୃତିକୁ ପୁଣି ଥରେ ମାଆ ରୂପରେ ଫେରି ପାଇବା ସ୍ୱାଭାବିକ କଥା ।

ପ୍ରକୃତିର ଭଣ୍ଡାର ଅସରନ୍ତି କଥାଟିକୁ ବିଶ୍ୱାସ କରିଯାଇ ଅର୍ଥନୀତିଜ୍ଞମାନେ ପ୍ରକୃତି ଭଣ୍ଡାରକୁ ଜୁର କରିବା ପାଇଁ ମଣିଷକୁ ଉତ୍ସାହିତ କଲେ । ଅର୍ଥନୀତିଜ୍ଞଙ୍କ ଆହ୍ୱାନ କ୍ରମେ ମଣିଷର ଅର୍ଥ ଉପାର୍ଜ୍ଜନକୁ ଈଶ୍ୱରଙ୍କ ଆସନରେ ବସାଇଲା । ଏହାର ପ୍ରତିବାଦର ସ୍ୱର ଏବେ ଶୁଣାଯାଉଛି ।  ସ୍ୱର ଉଠାଇଛନ୍ତି Small is Beautiful ବହିର ସ୍ୱନାମଧନ୍ୟ ଲେଖକ ସ୍କୁମାଚାର । ଏହି ବିଶିଷ୍ଟ ଅର୍ଥନୀତିଜ୍ଞ ଜର୍ମାନୀରେ ଜନ୍ମହୋଇଥିଲେ ଓ ଦ୍ୱିତୀୟ

ମହାଯୁଦ୍ଧପରେ ବ୍ରିଟିଶ ନାଗରିକତ୍ୱ ଗ୍ରହଣ କରିଥିଲେ । ଖ୍ରୀଷ୍ଟାବ୍ଦ ୧୯୭୦ ପରେ ତାଙ୍କ " ଛୋଟ ହିଁ ସୁନ୍ଦର " ବହିଟି ପ୍ରକାଶ ପାଇଲା । ବହିଟିକୁ ସମାଲୋଚନା କରି ଗାଡ଼ିଆନ୍ କାଗଜ ଏହାକୁ Buddhist Economics ବୋଲି କହିଥିଲେ । ପାଶ୍ଚାତ୍ୟ ବିଜ୍ଞାନ ଓ ପ୍ରାଚ୍ୟ ଦର୍ଶନ ମଧ୍ୟରେ ମିଳନର ଏହା ଆଉ ଏକ ଦୃଷ୍ଟାନ୍ତ ।

ବ ର୍ମାନ ଯୁଗରେ ଆମେରିକା ପୃଥିବୀର ସବୁଠାରୁ ବିଭବଶାଳୀ ଦେଶ । ଆମେରିକାର ବିଭବ ହିଁ ସେ ଦେଶର ଅର୍ଥନୈତିକ ବ୍ୟବସ୍ଥାର ସଫଳତାର ପ୍ରମାଣ ପତ୍ର । ମାତ୍ର ସ୍ମୁମାଚାର ଦର୍ଶାଇଛନ୍ତି ଯେ ପୃଥିବୀର ସମୁଦାୟ କ ାମାଲର ୪୦ଭାଗ ଆମେରିକାରେ । ଅଥଚ ଲୋକସଂଖ୍ୟା ପୃଥିବୀ ଲୋକସଂଖ୍ୟାର ମାତ୍ର ଛଅ ଭାଗ । ଛଅ ଭାଗ ଲୋକଙ୍କ ପାଇଁ ୪୦ ଭାଗ ମ ାମାଲ ବିନିଯୋଗ କରି ଆମେରିକା ତା' ନାଗରିକଙ୍କୁ କି ସୁଖ, ସନ୍ତୋଷ ଓ ସଂସ୍କୃତି ଦେଇପାରିଛି ?

ସୁଖ, ସନ୍ତୋଷ, ସଂସ୍କୃତି ଇତ୍ୟାଦି ବିଷୟରେ ମୁଣ୍ଡ ଖେଳେଇବା କ'ଣ ଅର୍ଥନୀତିଜ୍ଞଙ୍କର କାମ ? ସ୍ମୁମାଚାର ଉ ର ଦେବେ- ନିଶ୍ଚୟ । ଅର୍ଥନୀତିକୁ କେବଳ ଅର୍ଥଭି ିକ ନ ରଖି ମୂଲ୍ୟଭି ିକ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି । ସ୍ମୁମାଚାର ମହାତ୍ମା ଗାନ୍ଧିଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ । ବର୍ମାରେ କିଛିକାଳ ଭ୍ରମଣ କରି ବୌଦ୍ଧଧର୍ମ ଦ୍ୱାରା ଉଦ୍‌ବୁଦ୍ଧ ହୋଇଥିଲେ । ପ୍ରତିଯୋଗିତାମୂଳକ ଅର୍ଥନୀତି ପରିବର୍ େ ଅହିଂସା ଓ ସହଯୋଗିତାମୂଳକ ଅର୍ଥନୀତିକୁ ଗ୍ରହଣ କରିବାକୁ ସେ ଆହ୍ୱାନ କଲେ । "ଛୋଟ ହିଁ ସୁନ୍ଦର" ବହି ଆକାରରେ ୧୯୭୦ ରେ ବାହାରିଥିଲେ ମଧ୍ୟ ପ୍ରବନ୍ଧ ଆକାରରେ ୧୯୫୦-୬୦ ଭିତରେ ପ୍ରକାଶ ପାଇଥିଲା । ଯେଉଁ ସମୟରେ ଟେକ୍‌ନୋଲୋଜିକାଲ୍ ବିକାଶକୁ ଫୁଲମାଳ ପିନ୍ଧାଇ ସର୍ବତ୍ର ସମ୍ବର୍ଦ୍ଧନା ଦିଆଯାଉଥିଲା, ଟେକ୍‌ନୋଲୋଜିକୁ ବଢ଼ାଇବା ଓ ବିସ୍ତାର କରିବା ପାଇଁ ସମାଜ ମହା ଉତ୍ସାହରେ ମାତି ଯାଉଥିଲା, ସେତିକି ବେଳେ ପ୍ରାକୃତିକ କ ାମାଲ ଅସରନ୍ତି ନୁହେଁ ଚେତାଇ ଟେକ୍‌ନୋଲୋଜି ଉପରେ ଅଙ୍କୁଶ ପ୍ରୟୋଗ ପ୍ରତି ସ୍ମୁମାଚାର ଦୃଷ୍ଟି ଆକର୍ଷଣ କରିଛନ୍ତି । ସେ

ଦୁଇଟି କଥା ଉପରେ ଗୁରୁତ୍ୱ ଦେଇଛନ୍ତି । ପ୍ରଥମତଃ ଟେକ୍‌ନୋଲୋଜି ଯାନ୍ତ୍ରିକ ହେବା ପରିବର୍ତ୍ତେ ମାନବୀୟତାର ସ୍ପର୍ଶ ପାଇବା ଏକାନ୍ତ ଆବଶ୍ୟକ । ଦ୍ୱିତୀୟରେ ଅର୍ଥନୀତି ସୁସ୍ଥ ପରିବେଶ ପ୍ରତି ଧ୍ୟାନ ଦେବା ଉଚିତ । ପୃଥିବୀର ନିୟୁକ୍ଲିୟର ରିଆକ୍ଟରମାନଙ୍କରେ ବ୍ୟବହୃତ ତେଜସ୍କ୍ରିୟ ପଦାର୍ଥ ତ ସହଜେ ବିପଦ୍‌ଜନକ । ଏସବୁ ବ୍ୟବହାର କରିବା ପରେ ମିଳୁଥିବା ନିୟୁକ୍ଲିୟର୍ ମଳ ମଧ୍ୟ କମ୍ ବିପଦ୍‌ଜନକ ନୁହନ୍ତି । ଏହି ନିୟୁକ୍ଲିୟର ମଳ ପୃଥିବୀକୁ ଭୟଙ୍କର ବିପଦ ଡାକିଆଣିବ । ଏ ସବୁ ଦୃଷ୍ଟିରୁ ପରିବେଶ ବିଜ୍ଞାନ ସବୁ ଅର୍ଥନୀତିଜ୍ଞଙ୍କ ପାଇଁ ବାଧ୍ୟତାମୂଳକ ବିଷୟ ହେବାର ଆବଶ୍ୟକତା ଉପରେ ସେ ଗୁରୁତ୍ୱ ଦେଇଥିଲେ ।

ଆମେରିକାର ସମାଜ ଖଟିବା, ଲାଭ କମେଇବା ଓ ପାର୍ଥିବ ସମୃଦ୍ଧିର ପିଛା ପଡ଼ିଛି । ଯଥାସମ୍ଭବ ଅଧିକ ଆୟ କରିବା ଲୋକଙ୍କ ଜୀବନରେ ପ୍ରଧାନ ଲକ୍ଷ୍ୟ ହୋଇଛି । ଯିଏ ଯେତେ ପ୍ରକାର ନୂଆ ଓ ଦାମୀ ଆସବାପତ୍ର କିଣିପାରିଲା, ସିଏ ସେତେ ଉଚ୍ଚମାନର ଜୀବନ ବ ୍ଞ୍ଚିଛି ବୋଲି ଧରିନିଆଯାଏ । ସ୍କୁମାଚାର ଆମେରିକାକୁ ସମାଲୋଚନା କରି ଏକଥା କହିଥିଲେ ମଧ୍ୟ ଊଣାଅଧିକେ ସବୁ ଦେଶର କେବଳ ଏହି ମୂଲ୍ୟ ବୋଧଦ୍ୱାରା ପରିଚାଳିତ । ଏହି ଅର୍ଥନୈତିକ ଅର୍ଥନୀତିର ଦର୍ଶନକୁ ସଂଶୋଧନ୍ କରି ସ୍କୁମାଚାର ଅର୍ଥନୀତିକୁ ମାନବୀୟ ମୂଲ୍ୟବୋଧ ଉପରେ ପ୍ରତିଷ୍ଠା କରିବାକୁ ଚାହିଁଛନ୍ତି । ଜୀବନର ମୂଲ୍ୟ ଏକାବେଳେ ଅର୍ଥ ନିର୍ଭର ହୋଇନଥିଲେ ମଧ୍ୟ ଏହାର ମୂଲ୍ୟାୟନ ଅର୍ଥ ସର୍ବସ୍ୱ ହୋଇଛି । ପ୍ରଚଳିତ ବସ୍ତୁବାଦୀ ଅର୍ଥ ନୈତିକ ସିଷ୍ଟମରେ ଜଣେ ବ୍ୟକ୍ତି ହାରାହାରି ଯେତିକି ଗ୍ରାସ କରୁଛି, ତାହାହିଁ ଜାତିର ଜୀବନ ଯାପନର ମାନଦଣ୍ଡ । ତେଣୁ ପ୍ରଚୁର ଉତ୍ପାଦନ କରି ହାରାହାରି ଗ୍ରାସ ପରିମାଣ ବଢ଼ାଉଥିବା ଦେଶର ଅର୍ଥନୈତିକ ସମୃଦ୍ଧି ସ୍ୱୀକୃତ । ଏହି ବସ୍ତୁବାଦୀ ଅର୍ଥନୀତିର ମାପକାଠି ବ୍ୟତୀତ ବୌଦ୍ଧ ଅର୍ଥନୀତିର ମାପକାଠି ରହିଛି । ବୌଦ୍ଧ ଅର୍ଥନୀତି ଉତ୍ପାଦନ ବୃଦ୍ଧି ଓ ହାରାହାରି ଗ୍ରାସର ବୃଦ୍ଧିକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରେନା । ମାତ୍ର ଏହା ସାଙ୍ଗକୁ ମଣିଷ ଠିକ୍ ପଥରେ ଚାଲୁଛି କି ନା, କେତେଦୂର ମଧ୍ୟମ ପନ୍ଥା (Middle way) ଅବଲମ୍ବନ କରିବାକୁ ସମର୍ଥ ହେଉଛି, ବୌଦ୍ଧ ଅର୍ଥନୀତିରେ ଏହି କଥା ମପାଯାଏ ।

ବ ିମାନର ଅର୍ଥନୀତି ଉନ୍ନବିଂଶ ଶତାବ୍ଦୀର ବୈଜ୍ଞାନିକ ବିଶ୍ୱାସ ଉପରେ ନିର୍ଭରଶୀଳ ହୋଇଥିବାରୁ ସାଂପ୍ରତିକ ସମସ୍ୟାର ସମାଧାନ ଦିଗରେ ଅସମର୍ଥ । ଖଣ୍ଡିତ ଦୃଷ୍ଟିକୋଣ ଓ ମୂଲ୍ୟବୋଧ ବିବର୍ଜିତ ଆଧୁନିକ ଟେକ୍‌ନୋଲୋଜି ମଣିଷର ସବୁ ଦୁର୍ଦ୍ଦଶାପାଇଁ ଦାୟୀ । ଆଧୁନିକ ଟେକନୋଲୋଜି ମଣିଷକୁ ଆନନ୍ଦ ପାଇଲା ଭଳି ସୃଜନାତ୍ମକ କର୍ମରୁ ବ ୍ତ କରିଛି । ଟେକ୍‌ନୋଲୋଜି ଭି ିକ ଅର୍ଥନୀତିକୁ ପରିହାର କରି ପରିବେଶ ଭି ିକ ଅର୍ଥନୀତିକୁ ଗ୍ରହଣ କରିନେବା ପାଇଁ ସ୍କୁମାଚାର ଆହ୍ୱାନ କରନ୍ତି । ଏହି ନୂଆ ଅର୍ଥନୀତି ମଣିଷର ମୂଲ୍ୟକୁ ସର୍ବତ୍ର ସ୍ୱୀକାର କରେ । ଛୋଟ ଆକାରରେ, ନିଜ ଅକ୍ତିଆରରେ ରଖି ସମ୍ଭାଳି ପାରିବା ଭଳି ଯୋଜନାମାନଙ୍କୁ କେବଳ ମଣିଷ ହାତକୁ ନେବା ଦରକାର । କାରଣ ଛୋଟ ହିଁ ସୁନ୍ଦର !

**ଲେଖକ ପରିଚୟ :**

**ଶରତ କୁମାର ମହାନ୍ତି (୧୯୩୮ -୨୦୦୬) ଜରିପଡ଼ା, କଟକ**

ଆଧୁନିକ ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ବଳିଷ୍ଠ ସ୍ରଷ୍ଟା ଶରତ କୁମାର ମହାନ୍ତିଙ୍କ ଖ୍ୟାତି ସୁବିଦିତ । ବିଜ୍ଞାନ ବିଷୟ ସମ୍ବଳିତ ପ୍ରବନ୍ଧ ରଚନାରେ ସେ ଅଧିକ ନିଷ୍ଠା ବ୍ୟକ୍ତ କରିଥିଲେ ମଧ୍ୟ ଦର୍ଶନ, ଇତିହାସ, ଧର୍ମ, କଳା, ସାହିତ୍ୟ ଇତ୍ୟାଦି ପ୍ରତି ତାଙ୍କ ଆଗ୍ରହର ଅଭାବ ନାହିଁ । ଶରତ କୁମାରଙ୍କ ପ୍ରବନ୍ଧଗୁଡ଼ିକରେ ବିଶ୍ୱଦୃଷ୍ଟି ପରିଲକ୍ଷିତ । ଭାରତ, ଗ୍ରୀସ୍,ଫ୍ରାନସ୍, ଜର୍ମାନ୍ ଇଂଲଣ୍ଡ, ଆମେରିକା ପ୍ରଭୃତି ଦେଶର ବହୁ ବିଷୟ ତାଙ୍କ ପ୍ରବନ୍ଧର ବପୁ ନିର୍ମାଣରେ ସହାୟକ । ଗଣିତ ଅଧ୍ୟାପନାରେ ଜୀବିକା ବିତାଇଥିବା ଏହି ପ୍ରଭାବଶାଳୀ ଲେଖକଙ୍କ ପ୍ରବନ୍ଧମାଳା ପାଠକୀୟ ମାନସର ପରିପୋଷକ । 'ବିଜ୍ଞାନ ଦୃଷ୍ଟି', 'ଆକାଶରଆହ୍ୱାନ','ଆର୍ଚିମ୍ରୁ କ୍ୱା ମ୍', 'ଅସ୍ତିତ୍ୱବାଦର ମର୍ମକଥା',ବୋଦାଙ୍କର ଦାଦାଗିରି ଓ ଅନ୍ୟାନ୍ୟ ପ୍ରବନ୍ଧ ଇତ୍ୟାଦି ତାଙ୍କର ଗୋଟିଏ ଗୋଟିଏ ଅମଳିନ କୃତି । 'ଆଣ୍ଡରସନଙ୍କ ପରିକାହାଣୀ', 'ଗ୍ରୀକ୍ ପୁରାଣ ଗପ' '୫୦ଏସପ୍ କାହାଣୀ' ଇତ୍ୟାଦି

ରଚନା କରି ସେ ଜଣେ ଶିଶୁ ସାହିତ୍ୟିକ ଭାବରେ ମଧ୍ୟ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି । ମହାତ୍ମାଗାନ୍ଧୀ, ସୁଭାଷଚନ୍ଦ୍ର ବୋଷ, ଗୌତମବୁଦ୍ଧ, ବିବେକାନନ୍ଦ ସକ୍ରେଟିସ୍ ଆରିଷ୍ଟଟଲ, ରାଧାକୃଷ୍ଣ ପ୍ରମୁଖ ମହା ମନୀଷୀ ଓ ଅବତାରମାନଙ୍କୁ ନେଇ ଜୀବନୀ ରଚନାରେ ସେ ଅଗ୍ରଣୀ । 'ଗାନ୍ଧୀ ମଣିଷ' ଗ୍ରନ୍ଥ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ଦ୍ୱାରା ପୁରସ୍କୃତ ।

**ବିଷୟ ପ୍ରବେଶ**

'ଛୋଟ ହିଁ ସୁନ୍ଦର' ଲେଖକଙ୍କର ଏକ ଚର୍ଚ୍ଚିତ ପ୍ରବନ୍ଧ । ତାଙ୍କର 'ଆଧୁନିକତାର ରୂପରେଖ' ପ୍ରବନ୍ଧ ସଂକଳନରେ ସ୍ଥାନିତ ଏହି ରଚନାଟିରେ ବିଜ୍ଞାନର ଅତ୍ୟଧିକ ଯାନ୍ତ୍ରିକତା ଓ ବସ୍ତୁବାଦିତା କିଭଳି ପୃଥିବୀ ପାଇଁ କ୍ଷତିକାରକ, ତାହା ଦର୍ଶାଇ ଦିଆଯାଇଛି । ବିଜ୍ଞାନ ଓ ରହସ୍ୟବାଦର ସମନ୍ୱୟରେ ପ୍ରଗତି ସମ୍ଭବ ହୋଇପାରିବ ବୋଲି ଲେଖକ ଯୁକ୍ତି ଉପସ୍ଥାପନ କରିଛନ୍ତି । ମଣିଷ ଆବଶ୍ୟକତା ଅନୁସାରେ ଅଳ୍ପ ଯନ୍ତ୍ରପାତି ଦ୍ୱାରା ପରିମିତ ବିକାଶ ମଧ୍ୟରେ ବ ୍ବା ଦରକାର । ଦ୍ରୁତ ଓ ଅତ୍ୟଧିକ ବିକାଶ ନାଆଁରେ ପ୍ରକୃତିକୁ ଧ୍ୱଂସ କରିଦେଇ ଭବିଷ୍ୟତ ଅନ୍ଧାର କରିବା ବିଜ୍ଞାନର ଲକ୍ଷ୍ୟ ନହେଉ । ଭୋଗବାଦୀ ଅର୍ଥନୀତି ବଦଳରେ ପରିବେଶ ଭି ିକ ଓ ମାନବୀୟ ମୂଲ୍ୟବୋଧ ଯୁକ୍ତ ଅର୍ଥନୀତି ବିଶ୍ୱ ପାଇଁ ଶୁଭଙ୍କର ହେବ । ପୂର୍ବରୁ ଗତ ତିନି ଶତାବ୍ଦୀ ଧରି ଆଧୁନିକ ବିଜ୍ଞାନ କେବଳ ପଦାର୍ଥକୁ ଯେଉଁ ଗୁରୁତ୍ୱ ଦେଇ ଆସୁଥିଲା, ତାହା ବିଂଶ ଶତାବ୍ଦୀ ଆରମ୍ଭରେ ପରିବ ି ତ ହେବା ଏକ ଭଲ ଲକ୍ଷଣ ବୋଲି ଲେଖକଙ୍କ ମତ । ରହସ୍ୟବାଦର ଚେତନାକୁ ଗୁରୁତ୍ୱ ଦେବାକୁ ଆରମ୍ଭ କରିବା ଦ୍ୱାରା ବିଜ୍ଞାନର ଗତି ପରିବ ି ତ ହୋଇଛି । ବ୍ରିଟିଶ ଅର୍ଥନୀତିଜ୍ଞ ସୁମାଚାର (E.F. Schumacher) ଙ୍କ ଦ୍ୱାରା ପ୍ରକାଶିତ 'Small is Beautiful' (୧୯୭୩) ନାମକ ପ୍ରସିଦ୍ଧ ଗ୍ରନ୍ଥ ଅବଲମ୍ବନରେ ରଚିତ 'ଛୋଟ ହିଁ ସୁନ୍ଦର' ଅତ୍ୟଧିକ ଟେକ୍‌ନୋଲୋଜି ବ୍ୟବହାରର କୁପରିଣତି ସମ୍ପର୍କରେ ପାଠକକୁ ସଚେତନ କରାଇଦିଏ ।

**କଠିନ ଶବ୍ଦାର୍ଥ :**

ରହସ୍ୟବାଦ –ଗୂଢ଼ତ୍ତ୍ୱ, ଜଟିଳ ବିଷୟକ ମତବାଦ

ଅହିନକୁଳ ସମ୍ପର୍କ – ସାପ ନେଉଳ ସମ୍ପର୍କ, ତିକ୍ତ ସମ୍ପର୍କ

ଧାବିତ – ଧାଉଁଥିବା

ଶୁଭଙ୍କର – ମଙ୍ଗଳମୟ, ଶୁଭପ୍ରଦ

ଅନ୍ତର୍ବୋଧ – ଅନ୍ତରର ଜ୍ଞାନ

ପ୍ରାପ୍ୟ – ପାଇବାର ବସ୍ତୁ

ଯଥେଚ୍ଛା – ଯେମିତି ଇଚ୍ଛା ସେମିତି

ଅସରନ୍ତି – ଯାହା ସରେନାହିଁ ।

ଜୁର – ନଷ୍ଟ

ଅଙ୍କୁଶ –ପ୍ରତିବନ୍ଧକ, ଆଙ୍କୁଡ଼ା

ସିଷ୍ଟମ – (ଇଂ)ବ୍ୟବସ୍ଥା

ଗ୍ରାସ – ଭୋଜନ, ଗ୍ରହଣ

ମାନଦଣ୍ଡ – ମାପକ

ପରିହାର – ପରିତ୍ୟାଗ

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ ।

## (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ୍ ଉ ର ବାଛି ଲେଖ )

୧) ବିଜ୍ଞାନ କେବେଠାରୁ ରହସ୍ୟବାଦ ଆଡ଼କୁ ଢଳିଛି ?

(କ) ବିଂଶ ଶତାବ୍ଦୀ ଶେଷରୁ (ଖ) ବିଂଶ ଶତାବ୍ଦୀ ଆରମ୍ଭରୁ

(ଗ) ଊନବିଂଶ ଶତାବ୍ଦୀରୁ (ଘ) ଊନବିଂଶ ଶତାବ୍ଦୀ ଶେଷରୁ ।

୨) ପୂର୍ବରୁ ରହସ୍ୟବାଦ ସହ କାହାର ଅହି ନକୁଳ ସମ୍ପର୍କ ଥିଲା ?

(କ) ବିଜ୍ଞାନର (ଖ) ଦର୍ଶନର

(ଗ) ଭୂଗୋଳର (ଘ) ଧର୍ମର

୩) ପଦାର୍ଥର ସଂଶ୍ଳେଷଣରୁ ଚେତନା ଜାତ ବୋଲି କାହାର ବିଶ୍ୱାସ ?

(କ) ସାହିତ୍ୟର (ଖ) ରହସ୍ୟବାଦର

(ଗ) ଧର୍ମମତର (ଘ) ବିଜ୍ଞାନର

୪) ପ୍ରକୃତିକୁ ଦାସୀ ପରି ଖଟାଅ – ଏହି ଭାବନା କାହା ଲେଖାରେ ଦେଖିବାକୁ ମିଳେ ?

(କ) ଡାର ଉଇନ (ଖ) ଦେକାର୍ତେ

(ଗ) ବେକନ୍ (ଘ) ଆଇନ୍‌ଷ୍ଟାଇନ୍

୫) ସାହସ, ବୀରତ୍ୱ, ପ୍ରତିଦ୍ୱନ୍ଦ୍ୱିତା ମନୋଭାବ କାହାର ସଦ୍‌ଗୁଣ ?

(କ) ବାଳକର (ଖ) ବାଳିକାର

(ଗ) ପୁରୁଷର (ଘ) ନାରୀର

୬) ନାରୀର ପ୍ରଧାନ ନେତ୍ର କ'ଣ ?

(କ)ଅନ୍ତର୍ବୋଧ (ଖ) ବହିର୍ବୋଧ

(ଗ) ସ୍ଥିରତା (ଘ) ଗତିଶୀଳତା

୭) କେଉଁ ନାରୀ ପରି ପ୍ରକୃତି ମଣିଷଠାରୁ ଅସରନ୍ତି ଭଣ୍ଡାର ଲୁଚାଇ ରଖିଛି ?

(କ)ଲୋଭୀ (ଖ)ଉଦାର

(ଗ)ଧନୀ (ଘ)ଜ୍ଞାନୀ

୮) କିଏ ଆମର ମାଆ ବୋଲି କୁହାଯାଇଛି ?

(କ) ବୃକ୍ଷଲତା (ଖ) ଆକାଶ

(ଗ) ନଦୀ (ଘ) ପ୍ରକୃତି

୯) 'କ୍ରୁର' ଶବ୍ଦର ଅର୍ଥ କ'ଣ ?

(କ) ବିଶିଷ୍ଟ (ଖ) ଶିଷ୍ଟ

(ଗ) ନଷ୍ଟ (ଘ) କଷ୍ଟ

୧୦) କେଉଁ ମସିହା ପରେ ସ୍ଯୁମାଚରଙ୍କ 'Small is Beautiful' ବହିପ୍ରକାଶ ପାଇଲା

(କ) ୧୯୮୫ (ଖ) ୧୯୭୦

(ଗ) ୧୯୮୦ (ଘ) ୧୯୯୦

୧୧ -ପୃଥିବୀର ସମୁଦାୟ କ ।ମାଲ୍‌ର ୪୦ ଭାଗ କେଉଁ ଦେଶରେ ଅଛି ?

(କ) ଭାରତରେ (ଖ) ଚୀନ୍‌ରେ

(ଗ) ଆମେରିକାରେ (ଘ) ଜାପାନ୍‌ରେ

୧୨) ସୁମାଚାର କାହାଙ୍କ ଦ୍ୱାରା ବିଶେଷ ଭାବେ ପ୍ରଭାବିତ ହୋଇଥିଲେ ?

(କ) ଗାନ୍ଧୀଙ୍କ ଦ୍ୱାରା (ଖ) ଚର୍ଚ୍ଚିଲଙ୍କ ଦ୍ୱାରା

(ଗ) ବେକନ୍‌ଙ୍କ ଦ୍ୱାରା (ଘ) ଦେକାର୍ତ୍ତେ

୧୩) ଟେକ୍‌ନୋଲୋଜି ଯାନ୍ତ୍ରିକ ହେବା ପରିବର୍ତ୍ତେ କାହାର ସ୍ପର୍ଶ ପାଇବା ଏକାନ୍ତ ଆବଶ୍ୟକ ?

(କ)ବାତ୍ସଲ୍ୟର (ଖ) ଦିବ୍ୟତ୍ୱର

(ଗ)ଭ୍ରାତୃତ୍ୱର (ଘ) ମାନବୀୟତାର

୧୪) ବୌଦ୍ଧଧର୍ମରେ କେଉଁ ପନ୍ଥା ଅବଲମ୍ବନ ପାଇଁ ନିର୍ଦ୍ଦେଶ ଦିଆଯାଇଛି ?

(କ)ଉଚ୍ଚତମ ପନ୍ଥା (ଖ)ମଧ୍ୟମ ପନ୍ଥା

(ଗ) ଉ ମ ପନ୍ଥା (ଘ)ସର୍ବୋ ମ ପନ୍ଥା

୧୫) ଆନନ୍ଦ ପାଇବା ଭଳି ସୃଜନାତ୍ମକ କର୍ମରୁ ମଣିଷକୁ କିଏ ବ ୍ତ କରିଛି ?

(କ) ରାଜନୀତି (ଖ)ଅର୍ଥନୀତ

(ଗ)ବିଜ୍ଞାନ (ଘ)ଟେକ୍‌ନୋଲୋଜି

**(ଖ) କ୍ଷୁଦ୍ର ଉ ରମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧) ବିଂଶ ଶତାବ୍ଦୀର ବିଜ୍ଞାନ କିପରି ଭାବରେ ଜଗତକୁ ଦେଖିବାକୁ ଆଗ୍ରହୀ ହୋଇଛି ?

୨) ପୂର୍ବେ କେତେ ଶତାବ୍ଦୀ ଧରି ପଦାର୍ଥ ମୂଳବସ୍ତୁ ରୂପେ ବିବେଚିତ ହେଉଥିଲା ?

୩) ରହସ୍ୟବାଦ ଅନୁସାରେ ଜଗତର ମୂଳ ସ । କ'ଣ ?

୪) କାହାର ଜୟଧ୍ୱନି ଦେଇ ବିଜ୍ଞାନ ଯାନ୍ତ୍ରିକ ବାଟେ ମାଡ଼ି ଚାଲିଲା ?

୫) କେଉଁ ଭାବର ଜାଗରଣ ହେବା ମଣିଷ ପକ୍ଷରେ ଶୁଭଙ୍କର ହେବ ?

୬) ପୁରୁଷର ପ୍ରଧାନ ନେତ୍ର କ'ଣ ?

୭) କାହାର ଭଣ୍ଡାର ଅସରନ୍ତି ନୁହେଁ ?

୮) ସୁମାଚାରଙ୍କ କେଉଁ ବହିଟିକୁ ସମାଲୋଚନା କରି ଗାଡ଼ିଆନ୍ କାଗଜ ଏହାକୁ "Buddhist Ecomomics" ବୋଲି କହିଥିଲେ ?

୯) ନିଉକ୍ଲିୟର ମଳ ଦ୍ୱାରା କ'ଣ ହେବ ?

୧୦) ଆଧୁନିକ ମଣିଷର ଦୁର୍ଦ୍ଦଶା ପାଇଁ କିଏ ଦାୟୀ ?

**(ଗ) କ୍ଷୁଦ୍ର ଉ ରମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ । (ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧) ଛୋଟ ହିଁ ସୁନ୍ଦର ପ୍ରବନ୍ଧଟି କେଉଁ ପୁସ୍ତକ ଅବଲମ୍ବନରେ ରଚିତ ?

୨) କେଉଁ ଚିନ୍ତାଶୀଳ ଲେଖକ ଦ୍ୱୟ ଆଧୁନିକ ବିଜ୍ଞାନକୁ ଯାନ୍ତ୍ରିକତା ବାଟରେ ମତେଇ ନେଲେ ?

୩) ନାରୀ ଜାଗରଣଠାରୁ କେଉଁ ଭାବର ଜାଗରଣ ଅନେକ ବଡ଼କଥା ବୋଲି କୁହାଯାଇଛି ?

୪) କେଉଁ ମଣିଷଟି ଅସଂପୂର୍ଣ୍ଣ ?

୫) ଭଲଭାବରେ ବ ୍ବାକୁ ହେଲେ ମଣିଷ କାହାକୁ ଦାସୀ ପରି ଖଟାଇବା ପାଇଁ ଉଚିତ ମଣୁଥିଲା ?

୬) ଅର୍ଥନୀତିଜ୍ଞଙ୍କ ଆହ୍ୱାନକ୍ରମେ ମଣିଷ କାହାକୁ ଈଶ୍ୱରଙ୍କ ଆସନରେ ବସାଇଲା ?

୭) କେଉଁ କଥାକୁ ଆମେରିକା ବାସୀ ସଫଳ ଅର୍ଥନୈତିକ ବ୍ୟବସ୍ଥାର ପ୍ରମାଣପତ୍ର ବୋଲି ଭାବନ୍ତି ?

୮) ବ ର୍ମାନର ଅର୍ଥନୀତି ସାମ୍ପ୍ରତିକ ସମସ୍ୟାର ସମାଧାନ ଦିଗରେ ଅସମର୍ଥ କାହିଁକି ?

**(ଘ) ଅଳ୍ପ ଦୀର୍ଘ ଉ ରମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ସୂଚନା ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର )**

୧) ଜଗତକୁ ଏକ ଯନ୍ତ୍ର ଭାବି କ'ଣ କରିବା ପାଇଁ ବେକନ୍ ଇଙ୍ଗିତ କରୁଥିଲେ ?

୨) ନାରୀ ଭାବର ଜାଗରଣ କହିଲେ କ'ଣ ବୁଝାଏ ?

୩) ନାରୀ ପୁରୁଷ କେବଳ ଲିଙ୍ଗଦୃଷ୍ଟିରୁ ଅଲଗା, ନଚେତ ସବୁ ଦୃଷ୍ଟିରୁ ସମାନ – ଏପରି ଘଟିବା ଶୁଭକଥା ନୁହେଁ କାହିଁକି ?

୪) ଦୟାଶୂନ୍ୟ ବଡ଼ ବୀର ସମ୍ପର୍କରେ କ'ଣ କୁହାଯିବ ?

୫) ବୀରଭୋଗ୍ୟା ବସୁନ୍ଧରା ନୀତିଟି କ'ଣ ?

୬) ପ୍ରକୃତିକୁ ଦାସୀ ପଣରେ ଖଟାଇବାର ଅର୍ଥ ବୁଝାଇ ଦିଅ ।

୭) ଲେଖକ ସ୍କୁମାଚାର ଆମେରିକାକୁ କାହିଁକି ସମାଲୋଚନା କରିଛନ୍ତି ?

**(ଙ) ଦୀର୍ଘ ଉ ର ମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

୧ -'ଛୋଟ ହିଁ ସୁନ୍ଦର' ପ୍ରବନ୍ଧର ଆଭିମୁଖ୍ୟ ଆକଳନ କର ।

୨ -ବିଜ୍ଞାନକୁ ଯାନ୍ତ୍ରିକତା ବାଟରେ ମଡେଇ ନେବା ଦ୍ୱାରା ମଣିଷର କି କି କ୍ଷତି ହୋଇଛି ବର୍ଣ୍ଣନା କର ?

୩ - ପରିବେଶ ସଚେତନ ମଣିଷ ପ୍ରକୃତିକୁ କିଭଳି ପୁଣିଥରେ ମାଆ ରୂପରେ ଫେରି ପାଇଛି, ବିଶ୍ଳେଷଣ କର ।

୪ -ଅର୍ଥନୀତିରେ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିବାର ହେତୁ କ'ଣ ସୂଚାଇଦିଅ ।

୫ - ବସ୍ତୁବାଦୀ ଅର୍ଥନୀତି ଓ ବୌଦ୍ଧ ଅର୍ଥନୀତି ମଧ୍ୟରେ ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କର ।

***

# ଚତୁର୍ଥ ଏକକ

# ପକ୍ଷାଘାତ

**ବାମାଚରଣ ମିତ୍ର**

ଦୁର୍ଯ୍ୟୋଧନ ବାବୁ ବ ର୍ମାନ ସବୁବେଳେ ବାହାର ବାରନ୍ଦାରେ ପଡ଼ିଥିବା ଖଟଉପରେ କାନ୍ଥକୁ ଡେରି ପଡ଼ିଥାଆନ୍ତି । ପିଠିଆଡ଼େ ତାଙ୍କର ଗୋଟାଏ ତେଲଚିକିଟା ଛିଣ୍ଡା ତକିଆ । ବଲ ବଲ କରି ଆକାଶକୁ ଚାହିଁ ସେ ପାନ ପାକୁଳି କରୁ ଥାଆନ୍ତି । କଥା କହିବାକୁ ଶକ୍ତି ନାହିଁ, କି ଉଠିବାର ମଧ ଶକ୍ତି ନାହିଁ । ପକ୍ଷାଘାତ ରୋଗୀ ସେ । କେତେବେଳେ କାହାର ଇଚ୍ଛା ହେଲେ ଖଣ୍ଡେ ପାନ ଦେଇଯାଏ, ତକିଆଟାକୁ ସଜାଡ଼ି ଦେଇ ଯାଏ ବା କଅଣ ଟିକିଏ କରିଦେଇଯାଏ ।  ଘରର ସମସ୍ତେ ତାଙ୍କ ଉପରେ ବ ର୍ମାନ ବିରକ୍ତ । ତାଙ୍କ ପରିବାରର ଅନ୍ୟମାନଙ୍କ ସହିତ କ୍ଷୀଣ ଦୈହିକ ସଂଯୋଗ ଥିଲେ ହେଁ, ମାନସିକ ସଂଯୋଗ ଆଦୌ ନାହିଁ । ଏ ଯୁଗର ହଠାତ୍ ଧନୀ ଓ ପାଶ୍ଚାତ୍ୟ ସଭ୍ୟତାର ପୂଜାରୀ ପରିବାର ଘରେ କୌଳିକ ଦେବତାର ଅବସ୍ଥା ଯେପରି-ବହିଷ୍କୃତ ନୁହେଁ, ପରିତ୍ୟକ୍ତ ।

ପ ାବନ ବର୍ଷ ବୟସରେ ପେନ୍‌ଶନ୍ ନେବାର ଠିକ୍ ତିନିଦିନ ପରେ ଏ ଅବସ୍ଥା ତାଙ୍କର ଘଟିଲା । ଦୀର୍ଘ ତିରିଶ ବର୍ଷ ଧରି ସେ ଚାକିରି କରି ପେନ୍‌ଶନ୍ ନେଲେ । ଚାକିରି ତାଙ୍କର ଆରମ୍ଭ ଖୁବ୍ ତଳରୁ, କିନ୍ତୁ ଶେଷ ଯେତେବେଳେ କଲେ, ସେତେବେଳେ ଥିଲେ ସେ ଅତି ଉଚ୍ଚ ଆସନରେ । କ୍ଷମତା, ପ୍ରତିପ ି, ସମ୍ମାନ ଓ ଅର୍ଥ ସେ ଚାକିରି ଜୀବନରେ ପାଇଥିଲେ ପ୍ରଚୁର । ତଥାପି ପେନ୍‌ଶନ୍ ଯେତେବେଳେ ନେଲେ, ସେତେବେଳେ ସେ କାନ୍ଦି ପକାଇଲେ । ପେନ୍‌ଶନ୍ ନେବା ପର ମୁହୂ ର୍ଠାରୁ ତାଙ୍କ ସହିତ ଅଇଣ୍ଠୁ ସାହୁ ବା ନିଧି ମଳିକର ଯେପରି କୌଣସି ପ୍ରଭେଦ ନାହିଁ ଏହିପରି ତାଙ୍କର ମନେ ହେଲା । ଯେଉଁ କଚେରିରେ ସେ ବର୍ଷ ବର୍ଷ ଧରି ହାକିମି କରି ଆସିଛନ୍ତି, ସଲାମ ପାଇ ଆସିଛନ୍ତି, ଆଜି

ସେ କଚେରିକୁ ଗଲାବେଳେ କେହି ଟିକେ ଉଠି ଛିଡ଼ା ହେଲେ ନାହିଁ, ତାଙ୍କ ଆଡ଼କୁ ଫେରି ଚାହିଁଲେ ବି ନାହିଁ । ଅଥଚ କେହି ଯେ ଜାଣିଶୁଣି ତାଙ୍କୁ ଅସମ୍ମାନ ଦେଖାଇବା ଉଦ୍ଦେଶ୍ୟରେ ହତାଦର କଲେ ତା ନୁହଁ, ତାଙ୍କର ସମ୍ମାନ ଥିଲା ଏକାନ୍ତ ଭାବରେ ପଦବୀ ସହିତ ଜଡ଼ିତ । ତା ବାହାରେ ତାଙ୍କ ପରିଚୟ କିଛି ନଥିଲା । ପଦବୀ ଯିବା ପରେ ଆଜି ସେ କେବଳ ଜଣେ ସାଧାରଣ ନାଗରିକ । କଚେରୀରେ ଅହେତୁକ ଘୂରି ଘୂରି ସେ ଘରକୁ ଫେରିଲେ, ମନ ତାଙ୍କର ହାହାକାର କରି ଉଠିଲା । ମୁଁ ତେବେ କିଏ ବ ର୍ମାନ ? କ'ଣ ଏବେ ମୋର ପରିଚୟ ? ମୋର ସମସ୍ତ ପରିଚୟ ମଧ୍ୟ ଅତୀତ, ଅବସର ପ୍ରାପ୍ତ ? ବ୍ୟାକୁଳ ଭାବରେ ସେ ପ୍ରଶ୍ନ କରି ବିଛଣା ଉପରେ ପଡ଼ିରହି ଚାରିଆଡ଼େ ଚାହିଁଲେ, ଆଖି ତାଙ୍କର ଛଳ ଛଳ ହୋଇଗଲା । କିଏ ଡାକିଲା ପରି ସ୍ୱର ଶୁଭିଲା, ତାର ସେଇ ପୂର୍ବ ପରିଚିତ ଡାକରେ,- ସାହେବ ସଲାମ୍ ଦିଏ ହେଁ । ସେ ଧଡ଼ପଡ଼ କରି ଉଠିଲେ, କେହି ନାହିଁ । ସେତେବେଳେ ତାଙ୍କର ମନେ ପଡ଼ିଲା ସେ ଜଣେ ଅବସରପ୍ରାପ୍ତ କର୍ମଚାରୀ । ଅବଶ୍ୟ କେହି ନାହିଁ ତାଙ୍କ ସହିତ, ଆଉ କେହି ଆସିବେ ନାହିଁ ଦେଖା କରିବାକୁ, ସଲାମ ଦେବାକୁ । ସେ ପଡ଼ି ରହିଲେ ବିଛଣାରେ ।

ଦୁଇଦିନ ଭିତରେ ସେ କଳାକାଠ ପଡ଼ି ଶୁଖିଗଲେ । ତୃତୀୟ ଦିନ ଖରାବେଳେ ସେ ବାହାରକୁ ଯିବାବେଳେ ଗୋଡ଼ ଖସିଯିବାରୁ ପଡ଼ିଗଲେ । ଉଠିବାକୁ ଚେଷ୍ଟାକଲେ । ଗୋଡ଼ରେ ଶକ୍ତି ନାହିଁ । ପାଟିକରି ଡାକିବାକୁ ଚେଷ୍ଟା କଲେ, କିନ୍ତୁ ପାଟି ଖୋଲିଲା ନାହିଁ । ବୁଝିପାରିଲେ ଯେ ହଠାତ୍ ପକ୍ଷାଘାତ ତାଙ୍କୁ ଆକ୍ରମଣ କଲା । ଦୁଇ ଓଠ ତାଙ୍କର ଥରି ଉଠିଲା, ଆଖିରୁ ତାଙ୍କର ଝର ଝର ହୋଇ ଲୁହ ବୋହି ଛାତି ଭସାଇ ଦେଲା । ସରକାର ତାଙ୍କର ସବୁ ଶୋଷି ନେଇଚି ଦୀର୍ଘ ତିରିଶ ବର୍ଷ ଖଟାଇ ଖଟାଇ । ଏକଦମ୍ କାଙ୍ଗାଳ କରିଦେଇଚି । ଯିଏ ଦିନେ ମାସକୁ ପା ହଜାର ଟଙ୍କା ପାଉଥିଲେ, ସେ ଆଜି ଦି-କଡ଼ାର ବି ନୁହନ୍ତି ।

ଘରେ ତାଙ୍କର ସେତେବେଳେ କେହି ନଥାନ୍ତି । ସ୍ତ୍ରୀ ତାଙ୍କର ଦ୍ୱିତୀୟ ପକ୍ଷର -ବୟସର ତଫାତ୍ ପନ୍ଦର ବର୍ଷ । ବିବାହ ବେଳେ ସେ ଥିଲେ ଅତି ଲଜ୍ଜାବତୀ, ମଫସଲି ଢଙ୍ଗର । ଏକା ଖଟରେ ଶୋଇବାବେଳେ ବି ସେ ପଡ଼ି ରହୁଥିଲେ ନିସ୍ପୃହଭାବରେ, ଖଣ୍ଡେ କାଠଭଳି । ଦୁର୍ଯ୍ୟୋଧନ ବାବୁହିଁ ତାଙ୍କୁ ନବ୍ୟା କରିଲେ, ଦେହ ଓ ମନରେ । ଆଜିକାଲି ସେ ଖୁବ୍ ଅଳ୍ପ ସମୟ ପାଇଁ ଘରେ ରହନ୍ତି । ମଟର ନେଇ ସବୁବେଳେ ବୁଲୁଥାନ୍ତି ଏଠି ସେଠି ଏବଂ ଅନେକ ରାତିରେ ଯେତେବେଳେ ସେ ଶୁଅନ୍ତି ସେତେବେଳେ ଅନେକ ମିଛ ଓ ସତ କଥା ଦୁର୍ଯ୍ୟୋଧନ ବାବୁଙ୍କ ଘର ଭିତରକୁ ପଶିଆସେ । କିଏ କହିଛନ୍ତି, ମୋପାସାଁ (Moupassant) ବୋଧହୁଏ, ନାରୀର ସୁପ୍ତ ଅଭିଳାଷ ଜଗାଇବା ଅନୁଚିତ, ଥରେ ଜାଗିଲେ ତାର ଗତିରୋଧ କରିବା ଅସମ୍ଭବ । ଏହାର ସତ୍ୟତା କେତେଦୂର ତା ି କମାନେ କହିବେ, କିନ୍ତୁ ଦିନେ ଦୁର୍ଯ୍ୟୋଧନ ସହିତ ତାଙ୍କର ଏହି ସବୁ ବିଷୟରେ ବାଦାନୁବାଦ ହେଲା । ସେ ନିଜେହିଁ କହିଲେ,-କିଏ କହିଥିଲା ମୋତେ ବାହାରିବାକୁ,ସମସ୍ତଙ୍କ ସହିତ ମିଶିବାକୁ, ମଦ ଖାଇବାକୁ, ଶୁଣେ ?ବ ଁମାନ କାହିଁକି ମୋତେ ଭାଗବତ ଶୁଣାଉଚ ? ମୋତେ ଯଦି କେବଳ ପୁତ୍ରାର୍ଥେ ଭାର୍ଯ୍ୟା କରି ଥାଆନ୍ତ, କଥା ଭିନ୍ନ ହୋଇ ଥାଆନ୍ତା । ତୁମେ କଲ ମୋତେ ତୁମର...., ତୁମେ ବୁଢ଼ା, କିନ୍ତୁ ମୁଁ ନୁହଁ, ତୁମକୁ କହିଥିଲି, ନାରୀର ଇଚ୍ଛା ଯଦି ଜାଣ, ସମ୍ଭାଳି ପାରିବ ନାହିଁ ଦୁର୍ଯ୍ୟୋଧନ ବାବୁ ।

ପୁଅ ତାଙ୍କର ତିନୋଟି । ଜୀବନ କ୍ଷଣସ୍ଥାୟୀ, ମରଣଶୀଳ ସତ; କିନ୍ତୁ ଜୀବନପ୍ରବାହ ଚିରନ୍ତନ । ପିତା ମାତା ଉତ୍ପାଦନ କରନ୍ତି ସନ୍ତାନ-ସନ୍ତତି । ପୁଣି ସେମାନେ ଦିନେ ପିତାମାତା ହୋଇ ସନ୍ତାନର ଜନ୍ମ ଦିଅନ୍ତି । ଜୀବନ ପରେ ଜୀବନ ଚାଲିଯାଏ, କିନ୍ତୁ ଜୀବନପ୍ରବାହ ନିରନ୍ତର ହିଁ ଚାଲିଥାଏ । ପୁରୁଷ ଓ ସ୍ତ୍ରୀର ପ୍ରେମ ମଧ୍ୟରେ ନିୟମର ହିଁ ପ୍ରକାଶ କେବଳ । ପିତା ଅମର ହୁଏ ପୁତ୍ର ମାଧ୍ୟମରେ ।

କିନ୍ତୁ ଅମରତ୍ୱ କଅଣ ? କେବଳ ଜୀବନ ପରେ ଜୀବନର ଦୈହିକ ସୃଷ୍ଟି ? ମୁଁ କଅଣ ସତରେ ମୋର ପୁତ୍ରମାନଙ୍କ ମଧ୍ୟରେ ଅମର ହୋଇ ରହିବି ।

ସେ ଦିନ ଛିଣ୍ଡା ତକିଆକୁ ଡେରି ସେ ଭାବୁଥାନ୍ତି ସେଇ କଥା । ପାନଖଣ୍ଡକ ପାଟିରୁ କେତେବେଳୁଁ ସରିଲାଣି । ଆଉଖଣ୍ଡେ ଦେବାପାଇଁ କେହି ନାହାନ୍ତି କିମ୍ବା କେହି ଆସୁନାହାନ୍ତି ପାଖକୁ ଯେ, ସଙ୍କେତଦ୍ୱାରା କାହାକୁ କହିବେ । ଅଟ୍ଟାଳିକା ଭଳି ଘର କରିଚନ୍ତି ସେ; କିନ୍ତୁ ପଡ଼ିଥାଆନ୍ତି ଗୁହାଳକୁ ଲାଗି ବାହାର ପିଣ୍ଡାରେ । ସ୍ତ୍ରୀ ପ୍ରାୟ ଏକଘ । ହେବ ସଜବାଜ ହେଉଛନ୍ତି ବାହାରକୁ ଯିବାକୁ । ତାଙ୍କର ସାଜଘରୁ ଭାସିଆସୁଛି ତାଙ୍କ ଗୁଣୁ ଗୁଣୁ ଗାନ ଓ ଅତରର ସୁଗନ୍ଧ । କିଛିକ୍ଷଣ ପରେ ସେ ଚାଲିଗଲେ ହାତରେ ସୌନ୍ଦର୍ଯ୍ୟ ମୁଣା ହଲାଇ ହଲାଇ, ସମସ୍ତ ମାଂସଳ ଅଙ୍ଗରେ ତରଙ୍ଗ ଖେଳାଇ । ତାଙ୍କ ଆଡ଼େ ସେ ଥରେ ଚାହିଁଲେ ବି ନାହିଁ ।

ଦୁର୍ଯ୍ୟୋଧନ ବାବୁଙ୍କ ଦେହ ଥରି ଉଠିଲା ଅସହ୍ୟ ମାନସିକ ଯନ୍ତ୍ରଣାରେ । ଚିତ୍କାର କରିବାକୁ ଚେଷ୍ଟାକଲେ; କିନ୍ତୁ ପାରିଲେ ନାହିଁ, କେବଳ ଗଁ ଗଁ ଶବ୍ଦ ନିର୍ଗତ ହେଲା ।

ଏହି ସମୟରେ ପ୍ରବେଶ କଲେ ତାଙ୍କର ବଡ଼ ପୁଅ । ଦୁର୍ଯ୍ୟୋଧନ ବାବୁ ମନେ ମନେ ଟିକେ ହସିଲେ ଓ ମନେ ମନେ କହିଲେ, ଆସିଗଲେ ନେତା !

ଦୁର୍ଯ୍ୟୋଧନ ବାବୁଙ୍କ ବଡ଼ ପୁଅ ନେତା ହୋଇ ନାହାନ୍ତି; କିନ୍ତୁ ଦ୍ରୁତଗତିରେ ଆଗେଇ ଚାଲିଛନ୍ତି ନେତା ହେବାକୁ । ନାନା ଅସତ୍ ଉପାୟରେ ସେ ପ୍ରଚୁର ଅର୍ଥ ଉପାର୍ଜନ କରିଛନ୍ତି, କରୁଛନ୍ତି । ନାନା ପେ ଓ କୂଟନୀତି ପ୍ରୟୋଗ କରି ସେ ଧାପେ ଧାପେ ଉଠି ଚାଲିଛନ୍ତି ନେତା ହେବାପାଇଁ ।

ସେ ଆସିଲେ ଓ ତାଙ୍କ ପଛେ ପଛେ ଆସିଲେ ଆଉ ଦୁଇଚାରିଜଣ । ଜଣେ ହାତରେ କ୍ୟାମେରା ଧରିଛନ୍ତି । ପୁଅ ଦୁର୍ଯ୍ୟୋଧନ ବାବୁଙ୍କ ଆଡ଼େ ଟିକିଏ ଚାହିଁ ମୁରୁକି ହସି ଗୋଡ଼ ଘଷିଦେବାକୁ ଲାଗିଲେ । ହଠାତ୍ ଏ ପରିବ ନ ଦେଖି ଦୁର୍ଯ୍ୟୋଧନ ଚମକି ପଡ଼ିଲେ ହେଁ କୃତଜ୍ଞତାରେ ତାଙ୍କ ଆଖିରୁ ପାଣି ଝରିପଡ଼ିଲା । ସେ ଗୋଡ଼ ଘସି ଦେଉଥିବା ଅବସ୍ଥାରେ କ୍ୟାମେରାବାଲା ଜଣକ ଫଟ ଉଠାଇ ନେଲେ । ତା'ପରେ ସେ ହସି କହିଲେ, ମୁଁ ବ ମାନ ଆସୁଚି ବାପା, କିଛି କଷ୍ଟ ନାହିଁ ତ ।

ଦୁର୍ଯ୍ୟୋଧନ ବାବୁ ମୁଣ୍ଡ ହଲାଇ ଜଣାଇଲେ 'ନା' । ସମସ୍ତେ ଚାଲିଗଲେ । ତେବେ ପିତୃଭକ୍ତିର ଫଟ ଉଠାଇବାକୁ ଆସିଥିଲେ ପୁଅ !

.... ଏ ମୋର ପୁଅ; ଅବଶ୍ୟ ମୋରି ଚରିତ୍ରର ଗୋଟାଏ ଦିଗର ମୂର୍ତ୍ତି ସେ । ମୁଁ ଯେବେ ଧନଲୋଭରେ ନାନା ଅସଦୁପାୟକୁ ଧରିଥିଲି, ନାନା କୂଟନୀତିଦ୍ୱାରା ଚାକିରି କ୍ଷେତ୍ରରେ ଦ୍ରୁତ ଉପରକୁ ଉଠି ଚାଲିଥିଲି, ଏ ପୁତ୍ର ମୋର ସେଇ ସମୟର, ମୋର ଗୁପ୍ତ ଚରିତ୍ରର ଏକ ପ୍ରକାଶ୍ୟ ବିଗ୍ରହ । ଅତଏବ ତା'ର କିଛି ଦୋଷ ନାହିଁ । ମୋର ସଂପୂର୍ଣ୍ଣ ଦୋଷ । ଦୁର୍ଯ୍ୟୋଧନ ବାବୁଙ୍କ ଆଖିରୁ ପୁଣି ପାଣି ଝରିପଡ଼ିଲା, ପୁଣି ସେ ଗଁ ଗଁ କରି ଉଠିଲେ । ଅସ୍ଥିରଭାବରେ ସେ ମୁଣ୍ଡକୁ ଛିଣ୍ଡା ତକିଆ ଉପରେ ଏପାଖ ସେପାଖ କରିବାକୁ ଲାଗିଲେ ।

ଏହି ସମୟରେ ପ୍ରବେଶ କଲେ ତାଙ୍କର ମଝିଆଁ ପୁଅ ଟଳି ଟଳି, ହାତରେ ମଦ ବୋତଲ ଧରି । ବାପାଙ୍କୁ ଦେଖି ସେ ସାଷ୍ଟାଙ୍ଗ ପ୍ରଣିପାତ କରି କାନ୍ଦି ପକାଇ କହିଲେ, ବାପା, ଆଜି ସକାଳୁ ମୁଁ, ବେଶି ନୁହଁ, ଗୋଟିଏ ମାତ୍ର ବୋତଲ ପିଇଛି । ଆଉ ଅଛି,ନେବେ ଟିକିଏ ନିଅନ୍ତୁ, ଭାରି ଆରାମ ଦେବ । ଦୁର୍ଯ୍ୟୋଧନ ବାବୁ ସେମିତି ବଲ ବଲ କରି ଚାହିଁଥାନ୍ତି, ପୁତ୍ର ପିତାଙ୍କୁ ଅନୁରୋଧ କରୁଚି ଟିକିଏ ପିଇବାକୁ -ମଦ । ଦୁର୍ଯ୍ୟୋଧନ ବାବୁ ମୁଣ୍ଡ ଟୁଙ୍ଗାରି କହିଲେ, ହଁ । ହାଃ ହାଃ ହାଃ ହାଃ - ପୁତ୍ର ଲହରାଇ ଲହରାଇ ହସୁ ହସୁ ଟଳି ଟଳି ଚାଲିଗଲେ ।

ଦୁର୍ଯ୍ୟୋଧନ ବାବୁ ଭାବିବାକୁ ଲାଗିଲେ, ଏ ମଧ ମୋର ଚରିତ୍ରର ଆଉ ଏକ ପ୍ରକାଶ୍ୟ ମୂର୍ତ୍ତି । ମୁଁ ମଧ ଦିନେ ଘରର ସମସ୍ତଙ୍କ ଆଗରେ ମଦ ପିଉଥିଲି ଏବଂ ମାତାଲ ହେଉଥିଲି । ମୁହିଁ ଦିନେ କହୁଥିଲି, ମଦ ପିଇବା କିଛି ଖରାପ ନୁହଁ, ସବୁ ସଭ୍ୟଦେଶରେ ସମସ୍ତ ପରିବାର ବସି ମଦ୍ୟପାନ କରନ୍ତି । ସେହି ମୁଁ ଆଜି ପୁତ୍ରରୂପରେ ଦେଖାଦେଇଛି । ଦୁର୍ଯ୍ୟୋଧନ ବାବୁ ଗଁ ଗଁ କରି ଉଠିଲେ ପୁଣି ହାତ ଉପରକୁ ଉଠାଇ; କାହାକୁ ଧରିବାକୁ ଚେଷ୍ଟାକଲେ; କିନ୍ତୁ ପାରିଲେ ନାହିଁ । ଯନ୍ତ୍ରଣାରେ ଛଟପଟ ହେବାକୁ ଲାଗିଲେ । ନିଜ ହାତରେ ନିଜର ବେକ ଚିପି ଆତ୍ମହତ୍ୟା କରିବାକୁ ଚେଷ୍ଟାକଲେ; କିନ୍ତୁ ପାରିଲେ ନାହିଁ ।

ଏତେ ବଡ଼ ଘର, କିନ୍ତୁ ଶୂନ୍‌ଶାନ୍ ଚାରିଆଡ଼, କେହି କେଉଁଠି ନାହାନ୍ତି । ସମସ୍ତେ ଯେ ଯା'ର ପ୍ରବୃ ି ମାର୍ଗ ଧରି କିଏ କୁଆଡ଼େ ଯାଇଛନ୍ତି, ଫେରିବେ ଅନେକ ରାତିରେ । ସେତେବେଳ ପର୍ଯ୍ୟନ୍ତ ସେ ଏକା, ନିହାତି ଏକା । ଅନ୍ତରେ ବାହାରେ ଏକା ।

ମନ ତାଙ୍କର ହାହାକାର କରି ଉଠିଲା । ଦିନ ଥିଲା ଯେବେ ସେ ଦେହର ନାନା କ୍ରିୟାରୁ ଜାତ ନାନା ଇଚ୍ଛାକୁ ସଂପୂର୍ଣ୍ଣ ପ୍ରାଧାନ୍ୟ ଦେଉଥିଲେ ଏବଂ ଚରିତାର୍ଥ କରୁଥିଲେ । ଦେହଦ୍ୱାରା କୌଣସିଭାବେ ପ୍ରଭାବିତ ନ ହୋଇ ଶୁଦ୍ଧଚିନ୍ତା ଯେ ଥାଇପାରେ ସେ କଥା ସ୍ୱୀକାର କରୁ ନ ଥିଲେ । ଆଜି ସେ ଭାବୁଚନ୍ତି ପ୍ରଥମଟି ବ୍ୟକ୍ତି ଓ ସମାଜପକ୍ଷରେ ଅମଙ୍ଗଳଜନକ, ଧ୍ୱଂସକାରକ ଏବଂ ଦ୍ୱିତୀୟଟି ଉଭୟଙ୍କ ପକ୍ଷରେ ମଙ୍ଗଳକାରକ; କିନ୍ତୁ ଲେଡ଼ି ଗୁଡ଼ କହୁଣିକି ଗଡ଼ି ଗଲାପରେ ଆଉ କି ଉପାୟ ଅଛି । ସେ କୌଣସି ମତେ, ବହୁ ଯନ୍ତ୍ରଣା ପାଇଲେ ମଧ୍ୟ ଦୁଇ ହାତ ଯୋଡ଼ି ନମସ୍କାର କଲେ ।

–ନମସ୍କାର କରନ୍ତୁ ବାପା, ସେଇ ଏକମାତ୍ର ସହାୟ, ଆଶା, ସାର୍ଥକତା । ଆଉ ସବୁ ବ୍ୟର୍ଥ, ନିରର୍ଥକ– କହୁ କହୁ ପ୍ରବେଶ କଲେ ଦୁର୍ଯ୍ୟୋଧନ ବାବୁଙ୍କ ତୃତୀୟ ପୁତ୍ର । ପିନ୍ଧିଛନ୍ତି ଗେରୁଆ ଖଣ୍ଡେ ଲୁଗା ଓ ଚାଦର । ଖୁବ୍ ମେଧାବୀ ଛାତ୍ର ଥିଲେ ସେ; କିନ୍ତୁ କଲେଜରେ ପଢୁ ପଢୁ ସେ ସନ୍ନ୍ୟାସୀ ହୋଇ ଚାଲିଯାଇଥିଲେ । ସେ ଆଜିକି ପା  ବର୍ଷ ତଳର କଥା । ସେତେବେଳେ ଦୁର୍ଯ୍ୟୋଧନ ବାବୁ ଓ ସମସ୍ତେ ସିଦ୍ଧାନ୍ତ କରିଥିଲେ ସେ କୁଳର କଳଙ୍କ । ଦୁର୍ଯ୍ୟୋଧନ ବାବୁ ସେଇଦିନୁ ଲଜ୍ଜାରେ ସେ ପୁତ୍ରର ନାମ ମଧ୍ୟ କାହାରି ଆଗେ ଉଲ୍ଲେଖ କରନ୍ତି ନାହିଁ, କେହି ଉଠାଇଲେ ଲଜ୍ଜିତ, ଅପମାନିତ ମନେ କରନ୍ତି ।

ଆଜି କିନ୍ତୁ ପୁଅକୁ ଦେଖି ସେ ମନରେ ଅଶେଷ ବଳ ଓ ସାନ୍ତ୍ୱନା ପାଇଲେ; କିନ୍ତୁ ଆଶ୍ଚର୍ଯ୍ୟ– ସେ ଭାବିଲେ– ଏ ପୁତ୍ର ମୋର କିପରି ଜନ୍ମ ହେଲା । ତେବେ କଅଣ ବାହାରର ସବୁ ପଶୁ-ପ୍ରବୃ ି ଭିତରେ ଗୋଟିଏ କ୍ଷୀଣ ଶୁଦ୍ଧ ଚିନ୍ତା ଲୁକ୍‌କାୟିତ ଥିଲା !କାହିଁ, ମୁଁ ତ କେବେ ତା'ର ସନ୍ଧାନ ପାଇନି । ଏଇ କଅଣ ତେବେ ଅମରତ୍ୱ । ଓଃ ! ମୁଁ କି ଭୁଲ୍ କରିଚି !

ପୁତ୍ର ବାପାଙ୍କ ଦେହ ଆଉଁଶି ଦେଉ ଦେଉ କହିଲେ, ବାପା କ୍ଷମତା ପ୍ରତିପ ି ଉଚ୍ଚାସନ ମାନ-ସମ୍ମାନ ପାଇବା ପୂର୍ବରୁ ବ୍ୟକ୍ତିଗତ ଶୋଧନ ଦରକାର; ତାହା ଯାହାର କରିବାର ଇଚ୍ଛା ବା କ୍ଷମତା ନାହିଁ, ସେ ସାଧାରଣ ଲୋକଭାବରେ ରହିବା ଉଚିତ । ତା ନ ହେଲେ ସେ ଯେତେ ବୁଦ୍ଧିମାନ୍ ହେଉ ନା କାହିଁକି ସମାଜର ଘୋର ଅମଙ୍ଗଳ କରିବ ।

ଦୁର୍ଯ୍ୟୋଧନ ବାବୁଙ୍କ ଇଚ୍ଛା ହେଲା ଏ ପୁତ୍ର ପାଖରେ ଜୀବନର ସବୁ ଦୋଷ, ସବୁ ଦୁର୍ବଳତା ଖୋଲି କହିଦେବାକୁ, କହିବାର ଚେଷ୍ଟାରେ ଓଠ ତାଙ୍କର ଥରି ଉଠିଲା । ଆଖିରୁ ତାଙ୍କର ପାଣି ବାହାରି ପଡ଼ିଲା । ଅସ୍ଥିର ଭାବରେ ସେ ମୁଣ୍ଡ ହଲାଇବାକୁ ଲାଗିଲେ ।

ବାପାଙ୍କୁ ଆଉଁଶି ଦେଉ ଦେଉ ପୁଅ ପୁଣି କହିଲେ, ବାପା, ଆପଣ ଯାହା କହିବାକୁ ଚେଷ୍ଟା କରୁଛନ୍ତି ମୁଁ ଜାଣେ । ଭୁଲ କିଛି ନାହିଁ, ଅବଶ୍ୟ ଦୈହିକ କ୍ରିୟାରୁ ଜାତ ଇଚ୍ଛାକୁ ପ୍ରାଧାନ୍ୟ ଓ ସ୍ୱାଧୀନତା ଦେବା ହିଁ ଅନୀତି । ଯେଉଁ ଅଦ୍ଭୁତ ନିୟମରେ ବା ଯାହାର ଇଚ୍ଛାରେ କୋଟି କୋଟି ବ୍ରହ୍ମାଣ୍ଡ ପ୍ରତି ମୁହୂ ର୍ରେ ସୃଷ୍ଟି ହୋଇ ପ୍ରତି ମୁହୂ ର୍ରେ ବିଲୟହେଉଚି, ତାଙ୍କ ଚିନ୍ତା ହିଁ ଶୁଦ୍ଧ ଚିନ୍ତା । ଆପଣ ସେ ଚିନ୍ତା କରି ନାହାନ୍ତି ବୋଲି ବ୍ୟସ୍ତ ହୁଅନ୍ତୁ ନାହିଁ, ବ ର୍ମାନ ମଧ୍ୟ ସମୟ ଅଛି । ଜୀବନର ଶେଷ ମୁହୂ ର୍ ପର୍ଯ୍ୟନ୍ତ ତାହା ପାଇଁ ବେଳ ରହିଥାଏ ।

ଦୁର୍ଯ୍ୟୋଧନ ବାବୁ ପୁଣି ଥରେ ବହୁ କଷ୍ଟରେ ଦୁଇହାତ ଯୋଡ଼ି ନମସ୍କାର କଲେ ।

## ଲେଖକ ପରିଚୟ

### ବାମାଚରଣ ମିତ୍ର (୧୯୧୫ -୧୯୭୬)

ଓଡ଼ିଆ ଗଦ୍ୟ ସାହିତ୍ୟର ଅନ୍ୟତମ ସଫଳ ସାଧକ ବାମାଚରଣ ମିତ୍ର ଜଣେ ଗାଳ୍ପିକ ଭାବରେ ନିଜର ସ୍ୱାକ୍ଷର ଛାଡ଼ିଯାଇଛନ୍ତି । ହାସ୍ୟ, ବ୍ୟଙ୍ଗ, ବିଦ୍ରୂପର ଚଟୁଳ ପ୍ରୟୋଗ ଜରିଆରେ ବେଦନାସିକ୍ତ ମଣିଷର ଅସରନ୍ତି ଦରଦକୁ କଳାତ୍ମକ ରୂପ ଦେବାରେ ସେ ଆଗୁସାର । ସାଧାରଣ ପ୍ରସଙ୍ଗକୁ ନେଇ ଅତୀବ ମନୋଜ୍ଞ ଭାବରେ ଉପସ୍ଥାପନା କରିବା

ତାଙ୍କ ଗଳ୍ପକଳାର ଏକ ବିଶେଷତ୍ୱ । 'କୀର୍ତ୍ତିଯସ୍ୟ', 'ନରଛତ୍ରାଣ', 'ପାଷାଣର ପ୍ରାଣ', 'ଅସୀମ', ମିତ୍ରକଳ୍ପ, ମିତ୍ରଗଳ୍ପ ଆଦି ସଂକଳନଗୁଡ଼ିକ ଗାଳ୍ପିକ ବାମାଚରଣଙ୍କ ଅମଳିନ କୃତି । ଗଳ୍ପରଚନା ବ୍ୟତୀତ ଉପନ୍ୟାସ ଓ ରମ୍ୟରଚନା ଲେଖି ସେ ନିଜପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିଛନ୍ତି । 'ଚନ୍ଦ୍ର ଓ ଚମ୍ପା' ତାଙ୍କର ଏକ ପ୍ରସିଦ୍ଧ ଉପନ୍ୟାସ । 'ସ୍ୱପ୍ନସିଦ୍ଧି' 'ଏଣ୍ଡୁଷ୍ଟତେଣ୍ଡୁଷ୍ଟ' ଭଳି ରମ୍ୟରଚନାରେ ମଧ୍ୟ ତାଙ୍କ ପ୍ରତିଭା ପ୍ରତିଭାତ ହୋଇଥିବାର ଜଣାଯାଏ ।

**ବିଷୟ ପ୍ରବେଶ:**

'ପକ୍ଷାଘାତ' ଏକ ଆତ୍ମବିଶ୍ଳେଷଣାତ୍ମକ ଗଳ୍ପ । ବିବେକର ବାଣୀ ଯେଉଁ ମଣିଷ ଶୁଣିପାରେ ନାହିଁ, ତା'ର ଜୀବନ କିଭଳି ଦୁର୍ବିସହ ହୋଇପଡ଼େ ତାହା ଏ ଗଳ୍ପରେ ଦର୍ଶାଇଦିଆଯାଇଛି । କ୍ଷମତା, ଅର୍ଥ, ପ୍ରତିପତ୍ତି କିପରି ମଣିଷକୁ ବିପଥଗାମୀ କରେ ଏବଂ ମଣିଷର ଏହି ରିପୁଗୁଡ଼ିକୁ ଠିକ୍ ଭାବରେ ପରିଚାଳନା କରିନପାରିଲେ ପରିଣତ ଜୀବନ କିପରି ହାହୁତାଶମୟ ହୁଏ, ତାହାର ଏକ ନିବିଡ଼ ଚିତ୍ର ଏଥିରେ ପ୍ରତିଫଳିତ ହୋଇଛି । ଗାଳ୍ପିକଙ୍କ 'ଗଳ୍ପ ସମଗ୍ର- ୨' ଗ୍ରନ୍ଥରୁ ଏହା ଗୃହୀତ ।

ଦୁର୍ଯ୍ୟୋଧନ ବାବୁ କଚେରିରେ ହାକିମ ଥାଇ କ୍ଷମତା ଓ ପଦବୀର ମୋହରେ ନିଜ କର୍ତ୍ତବ୍ୟକୁ ଭୁଲି ଯାଇଥିଲେ । ତିନୋଟି ପୁତ୍ର ସନ୍ତାନ ଥାଇ ମଧ୍ୟ ସେ ଉତ୍ତୀର୍ଣ୍ଣ ବୟସରେ ଦ୍ୱିତୀୟ ପତ୍ନୀ ଗ୍ରହଣ କରି ପରିବାର ପ୍ରତି ଯତ୍ନଶୀଳ ହୋଇ ପାରିନାହାନ୍ତି । ପଦବୀ ମୋହରେ ସେ ନିଜ ପରିବାରକୁ ଅବହେଳା କରିଥିବାରୁ ପତ୍ନୀ ସ୍ୱୈରାଚାରିଣୀ, ବଡ଼ପୁଅ ବିଫଳ ରାଜନେତା, ମଝିଆଁ ପୁଅ ମଦ୍ୟପ ଓ ମେଧାବୀ ସାନପୁଅ ସନ୍ନ୍ୟାସୀ ହୋଇଯାଇଛନ୍ତି । ଚାକିରିରୁ ଅବସର ନେବାର ଠିକ ପରେ ପରେ ସେ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇଛନ୍ତି ଏବଂ ପରିବାର ପ୍ରତି ପ୍ରଦର୍ଶନ କରିଥିବା ଅବହେଳାର ପ୍ରତିଫଳ ପାଇଛନ୍ତି ।

## କଠିନ ଶବ୍ଦାର୍ଥ

ପକ୍ଷାଘାତ -ଶାରୀରିକ ଅଙ୍ଗ ଅଚଳ ଜନିତ ରୋଗ

ପୂଜାରୀ - ପୂଜକ

ପରିତ୍ୟକ୍ତ -ପରିତ୍ୟାଗ ଜନିତ

ଏକଦମ୍ - ପୂର୍ଣ୍ଣମାତ୍ରାରେ

ନିସ୍ପୃହ - ସ୍ପୃହାହୀନ

ନବ୍ୟା -ଆଧୁନିକା

ମୋପାସାଁ - ଫରାସୀ ଲେଖକ

ସୁପ୍ତ - ନିଦ୍ରିତ

ଅଭିଳାଷ - ଇଚ୍ଛା

ଭାର୍ଯ୍ୟା - ପତ୍ନୀ

ଚିରନ୍ତନ - ଚିରସ୍ଥାୟୀ

ନିରନ୍ତର - ସଦାସର୍ବଦା

ଅମରତ୍ୱ - ମୃତ୍ୟୁହୀନତା

ପେ - କୌଶଳ

ବିଗ୍ରହ - ମୂ

ପ୍ରବୃ - ଇଚ୍ଛା,ପ୍ରବଣତା

ଶୁଦ୍ଧ - ପବିତ୍ର, ନିର୍ମଳ, ପରିଷ୍କାର

## ନମୁନା ପ୍ରଶ୍ନାବଳୀ

### (କ) ବିକଳ୍ପ ସହ ସମ୍ଭାବ୍ୟ ଉ   ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

**(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ   ର ବାଛି ଲେଖ)**

୧ – ଦୁର୍ଯ୍ୟୋଧନବାବୁ କେଉଁ ରୋଗରେ ପୀଡ଼ିତ ଥିଲେ ?

(କ) ମଧୁମେହ (ଖ) ଅପସ୍ମାର

(ଗ) ପକ୍ଷାଘାତ (ଘ) ରକ୍ତଚାପ

୨ – ଦୁର୍ଯ୍ୟୋଧନବାବୁ କେତେବର୍ଷ ବୟସରେ ପେନ୍‌ଶନ୍ ନେଲେ ?

(କ) ଅଠାବନ (ଖ) ପ  ାବନ

(ଗ) ଷାଠିଏ (ଘ) ବାଷଠି

୩ – ଦୁର୍ଯ୍ୟୋଧନବାବୁ କେତେବର୍ଷ ଧରି ଚାକିରି କରିଥିଲେ ?

(କ) ତିରିଶ (ଖ) ଏକତିରିଶ

(ଗ) ବତିଶ (ଘ) ଚଉତିରିଶ

୪ – ଦୁର୍ଯ୍ୟୋଧନବାବୁଙ୍କର କେତୋଟି ପୁଅ ?

(କ) ଦୁଇଟି (ଖ) ଗୋଟିଏ

(ଗ) ତିନୋଟି (ଘ) ଚାରୋଟି

୫ – ପିତା କାହା ମାଧ୍ୟମରେ ଅମର ହୁଏ ?

(କ) ପୁତ୍ର (ଖ) କନ୍ୟା

(ଗ) ପତ୍ନୀ (ଘ) ଭ୍ରାତା

୬ – ଦୁର୍ଯ୍ୟୋଧନଙ୍କ ବଡ଼ପୁଅ କ'ଣ ହେବାପାଇଁ ଆଗେଇ ଚାଲିଥିଲେ ?

(କ) ନେତା (ଖ)ଅଭିନେତା

(ଗ) ସୁବକ୍ତା (ଘ) ଦାର୍ଶନିକ

୭ – ମଝିଆଁପୁଅ ହାତରେ କ'ଣ ଧରି ପିତା ଦୁର୍ଯ୍ୟୋଧନଙ୍କ ପାଖକୁ ଆସିଥିଲେ ?

(କ) ଫୁଲମାଳ (ଖ) ଉପହାର

(ଗ) ମଦ ବୋତଲ (ଘ)ଭାଗବତ ଗ୍ରନ୍ଥ

୮ – ଘରର ସମସ୍ତେ କେତେବେଳେ ଫେରିବେ ବୋଲି ଦୁର୍ଯ୍ୟୋଧନ ଭାବିଛନ୍ତି ?

(କ) ମଧ୍ୟରାତ୍ରରେ (ଖ) ଆସନ୍ତାକାଲି ସକାଳେ

(ଗ)ଅନେକ ରାତିରେ (ଘ)ସଂଧ୍ୟାବେଳେ

୯ – ଦୁର୍ଯ୍ୟୋଧନବାବୁ କେଉଁ ପୁତ୍ରକୁ କୁଳର କଳଙ୍କ ବୋଲି ଭାବିଥିଲେ ?

(କ) ବଡ଼ପୁଅ (ଖ) ମଝିଆଁପୁଅ

(ଗ) ତୃତୀୟ ପୁତ୍ର (ଘ) ପୋଷ୍ୟପୁତ୍ର

୧୦ – କେଉଁ ପୁତ୍ରପାଖରେ ଜୀବନର ସବୁ ଦୋଷଦୁର୍ବଳତା ଖୋଲି କହିଦେବାକୁ ଦୁର୍ଯ୍ୟୋଧନ ବାବୁଙ୍କର ଇଚ୍ଛା ହେଲା ?

(କ) ପୋଷ୍ୟପୁତ୍ର (ଖ) ତୃତୀୟପୁତ୍ର

(ଗ) ମଝିଆଁପୁଅ (ଘ)ବଡ଼ପୁଅ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧ - ଦୁର୍ଯ୍ୟୋଧନବାବୁ କାହା ଉପରେ କାନ୍ଥକୁ ଡେରି ପଡ଼ିଥାଆନ୍ତି ?

୨ - ଦୁର୍ଯ୍ୟୋଧନବାବୁ କେଉଁ ଆଡ଼କୁ ଚାହିଁ ପାନ ପାକୁଳି କରୁଥାଆନ୍ତି ?

୩ - ଦୁର୍ଯ୍ୟୋଧନବାବୁ କେଉଁ ରୋଗରେ ପୀଡ଼ିତ ?

୪ - କେଉଁ ବୟସରେ ଦୁର୍ଯ୍ୟୋଧନବାବୁ ଅବସର ନେଲେ ?

୫ - କିଏ ନିସ୍ପୃହ ଭାବରେ ଖଣ୍ଡେ କାଠ ଭଳି ପଡ଼ି ରହୁଥିଲେ ?

୬ - ଦେହ ଓ ମନରେ ଦୁର୍ଯ୍ୟୋଧନବାବୁ କାହାକୁ ନବ୍ୟା କରିଲେ ?

୭ - ଦୁର୍ଯ୍ୟୋଧନ ବାବୁଙ୍କର କେତୋଟି ପୁଅ ?

୮ - ପିତା କାହା ମାଧ୍ୟମରେ ଅମର ହୁଏ ?

୯ - ଦୁର୍ଯ୍ୟୋଧନବାବୁଙ୍କ ମଝିଆଁ ପୁଅ ହାତରେ କ'ଣ ଧରି ପ୍ରବେଶ କଲେ ?

୧୦ -ଦୁର୍ଯ୍ୟୋଧନବାବୁଙ୍କ ତୃତୀୟ ପୁତ୍ର କ'ଣ ପିନ୍ଧି ଆସିଥିଲେ ?

**(ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର)**

୧ - ଦୁର୍ଯ୍ୟୋଧନବାବୁଙ୍କ ପିଠିଆଡ଼େ କ'ଣ ଟିଏ କିପରି ଅବସ୍ଥାରେ ଥାଏ ?

୨ - ଚାକିରି ଜୀବନରେ ଦୁର୍ଯ୍ୟୋଧନବାବୁ କ'ଣ ସବୁ ପାଇଥିଲେ ?

୩ - ଦୁର୍ଯ୍ୟୋଧନବାବୁ କେବେ ଓ କେତେଦିନ ଭିତରେ କଳାକାଠ ପଡ଼ି ଶୁଖିଗଲେ ?

୪ - ଦୁର୍ଯ୍ୟୋଧନବାବୁ କେବେ ଓ କାହିଁକି ନିଜକୁ ଜଣେ ସାଧାରଣ ନାଗରିକ ବୋଲି ଭାବିଲେ ?

୫ – ନାରୀର ସୁପ୍ତ ଅଭିଳାଷ ଜଗାଇବା ଅନୁଚିତ ବୋଲି କିଏ କାହିଁକି କହିଥିଲେ ?

୬ – ବ ର୍ତ୍ତମାନ କାହିଁକି ମୋତେ ଭାଗବତ ଶୁଣାଉଚ ବୋଲି କିଏ କାହାକୁ କହିଲେ ?

୭ – ଜୀବନପ୍ରବାହର ନିୟମ କାହା ମାଧ୍ୟମରେ ପ୍ରକାଶିତ ହୁଏ ?

୮ – ମୋର ଗୁପ୍ତ ଚରିତ୍ରର ଏକ ପ୍ରକାଶ୍ୟ ବିଗ୍ରହ ବୋଲି କିଏ କାହାକୁ ଲକ୍ଷ୍ୟକରି କହିଲେ ?

୯ – ଅନ୍ତରେ ବାହାରେ ଏକା ବୋଲି କିଏ କାହିଁକି ଅନୁଭବ କଲେ ?

୧୦ – ଦୁର୍ଯ୍ୟୋଧନବାବୁ କେଉଁ ପୁତ୍ରକୁ କୁଳର କଳଙ୍କ ବୋଲି ଭାବୁଥିଲେ ଏବଂ କାହିଁକି ?

**(ଘ)ଅଳ୍ପ ଦୀର୍ଘ ଉ ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ । (ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧ – କୌଳିକ ଦେବତାର ଅବସ୍ଥାର ପ୍ରସଙ୍ଗ କାହିଁକି ଅବତାରଣା କରାଯାଇଛି ?

୨ – ଦୁର୍ଯ୍ୟୋଧନବାବୁଙ୍କର ଚାକିରି ଜୀବନ କିପରି ଥିଲା ?

୩ – ଦୁର୍ଯ୍ୟୋଧନବାବୁଙ୍କ ପକ୍ଷାଘାତ ରୋଗ କିପରି ଆକ୍ରମଣ କଲା ?

୪ – ଦୁର୍ଯ୍ୟୋଧନବାବୁଙ୍କ ସହିତ ବାଦାନୁବାଦ କରି ତାଙ୍କ ପତ୍ନୀ ତାଙ୍କୁ କ'ଣ କହିଲେ ?

୫ – ଜୀବନପ୍ରବାହ ସମ୍ପର୍କରେ ଦୁର୍ଯ୍ୟୋଧନବାବୁଙ୍କର ଧାରଣା କ'ଣ ଥିଲା ?

୬ – ଦୁର୍ଯ୍ୟୋଧନବାବୁଙ୍କର ବଡ଼ପୁଅ ତାଙ୍କର ଗୋଡ଼ ଘଷି ଦେଉଥିଲେ କାହିଁକି ?

୭ – ମଝିଆଁ ପୁଅ ପିତା ଦୁର୍ଯ୍ୟୋଧନଙ୍କୁ କ'ଣ କହିଲେ ?

୮ – କେଉଁଟି ଅମଙ୍ଗଳଜନକ ଏବଂ କେଉଁଟି ମଙ୍ଗଳକାରକ ବୋଲି ଦୁର୍ଯ୍ୟୋଧନ ଭାବିଚନ୍ତି ?

୯ – ଦୁର୍ଯ୍ୟୋଧନବାବୁ କେଉଁ ଘଟଣାରୁ ଅମରତ୍ୱର ଅନୁଭବ କରିଛନ୍ତି ?

୧୦ – ସନ୍ନ୍ୟାସୀପୁତ୍ର କେଉଁ ମନ୍ତ୍ରରେ ପିତାଶ୍ରୀ ଦୁର୍ଯ୍ୟୋଧନଙ୍କୁ ଅଭିମନ୍ତ୍ରିତ କରିଛନ୍ତି ?

**(ଙ) ଦୀର୍ଘ ଉ  ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟିଶବ୍ଦ ମଧ୍ୟରେ ଉ  ର ଲେଖ ।**

୧- 'ପକ୍ଷାଘାତ' ଏକ ଆତ୍ମବିଶ୍ଳେଷଣାତ୍ମକ ଗଳ୍ପ – ଆଲୋଚନା କର ।

୨ - ପରିବାର ପ୍ରତି ଅବହେଳା କରି ଦୁର୍ଯ୍ୟୋଧନବାବୁ କିପରି ଦଣ୍ଡିତ ହୋଇଛନ୍ତି ପଠିତ ଗଳ୍ପ ଅବଲମ୍ବନରେ ପ୍ରତିପାଦନ କର ।

୩ - ପକ୍ଷାଘାତ ଗଳ୍ପର ସାରମର୍ମ ବିଶ୍ଳେଷଣ କର ?

୪ - ଦୁର୍ଯ୍ୟୋଧନବାବୁଙ୍କର ଦ୍ୱିତୀୟ ପକ୍ଷର ସ୍ତ୍ରୀଙ୍କର ଚରିତ୍ର ଚିତ୍ରଣ କର ।

୫ - 'ପକ୍ଷାଘାତ' ଗଳ୍ପର ସାର୍ଥକତା ନିରୂପଣ କର ।

***

# ମା' ଆସିଲେଣି

## ଶାନ୍ତନୁ କୁମାର ଆଚାର୍ଯ୍ୟ

"ଆସିଲେଣି ।"

ଖବରଟି ପ୍ରଥମେ ଘରର ପୂଝାରୀ ଘୋଷଣା କଲା । ସ୍ୱରରେ ତା'ର କିଛି ଆନନ୍ଦ ଥିଲା ନିଶ୍ଚୟ । କାରଣ ପ୍ରାୟ ତିନି ବର୍ଷ ପରେ ସେ ଘରେ ପୁଣିଥରେ ସେ ମିଠା ଶବ୍ଦଟି କେବଳ ସେଇ ପୂଝାରୀ ଚାକର ଶ୍ରେଣୀର ଲୋକଙ୍କ ମୁହଁରେ ପ୍ରତିଧ୍ୱନିତ ହେବାର ଲକ୍ଷ୍ୟ କରାଯାଇଥିଲା ।

କିନ୍ତୁ, ସେ ଘର ମା'ଙ୍କର ନୁହେଁ, ଡାଡି ମମୀଙ୍କର ନିଶ୍ଚୟ । ତେଣୁ ମା' ଶବ୍ଦର ଧ୍ୱନି ଓ ପ୍ରତିଧ୍ୱନିରେ ଘରର କୌଣସିଖୁ  ନିଜ ଜାଗାରୁ ଇଟେ  ଏପଟ ସେପଟ ହେବାର ନଥିଲା ।

ବିରାଟ ସରକାରୀ ବଙ୍ଗଳାର ବଖରା ଗୁଡ଼ିକର କବାଟଗୁଡ଼ିକ ସେ ପର୍ଯ୍ୟନ୍ତ ସବୁ ଖୋଲି ନଥାଏ । ସକାଳ ଆଠଟା ମାତ୍ର ସେଇକ୍ଷିଣା ବାଜିଥାଏ, ଭିତର ପାଖ ବାରଣ୍ଡାରେ ଝୁଲୁଥିବା ସେଇ ବଡ଼ କାନ୍ଥଘଡ଼ିରେ । ମେମ୍‌ସାହେବଙ୍କ ଶୋଇବା ବଖରାରୁ ଧୀର ଗଭୀର ସୁଷୁପ୍ତିର ନିଶ୍ୱାସ ସବୁ ତଥାପି ଘରଟିର ନିସ୍ତବ୍ଧତାକୁ ଆକ୍ରାନ୍ତ କରୁଥାଏ । ପାଖ ବଖରାରୁ ସାହେବଙ୍କର ସ୍ୱର ଏଇ ମାତ୍ର ଶୁଭିଲା- "ଚନ୍ଦ୍ରମଣି ! କିଏ ଆସିଲେ ।"

ଚନ୍ଦ୍ରମଣି- ସେଇ ପୂଝାରୀ ଯେ ପ୍ରଥମେ ଘୋଷଣାଟି ଜାହିର୍ କରିଥିଲା, ମା' ଆସିଲେଣି- ଆଉଥରେ ଘୋଷଣାଟି ଶୁଣେଇଦେଲା- "ଆଜ୍ଞା, ମା' ଆସିଛନ୍ତି ।"

ଚୂଡ଼ାମଣି ସାହେବ ଜଣେ ବିଲାତ ଫେରନ୍ତା ଅଫିସର; କିନ୍ତୁ ସାହେବ ହେଲେ ମଧ୍ୟ ଓଡ଼ିଶାର ଗାଁ ଗଣ୍ଡାର ଲୋକଙ୍କ ବୋଲି ସହିତ ସେ ଖୁବ୍ ପରିଚିତ । ତେଣୁ ନିଦ ଭାଙ୍ଗିବା ମାତ୍ରେ ପୂଝାରୀ ଚନ୍ଦ୍ରମଣିର ସେ ବୋଲିଟି ତାଙ୍କ କାନରେ ବାଜିବା କ୍ଷଣି ସେ ଚମକି

ପଡ଼ିଲେ । ତାଙ୍କୁ ଜଣାପଡ଼ିଲା ସତେକି କେହି ବିକଳ ସ୍ୱରରେ କୋଉଠି ଆ ର୍ତ୍ତନାଦ କରି କହୁଥିଲା- ରାଜ୍ୟରେ ହଇଜା ବସନ୍ତ ବ୍ୟାପିଗଲାଣି । ଚୂଡ଼ାମଣି ଆଖି ଖୋଲିଲେ । କାନ ପାରି ଶୁଣିଲେ । କୌଣସି ଅଜ୍ଞାତ ସ୍ତ୍ରୀ ଲୋକର ସ୍ୱର ଘର ଭିତରୁ ଶୁଣିପାରି ସେ ଆହୁରି ବଡ଼ ବଡ଼ ଆଖିରେ ଅନ୍ଧାରିଆ ବେଡ଼୍‌ରୁମର କାନ୍ଥଗୁଡ଼ାକୁ ଚାହିଁଲେ ।

ଇତିମଧ୍ୟରେ ଚନ୍ଦ୍ରମଣି ଆଉଥରେ ଘୋଷଣା କରିସାରିଥାଏ-

" ମା' ଆସିଗଲେ ! ହେଇଟି, ଉଠ ସମସ୍ତେ" ।

ଚୂଡ଼ାମଣିଙ୍କର ପବ୍ଲିକ୍ ସ୍କୁଲ ଫେରନ୍ତା ସୁଷୁପ୍ତ ପୁଅଝିଅ ଦୁଇଟିଙ୍କ ପାଇଁ ଚନ୍ଦ୍ରମଣିଙ୍କର ଏଇ ଡାକଟି ଅବଶ୍ୟ ଉଦ୍ଦିଷ୍ଟ ଥିଲା ଏଥର ।

ଏହା ପରେ ପିଲାମାନେ ଧଡ଼ପଡ଼ ହୋଇ ଉଠି ବସିବା, ତା'ପରେ ବାଥ୍‌ରୁମର ଫ୍ଲସ୍ ରୁ ପାଣି ପଡ଼ିବା ଆଉ ତା'ପରେ ପିଲାଙ୍କ ଘର କବାଟ ଖୋଲିବା ଶବ୍ଦଗୁଡ଼ିକ ଗୋଟି ଗୋଟି ହୋଇ ଡାଡି ଚୂଡ଼ାମଣିଙ୍କ କାନରେ ପଡ଼ିସାରିଲାଣି ଏଇ କେତୋଟି ମିନିଟ୍ ଭିତରେ । କିନ୍ତୁ ସେ ତଥାପି ତାଙ୍କର ସେଇ ବିଚିତ୍ର ଧାରଣା, ହଇଜା ବସନ୍ତର ଅହେତୁକ ଆଶଙ୍କାରୁ ନିଜ ମନଟାକୁ ମୁକ୍ତ ସଚେତନ କରିପାରୁ ନଥିଲେ ।

ତେବେ ସେ ଦିନ ସକାଳଟି ଚୂଡ଼ାମଣି ପରିବାର ପାଇଁ ଗୋଟିଏ ଖୁସିବାସିର ସକାଳ ବୋଲି ମନେ କରାଯିବାରେ କୌଣସି ଅସ୍ୱାଭାବିକତା ଦେଖାଦେଇ ନଥିଲା ନିଶ୍ଚୟ ।

ଚୂଡ଼ାମଣିଙ୍କର ମା' ଜଣେ ଉଚ୍ଚଶିକ୍ଷିତା ଭଦ୍ରମହିଳା । ଯଥା ବୟସରେ ବିଧବା ହେବାପରେ ସେ ସହର ଛାଡ଼ି ଗତ କେତେ ବର୍ଷହେବ ଏକାକୀ ଗାଁରେ ରହୁଥିଲେ । ମୃତ୍ୟୁ ପୂର୍ବରୁ ସ୍ୱାମୀ ତାଙ୍କଲାଗି ପ୍ରଚୁର ଧନସମ୍ପତ୍ତି କେବଳ ଛାଡ଼ି ଯାଇନଥିଲେ, ତାଙ୍କୁ ଅଠରଟି ସୁଯୋଗ୍ୟ ପୁତ୍ରକନ୍ୟାଙ୍କର ମାତାର ଗୌରବମୟ ଆସନରେ ମଧ୍ୟ ଅଧିଷ୍ଠିତ କରିଯାଇଥିଲେ । କିନ୍ତୁ ଭଦ୍ରମହିଳାଙ୍କୁ ଏସବୁ କିଛି ବାନ୍ଧିପାରି ନଥିଲା ।

"ମୁଁ ଗାଁରେ ଅଛି, ବେଶ୍ ଖୁସିରେ ଅଛି । ମୋ ଲାଗି କେହି ଚିନ୍ତା କରନାଇଁରେ ପିଲେ !" - ବୁଢ଼ୀ ପୁଅଝିଅମାନଙ୍କୁ ଏପରି ଆଶ୍ୱାସନା ଦିଏ ।

ପିଲାମାନେ ମଧ୍ୟ ବୁଢ଼ୀକୁ ବେଶି ବଳାନ୍ତି ନାହିଁ ।

"ୱେଷ୍ଟରେ ବୁଢ଼ାବୁଢ଼ୀମାନେ ହୋମ୍‌ରେ ରହନ୍ତି, ଇଷ୍ଟ୍‌ରେ ବାନପ୍ରସ୍ଥରେ ରହନ୍ତି । ତେବେ ଆମେ ବହୁବାର ଅନୁରୋଧ କରିଚୁ ମା'କୁ ଆମ ପାଖରେ ରହିବାକୁ, କିନ୍ତୁ ସେ କ'ଣ ରହିବ ! ରହିପାରିବ ? ଆପଣ ଚିହ୍ନନ୍ତି ନାହିଁ ଆମ ମା'କୁ । ପିକ୍ୟୁଲିଆର ଉଇମ୍ୟାନ୍ ! ଆମ ସାଥିରେ ରହିବାରେ ତା'ର ସ ର୍ କ'ଣ ଜାଣନ୍ତି ? ଚୂଡ଼ାମଣିଙ୍କ ଭାଇମାନେ ପରସ୍ପର ବନ୍ଧୁବାନ୍ଧବଙ୍କୁ ନିଜ ମା'ର ଚରିତ୍ର ସମ୍ପର୍କରେ ବୁଝାନ୍ତି, "ପ୍ରତ୍ୟେକଟି ମିଲ୍ ପାଇଁ ସେ ଚାହେଁ ଆମେ ତାକୁ ଗୋଟିଏ ବିଲ୍ ଦେବୁ ଆଉ ସେ ଆମର ଜଣେ ଗରାଖ ପରି ଆମ ଘରେ ରହିବ । ଆଚ୍ଛା, କହିଲେ ଆମେ କ'ଣ ତା'ପାଇଁ ନିଜ ଘରେ ଗୋଟିଏ ହୋଟେଲ ଖୋଲିବୁ ?"

ଚୂଡ଼ାମଣିଙ୍କର ମା' ବାସ୍ତବିକ୍ ଜଣେ ଅବାଗିଆ ଭଦ୍ରମହିଳା । ତାଙ୍କର ଧାରଣା ସଂସାରରେ କାହାରି ପାଖରେ ଧାରୁଆ ହୋଇ ଯେ ବେ , ସେ ମଲାପରେ ତା'ପାଖରେ କୁକୁର ହୋଇ ପୁଣି ଥରେ ଜନ୍ମ ହୁଏ । ବୋଧହୁଏ ଏଇ କାରଣରୁ ଭଦ୍ରମହିଳା ତାଙ୍କ ସ୍ୱାମୀଙ୍କ ନିକଟରେ ସୁଦ୍ଧା ଧାରୁଆ ହୋଇ ନ ରହିବାକୁ ଇଚ୍ଛା କରିଥିଲେ ଓ ସେହି କାରଣରୁ ବର୍ଷ ପରେ ବର୍ଷ ଗର୍ଭଧାରଣ କରି ଅଠରଟି ସନ୍ତାନସନ୍ତତି ସ୍ୱାମୀଙ୍କୁ ଉପହାର ଦେଲାପରେ ଦିନେ ମୁହଁ ଫିଟେଇ କହିଦେଇଥିଲେ- "ଯଥେଷ୍ଟ ! ଏହାପରେ ଆଉ ମୋତେ ଋଣୀ କର ନାହିଁ । କାରଣ ସନ୍ତାନ ଉତ୍ପାଦନ ଆଉ ମୋ ପକ୍ଷରେ ସମ୍ଭବ ନୁହେଁ । ତା' ଛଡ଼ା ମୁଁ କୁକୁର ଜନ୍ମ ନେବାପାଇଁ ଆଦୌ ଆଗ୍ରହୀ ନୁହେଁ -ବିଶେଷତଃ ତୁମ ପରି ମାଲିକ ପାଖରେ ।"

ଚୂଡ଼ାମଣିଙ୍କର ବାପା ଜଣେ ଉଚ୍ଚକୋଟୀର ଲୋକ ଥିଲେ । ତାଙ୍କ ପ୍ରତି ସ୍ତ୍ରୀର ଏଭଳି ମନୋଭାବରେ ସେ ବ୍ୟଥିତ ହୋଇପଡ଼ିବା ସ୍ୱାଭାବିକ । "ମୁଁ ମଲା ପରେ ତମେ ତେବେ ରହିବ କୋଉଠି ? ମୋ ପିଲାମାନଙ୍କ ପାଖରେ ତ ?" - ବୁଢ଼ା ହସି ହସି ପଚାରିଥିଲେ

ଆଉ ପରିହାସରେ କହିଥିଲେ, "ସେମାନଙ୍କ ପାଖରେ କୁକୁର ହେବାରେ ତମର କ'ଣ କିଛି ଆପ ି ନାହିଁ ?"

ଚୂଡ଼ାମଣିଙ୍କର ମା' ଜଣେ ଅତି ସ୍ପର୍ଶକାତରା ସ୍ତ୍ରୀଲୋକ ନିଶ୍ଚୟ । ସ୍ୱାମୀଙ୍କର ସେଇ ପଦେ ପରିହାସକୁ ମନେରଖିଲେ ସେ ଚିରକାଳ ପାଇଁ । ଏଇଥିପାଇଁ ସ୍ୱାମୀଙ୍କ ମୃତ୍ୟୁ ଅନ୍ତେ ପିଲାମାନଙ୍କ ଘରେ ନରହିବାକୁ ସେ ବହୁଦିନୁ ସଂକଳ୍ପବଦ୍ଧ ହୋଇଥିଲେ । ବୋଧହୁଏ ଏଇଥିପାଇଁ ତାଙ୍କ ସମ୍ପର୍କରେ ପିଲାମାନେ ଯେଉଁ ଆକ୍ଷେପ କରନ୍ତି, ଯେ ମା' ସେମାନଙ୍କଠାରୁ ପ୍ରତ୍ୟେକ ମିଲ୍ ପାଇଁ ବିଲ୍ ମାଗେ ତହା ଅସମ୍ଭବ ମନେହୁଏ ନାହିଁ ।

କିନ୍ତୁ ସେଦିନ ସକାଳୁ ଚୂଡ଼ାମଣିଙ୍କ ମା'ପୁଅ ଘରେ ପହ ୁ ନପହ ୁଣୁ ନାତିନାତୁଣୀଙ୍କ ନିକଟରେ ତାଙ୍କର ଗୋଟିଏ ଘୋଷଣା ଗୁପ୍ତରେ ଜାହିର୍ କରିଦେଇ ସାରିଥିଲେ-

" ମୁଁ ଆସିଲି । ଏଥର ରହିବି ଏଠି । କିନ୍ତୁ ଚୁପ୍ ! କାହାକୁ କହିବ ନାହିଁ । ଯଦି କହିଚ- ତେବେ ଏଇ ଦେଖ ମୋ ସୁଟକେଶ୍, ସିଧା ବାହାରି ଚାଲିଯିବି ଗାଁକୁ ବୁଝିଲ ?"

ଚୂଡ଼ାମଣିଙ୍କ ପୁଅଝିଅ ପବ୍ଲିକ୍ ସ୍କୁଲର ପିଲା ହେଲେ ମଧ୍ୟ ମଣିଷ । ବିଶେଷତଃ ବୁଢ଼ାବୁଢ଼ୀମାନଙ୍କର ସେ ି ମେ ସମ୍ପର୍କରେ ତାଙ୍କର ସମ୍ମାନବୋଧ ଗୋଟିଏ ଦୁର୍ଲ୍ଲଭ ସହଜାତ ଗୁଣ ଭାବେ ସେମାନଙ୍କୁ ପ୍ରାପ୍ତ ହୋଇଥାଏ । ବୋଧହୁଏ ଏଇ କାରଣରୁ ଅନ୍ୟାନ୍ୟ ଗାଁଉଲି ପିଲାଙ୍କ ପରି ଛୁଆ ଦୁଇଟା ବୁଢ଼ୀ ମୁହଁରୁ 'ରହିବି' ପଦ ଶୁଣିଲାମାତ୍ରେ ଖୁସିରେ ଉଚ୍ଛନ୍ନ ହୋଇ ଡାଡି ମମୀଙ୍କ ପାଖକୁ ଦୌଡ଼ିଯାଇ ଘୋଷଣାଟି ପ୍ରଘଟ କରିଦେଇପାରି ନଥିଲେ । ବରଂ ଭଦ୍ର ଭାବରେ ହସି ହସି ସେମାନେ ତାଙ୍କ ଜେଜେମା'ଙ୍କୁ ପ୍ରଶ୍ନ କରିଥିଲେ -

"ତେବେ ଏଥର ପ୍ରତି ମିଲ୍ ପାଇଁ ବିଲ୍ ଦାବି କରିବ ନାଇଁତ ଜେଜେମା' ?"

ବୁଢ଼ୀ ପ୍ରଥମେ ଅବାକ୍ ହୋଇଯାଇଥିଲା ପିଲା ଯୋଡ଼ିଙ୍କର ସେଭଳି ପ୍ରଶ୍ନରେ । କିନ୍ତୁ ମିଠା ହସଟିଏ ହସିଦେଇ ସେ ପୁଣି ଉଡ଼େଇଦେଲା ନିଜ ଆଖିରୁ ସେ ଅବାକ୍ ଚଢ଼େଇ ଯୋଡ଼ିଙ୍କୁ ଫୁର୍ କିନା, ଆଉ କହିଲା-

"ନାଇଁରେ ! ଏଥର ପରା ମୁଁ ଆସିଛି କୁକୁର ହେବି ବୋଲି ଖାସ୍ ତମ ଦିଇଟାଙ୍କ ପାଖରେ ।"

ଚୂଡ଼ାମଣିଙ୍କର ପିଲା ଦୁହେଁ ଜେଜେମା'ଙ୍କୁ ସତକୁସତ ସେଇକ୍ଷିଣା ଗୋଟିଏ କୁକୁର କରିଦେଲେ ନିଜ ପାଖରେ । ସକାଳ ପହର ଗୋଟାକଯାକ ବୁଢ଼ୀ କୁକୁର ଭଳି ଗୋଡ଼େଇଥାଏ ଘରଦୁଆର ବାଡ଼ି ଚତୁର୍ଦ୍ଦିଗ, ସେ ବିରାଟ ସରକାରୀ ବଂଲୋର ଏକର ଏକର ଜମିର ହତା ଭିତରେ । ଚୂଡ଼ାମଣି ସୋହେବ ଶେଯରୁ ଉଠି ମା'କୁ ସଙ୍ଗୋଳିସାରି ନିତ୍ୟକର୍ମ ଶେଷ କରିବାକୁ ବାଥ୍ରୁମ୍‌କୁ ପଶିଲା ପରେ ମିସେସ୍ ଚୂଡ଼ାମଣି ପୂଝାରୀକୁ ଡାକି ବରାଦ କରିଥିଲେ- "ମା' ଆସିଚନ୍ତି । ମସଲା ଦୋସା ତାଙ୍କୁ ଭଲ ଲାଗେ, ବୁଝିଲ ?"

ପୂଝାରୀ ଚନ୍ଦ୍ରମଣି ସାଇକେଲ ଧରି ବାହାରିଗଲା ପଦାକୁ । ମସଲା ଦୋସା ଖରିଦ କରିବାକୁ ଅନ୍ତତଃ ଦୁଇମାଇଲ ବାଟ ସାଇକଲ ମାରିବାକୁ ପଡ଼ିବ ତାକୁ ଜାଣିଥିଲା ସେ; କିନ୍ତୁ ଆଜି ତା'ର କାମକୁ ପରୁଆ ଥିଲା ପରି ମନେ ହେଉନଥିଲା । କାରଣ ବହୁଦିନ ପରେ ଚୂଡ଼ାମଣି ସାହେବର ମେମ୍ ସାହେବ ତୁଣ୍ଡରେ ସେ ସେଇ ଅଦ୍ଭୁତ ଶବ୍ଦଟିକୁ ଶୁଣିଥିବାରୁ ତାକୁ ସବୁ କଥା ବଡ଼ ଆପଣାର ମନେହେଉଥିଲା ।

"ମା' ଆସିଛନ୍ତି !" ସେ ଆହୁରି କେତେବାର ଦୋହରାଇ ସାରିଥାଏ ସେ କଥାଟିକୁ । ଆଉ ମନେକରୁଥାଏ ସତେକି ସେକଥା ନୂଆ କରି ସେ ଶୁଣିଲା ତା' ମୁଣ୍ଡରେ କାନଯୋଡ଼ାକ ଉଠିଲା ପରଠାରୁ ।

ଇତିମଧ୍ୟରେ ମେମ୍ ସାହେବ ନିଜେ ପଶିଥିଲେ କିଚିନ୍ ଭିତରକୁ ଓ ବ୍ରେକ୍‌ଫାଷ୍ଟ ଏବଂ ତା'ପରେ ଲ  ଲାଗି ଗୋଟିଏ ସୁଚିନ୍ତିତ ପ୍ଳାନ କରିବାରେ ମନୋନିବେଶ କରି ସାରିଥିଲେ । ଚୂଡ଼ାମଣି ସାହେବ ବାଥ୍ରୁମ୍‌ରୁ ବାହାରିଥିଲେ ଯଥା ସମୟରେ । ଏହାପରେ ଅନ୍ତତଃ ଘ ାଟିଏ ଚଣ୍ଡୀପାଠ କରିବା ତାଙ୍କର ଏକ ଦୈନନ୍ଦିନ ନୀତି- ଘରର ସମସ୍ତେ ଜାଣନ୍ତି । ତେଣୁ କେତେବେଳ ପରେ ପୂଜାଘରୁ ଚୂଡ଼ାମଣିଙ୍କର ଗମ୍ଭୀର ସ୍ୱରରୁ ଯେତେବେଳେ ଶୁଣାଗଲା –

"ତ୍ରୟାଣାଂ ଦେବାନାଂ ତ୍ରିଗୁଣଜନିତାନାଂ ତବ ଶିବେ
ଭବେତ୍ ପୂଜା ପୂଜା ତବ ଚରଣୟୋର୍ଯା ବିରଚିତା ତଥାହି ।"

ମିସେସ୍ ଚୂଡ଼ାମଣି ହାତଘଡ଼ି ଦେଖିଲେ ଓ ଗମ୍ଭୀର କଣ୍ଠରେ ଡାକଟିଏ ଦେଲେ- "ଚନ୍ଦ୍ରମଣି ! ବ୍ରେକ୍‌ଫାଷ୍ଟ ଲଗା । ସା'ବ ପୂଜାରୁ ଉଠିଲେଣି ।"

ବ୍ରେକ୍‌ଫାଷ୍ଟ ବେଳେ ଟେବୁଲରେ ମା'ଙ୍କୁ କେନ୍ଦ୍ର କରି ପୁଅବୋହୂ ନାତିନାତୁଣୀମାନେ ବସିସାରିଥିଲେ । ଚନ୍ଦ୍ରମଣି ଗୋଟିକ ପରେ ଗୋଟିଏ ସରଞ୍ଜାମ ଆଣି ଥୋଇଦେଇଥାଏ । ଦୋସା, ସମୋସା, ସ୍ୱିଟସ୍, ଫ୍ରୁଟସ୍ । ଏ ସମସ୍ତ ସରଞ୍ଜାମରେ ଟେବୁଲ ଭରପୂର ହୋଇଗଲା ପରେ ଚନ୍ଦ୍ରମଣି କଫି ତିଆରି କରିବାକୁ ବାହାରିଗଲା କିଚିନ୍ ଆଡ଼କୁ ।

"ବୋଉ, ଜାଣିଲୁଣିନା ?" - ଚୂଡ଼ାମଣିଙ୍କର ପୁଅ ଯେ ଏତେବେଳ ଧରି କ'ଣ କହିବ କହିବ ବୋଲି ଚାରିଆଡ଼କୁ କନ୍ କନ୍ ହୋଇ ଚାହୁଁଥିଲା ସକାଳର ସବୁଠୁ ବଡ଼ ଖବରଟି ହଠାତ୍ ସେଇ ଆଗତୁରା ପ୍ରଘଟ କରିଦେଲା । କହିଲା, "ମା' ଆସିଚନ୍ତି ରହିବେ ଏଥର ।"

ମିସେସ୍ ଚୂଡ଼ାମଣିଙ୍କ ହାତରୁ ତାଜା ମସଲା ଦୋସାର ଖଣ୍ଡେ ବଡ଼ଅଂଶ କ ।ଅଗରେ ଅଙ୍କ ଉପରକୁ ଉଠୁ ଉଠୁ ପୁଣି ଖସିପଡ଼ିଲା । ଚୂଡ଼ାମଣିଙ୍କ ନିବୁଜ ପାଟି ଭିତରେ ମନ୍ଥିତ ହେଉଥିବା ଅନ୍ୟ ଖଣ୍ଡେ ଦୋସାର ଶେଷାଂଶଟି ମଧ କି ୍ତ୍ ଦୃଶ୍ୟମାନ ହୋଇ ପୁଣି ଅଦୃଶ୍ୟ ହୋଇଗଲା ।

କିନ୍ତୁ ଚୂଡ଼ାମଣିଙ୍କର ପବ୍ଲିକ୍ ସ୍କୁଲ ଫେରନ୍ତା ପୁଅଝିଅ ଦୁଇଟି ବାପ ମା'ଙ୍କର ସେଇ କ୍ଷଣସ୍ଥାୟୀ ଅଥର୍ବତା ସଂପର୍କରେ ଆଦୌ ସଚେତନ ଥିଲା ପରି ମନେ ହେଉ ନ ଥାଏ । ଏଥର ପୁଅର ବାହାଦୁରିକୁ ବଳିଯିବାକୁ ଚେଷ୍ଟା କରି ଝିଅଟି ହସି ହସି ଖା ି ଓଡ଼ିଆରେ କହିଲା- "ହଁ ବାପା ! ମା' ଏଥର ଖର୍ଚ୍ଚା ଦେବେ ନାଇଁ ଖାଇବାର ।"

ଚୂଡ଼ାମଣି ମିସେସ୍ ଚୂଡ଼ାମଣିଙ୍କ ଆଡ଼କୁ କେମିତି ଗୋଟିଏ ଆଖିରେ ଚାହିଁ ହସିଦେଲେ ସାମାନ୍ୟ । ତା'ପରେ ମୁହଁ ଫିଟେଇ ପଚାରିଲେ ସେ ମଧ୍ୟ – "କ'ଣ ମା' ?ରହିବୁ ତ ଏଥର ?

ଚନ୍ଦ୍ରମଣି କଫି ସରଞ୍ଜାମ ଘେନି ପହ ୍ଥାଏ ସେଇ ମାତ୍ର ।

ମିସେସ୍ ଚୂଡ଼ାମଣି ପଟ୍‌ରୁ କଫି ଢାଳି କପ୍ ଗୁଡ଼ିକରେ ଆବଶ୍ୟକୀୟ ଦୁଧ ଆଉ ଚିନି ମିଶେଇ ଫେ ିବାରେ ମନୋନିବେଶ କରି ଆସୁଥାନ୍ତି ସେତେବେଳେ ।

ହଠାତ୍ ଚୂଡ଼ାମଣିଙ୍କର ମା' ପାଖରେ ଠିଆ ହୋଇଥିବା ପୂଝାରୀ ଚନ୍ଦ୍ରମଣି ଆଡ଼କୁ ହାତ ଠାରି ଡାକିଲେ । ଲୋକଟି ନଇଁପଡ଼ି ବୁଢ଼ୀର ମୁହଁ ପାଖେ କାନ ରଖି କ'ଣ ଶୁଣିଲା । ତା'ପରେ କିଛି ସମୟ ଚୁପ୍ ରହି କେବଳ କାନ କୁଣ୍ଡେଇବାରେ ମଗ୍ନ ରହିଲା ।

ମିସେସ୍ ଚୂଡ଼ାମଣି କଫି କପ୍‌ଗୁଡ଼ିକୁ ଟ୍ରେରୁ ଓହ୍ଲାଇ ସର୍ଭ କରିବାରେ ବ୍ୟସ୍ତ ରହିଥାନ୍ତି ।

ଚନ୍ଦ୍ରମଣିକୁ ଚାହିଁ ବୃଦ୍ଧା ଭଦ୍ରମହିଳା ଏଥର ସାମାନ୍ୟ ବିରକ୍ତ ହେଲା ପରି ପଚାରିଲେ, "କିରେ, ତୋ ଅଙ୍କ କଷା ସଇଲା ?"

ଲୋକଟା ବିଚଳିତ ହୋଇପଡ଼ିଲା । ଚୋରଙ୍କ ପରି ସେ କେତେଥର ମଧ୍ୟ ନିଘା କରିବାକୁ ଚେଷ୍ଟା କରିଥିଲା । ପ୍ରଥମେ ମେମ୍ ସାହେବଙ୍କ ଆଖିରୁ ପରେ ସାହେବଙ୍କ ଆଖିକୁ କିନ୍ତୁ କୌଣସି ଆଡୁ ସମର୍ଥନ ନପାଇ ଅବଶେଷରେ ସେ ତା' ପକେଟରୁ କାଗଜ ଖଣ୍ଡିଏ ଓ ତା' ସହିତ ପେନ୍‌ସିଲଟିଏ ମଧ୍ୟ କାଢ଼ିଲା ।

ପୁଅବୋହୂ ଓ ନାତିନାତୁଣୀଙ୍କ ସହିତ କୌଣସି ଏକ ମଜାଦାର ଗପରେ ସେଇ ସକାଳଟିକୁ ବିତେଇବା ଭିତରେ ବୃଦ୍ଧା ଭଦ୍ରମହିଳା ଅନ୍ୟୂନ ଆଉ ତିନି କପ୍ ବେଶି କଫି ଗଳାଧଃକରଣ କରିଥିଲେ ବୋଲି ଚନ୍ଦ୍ରମଣିର ଶେଷ ହିସାବ ଫର୍ଦ୍ଦଟି ଯୋଡ଼ା ହୋଇ ସାରିବା ଭିତରେ ବୁଢ଼ୀ ପାଇଁ ରିକ୍‌ସାଟିଏ କେହି ଜଣେ ଡାକି ଆଣିସାରିଥିଲା ।

ଚୂଡ଼ାମଣି, ମିସେସ୍ ଚୂଡ଼ାମଣି ଓ ତାଙ୍କର ପିଲା ଦୁହେଁ ଫାଟକ ପର୍ଯ୍ୟନ୍ତ ଆସି ମା'ଙ୍କୁ ବଳେଇ ଦେଇଗଲେ । ଟିକିଏ ଦୂରଛଡ଼ା ହୋଇ ଠିଆହୋଇ ଚନ୍ଦ୍ରମଣି ସମେତ ଘରର ଚାକର ପୂଝାରୀମାନେ ସେ ଅଦ୍ଭୁତ ଦୃଶ୍ୟଟିକୁ ଦେଖୁଥାନ୍ତି । ଆଉ କ'ଣ କଥାବା ର୍ । ହେଉଥାନ୍ତି ନିଜ ଭିତରେ ସେମାନଙ୍କୁ ଜଣା ।

ମା'ଙ୍କୁ ରିକ୍ସାରେ ବସେଇ ସାରିବାର ପ୍ରାୟ ପନ୍ଦର ମିନିଟ୍ ପରେ ଟେଲିଫୋନ୍ ବାଜିଲା । ଚୂଡ଼ାମଣି ନିଜେ ରିସିଭର୍ ଉଠେଇ ଶୁଣିଲେ- "ଆପଣଙ୍କ ମା' କାଲିଠୁଁ ଏଠି ମରି ପଡ଼ିଚନ୍ତି । ଗାଁରେ ଭୀଷଣ ହଇଜା ।.... ମୁଁ ପାଖ ପବ୍ଲିକ କଲ୍ ଅଫିସରୁ କହୁଚି...." ।

## ଲେଖକ ପରିଚୟ

ଶାନ୍ତନୁ କୁମାର ଆଚାର୍ଯ୍ୟ ( ୧ ୯୩୩ )

ଓଡ଼ିଆ କଥା ସାହିତ୍ୟରେ ଜଣେ ଅଗ୍ରଣୀ ଗାଳ୍ପିକ ଭାବରେ ଶାନ୍ତନୁ କୁମାର ଆଚାର୍ଯ୍ୟ ବହୁ ପରିଚିତ । ବୃ ିରେ ରସାୟନ ବିଜ୍ଞାନର ଅଧ୍ୟାପକ ଥିଲେ ବି ଗଳ୍ପ ସାହିତ୍ୟରେ ତାଙ୍କ ସୃଜନଶୀଳତାର ସ୍ୱାକ୍ଷର ବେଶ ସ୍ପଷ୍ଟ । ସାମ୍ପ୍ରତିକ ସମାଜର ସଂକଟ ଏବଂ ଜୀବନର ବିବିଧ ସମସ୍ୟା ଉପରେ ତାଙ୍କ ସ୍ରଷ୍ଟା ମାନସ ଖୁବ ସଚେତନ । ଓଡ଼ିଆ ଗଳ୍ପ ସାହିତ୍ୟର ସମୃଦ୍ଧିରେ ତାଙ୍କର ଅବଦାନ ଅବିସ୍ମରଣୀୟ । ତାଙ୍କ ଗଳ୍ପ ସଂକଳନଗୁଡ଼ିକ ମଧ୍ୟରେ 'ମନମର୍ମର', 'ଦୁର୍ବାର', 'ଏଇ ଶେଷ ପଦଟି', 'ଅରଣ୍ୟର ଚୂଳ', 'ଅଦିନ ବଉଳ',' 'ସର୍ପଯାନ', 'ଚଳନ୍ତି ଠାକୁର' ଇତ୍ୟାଦି ପାଠକୀୟ ଆଦୃତି ଲାଭ କରିଛି । ମନୋବିଶ୍ଳେଷଣ ଓ ଇଙ୍ଗିତଧର୍ମିତା ତାଙ୍କ ଗଳ୍ପଗୁଡ଼ିକର ଲକ୍ଷଣୀୟ ବିଶେଷତ୍ୱ । ଏହାଛଡ଼ା ସେ 'ନର କିନ୍ନର', 'ଶତାବ୍ଦୀର ନଚିକେତା', 'ତିନୋଟି ରାତ୍ରିର ସକାଳ', 'ଶକୁନ୍ତଳା', 'ମନ୍ତ୍ରୀଙ୍କ ସେୟାର' ଇତ୍ୟାଦି ଉପନ୍ୟାସର ଜନପ୍ରିୟ ସ୍ରଷ୍ଟା ।

## ବିଷୟପ୍ରବେଶ

ଆଲୋଚ୍ୟ 'ମା' ଆସିଲେଣି' ଗଳ୍ପଟିରେ ସହରୀ ମଣିଷର ମାତାପିତାଙ୍କ ପ୍ରତି ଅବହେଳା ଓ ଉଦାସୀନତାର ସ୍ୱରୂପ ଉନ୍ମୋଚନ କରାଯାଇଛି । ବସ୍ତୁତାନ୍ତ୍ରିକ ଜୀବନଶୈଳୀ ଓ ବ୍ୟକ୍ତିଗତ ସ୍ୱାର୍ଥରେ ବାଟ ବଣାହୋଇ ଆଜିର ମଣିଷ କିଭଳି ଜନ୍ମଦାତ୍ରୀ ମା'କୁ ଅବହେଳା ପ୍ରଦର୍ଶନ କରେ, ତାହାର ଏକ ମନ୍ମୟ ଆଲେଖ୍ୟ ହୋଇଛି 'ମା' ଆସିଲେଣି' ଗଳ୍ପ । ପୁତ୍ରର ଅବହେଳା କିନ୍ତୁ ମା'ର ବାତ୍ସଲ୍ୟ ସ୍ନେହରେ କୌଣସି ଭଟ୍ଟା ଆଣିଦେଇ ନାହିଁ । ମୃତ୍ୟୁପରେ ମଧ ମା' କିପରି ଜନ୍ମିତ ସନ୍ତାନସନ୍ତତିଙ୍କର ଚିର ମଙ୍ଗଳମୟୀ ଓ ଆଶୀର୍ବାଦ ଦାୟିନୀ ହୋଇପାରିଛି, ତାହା ନିଖୁଣ ଭାବରେ ଚିତ୍ରିତ ହୋଇଛି । ଏକ ଚିରନ୍ତନ ମାତୃମୂର୍ତ୍ତିରେ ଅମିୟ ଆଶିଷ ଓ ଅଭୟ ବରଦାନର ସନ୍ଧାନ କରିଛନ୍ତି ଲେଖକ ।

## କଠିନ ଶବ୍ଦାର୍ଥ:

ପୂଝାରୀ - ରୋଷେଇଆ

ସୁଷୁପ୍ତି - ଗଭୀର ନିଦ

ସେ ିମେ -(ଇଂ) -ଭାବପ୍ରବଣତା

ଗଳାଧଃକରଣ - ପିଇଥିଲେ

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

### ( ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ )

୧) 'ମା ଆସିଲେଣି' -ଖବରଟି ପ୍ରଥମେ କିଏ ଘୋଷଣା କଲା ।

(କ) ମିସେସ୍ ଚୂଡ଼ାମଣି (ଖ)ଚୂଡ଼ାମଣି

(ଗ)ଘରର ପୂଜାରୀ (ଘ)ଘରର ଚାକର

୨) ଚୂଡ଼ାମଣିଙ୍କ ବଙ୍ଗଳାର କବାଟ ସକାଳ କେତେ ପର୍ଯ୍ୟନ୍ତ ଖୋଲିନଥାଏ ?

(କ) ଆଠଟା ପର୍ଯ୍ୟନ୍ତ (ଖ) ସାଢ଼େ ଆଠଟା ପର୍ଯ୍ୟନ୍ତ

(ଗ) ନଅଟା ପର୍ଯ୍ୟନ୍ତ (ଘ) ଛଅଟାପର୍ଯ୍ୟନ୍ତ

୩) ଚୂଡ଼ାମଣିଙ୍କ ପୁଅଝିଅ କେଉଁଠାରେ ପଢୁଥିଲେ ?

(କ)ସରକାରୀ ସ୍କୁଲ (ଖ)ଗାଁର ପବ୍ଲିକସ୍କୁଲ

(ଗ) ଗାଁ ସ୍କୁଲ (ଘ)ସହରର ପବ୍ଲିକ ସ୍କୁଲ

୪) ପିଲାମାନେ ଚୂଡ଼ାମଣିଙ୍କୁ କ'ଣ ସମ୍ବୋଧନ କରୁଥିଲେ ?

(କ)ଡାଡ୍ (ଖ)ଡାଡି

(ଗ) ବାବା (ଘ) ବାପା

୫) ନିଜକୁ ମିଶାଇ ଚୂଡ଼ାମଣି କେତେ ଭାଇଭଉଣୀ ?

(କ) ଚାରି (ଖ) ଦୁଇ

(ଗ) ଏଗାର (ଘ) ଅଠର

୬ - କିଏ ପିକ୍ୟୁଲିଆର ଉଇମ୍ୟାନ ?

(କ) ଚୂଡାମଣିଙ୍କ ମା' (ଖ)ମିସେସ୍ ଚୂଡ଼ାମଣି

(ଗ) ଚୂଡ଼ାମଣିଙ୍କ ଝିଅ (ଘ)ଚୂଡ଼ାମଣିଙ୍କ ଭଉଣୀ

୭ - ଚୂଡ଼ାମଣିଙ୍କ ମା' ପ୍ରତ୍ୟେକଟି ମିଲ୍ ପାଇଁ କ'ଣ କାମନା କରୁଥିଲେ ?

(କ) ବିଲ୍ (ଖ) ଧନ୍ୟବାଦ

(ଗ) କରୁଣା (ଘ)ପ୍ରତିଦାନ

୮ - ମିସେସ୍ ଚୂଡ଼ାମଣି ପୂଝାରୀକୁ ଡାକି ମା'ଙ୍କ ପାଇଁ କ'ଣ ବରାଦ କଲେ ?

(କ) ବରା (ଖ) ଇଡ଼ିଲି

(ଗ) ଦୋସା (ଘ) ଉପମା

୯ - ଚୂଡ଼ାମଣି ପ୍ରତିଦିନ ବାଥରୁମ୍‌ରୁ ଆସି ଅନ୍ତତଃ କେତେ ସମୟ ପାଇଁ ଚଣ୍ଡୀପାଠ କରନ୍ତି ?

(କ) ଦଶମିନିଟ୍ (ଖ) ଘ ।ଟିଏ

(ଗ) ଦୁଇଘ । (ଘ) ଘଡ଼ିଏ

୧୦ - ବ୍ରେକ୍‌ଫାଷ୍ଟ ବେଳେ ଟେବୁଲରେ ମା'ଙ୍କୁ କେନ୍ଦ୍ରକରି କେଉଁମାନେ ବସି ସାରିଥିଲେ ?

(କ) ଚାକର ପୂଝାରୀ (ଖ) ନାତିନାତୁଣୀ

(ଗ) ପୁଅବୋହୂ (ଘ) ପୁଅବୋହୂ ନାତିନାତୁଣୀ

୧୧ – ମିସେସ୍ ଚୂଡ଼ାମଣିଙ୍କୁ କିଏ ପ୍ରଥମେ ଖବର ଦେଲା ମା' ଆସିଛନ୍ତି ଏଥର ରହିବେ ?

(କ) ସ୍ୱାମୀ (ଖ) ପୁଅ

(ଗ) ଝିଅ (ଘ) ପୂଜାରୀ

୧୨ – "ହଁ ବାପା ! ମା' ଏଥର ଖର୍ଚ୍ଚା ଦେବେ ନାହିଁ ଖାଇବାର"–ଏକଥା କିଏ କହିଛି ?

(କ) ଚୂଡ଼ାମଣି (ଖ) ମିସେସ୍ ଚୂଡ଼ାମଣି

(ଗ) ଚୂଡ଼ାମଣିଙ୍କ ଝିଅ (ଘ) ଚୂଡ଼ାମଣିଙ୍କ ପୁଅ

୧୩ – "କିରେ ତୋର ଅଙ୍କ କଷା ସଇଲା"– ଏ କଥା ଚନ୍ଦ୍ରମଣିଙ୍କୁ କିଏ ପଚାରିଥିଲେ ?

(କ) ମେମ୍ ସାହେବ (ଖ) ଚୂଡ଼ାମଣି

(ଗ) ବୃଦ୍ଧା ମା' (ଘ) ଚୂଡ଼ାମଣିଙ୍କ ପୁଅ

୧୪ – ସକାଳେ ମା' କେତେ କପ୍ କଫି ପିଇଥିଲେ ?

(କ) ତିନି (ଖ) ଚାରି

(ଗ) ପା (ଘ) ଛଅ

୧୫ – ଚୂଡ଼ାମଣି ପରିବାର କେଉଁ ପର୍ଯ୍ୟନ୍ତ ଆସି ମା'ଙ୍କୁ ବଳେଇ ଦେଇଗଲେ ?

(କ) ଘରର ଦୁଆର (ଖ) ସହରର ଶେଷ ପ୍ରାନ୍ତ

(ଗ)କଲୋନି ମୁଣ୍ଡ (ଘ) ଫାଟକ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧ – କେଉଁ ଖବରଟି ପ୍ରଥମେ ଘରର ପୂଝାରୀ ଘୋଷଣା କଲା ?

୨ – କିଏ ଜଣେ ବିଲାତ ଫେରନ୍ତା ଅଫିସର ?

୩ – ଓ୍ୱେଷ୍ଟରେ ବୁଢ଼ାବୁଢ଼ୀମାନେ କେଉଁଠାରେ ରହନ୍ତି ।

୪ – ବୁଢ଼ାବୁଢ଼ୀମାନେ କେଉଁଠାରେ ବାନପ୍ରସ୍ଥରେ ରହନ୍ତି ବୋଲି କୁହାଯାଇଛି ?

୫ – ସେଦିନ ମା' ପୁଅଘରେ ପହ୍ନ ନାତିନାତୁଣୀଙ୍କ ନିକଟରେ କି ପ୍ରକାର ଘୋଷଣା କଲେ ?

୬ – ପୂଝାରୀ ଚନ୍ଦ୍ରମଣି କେଉଁ ବଜାରକୁ ଗଲା ଦୋସା ଆଣିବାକୁ ?

୭ – ଚୂଡ଼ାମଣିଙ୍କ ବାପା ଜଣେ କି ପ୍ରକାର ଲୋକ ଥିଲେ ?

୮ – ବ୍ରେକ୍‌ଫାଷ୍ଟ ଦେଇସାରି ଚନ୍ଦ୍ରମଣି କ'ଣ ପାଇଁ କିଚିନ୍ ଆଡ଼କୁ ଚାଲିଗଲା ?

୯ – ଚନ୍ଦ୍ରମଣି ପକେଟରୁ କାଗଜ ଓ ପେନସିଲ୍ କାଢ଼ି କ'ଣ କଲା ?

୧୦ ମା' କେଉଁଥିରେ ବସି ଘରୁ ବାହାରିଗଲେ ?

**(ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ ।**

**( ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର )**

୧ – ଘରକୁ ମା' କେତେ ବର୍ଷ ପରେ ଆସିଥିଲେ ?

୨ – ଚୂଡ଼ାମଣିଙ୍କ ମା' ବିଧବା ହେଲାପରେ କେଉଁଠାରେ ରହୁଥିଲେ ?

୩ – କାହାରି ପାଖରେ ଧାରୁଆ ହୋଇ ବ୍ନବା ଲୋକ ପରଜନ୍ମରେ କ'ଣ ହୁଏବୋଲି ମା'ଙ୍କ ଧାରଣା ?

୪ – ପୂଝାରୀ ଚନ୍ଦ୍ରମଣି କାନ ଯୋଡ଼ାକ ଉଠିଲା ପରଠାରୁ କେଉଁକଥା ପ୍ରଥମେ ଶୁଣିଲା ?

୫ – ଚନ୍ଦ୍ରମଣି ବ୍ରେକ୍‌ଫାଷ୍ଟ ବେଳେ ଟେବୁଲରେ କି କି ସରଞ୍ଜାମ ପରଶିଥିଲେ ?

୬ – ଚୂଡ଼ାମଣିଙ୍କ ପୁଅ ସକାଳର କେଉଁ ବଡ଼ ଖବରଟି ଆଗତୁରା ପ୍ରଘଟ କରିଦେଲା ?

୭ – ମା କାହିଁକି ଅଧିକ ତିନିକପ୍ କଫି ସକାଳେ ପିଇଦେଇଥିଲେ ?

୮ – ମା'ଙ୍କୁ ରିକ୍‌ସାରେ ବସେଇବାର କେତେ ସମୟ ପରେ ଚୂଡ଼ାମଣି ଫୋନ୍ କଲ୍‌ଟିଏ ପାଇଲେ ।

**(ଘ)ଅଳ୍ପ ଦୀର୍ଘ ଉ ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର )**

୧ – ମା' ଆସିଲାବେଳେ ଚୂଡ଼ାମଣିଙ୍କ ଘରର ପରିବେଶ କିପରି ଥିଲା ତାହା ବର୍ଣ୍ଣନାକର ।

୨ – ଚୂଡ଼ାମଣି ଓଡ଼ିଶାର ଗାଁ ଗଣ୍ଡାଲୋକଙ୍କ ବୋଲି ସହତି ଖୁବ୍ ପରିଚିତ ଥିଲେ କହିବାର ତାତ୍ପର୍ଯ୍ୟ ବୁଝାଅ ।

୩ – ଚୂଡ଼ାମଣିଙ୍କ ବାପା ମରିବା ପୂର୍ବରୁ ତାଙ୍କ ମା'ଙ୍କ ପାଇଁ କ'ଣ ସବୁ ଛାଡ଼ି ଚାଲିଯାଇଥିଲେ ।

୪ – ବୃଦ୍ଧାମା'ଙ୍କୁ ପିଲାମାନେ 'ପିକ୍ୟୁଲିଆର ଉଇମ୍ୟାନ୍' ଆଖ୍ୟା ଦେଇଥିଲେ କାହିଁକି ?

୫ – ସ୍ୱାମୀଙ୍କ ମୃତ୍ୟୁ ଅନ୍ତେ ମା' କେଉଁକଥାକୁ ମନେରଖି ପିଲାମାନଙ୍କ ପାଖରେ ନ ରହିବାକୁ ସଂକଳ୍ପ କରିଥିଲେ ।

୬ – ସେଦିନ ମା' ଘରକୁ ଆସିବା ମାତ୍ରେ ନାତିନାତୁଣୀଙ୍କ ପାଖେ କେଉଁ କଥା ଗୁପ୍ତରେ ଘୋଷଣା କରିଚାଲିଥିଲେ ?

୭ – ନାତିନାତୁଣୀଙ୍କ କେଉଁ ପ୍ରଶ୍ନ ଶୁଣି ବୁଢ଼ୀମା' ପ୍ରଥମେ ଅବାକ୍ ହୋଇଯାଇଥିଲା ?

୮ – ବାପା ମାଙ୍କର କ୍ଷଣସ୍ଥାୟୀ ଅଥର୍ବତା ସମ୍ପର୍କରେ ଦୁଇ ପୁଅଝିଅ ସଚେତନ ନଥିଲେ କହିବାର ତାତ୍ପର୍ଯ୍ୟ କଣ ?

**(ଙ) ଦୀର୍ଘଉ ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ। ୧୫୦ଟି ଶବ୍ଦ ମଧ୍ୟରେ ଉ ର ଲେଖ।**

୧ – ସେଘର ମା'ଙ୍କର ନୁହେଁ, ଡାଡି ମମୀଙ୍କର ନିଶ୍ଚୟ – ପଠିତ ଗଳ୍ପ ଭି ିରେ ଏହାର ମର୍ମ ବୁଝାଇ ଦିଅ।

୨ – 'ମା' ଆସିଲେଣି' ଏକ ରହସ୍ୟବାଦୀ ଗଳ୍ପ ପ୍ରମାଣ କର।

୩ – ଚୂଡ଼ାମଣିଙ୍କର ମା'ଙ୍କୁ ଜଣେ ଅବାଗିଆ ଭଦ୍ରମହିଳା କୁହାଯିବାର ତାତ୍ପର୍ଯ୍ୟ ବୁଝାଇ ଦିଅ ?

୪ – ଶିକ୍ଷିତ ଓ ସହରୀ ବାବୁମାନଙ୍କ ନିକଟରେ ମା'ର ଗୁରୁତ୍ୱ କିପରି ହ୍ରାସ ପାଇଛି, ପଠିତ ଗଳ୍ପ ଅବଲମ୍ବନରେ ଏହାର ସତ୍ୟତା ପ୍ରତିପାଦନ କର।

୫ – ନିଜ ଭାଷାରେ 'ମା'ଆସିଲେଣି' ଗଳ୍ପର ଭାବାର୍ଥ ବୁଝାଇ ଦିଅ।

***

# ମେଡ଼ିକାଲ କଲେଜରେ ମେହେର ଜୟନ୍ତୀ

ଫତୁରାନନ୍ଦ

ଘ ।କ ।ପରି ପ୍ରତିବର୍ଷ ଥରେ ଲେଖାଏଁ ମେହେର ଜୟନ୍ତୀ ଓଡ଼ିଶାକୁ ଆସେ । କବି, ସାହିତ୍ୟିକ ତଥା ସାହିତ୍ୟପ୍ରେମୀମାନେ ସେହି ଦିନଟି ଉତ୍ସବରେ କଟାନ୍ତି । ବହୁ ସଭା ସମିତିର ଆୟୋଜନ ହୁଏ । ତରୁଣ ବକ୍ତାମାନେ ଦୁଇ ଚାରିଦିନ ଆଗରୁ କାଦୁଅ ଚିପି କୋଚିଆ ଧରିଲା ପରି, ବିଷୟବସ୍ତୁ ପାଇବା ପାଇଁ ମେହେର ଗ୍ରନ୍ଥାବଳୀ ଘା ି ବସନ୍ତି ଓ ଠିକଣା ସମୟରେ ଖାଳେଇ ଭିତରୁ ଘଲ୍‌ଘାଲ୍ କରି ମାଛଗୁଡ଼ାକ କାଢ଼ି ପକାଇଲା ପରି ପେଟରୁ ମେହେରଙ୍କ ବିଷୟରେ ଜ୍ଞାନଗୁଡ଼ାକ ଓକାଳି ପକାଇବାକୁ ଉହୁଙ୍କି ରହିଥାଆନ୍ତି । ବୁଢ଼ା ଧୋତଡ଼ା ବକ୍ତାମାନେ ମେହେରଙ୍କୁ କିପରି ନୂଆ ଭାବରେ ସଜାଇ ଲୋକଙ୍କୁ ଦେଖାଇବେ,ସେଥିଲାଗି ନିଜ ନିଜ ମୁଣ୍ଡକୁ ଦହିହାଣ୍ଡି ମନ୍ଥିଲା ପରି ମନ୍ଥିବାରେ ଲାଗିପଡ଼ନ୍ତି । ଭାବପ୍ରବଣ ଛାତ୍ରମାନେ ଭବିଷ୍ୟତରେ ମେହେରଙ୍କ ପରି ହେବାକୁ ମନେ ମନେ ସରସ୍ୱତୀଙ୍କୁ ପ୍ରାର୍ଥନା କରନ୍ତି । ମୋଟ ଉପରେ ଚୋରାବସନ୍ତ ଆସିଲେ ଦେହ ଉଲୁସିଲା ପରି କବି, ସାହିତ୍ୟିକମାନଙ୍କ ଦେହ ମେହେର ଜୟନ୍ତୀ ଆଗମନରେ ଉଲୁସି ଉଠେ । ସମସ୍ତେ ଉଣା ଅଧିକେ ଜୟନ୍ତୀକୁ ସାଦର ଅଭ୍ୟର୍ଥନା ଜଣାନ୍ତି ।

ସେ ବର୍ଷ ମେହେର ଜୟନ୍ତୀ ଆସୁ ଆସୁ ଦୈବାତ୍ ମେଡ଼ିକାଲ କଲେଜ ଭିତରେ ପଶିଗଲା । ମାଳିକୁ ଛେଳି ଅଡୁଆ । ଡାକ୍ତର ତଥା ଡାକ୍ତରୀ ଛାତ୍ରମାନେ ଜୟନ୍ତୀକୁ ହଠାତ୍ ପଶିଯିବାର ଦେଖି ଟିକିଏ ହଡ଼ବଡ଼େଇ ଗଲେ ସତ; କିନ୍ତୁ ଦବିଗଲେ ନାହିଁ । ଯେଉଁମାନେ ଲୋକଙ୍କ ଗଲା ଆସିଲାବେଳେ ଦବିଯାଆନ୍ତି ନାହିଁ, ସେମାନେ କି ମେହେର ଜୟନ୍ତୀକୁ ଦେଖି ଦବିଯିବେ ! ଡାକ୍ତର ତଥା ଡାକ୍ତରୀ ଛାତ୍ରମାନେ ଠିକ୍ କଲେ, ମେହେର ଜୟନ୍ତୀ ଅଲବତ୍ ପାଳିବେ – ପୂରାଦମ୍‌ରେ ସଜାସଜି କରି ପାଳିବେ ।

ସେମାନଙ୍କୁ ଯେ ମେହେର ଜୟନ୍ତୀ ପାଳି ଆସେ, ତାହା ଅନ୍ତତଃ ସାହିତ୍ୟିକମାନଙ୍କୁ ଦେଖାଇ ଦେବା ଦରକାର । ତେଣୁ ଠିକ୍ ହେଲା, ବାହାରର ଜଣେ ବଡ଼ ସାହିତ୍ୟିକଙ୍କୁ ସାଙ୍ଗେ ସାଙ୍ଗେ ନିମନ୍ତ୍ରଣ କରି ଅଣାଇବାକୁ ହେବ । କେତେ ଜଣ କହିଲେ ଯେ, ସୁସ୍ଥ ସବଳ ସାହିତ୍ୟିକ କେହି ମେଡ଼ିକାଲ ଭିତରକୁ ଆସିବାକୁ ରାଜି ହେବେ ନାହିଁ । ଜଣେ କହିଲା – "କିଛି ପରବାଏ ନାହିଁ ! ଯେଉଁ ସାହିତ୍ୟିକର ପେଟମରା ଥିବ ଓ ଖେ . ହେଉଥିବ, ତାକୁ ନିମନ୍ତ୍ରଣ କରିବା ମାତ୍ରେ ଧାଇଁ ଆସିବ । ବେଶି ଖୋଜିବାକୁ ପଡ଼ିବ ନାହିଁ । କାରଣ ଅଧିକାଂଶ ସାହିତ୍ୟିକଙ୍କର ପେଟକୁ ମାରେ ।" ଦୁଇ ଜଣ ଚାଲିଗଲେ ନିମନ୍ତ୍ରଣ କରିବାକୁ ।

ଆଡ଼େ ପୁଣି ଘର ସଜା ହେବ, ଆଉ ସମୟ ନାହିଁ । ଅଧ୍ୟାପନା କୋଠରୀ ବା ଲେକ୍‌ଚର ହଲ୍‌ର ଫାଟକ ଦୁଇ ପାଖରେ ଯୋଡ଼ାଏ କଙ୍କାଳ ବା ସ୍କେଲିଟନ୍ ଠିଆ କରାଗଲା । ଉଭୟଙ୍କର ହାତକୁ ନମସ୍କାର କରିବା ଭଙ୍ଗୀରେ ରଖି ସୁତା ବାନ୍ଧି ଦିଆଗଲା । ମୁଣ୍ଡ ଉପରକୁ ଦୁଇଟା ଜାନୁ-ହାଡ଼ ଛକି ପକାଇ ତା ଆଗକୁ ଗୋଟିଏ ମୁଣ୍ଡ ହାଡ଼ ବା ସ୍କଲ୍ ରଖାଗଲା । ତା ତଳକୁ ଲେଖାଗଲା " ସ୍ୱାଗତମ୍" ।

ପାଖରେ ଠିଆ ହୋଇ ଦେଖୁଥିବା କେତେକ ବାହାର ଲୋକ ଗୁଣୁ ଗୁଣୁ ହୋଇ କହୁଥାନ୍ତି – " ଅଳପେଇସେ ଯମ ଘରକୁ ସ୍ୱାଗତ କରୁଛନ୍ତି, କୋଉ ବୋକଡ଼୍ ଜାଣୁ ଜାଣୁ ତା ଭିତରକୁ ପଶିବ ?" ଅବଶ୍ୟ ତାଙ୍କ କଥା କହାକୁ ଶୁଭୁ ନ ଥିଲା ।

ଘର ଭିତରଟା ତ ପୁଣି ସଜା ହେବ ! ରକ୍ତ କଣିକାର ବଡ଼ ବଡ଼ ରଙ୍ଗୀନ୍ କାନ୍ଥଛବି ସବୁ ଚାରିପାଖେ ମରାଗଲା । ନାଲି ନେଳି ହୋଇ ସେଗୁଡ଼ିକ ବଡ଼ ସୁନ୍ଦର ଦେଖାଗଲା । ମେହେରଙ୍କ ଛବିକୁ ରଖିବା ଲାଗି ଗୋଟାଏ ଭଲ ଟେବୁଲ ଦରକାର ପଡ଼ିଲା । ସଙ୍ଗେ ସଙ୍ଗେ ଅପରେସନ୍ କୋଠରୀରୁ ଗୋଟିଏ ଚକ୍‌ଚକିଆ ଟେବୁଲ ଆସିଗଲା । ତା ଉପରେ ଦୁଇ ଗଜ ଗଜ୍‌କନା ଚିରି ବିଛାହେଲା ଓ ତା ଉପରେ ହାଡ଼ ଯୋଡ଼ା ଦଣ୍ଡା ବା ସ୍କ୍ଲି . ଡିରା ଦିଆହୋଇ ମେହେରଙ୍କ ଗୋଟିଏ ଛବି ଥୁଆଗଲା । ସଭାପତିଙ୍କ ପାଇଁ ଗୋଟିଏ ଭଲ

ଚୌକି ଦରକାର । ଦାନ୍ତଭଙ୍ଗା ଘରୁ ଦାନ୍ତଭଙ୍ଗା ଚଉକିଟା ଆଣି ଥୋଇ ଦେଲେ । ତା ପରେ ଟେବୁଲ ଉପରେ ଫୁଲଦାନୀ ଥୁଆହେଲା ପରି ଭ୍ରୁଣ ସାଇତା ହୋଇଥିବା କେତେଗୁଡ଼ାଏ କାଚର ବୁୟମ୍ ଆଣି ରଖିଦେଲେ ।

ସଜାସଜି ସରିଛି କି ନାହିଁ, ଦୁଇ ଜଣ ଛାତ୍ର ବିକୃତମୁଖବିଶିଷ୍ଟ ଓ ପେଟକୁ ଦୁଇ ହାତରେ ଚିପି ଧରିଥିବା ଜଣେ ସାହିତ୍ୟିକଙ୍କୁ ଘେନିଆସି ପହ ୍ଲେ । ଏଡ଼େ ଚ ଳ ଜଣେ ସାହିତ୍ୟିକ ମିଳିଯିବାର କାରଣ ବୁଝୁ ବୁଝୁ ଜଣାଗଲା ଯେ, ସେ ଦୁଇଜଣ ଛାତ୍ର ସାହିତ୍ୟିକ ଖୋଜି ଯାଉଁ ଯାଉଁ ଡାକ୍ତରଖାନା ଫାଟକ ପାଖରେ ତାହାଙ୍କୁ ରିକ୍‌ସାରେ ବସି, ପେଟ ଚିପି ଧରି, ମୁହଁକୁ ନିସାଡ଼ି ଆସୁଥିବାର ଦେଖିଲେ । ଆଉ ସହର ଭିତରକୁ ଯିବା ଦରକାର ପଡ଼ିଲା ନାହିଁ । ଦୈବ ଅନୁକୂଳ ହେଲେ ସିନା ଏମିତି ଖାଳେଇ ଭିତରେ ମାଛ ଆସି ଛାଏଁ ଛାଏଁ ପଶିଯାଏ ! ପେଟମରା ପାଇଁ ଡାକ୍ତରଖାନାକୁ ଔଷଧ ନେବାକୁ ଆସୁଥିଲେ, ହାବୁଡ଼ି ଗଲାରୁ, ଦୁହେଁ ତାଙ୍କ ପାଖକୁ ଯାଉଥିଲେ ବୋଲି କହି ନିମନ୍ତ୍ରଣଟା କରି ଦେଲେ । ସେ ବି କଥାଟା ରଖିଲେ– ଭଲ ଔଷଧ ମିଳିବ ବୋଲି ରାଜି ହୋଇ ଦୁହିଁଙ୍କ ସଙ୍ଗରେ ଆସିଲେ ।

ଘର ଭିତରକୁ ପଶୁ ନ ପଶୁଣୁ କଙ୍କାଳ ଓ ଖପୁରିମାନଙ୍କ ସ୍ୱାଗତ ଦେଖି ସାହିତ୍ୟିକ ଛାନିଆରେ ହୁରୁଡ଼ିଲେ । ମନେ ମନେ ଭାବିଲେ – "ଅଦ୍ୟ ପ୍ରାତରେ ବାନିଷ୍ଟ ଦର୍ଶନଂ ଜାତଂ ।" ଯାହାହେଉ, ଭଦ୍ରତା ଖାତିରରେ ସେ ଭାବ ଦମନ କରି ଭିତରକୁ ଗଲେ । ତା ଉପରେ ପୁଣି ଦାନ୍ତ ଓପଡ଼ା ଚଉକି । ଏ ଚଉକି ସହ ଆଗରୁ ଥରେ ସେ ପରିଚିତ ହୋଇଥିଲେ । ଅଲକ୍ଷ୍ୟରେ ତାଙ୍କ ଜିଭଟା ସବୁ ଦାନ୍ତମୂଳ ଠିକ୍ ଅଛି କି ନା ତାହା ପରୀକ୍ଷା କରି ଦେଖିନେଲା । ସେ ଚଉକି ଉପରେ ବସିବାକୁ କୁନ୍ଥୁ କୁନ୍ଥୁ ହେଉଥିଲେ ସୁଦ୍ଧା ବିଧି ତାଡ଼ନାରେ ବାଧ୍ୟ ହୋଇ ବସିଲେ ।

ଟେବୁଲ ଉପରେ ଫୁଲଦାନୀ ପରି ଥୁଆ ହୋଇଥିବା କାଚ ବୁୟମ୍ ସବୁ ଦେଖି ତାଙ୍କ ମୁଖବିକୃତି ଟିକିଏ ବେଶି ବଢ଼ିଗଲା । ପେଟ ବେଶି ମାରୁଛି ଭାବି ଜଣେ ଗରମ ପାଣିର ଥଳି ପେଟ ଉପରେ ଲଦିବାକୁ ଓ ଦୁଇଟା ବଟିକା ଖାଇବାକୁ ଦେଲା । ପେଟ ବେଦନା

ଉଣା ପଡ଼ିବାରୁ ସେ ଟିକିଏ ଟେକି ଟାକି ହୋଇ ବସିଲେ । ମାମୁଲି ରୀତିନୀତିରେ ସଭା ଆରମ୍ଭ ହୋଇଗଲା ।

ପ୍ରଥମେ ଜଣେ ଡାକ୍ତର ଉଠି ବକ୍ତୃତା ଆରମ୍ଭ କଲେ – " ସଭାପତି ଓ ବନ୍ଧୁବର୍ଗ ! ଯେଉଁ ମହାତ୍ମାଙ୍କ ଜୟନ୍ତୀ ଆଜି ପାଳିତ ହେଉଛି, ସେ ଓଡ଼ିଶାର କନ୍ଦିବିକନ୍ଦିରେ ଭଲ ଭାବରେ ଜଣାଶୁଣା । ଓଡ଼ିଶାରେ ଏପରି ସ୍ଥାନ ଥାଇପାରେ ଯେଉଁଠାରେ କି ଗୋଟିଏ ହେଲେ ଡାକ୍ତର ନ ଥିବେ; କିନ୍ତୁ ଏପରି ସ୍ଥାନ ନାହିଁ ଯେଉଁଠି ସ୍ୱର୍ଗତ କବି ଗଙ୍ଗାଧର ମେହେରଙ୍କୁ କିଏ ଜାଣି ନ ଥିବ । ଯେଉଁଦିନ ଆଧୁନିକ ପିଣ୍ଡତ ୍ ବା ଆନାଟୋମିର ଜନକ ମହାତ୍ମା ହେନେରି ଗ୍ରେ ଇହଲୀଳା ସମ୍ବରଣ କଲେ, ସେହି ଦିନଠାରୁ ଠିକ୍ ଏକ ବର୍ଷ ଏକ ମାସ ଚବିଶ ଦିନ ପରେ କବି ଜନ୍ମଗ୍ରହଣ କଲେ । ଯେଉଁ ଜିଲ୍ଲାରେ ରୌଦ୍ରାଘାତ ବା ହିଟ୍‌ଷ୍ଟ୍ରୋକ୍ ଗ୍ରୀଷ୍ମଦିନରେ ପ୍ରବଳ ଭାବରେ ଦେଖାଦିଏ, ଯେଉଁ ଜିଲ୍ଲାରେ ପ୍ରସିଦ୍ଧ ଆନାଟୋମି ଅଧ୍ୟାପକ ସ୍ୱର୍ଗୀୟ ସନାତନ ପୁଝାରୀ ଜନ୍ମଗ୍ରହଣ କରିଥିଲେ,ସେହି ଜିଲ୍ଲା ଅର୍ଥାତ୍ ସମ୍ବଲପୁର କବିଙ୍କୁ କ୍ରୋଡ଼ରେ ଧରି ଧନ୍ୟ ହୋଇଥିଲା । ବାଲ୍ୟକାଳରେ ସୁଷମ ଖାଦ୍ୟର ଅଭାବ ହେତୁ ତାଙ୍କର ଶରୀର ପୁଷ୍ଟ ନ ଥିଲା । ଜୀବନିକା 'ଘ' ବା ଭିଟାମିନ୍ 'ଡି' ର ଅଭାବ ବିଶେଷ ଭାବରେ ପରିଲକ୍ଷିତ ହୋଇଥିଲା । ଏହି ହେତୁ ଚୂନାଭାବ ବା କ୍ୟାଲସିଅମ୍ ଡିଫିସିଏନ୍‌ସି ହୋଇଥିବା ସମ୍ଭବ । ପିଲାଦିନେ ଖେଳୁ ଖେଳୁ ସେ ଥରେ ପଡ଼ି ଯାଇଥିଲେ । ଅଳ୍ପ ଆଘାତରେ ସୁଦ୍ଧା ତାଙ୍କର ହାତର ଅସ୍ଥି ଚଡ଼କି ଯାଇଥିଲା । ଏହା କ୍ୟାଲସିୟମ୍ ଡିଫିସିଏନ୍‌ସି ନୁହେଁ ତ ଆଉ କଅଣ ? ଯୁବାବସ୍ଥା ବେଳକୁ ତାଙ୍କର ଶରୀର ଠିକ୍ ହୋଇ ଆସିଥିଲା । ପ୍ରାକୃତିକ ନିୟମମାନ ପାଳିବାରୁ ଶରୀର ବେଶ୍ ପୁଷ୍ଟ ହୋଇ ଆସିଥିଲା । ଅଧିକ ସମୟ ବୟନ କାର୍ଯ୍ୟରେ ଲିପ୍ତ ରହିବାରୁ ତାଙ୍କର ମେରୁଦଣ୍ଡର ବକ୍ରତା ସାମାନ୍ୟ ବଢ଼ିଥିଲା । ଥରେ ତାକୁଡ଼ିରେ ତାଙ୍କ ଆଙ୍ଗୁଠି ଫୁଟିଯାଇ ବିଷାକ୍ତ ବା ସେପ୍‌ଟିକ୍ ହୋଇଗଲା --"

ଏହି ସମୟରେ ଜଣେ ଚୁଙ୍ଗୁଚୁଙ୍ଗିଆ ଛାତ୍ର ଉଠିପଡ଼ି କହିଲା - "କାହିଁ, ପେନ୍‌ସିଲିନ୍ ଇଞ୍ଜେକ୍‌ସନ୍ ଦେଲେ ନାହିଁ ? ନ ହେଲେ ସୁଲ୍‌ଫୋନାମାଇଡ୍ ଅନ୍ତତଃ ଖାଇବାକୁ ଦେଇ ପାରି ଥାଆନ୍ତେ ।"

ପୂର୍ବ ବକ୍ତା କହିଲାଗିଲେ -

ସେତେବେଳେ ଏହି ଦିଓଟି ବିଖ୍ୟାତ ଔଷଧ କିନ୍ତୁ ଆବିଷ୍କୃତ ହୋଇ ନଥିଲା । ଯାହାହେଉ, ଦେହର ପ୍ରତିରୋଧ ଶକ୍ତି ଓ ତୁଟୁକା ତୁଟୁକିରେ ସେ ଆରୋଗ୍ୟଲାଭ କରିଥିଲେ । ଥରେ ତାଙ୍କର ଘର ପୋଡ଼ିଗଲା । ନିଆଁ ଲିଭାଇବାକୁ ଯାଇ ତାଙ୍କ ଶରୀର ବହୁ ଯାଗାରେ ପୋଡ଼ି ଯାଇଥିଲା ।"...

ସେହି ଚୁଙ୍ଗୁ ଚୁଙ୍ଗିଆ ପୁଣି ଉଠିପଡ଼ି କହିଲା - "ଟ୍ୟାନିକ୍ ଏସିଡ୍ ମଲମ ବା ଜେଲି ଦିଆ ହୋଇଥିଲା ତ ?"

ପୂର୍ବ ବକ୍ତା କହିଲେ - "ନା, ସେହି ସମୟରେ ଟ୍ୟାନିକ୍ ଏସିଡ୍ ବାହାରିଥିଲେ ସୁଦ୍ଧା ପୋଡ଼ା ଘାଆରେ ତାର ଉପକାରିତା କେହି ଜାଣି ନ ଥିଲେ । ରନ୍ଧା ନଡ଼ିଆତେଲ ଦ୍ୱାରା ତାଙ୍କର ସମସ୍ତ ପୋଡ଼ା ଘାଆ ଭଲ ହୋଇଗଲା । ଏଥିପାଇଁ ତାଙ୍କ ପିତା ଚୈତନ ଦେବ ଓ ମାତା ସେବତୀ ଦେବୀ ଅତ୍ୟନ୍ତ କାତର ହୋଇ ପଡ଼ିଥିଲେ । ୧୩୦୭ ସାଲ ଉତ୍କଳ ସାହିତ୍ୟ ୭ମ ସଂଖ୍ୟାରେ ସେ "ଏହା କି ପୃଥିବୀର ଶବ୍ଦ" ଶୀର୍ଷକ ଏକ ପ୍ରବନ୍ଧ ଲେଖିଥିଲେ । ତାଙ୍କ କାନକୁ ଭୋଁ ଭୋଁ ଶବ୍ଦ ହେଉଥିବାରୁ ସେ ଭ୍ରମବଶତଃ ଏପରି ଲେଖିଥିଲେ । ମୁନିନାଂଚ ମତିଭ୍ରମ । ତାଙ୍କର ଏପରି କାନ ଭୋଁ ଭୋଁ ହେବା ସ୍ନାୟବିକ ଦୌର୍ବଲ୍ୟର ଲକ୍ଷଣ । ଯାହାହେଉ, କାଳର ଘାତ ପ୍ରତିଘାତ ମଧ୍ୟରେ ତାଙ୍କର ଶରୀର ୪ । ୪ । ୧୯୨୪ ପର୍ଯ୍ୟନ୍ତ ଜୀବନ ସଂଗ୍ରାମରେ ଲିପ୍ତ ଥିଲା । ସେହିଦିନ ଓଡ଼ିଶାବାସୀ ଜାଣିଲେ ଯେ, ତାଙ୍କର ନମସ୍ୟ କବି ଆଉ ନାହାନ୍ତି ।"

ଶ୍ରୋତାଙ୍କ ଭିତରୁ ଗୁଞ୍ଜନ ଉଠିଲା - " ଏଁ ! କଅଣ ହୋଇଥିଲା ତାଙ୍କର, କିପରି ସେ ମରିଗଲେ ?"

ବକ୍ତା କହିଲେ – "ସେହିଠାରେ ଇତିହାସ ଆଣ୍ଠେଇ ପଡ଼ିଛି । ଗୋରାମାନେ ସେ ସମୟରେ ଶାସକ ଥିଲେ । ଆମ ଦେଶର ରତ୍ନମାନଙ୍କୁ ଖାତିର କରୁ ନ ଥିଲେ । ଯଦି ସେଠାକୁ କୌଣସି ଡାକ୍ତର ପଠାଯାଇ ଥାଆନ୍ତା, ତେବେ ହୁଏତ କବି ଆହୁରି ଦଶ ବର୍ଷ ବ୍‌ ରହି ଥାଆନ୍ତେ କିନ୍ତୁ କ୍ୱାକ୍‌ମାନେ ଅର୍ଥାତ୍ ଗାଉଁଲି ଅଶିକ୍ଷିତ ବୈଦ୍ୟମାନେ ସବୁ ସାରି ଦେଲେ । ତାଙ୍କର କଅଣ ହୋଇଛି ତାହା ଜାଣିପାରିଲେ ନାହିଁ । ଡାଇଗୋନିସିସ୍ ହୋଇପାରିଲା ନାହିଁ । ଚିକିତ୍ସା ଯାହା ହୋଇଥିବ ତାହା ସହଜରେ ଅନୁମେୟ । କ୍ୱାକ୍‌ମାନେ ତାଙ୍କୁ ଖାଇଗଲେ ।"

"ସେମ୍, ସେମ୍" ବୋଲି ଶ୍ରୋତାଙ୍କ ଭିତରୁ ଚିତ୍କାର ଉଠିଲା । ଜଣେ କହିଲେ – " ଆଜିକାଲି ହୋଇଥିଲେ ସେ କ୍ୱାକ୍‌ମାନଙ୍କୁ ନିକଟସ୍ଥ ବତିଖୁ  ରେ ଝୁଲାଇ ଥାଆନ୍ତୁ । ସେ ସମୟର ଶାସକମାନଙ୍କୁ ଧିକ୍ !"

ଗୋଳମାଳ ଭିତରେ ସେ ବକ୍ତା ବସିପଡ଼ିବାରୁ ଆଉ ଜଣେ ଠିଆ ହୋଇ କହିଲେ – "କ୍ଲୋରୋଫର୍ମର ବାଷ୍ପ ଯେପରି ଅତି ଶୀଘ୍ର ଚାରିଆଡ଼େ ଖେଳେଇ ହୋଇଯାଏ, ମହାକବି ମେହେରଙ୍କର କବିତାର ମାଧୁରୀ ଓଡ଼ିଶାସାରା ସେହିପରି ଖେଳେଇ ହୋଇ ଯାଇଥିଲା । କେବଳ ସେତିକି ନୁହେଁ, କବିତାର ଆମୋଦ କ୍ଲୋରୋଫର୍ମ ବାଷ୍ପ ପରି ସମସ୍ତଙ୍କୁ ସମ୍ମୋହିତ କରି ପକାଇଥିଲା । ଜିଭରେ ଟିକିଏ ସାକାରିନ୍ ମାରିଦେଲେ ମିଷ୍ଟତା ଯେପରି ଦୀର୍ଘକାଳ ଧରି ଅନୁଭୂତ ହେଉଥାଏ, ସେହିପରି ମେହେରଙ୍କ କବିତା ପଢ଼ିଲେ ତାର ମଧୁରତା ବହୁ ସମୟଯାଏ ମନରେ ଲାଗିରହିଥାଏ । ତାଙ୍କର 'ପ୍ରଣୟବଲ୍ଲରୀ' କାବ୍ୟ ଠିକ୍ ଅଫିମ ପରି । ବାରମ୍ବାର ପଢ଼ିବାକୁ ଇଚ୍ଛା ହୁଏ । ଛାଡ଼ି ହୁଏନା । ଏଥିରେ ଯେଉଁ ସ୍ଥାନଟିରେ ଶକୁନ୍ତଳା ଓ ଶାପଗ୍ରସ୍ତ ଦୁଷ୍ମନ୍ତଙ୍କ ଭେଟ ବର୍ଣ୍ଣିତ ହୋଇଅଛି, ତାହା ଭାଇନମ୍ ଗାଲିସାଇ ପରି ଆକର୍ଷଣୀୟ । ଆପଣମାନେ ଜାଣିଥିବେ ଭାଇନମ୍ ଗାଲିସାଇ ପ୍ରଥମେ ଉତ୍ତେଜନା ଓ ପରେ ଅବସାଦ ଆଣିଦିଏ । ଶକୁନ୍ତଳାଙ୍କର ପତିଗୃହକୁ ଗମନ ଓ ପତିଙ୍କର ତାଙ୍କୁ ପ୍ରତ୍ୟାଖ୍ୟାନ ସେହିପରି ହୋଇ ନାହିଁ କି ? ଶକୁନ୍ତଳାଙ୍କ ପାଖରେ ଥିବା

ପ୍ରିୟମ୍ବଦା ଓ ଅନୁସୂୟା ଠିକ୍ ଆମ ଗାଇନାକୋଲଜିଷ୍ଟଙ୍କ ପାଖେ ଦିଓଟି ନର୍ସଙ୍କ ପରି ଦେଖାଯାନ୍ତି । ଗୋଟିଏ ବିଷୟ ଛାଡ଼ିଦେଲେ କାବ୍ୟଟି ସର୍ବାଙ୍ଗସୁନ୍ଦର ହୋଇଛି । ଅରଣ୍ୟ ବର୍ଣ୍ଣନା ଭଲ ହୋଇଛି ସତ; କିନ୍ତୁ ପାତାଳଗରୁଡ଼, ସିଙ୍କୋନା, କୋଚିଲା, ଛତିଆନା, ଶତମୂଳୀ, ସୋନାମୁଖୀ ଇତ୍ୟାଦି ହଜାର ହଜାର ବନୌଷଧିର ବର୍ଣ୍ଣନା କୁତ୍ରାପି ଦେଖାଯାଏ ନାହିଁ । ଅଥଚ ଏ ମୂଲ୍ୟବାନ୍ ଔଷଧଗୁଡ଼ିକ ଆମ ବଣରେ ଭ ହୋଇ ରହିଅଛି । ଏହାଛଡ଼ା ମେହେରଙ୍କ ବିରୁଦ୍ଧରେ ଆଉ କିଛି କହିବାକୁ ନାହିଁ ।"

ସେ ବକ୍ତା ବସୁ ନ ବସୁଣୁ ଆଉ ଜଣେ ଉଠିପଡ଼ି ଆରମ୍ଭ କରି ଦେଲେ-

"କବିଙ୍କର 'ତପସ୍ୱିନୀ' ବଡ଼ ମର୍ମନ୍ତୁଦ । ବ୍ରୋମାଇଡ୍ ପରି ଅବସାଦକ । ବେଶି ପଢ଼ିଲେ ମେଲାନ୍‌କୋଲିଆ ହୋଇ ଯାଇପାରେ । ତାଙ୍କର 'ଭାରତୀ-ଭାବନା' କିନ୍ତୁ ବଡ଼ ଚମତ୍କାର । ସେ ସମୟର ବ୍ରିଟିଶ ଶାସକମାନଙ୍କୁ ଏହା ଠିକ୍ କୁଇନାଇନ୍ ପରି ଲାଗିଥିଲା । ଏଥିପାଇଁ ସେମାନେ ମଧ କବିଙ୍କୁ ପକଡ଼ିଥିଲେ; କିନ୍ତୁ ଭାଇନମ୍ ଇପିକାକ୍‌ର ଦ୍ୱିବିଧ କ୍ରିୟା ଥିଲା ପରି ତହିଁରେ ଦ୍ୱିବିଧ ଅର୍ଥ ଥିବାରୁ କବି ଅକ୍ଷତେ ରକ୍ଷା ପାଇଗଲେ ।

କବି ସେମାନଙ୍କୁ ଠିଆ ଚିତା ଲଗାଇ ଦେଇଥିଲେ । ଧାନ, ମୁଗ, ଗହମ, ପାନ ଇତ୍ୟାଦି କୃଷିଜାତ ଦ୍ରବ୍ୟମାନଙ୍କ ବିଷୟରେ କବି ଲେଖିବା ଦ୍ୱାରା ସ୍ୱୀୟ ଉଦ୍ଭିଦ-ପ୍ରିୟତାର ପରିଚୟ ଦେଇଅଛନ୍ତି । କିନ୍ତୁ ଦୁଃଖର କଥା, ସେ କୌଣସି ପ୍ରକାର ଔଷଧ ଗଛ ବିଷୟରେ କିଛି ଲେଖିଲେ ନାହିଁ । କୃଷକମାନଙ୍କର ଅତି ପରିଚିତ ମୁଥା ସମ୍ବନ୍ଧରେ ଅନ୍ତତଃ କିଛି ଲେଖିବା ଉଚିତ ଥିଲା । ମୁଥା ଗୋଟିଏ ଅତି ଉପାଦେୟ ଔଷଧ ।"

ଆଡ଼େ ବକ୍ତୃତା ଚାଲିଥାଏ । ସାଢ଼େ ସଭାପତି ମନରେ ଭାବୁଥାନ୍ତି- ହେ ଭଗବାନ, ଏହି ଓଷଦ ମୋଷଦରୁ କବି ରକ୍ଷା ପାଇଯାଆନ୍ତୁ ! ତାଙ୍କ ଦେହରେ ଏ ଡାକ୍ତରୀ ଛୁଆଙ୍କ ଛୁରି ଯେପରି ନ ବାଜୁ । ସବା ଶେଷରେ ସେ ବକ୍ତୃତା ଦେଲେ -

"ଯାହାହେଉ, ଆପଣମାନଙ୍କର ଦୃଷ୍ଟି ସାହିତ୍ୟର ଯେଉଁ ଅଂଶରେ ପଡ଼ିଛି ତାହା କାହାରି ଆଖିରେ ପଡ଼ି ନ ଥିଲା । ସାହିତ୍ୟରେ ଯଦି କେଉଁଠାରେ କିଛି କ୍ଷତ ହୁଏ, ତେବେ ଆପଣମାନେ ନିଶ୍ଚୟ ତାକୁ ଲୋସନ୍ ପାଣିରେ ଧୋଇ ଗଜ୍ ବ୍ୟାଣ୍ଡେଜ୍‌ରେ ବାନ୍ଧି ଦେବେ, ଏଥିରେ ମୋର ଆଉ ସନ୍ଦେହ ନାହିଁ । ଏହି ଯେଉଁ ପେଟମରା ମୋତେ ସାହିତ୍ୟ ଚର୍ଚ୍ଚାରେ ବାଧା ଦେଉଛି, ତାହା କଥା ଟିକିଏ ଚ ଳ ବୁଝନ୍ତୁ ।"

X X X X

ସଭାପତି ଷ୍ଟ୍ରେଚର୍‌ରେ ମେଡ଼ିକାଲ ୱାର୍ଡ଼କୁ ବୁହା ହୋଇ ଯିବା ପରେ ସଭାଭଙ୍ଗ ହେଲା ।

**ଲେଖକ ପରିଚୟ :**

ଫତୁରାନନ୍ଦ (୧୯୧୫-୧୯୯୫)

ଗାଳ୍ପିକ ଫତୁରାନନ୍ଦ ଓଡ଼ିଆ ସାହିତ୍ୟରେ ବେଶ୍ ପରିଚିତ । ସେ 'ଫତୁରାନନ୍ଦ' ନାମରେ ଗଳ୍ପ ରଚନା କରୁଥିଲେ ମଧ୍ୟ ତାଙ୍କର ନାମ ଥିଲା ଶ୍ରୀଯୁକ୍ତ ରାମଚନ୍ଦ୍ର ମିଶ୍ର । ସେ କଟକ ସହରର ଝାଞ୍ଜିରିମଙ୍ଗଳା ଅ ଳରେ ପିତା ବିଦ୍ୟାଧର ମିଶ୍ର ଏବଂ ମାତା ସୁଭଦ୍ରା ଦେବୀଙ୍କର ଔରସରୁ ଜନ୍ମଗ୍ରହଣ କରିଥିଲେ । ପେସାରେ ସେ ଥିଲେ ଜଣେ ଚିକିତ୍ସକ । ମାତ୍ର ନିଶାଥିଲା ସାହିତ୍ୟ ସାଧନା । ଜୀବନରେ ନାନା ଝଡ଼ଝଞ୍ଜା ମଧ୍ୟରେ ଗତିକରି ମଧ୍ୟ ସେ ପାଠକ ପ୍ରାଣରେ ସରସତା ଭରିଦେବାରେ ଥିଲେ ସିଦ୍ଧହସ୍ତ । ବସ୍ତୁତଃ ତାଙ୍କର ଗଳ୍ପଗୁଡ଼ିକ ଲଘୁ ରସମୂଳକ । ବ୍ୟଙ୍ଗ, ବିଦ୍ରୂପ, ହାସ୍ୟରସରେ ପରିପୂର୍ଣ୍ଣ । ସାହିତ୍ୟଚାଷ, ହେରେସା,ବିଦୂଷକ,ମଙ୍ଗଳବାରିଆ ସାହିତ୍ୟ ସଂସଦ ବୃହତ୍ ଭାଣ୍ଡ, ଅମୃତ ବେହିଆ, ନିଦାବେହେଲ, ସାହିତ୍ୟ ବେଉଷଣ, ନବଜିଆ,ଅଟଳିବାଜ, ଆଦିଗଳ୍ପ ସଂକଳନଗୁଡ଼ିକ ଫତୁରାନନ୍ଦଙ୍କର ଗଳ୍ପ ପ୍ରତିଭାର ସ୍ୱାକ୍ଷର । ଗଳ୍ପ ବ୍ୟତୀତ ' କଳିକତି ଚେଙ୍ଗ' ନାମରେ ଏକ ନାଟକ ଏବଂ 'ଫମାଲୋଚନା' ନାମରେ ତାଙ୍କର ଏକ ରମ୍ୟରଚନା ଗ୍ରନ୍ଥ ରହିଛି । ମୋ 'ଫୁଟାଡଙ୍ଗାର କାହାଣୀ' ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ ରୂପେ ପ୍ରକାଶିତ ।

ଆଲୋଚ୍ୟ ଗଳ୍ପ ' ମେଡ଼ିକାଲ କଲେଜରେ ମେହର ଜୟନ୍ତୀ' ତାଙ୍କର 'ସାହିତ୍ୟ ଚାଷ' ଗଳ୍ପ ସଂକଳନରୁ ଗୃହିତ ।

**ବିଷୟ ପ୍ରବେଶ :**

'ମେଡ଼ିକାଲ କଲେଜରେ ମେହର ଜୟନ୍ତୀ' ଏକ ହାସ୍ୟରସାତ୍ମକ ଲଘୁ ରସମୂଳକ ସରସ ରଚନା । ଥରେ ମେଡ଼ିକାଲ କଲେଜରେ ଡାକ୍ତରୀ ଛାତ୍ରମାନେ ମେହର ଜୟନ୍ତୀ ପାଳନ କରିବା ପାଇଁ ସ୍ଥିର କଲେ । ସଭାର ଆୟୋଜନ ହେଲା । ଡାକ୍ତରଖାନାରେ ଉପଲବ୍ଧ ନାନା ସରଞ୍ଜାମରେ ସଭାଗୃହ ସଜେଇ ଦିଆଗଲା । ସଭାରେ ଅଧ୍ୟକ୍ଷତା କରିବାପାଇଁ ଜଣେ ବଡ଼ ସାହିତ୍ୟକଙ୍କୁ କଲେଜ ପରିସରରୁ ଯୋଗାଡ଼ କରାଗଲା । ସେ ମହାଶୟ ବିଚରା ପେଟମରା ପାଇଁ ଡାକ୍ତରଖାନାକୁ ଔଷଧ ନେବାକୁ ଆସୁଥିଲେ । ଭଲ ଔଷଧ ମିଳିବ ବୋଲି ଆଶାକରି ଡାକ୍ତରୀ ଛାତ୍ରମାନଙ୍କ ପ୍ରସ୍ତାବରେ ରାଜି ହୋଇଗଲେ । ସଭା ଆରମ୍ଭ ହେଲା । ବକ୍ତୃତା ପ୍ରସଂଗରେ ଡାକ୍ତର ଏବଂ ଡାକ୍ତରୀ ଛାତ୍ରମାନେ ଯାହା କହିଲେ ତାହା ଏକାନ୍ତ ହାସ୍ୟୋଦ୍ଦୀପକ ଏବଂ କୌତୂହଳପ୍ରଦ । ଶେଷରେ ପେଟରୋଗର ଚିକିତ୍ସାପାଇଁ ସଭାପତି ଷ୍ଟ୍ରେଚର୍‌ରେ ମେଡ଼ିକାଲ ୱାର୍ଡ଼କୁ ବୁହାହୋଇ ଯିବାପରେ ସଭାଭଙ୍ଗ ହେଲା । ମୋଟ ଉପରେ ଗଳ୍ପଟିର ପରିକଳ୍ପନାରେ ଫତୁରାନନ୍ଦଙ୍କର ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀର ପରିଚୟ ମିଳେ ।

**କଠିନ ଶବ୍ଦାର୍ଥ**

କୋଚିଆ – ପଙ୍କ କାଦୁଅରେ ରହୁଥିବା ସର୍ପାକୃତି କ୍ଷୁଦ୍ରଜୀବ

ଅଲବତ୍ – ନିଶ୍ଚୟ

ଧୋତଡ଼ା – ଶୀର୍ଣ୍ଣ, ଶୁଖିଲା

ସ୍କଳି – ହାଡ଼ ଯୋଡ଼ା ଦଣ୍ଡା

ବୁୟମ - କାଚ ପାତ୍ର ବିଶେଷ

ଆନାଟୋମି - ଶରୀର ବ୍ୟବଚ୍ଛେଦ ବିଦ୍ୟା, ଶରୀର ରଚନା ଶାସ୍ତ୍ର

ହେନେରି ଗ୍ରେ - ଜଣେ ଶରୀର ତ ୍ୱବିଦ୍ ଇଂରେଜୀ ଡାକ୍ତର

ସେପ୍‌ଟିକ୍ - ପଚନ, ବିଷାକ୍ତ

ସଲ୍‌ଫୋନାମାଇଡ୍ - ଔଷଧ ବିଶେଷ

ଟ୍ୟାନିକ୍ ଏସିଡ୍ - ଏକ ପ୍ରକାର ଏସିଡ୍

କ୍ଲୋରଫର୍ମ - ରାସାୟନିକ ଦ୍ରବ୍ୟ ବିଶେଷ,ସଂଜ୍ଞାପହାରକ ତରଳ ଔଷଧ ବିଶେଷ

ସାକାରିନ୍ - କୃତ୍ରିମ ରାସାୟନିକ ମିଠା ଦ୍ରବ୍ୟ ବିଶେଷ

ଭାଇନମ୍ ଗାଲିସାଇ - ଏକ ଔଷଧୀୟ ଦ୍ରବଣ ଯାହା ସେବନକଲେ ପ୍ରଥମେ ଉତେ ଜନା ପରେ ଅବସାଦ ଅନୁଭୂତ ହୁଏ ।

ବ୍ରୋମାଇଡ୍ -ରାସାୟନିକ ଦ୍ରବ୍ୟବିଶେଷ ଯାହା ଅବସାଦ ସୃଷ୍ଟିକରେ ।

ମେଲାନ୍‌କୋଲିଆ -ଅବସାଦମୂଳକ ଅସୁସ୍ଥତା

କୁଇନାଇନ୍ -ପିତା ସ୍ୱାଦର ଏକ ଔଷଧ

ସ୍ନାୟବିକ - ସ୍ନାୟୁସମ୍ବନ୍ଧୀୟ

ଭାଇନମ୍ ଇପିକାକ୍ - ବିଶେଷ ଗୁଣଯୁକ୍ତ ଏକ ଔଷଧୀୟ ଦ୍ରବଣ ଯାହା ସେବନକଲେ ନିୟମିତ ବ୍ୟବଧାନରେ ଉତେ ଜନା ଓ ଅବସାଦ ଅନୁଭୂତ ହୁଏ ।

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

### (ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ ଉ ର ବାଛି ଲେଖ )

୧ - ମେହେର ଜୟନ୍ତୀ କେଉଁପରି ପ୍ରତିବର୍ଷ ଥରେ ଲେଖାଏଁ ଓଡ଼ିଶାକୁ ଆସେ ?

(କ) ଉଲ୍କ ।ପରି (ଖ)ମିନିଟ୍ କ ।ପରି

(ଗ)ଘ ।କ ।ପରି (ଘ)ସେକେଣ୍ଡ କ ।ପରି

୨ - ମାଳିକୁ କ'ଣ ଅଡୁଆ ?

(କ) ବୋଦା (ଖ) ମେଣ୍ଢା

(ଗ)ଛେଳି (ଘ)ଗାଈ

୩ - ମେହେରଙ୍କ ଛବିକୁ ରଖିବା ପାଇଁ କ'ଣ ଟିଏ ଦରକାର ପଡ଼ିଲା ?

(କ)ଚଉକିଟିଏ (ଖ)ଟେବୁଲଟିଏ

(ଗ)ଖଟଟିଏ (ଘ)ଖଟୁଲିଟିଏ

୪ - କଙ୍କାଳ ଓ ଖପୁରିମାନଙ୍କ ସ୍ୱାଗତ ଦେଖି ସାହିତ୍ୟିକ କ'ଣ ହେଲେ ?

(କ) ଭୟରେ ଥରିଲେ (ଖ) ଖୁବ୍ ଡରିଗଲେ

(ଗ) ଛାନିଆରେ ହୁରୁଡ଼ିଲେ (ଘ) ମୁହଁ ବୁଲାଇଦେଲେ

୫ - କେଉଁ ଅବିଭକ୍ତ ଜିଲ୍ଲା କବିଙ୍କୁ କ୍ରୋଡ଼ରେ ଧରି ଧନ୍ୟ ହୋଇଥିଲା ?

(କ) ସୁନ୍ଦରଗଡ଼ (ଖ) ସମ୍ବଲପୁର

(ଗ) ମୟୂରଭଞ୍ଜ (ଘ) କୋରାପୁଟ

୬ – ପ୍ରସିଦ୍ଧ ଆନାଟୋମି ଅଧ୍ୟାପକ ସ୍ୱର୍ଗୀୟ ସନାତନ ପୁଝାରୀ କେଉଁ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ?

(କ)କେନ୍ଦୁଝର (ଖ) କୋରାପୁଟ

(ଗ)ସମ୍ବଲପୁର (ଘ)କଳାହାଣ୍ଡି

୭ – କବି ଗଙ୍ଗାଧରଙ୍କର 'ପ୍ରଣୟବଲ୍ଲରୀ' କାବ୍ୟ ଠିକ୍ କେଉଁପରି ବୋଲି ବର୍ଣ୍ଣନା କରାଯାଇଛି ?

(କ)ଭାଙ୍ଗପରି (ଖ)ଗଞ୍ଜେଇ ପରି

(ଗ)ଅଫିମ ପରି (ଘ)ମାଦକଦ୍ରବ୍ୟପରି

୮ – ଜିଭରେ କ'ଣ ଟିକିଏ ମାରିଦେଲେ ମିଷ୍ଟତା ଦୀର୍ଘକାଳ ଧରି ଅନୁଭୂତ ହୁଏ ବୋଲି ବର୍ଣ୍ଣନା କରାଯାଇଛି ?

(କ) ଗୁଡ଼ (ଖ) ଚିନି

(ଗ)ସାକାରିନ୍ (ଘ) ମହୁ

୯– କବି ଗଙ୍ଗାଧରଙ୍କର କେଉଁ କାବ୍ୟ ପଢ଼ିଲେ ମେଲାନ୍‌କୋଲିଆ ହୋଇଯାଇପାରେ ବୋଲି ବର୍ଣ୍ଣନା କରାଯାଇଛି ?

(କ) ତପସ୍ୱିନୀ (ଖ) ପ୍ରଣୟବଲ୍ଲରୀ

(ଗ) ଇନ୍ଦୁମତୀ (ଘ) କୀଚକବଧ

୧୦ – କବି ଗଙ୍ଗାଧରଙ୍କର କେଉଁ ଲେଖା ବ୍ରିଟିଶ୍ ଶାସକମାନଙ୍କୁ କୁଇନାଇନ୍ ପରି ଲାଗିଥିଲା ?

(କ) ଅର୍ଘ୍ୟଥାଳୀ (ଖ) ଅହଲ୍ୟାସ୍ତବ

(ଗ) ଭାରତୀ–ଭାବନା (ଘ) ପଦ୍ମିନୀ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ରଲେଖ ।**

୧- ପ୍ରତିବର୍ଷ ଓଡ଼ିଶାକୁ ମେହେର ଜୟନ୍ତୀ କିପରି ଆସେ ?

୨ - ମାଳିକୁ କ'ଣ ଅଡୁଆ ?

୩ - ଚକଚକିଆ ଟେବୁଲଟିଏ କେଉଁଠାରୁ ଆସିଲା ?

୪ - ସାହିତ୍ୟିକ ଛାନିଆରେ କାହିଁକି ହୁରୁଡ଼ିଲେ ?

୫ - କିଏ ଆଧୁନିକ ପିଣ୍ଡତ ୍ ବା ଆନାଟୋମିର ଜନକ ଥିଲେ ?

୬ - କବି ଗଙ୍ଗାଧର କେଉଁଦିନ ପର୍ଯ୍ୟନ୍ତ ଜୀବନ ସଂଗ୍ରାମରେ ଲିପ୍ତ ଥିଲେ ?

୭ - କବି ଗଙ୍ଗାଧରଙ୍କ ସମୟରେ କେଉଁମାନେ ଦେଶର ଶାସକ ଥିଲେ ?

୮ - ଆମ ଦେଶର ରତ୍ନମାନଙ୍କୁ କିଏ ଖାତିର କରୁନଥିଲେ ?

୯ - ମେହେରଙ୍କ କବିତାର ମଧୁରତାକୁ କାହାସହିତ ତୁଳନା କରାଯାଇଛି ?

10 -aÿÿþü Kcÿ u ÿKaÿMwÿ eu e üKCÿf LüKÿ^ ÿ^ þ_eÿ ÿþbü?

**(ଗ) କ୍ଷୁଦ୍ର ଉ ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୧ ନମ୍ବର )**

୧ - ଭାବପ୍ରବଣ ଛାତ୍ରମାନେ ମେହେରଙ୍କ ପରି ହେବାପାଇଁ କାହାକୁ ପ୍ରାର୍ଥନା କରନ୍ତି ?

୨ - କାହାର ହାତକୁ ନମସ୍କାର କରିବା ଭଂଗୀରେ ରଖି ସୁତା ବାନ୍ଧି ଦିଆଗଲା ?

୩ - ମେହେରଙ୍କ ଛବିଟି କାହାକୁ ଢିରା ଦିଆହୋଇ ଥୁଆଗଲା ?

୪ – କେଉଁ ଜିଲ୍ଲାରେ ପ୍ରସିଦ୍ଧ ଆନାଟୋମି ଅଧ୍ୟାପକ ସନାତନ ପୂଝାରୀ ଜନ୍ମଗ୍ରହଣ କରିଥିଲେ ?

୫ – କେଉଁ ନିୟମ ପାଳିବାରୁ କବିଙ୍କର ଶରୀର ବେଶ୍ ପୁଷ୍ଟ ହୋଇ ଆସିଥିଲା ?

୬ – କବି ଗଙ୍ଗାଧରଙ୍କ ପିତା ଓ ମାତାଙ୍କ ନାମ କଣ ?

୭ – ଶକୁନ୍ତଳାଙ୍କ ପାଖରେ ଥିବା ପ୍ରିୟମ୍ବଦା ଏବଂ ଅନସୂୟା କାହାପରି ଦେଖାଯାନ୍ତି ?

୮ – କେଉଁମାନେ ଗାଇନାକୋଲଜିଷ୍ଟଙ୍କ ପାଖରେ ଥିବା ଦୁଇନର୍ସଙ୍କ ପରି ଦେଖାଯାନ୍ତି ?

୯ – କବିଙ୍କର କେଉଁ ଲେଖାକୁ ବ୍ରୋମାଇଡ୍ ପରି ଅବସାଦକ ବୋଲି କୁହାଯାଇଛି ?

୧୦– କେଉଁଦିନ ଓଡ଼ିଶାବାସୀ ଜାଣିଲେ ଯେ ତାଙ୍କର ନମସ୍ୟ କବି ଗଙ୍ଗାଧର ଆଉ ନାହାନ୍ତି ?

**(ଘ)ଅଳ୍ପ ଦୀର୍ଘ ଉ ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର)**

୧ – ଭାବପ୍ରବଣ ଛାତ୍ରମାନେ ସରସ୍ୱତୀଙ୍କୁ ପ୍ରାର୍ଥନା କରନ୍ତି କାହିଁକି ?

୨ – ଖାଳେଇ ଭିତରେ ମାଛ ଆସି ଛାଏଁ ଛାଏଁ ପଶିଯିବା କଥା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୩ – ସାହିତ୍ୟିକଙ୍କର ଜିଭଟା ତାଙ୍କ ଅଲକ୍ଷରେ ନିଜର ଦାନ୍ତମୂଳକୁ ପରୀକ୍ଷା କରି ଦେଖିନେଲା କାହିଁକି ?

୪ – ଚଉକି ଉପରେ ବସିବାକୁ ସାହିତ୍ୟିକ କୁନ୍ଥୁ କୁନ୍ଥୁ ହେଉଥିଲେ କାହିଁକି ?

୫ – କାହାର ମେରୁଦଣ୍ଡର ବକ୍ରତା କାହିଁକି ସାମାନ୍ୟ ବଢ଼ିଯାଇଥିଲା ?

୬ – କବିଙ୍କର 'ପ୍ରଣୟବଲ୍ଲରୀ' କାବ୍ୟକୁ ଅଫିମ ସହିତ କାହିଁକି ତୁଳନା କରାଯାଇଛି ?

୭ – "ଭାଇନମ୍ ଗାଲିସାଇ" କ'ଣ ? ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୮ – ଆମବଣରେ କେଉଁ ସବୁ ଔଷଧୀୟ ବୃକ୍ଷଗୁଡ଼ିକ ଭର୍ତ୍ତି ହୋଇ ରହିଛି ବୋଲି ବର୍ଣ୍ଣନା କରାଯାଇଛି ?

୯ – ମେଲାନକୋଲିଆ କଣ ? ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

୧୦– 'ଭାଇନମ୍ ଇପିକାକ୍' କ'ଣ ? ଏହା କେଉଁ ପ୍ରସଙ୍ଗରେ କୁହାଯାଇଛି ?

**(ଙ) ଦୀର୍ଘ ଉତ୍ତରମୂଳକ ୫ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟିଶବ୍ଦ ମଧ୍ୟରେ ଉତ୍ତର ଲେଖ ।**

୧ – ମେଡ଼ିକାଲ କଲେଜରେ ମେହେର ଜୟନ୍ତୀ' ଏକ ରମ୍ୟରଚନା ଆଲୋଚନା କର ।

୨ – ମେଡ଼ିକାଲ୍ କଲେଜରେ ଡ଼ାକ୍ତରୀ ଛାତ୍ରମାନେ କିପରି ମେହେର ଜୟନ୍ତୀ ପାଳନ କଲେ ?

୩ – ତୁମ ପଠିତ ଗଳ୍ପଟିର ପରିକଳ୍ପନାରେ ଫତୁରାନନ୍ଦଙ୍କର ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।

୪ – ହାସ୍ୟୋଦ୍ଦୀପକ ତଥା କୌତୂହଳପ୍ରଦ ଏକ କ୍ଷୁଦ୍ରଗଳ୍ପ ଭାବରେ 'ମେଡ଼ିକାଲ କଲେଜରେ ମେହେର ଜୟନ୍ତୀ' ଗଳ୍ପର ସାର୍ଥକତା ଦର୍ଶାଅ ।

୫ – ତୁମ ପଠିତ ଗଳ୍ପ ଅବଲମ୍ବନରେ ଫତୁରାନନ୍ଦଙ୍କର ସାହିତ୍ୟ ଶୈଳୀ ସଂପର୍କରେ ଆଲୋଚନା କର ।

# ବାଉଁଶରାଣୀ

**ବୀଣାପାଣି ମହାନ୍ତି**

ମୁଁ ଜାଣୁଥିଲି ଯେ ଦିନକୁ ଦିନ ତାଙ୍କ ସହିତ ମନ ମିଳାଇବା ତ ଦୂରର କଥା, ପାଦ ମିଳାଇ ମଧ୍ୟ ଚାଲିବା ମୋ ପକ୍ଷରେ ସମ୍ଭବପର ହେଉ ନାହିଁ । କିଛି ଦିନ ବେଶ୍ ଅଭିନୟ କରିଲା ପରେ ମୋର ଏକ ବିଶିଷ୍ଟ ଧରଣର କ୍ଳାନ୍ତି ଆସିଯିବା ସ୍ୱାଭାବିକ । ଏହା ପରେ ଘଟଣା ତ ନିଜ ବାଟରେ ଯିବାର କଥା, ଯାଇଛି ମଧ୍ୟ । ମୁଁ ସ୍ରୋତରେ ସାମିଲ ହୋଇ ଭାସିଯିବା କଥା, ଭାସିଛି ମଧ୍ୟ । କିନ୍ତୁ କେଜାଣି କାହିଁକି ମନେହୁଏ, ଅତଡ଼ା ସୁଅରେ ଭାସି ନଯାଇ ଯେପରି କେଉଁ ଅଜଣା ତଟରେ ଛିଡ଼ାହୋଇ ଅସ୍ଥିର ଜଳରାଶିରେ ମୁଁ ଖୋଜୁଛି ନିଜର ପ୍ରତିବିମ୍ବ । କାହିଁ...ମୁଁ କେଉଁଠି ?

ଗେଟ୍ ଖୋଲିବାର ଶବ୍ଦ ଶୁଣି ମୁଁ ଚମକି ପଡ଼ିଲି । ପ୍ରତି ରାତିରେ ଏଇ ନିର୍ଦ୍ଧାରିତ ମୁହୂ ର୍ରେ ମୁଁ ମୋ ଶତଚେଷ୍ଟା ସ େ ବିଚଳିତ ହୋଇପଡ଼େ । ଅଥଚ ଏଇ ମୁହୂ ର୍ କୌଣସି ନିର୍ଦ୍ଦିଷ୍ଟ ଘ । କ ାକୁ ଅପେକ୍ଷା ରଖି ନଥାଏ । ତାହା ବ ର୍ମାନ ଏବଂ ଯେ କୌଣସି ସମୟରେ ଉପସ୍ଥିତ ହୋଇଥାଏ । ମୁଁ ସିଲେଇ କରୁଥିଲେ କି ମ୍ୟାଗାଜିନ୍ ପଢୁଥିଲେ କିମ୍ବା ରେଡ଼ିଓ ଶୁଣୁଥିଲେ ତାହା ବନ୍ଦ ରଖି ନିଜକୁ କିଛିଟା ସଜାଡ଼ି ନେବାର ଚେଷ୍ଟା କରେ । ସତେକି ତାଙ୍କୁ ଅପେକ୍ଷା କରି କରି ମୁଁ ବିରକ୍ତ ହୋଇଛି । ଅଭିମାନ କରିଛି କି ବିଷଣ୍ଣ ହୋଇପଡ଼ିଛି ଏପରି ଏକ ଚିନ୍ତା ମୋ ମୁହଁରେ ଖେଳାଇ ଦେବାକୁ ଚେଷ୍ଟା କରେ ଅଥଚ କିଏ ଯେମିତି ମୋତେ ସେତିକିବେଳେ କହୁଥାଏ, କେତେଦିନ ଏମିତି ଚାଲିବ । କିନ୍ତୁ ସେ ଆସି ସାମ୍ନାରେ ଛିଡ଼ା ହୋଇଗଲା କ୍ଷଣି ମନେହୁଏ, ନାହିଁ, ନାହିଁ ସବୁ ଠିକ୍ ଅଛି । ସେଇ ହସ, ସେଇ କଥା, ସେଇ ଭଙ୍ଗୀ କିଛି ତ ଭୁଲ୍ ନାହିଁ ... ଖାଲି ନିଜର ଭୁଲ୍ ?

ସେଦିନ ପିକ୍‌ନିକ୍‌ରେ ସରଳା କହୁଥିଲା କିଛିଦିନ ଘର କଲା ପରେ, ସ୍ୱାମୀମାନେ ସେମିତି ଅବାଗିଆ ହୋଇଯା'ନ୍ତି ମଝିରେ ମଝିରେ । ହେଲେ ଘରଛାଡ଼ି ସ୍ତ୍ରୀ ପିଲା ପରିତ୍ୟାଗ କରି ଖୁବ୍ କ୍ୱଚିତ୍ ସ୍ୱାମୀ ଚାଲିଯାଇଥାଆନ୍ତି । ସ୍ତ୍ରୀ ଯଦି ବୁଦ୍ଧିମତୀ ହୁଏ, ଆଙ୍କୁଶ ଠିକ୍ ଆ ି ଧରିଥାଏ ତେବେ ସେଥିରୁ ମୁକୁଳିବା ଏତେ ସହଜ ନୁହେଁ । ସବୁ ନିର୍ଭର କରେ ସ୍ତ୍ରୀର ଚତୁରପଣ ଉପରେ-

ଦର୍ପଣରେ ମୁହଁ ଦେଖି କୋଉ ବିବାହିତା ନାରୀ ନ ଜାଣେ ଯେ ସନ୍ତାନ ଜନ୍ମ କଲା ପରେ ପୁରୁଷଠାରୁ ବୟସରେ ଅନେକ କମ୍ ହେଲେ ବି ତାକୁ ବୟସକୁ ଧରି ରଖିବାକୁ ଅଣନିଃଶ୍ୱାସୀ ହୋଇ ଦୌଡ଼ିବାକୁ ପଡ଼େ ବୋଲି । ପା ଟି ସନ୍ତାନର ଜନନୀ ହେଲା ପରେ ସେ ଦୌଡ଼ାଦୌଡ଼ିରୁ ମୁଁ ନିଜକୁ ଯେତେ ଅବ୍ୟାହତ ନେବି ବୋଲି ଭାବିଛି, ତାହା ସମ୍ଭବ ହୋଇ ନାହିଁ । ମାତ୍ର ପରିଣାମ ? ଯାହା ସ୍ୱାଭାବିକ୍ ତାହାହିଁ ଘଟିଛି । ସମସ୍ତ ଅଭାବ ମୁଁ ତାଙ୍କର ପୂରଣ କରିପାରିବି ନାହିଁ କିମ୍ବା ଯେଉଁମାନେ ତାହା ପୂରଣ କରିବେ ସେମାନଙ୍କୁ ମଧ୍ୟ ବଧେଇ ଯୋଗେଇ କି ସ୍ୱୀକାର କରିପାରିବି ନାହିଁ !

ମୁଁ ଆଉ ଭାବିପାରିଲିନି । ଖଟ୍ ଖଟ୍ ଜୋତା ଶବ୍ଦ ଆଗେଇ ଆସୁଛି । ସେ ଫେରିଲେଣି ମାତ୍ର - ଆଜି ପୁଣି କ'ଣ - ସାଙ୍ଗରେ ଜଣେ ମହିଳା ବି ଅଛନ୍ତି !

ପୁଣି ଯେପରି ଏକ ପ୍ରାଗୈତିହାସିକ ବିଚାର ମୋ ଉପରେ ସବାର ହୋଇଗଲା । ମୁଁ ହସି ହସି ଚେୟାରରୁ ଉଠିଗଲି ଏବଂ ପରଦା ଆଡ଼େଇ ଦେଇ କହିଲି- "ଆରେ ଏତେ ଡେରି କରିଦେଲ !"

ଭଦ୍ରମହିଳାଙ୍କୁ କଟାକ୍ଷପାତ କରି ମୋର ସ୍ୱାମୀ କହିଲେ- "ମିଟ୍ ମାଇଁ ୱାଇଫ୍ । ଇଏ ହେଉଛନ୍ତି ମିସ୍ ଲୁନା । ବିହାରରୁ ଆସିଛନ୍ତି ଏବେ ଟ୍ରାନ୍‌ସଫର ହୋଇ । ଖୁବ୍ ସୁନ୍ଦର ଭାଓଲିନ୍ ବଜାନ୍ତି । ନାଚି ବି ପାରନ୍ତି- ।"

ଭଦ୍ରମହିଳା ତେବେ ଏଠିକାର କେହି ନୁହନ୍ତି ! ସମ୍ପୂର୍ଣ୍ଣ ରୂପେ ବାହାରର । ହସି ଦେଇ ଲୁନା କହିଲେ- "ଓ ମିସେସ୍ ଚୌଧୁରୀ ! ଆପଣଙ୍କ ପ୍ରଶଂସା ଶୁଣି ଶୁଣି ମୁଁ କ୍ଳାନ୍ତ

ହୋଇଗଲିଣି । ଆଜି କେବଳ ଆପଣଙ୍କ କଥା ଶୁଣି ମୋର ସନ୍ଧ୍ୟାଟା ହିଁ ଯାଇଛି । ସେତିକିରେ କ'ଣ ମୁକ୍ତି ଅଛି, ମିଃ ଚୌଧୁରୀ କହିଲେ-ନାହିଁ ଆଜି ରାତିରେ ଆପଣଙ୍କୁ ଦେଖା କରିବାକୁ ହେବ ହିଁ ହେବ । କାଲି ଆମେ ସବୁ ଶିକାରରେ ଯିବୁ -ଆପଣ ନିଶ୍ଚୟ ଯିବେ ?"

"ମୁଁ -ମାନେ - ଆରେ ଆଶ୍ଚର୍ଯ୍ୟ ! ଆପଣ ତ ଖୁବ୍ ସୁନ୍ଦର ଓଡ଼ିଆ କହିପାରୁଛନ୍ତି !"

ହଠାତ୍ କ'ଣ କହିବାକୁ ହେବ ମୁଁ ଜାଣିପାରିଲିନି ବୋଧେ ଏବଂ ସମସ୍ତ ପରିସ୍ଥିତିରେ ମୁଁ ସୁନ୍ଦର ଭାବରେ ସହଯୋଗ କରିଥାଏ ବୋଲି ଯେତେବେଳେ ବହୁଲୋକ ମତେ କହିଥାନ୍ତି- ।

"ଆଶ୍ଚର୍ଯ୍ୟ ! ନା ମିସେସ୍ ଚୌଧୁରୀ ଆପଣ ଭୁଲ ବୁଝିଛନ୍ତି । ମୁଁ ଖା ି ଓଡ଼ିଆ । ପିଲାଦିନରୁ ବାପାଙ୍କ ସଙ୍ଗରେ ଓଡ଼ିଶା ବାହାରେ ମୁଁ ରହିଥିଲେ ବି ଓଡ଼ିଆ ଭାଷାକୁ ଭୁଲି ନାହିଁ । ଏଥର କୁହନ୍ତୁ ଆପଣ କାଲି ଆସୁଛନ୍ତି ତ ? ମିଃ ଚୌଧୁରୀ, ଆପଣ କୁଆଡ଼େ ଜର୍ଣ୍ଣି ମୋଟେ ଟଲ୍‌ରେଟ୍ କରିପାରନ୍ତି ନାହିଁ- ବିଶେଷତଃ ଜଙ୍ଗଲିଆ ରାସ୍ତା ଉଠାଣି ପଡ଼ାଣି - ।

ସତେ ତ ! ମୋର ସ୍ୱାମୀ ନିହାତି ଖାମଖିଆଲ୍ ଭାବିବା ମୋର ଉଚିତ ନ ଥିଲା କେବେହେଲେ । ଅନ୍ତତଃ ମୋର କଷ୍ଟଟା ଯେ ଅନୁଭବ କରିଥାନ୍ତି ବୋଲି ବହୁବାର କହିଥାନ୍ତି ବିଭିନ୍ନ ପ୍ରସଙ୍ଗ ମାଧ୍ୟମରେ ! ଏଥର ମୁଁ ହସିବାକୁ ବାଧ୍ୟ । କହିଲି- "ନା ନା, ଏତେ ଡେଲିକେଟ୍ ଡାର୍ଲିଙ୍ଗ୍ ନୁହେଁ ଯେ, ଘରର ଅନେକ ଅସୁବିଧା ଯୋଗୁଁ ମୁଁ ବିଶେଷତଃ ଛୁଟି ଦିନମାନଙ୍କରେ ପିଲାମାନଙ୍କୁ ଏକୁଟିଆ ଘରେ ଛାଡ଼ିଦେଇ ଯିବା ସୁବିଧା ମନେ କରେ ନାହିଁ - ।"

"ଆଃ ! ଏତେ କଥାରୁ କ'ଣ ମିଳିବ ଆମକୁ । ତୁମେ ଯିବ କି ନାହିଁ କୁହ -ମିସ୍ ଲୁନା ପୁଣି ଫେରିବେ ଯେ ।" ମୋର ସ୍ୱାମୀ ସଂକ୍ଷେପରେ କଥା ସାରିବାକୁ ଚାହାନ୍ତି । କ'ଣ ତାଙ୍କର ମତଲବ ଏଥିରେ ? ମୁଁ ଯେ ଯିବି ନାହିଁ, ବିଶେଷକରି ଶିକାର ଆଉ

କ୍ଲବର ସାନ୍ଧ୍ୟ ଆସର ଦୁଇଟିକୁ ମୁଁ ଯିବାକୁ ଚାହେଁ ନାହିଁ, ଏ କଥା ତ ସେ ଭଲ କରି ଜାଣନ୍ତି । ତଥାପି କାହିଁକି ? କାହିଁକି ଏ ପ୍ରହସନ ? ହଠାତ୍ କରି ମୋ ମୁଣ୍ଡରେ ଭୂତ ଚାପିଲା ଏବଂ ତାଙ୍କ କଥାକୁ ହସରେ ଉଡ଼ାଇଦେଇ ମୁଁ କହିଲି - "ତୁମେ ଏପରି ଅଧୈର୍ଯ୍ୟ ହେଉଛ କାହିଁକି ? ଘରକୁ ଜଣେ ଭଦ୍ର ମହିଳା ଆସିଲେ, କପେ ଚାହା ବି ଖାଇ ନାହାନ୍ତି, ଯିବାକୁ ତରତର । ଆଚ୍ଛା ବାବା ହେଲା ! ଏଥର ମୁଁ ଯିବି ...!" ମିସ୍ ଲୁନା ହସିଦେଇ କହିଲେ -

"ମୁଁ କହୁ ନ ଥିଲି, ମିସେସ୍ ଚୌଧୁରୀ ନିଶ୍ଚୟ ମୋ କଥା ଶୁଣିବେ । ଆଚ୍ଛା ! ଆଉଦିନେ ଆସିଲେ ଚା' ଖାଇବି, ଗପ କରିବି । ଆଜି ବେଳ ନାହିଁ... କିଛି ଭାବିବେନି... ବାଏ !!"

ମୁଁ କଣେଇ କରି ମୋ ସ୍ୱାମୀଙ୍କୁ ଚାହିଁଲି । ଏକ ଅସ୍ୱସ୍ତିକର ମୁହଁଟା ଯେପରି କୁହୁଳି ଉଠୁଛି ତାଙ୍କର । ହୁଏତ ତାଙ୍କର ଆଶା ଥିଲା ମୁଁ ନାହିଁ କରିଦେବି । କୌଣସି ବାହାନା କରି ମୁଁ ତାଙ୍କର ପ୍ରତିଥରର ମନରଖା ଅନୁରୋଧକୁ ଏଡ଼ାଇ ଯାଇଥାଏ । କାରଣ - ମତେ ଅନିଚ୍ଛାରେ କୌଣସି ସାମାଜିକ ପ୍ରଥା ମାନି ଆସେ ନାହିଁ ।

କବାଟ ଦେହକୁ ଆଉଜି ମୁଁ ଛିଡ଼ା ହୋଇଥିଲି ଏବଂ ମୋର ଆଖି ସାମ୍ନା ଦେଇ ଚ ଳ ଗତିରେ ସେମାନେ ପୋର୍ଟିକୋ ପାଖକୁ ଚାଲିଯାଇଥିଲେ । ମୁଁ ଦୂରରୁ ଦେଖିପାରୁଥିଲି ସ୍ତିମିତ ଆଲୋକରେ ସେମାନେ କ'ଣ କଥାବା ର୍ । କଲେ ଏବଂ ପରମୁହୂ ର୍ତ୍ତରେ କଳା ଫିଆଟ୍‌ଟି ପେଣ୍ଡୁ ଭଳି ଗଡ଼ିଗଲା ଫାଟକ ଆରପାଖକୁ । ସ୍ଥାଣୁ ଭଳି ଗାଡ଼ି ପଛକୁ ଚାହିଁ ଠିଆ ହୋଇଥିଲେ ମୋର ସ୍ୱାମୀ, ପା ଟି ପ୍ରାପ୍ତବୟସ୍କ ସନ୍ତାନର ପିତା !

ମୁଁ ନିଜକୁ ବୁଝାଇଥିଲି, ଏଥିରେ ଭାବିବାର କ'ଣ ଅଛି ! ମତେ ଡାକି ଆସିଲେ, ମୁଁ ଯିବାକୁ ରାଜି ହେଲି । ମତେ ଆଗରୁ କେବେ ଡାକି ନାହାନ୍ତି, ମୁଁ ଯାଉ ନାହିଁ । ଆଉ... ସତେ କ'ଣ ମୁଁ ଗଲିଣି ଯେ... କେତେ ବୋକା ସତେମ... ସୁବିଧା ଅସୁବିଧା ତ ଲାଗି ରହିଥାଏ । କଥାଟା ଓଲଟି ଯିବାକୁ କେତେ ବା ସମୟ ?

ସେ ଧୀରେ ଧୀରେ ଫେରି ଆସିଲେ ଏବଂ କବାଟ ଦେହରେ ଆଉଜି ତାଙ୍କୁ ଚାହିଁଥିବା ମୋର ଆଖିକୁ ଅନାଇ କହିଲେ – "ଆରେ ତୁମେ ଏମିତି ଛିଡ଼ା ହୋଇଛ ସେତିକିବେଳୁ ? କ'ଣ ଭାବୁଛ କି ? ଦେହ ଭଲ ଲାଗୁନି ? କେମିତି ଲାଗିଲା ଲୁନାକୁ ?"

ମୁଁ ମନେ ମନେ କହିଲି– "ନାହିଁ ଗୋ ନାହିଁ । ସବୁ ଝିଅ ପରି ଲୁନା ବି ଝିଅଟିଏ । ହେଲେ ତା'ର ବୟସ ଅତି ଅଳ୍ପ । ମୁଁ ତାକୁ ନଷ୍ଟ ହେବାକୁ ଦେବିନାହିଁ ଏବଂ ସେଇଥିପାଇଁ ତୁମର ଅନିଚ୍ଛାସ ୍ ତ ଯିବାକୁ ରାଜି ହେଲି । ଦେହ କାହିଁକି କ'ଣ ହେବ ?"

ହେଲେ ସେ କଥା ବ ର୍ମାନ ମୁଁ କହିପାରିବି ନାହିଁ । କାରଣ ସେ ବ୍ୟସ୍ତ ଏବଂ କିଛିଟା ଚିନ୍ତିତ । ତେଣୁ ମୋ ଭିତର ଟିକେ ଆର୍ଦ୍ର ରହିବା ବାଞ୍ଛନୀୟ ।

ସେ ଉ ରକୁ ଅପେକ୍ଷା ନ କରି ଡ୍ରେସ ବଦଳାଇବା ପାଇଁ ବୋଧହୁଏ ଚାଲିଗଲେ । ଗରମରେ ମୋର ଦେହଟା ଝାଳରେ ଓଦା ହୋଇ ଯାଇଥିଲା ।

ଫେରିଗଲି ମୁଁ ପୁଣି ମୋ ଯଥାସ୍ଥାନକୁ । ସ୍ୱେଟରଟା ଅଧା ହୋଇଛି । ଶୀତ ଆସିଲା ପୂର୍ବରୁ ଏଗୁଡ଼ା ପ୍ରସ୍ତୁତ ନ ହେଲେ ଗୁଡ଼ାଏ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ । ସାନ ପିଲାଗୁଡ଼ା ଟିଉସନ୍ ମାଷ୍ଟ୍ର ପାଖରେ ବସିଛନ୍ତି, ବଡ଼ପୁଅର କମ୍ପିଟେଟିଭ୍ ଏକ୍‌ଜାମିନେସନ୍ ପାଇଁ ପ୍ରସ୍ତୁତି ଯେପରି ଅନେକ ଦିନ ଧରି ଘର ଭିତରେ ନୀରବତାକୁ ଗଭୀର କରିଦେଇଛି । ଇଏ ପ୍ରାୟ ସନ୍ଧ୍ୟାରେ ନ ଥାନ୍ତି...ଅଫିସରୁ ଫେରନ୍ତି ଗୋଟିଏ କପ୍ ଚା' ପରେ ସେ ବାହାରକୁ ଚାଲିଯା'ନ୍ତି । କାମ, ଅସଂଖ୍ୟ କାମ ଭିତରେ ସେ ଜାଣିପାରନ୍ତି ନାହିଁ, ଘରକୁ ଫେରିବାର ନିର୍ଦ୍ଦିଷ୍ଟ ସମୟ ।

ମୁଁ ଉଲ୍‌କ ାରୁ ମୁଣ୍ଡ ଟେକି ଅନାଇଲି । ସେ ଆସିଗଲେଣି ଡ୍ରେସଚେଞ୍ଜ କରି । ବ ର୍ମାନ ସେ ବେଶ୍ ସତେଜ ଦେଖାଯାଉଛନ୍ତି । ଆଗ ଅପେକ୍ଷା ଦେହରେ ମେଦ ବୃଦ୍ଧି ଘଟିଥିଲେ ହେଁ ମୁହଁରେ କୌଣସି ପରିବ ର୍ନ ହୋଇ ନାହିଁ । କଲେଜରେ ପାଠ ପଢୁଥିଲା ବେଳେ ଯେଉଁ ସରଳ ନିଷ୍କପଟ ମୁହଁ ମତେ ବିଭୋର କରି ରଖିଥିଲା, ଯେଉଁ ଛୋଟ

ଛୋଟ କଥାର ଫୁଆର, ମୋର ମନରେ ଅଜସ୍ର ଇନ୍ଦ୍ରଧନୁର ରଙ୍ଗ ବୋଳି ଦେଇଥିଲା ସେଇ ମୁହଁ, ସେଇ କଥା, ସେଇ ଭଙ୍ଗୀ ଏବେବି ଅତୁଟ ଅକ୍ଷତ ଥିଲା ପରି ମନେହୁଏ । ଅଥଚ... ।

ସେ ସୋଫା ଉପରେ ବସିପଡ଼ି କହିଲେ – "ଅଦ୍ଭୁତ ଏଇ ଝିଅ ଲୁନା । ସମଗ୍ର ପୃଥିବୀର ଦୁଇତୃତୀୟାଂଶ ସେ ଏକା ଏକା ଘୂରି ଆସିଲାଣି । ଡର ଭୟ, ସଂକୋଚ ସେ କ'ଣ ବୋଲି ଜାଣେ ନାହିଁ । ଶିକାରୀ ହିସାବରେ ମଧ୍ୟ ବହୁ ସାର୍ଟିଫିକେଟ୍ ... !"

ତାଙ୍କଠାରୁ କଥା ଛଡ଼ାଇ ନେଇ ଚା'କପ୍‌ରେ ଚିନି ଗୋଳାଇବାର ଶବ୍ଦକୁ କ୍ଷିପ୍ରତର କରି ମୁଁ ପଚାରିଲି- " ଶିକାରୀ ? ମାନେ ଏଇ ବାଘ, ହାତୀ ମାରି ଖୁବ୍ ସାର୍ଟିଫିକେଟ୍ ଅର୍ଜନ କରିଛି ନା... !"

ସେ ସେହିପରି ଗଦ୍‌ଗଦ୍ କଣ୍ଠରେ କହିଲେ – "ହଁ, ଗୋଟିଏ ଝିଅ ପାଖରେ କିଛି ସହଜ ନୁହେଁ ଏ କଥା ।"

ମୁଁ ପ୍ରସଙ୍ଗ ଘୂରାଇନେବା ଉଚିତ ମନେକଲି । କାଳେ ସେ ଅନ୍ୟ କିଛି ଭାବିପାରନ୍ତି, ଅନ୍ତତଃ ମୁଁ ତାଙ୍କୁ ବିଶ୍ୱାସ କରୁ ନାହିଁ । ସେ ଏକଥା ଜାଣନ୍ତୁ ବୋଲି ମୁଁ କୌଣସି ଦିନ ଚେଷ୍ଟା କରି ନାହିଁ । କେଜାଣି କାହିଁକି ତାଙ୍କୁ କଷ୍ଟ ଦେବା ମୋ ପକ୍ଷରେ ସମ୍ଭବ ହୋଇପାରୁନି ! କହିଲି – "ହେ ମୁଁ ଭୁଲିଚ ଯାଇଛି । ତୁମର ସେଇ ପ୍ରିୟ ବାନ୍ଧବୀ ଅର୍ଚ୍ଚନା ଆଜି ଫୋନ୍ କରିଥିଲା । ବଡ଼ ବ୍ୟସ୍ତ ଭାବରେ ତୁମକୁ ଖୋଜୁଥିଲା । ମୁଁ ଯେତେ ପଚାରିଲି କ'ଣ ଦରକାର କୁହ ମୁଁ କହିବି । ଅଫିସ୍ ଆୱାରରେ ତାଙ୍କୁ ଡିଷ୍ଟର୍ବ କରିବା ଉଚିତ ନୁହେଁ ବୋଲି ମଧ୍ୟ ମୁଁ ତାଙ୍କୁ ଯେତେ ବୁଝାଇଲି, ସେ ବୁଝିଲା ନାହିଁ । ତୁମେତ ମନା କରିଥିଲ ଦଶଟାରୁ ଚାରିଟା ଅନ୍ତତଃ, ଆଜି ତୁମକୁ କେହି କିଛି କହିବେ ନାହିଁ.... ।"

ମୋର ଅଜସ୍ର ଚେଷ୍ଟା ସ ୍ତ୍ୱ ମୋ କଥାରେ ଟିକେ ଯେ ଉଷ୍ମତା ଥିଲା ଏହା ମୁଁ ବୁଝି ପାରୁଥିଲି । କାରଣ ଆଜି ଦିନତମାମ ସେ ଅଫିସରେ ନ ଥିଲେ । ଛୁଟି

ନେଇଥିଲେ...ମୋର ଜାଣିବାର ଆଶଙ୍କାରେ ହୁଏତ ଜରୁରୀ କାମର ଆଳ ଥିଲା । ମୁଁ ଚାହିଁ ଦେଖିଲି ସେ ସାମାନ୍ୟ ବିବ୍ରତ ବୋଧ କରୁଛନ୍ତି ।

ଚା' କପ୍‌ଟି ବଢ଼େଇ ଦେଉ ଦେଉ ଅଗତ୍ୟା କହିଲି – "ଅର୍ଚ୍ଚନା ତା'ର ଫୋନ୍ ନମ୍ବର ଦେଇଛି । ଚାହିଁଲେ ଖବରଟା ବୁଝିପାର ।"

"ଆଉ ! ବଡ଼ ବୋର କରେ ସେ । ହଜାର କାମର ବରାଦ କରିବ । କଲିକତାରେ ରହି ରହି ସେ ଓଡ଼ିଶାର ମାନଚିତ୍ର ଯେମିତି ଭୁଲିଯାଇଛି ।"

ଅର୍ଚ୍ଚନା ଏଠି ତାଙ୍କର ସହକର୍ମିଣୀ ଥିଲା । ଏବେ କଲିକତା ବଦଳି ହୋଇଯାଇଛି । ସମୟେ ସମୟେ କଲିକତା ଗଲେ ତା'ରି ଘରେ ଜବରଦସ୍ତ ମତେ ରହିବାକୁ ହୁଏ । କେତେଥର ଯେ ମୋର ଉପସ୍ଥିତିରେ ଅର୍ଚ୍ଚନା ସହ ସେ ଘନିଷ୍ଠ ହୋଇଉଠନ୍ତି ତା' ମୁଁ ଦେଖିଛି, କିଛି କହି ନାହିଁ । ବରଂ ଅର୍ଚ୍ଚନାକୁ ମତେ ତା' ପଛକୁ ବହୁଥର ଆପ୍ୟାୟିତ କରିବାକୁ ହୋଇଛି । ମୋର ଇଚ୍ଛା ଅନିଚ୍ଛାର ପ୍ରଶ୍ନ ଉଠିନାହିଁ । ଅଥଚ ଅର୍ଚ୍ଚନାଠାରୁ ମଣିଷକୁ ବଶୀଭୂତ କରି ରଖିବାର ମନ୍ତ୍ର ମୁଁ ଶିଖିପାରିଲି ନାହିଁ । ତାହା ମୋର ଅପାରଗତା । ବେଳେବେଳେ ମୁଁ ପ୍ରଗଳ୍‌ଭ ହୋଇ ଉଠିଲେ ମୋର ସ୍ୱାମୀଙ୍କୁ ବୋଧହୁଏ ତାହା କଟୁ ମନେହୁଏ । ଚଟ୍‌କରି କଥାର ମୋଡ଼ ସେ ଘୂରାଇ ଦିଅନ୍ତି କିମ୍ବା ଏକ ଅଜଣା କଣ୍ଠରେ ଆଘାତ କରନ୍ତି ମତେ ରୋକିନେବା ପାଇଁ । ମୁଁ ଜାଣେ ମୋର ଚପଳତା ତାଙ୍କୁ ଅସହ୍ୟ ଲାଗେ ।

ଏକ ବିବାହିତା ସ୍ତ୍ରୀ ଏକଥା ଆଶା କରି ନ ଥାଏ । ମୁଁ... ଯାହାକୁ ଭଲପାଇ ବହୁ ମନାନ୍ତର ସୃଷ୍ଟି କରି ଦୁଇ ପରିବାର ଭିତରେ ସେ ସ୍ୱୀକାର କରି ନେଇଥିଲେ ସମଗ୍ର ଜୀବନ ପାଇଁ ! କିନ୍ତୁ ଏହାର ଅର୍ଥ ନୁହେଁ ଯେ ମୁଁ ତାଙ୍କୁ ଦାସାନୁଦାସ କରି ରଖିବି କିମ୍ବା ସେ ମତେ ତାଙ୍କର ଖେଳଣା କଣ୍ଢେଇ କରି ଖେଳିବେ ।

ମୋର ଅନ୍ୟମନସ୍କତା ଭାଙ୍ଗି ଦେଇ ସେ ପ୍ରଶ୍ନ କଲେ... "କିଶୋରର ପ୍ରିପାରେସନ୍ ଏଥର କିପରି ହୋଇଛି ? ଏଇଟା ଯେ ତା'ର ଲାଷ୍ଟ ଚାନ୍ସ !" ମୁଁ ଯନ୍ତ୍ର ପରି ଉ ର ଦେଲି...

"ପଢୁଛି ତ । ତେଣିକି ଯାହା ହେବ ।"

ମୁଁ ନିଜେ ହିଁ ତ ଭାଗ୍ୟ ଉପରେ ବିଶ୍ୱାସ କରେନା, କର୍ମର ଫଳ ବି ସମସ୍ତଙ୍କୁ ପ୍ରାପ୍ତ ହୁଏ ନାହିଁ ।

"ସାନଝିଅଟା ଦିନକୁ ଦିନ ଶୁଖିଯାଉଛି । ତାକୁ ଡାକ୍ତର ଦେଖାଇବା ଦରକାର । ଟନିକ୍ ଫନିକ୍ ନ ଖାଇଲେ ତା'ର ହେଲଥ୍ ଖରାପ ହୋଇଯିବ ।"

"ମୁଁ ବି ଭାବୁଥିଲି ସେଇଆ ।"

ତାଙ୍କର ପ୍ରଶ୍ନର ଉ ର ମୁଁ ଯଥାସମ୍ଭବ ଠିକ୍ ଠିକ୍ ଦେଉଥିଲି । ମାତ୍ର କଥା ଲମ୍ବେଇ ରଖିବା ପାଇଁ ଯେଉଁ ଜାଲ ଭିତରେ ଆମେ ଦୁଇଜଣ ଧରା ଦେଇଥିଲୁ, ସେ ଜାଲ ଛିଣ୍ଡାଇ ଦେଇ କିଏ କେତେବେଳେ ଯେ ଉଡ଼ିଯାଇଛୁ, ତା'ର ଖବର କାହା ପାଖରେ ନାହିଁ ।

କଥା ଆଉ ବେଶି ନାହିଁ । ସମସ୍ତେ ସୁସ୍ଥ, ଟଙ୍କାପଇସାର ପ୍ରକୃତ ବିନିଯୋଗ ସାଙ୍ଗକୁ ସାଧାରଣ ପରିବାର ପରି ଅଭାବର ଫର୍ଦ୍ଦ ନାହିଁ ଏ ଘରେ । ଯାହା ଅଛି ତାହା ସେ ପୂରଣ କରିପାରିବେ ନାହିଁ, ଅଯଥା କାହାକୁ କଷ୍ଟ ଦେଇ ଲାଭ କ'ଣ ?

ସେ ବୋଧହୁଏ କିଛି କହିବାକୁ ଚାହାନ୍ତି, ମାତ୍ର କହିପାରୁ ନାହାନ୍ତି । ଏପଟ ସେପଟ କରି ପୁରୁଣା କାଗଜଟା ସେ ଦେଖୁଥିଲେ । ଅଗତ୍ୟା ମତେ ହିଁ ତାଙ୍କ ପଥ ପ୍ରସ୍ତୁତ କରି ଦେବାକୁ ହେବ । ହସି କରି ମୁଁ କହିଲି ।

"ଦେଖ ଏଇ ରଙ୍ଗର ଉଲ୍‌ଟା ତୁମର ପସନ୍ଦ ତ ? ତୁମେ ତ ଦିନକୁଦିନ ଯେମିତି ଟୋକା ହୋଇଯାଉଛ, ସେଥିରେ ତୁମ ପାଇଁ ଚଏସ୍ କରିବା କଷ୍ଟ ! ହଁ, ଭଲ କରି ଦେଖ ଡିଜାଇନ୍‌ଟା ଭଲ ଲାଗୁଛି କି ନାହିଁ ।"

"କାହିଁକି ଏତେ ପରିଶ୍ରମ କରୁଛ ? ଉଲ୍ କିଣି ସମୟ ନଷ୍ଟ କରିବାଠାରୁ ସୁଏଟର କିଣିନେବା ଭଲ !"

ଏହା ପରେ ମୋର କଥା ନ କହିବା ଉଚିତ । କିନ୍ତୁ ମୁଁ ତ ଆଉ ସେ କଲେଜ ପଢୁଆ ଲାଜକୁଳୀ ଝିଅଟିଏ ନୁହେଁ ଯେ ଏଇ କଥାରେ ଅଭିମାନର ଲୁହ ଝାଡ଼ିପକାଇବି । ମୋର ଅନେକ ପରିଶ୍ରମର ମୂଲ୍ୟାୟନ ସେ ଏହିପରି କରିଥାନ୍ତି ଏବଂ ଏହିପରି କିଛି ନକହି ଚୁପ୍ ରହିବା ଯେପରି ମୋର ଏକ ଅଭ୍ୟାସ । ତାଙ୍କୁ ବୁଝେଇବା ଅର୍ଥ ନିଜକୁ ଅଧିକ କ୍ଲାନ୍ତ କରିବା ।

ସେ ଏଥର ଉଠିପଡ଼ି ହାଇଟାଏ ମାରି କହିଲେ, "ମୁଁ ଆସେ, ବେଶି ଡେରିହେଲେ ମୋ ପାଇଁ ଅପେକ୍ଷା କରିବନି । ଧରିନେବ ମୁଁ ଖାଇକରି ଫେରିବି । ଅବଶ୍ୟ ସେମିତି ବିଶେଷ ବ୍ୟବସ୍ଥା ଆଜି କିଛି ନାହିଁ ।"

ମୁଁ ଆସ୍ତେ କହିଲି- " ଆଚ୍ଛା ।"

ଟିକକ ପରେ ଗେଟ୍ ଖୋଲିବାର ଶବ୍ଦହେଲା; ତାଙ୍କର ଯିବା ଆସିବା ବିଷୟରେ ମୁଁ ଯେତେହେଁ ଅସତର୍କ ରହିବାକୁ ଚାହିଁଲେ ବି ସମ୍ଭବ ହେଉନାହିଁ । ମୋତେ ବି ତ ଯିବାକୁ ସେ ମନା କରିନାହାନ୍ତି । କେବେ ଗଲେ ମଧ୍ୟ କୌଣସି ଦିନ ପ୍ରଶ୍ନ କରିନାହାନ୍ତି ।

ବର୍ତ୍ତମାନ ଦ୍ରୁତଗତିରେ କିଛିଟା ସୁଏଟର୍ ବୁଣିଦେଇ ମତେ ପିଲାଙ୍କର ଖାଇବା ଟେବୁଲ ପାଖକୁ ଯିବାକୁ ହେବ । କିଛି ହସି ହସି କଥା କହିବାକୁ ହେବ । ପଢ଼ି ପଢ଼ି କ୍ଲାନ୍ତ ହୋଇ ଶୋଇପଡ଼ିଥିବା ମୋ ପୁଅର ମୁଣ୍ଡକୁ ଆଉଁସି ଦେଇ ଉଠାଇ ଦେବାକୁ ହେବ ନିଦରୁ । ଆସନ୍ତା କାଲି ପାଇଁ ପରିବାର ହିସାବ ନେବାକୁ ହେବ । ସାନଝିଅ ପାଖରେ ଶୋଇ ତାର ମୁଣ୍ଡ ସାଉଁଳେଇ ଦେବାକୁ ହେବ, ଦରକାର ପଡ଼ିଲେ ମିଠା ମିଠା କଥା କହିବାକୁ ହେବ, ତିନିଥର ଟାଇଫଏଡ୍‌ରୁ ଉଠି ଝିଅଟା ସତରେ ବଡ଼ ଚିଡ଼ା ବି ଧରିଯାଇଛି ।

କୌଣସି କଥାର ତଦାରଖ କରିବା ପାଇଁ ମୋର ସ୍ୱାମୀଙ୍କର ସମୟ କେବେବି ନଥିଲା, ଆଜି ବି ନାହିଁ । ଏଥିରେ ଦୁଃଖ କରିବାର ବା କ'ଣ ଅଛି ? ଆଗେ ଯେଉଁ

ଦାୟିତ୍ୱ ନିର୍ବିକାରରେ ମୁଁ ତୁଲାଇ ନେଉଥିଲି, ଆଜି ଭୀଷଣ କଷ୍ଟକର ମନେହେଉଛି । ପ୍ରତି ମୁହୂର୍ତ୍ତରେ ଯେପରି ମୁଁ ଅସହିଷ୍ଣୁ ହୋଇ ଉଠୁଛି । କାରଣ ଦୀପ ଦେହରେ ସଳିତାର ପୁଣି ଆଲୋକ ଦେବାର ଏକ ନିର୍ଦ୍ଦିଷ୍ଟ ସମୟ ଅଛି ....ମୁଁ ଯେ ଆଉ ପାରୁନି । ପଛକଥା ଆଉ ଫେରିବନି, ଭବିଷ୍ୟତରେ କିଛି ସ୍ୱପ୍ନ ଆଣିଲେ ବି ସେଥିରେ ଯେ କିଛି ପ୍ରାଣ ପ୍ରାଚୁର୍ଯ୍ୟ ନାହିଁ ତାହା ବୁଝିନେବା କ'ଣ ଏତେ କଷ୍ଟ ? ଅଥଚ ଜନ୍ମକାଳରୁ ଭଲମନ୍ଦ ଦୁଇଟିକୁ ଅଲଗା ଅଲଗା ରଖିବାପାଇଁ ମୋର ଯେ ବାଉଁଶରାଣୀ ପରି ନାଚ ଚାଲିଛି । ଟିକିଏ ଅସାବଧାନ ହେଲେ ମୁଁ ଗଳିପଡ଼ିବି କୋଉ ଅଦୃଶ୍ୟ ଗହ୍ୱରରେ, ମୋର ସ । ଯେ ଚିରଦିନ ପାଇଁ ଲୋପ ପାଇଯିବ ? ବୋଧହୁଏ ନିଜର ସ ାକୁ, ମୋହକୁ ବଜାୟ ରଖିବା ପାଇଁ ମୋର ଏ ପ୍ରଚେଷ୍ଟା ସଫଳ ହେବନାହିଁ ...ମୁଁ ଭାଙ୍ଗିପଡ଼ିବି ଟୁକୁରା,ଟୁକୁରା ହୋଇ ଅସ୍ଥି ମେଦ ମିଳାଇଯିବ ଧୂଳିରେ ।

ସାନଝିଅ ଡାକରେ ମୁଁ ଉଠିଯିବାକୁ ବାଧହେଲି । ଅନେକ ସମୟ ହୋଇଗଲାଣି । ମତେ ବି ବଡ଼ କ୍ଳାନ୍ତ ଲାଗୁଛି .... ।

ମୁଁ ଶୋଇଯାଇଥିଲି ବୋଧେ । କିନ୍ତୁ ମୋର ନିଦ ଭାଙ୍ଗିଲା ଯେତେବେଳେ ମୁଁ ଦେଖିଲି ମୋ ଖଟରେ ଶୋଇଛି, କିଏ ମୋତେ ଡାକିଥିଲା କି କ'ଣ ? ନା, ମୁଁ ନିଜେ ଉଠିଆସିଥିଲି.... ଆଶ୍ଚର୍ଯ୍ୟ ! ସେ ମଧ ମୋ ପାଖରେ ଶୋଇଛନ୍ତି, ଖୁବ୍ ଜୋରରେ ତାଙ୍କର ନିଃଶ୍ୱାସ ପ୍ରଶ୍ୱାସ ଚାଲିଛି । ମୁଁ ମୋର ଲୁଗାକାନିଟା ସାମାନ୍ୟ ଟାଣିଦେବାକ୍ଷଣି ସେ ଉଠି ପଡ଼ିଲେ ଏବଂ କହିଲେ –

"ତୁମେ ଏତେ ନିଦରେ ଶୋଇଛ, ଡାକି ଡାକି ମୁଁ ଶେଷରେ ତୁମକୁ ଉଠାଇ ଆଣି ଶୁଆଇଦେଲି ।"

"ଡାକୁଥିଲ କାହିଁକି ? ଆଜି ତ ଘରେ ଖାଇବାର ନଥିଲା ?"

" ନା ଯେ ! ଭୀଷଣ ବ୍ୟସ୍ତ ଲାଗୁଛି । ଫେରିଲାବେଳେ ଏକ୍ସିଡେ ଟାଏ ହେଲା, ଲୁନାକୁ ହସ୍‌ପିଟାଲରେ ଛାଡ଼ିଆସିଲି । ପୋଲିସ୍ ଗାଡ଼ି ସିଜ୍ କରିନେଇଛି" ।

ମୁଁ ଉ  ର ଦେଲି ନାହିଁ, ମୋ ଭିତରେ କୌଣସି ଆଗ୍ରହ କି କୌତୂହଳ ନଥିଲା ।

"କାଲି ସକାଳେ ଚାରିଆଡ଼େ ରାଷ୍ଟ୍ର ହୋଇଯିବ ଲୁନା ବାହାର ଷ୍ଟେଟ୍‌ର ଝିଅ  !

ଏଠିକା ଲୋକଙ୍କ କଥା ତ ଜାଣିଛ ।"

ମୋ ଭିତରେ ଶକ୍ତି ସୃଷ୍ଟି ନହେଲେ, ମୁଁ ଏହାର ମୁକାବିଲା କରିପାରିବି ନାହିଁ । ଅନ୍ଧକାରରେ ହସିବାର ବା ପ୍ରୟୋଜନ କ'ଣ !

"କାହିଁକି  ? କହିବ ଲୁନା ଆମ ଘରକୁ ନିମନ୍ତ୍ରିତ ହୋଇ ଆସିଥିଲା ।"

"ନା ! କ୍ଲବ୍‌ରେ ବହୁତ ଜଣାଶୁଣା ଲୋକ ଦେଖିଛନ୍ତି ।"

"ହେଲା.... କ୍ଲବକୁ ସମସ୍ତେ ଯାଆନ୍ତି । ମୁଁ ବି ଯାଇଥିଲି ।"

"କିନ୍ତୁ ତୁମେ ଯେ ଗାଡ଼ିରେ ନଥିଲ । ପୋଲିସ୍........।"

" ଆହା ! ପୋଲିସ୍  ! ଟଙ୍କା କିଛି ଦରକାର । ନଥିଲେ ଗହଣା ଅଛି; ବ ର୍ମାନ ଲୁନା କିପରି ଅଛି ?"

"କିଛି ବିଶେଷ ଖରାପ ନୁହେଁ, ମୋ ମନା କରିବା ସ େ ଡ୍ରାଇଭ୍ କଲା । ହେଭି ଡ୍ରିଂକ୍ସ ବି କରିଥିଲା । କ'ଣ କରିବି କୁହତ, ବାହାରୁ ଆସିଛି ଗେଷ୍ଟ ହୋଇ ଯେତେବେଳେ ... ।"

ମୁଁ ବୁଝିଲି । ବୁଝିବାକୁ ବା କ'ଣ ସମୟ ଦରକାର ଏସବୁ କଥା । ପ୍ରତ୍ୟହ ଡ୍ରିଂକ୍ସ କରିବା ତ ତାଙ୍କର ଅଭ୍ୟାସ । କିନ୍ତୁ ମୋର ଶରଣାପନ୍ନ ହେବା ଅନ୍ୟ କେବେ ଆବଶ୍ୟକ ପଡ଼ି ନଥିଲା ।

ହଠାତ୍ ତାଙ୍କର ଡାହାଣ ହାତଟି ମୋର ମୁକୁଳିତ କେଶରାଶି ଉପରେ ଘୂରି ଆସିଲା ଅତି ଯତ୍ନ ସହକାରେ, ଅନ୍ୟଦିନ ପରି ଅସ୍ୱସ୍ତିରେ ଅନିଚ୍ଛାରେ ମୁଁ ତାଙ୍କୁ ନିଜକୁ ସମର୍ପି ଦେବି କି ନାହିଁ ବୁଝିପାରୁ ନଥିଲି ।  ଛାଇ ପରି ତାଙ୍କ ପଛେ ପଛେ ରହିଛି ବୋଲି ତ ଏଇ ଯନ୍ତ୍ରଣା  !

ଅତି ପିଲାଳିଆ କଣ୍ଠରେ ସେ ପଚାରିଲେ, "ମୋ ଉପରେ ରାଗୁଛ ।"

ମୁଁ ଓଠ ଉପରେ ଓଠ ଚାପି ନିଜକୁ ସଂଯତ କରିବାକୁ ଚେଷ୍ଟା କରୁଥିଲି, ଆଃ ! ଟିକିଏ ଏପଟ ସେପଟ ଆଉ ହେଲେ ମୁଁ ଯେ ଗଭୀର ଗ ର୍ତ୍ତରେ ଖସିପଡ଼ିବି ।

ସେ ମୋ ପାଖକୁ ଲାଗି ଆସୁଥିଲେ ଏବଂ ତାଙ୍କର ବାମହାତ ମତେ କରାୟତ କରି ନେବାକୁ ଚାହୁଁ ଥିଲା ବେଳେ ମୁଁ ଉଠିପଡ଼ି କହିଲି– " ରାତି କେତେ ହେଲାଣି । ଏବେ ଶୋଇପଡ଼.....ସକାଳୁ ମତେ ନିଦ ଲାଗି ଯାଇପାରେ, ତୁମେ ଆଗେ ଉଠିଲେ ଡାକିବ, କିଛି ଫଳ ନେଇ ଲୁନାକୁ ଆଗେ ହସ୍‌ପିଟାଲ୍‌ରେ ମତେ ଦେଖିବାକୁ ହେବ ଯେ ।"

ମୋର ଅଜାଣତରେ ମୁଁ ବିଛଣାରୁ ନିଜକୁ ସହଜ ଭାବରେ ଅଲଗା କରି ନେଇ ପାଖ ରୁମ୍‌କୁ ଚାଲିଗଲି ।

ଗରମରେ ସମଗ୍ର ଦେହ ଝାଳରେ ଭିଜି ଯାଇଛି । ପାଦ ଟଳୁଛି, ତଥାପି ମୁଁ ଦଉଡ଼ି ଉପରେ ଚାଲିଛି....ତଳେ ଯେ ଅସଂଖ୍ୟ ଦର୍ଶକ ଆଟପଟାଳି ମାରି ମୋର ନୃତ୍ୟକୁ ପ୍ରଶଂସା କରିଚାଲିଛନ୍ତି.... କେମିତି ଅଟକି ଯିବି ? ତା'ହେଲେ ତ ଅଟକି ଯିବ ସଭ୍ୟତାର ନନ୍ଦିଘୋଷ,ପ୍ରଗତିର ଅଗ୍ରଗତି । ଆଃ ! ମୁଁ ଏତେ ସ୍ୱାର୍ଥପର ନୁହେଁ.... ମୁଁ ବାଥ୍‌ରୁମ୍‌ର ସାୱାର ଖୋଲିଦେଇ ଆଖିବୁଜି ଛିଡ଼ା ହୋଇଗଲି । ମୁଁ ଜାଣିଛି ବ ର୍ତ୍ତମାନ ସେ ନିଶ୍ଚିନ୍ତ ନିଦରେ ଶୋଇପଡ଼ିବେ ଏବଂ ତାହାହିଁ ହେଉ ..... ତାଙ୍କର ସୁଖନିଦ୍ରା ପାଇଁ ଈଶ୍ୱରଙ୍କୁ ପ୍ରାର୍ଥନା କରିବାକୁ ମୋର ଆଉ ସାମର୍ଥ୍ୟ ନାହିଁ ଯେ !

## ଲେଖକ ପରିଚୟ

ବୀଣାପାଣି ମହାନ୍ତି ( ୧୯୩୬)

ଗାଳ୍ପିକା ବୀଣାପାଣି ମହାନ୍ତି ଓଡ଼ିଆ କଥାସାହିତ୍ୟରେ ଏକ ବଳିଷ୍ଠ ପ୍ରତିଭା । ତାଙ୍କର ପୈତୃକ ବାସସ୍ଥାନ କେନ୍ଦ୍ରାପଡ଼ା ଜିଲ୍ଲାର ଚାନ୍ଦୋଳ ହେଲେ ମଧ୍ୟ ସେ ବ୍ରହ୍ମପୁର ସହରରେ ଜନ୍ମଗ୍ରହଣ କରିଥିଲେ । ସେ ବହୁ କ୍ଷୁଦ୍ରଗଳ୍ପ ରଚନା କରି ଓଡ଼ିଆ ସାହିତ୍ୟକୁ ସମୃଦ୍ଧ

କରିଛନ୍ତି । ଗଭୀର ମାନବବାଦୀ ଏବଂ ଜୀବନଧର୍ମୀ ଅନୁଚିନ୍ତାର ଆଲେଖ୍ୟ ବହନ କରି ତାଙ୍କ ଗଳ୍ପଗୁଡ଼ିକ ପ୍ରକାଶିତ । ନାରୀ ମନସ୍ତତ୍ତ୍ୱ ଚିତ୍ରଣରେ ସେ ବେଶ୍ ସିଦ୍ଧହସ୍ତ । ତାଙ୍କର 'ନବତରଙ୍ଗ', 'ପାନ୍ଥଶାଳା ଓ ରକ୍ତକରବୀ', 'କସ୍ତୁରୀମୃଗ ଓ ସବୁଜ ଅରଣ୍ୟ', 'ତଟିନୀର ତୃଷା', 'ସାୟାହ୍ନର ସ୍ୱର','ଅନ୍ଧକାରର ଛାଇ', 'କାଳାନ୍ତର', 'ଆରୋହଣ', 'ମଧ୍ୟାନ୍ତର', 'ବସ୍ତ୍ରହରଣ', 'ଅନ୍ୟଅରଣ୍ୟ', 'ଇ ରଭିଉ', 'ଖେଳଣା', 'ଦୃଶ୍ୟାନ୍ତର', 'ଚରିତ୍ରହସ୍ତି', 'ପାଟଦେଈ', 'ତୃତୀୟପାଦ', 'ବହ୍ନିବଳୟ', 'ଜନ୍ମାନ୍ତର', 'ଅଶ୍ରୁଅନଳ', 'ଶକୁନିର ଛକା', 'ଏକାକୀ ପରାଶର', 'ପାଚେରି ସେପଟେ ନଈ', 'ପଦ୍ମ ଘୁଞ୍ଚି ଘୁଞ୍ଚି ଯାଉଛି' ଇତ୍ୟାଦି ଗଳ୍ପ ସଂକଳନ ପ୍ରକାଶିତ । 'କୁନ୍ତୀକୁନ୍ତଳା ଶକୁନ୍ତଳା' ତାଙ୍କର ଏକ ଜନପ୍ରିୟ ଉପନ୍ୟାସ । ଆଲୋଚ୍ୟ ଗଳ୍ପ "ବାଉଁଶରାଣୀ" ନାରୀ ମନସ୍ତତ୍ତ୍ୱମୂଳକ ଏକ ଚମତ୍କାର ଗଳ୍ପ ।

**ବିଷୟ ପ୍ରବେଶ :**

'ବାଉଁଶରାଣୀ' ନାରୀ ମନସ୍ତତ୍ତ୍ୱ ଆଧାରିତ ଏକ ସାର୍ଥକ କ୍ଷୁଦ୍ରଗଳ୍ପ । ଏହି ଗଳ୍ପଟିରେ ଗଳ୍ପନାୟିକା ମିସେସ୍ ଚୌଧୁରୀଙ୍କର ସୂକ୍ଷ୍ମ ମାନସିକ ଭାବାବେଗର ଅନୁଶୀଳନ କରାଯାଇଛି । ବାଉଁଶରାଣୀ ବାଦ୍ୟର ତାଳେ ତାଳେ ଶରୀରର ଭାରସାମ୍ୟ ରକ୍ଷାକରି ଖେଳ ଦେଖାଏ । ସେହିପରି ଗଳ୍ପନାୟିକା ମିସେସ୍ ଚୌଧୁରୀ ପାରିବାରିକ ପରିସ୍ଥିତି ଓ ସ୍ୱାମୀଙ୍କର ମାନସିକତା ମଧ୍ୟରେ ଭାରସାମ୍ୟ ରକ୍ଷାକରି ଆଗକୁ ଚାଲିଛନ୍ତି । ତାଙ୍କ ମତରେ "ପାଦ ଟଳୁଛି,ତଥାପି ମୁଁ ଦଉଡ଼ି ଉପରେ ଚାଲିଛି.... ତଳେ ଯେ ଅସଂଖ୍ୟ ଦର୍ଶକ ଥାଟପଟାଳି ମାରି ମୋର ନୃତ୍ୟକୁ ପ୍ରଶଂସା କରିଚାଲିଛନ୍ତି....କେମିତି ଅଟକିଯିବି ? ତା'ହେଲେ ତ ଅଟକି ଯିବ ସଭ୍ୟତାର ନନ୍ଦିଘୋଷ, ପ୍ରଗତିର ଅଗ୍ରଗତି" । ନାରୀଟିଏର ତ୍ୟାଗ ଏବଂ ମାନସିକ କାରୁଣ୍ୟରେ ଆର୍ଦ୍ର ହୋଇଉଠିଛି ଗଳ୍ପକ୍ଷେତ୍ର । ମୋଟ ଉପରେ ଗାଳ୍ପିକା ବୀଣାପାଣିଙ୍କର ଦୃଷ୍ଟିଭଙ୍ଗୀର ସ୍ୱାକ୍ଷର ବହନ କରି ଗଳ୍ପଟି ତା'ର ସାର୍ଥକତା ପ୍ରତିପାଦନ କରିଛି ।

## କଠିନ ଶବ୍ଦାର୍ଥ

ପ୍ରତିବିମ୍ବ - ଛାୟା

ବିଷଣ୍ଣ - ମ୍ଳାନ, ଦୁଃଖିତ

ଆଙ୍କୁଶ - ହସ୍ତୀକୁ ଆୟତରେ ରଖିବାପାଇଁ ବ୍ୟବହୃତ ଏକ ତୀକ୍ଷ୍ଣ ଲୌହଦଣ୍ଡ

ପ୍ରାଗୈତିହାସିକ - ଇତିହାସପୂର୍ବ,ବହୁ ପୁରାତନ

କଟାକ୍ଷ - ଆଡ଼ଚାହାଣୀ

ଡେଲିକେଟ୍ - କୋମଳ, ସୁକୁମାର

ଅସ୍ୱସ୍ତିକର - ଅମଙ୍ଗଳକର, ଅସୁଖକର

ସ୍ତିମିତ - ନିଷ୍ପ୍ରଭ

ବଶୀଭୂତ - ନିୟନ୍ତ୍ରିତ

ପ୍ରଗଲ୍ଭ - ସାହସୀ, ବଳବାନ୍

ପ୍ରାଚୁର୍ଯ୍ୟ - ପ୍ରଚୁରତା

ବାଉଁଶରାଣୀ - ଶରୀରର ଭାରସାମ୍ୟ ରକ୍ଷାକରି ବାଉଁଶ ଉପରେ ଚଢ଼ି ଖେଳ ଦେଖାଉଥିବା ଜଣେ ମହିଳା

ଏକ୍ସିଡେ଼ - ଦୁର୍ଘଟଣା

ରାଷ୍ଟ୍ରହୋଇଯିବ - ପ୍ରଚାର ହୋଇଯିବ

ସିଜ୍ କରିନେବା -ଜବତ କରିନେବା

ଫୁଆର - ଉତ୍ସ

# ନମୁନା ପ୍ରଶ୍ନାବଳୀ

## (କ) ବିକଳ୍ପ ସହ ସମ୍ଭାବ୍ୟ ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ

(ସମ୍ଭାବ୍ୟ ଚାରୋଟି ମଧ୍ୟରୁ ଠିକ୍ ଉ ର ବାଛି ଲେଖ )

୧ – କେଉଁ ବିଚାରଟି ଗଳ୍ପନାୟିକାଙ୍କ ଉପରେ ସବାର ହୋଇଗଲା ?

(କ) ବିବଦମାନ (ଖ) ଅତିଭୌତିକ

(ଗ) ଅମୀମାଂସିତ (ଘ) ପ୍ରାଗୈତିହାସିକ

୨ – ଗଳ୍ପନାୟିକାଙ୍କ ସ୍ୱାମୀଙ୍କ ସାଙ୍ଗରେ କିଏ ଆସିଥିଲେ ?

(କ) ମିସ୍ ଟିନା (ଖ) ମିସ୍ ଲୁନା

(ଗ) ମିସ୍ ମିନା (ଘ) ମିସ୍ ନିନା

୩ – ମିସ୍ ଲୁନା କେଉଁଠାରୁ ଟ୍ରାନ୍ସଫର ହୋଇ ଆସିଥିଲେ ?

(କ) କଲିକତାରୁ (ଖ) ବିହାରରୁ

(ଗ) ଜୟପୁରରୁ (ଘ) ବାରିପଦାରୁ

୪ – ମିସ୍ ଲୁନା କେଉଁ ବାଦ୍ୟଯନ୍ତ୍ର ଖୁବ୍ ସୁନ୍ଦର ଭାବରେ ବଜାଇପାରନ୍ତି ?

(କ) ଭାଓଲିନ୍ (ଖ) ମାଉଥ୍ ଅରଗାନ୍

(ଗ) ଗୀଟାର (ଘ) ହାରମୋନିୟମ୍

୫ – ନିଜକୁ ଖା ି ଓଡ଼ିଆ ବୋଲି କିଏ ପ୍ରକାଶ କଲେ ?

(କ) ମିସ୍ ରୀନା (ଖ) ମିସ୍ ଲିନା

(ଗ) ମିସ୍ ଲୁନା (ଘ) ମିସ୍ ନିନା

୬ - ଗଳ୍ପ ନାୟିକାଙ୍କ ସ୍ୱାମୀ ମିଃ ଚୌଧୁରୀ କେତୋଟି ସନ୍ତାନର ପିତା ?

(କ)ତିନୋଟି (ଖ) ଦୁଇଟି

(ଗ) ପାେ ।ଟି (ଘ) ଚାରୋଟି

୭ - ମିସ୍ ଲୁନା କେଉଁ ହିସାବରେ ବହୁ ସାର୍ଟିଫିକେଟ୍ ହାସଲ କରିପାରିଥିଲେ ?

(କ)ଲେଖିକା (ଖ) ବକ୍ତା

(ଗ) ଶିକାରୀ (ଘ) ସମାଜସେବୀ

୮ - ମିଃ ଚୌଧୁରୀଙ୍କୁ ଫୋନ୍ କରି ବଡ଼ବ୍ୟସ୍ତ ଭାବରେ ଖୋଜୁଥିବା ତାଙ୍କ ବାନ୍ଧବୀଙ୍କ ନାମ କ'ଣ ?

(କ) ରଚନା (ଖ) ଅର୍ଚ୍ଚନା

(ଗ) ମାମିନା (ଘ) ବେବିନା

୯ - ମିଃ ଚୌଧୁରୀଙ୍କ ପ୍ରିୟବାନ୍ଧବୀ ଅର୍ଚ୍ଚନା କେଉଁଠାରେ ରହନ୍ତି ?

(କ) ଆସାମରେ (ଖ) ନାଗପୁରରେ

(ଗ) କଲିକତାରେ (ଘ) ବାଙ୍ଗାଲୋରରେ

୧୦ - କେତେଥର ଟାଇଫଏଡ୍‌ରୁ ଉଠି ଝିଅଟା ଚିଡ଼ା ଧରିଯାଇଛି ବୋଲି ମିସେସ୍ ଚୌଧୁରୀ କହିଲେ ?

(କ) ଦୁଇଥର (ଖ) ତିନିଥର

(ଗ) ଚାରିଥର (ଘ) ଥରେ

**(ଖ) କ୍ଷୁଦ୍ର ଉ ର ମୂଳକ ୧ ନମ୍ବର ବିଶିଷ୍ଟ ପ୍ରଶ୍ନ । ଗୋଟିଏ ବାକ୍ୟରେ ଉ ର ଲେଖ ।**

୧ – ଅଜଣା ତଟରେ ଛିଡ଼ାହୋଇ ଅସ୍ଥିର ଜଳରାଶିରେ ଗଳ୍ପ ନାୟିକା କ'ଣ ଖୋଜୁଛନ୍ତି ବୋଲି ତାଙ୍କର ମନେହେଲା ?

୨ – ଭଦ୍ରମହିଳା ଖୁବ୍ ସୁନ୍ଦର ନାଚି ପାରନ୍ତି ବୋଲି କିଏ କହିଲେ ?

୩ – ମିସ୍ ଲୁନା କେଉଁ ଉଦ୍ଦେଶ୍ୟରେ ସେମାନଙ୍କ ସହିତ ଯିବାପାଇଁ ମିସେସ୍ ଚୌଧୁରୀଙ୍କୁ ଅନୁରୋଧ କଲେ ?

୪ – ମିସ୍ ଲୁନାଙ୍କର କେଉଁ ଗାଡ଼ିଟି ପେଣ୍ଡୁଭଳି ଫାଟକ ଆରପାଖକୁ ଗଡ଼ିଗଲା ?

୫ – ଉଲ୍ କିଣି ସମୟ ନଷ୍ଟ କରିବା ଅପେକ୍ଷା ସୁଏଟର୍ କିଣିନେବା ଭଲ ବୋଲି କିଏ ମନ୍ତବ୍ୟ ଦେଲେ ?

୬ – କାହା ଡାକରେ ମିସେସ୍ ଚୌଧୁରୀ ଉଠିଯିବାକୁ ବାଧ୍ୟହେଲେ ?

୭ – ଗାଡ଼ି କିଏ ସିଜ୍ କରିନେଲେ ବୋଲି ମିଃ ଚୌଧୁରୀ କହିଲେ ?

୮ – ଆକ୍ସିଡେ ପରେ ମିଃ ଚୌଧୁରୀ ଲୁନାକୁ କେଉଁଠି ଛାଡ଼ିଦେଇ ଆସିଲେ ?

୯ – ଗାଡ଼ି ଡ୍ରାଇଭିଙ୍ଗ୍ ସମୟରେ କିଏ ହେଭି ଡ୍ରିଂକ୍ସ କରିଥିଲା ?

୧୦– କାହାର ଡାହାଣ ହାତଟି ମିସେସ୍ ଚୌଧୁରୀଙ୍କର ମୁକୁଳିତ କେଶରାଶି ଉପରେ ଘୂରିଆସିଲା ?

**(ଗ) କ୍ଷୁଦ୍ର ଉ   ର ମୂଳକ ୨ ନମ୍ବର ବିଶିଷ୍ଟ ପ୍ରଶ୍ନ । ଦୁଇଟି ବାକ୍ୟରେ ଉ   ର ଲେଖ**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ   ର ପାଇଁ ୧ ନମ୍ବର)**

୧- ମିସେସ୍ ଚୌଧୁରୀ ଘର ଛାଡ଼ି ବାହାରକୁ ଯିବାପାଇଁ ସୁବିଧା ମନେକରନ୍ତି ନାହିଁ କାହିଁକି ?

୨ - ଅର୍ଚ୍ଚନାଠାରୁ କେଉଁ ମନ୍ତ୍ର ଶିଖିନପାରିବା ନିଜର ଅପାରଗତା ବୋଲି ମିସେସ୍ ଚୌଧୁରୀ ଭାବିଛନ୍ତି ?

୩ - ସାନଝିଅର ସ୍ୱାସ୍ଥ୍ୟ ସଂପର୍କରେ ମିଃ ଚୌଧୁରୀ କ'ଣ ମନ୍ତବ୍ୟ ଦେଲେ ?

୪ - ସକାଳେ ଚାରିଆଡ଼େ କ'ଣ ରାଷ୍ଟ୍ର ହୋଇଯିବ ବୋଲି ମିଃ ଚୌଧୁରୀ ଆଶଙ୍କା କଲେ ?

୫ - ସଭ୍ୟତାର ନନ୍ଦିଘୋଷ ପ୍ରସଙ୍ଗ କାହିଁକି କୁହାଯାଇଛି ?

୬ - ମୁଁ ଖା ି ଓଡ଼ିଆ ବୋଲି ମିସ୍ ଲୁନା କାହିଁକି କହିଲେ ?

୭ - ମୋର ସ୍ୱାମୀ ନିହାତି ଖାମଖିଆଲ ଭାବିବା ମୋର ଉଚିତ ନଥିଲା ବୋଲି କିଏ କାହିଁକି ଅନୁଭବକଲେ ?

୮ - ମିଃ ଚୌଧୁରୀଙ୍କର ଅସ୍ୱସ୍ତିକର ମୁହଁଟା କାହିଁକି କୁହୁଳି ଉଠିଲା ?

୯ - ସ୍ୱାମୀଙ୍କର କେଉଁ ଭଙ୍ଗୀ ଏବେବି ଅତୁଟ ଅକ୍ଷତ ଥିଲା ପରି ମିସେସ୍ ଚୌଧୁରୀଙ୍କର ମନେହୁଏ ?

୧୦ - ମୁଁ ନିଜେ ହିଁ ତ ଭାଗ୍ୟ ଉପରେ ବିଶ୍ୱାସ କରେନା, କର୍ମର ଫଳବି ସମସ୍ତଙ୍କୁ ପ୍ରାପ୍ତହୁଏ ନାହିଁ - ଏକଥା କିଏ କେଉଁ ପ୍ରସଙ୍ଗରେ କହିଥିଲେ ?

**(ଘ) ଅଳ୍ପ ଦୀର୍ଘ ଉ ର ମୂଳକ ୩ ନମ୍ବର ବିଶିଷ୍ଟ ପ୍ରଶ୍ନ । ୩୦ଟି ଶବ୍ଦ ମଧ୍ୟରେ ଉ ର ଲେଖ ।**

**(ଲେଖା ଓ ଲେଖକ ପାଇଁ ୧ ନମ୍ବର ଓ ଉ ର ପାଇଁ ୨ ନମ୍ବର )**

୧ – ସେଦିନ ପିକ୍‌ନିକ୍‌ରେ ସରଳା କ'ଣ କହୁଥିଲା ?

୨ – ଗଳ୍ପନାୟିକାଙ୍କ ମାନସିକ ସ୍ତରରେ ଆସିଥିବା ଦୌଡ଼ାଦୌଡ଼ି ପ୍ରସଙ୍ଗର ହେତୁ କ'ଣ ?

୩ – ପ୍ରଥମ ଦେଖାରେ ହସି ଦେଇ ଲୁନା ମିସେସ୍ ଚୌଧୁରୀଙ୍କୁ କ'ଣ କହିଲେ ?

୪ – 'କେମିତି ଲାଗିଲା ଲୁନାକୁ ?' – ସ୍ୱାମୀଙ୍କର ଏହି ପ୍ରଶ୍ନରେ ମିସେସ୍ ଚୌଧୁରୀ ମନେ ମନେ କ'ଣ ଭାବିଲେ ?

୫ – ସୋଫା ଉପରେ ବସିପଡ଼ି ଲୁନା ସଂପର୍କରେ ମିଃ ଚୌଧୁରୀ କ'ଣ କହିଲେ ?

୬ – ସ୍ୱାମୀଙ୍କୁ ତାଙ୍କର ପ୍ରିୟ ବାନ୍ଧବୀ ଅର୍ଚ୍ଚନା ସଂପର୍କରେ ମିସେସ୍ ଚୌଧୁରୀ କ'ଣ କହିଲେ ?

୭ – ଏକ ବିବାହିତା ସ୍ତ୍ରୀ କେଉଁ କଥା ଆଶା କରିନଥାଏ ?

୮– 'ଦୀପ ଦେହରେ ସଳିତା'ର ପ୍ରସଙ୍ଗର ତାତ୍ପର୍ଯ୍ୟ କ'ଣ ?

୯ – ବାଉଁଶରାଣୀ ପରି କାହାର ନାଚ କିପରି ଚାଲିଛି ?

୧୦ –ରାତିରେ କ'ଣ କହି ମିସେସ୍ ଚୌଧୁରୀ ଶୋଇପଡ଼ିବା ପାଇଁ ସ୍ୱାମୀଙ୍କୁ ପରାମର୍ଶ ଦେଲେ ?

**(ଙ) ଦୀର୍ଘ ଉ  ରମୂଳକ ୫ ନମ୍ବର ବିଶିଷ୍ଟ ପ୍ରଶ୍ନ । ୧୫୦ଟିଶବ୍ଦ ମଧ୍ୟରେ ଉ  ର ଲେଖ ।**

୧- ଏକ ପ୍ରତୀକଧର୍ମୀ କ୍ଷୁଦ୍ରଗଳ୍ପ ଭାବରେ 'ବାଉଁଶରାଣୀ' କ୍ଷୁଦ୍ରଗଳ୍ପର ସାର୍ଥକତା ଦର୍ଶାଅ ।

୨- 'ବାଉଁଶରାଣୀ' କ୍ଷୁଦ୍ରଗଳ୍ପର ନାମକରଣ ସାର୍ଥକତା ପ୍ରତିପାଦନ କର ।

୩- ମନସ୍ତା ିକ କ୍ଷୁଦ୍ରଗଳ୍ପ ଭାବରେ 'ବାଉଁଶରାଣୀ'ର ମୂଲ୍ୟ ନିରୂପଣ କର ।

୪- ଗଳ୍ପନାୟିକା ମିସେସ୍ ଚୌଧୁରୀଙ୍କର ଚରିତ୍ର ଚିତ୍ରଣ କର ।

୫- 'ବାଉଁଶରାଣୀ' କ୍ଷୁଦ୍ରଗଳ୍ପ ଆଧାରରେ ଗାଳ୍ପିକଙ୍କ ଦୃଷ୍ଟିଭଙ୍ଗୀର ପରିଚୟ ପ୍ରଦାନ କର ।

***

# ପ ମ ଏକକ

# ଅଳଙ୍କାର

ଅଳଙ୍କାର କହିଲେ କାବ୍ୟର ଶୋଭାବିଧାୟକ ଏକ ଧର୍ମକୁ ବୁଝାଏ । କବି ସର୍ବଦା ଚେଷ୍ଟା କରେ କାବ୍ୟ ସାହିତ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି କରି ରସିକ ପାଠକମାନଙ୍କ ହୃଦୟକୁ ଆକୃଷ୍ଟ କରିବା ପାଇଁ । ତେଣୁ କୁହାଯାଇଛି- "ଅଳଙ୍କରଣମ୍ ଅଳଙ୍କାରଃ" ଅର୍ଥାତ୍ କାବ୍ୟର ସୌନ୍ଦର୍ଯ୍ୟ ହେଉଛି ଅଳଙ୍କାର । ମାନବ ଶରୀରର ସୌନ୍ଦର୍ଯ୍ୟ ବିଧାନରେ ବିଭିନ୍ନ ପ୍ରକାରର ଆଭୂଷଣର ଭୂମିକା ଯେପରି ଗୁରୁତ୍ୱପୂର୍ଣ୍ଣ; ସେହିପରି କାବ୍ୟ-କବିତାକୁ ସୁନ୍ଦର ତଥା ମନୋହର କରିବା କ୍ଷେତ୍ରରେ କାବ୍ୟାଳଙ୍କାରର ଭୂମିକା ମଧ୍ୟ ମହତ୍ୱପୂର୍ଣ୍ଣ । ମଣିଷ ନିଜ ଶରୀରର ସୌନ୍ଦର୍ଯ୍ୟକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ଗହଣା ଅର୍ଥାତ୍ ମଥାରେ ମଥାମଣି, ବେକରେ ହାର, ଆଙ୍ଗୁଠିରେ ମୁଦି, କାନରେ କାନଫୁଲ, ନାକରେ ନାକଚଣା, ହାତରେ ବଳା ପ୍ରଭୃତି ଅଳଙ୍କାର ପରିଧାନ କରେ; ଏ ସବୁ ଅଳଙ୍କାରକୁ ଲୌକିକ ଅଳଙ୍କାର କୁହାଯାଏ । କିନ୍ତୁ କାବ୍ୟସ୍ରଷ୍ଟା ନିଜ ସୃଷ୍ଟି ବୈଚିତ୍ର୍ୟକୁ ଅଧିକ ସରସ ସୁନ୍ଦର ଭାବେ ଗଢ଼ିତୋଳିବା ପାଇଁ ଯେଉଁ ଅଳଙ୍କାରର ଆଶ୍ରୟ ନେଇଥାଏ; ତାହାକୁ କାବ୍ୟାଳଙ୍କାର କୁହାଯାଏ । ଏହା କାବ୍ୟିକ ସୁଷମା ବୃଦ୍ଧିରେ ସହାୟକ ହୋଇଥାଏ । ସେଥିପାଇଁ ଆଳଙ୍କାରିକ ଭାମହ କହିଛନ୍ତି- " ନ କାନ୍ତମପି ନିର୍ଭୁଷଂ ବିଭାତି ବନିତାଂ ମୁଖମ୍" ଅର୍ଥାତ୍ ଅଳଙ୍କାର ବିନା ନାରୀର ମୁଖମଣ୍ଡଳ ଓ ଅଙ୍ଗ ପ୍ରତ୍ୟଙ୍ଗାଦିର ସୌନ୍ଦର୍ଯ୍ୟ ଯେପରି ପ୍ରକାଶିତ ହୋଇପାରେ ନାହିଁ ଠିକ୍ ସେହିପରି କାବ୍ୟ ସୁନ୍ଦରୀ ଅଳଙ୍କୃତା ନହେଲେ ରସିକ ପାଠକଙ୍କୁ ଆକର୍ଷିତ କରିପାରିବ ନାହିଁ ।

ବ୍ୟାକରଣ ଶାସ୍ତ୍ରରେ ଅଳଙ୍କାରର ପରିଭାଷା ସଂପର୍କରେ କୁହାଯାଇଛି- 'ଅଳଂକରୋତି ଇତି ଅଳଙ୍କାରଃ' ଅର୍ଥାତ୍ ଯାହା କାବ୍ୟକୁ ଅଳଙ୍କୃତ ବା ସୁଶୋଭିତ କରେ, ତାହା ଅଳଙ୍କାର । ସେହିପରି "ଅଳଂକ୍ରିୟତେ ଅନେନ ଇତି ଅଳଙ୍କାରଃ" ଅର୍ଥାତ୍ ଯାହାଦ୍ୱାରା ଅଳଙ୍କୃତ ବା ଭୂଷିତ କରାଯାଏ, ତାହା ଅଳଙ୍କାର । ଆଚାର୍ଯ୍ୟ ଦଣ୍ଡୀ ତାଙ୍କ

'କାବ୍ୟାଦର୍ଶ' ଗ୍ରନ୍ଥରେ କହିଛନ୍ତି - "କାବ୍ୟ-ଶୋଭାକରାନ୍ ଧର୍ମାନ୍ ଅଳଂକାରାନ୍ ପ୍ରଚକ୍ଷ୍ୟତେ" ଅର୍ଥାତ୍ ଯେଉଁ ଧର୍ମ କାବ୍ୟର ଶୋଭା ବା ସୌନ୍ଦର୍ଯ୍ୟ ବର୍ଦ୍ଧିତ କରେ, ତାହାହିଁ ଅଳଙ୍କାର । ଏହା କାବ୍ୟର ଅସ୍ଥିର ଧର୍ମ । ଏହି ଦୃଷ୍ଟିକୋଣରୁ ବିଚାରକଲେ ସାହିତ୍ୟରେ ଅଳଙ୍କାର ଏକାନ୍ତ ଉପଯୋଗୀ ।

## ଅଳଙ୍କାରର ପ୍ରକାରଭେଦ :

ଶବ୍ଦ ଓ ଅର୍ଥର ସମନ୍ୱୟରେ କାବ୍ୟର ସୌନ୍ଦର୍ଯ୍ୟ ବୃଦ୍ଧି ହେଉଥିବାରୁ ଉଭୟ ଦୃଷ୍ଟିକୋଣରୁ ଅଳଙ୍କାର ମୁଖ୍ୟତଃ ଦୁଇ ପ୍ରକାର । ଯଥା - (କ) ଶବ୍ଦାଳଙ୍କାର (ଖ) ଅର୍ଥାଳଙ୍କାର । ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାରର ପ୍ରକାରଭେଦ ନିମ୍ନ ସାରଣୀରୁ ଧାରଣା କରିହେବ ।




## (କ) ଶବ୍ଦାଳଙ୍କାର :

ଶବ୍ଦ ଉପରେ ଗୁରୁତ୍ୱ ଆରୋପ କରି ଯେଉଁ ଅଳଙ୍କାରର ସୃଷ୍ଟି ତାହା ଶବ୍ଦାଳଙ୍କାର । ଏହାଦ୍ୱାରା କାବ୍ୟରେ ବ୍ୟବହୃତ ଶବ୍ଦ ସରସ, ସୁନ୍ଦର, ଓ ଶ୍ରୁତିପ୍ରିୟ ହୋଇଥାଏ । ଭାଷାର ସୌନ୍ଦର୍ଯ୍ୟ ବୃଦ୍ଧି କ୍ଷେତ୍ରରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଶବ୍ଦର ମୂଳରୂପ ଧ୍ୱନି (Sound)। ଏହି ଧ୍ୱନିକୁ ଆଶ୍ରୟ କରି ଶବ୍ଦାଳଙ୍କାର ସୃଷ୍ଟି ହୋଇଥିବାରୁ ଏହା କାବ୍ୟରେ ସଙ୍ଗୀତ ମାଧୁର୍ଯ୍ୟ ସୃଷ୍ଟି କରିଥାଏ । ଅନୁପ୍ରାସ, ଯମକ, ଶ୍ଳେଷାଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ।

## ଅନୁପ୍ରାସ :-

କାବ୍ୟ ବା ପଦରେ ଏକ ବା ଏକାଧିକ ବ୍ୟଞ୍ଜନବର୍ଣ୍ଣ ବାରମ୍ବାର ବ୍ୟବହୃତ ହେଲେ ଅନୁପ୍ରାସ ଅଳଙ୍କାର ହୋଇଥାଏ । ଏହା ଛେକାନୁପ୍ରାସ, ବୃ ୟନୁପ୍ରାସ , ଶ୍ରୁତ୍ୟନୁପ୍ରାସ, ଲାଟାନୁପ୍ରାସ ଓ ଅନ୍ତ୍ୟାନୁପ୍ରାସ ଭେଦରେ ବିଭକ୍ତ ।

**୧) ଛେକାନୁପ୍ରାସ :-** ବହୁ ବ୍ୟଞ୍ଜନବର୍ଣ୍ଣର ସାମ୍ୟରହି କ୍ରମାନୁସାରେ ବାରମ୍ବାର ଆବୃ ହେଲେ ଛେକାନୁପ୍ରାସ ଅଳଙ୍କାର ହୁଏ ।

ଉଦାହରଣ -

(୧) "କାନ୍ତ ରହିତ କାନ୍ତା ପ୍ରାୟେ ହୋଇ
କଳାପୀକଳାପ ଅଙ୍ଗୁ ପକାଇ
କେକା ଛାଡ଼ି ହେଲେ ମଉନବ୍ରତ
କଲେ ହଂସ ମାନସର ବ୍ୟକତ ।"

( ରସକଲ୍ଲୋଳ - ଦୀନକୃଷ୍ଣ ଦାସ)

ଏଠାରେ 'କାନ୍ତ', 'କାନ୍ତା'; କଳାପୀ, 'କଳାପ' ପଦଗୁଡ଼ିକରେ ବ୍ୟଞ୍ଜନବର୍ଣ୍ଣ ମାନଙ୍କର ସାମ୍ୟ ରହି କ୍ରମାନୁସାରେ ବାରମ୍ବାର ଆବୃ ି ହୋଇଅଛି । ତେଣୁ ଏହା ଛେକାନୁ ପ୍ରାସ ଅଳଙ୍କାର ।

(୨) "ଦେଖି ନବ କାଳିକା ବକାଳିକାମାଳିକା ଆଳି କାଳିକା କାନ୍ତ ସ୍ମରି
ରକ୍ଷା କେମନ୍ତ କରି କରିବା ମ କରୀ ଗତିକି ଏମନ୍ତ ବିଚାରି,
ଗୋ ସହଚରୀ !"

(ଲାବଣ୍ୟବତୀ-ଉପେନ୍ଦ୍ରଭଞ୍ଜ)

ଏଠାରେ 'ଳ' ଓ 'ର' 'କ' ପର୍ଯ୍ୟାୟକ୍ରମେ ଉଚ୍ଚାରିତ ହୋଇଥିବାରୁ ଏହା ଛେକାନୁପ୍ରାସ ଅଳଙ୍କାର ହୋଇଅଛି ।

**୨)ବୃ ୟନୁପ୍ରାସ :-** ପର୍ଯ୍ୟାୟକ୍ରମେ ହେଉ ବା ନହେଉ ଯେବେ ଗୋଟିଏ ବ୍ୟଞ୍ଜନବର୍ଣ୍ଣ ବାକ୍ୟ ମଧ୍ୟରେ ବାରମ୍ବାର ଉଚ୍ଚାରିତ ହୁଏ,ତେବେ ତାକୁ ବୃ ୟନୁପ୍ରାସ ଅଳଙ୍କାର କୁହାଯାଏ ।

ଉଦାହରଣ -

(୧) "ଉତ୍କଳ-କମଳା-ବିଳାସ ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ ଚିଲିକା ।"

(ଚିଲିକା - ରାଧାନାଥ ରାୟ)

ଏଠାରେ 'କ' ଓ 'ଳ' ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ଆବୃ ି ହୋଇଥିବାରୁ ବୃ ୟାନୁପ୍ରାସ ଅଳଙ୍କାର ହୋଇଅଛି ।

(୨) "ମଙ୍ଗଳେ ଅଇଲା ଉଷା ବିକଚ ରାଜୀବ ଦୃଶା
ଜାନକୀ ଦର୍ଶନ ତୃଷା ହୃଦୟେ ବହି
କର ପଲ୍ଲବେ ନୀହାର ମୁକ୍ତା ଧରି ଉପହାର
ସତୀଙ୍କ ବାସ ବାହାର ପ୍ରାଙ୍ଗଣେ ରହି
କଳକଣ୍ଠ କଣ୍ଠେ କହିଲା
ଦରଶନ ଦିଅ ସତି ରାତି ପାହିଲା ।"

(ତପସ୍ୱିନୀ - ଗଙ୍ଗାଧର ମେହେର)

ଏଠାରେ 'ଶ' (ଷ),ର,ଣ୍ଠ, ହ,ତ ଆଦି ବ୍ୟଞ୍ଜନବର୍ଣ୍ଣର ବାରମ୍ବାର ଆବୃ ି ହୋଇଥିବାରୁ ବୃ ୟାନୁପ୍ରାସ ଅଳଙ୍କାର ହୋଇଅଛି ।

**୩)ଶ୍ରୁତ୍ୟନୁପ୍ରାସ :-** ସାଧାରଣତଃ କଣ୍ଠ, ତାଳୁ, ମୂର୍ଦ୍ଧା, ଦନ୍ତ, ଓଷ୍ଠ ପ୍ରଭୃତି ମଧ୍ୟରୁ ଯେ କୌଣସି ସ୍ଥାନରୁ ଉଚ୍ଚାରିତ ବ୍ୟଞ୍ଜନବର୍ଣ୍ଣ ମାନଙ୍କର ଆବୃ ିକୁ ଶ୍ରୁତ୍ୟନୁପ୍ରାସ ଅଳଙ୍କାର କୁହାଯାଏ । ଏହା ଶ୍ରୁତିପ୍ରିୟ ହେତୁ ଏହାର ନାମ ଶ୍ରୁତ୍ୟନୁପ୍ରାସ ।

ଉଦାହରଣ -

(୧) "ପର ପରଜାଙ୍କ ବି  ହରିଲେ ବଳେ

ସୁର ସୁରଦ୍ୱେଷ ତ୍ରାସେ ବିରସ ହେଲେ ।"

(ବିଧଗ୍ଧ ଚିନ୍ତାମଣି-ଅଭିମନ୍ୟୁ ସାମନ୍ତସିଂହାର)

ପ୍ରଥମ ପାଦରେ ବ୍ୟବହୃତ ଓଷ୍ଠ୍ୟ ବ୍ୟଞ୍ଜନବର୍ଣ୍ଣ 'ପ' ଓ 'ବ' ଓ ଦ୍ୱିତୀୟ ପାଦରେ ଦନ୍ତ୍ୟ ବ୍ୟଞ୍ଜନବର୍ଣ୍ଣ 'ସ'ର ପୁନରାବୃ ି ହୋଇଥିବାରୁ ଏହା ଶ୍ରୁତ୍ୟନୁପ୍ରାସ ଅଳଙ୍କାର ହୋଇଅଛି ।

(୨) "ଅସମ୍ଭାଳେ ଫିଟି କୁନ୍ତଳ ଭୂମି ଯାଏ ପରଶି

ଯେଣେ ଅନାଉଛି ଲଳନା ଫୁଲ ଯାଏ ବରଷି ।"

(ଚନ୍ଦ୍ରଭାଗା-ରାଧାନାଥ ରାୟ)

ଏଠାରେ ବ୍ୟଞ୍ଜନବର୍ଣ୍ଣ 'ଳ'ଓ 'ଲ' ର ପୁନରାବୃ ି ହୋଇଥିବାରୁ ଏହା ଶ୍ରୁତ୍ୟନୁପ୍ରାସ ଅଳଙ୍କାର ।

**୪) ଲାଟାନୁପ୍ରାସ :-** ଏହା ପଦଗତ ଅନୁପ୍ରାସ ଅଟେ । ଶବ୍ଦ ଓ ଅର୍ଥ ଉଭୟଙ୍କ ପୁନରୁକ୍ତି ହେବା ସ ୍ୱେ ସେ ଉଭୟଙ୍କ ମଧ୍ୟରେ କୌଣସି ତାତ୍ପର୍ଯ୍ୟଗତ ପାର୍ଥକ୍ୟ ଥିଲେ ଲାଟାନୁପ୍ରାସ ଅଳଙ୍କାର ହୁଏ ।

ଉଦାହରଣ -

୧) "କଷ୍ଟ ମହୀଧର ମହୀଧର କ  କ

କଳମଷ ବାରଣ, ବାରଣ ଅନ୍ତକ ।"

(ରସ କଲ୍ଲୋଳ-ଦୀନକୃଷ୍ଣ ଦାସ)

ଏଠାରେ 'ମହୀଧର', 'ବାରଣ' ଶବ୍ଦମାନଙ୍କରେ ତାତ୍ପର୍ଯ୍ୟଗତ ପ୍ରଭେଦ ପରିଲକ୍ଷିତ ହୋଇଥିବାରୁ ଲାଟାନୁପ୍ରାସ ଅଳଙ୍କାର ହୋଇଅଛି ।

୨) " ଉପାଧି ଜଡ଼ିତେ ଉପାଧି ଜଡ଼ିତ
ଉପାଧିରେ ଆଜ କରିବେ ଜଡ଼ିତ ।"

(ଦରବାର-ରାଧାନାଥ ରାୟ)

ଏଠାରେ ଅର୍ଥଗତ ପ୍ରଭେଦ ନାହିଁ ସତ, ମାତ୍ର ତାତ୍ପର୍ଯ୍ୟଗତ ପ୍ରଭେଦରେ 'ଉପାଧି' ଶବ୍ଦ ପୁନଃ ପୁନଃ ପ୍ରୟୋଗ କରାଯାଇଥିବାରୁ ଲାଟାନୁପ୍ରାସ ଅଳଙ୍କାର ହୋଇଅଛି ।

**୫) ଅନ୍ତ୍ୟାନୁପ୍ରାସ :-** ପାଦର ଅନ୍ତ୍ୟବ୍ୟଞ୍ଜନବର୍ଣ୍ଣ ଓ ଉପାନ୍ତ୍ୟବର୍ଣ୍ଣ (ଅନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣର ପୂର୍ବ ଓ ପରବ ୀ ସ୍ୱରବର୍ଣ୍ଣ)ର ସମତା ରହି ଆବୃ   କରାଗଲେ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୁଏ ।

ଉଦାହରଣ -

(୧) "ଅପ୍ରାକୃତ ପ୍ରେମ ତା' ନାମ କାମ
ଆୟ   ରହେକି ସେ ହେଲେ ବାମ ।"

(ବିଦଗ୍ଧ ଚିନ୍ତାମଣି- ଅଭିମନ୍ୟୁ ସାମନ୍ତସିଂହାର)

ଏଠାରେ ପ୍ରଥମ ଓ ଦ୍ୱିତୀୟ ପାଦର ଅନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ 'ମ୍' ର ଉପାନ୍ତ୍ୟ ସ୍ୱରବର୍ଣ୍ଣ 'ଆ' ଓ 'ଅ' ସହ ଆବୃ   ହୋଇଥିବାରୁ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଅଛି ।

(୨) "କେହି ରହିନାହିଁ    ରହିବେ ନାହିଁଟି
ଭବରଙ୍ଗ ଭୂମି ତଳେ,
ସର୍ବେ ନିଜ ନିଜ    ଅଭିନୟ ସାରି
ବାହୁଡ଼ିବେ କାଳ ବଳେ ।"

(ପାର୍ବତୀ - ରାଧାନାଥ ରାୟ)

ଏଠାରେ ପ୍ରଥମ ଓ ଦ୍ୱିତୀୟ ପାଦର ଅନ୍ତ୍ୟ ବ୍ୟଞ୍ଜନ ବର୍ଣ୍ଣ 'ଳ'ର ଉପାନ୍ତ୍ୟ ସ୍ୱରବର୍ଣ୍ଣ 'ଅ' ଓ 'ଏ' ସହ ଆବୃ   ହୋଇଥିବାରୁ ଅନ୍ତ୍ୟାନୁପ୍ରାସ ଅଳଙ୍କାର ହୋଇଅଛି ।

**ଯମକ :-**

ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦର ପୁନରାବୃ ି କୁ ଯମକ ଅଳଙ୍କାର କୁହାଯାଏ । ବ୍ୟବହାର ସ୍ଥାନ ଭେଦରେ ଏହା ବହୁ ପ୍ରକାର । ଯଥା - ଆଦ୍ୟଯମକ, ମଧ୍ୟଯମକ, ପ୍ରାନ୍ତଯମକ, ମାଳଯମକ ଓ ସର୍ବଯମକ ।

**୧) ଆଦ୍ୟଯମକ :-** ପାଦର ଆରମ୍ଭରେ ଯମକ ରହିଲେ,ତାହାକୁ ଆଦ୍ୟ ଯମକ କୁହାଯାଏ ।

ଉଦାହରଣ -

(୧) "ବରଜୀବ ରସେ ଦେଇ ମାନସ
ବରଜି ବରଷେ ଅମେଧ ଗ୍ରାସ
ଦେହେ ମନ୍ଦାକିନୀ ରଜ ଲଗାଇ
ଗ୍ରାମ ଶୂକରୀକି ହୋଇବ ଗାଇ
ଜଗତେ କେବଳ
ଜନେ ହସିବେ ଏହି ତହୁଁ ଫଳ ।"
( ଜଗତେ କେବଳ - କବିସୂର୍ଯ୍ୟ ବଳଦେବ ରଥ)

ଏଠାରେ ପ୍ରଥମ ପାଦରେ ଥିବା 'ବରଜୀବ ରସେ' ଓ ଦ୍ୱିତୀୟ ପାଦରେ 'ବରଜି ବରଷେ' ଉଚ୍ଚାରଣ ଦୃଷ୍ଟିରୁ ସମାନ । ମାତ୍ର 'ବରଜୀବ ରସେ'ର ଅର୍ଥ ଶ୍ରେଷ୍ଠ ଜୀବ ରସରେ ବା ଗାଈ କ୍ଷୀରରେ ଏବଂ 'ବରଜି ବରଷେ'ର ଅର୍ଥ 'ବର୍ଷକ ପର୍ଯ୍ୟନ୍ତ ବର୍ଜନ କରି' ଭିନ୍ନ ଅର୍ଥ ହେବାରୁ ଯମକ ଅଳଙ୍କାର ହୋଇଅଛି । ପଦର ଆଦ୍ୟରେ ଥିବାରୁ ଏହା ଆଦ୍ୟଯମକ ଅଳଙ୍କାର ।

(୨) " ବିପଦ ବି ପଦ ଚ ୁ ଘାତରେ ବିହାନ୍ତେ

ବୀର ସେ ବିରସେ ତମ କାମଶର କୃତେ ।"

(ବୈଦେହୀଶ ବିଳାସ- ଉପେନ୍ଦ୍ର ଭଞ୍ଜ)

ଏଠାରେ ପ୍ରଥମ ପାଦରେ ଥିବା ବିପଦ ଓ ବି ପଦ ଦ୍ୱିତୀୟ ପାଦରେ ଥିବା ବୀର ସେ, ବିରସେ ଉଚ୍ଚାରଣ ଦୃଷ୍ଟିରୁ ସମାନ । ମାତ୍ର ବିପଦର ଅର୍ଥ ବିପ ି, ବି ପଦର ଅର୍ଥ ପକ୍ଷୀର ପାଦ ଏବଂ ବୀର ସେ ର ଅର୍ଥ ସେ ହେଉଛନ୍ତି ବୀର, ବିରସେର ଅର୍ଥ ମନଦୁଃଖରେ ଭିନ୍ନ ଅର୍ଥ ହେବାରୁ ଯମକ ଅଳଙ୍କାର ହୋଇଅଛି । ପାଦର ଆଦ୍ୟରେ ଥିବାରୁ ଏହା ଆଦ୍ୟ ଯମକ ଅଳଙ୍କାର ।

**୨ ) ମଧ୍ୟଯମକ :-** ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦର ପୁନରାବୃ ି ପାଦର ମଧ୍ୟରେ ଥିଲେ ମଧ୍ୟଯମକ ଅଳଙ୍କାର ହୁଏ ।

ଉଦାହରଣ :-

(୧) "ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ

ଭ୍ରମନ୍ତି ଭ୍ରମରେ ଭ୍ରମରେ ଭ୍ରମରେ ଏ ଶୋଭିତ ।"

(ଲାବଣ୍ୟବତୀ-ଉପେନ୍ଦ୍ରଭଞ୍ଜ)

ଏଠାରେ ପ୍ରଥମ ପାଦରେ ନଳିନି, 'ନଳିନୀ', 'ନଳିନୀ' ଏବଂ ଦ୍ୱିତୀୟ ପାଦରେ 'ଭ୍ରମରେ', 'ଭ୍ରମରେ', 'ଭ୍ରମରେ' ପଦଗୁଡ଼ିକର ଉଚ୍ଚାରଣ ଦୃଷ୍ଟିରୁ ସମାନ ହୋଇଥିଲେ ମଧ୍ୟ ଅର୍ଥ ଭିନ୍ନ ଭିନ୍ନ । ଏହାର ଅର୍ଥ ଯଥାକ୍ରମେ ପଦ୍ମିନୀ ନାରୀର ସମ୍ବୋଧନ, ପୁଷ୍କରିଣୀ ଓ ପଦ୍ମଫୁଲ ଏବଂ ଦ୍ୱିତୀୟ ପାଦରେ ଭ୍ରମରମାନେ, ବିହ୍ୱଳ ହୋଇ, ଭଉଁରୀ ମାନଙ୍କ ଦ୍ୱାରା । ପାଦର ମଧ୍ୟରେ ଥିବାରୁ ଏହା ମଧ୍ୟ ଯମକ ଅଳଙ୍କାର ।

(୨) "ବ୍ୟାକୁଳ ସଳିଳ-ଚର ସଳୀଳ ତେଜିଲେ

ବାଡ଼ ଲେଖା ଲେଖାଚିତ୍ର ଭାବକୁ ଭଜିଲେ ।"

(ବୈଦେହୀଶ ବିଳାସ-ଉପେନ୍ଦ୍ର ଭଞ୍ଜ)

ଏଠାରେ ପ୍ରଥମ ପାଦ ମଧ୍ୟରେ ଥିବା 'ସଲିଳ'ର ଅର୍ଥ ଜଳ ଏବଂ 'ସଲୀଳ'ର ଅର୍ଥ କ୍ରୀଡ଼ା । ଦ୍ୱିତୀୟ ପାଦ ମଧ୍ୟରେ ଥିବା 'ଲେଖା'ର ଅର୍ଥ ଚିତ୍ର ଏବଂ 'ଲେଖା'ର ଅର୍ଥ ଲେଖାଯାଇଥିବା । ପାଦର ମଧ୍ୟରେ ଥିବାରୁ ଏହା ମଧ୍ୟଯମକ ଅଳଙ୍କାର ।

**୩) ପ୍ରାନ୍ତଯମକ :-** ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦର ପୁନରାବୃତ୍ତି ପାଦର ଶେଷରେ ଥିଲେ ପ୍ରାନ୍ତଯମକ ଅଳଙ୍କାର ହୁଏ ।

ଉଦାହରଣ :-

(୧) – "କ୍ଷେପଣୀ କ୍ଷେପଣେ ତୋହରି ସଲିଳେ
ହୀରକର ଉତ୍ସ ଉଠିଲା ସଲୀଳେ ।"

(ଚିଲିକା – ରାଧାନାଥ ରାୟ)

ଏଠାରେ ପ୍ରଥମ ପାଦ ପ୍ରାନ୍ତରେ ବ୍ୟବହୃତ, 'ସଲିଳେ'ର ଅର୍ଥ ଜଳରେ ଏବଂ ଦ୍ୱିତୀୟ ପାଦ ପ୍ରାନ୍ତରେ 'ସଲୀଳେ'ର ଅର୍ଥ ଲୀଳା ସହିତ ଭିନ୍ନାର୍ଥବୋଧକ ସମୋଚ୍ଚାରିତ ହୋଇଥିବାରୁ ପ୍ରାନ୍ତଯମକ ଅଳଙ୍କାର ହୋଇଅଛି ।

(୨) – "ସ୍ନାନ ସମୟେ ତୋ ପୟରେ,
ଦୟାମୟି ! ନ ପେଲିବୁ ତାଙ୍କୁ ପୟରେ ।"

(ତପସ୍ୱିନୀ – ଗଙ୍ଗାଧର ମେହେର)

ଏଠାରେ ପ୍ରଥମ ପାଦ ପ୍ରାନ୍ତରେ ବ୍ୟବହୃତ 'ପୟରେ' ଅର୍ଥ ଜଳରେ ଏବଂ ଦ୍ୱିତୀୟ ପାଦ ପ୍ରାନ୍ତରେ 'ପୟରେ' ଅର୍ଥ ପାଦରେ ଭିନ୍ନାର୍ଥବୋଧକ ସମୋଚ୍ଚାରିତ ହୋଇଥିବାରୁ ପ୍ରାନ୍ତଯମକ ଅଳଙ୍କାର ହୋଇଅଛି ।

**୪) ମାଳଯମକ :-** ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦସମୂହ ପାଦ ମଧ୍ୟରେ ମାଳବଦ୍ଧ ଭାବରେ ଥିଲେ ମାଳଯମକ ଅଳଙ୍କାର ହୁଏ ।

ଉଦାହରଣ -

"ବୃହଭାନୁ ଭାନୁ ଭାନୁ ପ୍ରଭା ତାପ ନାହିଁ
ବୃତ ତମାଳମାଳ ମାଳତୀ ଲତା ଯହିଁ ।"

( ବୈଦେହୀଶ ବିଳାସ - ଉପେନ୍ଦ୍ର ଭଞ୍ଜ)

ଏଠାରେ 'ଭାନୁ' ଓ 'ମାଳ' ଶବ୍ଦ ଭିନ୍ନ ଅର୍ଥରେ ବାରମ୍ବାର ପ୍ରୟୋଗ ହୋଇଥିବାରୁ ମାଳଯମକ ଅଳଙ୍କାର ହୋଇଅଛି । ବୃହଭାନୁ-ଅଗ୍ନି, ଭାନୁ- ସୂର୍ଯ୍ୟ, ଭାନୁପ୍ରଭା - କିରଣ, ତମାଳ-ବୃକ୍ଷବିଶେଷ, ମାଳ-ସମୂହ, ମାଳତୀ-ଲତାବିଶେଷ ।

**୫) ସର୍ବଯମକ :-** ପଦର ସମସ୍ତ ପାଦରେ ସମାନ ସମାନ ଶବ୍ଦ ପୃଥକ ପୃଥକ ଅର୍ଥରେ ପ୍ରୟୋଗ କରାଯାଇଥିଲେ ସର୍ବଯମକ ଅଳଙ୍କାର ହୁଏ ।

ଉଦାହରଣ -

(୧) "ଅହି-ମକର ତାପ ନାଶେ ଶୋଭା ସାରସଚକ୍ରେ
ଅହିମକର ତାପ ନାଶେ ଶୋଭା ସାରସଚକ୍ରେ ।"

(ଲାବଣ୍ୟବତୀ- ଉପେନ୍ଦ୍ରଭଞ୍ଜ)

ଏଠାରେ ପ୍ରଥମ ପାଦରେ ବ୍ୟବହୃତ ଅହି-ସାପ, ମକର-କୁମ୍ଭୀର, ତାପ-ଦୁଃଖ, ସାରସ-ପଦ୍ମ, ଚକ୍ରେ- ସମୂହରେ ଅର୍ଥରେ ବ୍ୟବହୃତ ହୋଇଥିବା ବେଳେ ଦ୍ୱିତୀୟ ପାଦରେ ଅହିମକର-ସୂର୍ଯ୍ୟ, ତାପ-ଉଷ୍ଣତା, ସାରସ-ହଂସ, ଚକ୍ରେ- ଚକ୍ରବାକ ଆଦି ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥିବାରୁ ସର୍ବଯମକ ଅଳଙ୍କାର ହୋଇଅଛି ।

(୨) "ବିରାଜି ବର କନକ କଦମ୍ବ ରୁଚିରେ
ବି-ରାଜି ବର-କନକ କଦମ୍ବ ରୁଚିରେ ।"

(ବୈଦେହୀଶ ବିଳାସ - ଉପେନ୍ଦ୍ରଭଞ୍ଜ)

ଏଠାରେ ପ୍ରଥମ ପାଦରେ ବ୍ୟବହୃତ ବିରାଜି - ଦେଦୀପ୍ୟମାନ, ବର-ଶ୍ରେଷ୍ଠ, କନକ-ସୁବର୍ଣ୍ଣ, କଦମ୍ବ-ସମୂହ, ରୁଚିରେ-କାନ୍ତିଦ୍ୱାରା ଅର୍ଥରେ ବ୍ୟବହୃତ ହୋଇଥିବା ବେଳେ ଦ୍ୱିତୀୟ ପାଦରେ ବି-ରାଜି - ପକ୍ଷୀସମୂହ, ବର-କନକ -ଉତ୍କୃଷ୍ଟ କନକ ଚମ୍ପା, କଦମ୍ବ-କଦମ୍ବବୃକ୍ଷ, ରୁଚିରେ-ମନୋହର ଆଦି ଭିନ୍ନ ଅର୍ଥରେ ବ୍ୟବହୃତ ହୋଇଥିବାରୁ ସର୍ବଯମକ ଅଳଙ୍କାର ହୋଇଅଛି ।

## ଶ୍ଲେଷ :-

ପଦ ମଧ୍ୟରେ ଉଚ୍ଚାରିତ ଗୋଟିଏ ଶବ୍ଦ ଏକାଧିକ ଅର୍ଥରେ ପ୍ରୟୋଗ ହେଲେ ଶ୍ଲେଷାଳଙ୍କାର ହୁଏ । ଏହା ଅଭଙ୍ଗ ଶ୍ଲେଷ, ସଭଙ୍ଗ ଶ୍ଲେଷ ଓ ଭଙ୍ଗାଭଙ୍ଗ ଶ୍ଲେଷ ଭେଦରେ ତ୍ରିବିଧ ।

**୧) ଅଭଙ୍ଗ ଶ୍ଲେଷ :-** ଯେଉଁଠାରେ ଶବ୍ଦକୁ ନ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କରାଯାଏ, ସେଠାରେ ଅଭଙ୍ଗ ଶ୍ଲେଷ ହୁଏ । ଯଥା-

ଉଦାହରଣ -

(୧) - "ମନ୍ଦାକ୍ଷରେ କାହା ମୁଖ ତୁ ଚାହିଁବୁ ନାହିଁ,
ଧୀଆନରେ ତାପରା ରସିବୁ ଅବା କାହିଁ ।"

(ବିଦଗ୍ଧଚିନ୍ତାମଣି-ଅଭିମନ୍ୟୁ ସାମନ୍ତସିଂହାର)

ଏଠାରେ ମନ୍ଦାକ୍ଷ-ଲଜ୍ଜା, ମନ୍ଦାକ୍ଷ-ସଂକୁଚିତ ନେତ୍ର, ଧୀଆନ -ଧ୍ୟାନ,ଧୀଆନରେ - ଅନ୍ୟବୁଦ୍ଧିରେ । ଏଠାରେ ପ୍ରଥମ ପାଦରେ ମନ୍ଦାକ୍ଷ ଓ ଦ୍ୱିତୀୟ ପାଦରେ ଧୀଆନ ଶବ୍ଦ ଅଭଙ୍ଗଭାବେ ଦୁଇଟି ଅର୍ଥ ପ୍ରକାଶ କରୁଥିବାରୁ ଅଭଙ୍ଗ ଶ୍ଲେଷ ଅଳଙ୍କାର ହୋଇଅଛି ।

**୨) ସଭଙ୍ଗ ଶ୍ଳେଷ :** - ଯେଉଁଠାରେ ଶବ୍ଦକୁ ଭାଙ୍ଗି ଭିନ୍ନ ଭିନ୍ନ ଅର୍ଥ କରାଯାଏ ସେଠାରେ ସଭଙ୍ଗ ଶ୍ଳେଷ ହୁଏ । ଯଥା -

ଉଦାହରଣ -(କ) "ମଧୁପର ପଦ ଅନନ୍ତ ଶେଯେ

ପଦ୍ମାକରର ମଣ୍ଡନତା ସର୍ଜେ ।"

(ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର - କବି ଯଦୁମଣି)

ମଧୁପର(ବିଷ୍ଣୁ)ଙ୍କର ପାଦ ଅନନ୍ତ (ଅନନ୍ତ ନାଗ) ଶେଯରେ ଥିବାବେଳେ ପଦ୍ମାକର (ଲକ୍ଷ୍ମୀଙ୍କର ହାତ)ର ସୌନ୍ଦର୍ଯ୍ୟ ବିଧାନ କରେ । କାରଣ ଲକ୍ଷ୍ମୀ ବିଷ୍ଣୁଙ୍କର ପାଦ ସ୍ପର୍ଶ କରିଥାନ୍ତି । ଏଠାରେ ପଦକୁ ଭାଙ୍ଗି ଅର୍ଥ କରାଯାଇଥିବାରୁ ସଭଙ୍ଗ ଶ୍ଳେଷ ଅଳଙ୍କାର ହୋଇଛି ।

ଉଦାହରଣ (ଖ) ପାଣିଗ୍ରହଣରୁ ବୁଝିଅଛୁ କାଲି

ସ୍ୱଭାବେ ତୁମ୍ଭେ ଉଦାର

ବାହୁଲ୍ୟେ ମାତର କହୁଁଅଛୁ ଆମ୍ଭେ

ମୁନିକନ୍ୟା ହେ ଉଦାର (ପ୍ରଣୟବଲ୍ଲରୀ)

ଏହି ପଦରେ ଥିବା 'ପାଣିଗ୍ରହଣ' ଏବଂ 'ହେ ଉଦାର' ଦୁଇଟି ଶବ୍ଦ ଶ୍ଳିଷ୍ଟପଦ । ଏହି ଦୁଇଟି ପଦର ଅର୍ଥ ଏହିପରି:

ପାଣିଗ୍ରହଣ - ବିବାହବ୍ୟଞ୍ଜନ କାର୍ଯ୍ୟ । କିନ୍ତୁ ଏହାକୁ ଭାଙ୍ଗି ଦୁଇଟି ପଦ 'ପାଣି' ଓ 'ଗ୍ରହଣ' କଲେ ଏହାର ଅର୍ଥ 'ହସ୍ତ ଧାରଣ' ହୁଏ ।

ହେ ଉଦାର - ମହାନ୍ (ସମ୍ବୋଧନ ପଦ) । କିନ୍ତୁ ଏହାକୁ ଭାଙ୍ଗି ଦୁଇଟି ନୂତନ ପଦ 'ହେଉ' ଓ 'ଦାର' କଲେ ଏହାର ଅର୍ଥ 'ହେଉ ଭାର୍ଯ୍ୟା' ହୁଏ ।

ପଦର ପ୍ରଥମ ଅର୍ଥ : କାଲି ପାଣିଗ୍ରହଣରୁ (ହସ୍ତଧାରଣରୁ) ବୁଝିଅଛୁ, ତୁମ୍ଭେ ସ୍ୱଭାବେ ଉଦାର ; ହେ ଉଦାର (ମହାନ୍) ! ଆମ୍ଭେ ମୁନିକନ୍ୟା ବାହୁଲ୍ୟେ ମାତ୍ର କହୁଅଛୁଁ ।

ଦ୍ୱିତୀୟ ଅର୍ଥ : କାଲି ପାଣିଗ୍ରହଣରୁ (ବିବାହ ବ୍ୟଞ୍ଜନ କାର୍ଯ୍ୟରୁ ) ବୁଝିଅଛୁଁ, ତୁମ୍ଭେ ସ୍ୱଭାବେ ଉଦାର, ଆମ୍ଭେ ବାହୁଲ୍ୟେ ମାତ୍ର କହୁଅଛୁଁ, ମୁନକନ୍ୟା (ଶକୁନ୍ତଳା) ଦାର (ଭାର୍ଯ୍ୟା) ହେଉ ।

ଏହିପରି ଶବ୍ଦ ଖଣ୍ଡିତ ହୋଇ ନୂତନ ଅର୍ଥ ପ୍ରକାଶ କରୁଥିବାରୁ ଏହା 'ସଭଙ୍ଗ ଶ୍ଳେଷ' ହୋଇଅଛି ।

**୩) ଭଙ୍ଗାଭଙ୍ଗ ଶ୍ଳେଷ :-** ଯେଉଁଠାରେ କୌଣସି ରଚନାରେ ଅଭଙ୍ଗ ଏବଂ ସଭଙ୍ଗ ଉଭୟ ଶ୍ଳେଷଥାଏ ଓ ଦ୍ୱିବିଧ ଅର୍ଥ ପ୍ରକାଶ କରୁଥାଏ, ତାହାକୁ ଭଙ୍ଗାଭଙ୍ଗ ଶ୍ଳେଷ କୁହାଯାଏ ।

ଉଦାହରଣ –

"ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ ।"
(ବୈଦେହୀଶ ବିଳାସ – ଉପେନ୍ଦ୍ର ଭଞ୍ଜ)

ପଦର ପ୍ରଥମ ପାଦରେ ଥିବା 'ନାକଶିରୀ' ଏବଂ 'ଦାନ' ପଦ ଦୁଇଟିକୁ ନଭାଙ୍ଗି ଭିନ୍ନଭିନ୍ନ ଅର୍ଥ ପ୍ରକାଶ କରୁଅଛି–

ନାକଶିରୀ – ସ୍ୱର୍ଗ ସଂପଦ ଏବଂ ନାସିକାର ସୌନ୍ଦର୍ଯ୍ୟ

ଦାନ – ଦେବା ଏବଂ ଛେଦନ କରିବା

ପଦକୁ ନ ଭାଙ୍ଗି ଦୁଇଟି ଅର୍ଥ ପ୍ରକାଶ କରୁଥିବାରୁ ଏହା ଅଭଙ୍ଗ ଶ୍ଳେଷ ।

ପଦର ଦ୍ୱିତୀୟ ପାଦରେ ଥିବା 'ବିହର' ଓ 'କାନନ' ପଦ ଦ୍ୱୟକୁ ନଭାଙ୍ଗି ଗୋଟିଏ ଅର୍ଥ ଏବଂ ଏହି ପଦକୁ ଭାଙ୍ଗି ଅନ୍ୟ ଅର୍ଥ ପ୍ରକାଶ କରୁଛି ।

ଅଭଙ୍ଗ ଅର୍ଥ – 'ବିହର କାନନ କର ଆଲିଙ୍ଗନକୁ' ଅର୍ଥ ହେଲା – କାନନରେ ବିହାର କରି ଆଲିଙ୍ଗନ କର ।

ସଭଙ୍ଗ ଅର୍ଥ – 'ବି -ହର କାନ-ନ କର ଆଲିଙ୍ଗନକୁ' ଅର୍ଥ ହେଲା – କାନକୁ ଛେଦନ କର ଓ ଆଲିଙ୍ଗନ କର ନାହିଁ ।

ଏହି ପଦରେ ଉଭୟ ଅଭଙ୍ଗ ଓ ସଭଙ୍ଗ ଶ୍ଳେଷ ଥିବାରୁ ସମୁଦାୟ ପଦଟିକୁ ଭଙ୍ଗାଭଙ୍ଗ ଶ୍ଳେଷ କୁହାଯାଏ ।

## (ଖ) ଅର୍ଥାଳଙ୍କାର :-

ଶବ୍ଦର ଅର୍ଥ ଉପରେ ଗୁରୁତ୍ୱ ଆରୋପ କରି ଯେଉଁ ଅଳଙ୍କାରର ସୃଷ୍ଟି, ତାହା ଅର୍ଥାଳଙ୍କାର । ଅର୍ଥାଳଙ୍କାରର ଭି ିଭୂମି ହେଉଛି ଅର୍ଥ ବା ଭାବ (Meaning) । ଯାହାଦ୍ୱାରା କାବ୍ୟରେ ବ୍ୟବହୃତ ଅର୍ଥ ରମଣୀୟ ଓ ଚି ।କର୍ଷକ ହୋଇଥାଏ । କାବ୍ୟର ଯଥାର୍ଥ ସୌନ୍ଦର୍ଯ୍ୟ ଅର୍ଥାଳଙ୍କାର ଉପରେ ନିର୍ଭରଶୀଳ । ଉପମା, ରୂପକ, ବ୍ୟତିରେକ,ଉତ୍ପ୍ରେକ୍ଷା, ବିଭାବନା ଇତ୍ୟାଦି ଏହି ଶ୍ରେଣୀରେ ଅନ୍ତର୍ଭୁକ୍ତ ।

## ଉପମା :

ସମଧର୍ମବିଶିଷ୍ଟ ଦୁଇଟି ଭିନ୍ନ ଭିନ୍ନ ଜାତୀୟ ବସ୍ତୁର ସାଦୃଶ୍ୟ କଥିତ ହେଲେ ଉପମା ଅଳଙ୍କାର ହୋଇଥାଏ । ଅର୍ଥାତ୍ ଉପମେୟ ଓ ଉପମାନର ସାଦୃଶ୍ୟ କଥିତ ହେଲେ ଉପମା ଅଳଙ୍କାର ହୁଏ । ଉପମାର ଚାରୋଟି ଅଙ୍ଗ ହେଉଛି – ଉପମେୟ, ଉପମାନ, ଉପମାବାଚକ ଶବ୍ଦ ଓ ସାଧାରଣ ଧର୍ମ ।

**ଉପମେୟ** – ଯାହା ବିଷୟରେ କୁହାଯାଏ ବା ଯେଉଁ ବସ୍ତୁକୁ ତୁଳନା କରାଯାଏ, ତାହା ଉପମେୟ ।

**ଉପମାନ** – ଯାହା ସହିତ ଉପମେୟକୁ ତୁଳନା କରାଯାଏ, ତାହା ଉପମାନ ।

**ଉପମାବାଚକ ଶବ୍ଦ** – ଯେଉଁ ଶବ୍ଦ ଉପମାନ ଓ ଉପମେୟ ମଧ୍ୟରେ ଥିବା ସାଧାରଣ ଧର୍ମକୁ ସଂଯୁକ୍ତ କରେ, ତାହା ଉପମାବାଚକ ଶବ୍ଦ ବା ସାଦୃଶ୍ୟବାଚକ ଶବ୍ଦ । ଯଥା – ପ୍ରାୟ, ପରି, ଯଥା, ତଥା, ଯେହ୍ନେ, ଯେସନ, ତୁଲ୍ୟ ଇତ୍ୟାଦି ।

**ସାଧାରଣ ଧର୍ମ** - ଉପମେୟ ଓ ଉପମାନକୁ ଯେଉଁ ସାଧାରଣ ଗୁଣ ଦ୍ୱାରା ତୁଳନା କରାଯାଏ, ତାହା ସାଧାରଣ ଧର୍ମ ଅଟେ ।

ଉଦାହରଣ - "ମୁହଁଟି ଚନ୍ଦ୍ର ପରି ସୁନ୍ଦର ।"

ଏଥିରେ 'ମୁହଁ' ତୁଳନୀୟ; ତେଣୁ ଏହା ଉପମେୟ । ମୁହଁ ଚନ୍ଦ୍ର ସହିତ ତୁଳନା କରାଯାଉଥିବାରୁ 'ଚନ୍ଦ୍ର' ହେଉଛି ଉପମାନ । 'ପରି' ଶବ୍ଦ ଉଭୟଙ୍କ ମଧ୍ୟରେ ସହଯୋଗ ରକ୍ଷା କରୁଥିବାରୁ ଏହା ଉପମା ବାଚକ ଶବ୍ଦ । 'ସୁନ୍ଦର' ଶବ୍ଦ ହେଉଛି ସାଧାରଣ ଧର୍ମ, ଯାହା ଉପମେୟ ଓ ଉପମାନକୁ ସାଧାରଣ ଗୁଣଦ୍ୱାରା ତୁଳନା କରାଯାଇଥାଏ ।

ଉପମା ଅଳଙ୍କାରକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇଥାଏ । ଯଥା -

(୧) ପୂର୍ଣ୍ଣୋପମା (୨) ଲୁପ୍ତୋପମା (୩) ମାଳୋପମା ।

**୧) ପୂର୍ଣ୍ଣୋପମା :-** ଯେଉଁଥିରେ ଉପମେୟ, ଉପମାନ, ଉପମାବାଚକ ଶବ୍ଦ ଏବଂ ସାଧାରଣ ଧର୍ମର ପ୍ରୟୋଗ ହୋଇଥାଏ, ସେଠାରେ ପୂର୍ଣ୍ଣୋପମା ଅଳଙ୍କାର ହୁଏ ।

ଉଦାହରଣ -

(୧) "ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।"
(ଶରତ - ମଧୁସୂଦନ ରାଓ)

ଏଠାରେ ସୁନୀଳ ଅମ୍ବରରେ ଖଣ୍ଡ ଖଣ୍ଡ ଧଳା ମେଘ ଉପମେୟ ; ବୋଇତ ନୀଳ ସମୁଦ୍ରରେ ଉପମାନ; ଭାସିବା - ସାଧାରଣ ଧର୍ମ ଓ 'ଯଥା' ଉପମାବାଚକ ଶବ୍ଦ । (ନୀଳ ସମୁଦ୍ରରେ ବୋଇତ ଭାସିବା ପରି ଆକାଶରେ ଧଳାମେଘ ଭାସୁଛି ।)

(୨) "ଆସନ ସକାଶେ ବୃନ୍ଦେ ଏଡ଼େ ବାଇ
ବାଳକେ ଯେସନେ କ୍ରୀଡ଼ନକ ପାଇଁ ।"
(ଦରବାର - ରାଧାନାଥ ରାୟ)

ଏଠାରେ 'ଆସନ' ଉପମେୟ, 'କ୍ରୀଡ଼ନକ' ଉପମାନ, 'ବାଇହେବା' ସାଧାରଣ ଧର୍ମ ଏବଂ 'ଯେସନେ' ଉପମାବାଚକ ଶବ୍ଦ ।

**୨) ଲୁପ୍ତୋପମା :-** ଯେଉଁଠାରେ ଉପମାନ, ଉପମେୟ, ଉପମା ବାଚକ ଶବ୍ଦ ଓ ସାଧାରଣ ଧର୍ମ ମଧ୍ୟରୁ ଏକ ବା ଏକାଧିକ ଅଙ୍ଗର ଲୋପ ହୋଇଥାଏ, ସେଠାରେ ଲୁପ୍ତୋପମା ଅଳଙ୍କାର ହୁଏ ।

ଉଦାହରଣ :-

(୧) "ଯେତେ ରୁଣ୍ଡ ହୋଇଛନ୍ତି ନୃପତିଗଣ
ତୂଳାରାଶି ଅଗ୍ନି ଆମ୍ଭ ସାୟକ ଜାଣ ।"

(ରୁକ୍ମିଣୀ ବିଭା - କା ିକ ଦାସ)

ଏଠାରେ ଉପମେୟ-ନୃପତିଗଣ, ଉପମାନ-ତୂଳାରାଶି, ସାଧାରଣ ଧର୍ମ-ରୁଣ୍ଡହେବା, ଉପମାବାଚକ ଶବ୍ଦ ନାହିଁ; ତେଣୁ ଏହା ଲୁପ୍ତୋପମା ଅଳଙ୍କାର ।

(୨) "ଅଦୃଶ୍ୟେ ସୋମଫୁଲ ବିତରେ ବାସ
ସା ୍ୱିକର ନ ଥାଏ ନାମେ ପ୍ରୟାସ ।"

(ତୁଳସୀସ୍ତବକ - ରାଧାନାଥ ରାୟ)

ଏଠାରେ ଉପମେୟ-ସୋମଫୁଲ, ଉପମାନ-ସା ୍ୱିକ, ସାଧାରଣ ଧର୍ମ- ମହନୀୟତା । ଉପମାବାଚକ ଶବ୍ଦ ଲୁପ୍ତ ଥିବାରୁ ଏହା ଲୁପ୍ତୋପମା ଅଳଙ୍କାର ହୋଇଅଛି ।

**୩) ମାଳୋପମା :-** ଗୋଟିଏ ଉପମେୟର ଏକାଧିକ ଉପମାନ ଥିଲେ ସେଠାରେ ମାଳୋପମା ଅଳଙ୍କାର ହୁଏ ।

ଉଦାହରଣ -

(୧) "ମିଶିଯାଏ ଯଥା ପ୍ରଭାତୀ ତାରା ରବି କିରଣେ
ମିଶିଯାଏ ଯଥା ଜୀବାତ୍ମା ପରମାତ୍ମା ଚରଣେ,
ମିଶିଯାଏ ଯଥା ଚପଳା ନୀଳ ଜଳଦ ଅଙ୍ଗେ
ମିଶିଗଲା ତଥା ଅବଳା ସେହି ନୀଳ ତରଙ୍ଗେ ।"

(ଚନ୍ଦ୍ରଭାଗା - ରାଧାନାଥ ରାୟ)

ଏଠାରେ ଏକମାତ୍ର ଉପମେୟ 'ଅବଳା' ଏବଂ ଏକାଧିକ ଉପମାନ 'ପ୍ରଭାତୀ ତାରା', 'ଜୀବାତ୍ମା' ଓ ଚପଳା' ଆଦି ବ୍ୟବହୃତ ହୋଇଛି । ସାଧାରଣ ଧର୍ମ ମିଶିଯିବା ଏବଂ ବାଚକ ଶବ୍ଦ ହେଉଛି 'ଯଥା' ଓ 'ତଥା' ; ତେଣୁ ଏହା ମାଳୋପମା ଅଳଙ୍କାର ହୋଇଅଛି ।

(୨) "ସାଗର ସମୂହେ ଯଥା କ୍ଷୀରାର୍ଣ୍ଣବ
ବୃନ୍ଦାରକ ବୃନ୍ଦେ ଯେମନ୍ତ ବାସବ,
ଅବା ହିମାଚଳ ସମୂଚ୍ଚ ଶିଖର -
ମଣ୍ଡଳେ ଯେସନେ ଗଉରୀ ଶଙ୍କର
ମୁନିବୃନ୍ଦ ମଧ୍ୟେ ମହା ତପୋଧନ
ବିଶୋଭିଲେ କରି ମଣ୍ଡପେ ଆସନ ।"

(ତପସ୍ୱିନୀ - ଗଙ୍ଗାଧର ମେହେର)

ଏଠାରେ ଏକମାତ୍ର ଉପମେୟ 'ତପୋଧନ'(ବାଲ୍ମୀକି) ଏବଂ ଏକାଧିକ ଉପମାନ 'କ୍ଷୀରାର୍ଣ୍ଣବ' 'ବାସବ' ଓ 'ଗଉରୀଶଙ୍କର' ଆଦି ବ୍ୟବହାର ହୋଇଥିବାରୁ, ଏହା ମାଳୋପମା ଅଳଙ୍କାର ହୋଇଛି ।

**ରୂପକ :-**

ଯେଉଁଠାରେ ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥିତ ହୋଇଥାଏ, ସେଠାରେ ରୂପକ ଅଳଙ୍କାର ହୁଏ । ଭିନ୍ନ ଭିନ୍ନ ହେଲେ ମଧ୍ୟ ଦୁହିଁଙ୍କୁ ଅଭିନ୍ନ ବୋଲି ଧରାଯାଏ । ଏଥିରେ ଉପମେୟଠାରେ ଉପମାନର ଆରୋପ କରାଯାଏ । ଏହା ମୁଖ୍ୟତଃ ତିନି ଭାଗରେ ବିଭକ୍ତ । ଯଥା ୧) ପରମ୍ପରିତ ରୂପକ, ୨) ସାଙ୍ଗ ରୂପକ ୩) ନିରଙ୍ଗ ରୂପକ

**୧) ପରମ୍ପରିତ ରୂପକ :-** ଯେଉଁଠାରେ ଗୋଟିଏ ବସ୍ତୁର ଆରୋପ ନିମି ଅନ୍ୟ ଏକ ବସ୍ତୁର ଆରୋପ ଆବଶ୍ୟକ ହୋଇଥାଏ, ସେଠାରେ ପରମ୍ପରିତ ରୂପକ ଅଳଙ୍କାର ହୋଇଥାଏ ।

ଉଦାହରଣ -

(୧) "ଆଶା ପାରିଜାତ ଫୁଟିବ ହୃଦ ନନ୍ଦନ ବନେ
ଜ୍ଞାନ-ଭକ୍ତି-କର୍ମ ସୌରଭ ବ୍ୟାପିଯିବ ଭୁବନେ ।"

(କୁସୁମାଞ୍ଜଳି - ମଧୁସୂଦନ ରାଓ)

ଏଠାରେ ଆଶାକୁ ପାରିଜାତ ରୂପେ ବର୍ଣ୍ଣନା କରିବାରୁ ହୃଦୟରେ ନନ୍ଦନବନର ଆରୋପ କରାଯାଇଛି ଏବଂ ଜ୍ଞାନ - ଭକ୍ତି-କର୍ମକୁ ପାରିଜାତର ସୌରଭ ସହ ଅଭେଦ କଳ୍ପନା କରାଯାଇଛି । ତେଣୁ ଏହା ପରମ୍ପରିତ ରୂପକ ହୋଇଛି ।

(୨) "ଦରିଦ୍ରତା-ପଙ୍କପୂର୍ଣ୍ଣ ମୋ ଜୀବନ ସର

ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।"

(ତପସ୍ୱିନୀ - ଗଙ୍ଗାଧର ମେହେର)

ଏଠାରେ 'ଦରିଦ୍ରତା' ରେ 'ପଙ୍କ'ର ଆରୋପଣ ହେତୁ 'ଜୀବନ' ଓ 'ଜଞ୍ଜାଳ'ରେ ଯଥାକ୍ରମେ 'ସର' ଓ ଜଳଦ-ଜଳ'ର ଆରୋପଣ ହୋଇଛି । ତେଣୁ ଏହା ପରମ୍ପରିତ ରୂପକ ହୋଇଛି ।

**୨) ସାଙ୍ଗ ରୂପକ :-** ଯେଉଁଠାରେ ଉପମେୟର ବିଭିନ୍ନ ଅଙ୍ଗରେ ଉପମାନର ବିଭିନ୍ନ ଅଙ୍ଗ ଆରୋପିତ ହୁଏ, ସେଠାରେ ସାଙ୍ଗ ରୂପକ ଅଳଙ୍କାର ହୋଇଥାଏ ।

ଉଦାହରଣ -

(୧) "କବିତା ବନିତା କବି ତା ପିତା,
କହିବା ଲୋକ ତା'ର ଉପମାତା,
କଲେ ତାକୁ ଭୋଗ ରସିକ ନେତା,
କେତେ ହେଁ ଅବା ରହଇ ଯୋଗ୍ୟତା,
କୁମତି ଗୁଆଁର,
କେବଳ ବଇମାତ୍ର ଭାଇ ତାର ।"

(ରସକଲ୍ଲୋଳ - ଦୀନକୃଷ୍ଣ ଦାସ)

ଏଠାରେ 'କବିତା'ରେ 'ବନିତା'ର ଆରୋପ କରାଯିବାରୁ, ସେହି ଅନୁସାରେ କବିଙ୍କୁ ତା'ର ପିତା, କହିବା ଲୋକଙ୍କୁ ତା'ର ଉପମାତା, ରସିକ ପାଠକଙ୍କୁ ତା'ର ଉପଭୋକ୍ତା ଏବଂ ଗୁଆଁର(ମୂର୍ଖ)କୁ ତା'ର ବୈମାତ୍ରେୟ ଭାବରେ ଆରୋପିତ କରାଯାଇଛି । ତେଣୁ ଏହା ସାଙ୍ଗରୂପକ ଅଳଙ୍କାର ।

(୨) "ପ୍ରବେଶ ହୋଇଲା ବରଷାକାଳ,
ପ୍ରମାଦ ମାନଙ୍କ ଜନମସ୍ଥଳ;
ଜଳଦ କଜ୍ଜ୍ୱଳ କାନ୍ତିଶାର୍ଦ୍ଦୂଳ,
ସୁଖେ ବିହରିଲେ ଶିଖରୀଚୂଳ ।
ଗର୍ଜିଲା ସନ୍ତତ,
ପ୍ରକାଶି ଝଳି ବକାବଳୀ ଦନ୍ତ ।"

(ଲାବଣ୍ୟବତୀ - ଉପେନ୍ଦ୍ରଭଞ୍ଜ)

ଏଠାରେ ଉପମେୟ 'ଜଳଦ'ରେ 'ଶାର୍ଦ୍ଦୂଳ'ର ଆରୋପ ଏବଂ 'ବକାବଳୀରେ' 'ଦନ୍ତ'ର ଆରୋପ ହୋଇଅଛି । ତେଣୁ ଏହା ସାଙ୍ଗରୂପକ ଅଳଙ୍କାର ।

**୩) ନିରଙ୍ଗ ରୂପକ :-** ଯେଉଁଠାରେ ଗୋଟିଏ ଉପମେୟରେ ଗୋଟିଏ ଉପମାନର ଆରୋପ ହୋଇଥାଏ, ସେଠାରେ ନିରଙ୍ଗ ରୂପକ ଅଳଙ୍କାର ହୁଏ ।

ଉଦାହରଣ -

(୧) "ଭବତଳେ ବିଭୁଦୟା ମୂର୍ତ୍ତିମତୀ
ଧଉଳି -ଦର୍ପଣ ଦୟା ସ୍ରୋତସ୍ୱତୀ ।"

(ଚିଲିକା - ରାଧାନାଥ ରାୟ)

ଏଠାରେ ଦୟା ନଦୀରେ ବିଭୁଦୟାର ଅଭେଦ ପରିକଳ୍ପିତ ହୋଇଥିବାରୁ ନିରଙ୍ଗ ରୂପକ ଅଳଙ୍କାର ହୋଇଛି ।

(୨) ସଂଶୟ-ଦୋଳାରେ ପଡ଼ି ଚିତ୍ତ ମୋର
ହେଉଅଛି ଆନ୍ଦୋଳିତ
ଛାର ନାରୀ ହୋଇ କେମନ୍ତେ ବୁଝିବି
ଏ ତୋର ଗୂଢ଼ ଚରିତ । (ପାର୍ବତୀ-ରାଧାନାଥ ରାୟ)

**ଉତ୍ପ୍ରେକ୍ଷା ଅଳଙ୍କାର :-**

ପ୍ରକୃତ ବସ୍ତୁରେ ଅପ୍ରକୃତ ବସ୍ତୁର ସମ୍ଭାବନା କରାଗଲେ, ସେଠାରେ ଉତ୍ପ୍ରେକ୍ଷା ଅଳଙ୍କାର ହୁଏ । ଏହା ଦୁଇ ପ୍ରକାର । ଯଥା:- ୧) ବାଚ୍ୟୋତ୍ପ୍ରେକ୍ଷା ୨) ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର ।

**୧)ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର :-** ଯେଉଁଠାରେ ବାଚକ ଶବ୍ଦ (କି, କିବା, ଅବା, ବା, ସତେ, ଯେପରି, ଯେହ୍ନେ, ସିନା ଇତ୍ୟାଦି) ପ୍ରୟୋଗ ଦ୍ୱାରା ପ୍ରକୃତ ବସ୍ତୁକୁ ଅପ୍ରକୃତ ବସ୍ତୁରୂପେ ସମ୍ଭାବନା କରାଯାଏ, ସେଠାରେ ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର ହୋଇଥାଏ ।

ଉଦାହରଣ -

(୧) "ତୁମ୍ଭି ଚରଣକୁ ଚିକୁରରାଜି ଦୋଳେ ଚରମେ

ମଦନ କେତନ ଉଡ଼ଇ କିବା ଶୋଭା ଆଶ୍ରମେ "

(ଚନ୍ଦ୍ରଭାଗା - ରାଧାନାଥ ରାୟ)

ଏଠାରେ ପ୍ରକୃତବସ୍ତୁ (ନାୟିକା ଚନ୍ଦ୍ରଭାଗା)ର ଚିକୁରରାଜି (କେଶଗୁଚ୍ଛ)କୁ ମଦନ କେତନ ଓ ଚରମ (ପୃଷ୍ଠଦେଶ)କୁ ଶୋଭାଶ୍ରମ ରୂପେ ସମ୍ଭାବନା କରାଯାଇଥିବାରୁ ଏବଂ 'କିବା' ବାଚକ ଶବ୍ଦର ପ୍ରୟୋଗ ହେତୁ ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର ହୋଇଛି ।

(୨) "ସ୍ୱର୍ଗପୁରୁଁ କେଉଁ ଦେବୀକି ସଦ୍ୟ-ଶାପର ଫଳେ

ସ୍ୱଦେହରେ ଖସି ପଡ଼ିଛି ଆସି ଅବନୀ ତଳେ ।"

(ତପସ୍ୱିନୀ - ଗଙ୍ଗାଧର ମେହେର)

ଏଠାରେ ବାଲ୍ମୀକି ଆଶ୍ରମରେ ସୀତାଙ୍କୁ ସ୍ୱର୍ଗଚ୍ୟୁତା କେଉଁ ଅଭିଶପ୍ତା ଦେବୀ ବୋଲି ସମ୍ଭାବନା କରାଯାଇଛି । ଏଠାରେ ସୀତା ପ୍ରକୃତ ବସ୍ତୁ ଓ ଦେବୀ ଅପ୍ରକୃତ ବସ୍ତୁ ଏବଂ 'କି' ବାଚକ ଶବ୍ଦର ପ୍ରୟୋଗ ହେତୁ ବାଚ୍ୟୋତ୍ପ୍ରେକ୍ଷା ଅଳଙ୍କାର ହୋଇଛି ।

**୨)ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର :-** ଯେଉଁଠାରେ ବାଚକ ଶବ୍ଦ ଉହ୍ୟ ରହି ପ୍ରକୃତ ବସ୍ତୁକୁ ଅପ୍ରକୃତ ବସ୍ତୁରୂପେ ସମ୍ଭାବନା କରାଯାଇଥାଏ, ସେଠାରେ ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର ହୁଏ ।

ଉଦାହରଣ –

(୧) "ନ ହେଲେ ଏ ଘନକୁନ୍ତଳା ଘନ ସହିତ ତାରା
ଖସି ପଡ଼ିବାରୁ ଧରାରେ ବହିଯାଉଛି ଧାରା ।"

(ତପସ୍ୱିନୀ – ଗଙ୍ଗାଧର ମେହେର)

ଏଠାରେ ଉପମେୟ ଘନକୁନ୍ତଳା(ସୀତା)ଙ୍କୁ ଉପମାନ ଘନ ସହିତ ତାରା ରୂପେ ସମ୍ଭାବନା କରାଯାଇଛି ଏବଂ ବାଚକ ଶବ୍ଦ ନ ଥିବାରୁ ପ୍ରତୀୟମାନ ଉତ୍ପ୍ରେକ୍ଷା ଅଳଙ୍କାର ହୋଇଛି ।

(୨) "ବାଳୀ ଢାଳିଲା ବେଳେ ନେତ୍ର
ଜୀବନ ହୋଇଲା ଆରତ;
ଖେଳି ଆସୁଛି କାଳ-ଅହି
ଏ ମୋତେ ଦଂଶିବାର ପାଇଁ ।"

(ଲାବଣ୍ୟବତୀ – ଉପେନ୍ଦ୍ରଭଞ୍ଜ)

ଏଠାରେ 'ନେତ୍ର ଢାଳିବା' ଉପମେୟକୁ 'କାଳ ଅହି ଖେଳିବା' ଉପମାନ ବୋଲି ତର୍କଣା କରାଯାଇଛି ମାତ୍ର ଏଠାରେ ବାଚକ ଶବ୍ଦ ନାହିଁ । ତେଣୁ ଏହା ପ୍ରତୀୟମାନୋତ୍ପ୍ରେକ୍ଷା ଅଳଙ୍କାର ହୋଇଛି ।

**ବ୍ୟତିରେକ ଅଳଙ୍କାର :-**

ଉପମାନଠାରୁ ଉପମେୟର ଆଧିକ୍ୟ ବର୍ଣ୍ଣିତ ହେଲେ ବ୍ୟତିରେକ ଅଳଙ୍କାର ହୁଏ ।

ଉଦାହରଣ -

(୧) "ନୀଳିମାରେ ବାମା ଚାରୁ କେଶପାଶ
ତୋ ନୀଳ ବୀଚିକି କଲା ଉପହାସ ।"

(ଚିଲିକା - ରାଧାନାଥ ରାୟ)

ଏଠାରେ ଉପମାନ 'ଚିଲିକାର ନୀଳ ବୀଚି' ଅପେକ୍ଷା ଉପମେୟ 'ପଦ୍ମାବତୀଙ୍କ କେଶପାଶ' ର ଆଧିକ୍ୟ ବର୍ଣ୍ଣିତ ହୋଇଥିବାରୁ ବ୍ୟତିରେକ ଅଳଙ୍କାର ହୋଇଛି ।

(୨) "ଇନ୍ଦ୍ରାୟୁଧେ ତା'ର ଅଧବିମ୍ବେ ନଭେ ଯେଉଁ ତୁଳନା
ତହୁଁ ବଳି ଇନ୍ଦୁ ସଙ୍ଗେ ସୁନ୍ଦରୀର ତୁଳା ଅଲଣା ।"

(ଉଷା - ରାଧାନାଥ ରାୟ)

ଏଠାରେ ଉପମାନ 'ଇନ୍ଦୁ'ଠାରୁ ଉପମେୟ 'ଉଷା'ର ଆଧିକ୍ୟ ବର୍ଣ୍ଣିତ ହୋଇଥିବାରୁ ବ୍ୟତିରେକ ଅଳଙ୍କାର ହୋଇଛି ।

**ବିଭାବନା ଅଳଙ୍କାର :-**

କାରଣ ନ ଥାଇ କାର୍ଯ୍ୟର ଉତ୍ପତ୍ତି ହେଲେ ବିଭାବନା ଅଳଙ୍କାର ହୁଏ ।

ଉଦାହରଣ -

୧) " ଅନଳ ନୁହଇ ଦେହ ଦହଇ
ଅସ୍ତ୍ର ନୁହଇ ମରମେ ଭେଦଇ
ନୁହଇ ତ ଜଳ ବୁଡାଏ କୁଳ

ନୁହଇ ମାଦକ କରେ ବିହ୍ୱଳ
ନୁହଇ ବଡ଼ଶୀ ଗୋ
ବଳେ ମନ-ମୀନ ନିଏ ଆକର୍ଷି ।"
(ବିଦଗ୍ଧ ଚିନ୍ତାମଣି- ଅଭିମନ୍ୟୁ ସାମନ୍ତସିଂହାର)

ଏଠାରେ ଅନଳ ନୁହେଁ କିନ୍ତୁ ଦେହକୁ ଦହନ କରେ, ଅସ୍ତ୍ର ନୁହେଁ କିନ୍ତୁ ମର୍ମକୁ ଭେଦ କରେ, ଜଳ ନୁହେଁ କିନ୍ତୁ କୂଳ ବୁଡ଼ାଏ, ମାଦକ ଦ୍ରବ୍ୟ ନୁହେଁ କିନ୍ତୁ ବିହ୍ୱଳିତ କରେ, ବନିଶୀ ନୁହେଁ କିନ୍ତୁ ମନରୂପକ ମୀନକୁ ଆକର୍ଷଣ କରେ । ବିନା କାରଣରେ କାର୍ଯ୍ୟଗୁଡ଼ିକ ଉତ୍ପନ୍ନ ହୋଇଥିବାରୁ ବିଭାବନା ଅଳଙ୍କାର ହୋଇଛି ।

(୨) "କେ ବୋଲଇ ମୁହିଁ ଅଟଇ ପୁଲିଶ
ବିନା ମେଘେ ସୃଜି ପାରଇ କୁଳିଶ ।"
(ଦରବାର - ରାଧାନାଥ ରାୟ)

ଏଠାରେ କାରଣ (ମେଘ) ବିନା କାର୍ଯ୍ୟର ଉତ୍ପ ି (କୁଳିଶ ସୃଜିବା) ବର୍ଣ୍ଣିତ ହେବାରୁ ବିଭାବନା ଅଳଙ୍କାର ହୋଇଛି ।

## ନମୁନା ପ୍ରଶ୍ନାବଳୀ

### କ) ୧ ନମ୍ବର ବିଶିଷ୍ଟ ଗୋଟିଏ ବାକ୍ୟ ବା ଶବ୍ଦରେ ଉ ରମୂଳକ ପ୍ରଶ୍ନାବଳୀ ।

୧) ସାହିତ୍ୟରେ ଅଳଙ୍କାର କହିଲେ କ'ଣ ବୁଝ ?

୨) ସାହିତ୍ୟରେ ଅଳଙ୍କାର ମୁଖ୍ୟତଃ କେତେପ୍ରକାର ଉଲ୍ଲେଖ କର ।

୩) ଶବ୍ଦାଳଙ୍କାର କାହାକୁ କୁହାଯାଏ ?

୪) ଅର୍ଥାଳଙ୍କାର କାହାକୁ କୁହାଯାଏ ?

୫) ଅନୁପ୍ରାସ ଅଳଙ୍କାରର ସଂଜ୍ଞା ନିର୍ଦ୍ଦେଶ କର ?

୬) ଛେକାନୁପ୍ରାସ ଅଳଙ୍କାର କାହାକୁ କୁହାଯାଏ ?

୭) ବୃ ୟନୁପ୍ରାସ ଅଳଙ୍କାର କାହାକୁ କୁହାଯାଏ ?

୮) ଶ୍ରୁତ୍ୟାନୁପ୍ରାସ ଅଳଙ୍କାର କ'ଣ ?

୯) ଲାଟାନୁପ୍ରାସ ଅଳଙ୍କାର କ'ଣ ?

୧୦) ଅନ୍ତ୍ୟାନୁପ୍ରାସ ଅଳଙ୍କାର କାହାକୁ କୁହାଯାଏ ?

୧୧) 'ଯମକ' ଅଳଙ୍କାର କହିଲେ କ'ଣ ବୁଝ ?

୧୨) 'ଆଦ୍ୟଯମକ' ଅଳଙ୍କାର କାହାକୁ କୁହାଯାଏ ?

୧୩) 'ମଧ୍ୟଯମକ' ଅଳଙ୍କାର କାହାକୁ କୁହାଯାଏ ?

୧୪) 'ପ୍ରାନ୍ତଯମକ' ଅଳଙ୍କାର କାହାକୁ କୁହାଯାଏ ?

୧୫) 'ମାଳଯମକ' ଅଳଙ୍କାର କ'ଣ ?

୧୬) 'ସର୍ବଯମକ' ଅଳଙ୍କାର କ'ଣ ?

୧୭) 'ଶ୍ଳେଷ' ଅଳଙ୍କାର କ'ଣ ଉଲ୍ଲେଖ କର ?

୧୮) 'ଶ୍ଳେଷ' ଅଳଙ୍କାର କେତେ ପ୍ରକାର ଓ କ'ଣ କ'ଣ ଲେଖ ।

୧୯) ଉପମା ଅଳଙ୍କାର କାହାକୁ କୁହାଯାଏ ?

୨୦) ଉପମେୟ କାହାକୁ କୁହାଯାଏ ?

୨୧) ଉପମାନ କାହାକୁ କୁହାଯାଏ ?

୨୨) ଉପମାବାଚକ ଶବ୍ଦ କ'ଣ ଉଲ୍ଲେଖ କର ।

୨୩) ସାଧାରଣ ଧର୍ମ କ'ଣ ?

୨୪) ମାଳୋପମା କାହାକୁ କୁହାଯାଏ ?

୨୫) ପୂର୍ଣ୍ଣୋପମା କାହାକୁ କୁହାଯାଏ ?

୨୬) ଲୁପ୍ତୋପମା କାହାକୁ କୁହାଯାଏ ?

୨୭) ରୂପକ ଅଳଙ୍କାର କ'ଣ ଉଲ୍ଲେଖ କର ।

୨୮) ସାଙ୍ଗ ରୂପକ ଅଳଙ୍କାର କହିଲେ କ'ଣ ବୁଝ ?

୨୯) ନିରଙ୍ଗରୂପକ ଅଳଙ୍କାରର ସଂଜ୍ଞା ଉଲ୍ଲେଖ କର ।

୩୦) ପରମ୍ପରିତ ରୂପକ ଅଳଙ୍କାରର ସଂଜ୍ଞା ନିରୂପଣ କର ।

୩୧) ବ୍ୟତିରେକ ଅଳଙ୍କାର କାହାକୁ କୁହାଯାଏ ?

୩୨) ଉତ୍ପ୍ରେକ୍ଷା ଅଳଙ୍କାର କାହାକୁ କୁହାଯାଏ ?

୩୩) ବିଭାବନା ଅଳଙ୍କାର କାହାକୁ କୁହାଯାଏ ?

୩୪) ଭିନ୍ନାର୍ଥବୋଧକ ସମୋଚ୍ଚାରିତ ଶବ୍ଦର ପୁନରାବୃତ୍ତିକୁ କେଉଁ ଅଳଙ୍କାର କୁହାଯାଏ ?

୩୫) ପଦର ସର୍ବତ୍ର ଯମକ ରହିଲେ କେଉଁ ଅଳଙ୍କାର ହୁଏ ?

୩୬) ଏକ ପ୍ରକାର ବ୍ୟଞ୍ଜନ ବର୍ଣ୍ଣର ବାରମ୍ବାର ଆବୃତ୍ତି ହେଲେ କେଉଁ ଅଳଙ୍କାର ହୁଏ ?

୩୭) ପଦ ମଧ୍ୟରେ ଉଚ୍ଚାରିତ ଗୋଟିଏ ଶବ୍ଦ ଏକାଧିକ ଅର୍ଥରେ ପ୍ରୟୋଗ ହେଲେ କେଉଁ ଅଳଙ୍କାର ହୁଏ ?

୩୮) ଉପମେୟ ଓ ଉପମାନର ସାଦୃଶ୍ୟ କଥିତ ହେଲେ କେଉଁ ଅଳଙ୍କାର ହୁଏ ?

୩୯) ଗୋଟିଏ ଉପମେୟର ଏକାଧିକ ଉପମାନ ଥିଲେ, କେଉଁ ଉପମା ଅଳଙ୍କାର ହୋଇଥାଏ ?

୪୦) ଉପମାନ ଓ ଉପମେୟ ମଧ୍ୟରେ ଅଭେଦ କଥନକୁ କେଉଁ ଅଳଙ୍କାର କୁହାଯାଏ ?

୪୧) କାରଣ ବିନା କାର୍ଯ୍ୟର ଉତ୍ପତ୍ତି ହେଲେ କେଉଁ ଅଳଙ୍କାର ହୁଏ ?

୪୨) ଉପମାନଠାରୁ ଉପମେୟର ଆଧିକ୍ୟ କଥିତ ହେଲେ କେଉଁ ଅଳଙ୍କାର ହୁଏ ?

୪୩) ନିମ୍ନ ଲିଖିତ ପଦର ଅଳଙ୍କାର ନିରୂପଣ କର ।

କ) "ଉତ୍କଳ-କମଳା-ବିଳାସ ଦୀର୍ଘିକା
ମରାଳ-ମାଳିନୀ-ନୀଳାମ୍ବୁ ଚିଲିକା ।"

ଖ) "କଷ୍ଟ ମହୀଧର ମହୀଧର କ  କ
କଳମଷ ବାରଣ ବାରଣ ଅନ୍ତକ ।"

ଗ) "ଖଣ୍ଡ ଖଣ୍ଡ ଧଳା ମେଘ ସୁନୀଳ ଅମ୍ବରେ
ଭାସଇ ବୋଇତ ଯଥା ନୀଳ ସମୁଦ୍ରରେ ।"

ଘ) "ନୀଳିମାରେ ବାମା ଚାରୁ କେଶପାଶ
ତୋ ନୀଳ ବୀଚିକୁ କଲା ଉପହାସ ।"

ଙ) "ଶ୍ୱେତାଙ୍ଗ ଚଢ଼େଇଗୁହା ସମୁଦ୍‌ଗତ
ନୀର ଭେଦି କିବା ଉଠେ ଐରାବତ ।"

ଚ) "ବାବୁ ନାକଶିରୀ ଦାନ ଯୋଗ୍ୟ ଯୋଷାକୁ
ବିହର କାନନ କର ଆଲିଙ୍ଗନକୁ ।"

ଛ) "ଦେଖରେ ନଳିନି ନଳିନୀ ନଳିନୀରେ ପୂରିତ
ଭ୍ରମନ୍ତି ଭ୍ରମରେ ଭ୍ରମରେ ଏ ଶୋଭିତ ।"

ଜ) "ବରଜୀବ ରସେ ଦେଇ ମାନସ
ବରଜି ବରଷେ ଅମେଧ ଗ୍ରାସ ।"

ଝ) "ଭବ ତଳେ ବିଭୁଦୟା ମୂର୍ତ୍ତିମତୀ
ଧଉଳି ଦର୍ପଣ ଦୟା ସ୍ରୋତସ୍ୱତୀ ।"

ଞ) "ବିନ୍ଦୁ ବିନ୍ଦୁ ଜଳ ରହିଛି ଚାରୁ କୁଟିଳ ବାଳେ,
ତୁଷାର ବୃଷ୍ଟି କି ହୋଇଛି ନବ ତମାଳ ଦଳେ ।"

## ଖ) ଦୀର୍ଘ ଉ  ର ମୂଳକ ପ୍ରଶ୍ନାବଳୀ । (୫ ନମ୍ବର ବିଶିଷ୍ଟ)

୧. ସଂଜ୍ଞା ଓ ସ୍ୱରୂପ ସହ ଅନୁପ୍ରାସ ଅଳଙ୍କାରର ଦୃଷ୍ଟାନ୍ତ ଦିଅ ।

୨. ସଂଜ୍ଞା ଓ ସ୍ୱରୂପ ନିର୍ଦ୍ଦେଶ କରି ଯମକ ଅଳଙ୍କାରର ଦୃଷ୍ଟାନ୍ତ ଦିଅ ।

୩. ଶ୍ଳେଷ ଅଳଙ୍କାର କାହାକୁ କୁହାଯାଏ ? ଉଦାହରଣ ସହ ଦର୍ଶାଅ ?

୪. ଉପମା ଅଳଙ୍କାରର ସଂଜ୍ଞା ନିର୍ଦ୍ଦେଶ କରି ଉଦାହରଣ ମାଧ୍ୟମରେ ବୁଝାଇ ଲେଖ ?

୫. ରୂପକ ଅଳଙ୍କାର କାହାକୁ କୁହାଯାଏ ? ଉଦାହରଣ ସହ ପ୍ରତିପାଦନ କର ?

୬. ଉପମା ଓ ରୂପକ ଅଳଙ୍କାର ମଧ୍ୟରେ ଥିବା ପାର୍ଥକ୍ୟ ସଦୃଷ୍ଟାନ୍ତ ଦର୍ଶାଅ ?

୭. ବ୍ୟତିରେକ ଅଳଙ୍କାରର ସଂଜ୍ଞା ଓ ସ୍ୱରୂପ ସଦୃଷ୍ଟାନ୍ତ ଉଲ୍ଲେଖ କର ?

୮. ସଂଜ୍ଞା, ଲକ୍ଷଣ ଓ ଉଦାହରଣ ସହ ବିଭାବନା ଅଳଙ୍କାର ବୁଝାଇ ଦିଅ ।

୯. ଉତ୍ପ୍ରେକ୍ଷା ଅଳଙ୍କାର କାହାକୁ କୁହାଯାଏ, ସଦୃଷ୍ଟାନ୍ତ ବ୍ୟାଖ୍ୟା କର ।

# ସନ୍ଧି

ପରସ୍ପର ସନ୍ନିହିତ ପୂର୍ବପଦର ଶେଷବର୍ଣ୍ଣ ଓ ପରପଦର ଆଦ୍ୟବର୍ଣ୍ଣର ମିଳନକୁ ସନ୍ଧି କୁହାଯାଏ । ଯଥା -

| | |
|---|---|
| ଦେବ + ଆଳୟ = ଦେବାଳୟ | ସମ୍ + ରକ୍ଷଣ = ସଂରକ୍ଷଣ |
| ହିତ + ଉପଦେଶ = ହିତୋପଦେଶ | ପୁନଃ + ବାର = ପୁନର୍ବାର |
| ଲମ୍ବ + ଉଦର = ଲମ୍ବୋଦର | ପୁନଃ + ଉକ୍ତି = ପୁନରୁକ୍ତି |
| ଦିକ୍ + ଅମ୍ବର = ଦିଗମ୍ବର | ଅନ୍ତଃ + ହିତ = ଅନ୍ତର୍ହିତ |
| ଜଗତ୍ + ନାଥ = ଜଗନ୍ନାଥ | |

ଦୁଇଟି ବର୍ଣ୍ଣର ମିଳନ ଦ୍ୱାରା ଗୋଟିକର କିମ୍ବା ଉଭୟର କିଛି ପରିବ ର୍ନ ହୋଇଥାଏ । ସନ୍ଧି ଦ୍ୱାରା ଦୁଇପଦ ଏକ ପଦରେ ପରିଣତ ହୁଏ । ଏହି ଏକ ପଦକୁ 'ସନ୍ଧିପଦ' କୁହାଯାଏ । ଉଚ୍ଚାରଣଗତ ସୌନ୍ଦର୍ଯ୍ୟ ବୃଦ୍ଧି ହିଁ ସନ୍ଧିର ଉଦ୍ଦେଶ୍ୟ । ତଦ୍‌ଭବ ଓ ଦେଶଜ ଶବ୍ଦରେ କ୍ୱଚିତ୍ ସନ୍ଧି ଦେଖିବାକୁ ମିଳେ କିନ୍ତୁ ତତ୍ସମ ଶବ୍ଦରେ ସନ୍ଧି ଅଧିକ ପରିଦୃଷ୍ଟ୍ୟ । ଓଡ଼ିଆ ଭାଷାରେ ତତ୍ସମ ଶବ୍ଦମାନଙ୍କର ପ୍ରାୟତଃ ସନ୍ଧି ହେଉଥିବାରୁ ସନ୍ଧି ନିୟମ ସଂସ୍କୃତ ସନ୍ଧି ନିୟମାନୁସାରେ ହୋଇଥାଏ ।

### ସନ୍ଧିର ପ୍ରକାର ଭେଦ

ସ୍ୱରବର୍ଣ୍ଣ, ବ୍ୟଞ୍ଜନବର୍ଣ୍ଣ ଓ ବିସର୍ଗକୁ ନେଇ ସନ୍ଧି ହେଉଥିବାରୁ ସନ୍ଧି ମୁଖ୍ୟତଃ ତିନି ପ୍ରକାର ଯଥା - (୧) ସ୍ୱରସନ୍ଧି (୨) ବ୍ୟଞ୍ଜନ ସନ୍ଧି (୩) ବିସର୍ଗ ସନ୍ଧି ।

## ୧) ସ୍ୱରସନ୍ଧି

ପରସ୍ପର ସନ୍ନିହିତ ଦୁଇଟି ସ୍ୱରବର୍ଣ୍ଣର ମିଳନଦ୍ୱାରା ଯେଉଁ ସନ୍ଧି ହୁଏ, ତାହାକୁ 'ସ୍ୱରସନ୍ଧି' କୁହାଯାଏ । ଯଥା -

ଘୁଣ + ଅକ୍ଷର = ଘୁଣାକ୍ଷର — ସର୍ବ +ଉଚ୍ଚ = ସର୍ବୋଚ୍ଚ

ଦଣ୍ଡ + ଆଦେଶ = ଦଣ୍ଡାଦେଶ — ସୂର୍ଯ୍ୟ +ଉଦୟ =ସୂର୍ଯ୍ୟୋଦୟ

ଗଣ + ଈଶ = ଗଣେଶ — ସ୍ନାତକ + ଉ ର = ସ୍ନାତକୋ ର

ସୂତ୍ର:-ଅ' ବା 'ଆ' ପରେ 'ଅ' ବା 'ଆ' ଥିଲେ ଦୁହେଁ ମିଶି 'ଆ' ହୁଅନ୍ତି । ସେହି 'ଆ' ଆକାର (ା) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

ନୀଳ + ଅମ୍ବର = ନୀଳାମ୍ବର — ପଟ + ଅନ୍ତର = ପଟାନ୍ତର

ବିମ୍ବ + ଅଧର = ବିମ୍ବାଧର — ନର + ଅଧମ = ନରାଧମ

ମନ + ଅନ୍ତର = ମନାନ୍ତର — ସୁର + ଅସୁର = ସୁରାସୁର

ଦଶ + ଆନନ = ଦଶାନନ — ଏକ + ଆତ୍ମା = ଏକାତ୍ମା

ଉଚ୍ଚ + ଆସନ = ଉଚ୍ଚାସନ — ଦଣ୍ଡ + ଆଦେଶ = ଦଣ୍ଡାଦେଶ

ସୁଧା + ଅଂଶୁ = ସୁଧାଂଶୁ — ମହା + ଅନ୍ଧକାର = ମହାନ୍ଧକାର

ଚିତା + ଅଗ୍ନି = ଚିତାଗ୍ନି

ଦୟା + ଅବତାର = ଦୟାବତାର

ତୃଷା + ଆ ˂ = ତୃଷା ˂ — ମହା + ଆକାଶ = ମହାକାଶ

କ୍ଷୁଧା + ଆ ˂ = କ୍ଷୁଧା ˂ — ସଦା + ଆନନ୍ଦ = ସଦାନନ୍ଦ

କରୁଣା + ଆକର = କରୁଣାକର

ସୂତ୍ର :- 'ଇ' ବା 'ଈ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଈ' ହୁଅନ୍ତି । ସେହି 'ଈ' ଈକାର (ୀ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

ଅତି + ଇବ = ଅତୀବ　　ମୁନି + ଇନ୍ଦ୍ର = ମୁନୀନ୍ଦ୍ର

ଅତି + ଇତ = ଅତୀତ　　ଅଭି + ଇଷ୍ଟ = ଅଭୀଷ୍ଟ

ରବି + ଇନ୍ଦ୍ର = ରବୀନ୍ଦ୍ର　　ପ୍ରତି + ଇତ = ପ୍ରତୀତ

ଗିରି + ଈଶ = ଗିରୀଶ　　ଅଧି + ଈଶ୍ୱର = ଅଧୀଶ୍ୱର

କ୍ଷିତି + ଈଶ = କ୍ଷିତୀଶ　　ପରି + ଈକ୍ଷା = ପରୀକ୍ଷା

ମହୀ + ଇନ୍ଦ୍ର = ମହୀନ୍ଦ୍ର　　ଗୁଣୀ + ଇନ୍ଦ୍ର = ଗୁଣୀନ୍ଦ୍ର

ଶଚୀ + ଇନ୍ଦ୍ର = ଶଚୀନ୍ଦ୍ର

ରଜନୀ + ଈଶ = ରଜନୀଶ

ଭବାନୀ + ଈଶ = ଭବାନୀଶ

ମହୀ + ଈଶ୍ୱର = ମହୀଶ୍ୱର

ସୂତ୍ର :- 'ଉ' ବା 'ଊ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଊ' ହୁଅନ୍ତି । ସେହି 'ଊ' ବର୍ଣ୍ଣ ଊକାର( ୂ ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

ସାଧୁ + ଉକ୍ତି = ସାଧୂକ୍ତି　　ମରୁ + ଉଦ୍ୟାନ = ମରୂଦ୍ୟାନ

କଟୁ + ଉକ୍ତି = କଟୂକ୍ତି　　ଭାନୁ + ଉଦୟ = ଭାନୂଦୟ

| | |
|---|---|
| ଲଘୁ + ଊର୍ମି = ଲଘୂର୍ମି | ସିନ୍ଧୁ + ଊର୍ମି = ସିନ୍ଧୂର୍ମି |

**ସୂତ୍ର :-** 'ଅ' ବା 'ଆ' ପରେ 'ଇ' ବା 'ଈ' ଥିଲେ ଦୁହେଁ ମିଶି 'ଏ' ହୁଅନ୍ତି । ସେହି 'ଏ' ବର୍ଣ୍ଣ ଏକାର (େ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

| | |
|---|---|
| ନର + ଇନ୍ଦ୍ର = ନରେନ୍ଦ୍ର | ଶୁଭ + ଇଚ୍ଛା = ଶୁଭେଚ୍ଛା |
| ପ + ଇନ୍ଦ୍ରିୟ = ପେ ନ୍ଦ୍ରିୟ | |
| ଗଜ + ଇନ୍ଦ୍ର = ଗଜେନ୍ଦ୍ର | ଜ୍ଞାନ + ଇନ୍ଦ୍ରିୟ = ଜ୍ଞାନେନ୍ଦ୍ରିୟ |
| ଗଣ+ ଈଶ= ଗଣେଶ | ରାମ + ଈଶ୍ୱର = ରାମେଶ୍ୱର |
| ସୁର + ଈଶ = ସୁରେଶ | ଦେବ + ଈଶ = ଦେବେଶ |
| ଧନ + ଈଶ୍ୱର = ଧନେଶ୍ୱର | ଭୁବନ + ଈଶ୍ୱରୀ = ଭୁବନେଶ୍ୱରୀ |
| ମହା + ଇନ୍ଦ୍ର = ମହେନ୍ଦ୍ର | ଯଥା + ଇଷ୍ଟ = ଯଥେଷ୍ଟ |
| ଯଥା + ଇଚ୍ଛା = ଯଥେଚ୍ଛା | |
| ମହା + ଈଶ୍ୱର = ମହେଶ୍ୱର | ରମା + ଈଶ = ରମେଶ |
| ତାରକା + ଈଶ୍ୱର = ତାରକେଶ୍ୱର | ଉମା + ଈଶ = ଉମେଶ |
| କମଳା + ଈଶ୍ୱର = କମଳେଶ୍ୱର | ମହା + ଈଶ = ମହେଶ |

**ସୂତ୍ର :-** 'ଅ' ବା 'ଆ' ପରେ 'ଉ' ବା 'ଊ' ଥିଲେ ଦୁହେଁ ମିଶି 'ଓ' ହୁଅନ୍ତି । ସେହି 'ଓ' ବର୍ଣ୍ଣ 'ଓ'କାର (ୋ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା-

ପୁରୁଷ + ଉ  ମ = ପୁରୁଷୋ  ମ        ବଙ୍ଗ + ଉତ୍କଳ = ବଙ୍ଗୋତ୍କଳ

ଲମ୍ବ + ଉଦର = ଲମ୍ବୋଦର        ପର + ଉପକାରୀ = ପରୋପକାରୀ

ଜ୍ଞାନ + ଉଦୟ = ଜ୍ଞାନୋଦୟ        ସର୍ବ + ଉଚ୍ଚ = ସର୍ବୋଚ୍ଚ

ଚଳ + ଊର୍ମି = ଚଳୋର୍ମି        ନବ + ଊଢ଼ା = ନବୋଢ଼ା

ମହା + ଉଲ୍ଲାସ = ମହୋଲ୍ଲାସ        ଗଙ୍ଗା + ଉଦକ = ଗଙ୍ଗୋଦକ

ମହା + ଉପାଧ୍ୟାୟ = ମହୋପାଧ୍ୟାୟ        ଦୁର୍ଗା + ଉତ୍ସବ = ଦୁର୍ଗୋତ୍ସବ

ଯଥା + ଉଚିତ = ଯଥୋଚିତ        ମହା + ଉତ୍ସବ = ମହୋତ୍ସବ

ମହା + ଊର୍ମି = ମହୋର୍ମି        ମହା + ଊରୁ = ମହୋରୁ

ଗଙ୍ଗା + ଊର୍ମି = ଗଙ୍ଗୋର୍ମି        ମହା + ଊର୍ଜଃ = ମହୋର୍ଜଃ

**ସୂତ୍ର :- 'ଅ' ବା 'ଆ' ପରେ 'ଋ' ଥିଲେ ଦୁହେଁ ମିଶି 'ଅର୍' ହୁଅନ୍ତି । ଏହି 'ଅ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ଏବଂ 'ର୍' ରେଫ୍ (ˊ) ହୋଇ ପରବର୍ଣ୍ଣରେ ଯୁକ୍ତ ହୁଏ । ଯଥା -**

ଦେବ + ଋଷି =ଦେବର୍ଷି        ସପ୍ତ + ଋଷି =ସପ୍ତର୍ଷି

ବ୍ରହ୍ମ + ଋଷି =ବ୍ରହ୍ମର୍ଷି

ମହା +ଋଷି =ମହର୍ଷି        ରାଜା +ଋଷି =ରାଜର୍ଷି

**ସୂତ୍ର :- 'ଅ' ବା 'ଆ' ପରେ 'ଏ' ବା 'ଐ' ଥିଲେ ଦୁହେଁ ମିଶି 'ଐ' ହୁଅନ୍ତି । ଏହି 'ଐ' ଐକାର (ୈ) ହୋଇ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ ହୁଏ । ଯଥା -**

ଜନ + ଏକ = ଜନୈକ ଅନ + ଏକ = ଅନୈକ

ଜନ + ଏବ = ଜନୈବ ହିତ +ଏଷୀ = ହିତୈଷୀ

ମତ + ଐକ୍ୟ = ମତୈକ୍ୟ

ତଥା + ଏବ = ତଥୈବ

**ସୂତ୍ର :- 'ଅ' ବା 'ଆ' ପରେ 'ଓ' ବା 'ଔ' ଥିଲେ ଦୁହେଁ ମିଶି 'ଔ' ହୁଅନ୍ତି । ଏହି 'ଔ' ଔକାର (ୌ) ହୋଇ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା :-**

କଣ୍ଠ + ଓଷ୍ଠ୍ୟ = କଣ୍ଠୌଷ୍ଠ୍ୟ

ଦନ୍ତ + ଓଷ୍ଠ୍ୟ = ଦନ୍ତୌଷ୍ଠ୍ୟ ଜଳ + ଓକା = ଜଳୌକା

ବନ + ଔଷଧି = ବନୌଷଧି ଦିବ୍ୟ + ଔଷଧ = ଦିବ୍ୟୌଷଧ

ସର୍ବ + ଔଷଧି = ସର୍ବୌଷଧି ଦନ୍ତ୍ୟ + ଔଷ୍ଠ୍ୟ = ଦନ୍ତ୍ୟୌଷ୍ଠ୍ୟ

ମହା + ଓଷଧି = ମହୌଷଧି

**ସୂତ୍ର :-** ‘ଇ’ ବା ‘ଈ’ ପରେ ‘ଇ’, ‘ଈ’ ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଇ’ ବା ‘ଈ’ ସ୍ଥାନରେ ‘ୟ’ ହୁଏ । ଏହି ‘ୟ’ ପୂର୍ବ ବର୍ଣ୍ଣରେ ‘ୟ’ଫଳା (୍ୟ) ହୋଇ ପରବର୍ତ୍ତୀ ସ୍ୱରବର୍ଣ୍ଣ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

ଯଦି + ଅପି = ଯଦ୍ୟପି

ପ୍ରତି + ଆଶା = ପ୍ରତ୍ୟାଶା

ଅଧି + ଅକ୍ଷ = ଅଧ୍ୟକ୍ଷ

ଭୂମି + ଅଧିକାରୀ = ଭୂମ୍ୟଧିକାରୀ

**ସୂତ୍ର :-** ‘ଉ’ ବା ‘ଊ’ ପରେ ‘ଉ’ ବା ‘ଊ’ ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଉ’ ବା ‘ଊ’ ସ୍ଥାନରେ ‘ୱ୍’ (ଅବର୍ଗୀୟ ବ) ହୁଏ । ଏହି ‘ୱ୍’ ପୂର୍ବବର୍ଣ୍ଣରେ ୱ ଫଳା (୍ୱ) ହୁଏ । ପରବର୍ତ୍ତୀ ସ୍ୱରବର୍ଣ୍ଣ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା -

ସୁ + ଆଗତ = ସ୍ୱାଗତ

ଅନୁ + ଏଷଣ = ଅନ୍ୱେଷଣ

ଅନୁ + ଇତ = ଅନ୍ୱିତ

ବଧୂ + ଆଗମନ = ବଧ୍ୱାଗମନ

ବହୁ + ଆଡ଼ମ୍ବର =ବହ୍ୱାଡ଼ମ୍ବର

**ସୂତ୍ର :-** ‘ଋ’ ପରେ ‘ଋ’ ଭିନ୍ନ ଅନ୍ୟ ସ୍ୱରବର୍ଣ୍ଣ ଥିଲେ ‘ଋ’ ସ୍ଥାନରେ ‘ର୍’ ହୁଏ । ଏହି ‘ର୍’ ପୂର୍ବବର୍ଣ୍ଣରେ ର ଫଳା (୍ର) ହୁଏ ଏବଂ ପରବର୍ତ୍ତୀ ସ୍ୱରବର୍ଣ୍ଣ ପୂର୍ବବର୍ଣ୍ଣରେ ଯୁକ୍ତ ହୁଏ । ଯଥା:-

ପିତୃ + ଆଦେଶ = ପିତ୍ରାଦେଶ

ମାତୃ + ଆଦେଶ = ମାତ୍ରାଦେଶ

ମାତୃ + ଆଳୟ = ମାତ୍ରାଳୟ

ପିତୃ + ଇଚ୍ଛା = ପିତ୍ରିଚ୍ଛା

**ସୂତ୍ର :-** ‘ଏ’ ପରେ ସ୍ୱରବର୍ଣ୍ଣ ଥିଲେ ‘ଏ’ ସ୍ଥାନରେ ‘ଅୟ’ ହୁଏ ଏବଂ ‘ଐ’ ପରେ ସ୍ୱରବର୍ଣ୍ଣ ଥିଲେ ‘ଐ’ ସ୍ଥାନରେ ‘ଆୟ’ ହୁଏ । ‘ଅୟ’ ଓ ‘ଆୟ’ ରେ ଥିବା ‘ଅ’ ଓ ‘ଆ’ ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ଏବଂ ‘ୟ’ ସହିତ ପରବର୍ତ୍ତୀ ସ୍ୱରବର୍ଣ୍ଣ ଯୁକ୍ତ ହୁଏ । ଯଥା :-

ନେ + ଅନ = ନୟନ ନୈ + ଅକ = ନାୟକ

ଚେ + ଅନ = ଚୟନ ବୈ + ଅକ = ବାୟକ

ଗୈ + ଅକ = ଗାୟକ ଶେ + ଅନ = ଶୟନ

**ସୂତ୍ର:- 'ଓ' ପରେ ସ୍ୱରବର୍ଣ୍ଣ ଥିଲେ 'ଓ' ସ୍ଥାନରେ 'ଅବ୍' ହୁଏ ଏବଂ 'ଔ' ପରେ ସ୍ୱରବର୍ଣ୍ଣ ଥିଲେ 'ଔ' ସ୍ଥାନରେ 'ଆବ୍' ହୁଏ । 'ଅବ୍' ଓ 'ଆବ୍' ରେ ଥିବା 'ଅ' ଓ 'ଆ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ ଏବଂ 'ବ୍' ସହିତ ପରବର୍ତ୍ତୀ ସ୍ୱରବର୍ଣ୍ଣ ଯୁକ୍ତ ହୁଏ । ଯଥା -**

ପୋ + ଇତ୍ର = ପବିତ୍ର ଭୌ + ଉକ = ଭାବୁକ

ପୋ + ଅନ = ପବନ ସ୍ତୌ + ଅକ = ସ୍ତାବକ

ଭୋ + ଅନ = ଭବନ ନୌ + ଇକ = ନାବିକ

**୨ ) ବ୍ୟଞ୍ଜନ ସନ୍ଧି :**

ପରସ୍ପର ସନ୍ନିହିତ ବ୍ୟଞ୍ଜନ ବର୍ଣ୍ଣ ସହିତ ସ୍ୱର କିମ୍ବା ବ୍ୟଞ୍ଜନ ବର୍ଣ୍ଣର ମିଳନକୁ ବ୍ୟଞ୍ଜନ ସନ୍ଧି କୁହାଯାଏ । ଯଥା :-

ଦିକ୍ + ଅନ୍ତ = ଦିଗନ୍ତ ଉତ୍ + ଛେଦ = ଉଚ୍ଛେଦ

ଦିକ୍ + ଅମ୍ବର = ଦିଗମ୍ବର

**ସୂତ୍ର :- 'ତ୍' ବା 'ଦ୍' ପରେ ଯଦି 'ଚ୍' କିମ୍ବା 'ଛ୍' ଥାଏ ତେବେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ । ପରବର୍ତ୍ତୀ 'ଚ୍' ବା ଛ୍' ଏହି 'ଚ୍' ସହିତ ଯୁକ୍ତ ହୁଏ । ଯଥା -**

ଉତ୍ + ଚାରଣ = ଉଚ୍ଚାରଣ

ଚଳତ୍ + ଚିତ୍ର = ଚଳଚ୍ଚିତ୍ର

ଶରତ୍ + ଚନ୍ଦ୍ର = ଶରଚ୍ଚନ୍ଦ୍ର

ସୂତ୍ର :- 'ତ୍' ବା 'ଦ୍' ପରେ ଯଦି 'ଜ୍' ବା 'ଝ୍' ଥାଏ ତେବେ 'ତ୍' ବା 'ଦ୍' ସ୍ଥାନରେ 'ଜ୍' ହୁଏ । ପରବର୍ତ୍ତୀ 'ଜ୍' ବା 'ଝ୍' ଏହି 'ଜ୍' ସହିତ ଯୁକ୍ତ ହୁଏ । ଯଥା :-

ଉତ୍ + ଜ୍ୱଳ = ଉଜ୍ଜ୍ୱଳ    ବୃହତ୍ + ଝଟିକା = ବୃହଜ୍ଝଟିକା

ତତ୍ + ଜନିତ = ତଜ୍ଜନିତ    ବିପଦ୍ + ଝଡ଼ = ବିପଜ୍ଝଡ

ଯାବତ୍ + ଜୀବନ = ଯାବଜ୍ଜୀବନ    କୁତ୍ + ଝଟିକା = କୁଜ୍ଝଟିକା

ବିପଦ୍ + ଜନକ = ବିପଜ୍ଜନକ    ତଦ୍ + ଝର = ତଜ୍ଝର

ସୂତ୍ର :- 'ତ୍' ବା 'ଦ୍' ପରେ ଯଦି 'ହ୍' ଥାଏ , ତେବେ ଦୁହେଁ ମିଶି 'ଦ୍ଧ' ହୁଅନ୍ତି ଯଥା :-

ଉତ୍ + ହାର = ଉଦ୍ଧାର    ତଦ୍ + ହିତ = ତଦ୍ଧିତ

ଉତ୍ + ହିତ = ଉଦ୍ଧତ    ଜଗଦ୍ + ହିତ = ଜଗଦ୍ଧିତ

ସୂତ୍ର :- 'ତ୍' ବା 'ଦ୍' ପରେ ଯଦି 'ଲ' ଥାଏ ,ତେବେ 'ତ୍' ବା 'ଦ୍' ସ୍ଥାନରେ 'ଲ୍' ହୁଏ । ପରବର୍ତ୍ତୀ 'ଲ୍' ଏହି 'ଲ୍'ସହିତ ଯୁକ୍ତ ହୋଇ 'ଲ୍ଲ' ହୋଇଯାଏ । ଯଥା :-

ଉତ୍ + ଲେଖ = ଉଲ୍ଲେଖ    ତଦ୍ + ଲଗ୍ନ = ତଲ୍ଲଗ୍ନ

ଉତ୍ + ଲଙ୍ଘନ = ଉଲ୍ଲଙ୍ଘନ    ଉତ୍ + ଲାସ = ଉଲ୍ଲାସ

ସୂତ୍ର :- 'ତ୍' ବା 'ଦ୍' ପରେ ଯଦି 'ଶ୍' ଥାଏ , ତେବେ 'ତ୍' ବା 'ଦ୍' ସ୍ଥାନରେ 'ଚ୍' ହୁଏ ଏବଂ 'ଶ୍' ସ୍ଥାନରେ 'ଛ୍' ହୁଏ । ଏହି 'ଚ୍' ଓ 'ଛ୍' ମିଶି 'ଚ୍ଛ'ରେ ପରିଣତ ହୁଅନ୍ତି । ଯଥା :-

ମୃତ୍ + ଶକଟିକ = ମୃଚ୍ଛକଟିକ

ଉତ୍ + ଶୃଙ୍ଖଳ = ଉଚ୍ଛୃଙ୍ଖଳ

ଉତ୍ + ଶ୍ୱାସ = ଉଚ୍ଛ୍ୱାସ

**ସୂତ୍ର :- ବର୍ଗର ପ୍ରଥମ ବର୍ଣ୍ଣ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ ବର୍ଣ୍ଣ, ଚତୁର୍ଥ ବର୍ଣ୍ଣ କିମ୍ବା ଯ୍, ର୍, ଲ୍, ହ୍ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ସେହି ବର୍ଗର ତୃତୀୟ ବର୍ଣ୍ଣ ହୁଏ । ପରେ ସ୍ୱରବର୍ଣ୍ଣ ଥିଲେ ତାହା ସେହି ତୃତୀୟ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା :-**

ଦିକ୍ + ଅନ୍ତ = ଦିଗନ୍ତ
ଉତ୍ + ଯାପନ = ଉଦ୍ଯାପନ

ବାକ୍ + ଈଶ = ବାଗୀଶ
ଉତ୍ + ଘାଟନ = ଉଦ୍ଘାଟନ

ସତ୍ + ଇଚ୍ଛା = ସଦିଚ୍ଛା
ଦିକ୍ + ବିଜୟ = ଦିଗ୍ବିଜୟ

ଦିକ୍ + ଗଜ = ଦିଗ୍ଗଜ
ଜଗତ୍ + ଈଶ୍ୱର = ଜଗଦୀଶ୍ୱର

ଦିକ୍ + ଅମ୍ବର = ଦିଗମ୍ବର
ବାକ୍ + ଯନ୍ତ୍ର = ବାଗ୍ଯନ୍ତ୍ର

ସୂତ୍ର :- ବର୍ଗର ପ୍ରଥମ ବର୍ଣ୍ଣ ପରେ ବର୍ଗର ପ  ମ ବର୍ଣ୍ଣ ଥିଲେ ବର୍ଗର ପ୍ରଥମ ବର୍ଣ୍ଣ ସ୍ଥାନରେ ବର୍ଗର ପ  ମ ବର୍ଣ୍ଣ ହୁଏ । ଯଥା -

ବାକ୍ + ମୟ = ବାଙ୍ମୟ
ଷଟ୍ + ମାସ =ଷଣ୍ମାସ /ଷଣ୍ମାସ

ଦିକ୍ + ନାଗ = ଦିଙ୍ନାଗ
ଉତ୍ + ନତି = ଉନ୍ନତି

ଚିତ୍ + ମୟ = ଚିନ୍ମୟ
ଜଗତ୍ + ନାଥ = ଜଗନ୍ନାଥ

ସୂତ୍ର :- 'ମ୍' ପରେ କୌଣସି ବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ମ୍' ସେହି ବର୍ଗର ପ  ମ ବର୍ଣ୍ଣ ହୁଏ । ପ  ମ ବର୍ଣ୍ଣ ଓ ପରବ  1 ବ୍ୟଞ୍ଜନବର୍ଣ୍ଣ ମିଶି ଅନୁନାସିକ ଯୁକ୍ତବର୍ଣ୍ଣ ହୁଅନ୍ତି । ସମୟେ ସମୟେ ଅନୁନାସିକ ଯୁକ୍ତବର୍ଣ୍ଣକୁ ଅନୁସ୍ୱାର ଦେଇ ମଧ୍ୟ ଲେଖା ଯାଇପାରେ । ଯଥା -

ସମ୍ + କର = ସଙ୍କର
ସମ୍ + ଚୟ = ସ  ୟ

କିମ୍ + କର = କିଙ୍କର
ସମ୍ + ବାଦ = ସମ୍ବାଦ

କିମ + ବଦନ୍ତି = କିମ୍ବଦନ୍ତୀ

ସମ୍ + ଗ୍ରହ = ସଂଗ୍ରହ
ସମ୍ + ପୂର୍ଣ୍ଣ =ସମ୍ପୂର୍ଣ୍ଣ

ସୂତ୍ର :- 'ମ୍' ପରେ ଅବର୍ଗ୍ୟ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ମ୍' ସ୍ଥାନରେ ଅନୁସ୍ୱାର ହୁଏ ।ଯଥା:-

| | |
|---|---|
| ସମ୍ + ଯୋଗ = ସଂଯୋଗ | ସମ୍ + ସର୍ଗ = ସଂସର୍ଗ |
| ସମ୍ + ଲଗ୍ନ = ସଂଲଗ୍ନ | ସମ୍ + ଶୟ = ସଂଶୟ |
| ସମ୍ + ଯୁକ୍ତ = ସଂଯୁକ୍ତ | ସମ୍ + ରକ୍ଷଣ = ସଂରକ୍ଷଣ |
| ସମ୍ + ସାର = ସଂସାର | ସମ୍ + ଶୋଧନ = ସଂଶୋଧନ |

ସୂତ୍ର :- 'ଦ୍' ବା 'ଧ୍' ପରେ କ୍, ଖ୍, ପ୍, ଫ୍, କିମ୍ବା 'ସ' ଥିଲେ 'ଦ୍' ବା 'ଧ' ସ୍ଥାନରେ 'ତ୍' ହୁଏ । ଯଥା -

| | |
|---|---|
| ତଦ୍ + ପରିମାଣ = ତତ୍‌ପରିଣାମ | ଶରଦ୍ + କାଳ = ଶରତ୍‌କାଳ |
| ତଦ୍ + ଫଳ = ତତ୍‌ଫଳ | ତଦ୍ + କ୍ଷଣାତ୍ = ତତ୍‌କ୍ଷଣାତ୍ |
| ତଦ୍ + କାଳ = ତତ୍କାଳ | ତଦ୍ + ପର = ତତ୍ପର |

ସୂତ୍ର :- 'ଷ୍' ପରେ 'ତ୍' ଥିଲେ 'ତ୍' ସ୍ଥାନରେ 'ଟ୍' ଏବଂ 'ଥ୍' ଥିଲେ 'ଥ୍' ସ୍ଥାନରେ 'ଠ୍' ହୁଏ । ଯଥା :-

| | |
|---|---|
| ତୁଷ୍ + ତ = ତୁଷ୍ଟ | ଆକୃଷ୍ + ତ୍ = ଆକୃଷ୍ଟ |
| ଶିଷ୍ + ତ = ଶିଷ୍ଟ | ଉତ୍କୃଷ୍ + ତ = ଉତ୍କୃଷ୍ଟ |
| ରୁଷ୍ + ତ = ରୁଷ୍ଟ | ଷଷ୍ + ଥ = ଷଷ୍ଠ |

ସୂତ୍ର :- 'ସମ୍' ଓ 'ପରି' ଦୁଇଟି ଉପସର୍ଗ ପରେ କାର, କୃତ,କୃତି, କରଣ ଆଦି ପଦ ଥିଲେ ତେବେ ସେ କ୍ଷେତ୍ରରେ 'ସ' ର ଆଗମ ହୁଏ ଏବଂ ଷତ୍ୱବିଧି ଅନୁସାରେ 'ସ' ସ୍ଥଳ ବିଶେଷରେ 'ଷ'କୁ ରୂପାନ୍ତର ଲାଭ କରେ । 'ସମ୍'ରେ ଥିବା 'ମ' ଅନୁସ୍ୱାର ହୁଏ । ଯଥା -

ସମ୍ + କୃତ = ସଂସ୍କୃତ

ସମ୍ + କୃତି = ସଂସ୍କୃତି

ସମ୍ + କାର = ସଂସ୍କାର

ପରି + କାର = ପରିଷ୍କାର

ପରି + କୃତ = ପରିଷ୍କୃତ

ସମ୍ + କରଣ = ସଂସ୍କରଣ

## ୩) ବିସର୍ଗ ସନ୍ଧି

ବିସର୍ଗର ସ୍ୱତନ୍ତ୍ର ବ୍ୟବହାର ନାହିଁ । ଆମ୍ଭେମାନେ ବିସର୍ଗଯୁକ୍ତ କେତେକ ପଦର ବ୍ୟବହାର କରିଥାଉ । ସାଧାରଣତଃ ପଦର ଅନ୍ତଃସ୍ଥିତ 'ର୍' ଓ 'ସ୍' ସ୍ଥାନରେ ବିସର୍ଗ (ଃ) ହୋଇଥାଏ । ତେଣୁ ବିସର୍ଗକୁ 'ର' ଜାତ ଓ 'ସ' ଜାତ ଦୁଇ ଭାଗରେ ବିଭକ୍ତ କରାଯାଇଛି । ଯେଉଁ ବିସର୍ଗ 'ର' ସ୍ଥାନରେ ହୋଇଥାଏ । ତାହା 'ର' ଜାତ ବିସର୍ଗ । ଯଥା - ଅନ୍ତର-ଅନ୍ତଃ, ପ୍ରାତର -ପ୍ରାନ୍ତଃ, ମୁହୁର୍ - ମୁହୁଃ ଇତ୍ୟାଦି । ଯେଉଁ ବିସର୍ଗ 'ସ' ସ୍ଥାନରେ ହୋଇଥାଏ, ତାହା 'ସ' ଜାତ ବିସର୍ଗ । ଯଥା- ତମସ୍-ତମଃ, ପୟସ୍ - ପୟଃ, ମନସ୍-ମନଃ ଇତ୍ୟାଦି ।

ବିସର୍ଗଯୁକ୍ତ ଶବ୍ଦ ପରେ କୌଣସି ସ୍ୱରବର୍ଣ୍ଣ ବା ବ୍ୟଞ୍ଜନ ବର୍ଣ୍ଣ ଯୁକ୍ତ ହେଲେ, ସେଠାରେ ବିସର୍ଗ ସନ୍ଧି ହୁଏ । ଯଥା -

ନିଃ + ଧନ = ନିର୍ଦ୍ଧନ

ନିଃ + ଜନ = ନିର୍ଜ୍ଜନ

ନିଃ + ଚୟ = ନିଶ୍ଚୟ

ଦୁଃ + ଚିନ୍ତା = ଦୁଶ୍ଚିନ୍ତା

ପୁନଃ + ଅପି = ପୁନରପି

ପୁନଃ + ଉକ୍ତି = ପୁନରୁକ୍ତି

ଅନ୍ତଃ + ଆତ୍ମା = ଅନ୍ତରାତ୍ମା

ତତଃ + ଅଧିକ = ତତୋଧିକ

ସୂତ୍ର :- ଅକାର ପରସ୍ଥିତ 'ର' ଜାତ ବିସର୍ଗ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପ ମ ବର୍ଣ୍ଣ କିମ୍ବା ଯ, ର, ଲ,ବ,ହ, ଥିଲେ ବିସର୍ଗ ସ୍ଥାନରେ 'ର୍' ହୁଏ । ଯଥା -:

ପୁନଃ + ଉତ୍ଥାନ = ପୁନରୁତ୍ଥାନ

ଅନ୍ତଃ + ଦାହ = ଅନ୍ତର୍ଦାହ

ଅନ୍ତଃ + ଗତ = ଅନ୍ତର୍ଗତ　　ଅନ୍ତଃ + ଧାନ = ଅନ୍ତର୍ଦ୍ଧାନ

ପୁନଃ +ଜନ୍ମ = ପୁନର୍ଜନ୍ମ　　ପୁନଃ + ବାର = ପୁନର୍ବାର

ପୁନଃ + ମୂଷିକ = ପୁନର୍ମୂଷିକ　　ପୁନଃ + ଭବ = ପୁନର୍ଭବ

ଅନ୍ତଃ + ଯାମୀ = ଅନ୍ତର୍ଯ୍ୟାମୀ

ସୂତ୍ର :- ଅ, ଆ, ଭିନ୍ନ ସ୍ୱରବର୍ଣ୍ଣ ପରସ୍ଥିତ ବିସର୍ଗ ପରେ ସ୍ୱରବର୍ଣ୍ଣ, ବର୍ଗର ତୃତୀୟ, ଚତୁର୍ଥ, ପ ମ ବର୍ଣ୍ଣ କିମ୍ବା ଯ, ର, ଲ, ବ,ହ, ଥିଲେ ବିସର୍ଗ ସ୍ଥାନରେ 'ର' ହୁଏ । ପରେ ସ୍ୱରବର୍ଣ୍ଣ ଥିଲେ ତାହା 'ର୍' ରେ ମିଶିଯାଏ ଓ ପରେ ବ୍ୟଞ୍ଜନ ବର୍ଣ୍ଣ ଥିଲେ 'ର୍' ରେଫ୍ ( ର୍ ) ହୁଏ । ଯଥା :-

ନିଃ + ଅଳସ = ନିରଳସ　　ଦୁଃ + ଗତି = ଦୁର୍ଗତି

ନିଃ + ଆକାର = ନିରାକାର　　ଦୁଃ + ଘଟନା = ଦୁର୍ଘଟନା

ନିଃ + ଆହାର = ନିରାହାର　　ଦୁଃ + ଜୟ = ଦୁର୍ଜୟ

ନିଃ + ଆଡମ୍ବର = ନିରାଡ଼ମ୍ବର　　ଦୁଃ + ନୀତି = ଦୁର୍ନୀତି

ନିଃ + ଈଶ୍ୱର = ନିରୀଶ୍ୱର　　ଆୟୁଃ + ବେଦ = ଆୟୁର୍ବେଦ

ଦୁଃ + ଆରୋଗ୍ୟ = ଦୁରାରୋଗ୍ୟ　　ଆଶୀଃ + ବାଦ = ଆଶୀର୍ବାଦ

ସୂତ୍ର :- ସଜାତ ବିସର୍ଗ ପୂର୍ବରୁ 'ଅ' ଥିଲେ ଏବଂ ପରେ ବର୍ଗର ତୃତୀୟ, ଚତୁର୍ଥ, ପ ମ ବର୍ଣ୍ଣ କିମ୍ବା ଯ, ର, ଲ, ହ, ଥିଲେ ବିସର୍ଗ ଏବଂ ତାହାର ପୂର୍ବବ ୀ 'ଅ' ଉଭୟ ମିଶି 'ଓ' ହୋଇଥାନ୍ତି । ଏହି 'ଓ' ପୂର୍ବ ବର୍ଣ୍ଣରେ ଯୁକ୍ତ ହୁଏ । ଯଥା –

ଅଧଃ + ଗତି = ଅଧୋଗତି　　ପୁରଃ + ଭାଗ = ପୁରୋଭାଗ

ନଭଃ + ଗତ = ନଭୋଗତ　　ତେଜଃ + ମୟ = ତେଜୋମୟ

ପୟଃ + ଧର = ପୟୋଧର

ମନଃ + ଯୋଗ = ମନୋଯୋଗ

ଶିରଃ + ଧାର୍ଯ୍ୟ = ଶିରୋଧାର୍ଯ୍ୟ

ମନଃ + ରଥ = ମନୋରଥ

ତପଃ + ବନ = ତପୋବନ

ତପଃ + ଲୋକ = ତପୋଲୋକ

ବୟଃ + ବୃଦ୍ଧି = ବୟୋବୃଦ୍ଧି

ମନଃ + ହର = ମନୋହର

ସୂତ୍ର:- ସଜାତ ବିସର୍ଗର ପରେ ଯଦି 'ଅ' ଥାଏ । ଏହି 'ଅ' ଲୋପପାଏ ଏବଂ ବିସର୍ଗ 'ଓ' ହୁଏ । ଯଥା -

ତତଃ + ଅଧିକ = ତତୋଧିକ

ମନଃ + ଅଭିଳାଷ = ମନୋଭିଳାଷ

ବୟଃ + ଅଧିକ = ବୟୋଧିକ

ଶିରଃ + ଅଳଙ୍କାର = ଶିରୋଳଙ୍କାର

ମନଃ + ଅଭୀଷ୍ଟ = ମନୋଭୀଷ୍ଟ

ସୂତ୍ର:- ହ୍ରସ୍ୱସ୍ୱର ପରବର୍ତ୍ତୀ ବିସର୍ଗ ପରେ 'ର' ଥାଇ ସନ୍ଧି ହେଲେ ବିସର୍ଗର ଲୋପ ହୁଏ ଏବଂ ପୂର୍ବବର୍ତ୍ତୀ ସ୍ୱର ଦୀର୍ଘ ହୁଏ । ଯଥା-

ନିଃ + ରବ = ନୀରବ

ଜ୍ୟୋତିଃ + ରାଜି = ଜ୍ୟୋତୀରାଜି

ନିଃ + ରସ = ନୀରସ

ନିଃ + ରନ୍ଧ୍ର = ନୀରନ୍ଧ୍ର

ନିଃ + ରୋଗ = ନୀରୋଗ

ଧନୁଃ + ରାଶି = ଧନୂରାଶି

ଚକ୍ଷୁଃ + ରୋଗ = ଚକ୍ଷୂରୋଗ

ସୂତ୍ର :- ପଦାନ୍ତ ବିସର୍ଗ ପରେ 'ଚ' ବା 'ଛ' ଥିଲେ ବିସର୍ଗ ସ୍ଥାନରେ 'ଶ' ହୁଏ । ଏହି 'ଶ' ସହିତ ପରବର୍ତ୍ତୀ ବର୍ଣ୍ଣ ଯୁକ୍ତ ହୋଇ ସନ୍ଧି ହୁଏ । ଯଥା -

ନିଃ + ଚୟ = ନିଶ୍ଚୟ

ଦୁଃ + ଛେଦ୍ୟ = ଦୁଶ୍ଛେଦ୍ୟ

ଦୁଃ + ଚିନ୍ତା = ଦୁଶ୍ଚିନ୍ତା

ଶିରଃ + ଛେଦ = ଶିରଶ୍ଛେଦ

ଦୁଃ + ଚରିତ୍ର = ଦୁଶ୍ଚରିତ୍ର ନଭଃ + ଚର = ନଭଶ୍ଚର

ତପଃ + ଚରଣ = ତପଶ୍ଚରଣ ପୁରଃ + ଚରଣ = ପୁରଶ୍ଚରଣ

ସୂତ୍ର:- ପଦାନ୍ତ ବିସର୍ଗ ପରେ 'ଟ' ବା 'ଠ' ଥିଲେ ବିସର୍ଗ ସ୍ଥାନରେ 'ଷ' ହୁଏ । ଏହି 'ଷ' ସହିତ ପରବର୍ତ୍ତୀ ବର୍ଣ୍ଣ ଯୁକ୍ତ ହୋଇ ସନ୍ଧି ହୁଏ । ଯଥା -

ଧନୁଃ + ଟଙ୍କାର = ଧନୁଷ୍ଟଙ୍କାର ନିଃ + ଠୁର = ନିଷ୍ଠୁର

ନିଃ + ଠୀବନ = ନିଷ୍ଠୀବନ

ସୂତ୍ର:- ପଦାନ୍ତ ବିସର୍ଗ ପରେ 'ତ' ବା 'ଥ' ଥିଲେ ବିସର୍ଗ ସ୍ଥାନରେ 'ସ' ହୁଏ । ଏହି 'ସ' ସହିତ ପରବର୍ତ୍ତୀ ବର୍ଣ୍ଣ ଯୁକ୍ତ ହୋଇ ସନ୍ଧି ହୁଏ । ଯଥା -

ନଭ + ତଳ = ନଭସ୍ତଳ ଇତଃ + ତତଃ = ଇତସ୍ତତଃ

ଅଧଃ + ତନ = ଅଧସ୍ତନ ନିଃ + ତରଙ୍ଗ = ନିସ୍ତରଙ୍ଗ

ମନଃ + ତାପ = ମନସ୍ତାପ ମନଃ + ତୁଷ୍ଟି = ମନସ୍ତୁଷ୍ଟି

ନିଃ + ତେଜ = ନିସ୍ତେଜ ନିଃ + ତାରଣ = ନିସ୍ତାରଣ

ସୂତ୍ର:- ବିସର୍ଗ ପରେ 'କ' 'ପ' କିମ୍ବା 'ଫ' ଥିଲେ ବିସର୍ଗ 'ସ' ହୁଏ । କେତେକ ସ୍ଥଳରେ ଷତ୍ୱବିଧି ଅନୁସାରେ 'ଷ' ହୁଏ । ଯଥା -

ନମଃ + କାର = ନମସ୍କାର ନିଃ + କର୍ମ = ନିଷ୍କର୍ମ

ପୁରଃ + କାର = ପୁରସ୍କାର ନିଃ + ପାପ = ନିଷ୍ପାପ

ଶ୍ରେୟଃ + କର = ଶ୍ରେୟସ୍କର ଚତୁଃ + ପାଣି =ଚତୁଷ୍ପାଣି

ବାଚଃ + ପତି = ବାଚସ୍ପତି ନିଃ + ଫଳ = ନିଷ୍ଫଳ

# ନମୁନା ପ୍ରଶ୍ନାବଳୀ

**୧ ନମ୍ବର ବିଶିଷ୍ଟ ଗୋଟିଏ ବାକ୍ୟ ବା ଶବ୍ଦରେ ଉ ରମୂଳକ ପ୍ରଶ୍ନାବଳୀ ।**

୧) ସନ୍ଧି କାହାକୁ କୁହାଯାଏ ?

୨) ସନ୍ଧିପଦ କାହାକୁ କହନ୍ତି ?

୩) ସନ୍ଧି କେତେ ପ୍ରକାର ?

୪) ସ୍ୱରସନ୍ଧି କାହାକୁ କୁହାଯାଏ ?

୫) ବ୍ୟଞ୍ଜନ ସନ୍ଧି କାହାକୁ କୁହାଯାଏ ?

୬) ବିସର୍ଗ ସନ୍ଧି କାହାକୁ କୁହାଯାଏ ?

୭) ଦୁଇଟି ସ୍ୱରସନ୍ଧିର ଉଦାହରଣ ଦିଅ ?

୮) ଦୁଇଟି ବ୍ୟଞ୍ଜନ ସନ୍ଧିର ଉଦାହରଣ ଲେଖ ।

୯) ଦୁଇଟି ବିସର୍ଗ ସନ୍ଧିର ଉଦାହରଣ ଦିଅ ।

୧୦) 'ସ' ଜାତ ବିସର୍ଗର ଦୁଇଟି ସନ୍ଧି ଦର୍ଶାଅ ।

୧୧) 'ର' ଜାତ ବିସର୍ଗର ଦୁଇଟି ସନ୍ଧି ଦର୍ଶାଅ ।

୧୨) ନିମ୍ନୋକ୍ତ ଶବ୍ଦ ଗୁଡ଼ିକର ସନ୍ଧି ବିଚ୍ଛେଦ କର ।

ଦଶାନନ, ବିଦ୍ୟାଳୟ, ଚଳଚ୍ଚିତ୍ର, ଉଚ୍ଚାରଣ,ଉଦ୍ଧାର,ଆରେକ, ଗବେଷଣା,ଗବାକ୍ଷ, ମହାକାଶ,ସୁଧାଂଶୁ,ସ୍ନେହାସ୍ପଦ,ବିମ୍ବୋଷ୍ଠ,ହୃଷୀକେଶ,ଗିରୀଶ,ଶଙ୍କର,ଶିରୋଧାର୍ଯ୍ୟ, ରଜନୀଶ, ଅଧୀନ, ଦୁରବସ୍ଥା, ନମସ୍କାର, ପୁରସ୍କାର, ନୀରୋଗ, ନିରନ୍ତର, ମନୋଭାବ, ପରିଷ୍କାର ।

୧୩) ନିମ୍ନୋକ୍ତ ସନ୍ଧିଗୁଡ଼ିକର ପଦ ଉଲ୍ଲେଖ କର ।

ଉତ୍ + ଯାପନ, ବାକ୍+ଦେବୀ, ଦିକ୍+ପାଳ, ଦିକ୍ + ଗଜ, ବାକ୍+ମୟ, ଜଗତ୍+ନାଥ, ଗୋ+ଏଷଣା, ତପଃ+ବଳ, ଦିକ୍+ମଣ୍ଡଳ, ଜଗତ୍+ଜୀବନ, ଉତ୍+ଲାସ, କ୍ଷିତି+ଈଶ, ସୂର୍ଯ୍ୟ+ଉଦୟ, ଉତ୍+ବେଳିତ, ମହା+ଉତ୍ସବ, ନିଃ+ଲୋଭ, ପୁନଃ+ମୂଷିକ, ପୁନଃ+ଉତ୍ଥାନ, ମନଃ+କାମନା, ଷଟ୍+ଆନନ, କିମ୍+କର, ସମ୍+ଶୋଧନ, ପୁନଃ+ଉକ୍ତି, ବିପଦ୍+ଜନକ, ପୁରୁଷ+ଉ ମ, ।

# ଉପସର୍ଗ

ନୂଆ ନୂଆ ଶବ୍ଦ ଗଠନରେ ପ୍ରତ୍ୟୟଗୁଡ଼ିକର ଆବଶ୍ୟକତା ରହିଛି । ଉଦାହରଣ ସ୍ୱରୂପ -

ଅ + କ୍ଷମ = ଅକ୍ଷମ

ବି + ଜ୍ଞାନ = ବିଜ୍ଞାନ

ଭାରତ + ଇୟ = ଭାରତୀୟ

ସତ୍ୟ + ତା = ସତ୍ୟତା

ଏଠାରେ କ୍ଷମ, ଜ୍ଞାନ, ଭାରତ, ସତ୍ୟ ମୂଳ ଶବ୍ଦ । ଏଗୁଡ଼ିକରେ ଅ, ବି, ଇୟ, ତା ଯଥାକ୍ରମେ ପ୍ରତ୍ୟୟ ଭାବରେ ବ୍ୟବହୃତ । ଏହି ପ୍ରତ୍ୟୟଗୁଡ଼ିକ ଯେତେବେଳେ ଶବ୍ଦର ପୂର୍ବରେ ପ୍ରୟୋଗ କରାଯାଏ, ତାହାକୁ ପୂର୍ବସର୍ଗ କହନ୍ତି; ପରେ ବ୍ୟବହୃତ ହେଲେ ତାହା ପରସର୍ଗ ନାମରେ ନାମିତ ହୋଇଥାଏ । ଉପର କଥିତ କ୍ଷମ ଓ ଜ୍ଞାନ ଶବ୍ଦ ଦ୍ୱୟରେ ଯଥାକ୍ରମେ 'ଅ' ଓ 'ବି' ପୂର୍ବ ପ୍ରତ୍ୟୟ ବା ପୂର୍ବସର୍ଗ ଭାବରେ ବ୍ୟବହୃତ ହୋଇଥିବା ସ୍ଥଳେ ଭାରତ, ସତ୍ୟ ଶବ୍ଦ ଦ୍ୱୟରେ 'ଇୟ' ଓ 'ତା' ପରସର୍ଗ ଭାବରେ ସଂଯୁକ୍ତ ।

ଯେଉଁ ପ୍ରତ୍ୟୟଗୁଡ଼ିକ ଶବ୍ଦର ପୂର୍ବରେ ଯୁକ୍ତ ହେବାଦ୍ୱାରା ଅର୍ଥରେ ପରିବ ର୍ନ ଘଟେ ସେଗୁଡ଼ିକୁ ଉପସର୍ଗ କହନ୍ତି । ସଂସ୍କୃତ ଭାଷାରେ ପ୍ରଚଳିତ ପ୍ର, ପରା, ଅପ,ସମ୍, ଇତ୍ୟାଦି ୨୦ଗୋଟି ପୂର୍ବ ପ୍ରତ୍ୟୟ ଧର୍ମୀ ଉପସର୍ଗ ଓଡ଼ିଆ ଭାଷାରେ ମଧ୍ୟ ପ୍ରଚଳିତ । ଉପସର୍ଗଗୁଡ଼ିକ ମୁଖ୍ୟତଃ କ୍ରିୟା, କ୍ରିୟାମୂଳ ବା ଧାତୁ ପୂର୍ବରେ ସଂଯୁକ୍ତ ହୋଇ ଅର୍ଥ ବୈଚିତ୍ର୍ୟ ସୃଷ୍ଟି କରିଥାନ୍ତି ।

ଯଥା - ସମ୍ + ଭାଷଣ = ସମ୍ଭାଷଣ

ସୁ + ଗମ = ସୁଗମ

ପ୍ର + ତାପ = ପ୍ରତାପ

କ୍ରିୟା ବା କ୍ରିୟାଜାତ ଶବ୍ଦ ବ୍ୟତୀତ ଅନ୍ୟ ଶବ୍ଦରେ ମଧ୍ୟ ଉପସର୍ଗ ଯୋଗ କରାଯାଏ ।

ଯଥା - ପ୍ରତି + ମୂର୍ତ୍ତି = ପ୍ରତିମୂର୍ତ୍ତି

ଉପ + କୂଳ = ଉପକୂଳ

ଦୁର୍ + ଭାଗ୍ୟ = ଦୁର୍ଭାଗ୍ୟ

**ଉପସର୍ଗର ପ୍ରକାରଭେଦ**

ଓଡ଼ିଆରେ ପ୍ରଚଳିତ ଉପସର୍ଗଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଇପାରେ ।

ଯଥା - (କ) ସଂସ୍କୃତ ଉପସର୍ଗ (ଖ) ଅଣ ସଂସ୍କୃତ ଉପସର୍ଗ

(କ) ଓଡ଼ିଆରେ ଅବିକଳ ପ୍ରଚଳିତ ୨୦ଟି ସଂସ୍କୃତ ଉପସର୍ଗ, ଯଥା -

| | | | |
|---|---|---|---|
| ପ୍ର | ଅଧି | ଅତି | ବି |
| ପରା | ସୁ | ପରି | ଅଭି |
| ଅପ୍ | ନିର୍ | ପ୍ରତି | ଉପ |
| ସମ୍ | ଦୁର୍ | ଅବ | ଅପି |
| ନି | ଉତ୍ | ଅନୁ | ଆ |

ପ୍ର - ପ୍ରଶଂସା, ପ୍ରକାଶ, ପ୍ରହାର, ପ୍ରତାପ, ପ୍ରଯତ୍ନ, ପ୍ରଚଣ୍ଡ, ପ୍ରବାଦ, ପ୍ରଦାନ

ପରା - ପରାଜୟ, ପରାଭବ, ପରାକ୍ରମ,ପରାମର୍ଶ,ପରାକାଷ୍ଠା,ପରାଗ, ପରାଶର

ଅପ - ଅପଯଶ,ଅପମାନ,ଅପଳାପ,ଅପଖ୍ୟାତି, ଅପନିନ୍ଦା,ଅପରୂପ,ଅପକର୍ମ,ଅପହରଣ

ସମ୍ - ସଂହାର, ସଂରକ୍ଷଣ, ସଂଯୋଜନା, ସଂଜାତ, ସଙ୍ଗତି, ସଂଯତ,ସମ୍ବାଦ, ସଂସ୍କାର

ନି - ନିବୃ ି, ନିଯୁକ୍ତ, ନିକ୍ଷେପ, ନିପୁଣ, ନିଦାରୁଣ, ନିମଗ୍ନ, ନିକୃଷ୍ଟ, ନିବାରଣ

ଅଧି - ଅଧିକାର, ଅଧିପତି, ଅଧ୍ୟକ୍ଷ,ଅଧିବେଶନ,ଅଧିନାୟକ, ଅଧିବାସ,
ଅଧ୍ୟାତ୍ମ,ଅଧୀଶ୍ୱର

ସୁ - ସୁମାର୍ଗ, ସୁଗମ, ସୁଲଭ, ସୁଦର୍ଶନ, ସୁଗନ୍ଧ,ସୁସମ୍ବାଦ, ସୁଯୋଗ, ସୁନୀତି

ନିର୍ - ନିର୍ଣ୍ଣୟ, ନିର୍ମୂଳ, ନିରନ୍ନ, ନିରାକାର, ନିରାକରଣ, ନିରସନ, ନିରଳସ

ଦୁର - (ଦୁଷ୍ଟ) ଦୁର୍ଭାଗ୍ୟ, ଦୁର୍ଜନ,ଦୁର୍ଭିକ୍ଷ, ଦୁରାରୋଗ୍ୟ, ଦୁର୍ଦ୍ଦଶା, ଦୁଃସାଧ୍ୟ, ଦୁର୍ଗମ, ଦୁର୍ଗନ୍ଧ

ଉତ୍ - ଉତ୍କ୍ଷେପଣ,ଉତ୍କଳ, ଉନ୍ନତ, ଉତପ୍ତ, ଉତ୍କର୍ଷ, ଉଶୃଙ୍ଖଳ, ଉତ୍କୋଚ, ଉତ୍ପାତ,

ଅତି - ଅତିଶୟ, ଅତିକ୍ରମ, ଅତ୍ୟୁକ୍ତି, ଅତ୍ୟାଚାର, ଅତୀତ, ଅତିବାହିତ, ଅତିରଂଜନ,ଅତିକାୟ

ପରି - ପରିଚ୍ଛେଦ, ପରିପନ୍ଥୀ,ପରିଣତ,ପରିଗଣିତ, ପର୍ଯ୍ୟାୟ, ପରିବ୍ୟାପ୍ତ, ପରିଚୟ, ପରିଣୟ,

ପ୍ରତି - ପ୍ରତିଦିନ, ପ୍ରତିହିଂସା, ପ୍ରତିମୂ ି,ପ୍ରତିଧ୍ୱନି, ପ୍ରତିମାର୍ଗ, ପ୍ରତିଫଳନ,ପ୍ରତିବେଶୀ, ପ୍ରତିକାର,

ଅବ - ଅବକାଶ, ଅବସନ୍ନ, ଅବଗତି, ଅବଧାନ,ଅବରୋହ,ଅବଜ୍ଞା,ଅବତୀର୍ଣ୍ଣ, ଅବଗଣନା,

ଅନୁ - ଅନୁମାନ,ଅନୁଜ୍ଞା,ଅନୁପାନ, ଅନୁରାଗ,ଅନୁରୂପ, ଅନୁକରଣ, ଅନୁକମ୍ପା,ଅନୁତାପ

ବି - ବିଖ୍ୟାତ, ବିଜ୍ଞାନ, ବିଶୁଦ୍ଧ, ବିଜାତି, ବିମଳ, ବିଫଳ,ବିବିଧ,ବିରାଗ,

ଅଭି - ଅଭିସାର, ଅଭିଯାନ,ଅଭିଜାତ, ଅଭିଭାଷଣ, ଅଭୀଷ୍ଟ,ଅଭିଜ୍ଞାନ, ଅଭିଜ୍ଞ, ଅଭିନବ

ଉପ - ଉପକୂଳ, ଉପବନ, ଉପସାଗର, ଉପନଦୀ, ଉପକଥା, ଉପଗ୍ରହ, ଉପକାର, ଉପହାର

ଅପି - ଅପିଧାନ,ଅପିହିତ, ଅପିନଦ୍ଧ, ଅପିନିହିତ

ଆ - ଆଗମନ, ଆନୟନ, ଆରକ୍ତ, ଆଗମ, ଆମରଣ, ଆକର୍ଷଣ,ଆସମୁଦ୍ର,ଆକର୍ଣ୍ଣ

## (ଖ) ଅଣସଂସ୍କୃତ ଉପସର୍ଗ

ସଂସ୍କୃତ ଉପସର୍ଗଗୁଡ଼ିକ ବ୍ୟତୀତ ଓଡ଼ିଆ ଭାଷାରେ ଅନ୍ୟ କେତେକ ଉପସର୍ଗର ବ୍ୟବହାର ରହିଛି । କେତୋଟିର ଦୃଷ୍ଟାନ୍ତ ପ୍ରଦାନ କରାଗଲା । ଯଥା-

ଅ - ଅକଟା, ଅବଟା,ଅଶୁଣା, ଅଜଣା,ଅଖିଆ, ଅପିଆ, ଅଘରୀ,ଅଚିନ୍ତା

ଅଣ - ଅଣବାବୁଆ,ଅଣବାଟୁଆ, ଅଣବାହୁଡ଼ା, ଅଣଫୁଟା,ଅଣଶିକ୍ଷକ,ଅଣଚାଷୀ, ଅଣନାତି, ଅଣପୁରୁଷ, ଅଣବୁଦ୍ଧିଆ,

ଦର - ଦରଫୁଟା, ଦରହସା,ଦରଖିଆ,ଦରଶୁଖିଲା, ଦରଫଟା,ଦରପାଚିଲା, ଦରବୁଢ଼ା, ଦରକ ।, ଦରଭେଣ୍ଡିଆ, ଦରସିଝା

ବଦ୍ - ବଦ୍‌ନାମ, ବଦ୍‌ରାଗୀ, ବଦ୍‌ହଜମ, ବଦ୍‌ଖର୍ଚ୍ଚ, ବଦ୍‌ଅଭ୍ୟାସ, ବଦ୍‌ଗନ୍ଧ,ବଦ୍-ଖୋର, ବଦ୍‌ଖିଆଲ,

ବେ - ବେଆଇନ, ବେରସିକ, ବେକାର, ବେନିୟମ, ବେଦଖଲ, ବେହିସାବୀ, ବେମୁରବୀ, ବେଯୋଡ଼

# ନମୁନା ପ୍ରଶ୍ନାବଳୀ

**୧ ନମ୍ବର ବିଶିଷ୍ଟ ଗୋଟିଏ ବାକ୍ୟ ବା ଶବ୍ଦରେ ଉ  ରମୂଳକ ପ୍ରଶ୍ନାବଳୀ ।**

୧) ଉପସର୍ଗ କାହାକୁ କୁହାଯାଏ ?

୨) ଉପସର୍ଗକୁ କେଉଁ ପ୍ରତ୍ୟୟ କୁହାଯାଏ ?

୩) ସଂସ୍କୃତ ଉପସର୍ଗର ସଂଖ୍ୟା କେତେ ?

୪) ନିମ୍ନୋକ୍ତ ଉପସର୍ଗଗୁଡ଼ିକୁ ଲଗାଇ ଦୁଇଟି ଲେଖାଏଁ ନୂତନ ଶବ୍ଦ ଲେଖ ।

ପ୍ର, ଅନୁ, ଅବ, ଆ, ଉପ, ପରି, ପ୍ରତି, ଅଧି, ଅପି, ଅଭି ।

୫) ନିମ୍ନୋକ୍ତ ଶବ୍ଦ ଗୁଡ଼ିକରେ ଉପସର୍ଗ ବ୍ୟବହାର କରି ଦୁଇଟି ଲେଖାଏଁ ନୂତନ ଶବ୍ଦ ଗଢ଼ ।

ଯୋଗ, କାର, ଦାନ, ଭାବ, ହାର, କାଶ, ତାର, ବନ, କଥା,ବାଦ ।

୬) ନିମ୍ନୋକ୍ତ ଉପସର୍ଗଯୁକ୍ତ ଶବ୍ଦମାନଙ୍କରୁ ଉପସର୍ଗକୁ ପୃଥକ କର ।

ପ୍ରକ୍ରିୟା, ପରିପନ୍ଥୀ, ଉପକାର, ଅନୁଭବ,ଉତ୍କଳ, ପରାଭବ,ଅବତାର, ଅବତୀର୍ଣ୍ଣ, ଅଧିକାର, ଉପକରଣ, ଅନୁରାଗ, ଆକର୍ଷଣ, ପ୍ରଭାବ, ଅଭିନେତା, ଆଜୀବନ, ପରିଧାନ, ଅଭିଶାପ ।

୭) ଓଡ଼ିଆ ଭାଷାରେ ପ୍ରଚଳିତ ଅଣସଂସ୍କୃତ ଉପସର୍ଗ ବ୍ୟବହାର କରି ୧୦ଟି ଶବ୍ଦ ଲେଖ ।